# ଅଭାଗିନୀ

ସ୍ୱର୍ଗତଃ ପଣ୍ଡିତ ଗୋଦାବରୀଶ ମିଶ୍ର

ଓଡ଼ିଶା ବୁକ୍ ଷ୍ଟୋର୍

ପ୍ରକାଶକ :

**ଶ୍ରୀ ଅନନ୍ତ ମିଶ୍ର**

କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର
କଟକ-୨

ମୁଦ୍ରାକର :

ଶ୍ରୀ ପ୍ରଶାନ୍ତକୁମାର କର
ଅନ୍ନପୂର୍ଣ୍ଣା ପ୍ରିଣ୍ଟର୍ସ, କଟକ-୨

ନୂତନ ସଂସ୍କରଣ
ଫେବୃଆରୀ, ୧୯୭୨

ମୂଲ୍ୟ :

ଅବନ୍ଧା : ଦଶ ଟଙ୍କା
ବନ୍ଧାଇ : ବାର ଟଙ୍କା

# ABHAGINI

*SOCIAL NOVEL*

Late Pt. GODAVARISH MISRA

Publisher

**Sri Ananta Misra**

*Cuttack Students' Store*
Cuttack-2

Revised Edition
February—1972

**Price**

Popular : Rs. 10-00
Delux : Rs. 12-00

( Price revised February—74 )

# ସୂଚୀ


| | | |
|---|---|---|
| ୧ । | ସୁନ୍ଦରପୁର ମଠ | ୧ |
| ୨ । | ଠାବ ମିଳିଲା ନାହିଁ | ୭ |
| ୩ । | ମଠର ଅତିଥି | ୧୨ |
| ୪ । | ଡିଙ୍ଗି ସ୍ୱର୍ଗକୁ ଯାଇ ଧାନ କୁଟିଲା | ୧୭ |
| ୫ । | ସନ୍ତସଙ୍ଗର ପରିଣାମ | ୨୨ |
| ୬ । | ବୁଢ଼ି ଆଣି ଜାଲ | ୨୬ |
| ୭ । | ସେ ଅଙ୍ଗାର ସେ ସ୍ୱର୍ଗ | ୩୧ |
| ୮ । | ମା'ର ଅପତ୍ୟ ସ୍ନେହ | ୩୮ |
| ୯ । | ବିଷମ ପରୀକ୍ଷାର ପଥେ | ୪୩ |
| ୧୦ । | ଉର୍ଦ୍ଧ୍ୱଶ୍ୱାସ | ୫୧ |
| ୧୧ । | ଆତ୍ମ ପ୍ରକାଶ | ୫୮ |
| ୧୨ । | ନ ହେବା କଥା ହେଲା | ୬୩ |
| ୧୩ । | ଧରଣୀ କ'ଣ ମୁକ୍ତ ହେଲା ? | ୭୧ |
| ୧୪ । | କାହା ପିଲାର କ'ଣ ହେଲା | ୭୬ |
| ୧୫ । | ଦୁଃଖୀଙ୍କୁ ଦଇବ ସାହା | ୮୦ |
| ୧୬ । | ମାଗିଖିଆ ନା ଅମୀର ? | ୮୫ |
| ୧୭ । | ଏ ସେ ନୁହେଁ | ୮୯ |
| ୧୮ । | ବାଘ ହାତେ ମିଶରି | ୯୨ |
| ୧୯ । | ବାଘଟା ବାପ ପାଲଟିଲା | ୯୭ |
| ୨୦ । | ଦେଉଳ ବେଢ଼ାରେ ଦୈତ୍ୟ | ୧୦୪ |
| ୨୧ । | ପୁଣି ଖୋଜା ଭନଖା ଗୁଳିଲା | ୧୦୮ |
| ୨୨ । | ମୁଁ ପାରିବ ନାହିଁ | ୧୧୦ |
| ୨୩ । | ଆର ଦାସ କବରରୁ ଉଠିଲା | ୧୧୯ |
| ୨୪ । | କିଏ କ'ଣ ? | ୧୨୫ |
| ୨୫ । | ଏ ଓ ସେ | ୧୨୭ |
| ୨୬ । | ବାପାଙ୍କ ଚିଠି | ୧୨୮ |
| ୨୭ । | ସ୍ଥାନଚ୍ୟୁତ | ୧୩୪ |
| ୨୮ । | ବନମାଳୀର ନୂଆ ପରିସ୍ଥିତି | ୧୩୯ |

୨୯ । ଦୁ ନିଶାଣୀ ଧାମ [illegible]
୩୦ । ଝୋଳାଝୋଳି ୧୪୮
୩୧ । କାହିଁରୁ କ'ଣ ଉପୁଜିଲା ୧୫୨
୩୨ । ଆକାଶ କୟୁଁ ! ଚିଲିକା ମାଛ ଭେଟ ୧୫୬
୩୩ । ଜାଲ ଛନ୍ଦାହେଲା ୧୬୧
୩୪ । ଜାଲ କାଟିବା ଚେଷ୍ଟା ୧୬୫
୩୫ । ଷଡ଼ଯନ୍ତ୍ରର ଚକ୍ର ୧୬୯
୩୬ । ବନ୍ଧନରୁ ମୁକ୍ତି ୧୭୪
୩୭ । ପଳାତକର ଠିକଣା ମିଳିଲା ୧୭୯
୩୮ । ପ୍ରେମର ସହର ୧୮୩
୩୯ । ଘା ଭଲ ହୋଇଗଲା ୧୮୬
୪୦ । କାହା ଧନ କେଉଁଠାକୁ ଗଲା ୧୯୦
୪୧ । ନାମ ପଚରାପଚରି ୧୯୩
୪୨ । ଖାନା ସାହୁ ପୁଅ ବୁଝିହେଁ ୧୯୭
୪୩ । ହାତିପେଟ ୨୦୦
୪୪ । ପ୍ରାଣଲାଗି ସବୁ ୨୦୩
୪୫ । ବାପର ପୁଅ ୨୦୫
୪୬ । ଝିଅ କ'ଣ ହେଲା ? ୨୦୯
୪୭ । ବନମାଲୀର ଅଜାଙ୍କଠାରୁ ବିଦାୟ ୨୧୩
୪୮ । ରମା ଅଦୃଶ୍ୟ ୨୧୭
୪୯ । ଲଢ଼େଇ ୨୧୮
୫୦ । ଯୁଦ୍ଧକ୍ଷେତ୍ରରେ ବନମାଳୀ ୨୧୯
୫୧ । ବନମାଳୀ ପାଇଁ ଚମ୍ପା ପ୍ରାଣ ଦେଲା ୨୨୪
୫୨ । ଭିତର ରହସ୍ୟ ୨୨୮
୫୩ । କାହା ଚିଠି କାହା ହାତରେ ପଡ଼ିଲା ୨୩୦
୫୪ । ବିପ୍ଳବୀ ଦଳରେ ପାଣ୍ଡୁ ନାଏକ ୨୩୪
୫୫ । ମୁଁ ବନ୍ଦୀ ହେଲି ୨୩୭
୫୬ । ଶତ୍ରୁଙ୍କ ଭିତରେ ଜୀବନ ୨୪୦
୫୭ । କର୍ତ୍ତବ୍ୟ ଓ କୃତଜ୍ଞତା ୨୪୪
୫୮ । ମିଳନ ୨୪୯
୫୯ । ଦରିଦ୍ର ଲକ୍ଷପତି ହେଲା ୨୫୨
୬୦ । ପାଣ୍ଡୁ ନାଏକର ଶେଷ ଲଢ଼େଇ ୨୫୬

୭୧ । ପାଣ୍ଡୁ ନାଏକର ଆତ୍ମ ପ୍ରକାଶ ୨୫୮
୭୨ । ରମାକୁ ଦେଖିବାକୁ ଅଳି ୨୬୨
୭୩ । ରମାଠାରୁ ବିଦାୟ ୨୬୪
୭୪ । ପୁଣି ଏକ ଚିଠି ୨୬୭
୭୫ । ଥାନା ସାହୁ ଗୁପ୍ତକଥା ଫିଟାଇଲା ୨୭୧
୭୬ । ରହସ୍ୟ କିପରି ବାହାରିଲା ୨୭୪
୭୭ । ଭବଲୀଳାର ଶେଷ ୨୭୯

# ଅଭାଗିନୀ

-୧-

## ସୁନ୍ଦରପୁର ମଠ

ସନ ୧୨୪୨ ସାଲରେ ବାବାଜୀ କୃଷ୍ଣଚରଣ ଦାସ ସୁନ୍ଦରପୁର ମଠର ମହନ୍ତ ଗାଦିରେ ବସିଲେ । ସେତେବେଳକୁ ତାଙ୍କ ବୟସ ଅଠଚାଳିଶ ବର୍ଷ । ବାପ ମା ଶ୍ରଦ୍ଧା କରି, ତାଙ୍କୁ ଦନ୍ତ ହେବାର ପାଞ୍ଚ ବର୍ଷ ପରେ ଚଉଦ ବର୍ଷ ବୟସରେ ବିବାହ କରାଇ ଦେଇଥିଲେ । ଅଠର ବର୍ଷ ବୟସ ବେଳେ କୃଷ୍ଣଙ୍କର ଭାର୍ଯ୍ୟା ଆସିଲେ; କିନ୍ତୁ ବିଧାତା ତାଙ୍କ ଦାମ୍ପତ୍ୟ-ଜୀବନ ଉପରେ ଦୀର୍ଘକାଳ ସୁଦୃଷ୍ଟି ପକାଇ ରଖିଲା ନାହିଁ । ଭାର୍ଯ୍ୟା ପହିଲିପାଳି ଆସି, ପୁଣି ଯେ ବାପଘରକୁ ଗଲେ, ସେ ଆଉ ଫେରି ସ୍ୱାମୀ ଗୃହରେ ପାଦ ପକାଇଲେ ନାହିଁ । ସେହିଠାରେ ସେ ଯେଉଁ ଏନ୍ତୁଡ଼ିଶାଳରେ ମାତୃଗର୍ଭରୁ ପଡ଼ିଥିଲେ, ସେହି କୋଠରୀ ମଧ୍ୟରେ, ବସନ୍ତ ରୋଗରେ ତାଙ୍କର ମୃତ୍ୟୁ ଘଟିଲା । ପତ୍ନୀବିୟୋଗରେ କୃଷ୍ଣ ନିତାନ୍ତ ଅଧୀର ହୋଇପଡ଼ିଲେ । ସେ ଥରେ ଦୁଇ ଥର ଆତ୍ମହତ୍ୟା କରିବାକୁ ମଧ୍ୟ ବସିଲେ । ହୃଦୟର ଅମୂଲ୍ୟ-ପ୍ରତିମା-ଶୂନ୍ୟ ନୀରସ ଶୁଷ୍କ ଗୃହରେ ସେ ବିରହବେଦନା-ପୀଡ଼ିତ ହୋଇ ରହିବାକୁ ଇଚ୍ଛା ନ କରି, ଶେଷରେ କୌପୀନ ପିନ୍ଧି, ଦିନେ ରାତି ଅଧବେଳେ ଘରୁ ବାହାରିଗଲେ । କୃଷ୍ଣଙ୍କର ସେ ଯେ ପାଦ ଚିହ୍ନ ସେ ଦିନ ଘର ବାହାରକୁ ଭୂ-ପୃଷ୍ଠରେ ଅଙ୍କିତ ହେଲା, ତାହା ପୁଣି ଲେଉଟି ଆଉ ଘର ଭିତର ଆଡ଼କୁ ପଡ଼ିଲା ନାହିଁ ।

କୃଷ୍ଣ ବାବାଜୀ ହୋଇ ଭାରତବର୍ଷର ସମୁଦାୟ ତୀର୍ଥ ବୁଲିବାରେ ଲାଗିଲେ । ବୁଲି ବୁଲି ପାଦ ଯେତେବେଳେ ଥକିଲା ଏବଂ ମୁଣ୍ଡର କୃଷ୍ଣ କେଶ କ୍ରମେ ଶୁକ୍ଳ ହେବା ଉପରେ ବସିଲା, ସେତେବେଳେ ସେ ସୁନ୍ଦରପୁର ମଠର ମହନ୍ତ ରାଧାକାନ୍ତ ଦାସଙ୍କର ଚେଲା ହୋଇ ଗୁରୁଙ୍କ ଅନ୍ତେ ନିଜେ ଗାଦିରେ ବସିଲେ । ରାଧାକାନ୍ତ ଦାସଙ୍କର ଶିଷ୍ୟା ହରିପ୍ରିୟା ଗୁରୁଙ୍କ ମୃତ୍ୟୁପରେ ମଠର ପ୍ରଧାନ ମାତା ହେଲେ । ତାଙ୍କ ତଳକୁ ଆଉ ଜଣେ ମାତା ବିଷ୍ଣୁପ୍ରିୟା । ଉଭୟେ ମହନ୍ତ କୃଷ୍ଣଚରଣ ଦାସଙ୍କ ଅପେକ୍ଷା ବୟସରେ ସାନ । ହରିପ୍ରିୟା ପତଳା, ଶ୍ୟାମଳ ବର୍ଣ୍ଣ ଓ ଆକୃତିରେ ସାଧାରଣ ଅପେକ୍ଷା ଟିକିଏ ବେଶି ଉଚ୍ଚ । ଯୌବନରେ ସୁଦ୍ଧା ତାଙ୍କର ଯେ ସେପରି ସୌନ୍ଦର୍ଯ୍ୟ ଥିଲା, ତାହା ନୁହେଁ । କିନ୍ତୁ ଆଜୀବନ ସେ ସତ୍କାର୍ଯ୍ୟ ଦ୍ୱାରା ଆପଣାକୁ ଶୁଦ୍ଧ ପବିତ୍ର ରଖି ଆସିଛନ୍ତି । ସେଥିପାଇଁ ତାଙ୍କ ମୁଖମଣ୍ଡଳରୁ ଜ୍ୟୋତି ଫୁଟି ଉଠେ,

ତାଙ୍କୁ ଦେଖିଲେ ମନରେ ସ୍ୱତଃ ଭକ୍ତି ଜାତ ହୁଏ । ବିଷ୍ଣୁପ୍ରିୟା ବର୍ଣ୍ଣରେ ଗୋରୀ ଓ ମାଂସଳ । ସେ ସର୍ବଦା କାର୍ଯ୍ୟରେ ବ୍ୟସ୍ତ ଥାଆନ୍ତି ; ସୁତରାଂ ତାଙ୍କୁ ବରାବର ଧଇଁସଇଁ ହୋଇ ଯିବା ଆସିବାକୁ ପଡ଼େ । ତା' ପରେ ପୁଣି ତାଙ୍କର ଶ୍ୱାସ ରୋଗ ମଧ୍ୟ ଥିଲା ।

ବାବାଜୀ କୃଷ୍ଣଚରଣ ଦାସ ମହନ୍ତଗାଦିରେ ବସିଲା ଦିନ ସୁନ୍ଦରପୁର ମଠରେ ମହୋତ୍ସବ ଲାଗିଲା । ନୂଆ ମହନ୍ତଙ୍କର ଦର୍ଶନ ଲାଭ କରିବାକୁ ଲୋକେ ଆସି ରୁଣ୍ଡ ହେଲେ । ଏପରି କି, ସ୍ୱୟଂ ଜମିଦାର ମଠକୁ ଆସି ବାବାଜୀଙ୍କର ଚରଣ-ଧୂଳି ନେଇ ଗଲେ । ମଠଟି ଗୋଟିଏ ପୁରୁଣା ଧରଣର ପକ୍କା ଦୋମହଲା ଘର । ନିକଟରେ ଗୋଟିଏ ଛୋଟିଆ ଏକ ମହଲା ପୁରୁଣା ଦରଭଙ୍ଗା ଘରେ କେତେଗୁଡିଏ ରୋଗୀ ରହନ୍ତି । ମଠର ଜାଗିରଖିଆ ବୈଦ୍ୟ ସେମାନଙ୍କୁ ଚିକିତ୍ସା କରନ୍ତି; କିନ୍ତୁ ଘରଟି ବାସୋପଯୋଗୀ ହୋଇ ନ ଥିବାରୁ ବୈଦ୍ୟଙ୍କର ନାନା ଚିକିତ୍ସାସତ୍ତ୍ୱେ, ରୋଗୀମାନେ ଆରୋଗ୍ୟ ଲାଭ କରିପାରନ୍ତି ନାହିଁ । ତାହା ଦେଖି ବାବାଜୀ କୃଷ୍ଣଚରଣ ଦାସ ଗାଦିରେ ବସିବାର ତିନି ଦିନ ପରେ, ନିଜେ ମଠ ଛାଡ଼ି ଯାଇ, ଚିକିତ୍ସାଳୟରେ ରହିଲେ ଏବଂ ରୋଗୀମାନଙ୍କୁ ମଠ ଭିତରେ ଆଣି ରଖାଇଲେ ।

ସୁନ୍ଦରପୁର ମଠର ସମ୍ପତ୍ତି ସେପରି ବେଶି ନୁହେଁ । ସେଥି ମଧ୍ୟରୁ ଠାକୁର ଗୋପୀନାଥ ଦେବଙ୍କ ସେବାପୂଜା, ଯାନିଯାତ୍ରା ଓ ଅତିଥିଅଭ୍ୟାଗତଙ୍କ ଚର୍ଚ୍ଚାରେ ବର୍ଷିକର ଯାବତୀୟ ବ୍ୟୟ ବାଦ ଯାଇ, ମହନ୍ତଙ୍କ ଖାସ ଖର୍ଚ୍ଚ ନିମନ୍ତେ ଅତି ସାମାନ୍ୟ ବଳେ । ସେତିକରେ ସ୍ୱୟଂ ମହନ୍ତ ଓ ଦୁଇ ମାତାଙ୍କର କୃତ୍ୟ ନିର୍ବାହ କରିବାକୁ ପଡ଼େ । ମାତା ହରପ୍ରିୟା ଆଡ଼ମ୍ବରପ୍ରିୟ ନୁହନ୍ତି । ଶାକାନ୍ନରେ ଯେ ମନୁଷ୍ୟର ଉଦର ପୂର୍ତ୍ତି କରାଯାଇପାରେ, ତାହା ସେ ବିଶେଷ ଭାବରେ ହୃଦୟଙ୍ଗମ କରିଥିଲେ । ସେଥିପାଇଁ ବାବାଜୀ ପରାର୍ଥେ ଯାହା ସବୁ ବ୍ୟୟ କରୁଥିଲେ, ସେଥିରେ ତାଙ୍କର ଆଦୌ ଆପତ୍ତି ନ ଥିଲା । ମହନ୍ତ ରାଧାକାନ୍ତଙ୍କ ସମୟରୁ ଗୁରୁ ଆଦେଶ ମାନିବା ତାଙ୍କର ଅଭ୍ୟାସରେ ପରିଣତ ହୋଇଯାଇଥିଲା । କୃଷ୍ଣଚରଣଙ୍କ ଅଧୀନରେ ରହି ସେ ସେହି ଅଭ୍ୟାସ ଛାଡ଼ିବାକୁ ଇଚ୍ଛା କଲେ ନାହିଁ; ସୁତରାଂ ମହନ୍ତ କୃଷ୍ଣଚରଣ ଦାସଙ୍କ ମୁହଁର କଥାକୁ ସେ ବେଦର ସାର ବୋଲି ମନେ କରୁଥିଲେ; ତାଙ୍କ ଦାନ ପୁଣ୍ୟରେ ନିଜେ ଆନନ୍ଦ ଅନୁଭବ କରୁଥିଲେ; କିନ୍ତୁ ବିଷ୍ଣୁପ୍ରିୟାଙ୍କ ସ୍ୱଭାବ ଟିକିଏ ଭିନ୍ନ ରକମର । ଅତିଥି ଅଭ୍ୟାଗତମାନେ ଭଲ ଖାଇଲେ, ତାଙ୍କ ମନରେ ଈର୍ଷା ହୁଏ; ସୁତରାଂ କୃଷ୍ଣଚରଣଙ୍କ ବ୍ୟୟର ପ୍ରଣାଳୀରେ ସେ କଦାପି ଏକମତ ହୁଅନ୍ତି ନାହିଁ ।

ମହନ୍ତ କୃଷ୍ଣଚରଣ ଦାସଙ୍କ କାର୍ଯ୍ୟକଳାପରେ ସୁନ୍ଦରପୁର ମଠର ଖ୍ୟାତି କ୍ରମଶଃ ବଢ଼ିବାକୁ ଲାଗିଲା । ଲୋକେ ତାଙ୍କ ପାଦତଳରେ ମୂଲ୍ୟବାନ୍ ଦର୍ଶନୀମାନ ଥୋଇବାକୁ ମଠକୁ ଆସିଲେ । ମହନ୍ତ ସେ ସବୁରୁ ନିଜେ ପଇସାଟିଏ ନ ଛୁଇଁ, ସମୁଦାୟ ଅତିଥି ଅଭ୍ୟାଗତ ଓ ଦୁଃଖୀଭିକାରୀଙ୍କ ଚଙ୍କାରେ ଲଗାନ୍ତି । ତାହା ଦେଖି ଭକ୍ତମାନେ କ୍ରମେ ମହନ୍ତଙ୍କ ପ୍ରତି ବିଶେଷ ଆକୃଷ୍ଟ ହୋଇପଡ଼ିଲେ ।

ମହନ୍ତ ମହାରାଜ କଥାବାର୍ତ୍ତାରେ କେତେକ ପରିମାଣରେ ଅଟଳ ଥିଲେ । ମାତା ଦେବୀଙ୍କ ସହିତ ଗଳ୍ପ କଲାବେଳେ ସେ ଦିନେ ଦିନେ କୌତୁକରେ ହସି ନାଚନ୍ତି ଶିଶୁ ପିଲାଙ୍କ ପରି ଭୂଇଁରେ ଲୋଟିଯାଆନ୍ତି । ବିଷ୍ଣୁପ୍ରିୟା ତାଙ୍କୁ ବରାବର 'ମହାତ୍ମା' ବୋଲି ସମ୍ବୋଧନ କରୁଥିଲେ । ଦିନେ ମହନ୍ତ ମହାରାଜ ଖଣ୍ଡି ଉପରୁ ଖଣ୍ଡିଏ ପୋଥି ଆଣିବାକୁ ହାତ ବଢ଼ାଇ ଦେଖିଲେ ଯେ, ତାଙ୍କ ହାତ ପାଇଲା ନାହିଁ । ତହୁଁ ସେ ମାତା ବିଷ୍ଣୁପ୍ରିୟାଙ୍କୁ କହିଲେ, "ଦେଖ, ମହାତ୍ମାଙ୍କ ହାତ ଖଣ୍ଡି ଉପରକୁ ପାଇଲା ନାହିଁ । ଗୋଟିଏ ନିଶୁଣି ଅଣାଅ ।" ଆଉ ଦିନେ ମହନ୍ତ ମହାରାଜ ଦାନଶୀଳତା ବିଷୟରେ କେତେକ ଧନୀବ୍ୟକ୍ତିଙ୍କ ଆଗରେ ବକ୍ତୃତା ଦେଲାପରେ ଦେଖାଗଲା ଯେ, ଜଣେ ଦଶହଜାରୀ ତେଲୀକ ପ୍ରତି ଏକାଦଶୀ ଦିନ ବ୍ରାହ୍ମଣ ହାତରେ ଅଧଲାଟିଏ ଦାନ କଲେ । ତାହା ଦେଖି ମହନ୍ତ ହରିପ୍ରିୟାଙ୍କୁ ସାମାନ୍ୟ ହସି କହିଲେ, "ଦେଖ, ମାତା ! ମୋହନ ସିଂହ କିପରି ମାସକେ ପଇସାଟିକର ସ୍ୱର୍ଗ କିଣିବାରେ ଲାଗିଛି ।"

ସୁନ୍ଦରପୁର ଅଞ୍ଚଳରେ ରୋଗୀମାନେ ରୋଗଶଯ୍ୟାରେ ପଡ଼ି ପ୍ରାଣର ଆଶା ଛାଡ଼ିବା ବେଳକୁ ମହନ୍ତ କୃଷ୍ଣଚରଣ ଦାସଙ୍କୁ ଡକାଇ ତାଙ୍କ ଆଶୀର୍ବାଦ ଗ୍ରହଣ କରୁଥିଲେ । ସେଥିରେ କେହି କେହି ସମ୍ପୂର୍ଣ୍ଣରୂପେ ରୋଗମୁକ୍ତ ହେବାର ମଧ୍ୟ ଦେଖାଯାଉଥିଲା । ନିଃସହାୟା ବିଧବା ଓ ଛେଉଣ୍ଡ ପିଲାମାନେ ତାଙ୍କଠାରୁ ବରାବର ଅର୍ଥ ସାହାଯ୍ୟ ପାଉଥିଲେ । ଏ ସବୁ କାରଣରୁ ଲୋକେ ସକାଳେ ଉଠି ନାରାୟଣ ସ୍ମରଣ କରିବା ସଙ୍ଗେ ମହନ୍ତ କୃଷ୍ଣଚରଣ ଦାସଙ୍କ ନାମ ଉଚ୍ଚାରଣ କରି, ହାତ ଯୋଡ଼ି ନମସ୍କାର କରୁଥିଲେ ।

ମହନ୍ତ ମହାରାଜାଙ୍କ ଦୈନନ୍ଦିନ ଜୀବନ ଅନୁଧ୍ୟାନ କରି ଦେଖିଲେ, ମନରେ ସ୍ୱତଃ ଭକ୍ତି ଜାତ ହେବାର କଥା । ସକାଳୁ ଉଠି ସେ ଧ୍ୟାନରେ ବସୁଥିଲେ । ଧ୍ୟାନ ପରେ ଭକ୍ତମାନଙ୍କ ସହିତ ଭଗବାନଙ୍କ ବିଷୟରେ ଆଲୋଚନା କରୁଥିଲେ । ଦିବାନିଦ୍ରା ସେ ଜାଣି ନ ଥିଲେ । ଅନ୍ୟମାନେ କ୍ରୀଡ଼ା କୌତୁକରେ ସମୟ କଟାଇଲା ବେଳେ ସେ ପୁସ୍ତକ ଧରି ଅଧ୍ୟୟନରତ ରହୁଥିଲେ । ରାତିରେ ସେ ଦୀର୍ଘକାଳ ଶୋଉ ନ ଥିଲେ । ମାତ୍ର ଯେତେ ସମୟ ଶୋଉଥିଲେ, ନିଦ୍ରାଦେବୀଙ୍କ କୋଳରେ ଏକାବେଳକେ ଭୋଳ ହୋଇ ଶୋଇ ପଡ଼ୁଥିଲେ । ରୋଗୀସେବା, ଅଧ୍ୟୟନ ଓ

ଈଶ୍ବର ଆରାଧନା ଯାଇ ବାକି ଯେଉଁ ସମସ୍ତ ବଳୁଥିଲା, ତାହା ସେ ସାଧାରଣ ମୂଲିଆ-ମାନଙ୍କ ପରି କାର୍ଯ୍ୟରେ ଲଗାଉଥିଲେ; କୋଡ଼ି ଧରି ବଗିଚାରେ ନିଜ ହାତରେ ମାଟି ଖୋଳୁଥିଲେ, ଫୁଲ ଗଛରେ ପାଣି ଦେଉଥିଲେ, ଠାକୁରଙ୍କ ନିମନ୍ତେ ଫୁଲ ତୋଳି ରଖୁଥିଲେ । ମହନ୍ତ ମହାରାଜ ସମୟେ ସମୟେ ସୁବିଧା ଦେଖି ପଲ୍ଲୀଗ୍ରାମମାନଙ୍କୁ ବୁଲି ଯାଉଥିଲେ । ପଲ୍ଲୀ ଗ୍ରାମର ବାଳକ ବାଳିକାମାନେ ତାଙ୍କୁ ଦୂରରୁ ଦେଖି ଆନନ୍ଦରେ ପାଟି କରି କହୁଥିଲେ, ''ଏଇ ଯେ ବାବାଜୀ ଆସିଲେ; କୋରା, ଶାକର ଦେବେ ।'' ମହନ୍ତ ମହାରାଜ ଖାଲି ହାତରେ ଗ୍ରାମର ପିଲମାନଙ୍କୁ ଭେଟନ୍ତି ନାହିଁ । କୋରା, ଶାକର ଯେପରି ସେମାନଙ୍କୁ ଖାଇବାକୁ ଦିଅନ୍ତି, ସେହିପରି ମଧ୍ୟ ସେମାନଙ୍କ ମୁଣ୍ଡରେ ହାତ ଦେଇ ଆଶୀର୍ବାଦ କରି କହନ୍ତି, ''ବାପ ! ଭଗବାନ ତୁମ୍ଭମାନଙ୍କୁ ଭଲରେ ରଖନ୍ତୁ ''

ରୋଗୀମାନେ ସମ୍ପୂର୍ଣ୍ଣ ଆରୋଗ୍ୟ ଲାଭ କଲା ପରେ ମଠ ଘର ଖାଲି ହୋଇଗଲା । ସେତେବେଳେ ଚିକିତ୍ସାଳୟର ଭଙ୍ଗା ଦାଦରା ଘର ଛାଡ଼ି, ନିଜ ପୀଠରେ ଆସି ରହିବା ନିମନ୍ତେ ଆରୋଗ୍ୟପ୍ରାପ୍ତ ଭକ୍ତମାନେ ମହନ୍ତଙ୍କୁ ବିଶେଷ ଅନୁରୋଧ କଲେ; ସୁତରାଂ, ସେ ମଠ ମଧ୍ୟରେ ଆସି ରହିଲେ । ମଠର ତଳ ମହଲରେ ତିନୋଟି ଏବଂ ଉପର ମହଲାରେ ଆଉ ତିନୋଟି କୋଠରି । ଉପର ମହଲରେ ମାତା ଦୁହେଁ ଏବଂ ତଳ ମହଲରେ ମହନ୍ତ ନିଜେ ରହନ୍ତି । ଦାଣ୍ଡ ପାଖ କୋଠରିଟି ମହନ୍ତଙ୍କ ଖାଇବା ଘର । ତା ପାଖକୁ ଲାଗି ତାଙ୍କ ଶୟନାଗାର । ତୃତୀୟ କୋଠରିରେ ମହନ୍ତ ବସି ପୂଜା ଧ୍ୟାନ କରନ୍ତି । ଦାଣ୍ଡରୁ ମହନ୍ତଙ୍କ ଧ୍ୟାନ କରିବା ସ୍ଥାନକୁ ଯିବାକୁ ହେଲେ ପ୍ରଥମେ ଭୋଜନଶାଳା ଓ ତା' ପରେ ଶୟନାଗାର ଅତିକ୍ରମ କରି ଯିବାକୁ ହୁଏ । ମହନ୍ତଙ୍କ ଉପାସନା କକ୍ଷର ଗୋଟିଏ କୋଣରେ ଖଣ୍ଡିଏ ଖଟ ପଡ଼ିଥାଏ । ବାବାଜୀ ଓ ଭକ୍ତମାନେ ତାଙ୍କ ନିକଟକୁ ଦର୍ଶନ କରିବା ନିମନ୍ତେ ଆସି ରାତିରେ ରହିଲେ, ସେହି ଖଟ ଖଣ୍ଡିକରେ ଶୁଅନ୍ତି ।

ମହନ୍ତଙ୍କ ଶୟନକକ୍ଷର କୌଣସି ପ୍ରକାର ଆଡ଼ମ୍ବର ନ ଥିଲା । ତହିଁରେ ଗୃହର ଆସବାବ ମଧ୍ୟରୁ କିଛି ହେଲେ ରଖାଯାଇ ନଥିଲା । କେବଳ ଗୋଟିଏ ପଥର ପିଣ୍ଡି ଉପରେ ଗେରୁଆ ଶେଯ ଖଣ୍ଡିଏ ପରା ହୋଇ ରହିଥାଏ । ସେ ଶେଯରେ କୌଣସି ପ୍ରକାର ମଇଳାର ଚିହ୍ନ ନ ଥାଏ । ମୁଣ୍ଡ ଆଡ଼କୁ ଖଣ୍ଡିଏ ଗ୍ଲେଟିଆ ମାଣ୍ଡି । ପିଣ୍ଡିଟି ତକିଆର କାର୍ଯ୍ୟ କରେ । ପିଣ୍ଡି ତଳକୁ ଗୋଡ଼ ରଖିବା ସ୍ଥାନରେ ଖଣ୍ଡିଏ ବହୁକାଳର ପୁରୁଣା ବାଘଛାଲ ପଡ଼ି ରହିଥାଏ । ସେହି କକ୍ଷର ଗୋଟିଏ କୋଣରେ ଏକ ପୁରୁଣା କାଠ ଆଲମାରି ମଧ୍ୟରେ ମହନ୍ତଙ୍କ ପଢ଼ିବା ପୁସ୍ତକମାନ ଥାଏ । ପଢ଼ିଲାବେଳେ ମହନ୍ତ ମହାରାଜ ଆଲମାରିରୁ ପୁସ୍ତକ ନେଇ ତା ନିକଟରେ ପଡ଼ିଥିବା ଖଣ୍ଡିଏ ମୃଗଚର୍ମ ଉପରେ ବସି ପଢ଼ନ୍ତି । ପୋଥି ଉପରେ ପଢ଼ିବା ନିମନ୍ତେ

ଗୋଟିଏ ପଞ୍ଜର ବାଟେ ବାହାରରୁ ଆଲୋକ କୋଠରୀ ଭିତରକୁ ଆସେ । ମହନ୍ତ ମହାରାଜ ପିଣ୍ଡିର ଯେଉଁ ପଟକୁ ମୁଣ୍ଡ କରି ଶୁଅନ୍ତି, ସେ ପଟେ ପିଣ୍ଡି ନିକଟରେ ଗୋଟିଏ ସିନ୍ଦୁକ ଥାଏ । ସିନ୍ଦୁକ ଭିତରେ ଅନ୍ୟାନ୍ୟ ଜିନିଷ ମଧ୍ୟରେ ଗୋଟିଏ ରୁପାର ଝୁଣା ଏବଂ ତା ପାଇଁ ରୁପା ଧୂପ ରଖାଯାଇଥାଏ ।

ମଠର କୌଣସି ଦୁଆରରେ କେବେ ତାଲା ପଡ଼େନାହିଁ । ଭୋଜନଶାଳା କବାଟର ଭିତର ପଟେ ପୂର୍ବେ ଗୋଟିଏ ଶିକୁଳି ଲାଗିଥିବାର ଚିହ୍ନ ଅବଶ୍ୟ ଦେଖାଯାଏ; କିନ୍ତୁ ମହନ୍ତ ମହାରାଜ ଗାଦିରେ ବସିଲା ପରେ ସେ ଶିକୁଳି କେହି କେବେ ଦେଖିନାହାନ୍ତି । କବାଟଟି ସର୍ବଦା ଆଉଡ଼ପେଲା ହୋଇ ରହିଥାଏ । ବାହାରରୁ କେହି ମଠ ଭିତରକୁ ଆସିବାକୁ ଇଚ୍ଛାକଲେ, କବାଟ ପେଲି ଫିଟାଇ ଭିତରେ ପଶନ୍ତି । ମଠ ଦ୍ୱାର ଦିବାରାତ୍ର ଉନ୍ମୁକ୍ତ ଥାଏ । ମାତାମାନେ ପ୍ରଥମେ ପ୍ରଥମେ ଏଥିରେ ଆପତ୍ତି କରୁଥିଲେ । ତାହା ଶୁଣି ମହନ୍ତ କହନ୍ତି, "ହେଉ, ତୁମ ଉପର ମହଲା କୋଠରୀମାନଙ୍କରେ ଶିକୁଳି ଲଗାଇ ତାଲା ପକାଇବ ତ ପକାଅ; ମୋ ଘରଗୁଡ଼ିକ ଏହିପରି ମେଲା ଥିବ ।" ମହନ୍ତଙ୍କଠାରୁ ଏପରି ଉତ୍ତର ଶୁଣି ମାତାମାନେ ଲଜ୍ଜିତା ହୁଅନ୍ତି । କ୍ରମେ ସେମାନେ ମହନ୍ତଙ୍କ ଗତିବିଧିରେ ଅଭ୍ୟସ୍ତ ହୋଇଗଲେ; ଆଉ ଦ୍ୱାର ବନ୍ଦ କରିବାକୁ କହିଲେ ନାହିଁ ।

ମହନ୍ତ ମହାରାଜ ଶୟନକକ୍ଷରେ ଯେ ସାରା ରାତି କଟାନ୍ତି, ତାହା ନୁହେଁ । ଶୟନକକ୍ଷକୁ ଲାଗି ଗୋଟିଏ ଛୋଟିଆ ବଗିଚା । ସେ କକ୍ଷ ମଧ୍ୟରେ ବଗିଚାକୁ ଯିବାକୁ ଗୋଟିଏ ଛୋଟ ଦ୍ୱାର ଥାଏ । ମହନ୍ତ ମହାରାଜ ଶବ ପରି ଶେଯରେ ଶୋଇ ନ ରହି, ଭଗବାନଙ୍କ ଅନନ୍ତ ଜଗତ ସହିତ ନିଜ କ୍ଷୁଦ୍ର ଆତ୍ମାର ସଂଯୋଗ କରିବା ନିମନ୍ତେ, ବଗିଚାର ବଉଳଗଛ ମୂଳେ ମୁକ୍ତ ସମୀରଣରେ ବସି ନୀଳ ଆକାଶକୁ ଚାହିଁ ରହନ୍ତି । ଆକାଶର ଅସଂଖ୍ୟ ଚନ୍ଦ୍ର ନକ୍ଷତ୍ର ଦେଖି, ତାଙ୍କ ମନରେ ସ୍ୱାଭାବିକ ଈଶ୍ୱର ଭକ୍ତି ଜାତ ହୁଏ । ବଉଳଗଛରୁ ଫୁଲ ଝଡ଼ି ତାଙ୍କ ଉପରେ ପଡ଼ୁଥାଏ । ସେଥିରେ ସେ ମନେ କରନ୍ତି ଯେ ସ୍ୱର୍ଗରୁ ଅବା ଅମୃତ ବୃଷ୍ଟି ହେଉଛି । ବାସ୍ତବରେ ସେହି କ୍ଷୁଦ୍ର ବଗିଚା ଖଣ୍ଡିକ ଭିତରେ ନିଜ ହୃଦୟ ମଧ୍ୟରେ ପରମ ପିତା ପରମେଶ୍ୱରଙ୍କ ନିମନ୍ତେ ସେ ଗୋଟିଏ ପବିତ୍ର ଦେବାଳୟ ତୋଳି ରଖିଥିଲେ । ରାତି ଅଧ ସମୟରେ ସେହି ଦେବାଳୟରେ ଭଗବାନଙ୍କୁ ବସାଇ, ମହନ୍ତ ମହାରାଜ ବଗିଚାରୁ ଫେରି, ନିଜ ଶଯ୍ୟାରେ ଶୋଇ, ଗାଢ଼ନିଦ୍ରାରେ ଅଭିଭୂତ ହେଉଥିଲେ । କୁଚିନ୍ତା, କୁସ୍ୱପ୍ନ ତାଙ୍କ ମନରେ ସ୍ଥାନ ପାଉ ନ ଥିଲା । ସତେ ଅବା ପବିତ୍ରତା ମୂର୍ତ୍ତିମତୀ ହୋଇ ତାଙ୍କ ହୃଦୟରେ ବିରାଜମାନ କରୁଥିଲା ।

—୧—

# ଠାବ ମିଳିଲା ନାହିଁ

ସନ ୧୯୪୮ ସାଲ୍ ଆଶ୍ୱିନ ମାସର ଦୁର୍ଗା ପୂଜା ସମୟରେ ସୂର୍ଯ୍ୟାସ୍ତ ପୂର୍ବରୁ ଦିନେ ଜଣେ ଅପରିଚିତ ବ୍ୟକ୍ତି ସୁନ୍ଦରପୁର ଗ୍ରାମରେ ପହଞ୍ଚିଲା । ସେତେବେଳେ ଯେଉଁ କେତେ ଜଣ ଲୋକ ଦାଣ୍ଡରେ ଠିଆ ହୋଇଥିଲେ, ତାକୁ ଦେଖି କେଜାଣି କାହିଁକି ମନେ ମନେ ଚମକି ପଡ଼ିଲେ । ଲୋକଟି ବେଶି ଢେଙ୍ଗା ନୁହେଁ, କି ଗେଙ୍ଗା ନୁହେଁ, ବେଶ୍ ମୋଟାମୋଟି, ଦେହରେ ବଳ ପ୍ରଚୁର ଥିଲା ପରି ଜଣା ପଡ଼ୁଥିଲା । ବୟସ ଚାଳିଶ ବର୍ଷ ଟପିଯାଇଛି, କିନ୍ତୁ ପଚାଶକୁ ଧାପ ଦେଇ ନାହିଁ । ତା ଦେହରୁ ଝାଳ ବୋହିଯାଉଥିଲା । ଗୋଡ଼ ଆଣ୍ଠୁ ପର୍ଯ୍ୟନ୍ତ ଧୂଳିରେ ପୂର୍ଣ୍ଣ । କାନ୍ଧରେ ଗୋଟିଏ ଗେଣ୍ଠିଟିଆ ମଇଳା ଝାଉଁଳି ଥିଲା । ପିନ୍ଧା ଲୁଗା କୁଞ୍ଚ ଅଣ୍ଟାରେ ଖୋସା ହୋଇଥିଲା । ଫିଟାଇ ଦେଲେ, ତାହା ଆଣ୍ଠୁକୁ ଡେଇଁ ବେଶି ତଳକୁ ପଡ଼ନ୍ତା କି ନାହିଁ ସନ୍ଦେହ । ସେ ଲୁଗା ଖଣ୍ଡ ମଧ୍ୟ ଖୁବ୍ ମୋଟା; ହାତକଟା ସୂତାରେ ବାଡ଼ିଆ ତନ୍ତରେ ବୁଣା ହୋଇଥିବ । ମୁଣ୍ଡରେ ଚୁଟି ନ ଥିଲା । ବାଳଗୁଡ଼ିକ ମୂଳକୁ ଲାଗି କଚୁଡ଼ିରେ କଟା ହୋଇଥିଲା । ଲୋକଟି ଦିନ ସାରା ଚାଲି ଚାଲି ଥକିଗଲା ପରି ଜଣାପଡ଼ୁଥିଲା । ସେଦିନ ଦୁଇ ପହରେ ସୁନ୍ଦରପୁରର କେତେକ କାଠଗୋଟାଳୀ ସ୍ତ୍ରୀଲୋକ ତାକୁ ବାଟରେ ଗୋଟାଏ ପୋଖରୀରେ ପାଣି ପିଇବାର ଦେଖିଥିଲେ । ହୁଏ ତ ସମୁଦାୟ ଉପରବେଳା ସେ ଆଉ କୋଉଁଠାରେ ତୁଣ୍ଡରେ ଟୋପାଏ ପାଣି ଲଗାଇନାହିଁ । ସେଥିପାଇଁ ଶୋଷରେ ତା ପାଟି ଖନି ମାରିଗଲା ପରି ଜଣା ପଡ଼ୁଥିଲା । ବାଟରେ ଜଣେ ଚଉକିଆକୁ ଦେଖି, ଲୋକଟି ଖୁବ୍ ନଇଁ ଗୋଟାଏ ସଲାମ ପକାଇଲା । ଚଉକିଆ ତାର ସଲାମ ଗ୍ରହଣ କରିବାକୁ ନିଜେ ହାତ ନ ଟେକି, ନିତ୍ୟ ଅଭ୍ୟସ୍ତ ସ୍ୱରରେ ପଚାରିଲା, "କିରେ, ତୁ କୋଉଠୁ ଆସିଲୁ ?" ଏବଂ ଉତ୍ତର ପାଇବାକୁ ଅପେକ୍ଷା ନ କରି ନିଜ କାମରେ ଚାଲିଗଲା ।

ସୁନ୍ଦରପୁର ଗ୍ରାମର ଯେଉଁ ମୁଣ୍ଡରେ ଲୋକଟି ଆସି ପହଞ୍ଚିଲା, ସେଠାରେ ଗୋଟାଏ ଚଟିଘର ଥିଲା । ବାଟୋଇମାନେ ପଇସା ଦେଇ ସେ ଚଟିରେ ରହନ୍ତି ଓ ଖାଇବାକୁ ପାଆନ୍ତି । କେହି ଇଚ୍ଛାକଲେ, ଚଟିରେ ନ ରହି ମଧ୍ୟ, ଖାଲି ଖାଇ ଚାଲିଯାଇପାରେ । ସେ ଦିନ ସନ୍ଧ୍ୟାରେ ଚଟିରେ ଭଲ ଖାଇବା ପିଇବା ଆୟୋଜନ ହୋଇଥିଲା । ମହାଷ୍ଟମୀ ବଳିର ମାଂସ ଆଳୁ, କଖାରୁ, ବଡ଼ି ଆମ୍ବ ପଣ୍ଡା ମହୁର

ସିନ୍ଥିଥିଲା । ଆଉ ଗୋଟିଏ ବୃକ୍ଷରେ କେତେଟା ବସିଥିଲା । ସେ ସବୁ ଜନ୍ତୁଙ୍କର ବାସନା ପାଇ, ଆଗନ୍ତୁକ ବ୍ୟକ୍ତି ଦୁଆର ଫିଟାଇ, ଚଟି ଘରେ ପଶିଲା । ଦ୍ୱାର ଫିଟିବା ଶବ୍ଦ ଶୁଣି ଚଟିଘର ମାଲିକ ପଚାରିଲା, "କଣ ଦରକାର ?"

ଆଗନ୍ତୁକ ଜବାବ ଦେଲା, "ଖାଇବାକୁ ମୁଠାଏ ଭାତ, ଆଉ ଶୋଇବାକୁ ଟିକିଏ ଥାନ ।"

ମାଲିକ ଉତ୍ତରରେ କହିଲା, "ମିଳିବ— ।" ମାତ୍ର ମନର ଭାବ ସଂପୂର୍ଣ୍ଣ ପ୍ରକାଶ କରି ନ ପାରି, ଥରେ ଆଗନ୍ତୁକ ବ୍ୟକ୍ତିକୁ ଗୋଡ଼ରୁ ମୁଣ୍ଡ ପର୍ଯ୍ୟନ୍ତ ଚାହିଁଗଲା ଏବଂ ତା' ପରେ, "ପଇସା ଦେଲେ"—କହି ନିଜର ବକ୍ତବ୍ୟ ଶେଷକଲା ।

ଆଗନ୍ତୁକ ବ୍ୟକ୍ତି ନିଜ ଯାଉଁଳି ଭିତରୁ ବଟୁଆଟିଏ କାଢ଼ି ଦେଖାଇ କହିଲା, "ମୋ ପାଖେ ପଇସା ଅଛି ।"

ମାଲିକ କହିଲା, "ତେବେ ମିଳିବ ।"

ଆଗନ୍ତୁକ ବ୍ୟକ୍ତି ବଟୁଆଟି ଯାଉଁଳିରେ ରଖି, ଯାଉଁଳିଟି କାନ୍ଧରୁ ବାହାରି କରି ତଳେ ଥୋଇଲା ଏବଂ ନିଜେ ଅକା ମାରି ତା ନିକଟରେ ବସିପଡ଼ିଲା । ମାତ୍ର ସେ ବେଶି ସମୟ ତୁନି ହୋଇ ବସି ନ ରହି ପୁଣି ପଚାରିଲା, "କେତେ ଡେରି ହେବ ?"

"ଆଉ ଡେରି କଣ ? ହେଲାଣି ।"

ଆଗନ୍ତୁକ ବ୍ୟକ୍ତି ସେ କଥା ଶୁଣି, ଆନନ୍ଦରେ ଗୋଡ଼ରୁ ଧୂଳି ଝାଡ଼ି, ଦେହରୁ ଝାଳ ପୋଛି, ଟିକିଏ ସୁସ୍ଥ ହୋଇ ବସିବାକୁ ଗଲା । ଚଟିଘର ମାଲିକ ଖଣ୍ଡିଏ ଛୋଟିଆ ବାଲି କାଗଜରେ କଣ ଧାଡ଼ିଏ ଲେଖି, ଚାକର ପିଲାକୁ ଡାକି, ତା କାନରେ କଣ କହି, ତା'ପରେ ବଡ଼ ପାଟି କରି କହିଲା, "ଧାଇଁଯିବୁ, ଧାଇଁ ଆସିବୁ ।" ଆଗନ୍ତୁକ ବ୍ୟକ୍ତି ଏ ସବୁ କିଛି ଦେଖିଲାନାହିଁ । ସେ ପୁଣି ପଚାରିଲା, "କଣ ହେଲା ?"

ଏ ପ୍ରଶ୍ନର କୌଣସି ଉତ୍ତର ମିଳିଲା ନାହିଁ; କିନ୍ତୁ ପ୍ରଶ୍ନର ଆବୃତ୍ତି ନ କରି ଲୋକଟି ପୁଣି ନୀରବ ଭାବରେ ବସିରହିଲା ଏବଂ କେତେକ ସମୟ ପରେ ପିଣ୍ଡା ଉପରେ ହାତ ପକାଇ ଯାଉଁଳିରେ ମୁଣ୍ଡ ଦେଇ ଟିକିଏ ଶୋଇପଡ଼ିଲା । ସେ ବେଶି ସମୟ ଶୋଇନାହିଁ; ଚଟିଘର ପିଲାଟି ଧାଇଁ ଫେରିଆସି ପହଞ୍ଚିଲା । ମାଲିକ ତାଠାରୁ କାଗଜ ଖଣ୍ଡିକ ନେଇ ପଢ଼ିଲା, ମୁଣ୍ଡ ହଲାଇଲା ଏବଂ ମନେ ମନେ କଣ ଭାବିଲା

ତା ପରେ ଆଗନ୍ତୁକ ବ୍ୟକ୍ତି ନିକଟକୁ ଯାଇ କହିଲା, "ଦେଖ, ମୁଁ ତୁମକୁ ଜାଗା ଦେଇ ପାରିବ ନାହିଁ ।"

"କାହିଁକି ? ତୁମେ କଣ ଭାବୁଚ ମୁଁ ପଇସା ନ ଦେଇ ଠକି ଖାଇ ଚାଲିଯିବି ? ମୁଁ ପରା ଦେଖେଇଲି, ମୋ ପାଖେ ପଇସା ଅଛି ।"

"ଆଜ୍ଞା, ମୋର ଯେ ଜାଗା ନାହିଁ ।"

"ମୁଁ ବାହାରେ ଅଗ୍ଗଣାରେ ଶୋଇପଡ଼ିବି ।"

"ସେଠି କାଠ ରହିବ ।"

"ମୋତେ ଗୁହାଳରେ ଟିକିଏ ଜାଗା ଦିଅ ।"

"ଗୋରୁ କଣ ମେଲାରେ ବନ୍ଧା ହେବେ ?"

"ଆଚ୍ଛା, ତେବେ ମୁଁ ଖାଇ ଚାଲିଯିବି । ଏଠି ଶୋଇବି ନାହିଁ ।"

"ବୃଥା କାହିଁକି ଏତେ ଜିଦ୍ କରୁଚ ? ମୋର ଭାତ ନାହିଁ ।"

"କଣ ! ମୁଁ ଭୋକରେ ମରୁଚି । ସକାଳେ କୁଆ ବୋବେଇଲାଠୁ ଉଠି ବରାବର କାଠ ଚାଲି ଆସୁଚି । ତୁମେ କହୁଚ ଯେ ଭାତ ନାହିଁ ? ଏ କଣ ରନ୍ଧା ହୋଇଚି ?"—କହି, ଆଗନ୍ତୁକ ବ୍ୟକ୍ତି ଏକ ବିକଟ ହାସ୍ୟରେ ସମସ୍ତ ଚଟିଘର ମୁହୂର୍ତ୍ତିକ ପାଇଁ କମ୍ପାଇଦେଲା ।

ଚଟିଘର ମାଲିକ କହିଲା, "ଏ ଯାହା ଚାଉଳରେ ବଳିଚି, ବରାଦ ଅନୁସାରେ ରନ୍ଧାଯାଇଚି ।"

"କିଏ ବରାଦ କରିଚି ?"

"ବାଟୋଇ ବେପାରୀମାନେ ।"

"କେତେ ଜଣ ? କାହାନ୍ତି ସେମାନେ ?"

"ଦଶ ଜଣ ।"

"ଦଶ ଜଣ ? ଏ ତ ଚାଳିଶ ଜଣଙ୍କ ଆହାର ରନ୍ଧା ହୋଇଚି । ମୁଁ ନ ଖାଇଲେ ଏଠୁ ଉଠିବିନାହିଁ, ସଫା କହୁଚି । ଯେବେ ସନ୍ଦେହ ହେଉଚି, ପଇସା ଆଗେ ନିଅ, ପଛେ ଖାଇବାକୁ ଦିଅ । ନ ଖାଇ ମୁଁ ଉପାସରେ ଛିଡ଼ିବିନାହିଁ ।"

ଶୁଣି ଚଟିଘର ମାଲିକ ଟିକିଏ ନଇଁପଡ଼ି ସେ ଲୋକ କାନରେ ଧୀରେ ଧୀରେ କଣ କହିଲା । ସେଥିରେ ଲୋକଟି ଚମକିପଡ଼ିଲା । ମାଲିକ ପୁଣି ପାଟି କରି କହିଲା, "ଦେଖ, ପାଣ୍ଡୁ ନାୟକ ! ମୋ ସାଙ୍ଗେ ଅଣ୍ଟା ଖେଳେନା । ସମସ୍ତେ ଜାଣିଲେ କଣ ଭଲ ହବ ? ତୋତେ ଦେଖିବା ମାତ୍ରେ ମୋ ମନରେ କପରି ଗୋଟାଏ ସନ୍ଦେହ ହେଇଗଲା । ମୁଁ ଫାଣ୍ଡିକୁ ଚିଠି ଲେଖି ଦାରୋଗା ବାବୁଙ୍କଠୁ ସବୁ ଖବର ଅଣେଇଚି । ପଢ଼ିପାରୁଚୁ ତ, ଦେଖ୍ ।"

ଆଗନ୍ତୁକ ବ୍ୟକ୍ତି ଚଟିଘର ମାଲିକ କଥା ଶୁଣି, ଖାଇବାର ଆଶା ଛାଡ଼ି, ସେଠାରେ ଆଉ ମୁହୂର୍ତ୍ତେ ନ ରହି, ଯାଉଁଲାଟି ପୁଣି କାନ୍ଧରେ ପକାଇ, ଯେଉଁ ବାଟେ ଆସିଥିଲା ସେହି ବାଟେ ଦାଣ୍ଡକୁ ଫେରିଗଲା । ଦାଣ୍ଡରେ ଅନିର୍ଦ୍ଦିଷ୍ଟ ଭାବରେ କିଛି ସମୟ ଏଣେ ତେଣେ ବୁଲିଲା । କ୍ରମେ କ୍ରମେ କ୍ଷୁଧା ପ୍ରବଳ ହୋଇଉଠିଲା । ତହିଁରେ ପୁଣି ଗଡ଼ ମାଡ଼ିଆସୁଥିଲା । ନିତାନ୍ତ ବ୍ୟାକୁଳ ଭାବରେ ସେ କିଛି ବାଟ ବୁଲି, ଗୋଟିଏ ଗ୍ରେଟିଆ କୁଡ଼ିଆଘରେ ଯାଇ ପହଞ୍ଚିଲା । ତାହା ସୁନ୍ଦରପୁର ଗ୍ରାମର ତାଡ଼ି ଦୋକାନ । ଇଂରେଜ ସରକାରଙ୍କ ରାଜତ୍ୱରେ ତାଡ଼ି ଦୋକାନମାନ ଏ ଦେଶରେ ନୂଆ ହୋଇ ବସିଥାଏ । ବେଶି ଦାମର ବିଲାତି ମଦ ଆସି ନ ଥାଏ । ସେ ଘରେ କ୍ଷୁଧାର୍ତ୍ତ ଆଗନ୍ତୁକ ପହଞ୍ଚି ଦେଖିଲା ସେ ଦଳେ ଲୋକ ବସି ତାଡ଼ି ପିଉଛନ୍ତି ଓ ଗୁଖଣ୍ଡା ସ୍ୱରୂପ ମାଂସ, ମିଠାଇ ଖାଉଛନ୍ତି । ଆଗନ୍ତୁକ ତାହା ଦେଖି, ଆଡ଼ପେଲା କବାଟ ହାତରେ ପେଲି, ଫିଟାଇ, ଘର ଭିତରେ ପହଞ୍ଚି କହିଲା, "ମୁଁ ମଧ ଖାଇବି ।"

ପଟାଦାର ଉତ୍ତର ଦେଲା, "ଭଲ କଥା, ବସ । ଖାଲି ତାଡ଼ି ନା, ଗୁଖଣ୍ଡା ମଧ ?"

"ତାଡ଼ି ତ ନିଶ୍ଚୟ । ଆଉ ସାଙ୍ଗକୁ ଖାଲି ଗୁଖଣ୍ଡା ନୁହେ । ପେଟପୁରା ଗ୍ରାସେ, ଯାହା ଅଛି ସକାଳୁ ଏଥିରେ କିଛି ପଡ଼ିନାହିଁ ।" କହି, ସେ ବାଁ ହାତରେ ନିଜର ପ୍ରକାଣ୍ଡ ଖାଲି ପେଟଟି ଦେଖାଇଲା ।

"ଆଚ୍ଛା, ତେବେ ଟିକିଏ ସବୁର କର । ଭାତ ବସିଚି, ମାଂସ ତରକାରୀ ସିଝୁଚି ।"

ଭାତ ଓ ମାଂସର ନାମ ଶୁଣି ଆଗନ୍ତୁକ ଟିକିଏ ନିଶ୍ଚିନ୍ତରେ ଶୋଇପଡ଼ିଲା । ତାକୁ ହଠାତ୍ ସାମାନ୍ୟ ନିଦ ମଧ ଲାଗିଗଲା । ତା ପରେ ତାଡ଼ି ଖାଉଥିବା ଲୋକଙ୍କ ମଧରୁ ଜଣେ କହିଲା, "ଏ ଲୋକଟା କିଏ କେଜାଣି ? ନିଶ୍ଚୟ ଗୋଟାଏ ଦାଗୀ ହବ । ଆଜି ଏଠେଇ ପହଞ୍ଚି, ଆଗେ ଫାଣ୍ଡିକି ଯାଇ, ଦାରୋଗା ବାବୁଙ୍କ ଗୋଡ଼-ତଳେ ମୁଣ୍ଡିଆ ମାରି, ଏ ଗାଡ଼ ରହିବ ବୋଲି ଅନୁମତି ଆଣି ଆସିଲା । ଦାରୋଗା

ବାବୁ ଆଗ ନାହିଁ ନାହିଁ କରୁଥିଲେ । ପଛକୁ ଏ ଲୋକଟିକୁ ଦେଖାଇ କହିବାରୁ ସବି ହଁ କରିଦେଲେ । ମୋ ଘର ହାଜତରେ ଥିବାରୁ ମୁଁ ଫାଣ୍ଡିକି ଯାଇଥିଲି । ତା ପରେ ଏ ଲୋକ ଯାଇ ଚଟି ଘରେ ପହଞ୍ଚିଲା । ଚଟିଘର ମାଲିକ ରାମଚନ୍ଦ୍ର ଫାଣ୍ଡିକି ଚିଠି ଲେଖି ଖବର ଦେଲେ, ତାକୁ ଚଟିରେ ରଖିଲେନାହିଁ । ସେଠୁ ଏଠିକି ପଳେଇ ଆସିଛି ।”

ଶୁଣି ପଟାଦାର ଆଗନ୍ତୁକ ନିକଟକୁ ଯାଇ, ତାକୁ ହାତରେ ହଲାଇ, ନିଦରୁ ଉଠାଇ କହିଲା, “ତୁ ବେଗେ ଏଠୁ ପଳା ।”

ଆଗନ୍ତୁକ ଆଖି ମଳି ଚକିତ ସ୍ୱରରେ କହିଲା, “ଆଁ, ତୁମେ ମଧ ଜାଣିଚ ନା କଣ ?”

“ହଁ ।”

“ତେବେ ସେ ଚଟିଘର ମାଲିକ ସେ ତଡ଼ିଦେଲେ ।”

“ଏଠୁ ମଧ ତୁ ତଡ଼ାଖାଇ ଯିବୁ ।”

“ମୋତେ କୁଆଡ଼େ ଯିବାକୁ କହୁଚ ?

“ଯୁଆଡେ ଇଚ୍ଛା; ଖାଲି ଏଠି ନ ରହିଲେ ହେଲା ।”

ଆଗନ୍ତୁକ କରୁଣ ଭାବରେ ନିଜର ଯାଉଁଳିଟି କାନ୍ଧରେ ପକାଇ ତାଙ୍କ ଦୋକାନରୁ ବାହାରି ଦାଣ୍ଡକୁ ଗଲା । ଦାଣ୍ଡରେ ପଞ୍ଚାଏ ପିଲା ରୁଣ୍ଡ ହୋଇଥିଲେ । ସେମାନେ କୌତୁକ ଦେଖିବା ପାଇଁ ତା ଉପରକୁ ଟେକା ଫିଙ୍ଗିଲେ, ଛେପ ପକାଇଲେ, ଧୂଳି ଉଡ଼ାଇଲେ ଏବଂ ତାକୁ ନାନା ଅପଭ୍ରଂଶରେ ଗାଳି ଦେଲେ । ସେ ହାତରେ ଧରିଥିବା ଠେଙ୍ଗାରେ ସେମାନଙ୍କୁ ପିଟିବାକୁ ଗଲା । ତହୁଁ ପିଲାମାନେ ଚଢ଼େଇ ପଲ ପରି କିଏ କେଉଁଆଡ଼େ ଉଡ଼ି ପଳାଇଲେ ।

ଆଗନ୍ତୁକ ଏହିପରି ଭାବରେ ନାନା ସ୍ଥାନରେ ନିରାଶ ହୋଇ ଦାଣ୍ଡ ଧୂଳିରେ ଶୋଇପଡ଼ିଲା । ଭୋକରେ ତା ପେଟ ଜଳୁଛି, ଶୋଷରେ ତଣ୍ଟି ଶୁଖିଯାଉଛି । ମହାନବମୀ ଦିନର ଉତ୍ସବ ଘଣ୍ଟା ଗ୍ରାମ ତମାମ ବାଜୁଛି, କିନ୍ତୁ ସେ ହତଭାଗ୍ୟର ତହିଁରେ ଭାଗ ନାହିଁ । ସେ କେତେ କଣ ମନେ ପକାଇଲା । କିଏ ଆସୁଥିବ ବୋଲି କେତେ କେଉଁଆଡ଼େ ଚାହିଁଲା । ଶେଷରେ ଦେଖିଲା ଜଣେ ବୁଢ଼ୀ ଆସୁଛି ।

ବୁଢ଼ୀ ପଚାରିଲା, “ତୁ କିଏ ରେ, ବାପା, ଏଠି କଣ କରୁଚୁ ?”

"ମୁଁ କଣ କରୁଚ ! କଣ ଆଖି ନାହିଁ ଯେ ଦେଖିପାରୁନୁ, ମାଉସୀ, ସୁରୁଚୁ ? ଷ୍ଟେକରେ ପେଟ ବକଲରେ ଶୋଇବାକୁ ଯାଉଚ ।"

"ଷ୍ଟେକରେ ? କାହିଁକି ଚଟିଘରକୁ ଗଲୁନାହିଁ ?"

"ପଇସା କୋଉଠୁ ପାଇବ ? ପାଞ୍ଚଏ କଣ ମାଗଣା ଖାଇବାକୁ ଦେବେ ?"

"ଆଚ୍ଛା ! ଉପାସରେ ରହିବୁ । ମୋ ପାଖରେ ଯୋଡ଼ାଏ ପଇସା ଅଛି । ଥିରେ କଣ ପେଟପୂରି ଖାଇବାକୁ ମିଳିବ ?"

"ହେଲେ, ମାଉସୀ ହଅନ୍ତି ଯେବେ, କିଛି ହେଲେ ହୁଅନ୍ତା ।"

ବୁଢ଼ୀ କଣ୍ଢେଇରୁ କାଢ଼ି ପଇସା ଯୋଡ଼ାଏ ତା ହାତରେ ଦେଇ କହିଲା, ବାପ, ଏ ଦାଣ୍ଡ ଝାରେ ଶୁଅନା, ଆଜି ମହାଜନଅଁ ପର ଦନରେ ଉପାସ ରହନା । ମା ଘରେ ଆଜି ଚୂଲି ଲଗୁନାହିଁ । ଯା, ଟିଁାରେ ଡ଼ୁଣ୍ଡି ଷ୍ଟେଇଲେ, ଉତ୍ସବ ନରେ କଏ କଣ କଷ୍ଟସ୍ଥ ଦେବେ ।"

"ସବୁ ଦୁଆରେ ବୁଲି ଆସିଲିଣି ।"

"ତେବେ ?"

"ସମସ୍ତେ ନାହିଁ କରି ତଡ଼ିଦେଲେ !"

ବୁଢ଼ୀ ଦୀର୍ଘନିଃଶ୍ୱାସ ପକାଇ ତା ନିକଟକୁ ଆସି ମଠ ଆଡକୁ ଆଙ୍ଗୁଠି ଦେଖାଇ କହିଲା, "ବାପା ତୁ ସେଠାକୁ ଯାଇଥିଲୁ କି ।"

"ହଁ ।"

"ତେବେ ଯା । ସେଠୁ କେହି ନିରାଶ ହୋଇ ଫେରନ୍ତି ନାହିଁ ।"

—୩—

# ମଠର ଅତିଥି

ସେଦିନ ସନ୍ଧ୍ୟାରେ ସୁନ୍ଦରପୁର ମଠ ମହନ୍ତ ମହାରାଜ କୌଣସି ପଲ୍ଲୀଗ୍ରାମରୁ ଟିକିଏ ବିଳମ୍ବରେ ଫେରି, କେତେକ କାମ ବାକି ଥିବାରୁ ତାହା କରିବାକୁ ବସିଥିଲେ । ରାତି କେତେ ହେଲାଣି, ତାଙ୍କୁ ମାଲୁମ ନ ଥିଲା । ସେ ଏକଧ୍ୟାନରେ କାର୍ଯ୍ୟରେ ଲାଗିଲେ । ମାତା ବିଷ୍ଣୁପ୍ରିୟା ଆସି ଖାଇବା ଘର ସିନ୍ଦୁକ ମଧ୍ୟରୁ ଥାଳି କାଢ଼ି ନେବାରୁ ମହନ୍ତ ମହାରାଜ ବୁଝିଲେ ଯେ ପଙ୍ଗତ ବେଳ ହେଲାଣି । ବିଷ୍ଣୁପ୍ରିୟା ଥାଳି ନେଇ ଚାଲିଗଲା ପରେ ମଠରେ ଯେ ଘଟଣା ଘଟିଲା, ତାହା ଅନେକଙ୍କୁ ବହୁକାଳ ମନେ ରଖିବାକୁ ପଡ଼ିଲା । ଆଖପାଖ ସମୁଦାୟ ରାଜ୍ୟ ଖଣ୍ଡରେ ଅନେକ ଦିନ ସେ ବିଷୟ ନେଇ ତୁମୁଳ ଆଲୋଚନା ଚାଲିଲା ।

ମାତା ହରିପ୍ରିୟା ସେଦିନ ଅପରାହ୍ଣରେ ଭକ୍ତମାନଙ୍କ ଘରକୁ ଭିକ୍ଷା କରିବାକୁ ଯାଇ, ସୂର୍ଯ୍ୟାସ୍ତ ପରେ ମଠକୁ ଫେରିଥିଲେ । ସେ ଶୁଣି ଆସିଥିଲେ ଯେ କେହି ଜଣେ ଆଗନ୍ତୁକ ଆସିବା ଯୋଗେ ସୁନ୍ଦରପୁର ଗ୍ରାମଯାକ ସେ ଦିନ ଘୋର ଚହଳ ପଡ଼ିଛି । ସେ କଥା ସେ ବିଷ୍ଣୁପ୍ରିୟାଙ୍କୁ ଆସି କହିଥିଲେ । ଭୋଗ ତିଆରି ହେବାର ଜାଣି ମହନ୍ତ ମହାରାଜ ଯେତେବେଳେ ଭୋଜନଶାଳାକୁ ଆସିଲେ, ସେଠାରେ ଦେଖିଲେ ଯେ ହରିପ୍ରିୟା ଓ ବିଷ୍ଣୁପ୍ରିୟା ଦୁହେଁ ଠିଆ ହୋଇ ଗଳ୍ପ କରୁଛନ୍ତି । ଦାଣ୍ଡପାଖ ଦୁଆରେ ଭିତରୁ ଜାଣିଣି ନ ଥିବା ସେମାନଙ୍କର ଗଳ୍ପର ବିଷୟ । ମହନ୍ତ ମହାରାଜ ଅନ୍ୟ ମନସ୍କ ହୋଇ ସେଠାକୁ ଆସିଥିଲେ । ସିନ୍ଦୁକରୁ ଥାଳି କଢ଼ା ହେବାର ଜାଣିପାରିଲେ ସେ ଭୋଜନାଳୟରେ ଆସି ଉପସ୍ଥିତ ହୁଅନ୍ତି । ମାତାମାନେ ଅନ୍ନ ବାଢ଼ି କାଳେ ଅପେକ୍ଷା କରି ରହିଥିବେ, ସେଥିଲାଗି ସେ କାଳ ବିଳମ୍ବ ନକରି, ଅନ୍ୟାନ୍ୟ କାମ ଛାଡ଼ି, ଠା ପାଖେ ଆସି ଠିଆ ହୁଅନ୍ତି । ଆଜି ମଧ୍ୟ ସେହିପରି ଆସିଛନ୍ତି । ତାଙ୍କୁ ଦେଖି ମାତା ବିଷ୍ଣୁପ୍ରିୟା କହିଲେ, "ମହାତ୍ମା, ଶୁଣନ୍ତୁ, ଜାଣି କଣ କହୁଚନ୍ତି ।"

"କଣ ?"

"ଆଜି ଏ ଗାଁକୁ କିଏ ଗୋଟାଏ ଆସିଛି । ତାକୁ କିଏ ଅସୁର ବୋଲି କହୁଛି, କିଏ ବ୍ରହ୍ମରାକ୍ଷସ ବୋଲି ନାଁ ଦେଉଛି । ସେ ଏଠି ଦିନ ଅଛି ଆଉ ପହଞ୍ଚ

ରାତ ଦୁଇଘଣ୍ଟା ପର୍ଯ୍ୟନ୍ତ ଗଳି ଗଳି ହୋଇ ବୁଲିଲି । କେହି ତାକୁ ଟିକିଏ ମୁଣ୍ଡ ଗୁଞ୍ଜିବାକୁ ସ୍ଥାନ ଦେଲେନାହିଁ । ତାକୁ ଦେଖିଲେ ପ୍ରକୃତରେ ଡର ମାଡ଼ିବା କଥା ।”

ମହନ୍ତ ମହାରାଜ କହିଲେ, “ସତ ନା କଣ ?”

ମହନ୍ତ ମହାରାଜଙ୍କର ଏ କଥା ଶୁଣି ବସ୍ତ୍ରପ୍ରିୟା ମନେ କଲେ ଯେ ତାଙ୍କର ମଧ୍ୟ ମନରେ ଟିକିଏ ଭୟର ସଞ୍ଚାର ହୋଇଅଛି । ସୁତରାଂ ତାଙ୍କ ସାହସ ଟିକିଏ ବଢ଼ିଗଲା । ସେ କହିଲେ, “ଗାଁରେ ଏ ଭଳି ବିପଦର ଆଶଙ୍କା ଥାଉ ଥାଉ ରାତରେ ଦୁଆରଟା ମେଲା କରି ରହିବା କଣ ଠିକ୍ ହବ ? ମୁଁ କହୁଚି ଆଉ ନାନୀ ମଧ୍ୟ କହୁଚନ୍ତି—”

ବସ୍ତ୍ରପ୍ରିୟାଙ୍କ କଥା ଶେଷ ନ ହେଉଣୁ, ହରପ୍ରିୟା କହି ଉଠିଲେ, “ମୁଁ କିଛି କହୁନାହିଁ । ମହନ୍ତ ମହାରାଜ ଯାହା ଯାହା କରୁଛନ୍ତି ସବୁ ଠିକ୍ ବୋଲି ମୁଁ ଜାଣୁଚି ।”

ହରପ୍ରିୟାଙ୍କର ଏ କଥା ଶୁଣି ନ ଶୁଣିଲା ପରି ହୋଇ, ବସ୍ତ୍ରପ୍ରିୟା ପୁଣି କହିବାକୁ ଲାଗିଲେ, “ମହାତ୍ମା, ଆପଣ ଯେବେ ଅନୁମତି ଦେବେ, ମୁଁ ଏହିକ୍ଷଣି ଏ ଦୁଆରର ପଛଆଡ଼ୁ ଗୋଟିଏ କିଳଣି ଲଗେଇଦେବି । କିଳଣିର ସରଞ୍ଜାମ ସବୁ ମୋ ପାଖରେ ଧରା ଅଛି । ଖାଲି ବଢ଼େଇକୁ ଡାକି ଆଣିଲେ ହେଲା । ମୁଁ ଏଇ ଯାଇ ଡାକି ଆଣୁଚି । ଦଣ୍ଡକ ଭିତରେ ସବୁ ହୋଇଯିବ । ଦ୍ୱାରଟା ଏପରି ମେଲା ରଖିବା ଠିକ୍ ନୁହେଁ । କେଜାଣି ରାତ ଦ୍ୱିପହରେ କିଏ ଆସି ଘରେ ପଶିଯାଇ-ପାରେ ।”

ଦେଉଳଭିତରର ଦାଣ୍ଡପାଖ ଦୁଆର ସବୁଦିନ ପରି ମେଲା ହୋଇଥିଲା । ହଠାତ୍ ତାହା ଫିଟିବାର ଦେଖି ମହନ୍ତ ମହାରାଜ ସର୍ବଦା ଯେପରି କହନ୍ତି, ଆଜି ମଧ୍ୟ ସେହିପରି କହିଲେ, “ଆସ ବାବା” ।

ଦ୍ୱାରଟା ହଠାତ୍ ପୁରା ମେଲା ହୋଇଗଲା । ଜଣେ ଅପରିଚିତ ଲୋକ ଘର ମଧ୍ୟରେ ପ୍ରବେଶ କଲା । ତା କାନ୍ଧରେ ଗୋଟିଏ ଯାଉଁଳି ଓ ହାତରେ ଗୋଟାଏ ମୋଟା ବାଉଁଶ ଠେଙ୍ଗା । ଦୀପ ଆଲୋକ ତା ମୁହଁରେ ପଡ଼ି, ରୂପର ବିକଟତା ପ୍ରକାଶ କରିବାକୁ ଲାଗିଲା । ଦେଖି ବସ୍ତ୍ରପ୍ରିୟା ଅବାକ୍ ହୋଇ ରହିଲେ । ତାଙ୍କ ହାତ ଗୋଡ଼ ଥରିବାକୁ ଲାଗିଲା । ହରପ୍ରିୟା ତାଙ୍କଠାରୁ ଅଧିକ ସାହସୀ ହୋଇ ସୁଦ୍ଧା, ଭୟରେ ଅସ୍ଥିର ହୋଇ ଉଠିଲେ । ମହନ୍ତ ମହାରାଜ ଆଦୌ ବିଚଳିତ ନ ହୋଇ ସେ ଲୋକର କଣ ଦରକାର, ପଚାରିବା ନିମନ୍ତେ ମୁହଁ ଫିଟାଇଲେ;

କିନ୍ତୁ ସେ କିଛି ପଚାରିବା ପୂର୍ବରୁ ଆଗନ୍ତୁକ ଉଚ୍ଚସ୍ୱରରେ କହିବାକୁ ଲାଗିଲା, "ମୋ ନାଁ ପାଣ୍ଡୁ ନାଏକ । ମୁଁ ଜେଲଖାନାରୁ ଏବେ ଖଲାସ ହୋଇ ଆସିଛି । ମୁଁ ଊଣିଶ ବର୍ଷକାଳ କଏଦ ଘରେ ଥିଲି । ଚାରିଦିନକାଳ ମୁଁ ଖାଲି ବାଟଚାଲି ଚାଲିଛି । ଆଜି ସକାଳୁ ବାରକୋଶ ଚାଲିଛି । ଏ ଗାଁକୁ ଆସି ଗୋଟାଏ ଚଟିଘରକୁ ଗଲି । ଚଟିଘର ମାଲିକ ମତେ ରଖିଲା ନାହିଁ । ମୁଁ ସି କ୍ଲାସ ବାଗୀ କି ନା । ମୋତେ ହୁକୁମ ହୋଇଛି ଯେ ମୁଁ ଯେଉଁଠାକୁ ଯିବି ଥାନାରେ ଆସି ହାଜର ଦେବି । ଏ ଗାଁ ଥାନାରେ ଆସି ହାଜର ଦେଲି । ମୋ କଥା ଜାଣିପାରିବାରୁ ମୋତେ କେହି ଥାନ ଦେଲେ ନାହିଁ । ତାଡ଼ି ଦୋକାନ ପରି ନିକୃଷ୍ଟ ଜାଗାରେ ମଧ୍ୟ ମୋତେ ପାଣି ଟୋପାଏ ମିଳିଲା ନାହିଁ । ଈଶ୍ୱର ମୋ ପ୍ରତି ବଡ଼ ନିର୍ଦ୍ଦୟ ହୋଇଛନ୍ତି । ଆକାଶରେ ଜହ୍ନ ପଡ଼ିଛି । ମାତ୍ର ମୋତେ ସବୁ ଅନ୍ଧାର ଦିଶୁଛି । ଭୋକରେ ମୋ ପେଟ ଜଳୁଛି । ଶୋଷରେ ହଂସା ଉଡ଼ୁଛି । ମୁଁ ଦାଣ୍ଡରେ ଶୋଇପଡ଼ିବାକୁ ଯାଉଥିଲି । ଜଣେ ବୁଢ଼ୀ ଆସି ମୋତେ କହିଲା, 'ସୁଅ ସେ ଘରକୁ ଯା' । ସେଇଥିପାଇଁ ମୁଁ ଆସିଲି । ଏଟା କି ଘର ? ମୋ ପାଖରେ ପଚାଶ ଟଙ୍କା ସାତ ଅଣା ଅଛି । କଏଦଖାନାରେ କାମ କରି ମୁଁ ଏ ଟଙ୍କା ରୋଜଗାର କରିଛି । ତୁମେ ମୋତେ ଖାଇବାକୁ ଦିଅ । ପେଟ ପୂରେଇ ମୁଠାଏ ଭଲ କରି ଦେଲେ, ମୁଁ ପଚାଶ ଟଙ୍କା ରଖି, ବନ୍ତକ ପାଇଁ ବାକି ସାତ ଅଣାଯାକ ତୁମକୁ ଦେଇ ପକେଇବି । ଭୋକରେ ମୁଁ ମଲି ।"

ବିଷ୍ଣୁପ୍ରିୟା ସେତେବେଳକୁ ମହନ୍ତଙ୍କ ଭୋଜନାଳୟ ଭିତରୁ ବାହାରି ଚାଲିଯାଇଥିଲେ । ସୁତରାଂ ମହନ୍ତ ତାଙ୍କୁ ପାଟି କରି ଡାକି କହିଲେ, "ଯାଜ ମାଆ, ଦୁଇ ଥାଳ ପ୍ରସାଦ ଆଣିମ ।"

ମହନ୍ତ ମହାରାଜଙ୍କ କଥା ଶୁଣି ପାଣ୍ଡୁ ନାୟକ ମନରେ ସାହସ ବାନ୍ଧିଲା । ସୁତରାଂ ସେ ତାଙ୍କଆଡ଼କୁ ଅଗ୍ରସର ହୋଇ ପୁଣି କହିବାକୁ ଲାଗିଲା, "ଖାଇବାକୁ ତ ଦବ । ମୁଁ କହିଲି, ଶୁଣିଲଟିକି ଯେ ମୁଁ ଜେଲଖାନାରେ ଥିଲି, ମୁଁ ଜଣେ କଏଦି । ଆଉ, ଚାରିଦିନ ହେଲା କଏଦଖାନାରୁ ଫିଟିଆସିଛି ।" ଏହା କହି ସେ ନିଜ ଯାଉଳି ଭିତରୁ ଖଣ୍ଡିଏ ଛୋଟିଆ କାଠର ପଟା ବାହାର କଲା । ସେଥିରେ ପାର୍ସୀ ଅକ୍ଷରରେ କଣଗୁଡ଼ାଏ ଲେଖାଥିଲା । ସେ ସମୟରେ ଦେଶର ସରକାରୀ ଖାତାପତ୍ରରେ ପାର୍ସୀ ଅକ୍ଷର ଚଳୁଥିଲା । କିନ୍ତୁ ଧର୍ମ ଅନୁଷ୍ଠାନ ଓ ହିନ୍ଦୁ ଦେବାଳୟମାନଙ୍କରେ ପାର୍ସୀର ପ୍ରଚଳନ ସ୍ଥାନ ପାଇପାରି ନ ଥିଲା । ସୁତରାଂ, ମହନ୍ତ ମହାରାଜ ପ୍ରସିଦ୍ଧ ପଣ୍ଡିତ ହୋଇ ସୁଦ୍ଧା, ପାର୍ସୀ ପଢ଼ି ପାରୁ ନ ଥିଲେ । ପାଣ୍ଡୁ ନାଏକ ନିଜେ ସେ ପଟା ପଢ଼ିବାକୁ ଯାଇ ପ୍ରଥମେ କହିଲା, "ମୁଁ କଏଦଖାନାରେ ଅକ୍ଷର ଲେଖି ପଢ଼ି ଶିଖିଛି ।" ତା ପରେ ସେ ପଟା ଧରି ପଢ଼ିଲା, "ପାଣ୍ଡୁ ନାଏକ, ଘର ଦାଣ୍ଡି ମାଳ,

ଜେଲ୍ ମେଣ୍ଟାଶାଲ । କଏଦଖାନାରୁ ଖଲାସ ହେଉଚ । ସେ ଉଣିଶ ବର୍ଷକାଳ କଏଦରେ ଥିଲା, ପାଞ୍ଚ ବର୍ଷ ଘରେ ପଶି ଚୋରି କରିବା ଅପରାଧରେ, ବାକି ଚଉଦ ବର୍ଷ କଏଦଖାନାରୁ ବାରମ୍ବାର ଲୁଚି ପଳାଇବାକୁ ଚେଷ୍ଟା କରିବା ଜମଲେ । ଲୋକଟା ବଡ଼ ମାରାତ୍ମକ ।" ପଟା ପଢ଼ି ସାରି, ପାଣ୍ଡୁ ନାଏକ ଟିକିଏ ରହି, ତା ପରେ କହିଲା, "ଶୁଣିଲ ତ ମୁଁ କିପରି ଲୋକ ? ଦୁନିଆସାକ ମତେ ଘରେ ଥାନ ଦେଇ ନାହାନ୍ତି । ଏଟା କଣ ଚଟି ଘର ? ତୁମେ ମତେ ମୁଠାଏ ଭାତ ଆଉ ଶୋଇବାକୁ ଟିକିଏ ଜାଗା ଦେଇପାରିବ ? ତୁମର ଗୁହାଳ କି ମେଲା ପଦାଡ଼ ଅଛି ?"

ଏ ସବୁ ପ୍ରଶ୍ନର କୌଣସି ଉତ୍ତର ନ ଦେଇ, ମହନ୍ତ ମହାରାଜ ବିଷ୍ଣୁପ୍ରିୟାଙ୍କୁ ଡାକି କହିଲେ, "ଦେଖ ମାଆ ! ଠାକୁରଘର ଖଟରେ ଖଣ୍ଡିଏ ସଫା ଚଦର ପକେଇବ ।"

"ବସ । ଏଇ ପ୍ରସାଦ ଆସିଲେଇ ଆମେ ଖାଇ ବସିବା । ଖାଇ ସାରିଲେ ତ ଆପଣ ଶୋଇ ପଡ଼ିବେ । ଖୁବ ହାଲିଆ ହୋଇଚନ୍ତି, ନା ?"

ଏପର୍ଯ୍ୟନ୍ତ ପାଣ୍ଡୁ ନାଏକ ନିଜର ଆହାର ଓ ଶୟନ ବିଷୟରେ ବଡ଼ ସନ୍ଦେହାକୁଳ ହୋଇ ରହିଥିଲା । ମହନ୍ତଙ୍କଠାରୁ ଏ କଥା ଶୁଣି ସେ ବୁଝିପାରିଲା ଯେ ତାକୁ ସେଠାରେ ସେ ରାତିରେ ଆଶ୍ରୟ ମିଳିବା ପ୍ରାୟ ସୁନିଶ୍ଚିତ । ତହିଁ ସେ ଖୁସି ହେଲା । ଆନନ୍ଦରେ ସେ ପାଗଳଙ୍କ ପରି ଏଣୁ ତେଣୁ ପ୍ରଳାପ କରି କହିଲା, "ଏ କଣ ସତ ? ମୋତେ ଏଠାରେ ରହିବାକୁ ଜାଗା ମିଳିବ ? ହଁ ଈଶ୍ୱର ତୁମକୁ ବଡ଼ଲୋକ କରିଚନ୍ତି । ତୁମେ ମତେ 'ତୁ ତା' କରୁନାହଁ, ଆପଣ ବୋଲି ଡାକୁଚ । 'ଆସନ୍ତୁ, ଆସନ୍ତୁ' ବୋଲି କହୁଚ । ଆପଣ ନିଶ୍ଚୟ ଜଣେ ମହତ୍ ଲୋକ । ମୁଁ କଏଦଖାନାରେ ରହି ପଦେପଦେକେ ଶଳା, ବଦମାସ, ପାଜି, ସଏତାନ୍ ଶୁଣିଚି । ମାଡ଼ରେ ମୋ ପିଠିର ମେରୁହାଡ଼ ଭାଙ୍ଗି ଯାଇଚି । ମୁଁ କିପରି ବିଶ୍ୱାସ କରିବି ଯେ ଆପଣ ମୋତେ ଏଠି ଜାଗା ଦେବେ ? ତେଣୁ ମୁଁ ମୋର ସବୁ କଥା ଫେଡ଼ି କହିଲି । ଆହା ! ଧନ୍ୟ ସେ ବୁଢ଼ୀ, ଯେ ମୋତେ ଏଠାକୁ ଆସିବାକୁ କହିଦେଲା । ମୁଁ ଏଠି ଆଜିରେ [illegible], ଖଟରେ ଚଦର ପକେଇ ଶୋଇବି; ଉଣିଶ ବର୍ଷ କାଳ ଯାହାକି ଥରେ କପାଳରେ ଘଟିନାହିଁ । ମୋ ପାଖେ ଟଙ୍କା ଅଛି; ଯାହା କହିବ, ଦେବି । ଆଚ୍ଛା, ଆପଣଙ୍କ ନାମ କଣ କହିଲ । ଏଟା ଆପଣଙ୍କ ଚଟିଘର ନା କଣ ?

"ନା, ଗୋଟାଏ ମଠ । ମୁଁ ଜଣେ ବାବାଜୀ ।"

"ଓଃ, ବାବାଜି ! ତେବେ ତ ଆପଣ ଖୁବ୍ ଭଲ ଲୋକ ହେବ । ମତେ ତେବେ ଖାଇବାକୁ ପଇସା ଦବାକୁ ପଡ଼ିବ ନାହିଁ ।" କହି, ପାଣ୍ଡୁ ନାଏକ ତୁଣ୍ଡଲାଟି ଖୋଲି ବସି ପଡ଼ିଲା । ସେ ପୁଣି କହିଲା, "ଆପଣ ବାବାଜୀ ଲୋକ । ଦୁନିଆ ଗୁଡ଼ା ଧର୍ମ କରୁଚ । ମୋଠୁ ପଇସା ନବ ନାହିଁ ? ଠିକ କହ ଦେଖି ।"

"ନା, ଆପଣଙ୍କ ପଇସା ଆପଣ ରଖନ୍ତୁ । କେତେ ଦିନରେ ଏତିକ ରୋଜଗାର କରିଥିଲେ ?"

"ଊଣିଶ ବର୍ଷରେ ।"

"ଊଣିଶ ବର୍ଷ !" ମହନ୍ତ ଏକ ଦୀର୍ଘନିଃଶ୍ୱାସ ପକାଇଲେ ।

ପାଣ୍ଡୁ ନାଏକ ପୁଣି କହି ଲାଗିଲା, "ପଇସା ଅର୍ଜିବା କଣ ସହଜ କଥା ? ସକାଳୁ ସଞ୍ଜଯାଏ ହାଡ଼ଭଙ୍ଗା ମେହେନତ କରିଥିଲି ବୋଲି ଏତିକ ସାଙ୍ଗରେ ଆଣିଛି । ଆପଣ ବାବାଜୀ ଲୋକ, ତୁମର କି ପରବାସ୍ତ । ଆମ କଏଦଖାନାକୁ ଥରେ ଜଣେ ବାବାଜୀ ଯାଇଥିଲେ । କଏଦମାନେ ସମସ୍ତେ ତାଙ୍କ ପାଖେ ଯାଇ ରୁଣ୍ଡ ହେଲୁଁ । ସେ କଣ ଭଲ କଥା ସବୁ କହିଲେ । ମୁଁ ପଛରେ ପଡ଼ିଗଲି, କିଛି ଶୁଣି ପାରିଲିନାହିଁ ।"

ବିଷ୍ଣୁପ୍ରିୟା ଦୁଇଗୋଟି ଥାଳରେ ପ୍ରସାଦ ନେଇଆସି ପହଞ୍ଚିଲେ । ମହନ୍ତ ମହାରାଜ ପ୍ରଥମେ ପାଣ୍ଡୁ ନାଏକକୁ ଠା'ରେ ବସିବାକୁ କହି, ପରେ ନିଜେ ବସିଲେ । ଖାଇବା ସ୍ଥାନରେ ଭଲ ଆଲୁଅ ନୋହିବାରୁ ମହନ୍ତ ମହାରାଜ ତାଙ୍କ ରୁପା ଲୁଣାଟି ଆଣି ଦୀପ ଜାଳିବାକୁ ବରାଦ କଲେ । ଲୁଣାଟି ଗୋଟିଏ ଛୋଟିଆ ସିନ୍ଦୁକ ମଧ୍ୟରେ ମହନ୍ତଙ୍କ ଶୟନକକ୍ଷ ପିଣ୍ଡି ପାଖେ ଥୁଆ ହୋଇଥିଲା । ବିଷ୍ଣୁପ୍ରିୟା ସିନ୍ଦୁକ ଫିଟାଇ, ଲୁଣା ଆଣି ପାଣ୍ଡୁ ନାଏକ ପାଖେ ଖାଇବା ସ୍ଥାନରେ ରଖି ଦୀପ ଜାଳିଲେ । ପାଣ୍ଡୁ ନାଏକ ଖାଇ ଖାଇ ଖୁବ୍ ଖୁସି ହୋଇ କହିଲା, "ବାବାଜୀ ଆପଣେ, ତୁମେ ମୋ ପାଇଁ କେତେ ଯତ୍ନ କରୁଚ । ତୁମେ କଣ ମୋତେ ଚିହ୍ନିଚ; ନା ମୁଁ ତୁମର ଆପଣାର କେହି ?"

ମହନ୍ତ ଉତ୍ତରରେ କହିଲେ, "ଏଠାକୁ ଯେ ଆସନ୍ତି, ମୁଁ ତାଙ୍କ ନାମ ଧାମ ଖୋଜ ଏଠି ରଖେନାହିଁ । ଯାହାର କିଛି ଦୁଃଖ କଷ୍ଟ ଥାଏ, ସେ ଏ ଦ୍ୱାର ଫିଟାଇ ଭିତରକୁ ଆସେ । ଆପଣ ଆଜ ଅଭାବରେ ପଡ଼ିଚନ୍ତି । ତେଣୁ ଏଠାକୁ ଆସିଚନ୍ତି । ଏ ସବୁ ଆପଣଙ୍କର । ଆପଣଙ୍କ ନାମ ଧାମ ଜାଣି ମୋର କି ଲାଭ ? ତା ପରେ ପୁଣି, ଆପଣ ତ ନିଜ ପରିଚୟ ମତେ କହିଲେ । ପ୍ରଭୁ ଆପଣଙ୍କର ମଙ୍ଗଳ କରନ୍ତୁ ।"

"ବାବାଜୀ ଆପଣେ ! ଆପଣ ବଡ଼ ଦୟାବନ୍ତ ଲୋକ । ମୋତେ ବଡ଼ କଷ୍ଟ ହେଉଥିଲା । ଭୋକରେ ପେଟ ଜଳିଯାଉଥିଲା । ଶୋଷରେ ଜିଭ ପେଟ ଭିତରକୁ ଘୁଞ୍ଚିଯାଉଥିଲା । ମୋତେ ବଞ୍ଚାଇ ଦେଲ, ମୋ ପ୍ରାଣ ରଖିଲ । ମୁଁ ଆପଣଙ୍କ ପୁଅ ହେଲି । ଆପଣ ମୋ ବାପ ।"

ମହନ୍ତ ମହାରାଜ ତାଙ୍କର ସେ ସନ୍ଧ୍ୟାର ଅତିଥି ଆଡ଼କୁ ଟିକିଏ ଚାହିଁଲେ, ଗୋଟାଏ ଦୀର୍ଘନିଃଶ୍ୱାସ ପକାଇଲେ ଏବଂ ପରେ କୋମଳ ବଚନରେ କହିଲେ, "ଦେଖୁଛି ଆଜ ଆପଣ ବଡ଼ କଷ୍ଟ ପାଇଚନ୍ତି ।"

-୪-

# ଢିଙ୍କି ସ୍ୱର୍ଗକୁ ଯାଇ ଧାନ କୁଟିଲା

ମହନ୍ତ ମହାରାଜ ଓ ପାଣ୍ଡୁ ନାଏକ ଏକାଠି ଖାଇବାବେଳେ ପାଣ୍ଡୁ ନାଏକ ପାଟିରୁ ବିଶେଷ କିଛି କଥା ବାହାରୁନାହିଁ । ସେ ଏକ ଧ୍ୟାନରେ ଗୁଣ୍ଡାକ ପରେ ଗୁଣ୍ଡାଏ ଗିଳିବାରେ ଲାଗିଲା । ଖାଇସାରି ସେ ଗୋଟାଏ ପ୍ରକାଣ୍ଡ ହାକୁଟି ମାରି କହିଲା, "ମୁଁ କାଲି ବଡ଼ିସକାଳୁ ସୂର୍ଯ୍ୟ ଉଦୟ ନ ହେଉଣୁ ଉଠି ଚାଲିଯିବି ।"

"ଆଚ୍ଛା, ବର୍ତ୍ତମାନ ଶୁଅନ୍ତୁ ତ । କାଲି କଥା ଫେରେ ବୁଝା ଅଛି"—ମହନ୍ତ ମହାରାଜ ପାଣ୍ଡୁ ନାଏକକୁ ତାର ଶୋଇବା ସ୍ଥାନକୁ ଦେଖାଇଲେ । ମହନ୍ତ ମହାରାଜାଙ୍କ ଶୟନକକ୍ଷବାଟେ ଗଲାବେଳେ ସେ ଦେଖିଲା ସେ ସେଠାରେ ବସ୍ତ୍ର ଗ୍ରିସ୍ତା ସିନ୍ଦୁକ ଭିତରେ ରୂପା ରୁଖାଣ୍ଟି ରଖୁଛନ୍ତି । ସେଥିରେ ଆଖି ଗଡ଼ାଇ ପାଣ୍ଡୁ ନାଏକ ଚାଲିଗଲା । ମହନ୍ତ ମହାରାଜ ତାକୁ ଶୋଇବାକୁ ଅନୁରୋଧ କରି କହିଲେ, "ନିଶ୍ଚିନ୍ତରେ ଶୁଅନ୍ତୁ ଆପଣ । କାଲି ସକାଳେ ଉଠି, ମୁହଁ ହାତ ଧୋଇ କିଛି ପ୍ରସାଦ ପାଇ ଚାଲିଯିବେ ।"

କହି, ମହନ୍ତ ମହାରାଜ ଫେରିବାକୁ ମୁହଁ ବୁଲାଇଲେ । ମାତ୍ର ସେତେବେଳେ ହଠାତ୍ ସେ ଗୋଟାଏ ଘଟଣା ଘଟିଲା, ଯହିଁରେ ଖୁବ୍ ଧୈର୍ଯ୍ୟଶାଳୀ ଲୋକର ମଧ୍ୟ ଧୈର୍ଯ୍ୟ ଚ୍ୟୁତ ହେବାର କଥା । ମାତା ବସ୍ତ୍ର ଗ୍ରିସ୍ତା ସେଠାରେ ଥିଲେ, ହୁଏତ ତାଙ୍କର ଚେତା ବୁଡ଼ିଯାଇଥାନ୍ତା । ପାଣ୍ଡୁ ନାଏକ ମହନ୍ତ ମହାରାଜଙ୍କୁ ଡାକି କହିଲା, "ବାବାଜୀ, ତୁମେ ଏ ପାଖ ଘରେ ଶୋଇବ ନା ? ଆଚ୍ଛା; ମୁଁ ରାତିରେ ଖୁଣ୍ଟ୍ କରିବ ନାହିଁ ବୋଲି କମିତି ଜାଣିଲ ଯେ ମୋତେ ତୁମ ପାଖରେ ଶୋଇବାକୁ ଦେଉନ ?"

"ସେଥିରେ ମୋର କଣ ଅଛି ?"—କହି, ମହନ୍ତ ମହାରାଜ ପାଣ୍ଡୁ ନାଏକକୁ ଆଶୀର୍ବାଦ କଲେ । ତହୁଁ ସେ ସେ କୋଠରୀ ଛାଡ଼ି, ବଗିଚା ଭିତରେ ବୁଲିବାକୁ ଗଲେ । ପାଣ୍ଡୁ ନାଏକ ଶୋଇପଡ଼ିଲା । ମହନ୍ତ ମହାରାଜ ଅନ୍ୟାନ୍ୟ ଦିନ ଅପେକ୍ଷା ସେଦିନ ରାତିରେ ବେଶି ସମୟ ବଗିଚାରେ ବୁଲି ହରିନାମ ସ୍ମରଣ କଲେ । ସେ ଫେରିବାବେଳେ ଦେଖିଲେ ପାଣ୍ଡୁ ନାଏକ ଗାଢ଼ ନିଦରେ ଶୋଇ ଘୁଙ୍ଗୁଡ଼ି ମାରୁଛି । ସେ କ୍ଳାନ୍ତ ହୋଇଥିଲେ; ଆଉ ବିଳମ୍ବ ନ କରି ଶୋଇପଡ଼ିଲେ ।

ରାତି ଅଧରେ ଘରଆଡ଼େ ଯେତେବେଳେ ନିଃଶବ୍ଦ ହେଲା ଏବଂ ନିଶା ଘନ ଥିଲା, ସେତେବେଳେ ପାଣ୍ଡୁ ନାଏକ ନିଦରୁ ଉଠିଲା । ସେ ଜାତରେ ଶୁଦ୍ର । ଅର୍ଥାଭାବରୁ ତା ପୂର୍ବପୁରୁଷମାନେ ବହୁକାଳରୁ କରଣ ହେବାର ପ୍ରୟାସ ଏକାବେଳକେ ଛାଡ଼ି, ସେହି ଶୁଦ୍ର ହୋଇ ପଡ଼ି ରହିଥିଲେ । ତାର ବୁଦ୍ଧି ବୃତ୍ତି ସେପରି ପ୍ରଖର ନ ଥିଲା । ତା ପିଲା ଦିନୁଁ ବାପ ମା ଦୁହେଁ ମରିଯାଇଥିଲେ । ସୁତରାଂ ପାଣ୍ଡୁ ନାଏକଙ୍କୁ ତା ବଡ଼ ଭେଣୋଇ ଘରେ କାଳକାଟିବାକୁ ହୋଇଥିଲା । ଭେଣୋଇ ରୋଜଗାର କରି ନିଜର ସାତ ଗୋଟି ପୁଅ ଝିଅଙ୍କୁ ଯେପରି ପୋଷୁ ଥିଲେ, ସେମାନଙ୍କ ସହିତ ପାଣ୍ଡୁକୁ ମଧ୍ୟ ଖୁଆଇ ପିଆଇ ରଖୁଥିଲେ । ପାଣ୍ଡୁର ପଚିଶ ବର୍ଷ ବୟସରେ ଭେଣୋଇଙ୍କର ମୃତ୍ୟୁ ହେଲା । ସେତେବେଳେ ତାଙ୍କ ବଡ଼ ପୁଅର ବୟସ ଆଠ ବର୍ଷ ଏବଂ ସବୁଠାରୁ ସାନ ପୁଅର ବୟସ ବର୍ଷେ ମାତ୍ର । ଭଉଣୀ ଏବଂ ତାର ସାତ ଗୋଟି ପିଲାଙ୍କ ଭରଣ ପୋଷଣ ଭାର ପାଣ୍ଡୁ ଉପରେ ପଡ଼ିଲା । ପାଣ୍ଡୁ ଦିନଯାକ କଠିନ ପରିଶ୍ରମ କରି ଯାହା ରୋଜଗାର କରେ, ସେଥିରେ ସମସ୍ତଙ୍କର ଖାଇବା ପିଇବା ଖର୍ଚ୍ଚ କୌଣସି ପ୍ରକାର ଚଳିଯାଏ ମାତ୍ର । ପିଲାମାନେ ଦୁଃଖ କଷ୍ଟ ପାଇଲେ, ସେଥିରେ ପାଣ୍ଡୁର ମନରେ ଦୁଃଖ ହୁଏ ନାହିଁ । ତା ହୃଦୟରେ ପ୍ରକୃତ ମାୟା ମମତା ପାଇଁ ସ୍ଥାନ ଛାଡ଼ି ନ ଥିଲା, କହିଲେ ଚଳେ ।

ସେ ସମୟରେ ଆନନ୍ଦ ସାହୁ ଲୁଡୁଆର ମିଠାଇ ଦୋକାନ ପ୍ରସିଦ୍ଧ ହୋଇପଡ଼ିଥିଲା । ଦିନେ ରାତିରେ ଦୋକାନ ଦ୍ୱାର ବନ୍ଦ ଥିବାବେଳେ, ହଠାତ୍ ପଞ୍ଜରା ବାଟେ ଭିତରକୁ ଗୋଟାଏ ହାତ ପଶିଲା ଦେଖି ଆନନ୍ଦ ସାହୁର ଭୟ ହେଲା । ସେ "କିଏ କିଏ" ବୋଲି ପାଟି କଲା । ସେତେବେଳେ ହାତଟା ଗୋଟାଏ ମିଠାଇ ଧରି ପଞ୍ଜରାବାଟେ ପୁଣି ବାହାରିପଡ଼ିଲା, କିନ୍ତୁ ହାତ ପଞ୍ଜରା କାଠିରେ ବାଜି ଚମ ଛିଡ଼ିଗଲା । ସେଥିରୁ ରକ୍ତ ବୋହିଲା । ଆନନ୍ଦ ସାହୁ ଦ୍ୱାର ଫିଟାଇ ଦେଖିଲା ଯେ ଗୋଟାଏ ଲୋକ ହାତରେ ମିଠାଇ ଧରି ପଳାଉଛି । ସେ ଗୋଡ଼ାଇବାରୁ ଲୋକଟା ମିଠାଇ ପକାଇ ଦେଇ ଧାଇଁବାରେ ଲାଗିଲା । ମାତ୍ର ସେ ଧାଇଁ ପଳାଇପାରିଲା ନାହିଁ, ଧରା ହେଲା । ବିଚାରରେ ତାର ପାଞ୍ଚବର୍ଷ ଜେଲ ଦଣ୍ଡ ହେଲା । ସେହି ଅପରାଧୀ, ପାଣ୍ଡୁ ନାଏକ ।

ପାଣ୍ଡୁ ନାଏକ କଟକ ଜେଲଖାନାରେ ରହିଲା । ଜେଲଖାନାରେ ତାର ନାମର ଚିହ୍ନ ରହିଲାନାହିଁ । ସେ ତାର ସଂଖ୍ୟା ଦ୍ୱାରା ପରିଚିତ ହେଲା । ତାର ସଂଖ୍ୟା ଥିଲା—୨୧୭ । ଚାରିବର୍ଷ ଜେଲଖାନାରେ ରହିବା ପରେ, ସେ ଦିନେ ଲୁଚି ପଳାଇଯାଇ, ଦୁଇଦିନ ନିମନ୍ତେ ବାହାରେ ସ୍ୱାଧୀନ ଭାବରେ ବୁଲିବାକୁ ଲାଗିଲା । ଦ୍ୱିତୀୟ ଦିନ ସନ୍ଧ୍ୟାବେଳେ ଜେଲଖାନାର କର୍ମଚାରୀମାନେ ତାକୁ ଧରିଲେ । ସେଥିରେ ତାର ପୁଣି ତିନି ବର୍ଷ ଜେଲଦଣ୍ଡ ହେଲା । ଷଷ୍ଠ ବର୍ଷରେ ସେ ଆଉଥରେ

ପଳାଇବାକୁ ଚେଷ୍ଟା କଲା । ସେ ଚେଷ୍ଟା ଫଳରେ ସେ ଯାଇ ତ ପାରିଲାନାହିଁ; ବରଂ ଆହୁରି ପାଞ୍ଚବର୍ଷ ଜେଲଦଣ୍ଡ ପାଇଲା । ଜେଲରେ ରହିବାର ଦଶମ ବର୍ଷରେ ସେ ସ୍ୱାଧୀନତା ପାଇବାକୁ ଆଉ ଥରେ ଚେଷ୍ଟା କଲା । ସେଥିପାଇଁ ତାର ଆଉ ତିନିବର୍ଷ ଜେଲଦଣ୍ଡ ହେଲା । ତେର ବର୍ଷ କାଳ ଜେଲଖାନାରେ କଟାଇ ସେ ଆଉ ସେଠାରେ ରହିପାରିଲାନାହିଁ, ବାହାରି ପଳାଇବାକୁ ବସିଲା । ମାତ୍ର ଧରାପଡ଼ି ପୁଣି ତିନି ବର୍ଷ ଜେଲଦଣ୍ଡରେ ଭୋଗୀ ହେଲା । ଏହିପରି ଦଣ୍ଡ ପରେ ଦଣ୍ଡ ମିଶି ତାର ଊଣିଶ ବର୍ଷ-କାଳ ଜେଲଖାନାରେ କଟିଲା । ଊଣିଶ ବର୍ଷ ପରେ ସେ ମୁକ୍ତି ଲାଭ କଲା । ସେ ପ୍ରଥମେ ଜେଲଖାନାକୁ ଗଲାବେଳେ କାନ୍ଦି କାନ୍ଦି ନିତାନ୍ତ ଅନିଚ୍ଛାସତ୍ତ୍ୱେ ଯାଇଥିଲା । କିନ୍ତୁ ଜେଲଖାନାରୁ ବାହାରିଲାବେଳେ ତାର ଇଚ୍ଛା ଅନିଚ୍ଛା ନାହିଁ; ତା ନିକଟରେ ହସ କାନ୍ଦର ପ୍ରଭେଦ ଅତି ଅଳ୍ପ ।

ପାଣ୍ଡୁ ନାଏକ ଦେହରେ ଭାରି ବଳ ଥିଲା । ସେ ଏକାରେ ଚାରି ଜଣଙ୍କର କାମ କରିପାରେ । ଯେଉଁ ତେଲଘଣା ତିନି ଜଣ କଏଦି ଏକାଠି ମିଶି ବୁଲାଇ-ପାରନ୍ତିନାହିଁ, ପାଣ୍ଡୁ ନାଏକ ଏକାରେ ତାହା ଚଳାଏ । ସେଥିପାଇଁ ତାକୁ ଜେଲଖାନାର କଏଦିମାନେ 'ଭୀମ' ନାମ ଦେଇଥିଲେ । ଜେଲଖାନା ଭିତରେ ଦଶ ପାଞ୍ଚ ଜଣ ମିଶି ଯେ କାମ କରିପାରନ୍ତିନାହିଁ, ସେ କାମ ହଟାଇବା ନିମନ୍ତେ ସମସ୍ତେ କହନ୍ତି, "ଭୀମ ଭାଇକି ଡାକ ।" ଦେହରେ ବଳ ଛଡ଼ା ତାର ହାତ କୌଶଳ ମଧ୍ୟ ଥିଲା । ଭଟକୋଣରେ, ପାଚେରିର କଣମାନଙ୍କରେ ଗୋଡ଼ ଓ ହାତର ଟିପ ଉପରେ ଭରା ଦେଇ ଉପରକୁ ଉଠିବା କୌଶଳଟା ତାକୁ ଖୁବ୍ ଜଣାଥିଲା । ସେ ବେଶି କଥା କହେ ନାହିଁ । ଜେଲଖାନାରେ ଥିବାବେଳେ ଊଣିଶ ବର୍ଷ ମଧ୍ୟରେ ସେ କେବେ ହସିବାର କେହି ଦେଖିନାହାନ୍ତି । ସେ ବସି ବସି ବରାବର କଣ ଭାବୁଥାଏ । ତାକୁ ଏକା ଦେଖିଲେ ଅନ୍ୟାନ୍ୟ କଏଦିମାନଙ୍କୁ ଭୟ ଲାଗେ । ଥରେ ଗୋଟାଏ କଏଦି ଟୋକା ଏକା ତା ହାବୁଡ଼ରେ ପଡ଼ି ଭୟରେ ଝାଡ଼ା ଫେରି ପକାଇଥିଲା !

ଊଣିଶ ବର୍ଷକାଳ ଜେଲଖାନାରେ ରହି ସେ ସରକାରୀ ଆଇନ ଓ ଅଦାଲତକୁ ଖୁବ୍ ଘୃଣା କରିବାକୁ ଶିଖିଥିଲା । କେବଳ ସେତିକି ନୁହେଁ; ମନୁଷ୍ୟ ଜାତି ପ୍ରତି ମଧ୍ୟ ତା ମନରେ ଘୃଣା ଜନ୍ମିଥିଲା । ଜେଲଖାନାର କର୍ତ୍ତୃପକ୍ଷମାନେ ତାର ଏ ଆନ୍ତରିକ ଭାବର ପରିଚୟ ହୁଏତ ପାଇଥିଲେ । ସେଥିପାଇଁ ସେମାନେ ତାକୁ ଜେଲଖାନାରୁ ମୁକ୍ତି ଦେଲାବେଳେ ତା 'ପରିଚୟ ପତ୍ର' ଖଣ୍ଡିକ ଉପରେ ଲେଖି ଦେଇଥିଲେ ଯେ ସେ ଜଣେ "ମାରାତ୍ମକ ଲୋକ ।" ଜେଲଖାନାରେ ଊଣିଶ ବର୍ଷ ରହିବା ମଧ୍ୟରେ ତା ଆଖିରୁ ଦିନେ ଟୋପାଏ ଲୁହ ବୋହି ନ ଥିଲା ।

ଜେଲଖାନାରୁ ବାହାରିଲା ଦିନ ତା କାନରେ ଯେତେବେଳେ ଶୁଣାଗଲା, "ତୁ ଆଜି ଖଲାସ ହେଲୁ," ସେ ପ୍ରଥମେ ତା ଅର୍ଥ ବୁଝିପାରିଲା ନାହିଁ; ପୁଣି

ଯେତେବେଳେ ଛୁଟିଲା, ବିଶ୍ୱାସ କରିପାରିଲାନାହିଁ ଏବଂ ଶେଷରେ ଯେତେବେଳେ ବିଶ୍ୱାସ କଲା, ତା ମନରେ ଗୋଟାଏ ବିକଟ ଆନନ୍ଦ ଜନ୍ମିଲା । ଜେଲଖାନାରେ କାମ କରିବା ନିମନ୍ତେ ମଜୁରି ସ୍ୱରୂପ ସେ ଯେତେ ଟଙ୍କା ପାଇବ ବୋଲି ମନେ ମନେ ହିସାବ ଯୋଡିଥିଲା, ତାଠାରୁ ବହୁତ କମ ପାଇଲା । ସେଥିପାଇଁ ତା ମନରେ ଦୁଃଖ ହେଲା । ସେ ବୁଝିପାରିଲା ଯେ କର୍ମକର୍ତ୍ତାମାନେ ତାକୁ ଠକିଦେଲେ । ଜେଲଖାନାରୁ ଯାଇ ସେ ବାହାରେ ଗୋଟାଏ ଜାଗାରେ ପ୍ରଥମ ଦିନ କାମ କଲା । ମାତ୍ର ଅନ୍ୟମାନେ ଯେ ମଜୁରି ପାଇଲେ ପାଣ୍ଡୁ ନାଏକ ତାର ଅଧେ ପାଇଲା । ସେ ବେଶି ମାଗିବାରୁ ମଜୁରି ଦେବାବାଲା କହିଲା, "ଦେଖ୍, ପାଟି ଫାଟି କରନା । କଲେ ମାମୁଁଘର ଯିବୁ ।" ମାମୁଁ ଘର ନାମ ଶୁଣି ପାଣ୍ଡୁ ନାଏକ ଆଉ ମଜୁରି ନ ମାଗି ଚାଲିଗଲା । ସେଠାରୁ ଆସି, ଦିନକଯାକ ବାଟ ଚାଲି ସୁନ୍ଦରପୁର ଗ୍ରାମରେ କୌଣସିଠାରେ ଆଶ୍ରୟ ନ ପାଇ, ସେ ଶେଷଶେଷରେ ଯାଇ ମଠରେ ରହିଥିଲା ।

ମଠରେ ପ୍ରାୟ ଚାରି ଘଣ୍ଟାକାଳ ସେ ନିଶ୍ଚିନ୍ତରେ ଏକ ନିଦରେ ଶୋଇ, ଅଧ ରାତିରେ ଯେତେବେଳେ ହଠାତ୍ ନିଦରୁ ଉଠିଲା, ଦେଖିଲା ଯେ ଚାରିଆଡ଼ ଘୋର ଅନ୍ଧାର ହୋଇଛି । ତହୁଁ ସେ ଆଉଥରେ ନିଦରେ ଶୋଇବାକୁ ଚେଷ୍ଟା କଲା; କିନ୍ତୁ ତାକୁ ନିଦ ଲାଗିଲା ନାହିଁ । ମନରେ କୌଣସି ଗୋଟାଏ ଭାବ ଖେଳୁଥିବାବେଳେ ମନୁଷ୍ୟ ପ୍ରଥମରୁ ଥରେ ଶୋଇପଡ଼ିପାରେ, ମାତ୍ର ପ୍ରଥମ ନିଦ ଭାଙ୍ଗିଗଲେ, ତା ପରେ ଆଉଥରେ ନିଦ ଲାଗିବା ଏକ ବଡ଼ କଠିନ ବ୍ୟାପାର । ସେ ରାତିରେ ପାଣ୍ଡୁ ନାଏକର ତାହାହିଁ ଘଟିଲା । ନିଦ ନ ଲାଗିବାରୁ ତା ମନରେ ନାନା ଚିନ୍ତା ଜାତ ହେଲା । କେତେ ଚିନ୍ତା ଥରେ ଆସି ଯେ ଚାଲିଗଲା, ତାହା ପୁନର୍ବାର, ନଦୀର ସ୍ରୋତ ପରି ଆଉ ଫେରିଲାନାହିଁ । କିନ୍ତୁ ଗୋଟାଏ ଚିନ୍ତା ଶଗଡ଼ ଚକ ସମାନ ବାରମ୍ବାର ଆସି ଦେଖାଦେଲା । ବିଷ୍ଣୁପ୍ରିୟ୍ୟା ଖାଇବାଘରେ ଯେ ରୁଖାଟିରେ ଦୀପ ଜାଳିଥିଲେ ଏବଂ ଖାଇବାପରେ ନେଇ ସିନ୍ଦୁକରେ ବନ୍ଦକଲେ, ସେ ମୂଲ୍ୟବାନ ଚକଚକିଆ ଜିନିଷଟିର ଭାବନା ସେ ମନରୁ ଦୂର କରିପାରିଲା ନାହିଁ । ସେହିଟି ପାଖ ଘରେ ସାମାନ୍ୟ କେତେ ହାତ ଅନ୍ତରରେ ରଖା ହୋଇଛି । ତାର ମୂଲ୍ୟ କଣ ଶହେ ଟଙ୍କାରୁ ଊଣା ହେବ ? ସେ ଜେଲଖାନାରେ ଉଣିଶ ବର୍ଷ କାଳ କଠିନ ପରିଶ୍ରମ କରି ପଚିଶ ଟଙ୍କା ମାତ୍ର ରୋଜଗାର କରିଛି । ଏବେ ମୁହୂର୍ତ୍ତେ ଟିକିଏ ସାମାନ୍ୟ ମେହନତ କଲେ, ଶହେ ଟଙ୍କା ଉପାର୍ଜନ ହେବ ! ଏପରି କଥା କଣ ସହଜରେ ଭାଗ୍ୟରେ ଘଟେ ? ତା ମନରେ ଏ ଚିନ୍ତା ବାରମ୍ବାର ଆସି ଉପସ୍ଥିତ ହେଲା ।

ଫାଣ୍ଡିରେ ଘଣ୍ଟା ଠଣଠଣ ହୋଇ ଛଅଟା ବା[illegible] ଶୀଘ୍ର ସକାଳ ହୋଇଯିବ । ତାହାହେଲେ ତ ଆଉ ସେ ମୁହୂର୍ତ୍ତିକର ଉପାଳନ [illegible]ପର ହେବ ନାହିଁ । ସୁତରାଂ ପାଣ୍ଡୁ ନାଏକ ହଠାତ୍ ଶେଯରୁ ଉଠି ବସିଲା । ବସିବାଠାରୁ ସେ ଉଠି ଠିଆ ହେଲା, ତା ପରେ ହଠାତ୍ ତାର ମୁହଁରୁ ସ୍ୱର ଶୁଣାଗଲା, "ନା ।" ତହୁଁ ସେ ଶେଯରେ ଶୋଇପଡ଼ିଲା । ମାତ୍ର ପୁଣି ସେ ବସିଲା ଏବଂ ବସିବାଠାରୁ ଉଠି ଠିଆ ହେଲା । ବାରମ୍ବାର ଶୋଇବା ବସିବା ଏବଂ ଠିଆ ହେବାରେ ସେ କେତେ ସମୟ ଅତୀତ ହେଲା, ସେ ସମୟର ମନର ଅବସ୍ଥାରେ ତାର ବୁଝିପାରିବା ଅସମ୍ଭବ । ମାତ୍ର ତାର ଏ ପ୍ରକାର ଆନ୍ଦୋଳନ ହଠାତ୍ ବନ୍ଦ ହୋଇଗଲା । ସେ ଶେଯରେ ଥରେ ଠିଆ ହୋଇଥିବା ବେଳେ, ଫାଣ୍ଡିର ଘଣ୍ଟାରେ ସ୍ୱର ବାଜିଲା । ଶୁଣି, ସେ ମନେ କଲା, "ଏ ତ ଘଣ୍ଟା ବାଜୁନାହିଁ, ମୋତେ କହୁଚ, କାମ ଶୀଘ୍ର ସାର୍ ।"

ପାଣ୍ଡୁ ନାଏକ ପାଦେ ଦୁଇ ପାଦ ଅଗ୍ରସର ହେଲା । ସେ ଦେଖିଲା, ସବୁଆଡ଼େ ଅନ୍ଧାର, ସେ ଶୁଣିଲା, ଚତୁର୍ଦ୍ଦିଗ ନିଃଶବ୍ଦ । ନବମୀର ଚନ୍ଦ୍ର କେତେବେଳୁ ଅସ୍ତ ହୋଇଯାଇଥିଲା । ମଠର ସମସ୍ତେ ଗାଢ଼ ନିଦରେ ଶୋଇପଡ଼ିଥିଲେ । ସେ ଅଣ୍ଟାଳି ଅଣ୍ଟାଳି ମହନ୍ତଙ୍କ ଶୟନାଗାରରେ ଯାଇ ଉପସ୍ଥିତ ହେଲା । ତାଙ୍କ ନିଦ ଭାଙ୍ଗିଲା ନାହିଁ । ତାହା ଦେଖି, ତାର ସାହସ ବଢ଼ିଗଲା । ଧୀରେ ଧୀରେ ସିନ୍ଦୁକ କଣ୍ଟି ଫିଟାଇ ଭୁଖାଟି କାଢ଼ି ତଳେ ରଖିଲା । ତାର ଛାତି ଦୁକ୍ ଦୁକ୍ କମ୍ପିବାକୁ ଲାଗିଲା । ସେ ମନେକଲା, ଯେପରି କି ମହନ୍ତ ଉଠିପଡ଼ୁଛନ୍ତି ଏବଂ କହୁଛନ୍ତି, "କାଢ଼ ନା, ସିନ୍ଦୁକରେ ରଖି ଦେ ।" ସେ ଭୁଖାଟି ପୁଣି ସିନ୍ଦୁକରେ ରଖିଲା ଏବଂ କିଛି ସମୟ ପରେ ପୁନଶ୍ଚ କାଢ଼ି ତଳେ ଥୋଇଲା । ସେତେବେଳେ ଖଡ଼୍ କିନା ଶବ୍ଦ ହେଲା । ସେଥିରେ ସେ ଚମକିପଡ଼ିଲା । ତା ନିଃଶ୍ୱାସ ବନ୍ଦ ହୋଇ ଆସିଲା । ମାତ୍ର ସେ ପର ମୁହୂର୍ତ୍ତରେ ସାହସ ବାନ୍ଧି ଦେଖିଲା ଯେ କେହି କାହିଁ ନାହିଁ; କେବଳ ମହନ୍ତ ଶୋଇ ଘଡ଼ଘଡ଼ି ମାରୁଛନ୍ତି । ତହୁଁ ଭୁଖାଟି ହାତରେ ଧରି, ସେ ଯେଉଁ ଖୋଳବା ଘରବାଟେ ଦାଣ୍ଡରୁ ଆସିଥିଲା, ସେହି ଘରବାଟେ ପୁଣି ଦାଣ୍ଡକୁ ଚାଲିଗଲା ।

—୪—

# ସତ୍‌ସଙ୍ଗର ପରିଣାମ

ଆରଦିନ ସକାଳେ ମହନ୍ତ ମହାରାଜ ଅଭ୍ୟାସ ଅନୁସାରେ ସବୁ ଦିନ ପରି ଅତି ଭୋରରୁ ଶେଯରୁ ଉଠି ବଗିଚାକୁ ବୁଲିବାକୁ ଗଲେ । ପ୍ରଭାତର ପ୍ରଥମ ଆଲୋକରେ କୁଆମାନେ ଗଛ ଡାଳରେ ବସି କାଆଁ କାଆଁ ରାବିବାକୁ ଲାଗିଲେ । ଗଙ୍ଗଶିଉଳିଗଛରୁ ଫୁଲ ଝଡ଼ି ତଳେ ଗୋଟିଏ ପୁଷ୍ପ ଶଯ୍ୟା ରଚିତ ହୋଇଥିଲା । ଊଷାର ମୋହନ ଦୃଶ୍ୟ ଦେଖି ଓ ମଧୁର ଧ୍ୱନି ଶୁଣି, ମହନ୍ତ ଆନନ୍ଦରେ ଅଭିଭୂତ ହେଉଛନ୍ତି, ଏପରି ସମୟରେ ବିଷ୍ଣୁପ୍ରିୟା ଧଇଁସଇଁ ହୋଇ ଧାଇଁ ଆସି, ଦୂରରୁ ଖାଟି କରି କହିଲେ, "ମହାତ୍ମା, ସେ ଲୋକଟା କାହିଁ ? ସିନ୍ଦୁକ ଫିଟିଛି । ରୁପା ଭୁଶାଟି ନାହିଁ । ସେ ଲୋକଟା ନିଶ୍ଚୟ ଚୋରି କରି ନେଇ ପଳେଇଛି ।"

ବିଷ୍ଣୁପ୍ରିୟାଙ୍କ କଥା ଶୁଣି ମହନ୍ତ କୃଷ୍ଣଚରଣ ଦାସ କହିଲେ, "ଦେଖ, ସାନ ମାତା, ଭୁଶାଟା କଣ ଆମର ? ମୁଁ ରୋଜ ଭାବେ ଯେ ଆମେ ଗୋଟାଏ ମହା ପାପ କରୁଛେ । ରୁପା ଭୁଶା କାହା ଘରେ ଜଳେ ? ତାକୁ ବନ୍ଦୀ କରି ଆମେ ଦରିଦ୍ର ଲୋକଙ୍କୁ ଯେ ଆଜି ପର୍ଯ୍ୟନ୍ତ ଦାନ କରି ନ ଥିଲେ, ସେଟା କଣ ଗୋଟାଏ ବଡ଼ ଦୋଷ ନୁହେଁ ? ଯାଇଛି ଭଲ ହୋଇଛି । ମୁଁ ଏକ ପାପରୁ ପରିତ୍ରାଣ ପାଇଛି । ସାଧୁ ନାୟକ ଯେ ଆସିଥିଲେ, ମୋତେ ପାପରୁ ଉଦ୍ଧାର କରିବାକୁ ଆସିଥିଲେ, ଚାଲିଗଲେ ।"

"ମାତ୍ର ଏଣିକି କେହି ଆସିଲେ ଆଲୁଅ ଜଳିବ କିପରି ?"

"କାଠ ଭୁଶାରେ । ଏଇ ତ ହରିପ୍ରିୟା । ଭାବ ଦେଖି ବଡ଼ ମାତା, ଆମେ ଆଜି କେତେ ନିଶ୍ଚିନ୍ତ ହେଉଛେ" କହି ମହନ୍ତ ମାତା ଦୁହିଙ୍କ ସହିତ ମଠ ଭିତରକୁ ଆସି ଖାଇବା ଘରେ ପହଞ୍ଚିଲେ । ବାହାରୁ କିଏ ଦୁଆର ଫିଟାଇଲା । ମହନ୍ତ କହିଲେ, "ଆସ, ବାବା ।"

ତିନିଜଣ ଲୋକ ଜଣଙ୍କୁ ବାନ୍ଧି ଆଣିଥିଲେ । ସେମାନେ ସମସ୍ତେ ମଠରେ ପଶିଲେ । ବାନ୍ଧି ଆଣିଥିବା ଲୋକମାନେ ପୋଲିସ ସିପାହି, ବନ୍ଦୀ ହୋଇ ଆସିଥିବା ଲୋକଟି ସାଧୁ ନାଏକ । ପଛରେ ଆଉ ଜଣେ ବ୍ୟକ୍ତି ଆସି ନମସ୍କାର କରି କହିଲେ,

"ମହନ୍ତ ମହାରାଜ !" ପାଣ୍ଡୁ ନାଏକ ଶୁଣି, ମୁଣ୍ଡ ଟେକି, ଖୁଣ୍ଟୁ ଖୁଣ୍ଟୁ ସ୍ୱରରେ, ନିଜେ କହୁ ନିଜେ ଶୁଣିଲା ଭଳି କହିଲା, "ଏ ଯେ ଆଉ କିଏ, ବାବାଜି ନୁହନ୍ତି ତ !"

ଜଣେ ସିପାହୀ କହିଲା, "ଚୁପ୍ ବଇମାନ ! ପାଟି କରନା !"

ମହନ୍ତ ମହାରାଜ ଆଗେଇ ଆସିଥିଲେ । ସେ ପାଣ୍ଡୁ ନାଏକ ଆଡ଼କୁ ଅନାଇ କହିଲେ, "ଆଃ, ଏଇ ତ ଆପଣ । ମୁଁ ଆପଣଙ୍କୁ ଦେଖି ବଡ଼ ଖୁସି ହେଲି । ଆପଣଙ୍କୁ ମୁଁ ଯେ ଚୁଲାଟି ଦେଇଥିଲି, ତାକୁ କିଣ ବିକ୍ରୀ କରି ପାରିଲେ ନାହିଁ ?"

ପାଣ୍ଡୁ ନାଏକ ଆଚମ୍ବିତ ହୋଇ ମହନ୍ତଙ୍କ ମୁହଁକୁ ଚାହିଁଲା ।

ପୋଲିସ କର୍ମଚାରୀ କହିଲେ, "ମହନ୍ତ ମହାରାଜ, ଏ ଲୋକ ମତେ ସାହା କହୁଚି, ତେବେ ସତ । ଏ ଅଣବାଟରେ ଏପରି ମୂଲ୍ୟବାନ ଜିନିଷ ଧରି ଧାଇଁ ଚାଲିଯିବାର ଦେଖିବାରୁ ଆମର ସନ୍ଦେହ ହେଲା । ଦାଗୀ କି ନା । ଏଥିରେ ଆମର ବଡ଼ ଭୁଲ ହୋଇଛି ।" କହି, ପାଣ୍ଡୁ ନାଏକକୁ ଛାଡ଼ିଦେବା ନିମନ୍ତେ ସଙ୍ଗସ୍ଥ ସିପାହୀମାନଙ୍କୁ ଆଦେଶ ଦେଲେ ।

ପାଣ୍ଡୁ ନାଏକ ପୋଲିସ ହାତରୁ ଖଲାସ ପାଇ, ଖୁଣ୍ଟୁ ଖୁଣ୍ଟୁ ସ୍ୱରରେ କହିଲା, "ମୁଁ କିଣ ପ୍ରକୃତରେ ଖଲାସ ହେଲିଣି ?" ଶୁଣି, ଜଣେ କନ୍‌ଷ୍ଟେବଳ ଉତ୍ତର ଦେଲା, "କିଣ ବୁଝି ପାରୁ ନାହୁଁ ? ହଁ, ଆମେ ଛାଡ଼ିଦେଲୁଁ ।"

ପାଣ୍ଡୁ ନାଏକ ଯିବାକୁ ପ୍ରସ୍ତୁତ ହେବାର ଦେଖି, ମହନ୍ତ କୃଷ୍ଣଚରଣ କହିଲେ, "ରହନ୍ତୁ ଟିକିଏ, ଆପଣଙ୍କର ଆଉ ଗୋଟାଏ ଜିନିଷ ରହିଯାଇଚି" । କହି, ସେ ନିଜ ଶୋଇବା ଘରକୁ ଯାଇ, ସିନ୍ଦୂକ ଭିତରୁ ଗୋଟିଏ ରୁପା ଦୀପ ଆଣିଦେଲେ । ଆପତ୍ତି କରିବାକୁ ତାଙ୍କ ପାଟିରୁ କଥା ବାହାରିଲା ନାହିଁ । ପାଣ୍ଡୁ ନାଏକର ଆପାଦ-ମସ୍ତକ ଥରୁଥିଲା; ମହନ୍ତ ଦୀପଟି ବଢ଼ାଇ ଦେବାରୁ, ଭଲର ପିତୁଳା ପରି ହାତରେ ଧରିଲା । ସେ ଦୀପ ନେଇ କଣ କରିବ, ବୁଝି ନ ପାରି ଠିଆ ହୋଇଛି, ମହନ୍ତ କହିଲେ, "ଆପଣ ବର୍ତ୍ତମାନ ଯାଇ ପାରନ୍ତି । ଆଉ ଯେତେବେଳେ ଆପଣଙ୍କର କୌଣସି ଅଭାବ ହବ, ଏଠାକୁ ବିନା ସଙ୍କୋଚରେ ଆସିବେ ବୋଲି ମୁଁ କହି ରଖିଲି ।"

ପୋଲିସ ମଠ ଛାଡ଼ି ଚାଲିଗଲେ । ପାଣ୍ଡୁ ନାଏକ ନିତାନ୍ତ ବିବ୍ରତ ହୋଇ ପଡ଼ିଲା । ତାକୁ ସାହସ ଦେବାପାଇଁ ମହନ୍ତ କହିଲେ, "ଦେଖନ୍ତୁ, ପାଣ୍ଡୁ ନାଏକ, ଆପଣ ଦମ୍ଭ ଧରନ୍ତୁ । ମୁଁ ଆପଣଙ୍କୁ ଗୋଟିଏ ଅନୁରୋଧ କରିବି । ଆପଣ ଏଣିକି

ସାଧୁ ଲୋକ ହେବେ ବୋଲି ମୋତେ କାଲି କହୁଥିଲେ ନା ? ଆପଣ ସାଧୁ ଭାବରେ ଚାଲିବେ ।"

ପାଣ୍ଡୁ ନାଏକ ସାଧୁଭାବରେ ଚାଲିବ ବୋଲି ଯେ କହୁଥିଲା, ତାର ମନେ ପଡ଼ିଲା ନାହିଁ । ସେତେବେଳେ ତାର ଚେତନା ନ ଥିଲା, କହିଲେ ଚଳେ । ସେ ପଦେ କିଛି ନ କହି ମଠ ଭିତରୁ ପଦାକୁ ଚାଲିଗଲା । ତାକୁ ବାଟ ଦେଖାଗଲା ନାହିଁ । ଅନ୍ଧ ପରି ପାଦ ଘୋଷାରି ଘୋଷାରି, ସେ କେତେ ଦୂର ଚାଲିଗଲା । ସକାଳ ଓଳି ସାରା ସେ ଏଣେ ତେଣେ କେବଳ ଲକ୍ଷ୍ୟହୀନ ଭାବରେ ବୁଲିବାକୁ ଲାଗିଲା । ତାକୁ ଭୋକ ଶୋଷ କିଛି ଜଣାଗଲା ନାହିଁ । କ୍ରମେ ତା ମନରେ ପ୍ରଚଣ୍ଡ ରାଗ ଜନ୍ମିଲା; କିନ୍ତୁ ସେ ଯେ କାହା ଉପରେ ରାଗୁଛି, ବୁଝି ପାରିଲାନାହିଁ । ଏହିପରି ତାର ସକାଳ ଓଳି ଗୋଟାକ କଟିଗଲା ।

ସେ ଦିନ ଦିନସାରା ପାଣ୍ଡୁ ନାଏକ ଅନ୍ୟମନସ୍କ ଚିନ୍ତିତ ହୋଇ ରହିଲା । ସନ୍ଧ୍ୟାରେ ଯେତେବେଳେ ଆକାଶର ସୂର୍ଯ୍ୟଦେବତା ଅସ୍ତାଚଳ ପଛରେ ଲୁଚିଗଲେ, ସେ କ୍ଳାନ୍ତ ହୋଇ ଗୋଟିଏ ବୁଦା ପାଖେ ବସିପଡ଼ିଲା । ନିକଟରେ ଗାଁ ଗଣ୍ଡା କିଛି ନ ଥିଲା । ମାତ୍ର ଖଣ୍ଡେ ଦୂରରେ ଗୋଟିଏ ସରୁଆ ବାଟ ପଡ଼ିଥିଲା । ସେ ବାଟେ ଗୋଟିଏ ଦଶ ବର୍ଷ ବୟସର ପିଲା ମୁଣ୍ଡରେ ବୋଝ ମୁଣ୍ଡାଇ ଆନନ୍ଦରେ ଗୀତ ଗାଇ ଗାଇ ଆସୁଥିଲା । ହାତରେ ଦୁଇଟି ଦୋ'ଣି ଧରି ସେ ଖେଳି ଖେଳି ବାଟ ଚାଲୁଥିଲା । ସେ ପାଣ୍ଡୁ ନାଏକ ପାଖେ ଆସି ପହଞ୍ଚୁଥିଲାବେଳେ ତା ହାତରୁ ଗୋଟିଏ ଦୋ'ଣି ଖସିପଡ଼ି ପାଣ୍ଡୁ ନାଏକ ଆଡ଼କୁ ଗଡ଼ି ଚାଲିଗଲା । ପାଣ୍ଡୁ ନାଏକ ହଠାତ୍ ଦୋ'ଣିଟି ଉପରେ ନିଜ ପାଦ ରଖି ତାହା ଲୁଚାଇଦେଲା; କିନ୍ତୁ ସେ ପିଲାର ଦୃଷ୍ଟି ଏଡ଼ି ପାରିଲାନାହିଁ । ପିଲାଟି ଦଉଡ଼ି ଯାଇ ପାଣ୍ଡୁ ନାଏକକୁ କହିଲା, "ଦୋ'ଣି ଦେଇପକାଅ ।"

"ତୋ ନାଁ ?"

"ମଧୁଆ ।"

"ପଳା ଏଠୁ ବେଗେ ।"

"ମୋ ଦୋ'ଣି ଦେଇଦେଲେ, ମୁଁ ଚାଲିଯିବି ।"

ପାଣ୍ଡୁ ନାଏକ ଶୁଣି ଚୁପ ହୋଇ ବସିରହିଲା, କିନ୍ତୁ ମଧୁଆ ତାକୁ ଛାଡ଼ିଲା ନାହିଁ । କହିଲା, "ମୋ ଦୋ'ଣି ବେଗେ ଦେଇ ପକାଅ ।" ପାଣ୍ଡୁ ନାଏକ ନ ଶୁଣି ଭଳି ହୋଇ ବସିବାରୁ ସେ ହାତରେ ତା ପାଦ ଘୁଞ୍ଚାଇବାକୁ ଚେଷ୍ଟା କଲା, କିନ୍ତୁ ପାଣ୍ଡୁ ନାଏକ ଭଳି ଗୋଟିଏ ଲୋକର ପାଦ ଟେକି ଘୁଞ୍ଚାଇବା ମଧୁଆ ପରି ପିଲାର

କଣ କାମ ? ସେ ନ ପାରି କାନ୍ଦିବା ମାତ୍ର । ପାଣୁ ନାଏକ ମୁଣ୍ଡ ଟେକି, ବାଡ଼ି ଉଞ୍ଚାଇ କହିଲା, "କିଏ ରେ ଟୋକା ତୁ ? ମୋ ପାଖେ ଶଢ଼ାଉଚୁ । ପଳା, ନୋହିଲେ ଏ ଠେଙ୍ଗାରେ ପିଟି ଗୁଣ୍ଡା କରିଦେବି ।"

ମଧୁଆ ଭୟରେ ଧାଇଁ ପଳାଇଲା । ଏବେ ପାଣୁ ନାଏକ ବନସାଗ କିଛି ଖାଇନାହିଁ; ତା ପରେ ତାର ସାମାନ୍ୟ ଜର ମଧ୍ୟ ହୋଇଛି । ସୁତରାଂ ସେ ସେଠାରେ ସେପରି ନିକାଞ୍ଚନ ସ୍ଥାନରେ, ଏକୁଟିଆ ବସି ନ ରହି, କେଉଁଠାକୁ ଯାଇ ଗାଁରେ ଆଶ୍ରୟ ନେବାକୁ ଉଠିଲା । ପାଦ ଉଠାଇବାରେ ଦୋ'ଣିଟି ତାକୁ ଗୋଧୂଳି ସମୟର ଆଲୁଅରେ ଜକ୍ ଜକ୍ ଦିଶିଲା । ଦେଖି, ସେ ଆଶ୍ଚର୍ଯ୍ୟରେ କହିଲା, "ଏଟା କି ଜିନିଷ !" ସେ ଦୁଇ ତିନି ପାହୁଣ୍ଡ ପଛକୁ ଘୁଞ୍ଚିଗଲା । ତା ପରେ ଦୋ'ଣିଟି ତଳୁ ଗୋଟାଇ ହାତରେ ଧରିଲା ।

ସେ ଯେତେବେଳେ ଚାଲିବାକୁ ଆରମ୍ଭ କଲା, ସେହି ଅଚିହ୍ନା ସ୍ଥାନରେ ତାକୁ ବାଟ ଦେଖାଗଲା ନାହିଁ । ତହୁଁ ସେ 'ମଧୁଆ, ମଧୁଆ' ବୋଲି ଖୁବ୍ ପାଟିକରି ଡାକିବାକୁ ଲାଗିଲା । ସେ ଯେତେ ଡାକିଲା, ମଧୁଆ ଶୁଣିଲା ନାହିଁ । ତହୁଁ ସେ ଆଗକୁ ଚାଲିବାକୁ ଲାଗିଲା । କିଛି ବାଟ ଚାଲି, ତା ପରେ ସେ ଧାଇଁଲା । ଅଟେ ଅଟେ ସେ ଠିଆ ହୋଇ 'ମଧୁଆ' ବୋଲି ଡାକିଲା । ମଧୁଆ ଯେବେ ତା ପାଟି ଶୁଣିଥାନ୍ତା, ହୁଏତ ମୂର୍ଚ୍ଛାରେ ତଳେ ପଡ଼ିଯାଇଥାନ୍ତା । ସୁନ୍ଦରପୁର ମଠରୁ ଦ୍ୱିପ୍ରହର ଫେରିବା-ବେଳକୁ ପାଣୁ ନାଏକର ଚିନ୍ତାସ୍ରୋତରେ ଗୋଟାଏ ପରିବର୍ତ୍ତନ ଘଟିଛି । ମହନ୍ତ ଯେ ତାକୁ କହିଲେ, "ତୁମେ ଏଣିକି ଜଣେ ସାଧୁ ଲୋକ ହବ" ସେ କଥା ତା କାନରେ ବାରମ୍ବାର ଆସି ବାଜୁଛି । ସୁତରାଂ ସେ କହିଲା, "କଣ, ମୁଁ ସାଧୁ ହେବି ? ମୁଁ ତେବେ କଣ ସାଧୁ ନୁହେ ଯେ ମୋତେ ସେ ବାବାଜି ଏପରି କହିବ ?"

କ୍ରମେ କ୍ରମେ ସେ ବୁଝି ପାରିଲା ଯେ ସେ ଯେଉଁ ପାଣୁ ନାଏକ ହୋଇ ଜନ୍ମ ହୋଇଥିଲା, ତହିଁରୁ ଗୋଟାଏ କିଛି ପୃଥକ୍ ଜିନିଷ ହେବାକୁ ଯାଉଛି । ମହନ୍ତ ତା ପ୍ରତି ଅଗାଧ ସ୍ନେହ ଓ କ୍ଷମା ଦେଖାଇଲେ । ସେପରି ସେ ଜୀବନରେ କେବେ ଦେଖି ନ ଥିଲା । ସେ ତାକୁ ସୁଶିକ୍ଷା ଦେଲେ । ଏ ସବୁର ପ୍ରଭାବରୁ ସେ ନିଜକୁ ବିଚ୍ଛିନ୍ନ କରି ପାରିଲା ନାହିଁ । ସେ କେତେବେଳେ ଭାବିଲା, "ନା, ମୁଁ ଆଗରୁ ସାଧୁ ହୋଇ ସାରିଛି ।" ଆଉ କେତେବେଳେ ଭାବିଲା, "ମୁଁ ସାଧୁ ହୋଇନାହିଁ; ହେବି ।" ଏହିପରି ମାନସିକ ଅବସ୍ଥାରେ, ସେ କଣ କରିବ, କିଛି ବୁଝି ପାରିଲା ନାହିଁ । ମଧୁଆର ଦୋ'ଣିଟି ସେ ସେ କାହିଁକି ଠକି ନେଇ ଆସିଲା, ତାର କାରଣ ଜାଣି ପାରିଲା ନାହିଁ । ସେ ମନେ ମନେ କହିଲା, ' ଛି, ମୁଁ କି କାର୍ଯ୍ୟ କଲି !" ବାସ୍ତବରେ ତାର ଯେଉଁ ମନ ବର୍ତ୍ତମାନ 'ଛି" ବୋଲି କହୁଛି, ମଧୁଆର ଦୋ'ଣି ଚୋରାଇବାକୁ ସେହି ମନ ତାକୁ ପ୍ରବର୍ତ୍ତାଇ

ନ ଥିଲା । ସେ ପୁରୁଣା ପାଣୁ ନାଏକ ସଙ୍ଗେ ଏକ ଦେହ ଭିତରେ ଏ ନୂଆ ପାଣୁ ନାଏକର ସଂଯୋଗ ଘଟି ଆସିଥିଲା ।

ନାନା କଥା ଭାବି, ନିଜର ଅତୀତ ଜୀବନ ବିଷୟ ସ୍ମରଣ କରି ପାଣୁ ନାଏକର ହୃଦୟ ଦୁଃଖ ଓ ନୈରାଶ୍ୟରେ ପୂର୍ଣ୍ଣ ହୋଇ ପଡ଼ିଲା । ସେ ଅନେକ ସମୟ ଧରି ପିଲାଙ୍କ ପରି ଭେଁ ଭେଁ କାନ୍ଦିଲା । ତାର ସେ ଅନୁତାପର ଭୀଷଣ କାଳିମା ମଧ୍ୟରେ ଗୋଟିଏ କ୍ଷୀଣ ଆଲୋକରେଖା ଦେଖାଗଲା । ସେ ତାର ସମୁଦାୟ ଅତୀତ ଜୀବନ ବିଷୟ ଥରେ ଭାବିନେଲା । କହିଲା, "ଓଃ, କି କଳଙ୍କ ! ମୋର କଣ ମୁକ୍ତି ନାହିଁ ? ନା, ଅଛି । ବାବାଜି କହିଥିଲେ, ମୁଁ ଜଣେ ସାଧୁ ପୁରୁଷ ହେବି । ମୁଁ ସାଧୁ ନ ଥିଲି । ଏବେ ମଧ୍ୟ ସାଧୁ ହୋଇ ନାହିଁ; କିନ୍ତୁ ହେବି । ଏହି ମୋର ପ୍ରତିଜ୍ଞା । ଆଜି ସୂର୍ଯ୍ୟ ଚନ୍ଦ୍ର ସାକ୍ଷୀ ହୁଅ । ଓଃ, କି କଷ୍ଟ ! ମୋ ଛାତି ଫାଟିଯାଉଛି, ନିଃଶ୍ୱାସ ବନ୍ଦ ହୋଇ-ଆସୁଛି, ପ୍ରାଣବାୟୁ ଉଡ଼ିଯାଉଛି । ଉଡ଼ ଉଡ଼, ପ୍ରାଣବାୟୁ । ସେ ପୁରୁଣା ପାଣୁ ନାଏକ ମରୁ, ପୋଡା ହେଉ, ପୋଡ଼ା ହେଉ । ସେଥିରୁ ନୂଆ ପାଣୁ ନାୟକ ବାହାରିବ, ଯାହାକୁ ବାବାଜି ଦେଖିଲେ କହିବେ, ସଂସାର ଦେଖିଲେ କହିବ—ଏ ଜଣେ ସାଧୁ, ସନ୍ଥ ଲୋକ ।"

—୬—

## ବୁଢ଼ିଆଣୀ ଜାଲ

ସନ ୧୨୫୦ ସାଲରେ ଦଳେ ନାଟୁଆ ଜଜାର ସିଂହ ଗଡ଼ରେ ଆସି ପହଞ୍ଚିଲେ । ସେମାନେ ବାଉଁଶ ପୋତି ତା ଉପରେ ଚଢ଼ି, ନାନା ପ୍ରକାର ଖେଳ ଦେଖାଉଥିଲେ । ସେମାନଙ୍କ ମଧ୍ୟରେ ତିନି ଜଣ କେଳା ଓ ଜଣେ ଚଷା । ଚାରି ଜଣ-ଯାକଙ୍କ ସଙ୍ଗରେ ଚାରି ଗୋଟି ସ୍ତ୍ରୀଲୋକ ଥିଲେ । ସେମାନେ ସ୍ତ୍ରୀ ସ୍ୱାମୀ ପରି ଏକତ୍ର ବାସ କରୁଥିଲେ । ସ୍ତ୍ରୀଲୋକମାନେ ରନ୍ଧାବଢ଼ା କରନ୍ତି ଏବଂ ଖେଳ ଦେଖାନ୍ତି । ସେମାନେ ଦିନଯାକ ଖେଳ ଦେଖାଇ ରାତିରେ କେତେକ ସମୟ ଶୋଉଥିଲେ ଓ ଆଉ କେତେକ ସମୟ କଳିଗୋଳ କରିବାରେ କଟାଉଥିଲେ । ସବୁଠାରୁ ବେଶି କଳି କାର୍ତ୍ତିକା ଏବଂ ରାଧା, ଦୁଇ ଜଣଙ୍କ ମଧ୍ୟରେ ହୁଏ । କାର୍ତ୍ତିକା ଚଷା ପିଲା । ଅଳ୍ପ ପିଲାଦିନୁ ଛେଉଣ୍ଡ ହୋଇ, ଜୀବିକା ଉପାର୍ଜନ କରିବା ନିମନ୍ତେ କେଳାମାନଙ୍କ ସଙ୍ଗେ

ମିଶି ବାଉଁଶ ନାଟରେ ଯୋଗ ଦେଇଥିଲା । ତା ସାଙ୍ଗରେ କେଳା ତିନି ଜଣ ତିନୋଟି କେଳୁଣୀ ବନ୍ଦୀ ହୋଇଥିଲେ । କାର୍ତ୍ତିକା ବାଇଶ ବର୍ଷ ବୟସରେ ପହଞ୍ଚିବାବେଳେ ତାର ରାଧା ସହିତ ଦେଖା ହେଲା । ରାଧା ମଧ୍ୟ ଚମ୍ପାସର ଝିଅ । କାର୍ତ୍ତିକା ପରି ସେ ଅତି ପିଲାଦିନେ ଛେଉଣ୍ଡ ହୋଇ ପେଟ ପୋଷିବାକୁ ଭିକମାଗି ବୁଲୁଥିଲା । କାର୍ତ୍ତିକା ସହିତ ଦେଖା ହେବା ବେଳକୁ ତାର ବୟସ ବାରବର୍ଷ । କାର୍ତ୍ତିକା ଯେତେବେଳେ ତା ଜାତି କୁଳର ପଞ୍ଚାୟତ ପାଇଲା, କହିଲା, "ରାଧା, ବିଧାତା ତୋତେ ମୋର ପାଇଁ ଗଢ଼ିଛି । ମୋ ସାଙ୍ଗରେ ଆ । ମୁଁ ବାଉଁଶରେ ନାଟ ଦେଖେଇ ଦିନକୁ ଟଙ୍କେ କଣ, ଦୁଇଟଙ୍କା କଣ, ଯୋଗାଡ଼ନ ଖାଇବା ହେଲ, ରୋଜଗାର କରୁଛି । ମୋ ସାଙ୍ଗେ ରହିଲେ, ଲୋକେ ତ ଆଉ ଭିକ ମାଗିବାକୁ ପଡ଼ିବ ନାହିଁ; ଆ ।" କାର୍ତ୍ତିକା କଥା ଶୁଣି ରାଧା ତା ସାଥୀ ଧରିଲା । ପ୍ରଥମେ ଦୁହେଁ କେତେ ଦିନ ବେଶ୍ ମିଳାମିଶି ଚଳିଲେ । ମାତ୍ର ତା ପରେ ଦୁହିଙ୍କ ମଧ୍ୟରେ ଏତେ କଳି ଲାଗିଲା ଯେ ଶେଷରେ ସାଥି କେଳା କେଳୁଣୀମାନେ ତାଙ୍କୁ କହିବାକୁ ବାଧ୍ୟ ହେଲେ, "ଘଣ୍ଟେ କୋଳା ଘର ପରି ସବୁବେଳେ କଳି କରୁଛ ମ ।"

ଜକାରସିଂହରେ ନାଟ ଦେଖାଇ ସାରି, ନାଚୁଆ ଦଳ ଯେତେବେଳେ ସେଠାରୁ ଦକ୍ଷିଣ ଆଡ଼କୁ ଗଲେ, କାର୍ତ୍ତିକା ରାଧାକୁ ଆଉ ସଙ୍ଗରେ ନେଲା ନାହିଁ । ରାଧା ତା କୋଳରେ ଝିଅଟିକୁ କାନ୍ଧରେ ପକାଇ ଦୁଇ ତିନି ଦିନ ଏଣେ ତେଣେ ଅସହାୟ ଭାବରେ ବୁଲିବାକୁ ଲାଗିଲା । ଶେଷରେ ସେ ଜକାରସିଂହର ଗୋଟିଏ ଗଳିରେ ପଶି ଦେଖିଲା ଯେ ଯୋଡ଼ିଏ ଛୋଟ ବାଳକାକୁ କୋଳରେ ବସାଇ ଜଣେ ସ୍ତ୍ରୀଲୋକ ଖେଳାଉଛି ଓ ମଝିରେ ପଦେ ଅଧେ ଗୀତ ମଧ୍ୟ ଗାଉଛି । ବାଳକା ଦୁଇଟି ଖୁସି ହୋଇ ହସୁଛନ୍ତି । ରାଧା ସେଠି ଠିଆ ହୋଇ, କିଛି ସମୟ ଅନାଇ, ଶେଷରେ କହିଲା, "ମାଉସି, ତୁମ ପିଲା ଦୁଇଟି କେଡ଼େ ସୁନ୍ଦର ଦିଶୁଛନ୍ତି କ !"

ନିଜ ସନ୍ତାନ ସନ୍ତତିଙ୍କର ପ୍ରଶଂସା ଶୁଣିଲେ, ଅଜ୍ଞାନ ଲୋକ ପ୍ରକୃତିର ରମଣୀ-ମାନେ ମଧ୍ୟ ପ୍ରଶଂସାକାରୀ ପ୍ରତି ଟିକିଏ ତରଳିଯାଆନ୍ତି । ରାଧା କଥା ଶୁଣି, ସେ ସ୍ତ୍ରୀଲୋକଟି ତାକୁ ତାକ ପାଖରେ ବସାଇଲା । ତା ପରେ ଦୁହେଁ କଥାବାର୍ତ୍ତା କହିବାରେ ଲାଗିଲେ । ସେ ସ୍ତ୍ରୀ ବାତ୍ତ କଥାବାର୍ତ୍ତା ମଧ୍ୟରେ କହିଲା, "ମୋର ଶିବନ୍ତ ସୁଣ୍ଡିଆଘର ପୁଅ । ଆମର ଏ ଘରଟି ଗୋଟିଏ ଚଟିଘର । ଶିବନ୍ତ ଚଟିଘର କଥା ବୁଝନ୍ତି, ମୁଁ ରନ୍ଧେ ବାଢ଼େ, ପିଲାଙ୍କୁ ଖୁଆଏ ପିଆଏ ଏବଂ ବଳେ ଖାଏ । ଏ ପିଲା ଦୁଇଟି ମୋର ଝିଅ, ଦେଢ଼ ବର୍ଷ ସାନ ବଡ଼ । ସାନ ଝିଅଟିକୁ ଅଢ଼େଇ ବର୍ଷ ହେଲା ।" ସୁଣ୍ଡିଆଘର ସ୍ତ୍ରୀଲୋକମାନେ ସାଧାରଣତଃ ଯେପରି ସୁନ୍ଦରୀ ହୁଅନ୍ତି, ଘନା ସାନ୍ତ ସାର୍ଯ୍ୟା ସେପରି ନ ଥିଲା । ତାର ରୂପ କଳା ଓ ସପଟ

ବନ୍ଧୁତ । ସେ ଅତ୍ୟନ୍ତ ଚେଙ୍ଗୀ । ସାହି ଲୋକେ ଅନ୍ତାରେ କହନ୍ତି, 'ତା ମୁଣ୍ଡ ଚୁଲିରେ ଲାଗେ ।' ପାନା ସାହୁ ବାପ ପୁଅ ବେକରେ ସେ ଏପରି ପଦକ କାହିଁକି ଝୁଲାଇଥିଲେ, ତାର କାରଣ କେହି ଅନୁମାନ କରିପାରନ୍ତି ନାହିଁ । ପାନା ସାହୁ ଦେଖିବାକୁ ଖୁବ୍ ସୁନ୍ଦର ନୋହିଲେ ମଧ୍ୟ, କଦର୍ଯ୍ୟ ନୁହେ । ଦୋଳରେ ବସିଥିବା ପିଲା ଦିଓଟି ତାଙ୍କ ମା ସହିତ ତୁଳନାରେ ଗୋବର ଗଦା ପାଖର ଗୋଲାପ ଫୁଲ ପରି ଦିଶୁଥିଲେ । ସେମାନଙ୍କୁ ଦେଖି ରାଧା ସାହୁଆଣୀକି କହିଲା, "ମୋ ପିଲାଟି ତୁମ ଝିଅଙ୍କ ସାଙ୍ଗେ ଟିକିଏ ହେଲେ ଦୋଳରେ ଖେଳନ୍ତା ।" ତିନି ଜଣ ବସିଲେ ଦୋଳ କାଳେ ଛିଣ୍ଡି-ଯିବ, ସେଥିପାଇଁ ସାହୁଆଣୀ ନିଜ ପିଲା ଦିଓଟିଙ୍କି ଦୋଳରୁ ଓହ୍ଲାଇ ତଳେ ଛାଡ଼ିଦେଲା । ରାଧାର ଝିଅ ମା କାଖରୁ ଖସି ସେମାନଙ୍କ ସଙ୍ଗେ ଖେଳିବାକୁ ଲାଗିଲା ।

ରାଧା ସାହୁଆଣୀ ମୁହଁରୁ ତା ପରିଚୟ ପାଇ, ନିଜର ପରିଚୟ ଦେବାକୁ ଗଲା, କିନ୍ତୁ ନିଜ ବିଷୟରେ ସେ ସବୁକଥା ଠିକ୍ ଠିକ୍ କହି ପାରିଲାନାହିଁ । କେତେକ ପ୍ରକୃତ ବିଷୟ ଲୁଚାଇ ରଖି, ତା ସ୍ଥାନରେ ଅମୂଳକ କଥାମାନ କହିଗଲା । ସେ କହିଲା, "ମୁଁ ଚଷାଘର ଝିଅ । ମୋ ସ୍ୱାମୀ ମରିଯାଇଛି । ମୋ ଘର କଟକ ଆଡ଼େ । ଘରପାଖେ କିଛି କାମଧନ୍ଦା ନ ମିଳିବାରୁ ମୁଁ ହାତ ମେହନତରେ ରୋଜଗାର କରିବାକୁ ଘରୁ ବାହାରି ଆସିଛି" କହି, ସେ ଦୀର୍ଘନିଃଶ୍ୱାସ ପକାଇଲା । ଗ୍ରୀଷ୍ମକାଳର ଝଡ଼ ତୋଫାନ ପରେ ଆକାଶରୁ ବୃଷ୍ଟି ପଡ଼ିଲା ପରି, ଦୀର୍ଘନିଃଶ୍ୱାସ ପଛେ ପଛେ ତାର ଦୁଇ ଆଖିରୁ ଦୁଇ ଧାର ଲୁହ ବୋହିଗଲା; ମାତ୍ର ସେ ଅବିଳମ୍ବେ ଲୁହ ପୋଛି ଦେଇ ସାହୁଆଣୀ ସହିତ ପୁଣି କଥାବାର୍ତ୍ତାରେ ଲାଗିଲା ।

"ତୋର ଏ ପିଲାଟି ନାଁ କଣ ?"

"ରମା ।"

"ବୟସ କେତେ ମ ?"

"ତିନି ପୂରି ଚାରି ଚାଲିଛି ।"

"ତେବେ ତ ମୋ ବଡ଼ ଝିଅ ସାଙ୍ଗର । ପିଲାମାନେ କେଡ଼େ ଜଲଦି ମିଶିଯାଆନ୍ତି ମ ! ଦେଖ୍ତୁ, ତୋ ନାଁ କଣଟି ? ରାଧା ବୋଲି କହିଲୁ ପରା ? ଦେଖ ତ, ରାଧା, ତିନିହେଁ ସାକ୍ଷାତ ତିନି ଭଉଣୀ ପରି ଦିଶୁନାହାନ୍ତି ? ଯେମିତି ଏକା ମା ପେଟର ତିନିହେଁ ?"

ରମା ବିଷୟରେ ସାହୁଆଣୀ କି ମତ ବ୍ୟକ୍ତ କରିବ, ତାହା ଜାଣିବା ନିମନ୍ତେ ରାଧା ଯେପରି ଅପେକ୍ଷା କରି ରହିଥିଲା । ସାହୁଆଣୀ କଥା ସରୁ ନସରୁଣୁ କହିଲା,

"ଆଚ୍ଛା ମୋ ପିଲାଟିକି ତମ ଘରେ ରଖିବ ?" ଶୁଣି, ସାହୁଆଣୀ ଚମକି ପଡ଼ିଲା । ସେଥିରୁ ତାର ଇଚ୍ଛା ଅନିଚ୍ଛା ସୁଧା କିଛି ବୁଝିପାରିଲାନାହିଁ । ତହୁଁ ସେ ପୁଣି କହିଲା, "ଦେଖ, ମାଉସି, ଯେ ମାଇପି କାମ କରି ପେଟ ପୋଷିବାକୁ ବାହାରେ, ସେ ଅଣ୍ଟରେ ଗୋଟାଏ ପିଲା ବାନ୍ଧିଲେ, ବଡ଼ ମୁସ୍କିଲ । କୋଳରେ ପିଲା ଦେଖିଲେ, କେହି କାମ ଦିଅନ୍ତିନାହିଁ । ବରୁଣୀ ଠାକୁରାଣୀଙ୍କର କି ଦୟା ଯେ ଆଜି ମୁଁ ତମ ଦୁଆରେ ଆସି ପହଞ୍ଚିଲି । ତୁମେ ମୋ ଦରିଦ୍ର ପରସରକୁ ରଖ । ଆଉ ନାହିଁ କରନାହିଁ ।"

"ଆଚ୍ଛା, ଦେଖିବା ।"

"ମୁଁ ମାସକୁ ପାଞ୍ଚ ଟଙ୍କା ଲେଖାଏଁ ଦେବି ।"

ଜଣେ ଲୋକ କାନ୍ଥ ଆର ପାଖରୁ ଘର ଭିତରୁ ପୁରୁଷ ସ୍ୱରରେ କହିଲା, "ହୁଁ: । ସାତ ଟଙ୍କାରୁ କମରେ ହେବ ନାହିଁ । ତା ପରେ ପୁଣି ଛ ମାସ ଆଗରୁଆ ଦେଇଦେବାକୁ ହେବ ।" ମାସକୁ ସାତ ଟଙ୍କା, ଛ ମାସ । ମୋଟ ଦୁଇ କୋଡ଼ି ଦୁଇ, ବୁଢ଼ିଆଣୀ ଆଙ୍ଗୁଠିରେ ଗଣି, ହିସାବ କରି, କିଛି ସମୟ ପରେ କହିଲା ।

"ହଉ, ମୁଁ ଦେବି ।"

"ନା, ଆଉ ଦାନେ ଖର୍ଚ୍ଚ ପାଇଁ ଛ ମାସକୁ ବାର ଟଙ୍କା ।"

ବୁଢ଼ିଆଣୀ ପୁଣି ହିସାବ କରି କହିଲା, "ମୋଟରେ ତେବେ ଦ କୋଡ଼ି ଚଉଦ, ପଚାଶ ଉପରେ ଚାରି ଟଙ୍କା ।"

"ହିଁ ଏଥିରୁ କମରେ ଆଉ କୋ'ଠି ହେବ ? କାଳ ତ କେଡ଼େ ମହରଗ, ଦେଖୁଚ ।"

"ମୁଁ ଦେବି । ମୋ ପାଖେ ଏବେ ସତୁରି ଟଙ୍କା ଅଛି । ଦଶ ବର୍ଷ କାଳ କାମ କରି ଖର୍ଚ୍ଚ ପତ୍ର ବାଦ୍ ଏତିକି ସଞ୍ଚିତ । ମୁଁ ତୁମକୁ ଚଉବନ ଟଙ୍କା ଦେଇଗଲେ, ବାକି ତ ମୋ ହାତରେ କୋଡ଼ିଏ ଖଣ୍ଡେ ରହିବ । ମୁଁ ଯାଇ କାମ କରି ମାସକୁ ମାସ ତୁମଠାକୁ ଟଙ୍କା ପଠେଇବି । ତା ପରେ ମୁଁ କୋଉଠି ଥଣ୍ଡ ଧରି ରହିଲେ, ଗଣ୍ଠିଧନକୁ ଆସି ନେଇଯିବି ।"

କାନ୍ଥ ସେ ପାଖରୁ ସେହି ପୁରୁଷ ସ୍ୱର ପୁଣି ଶୁଣାଗଲା, "ତାର ପିନ୍ଧିବାକୁ ଲୁଗା ପଟା ସବୁ ଅଛି ତ ?"

ବୁଢ଼ିଆଣୀ ଠାରି କହିଲା, "ମୋ ଗିରସ୍ତ ।"

"ମୋ ଧନର ଯାହା ଲୁଗାପଟା ଅଛି, ମୁଁ ତୃଙ୍କ ଲାଗେ ବାନ୍ଧ ରଖିଛି । ପାଟ ଲୁଗା, ମଖମଲ ହୋଇ ତାର ବର୍ଷେ ଖଣ୍ଡେ ଚଳିଯିବ ।"

ପୁଣି କାନ୍ଥ ସେପାଖରୁ ସ୍ୱର ଶୁଣାଗଲା, "ସେ ସବୁ ଆଉ ସାଙ୍ଗରେ ନେଇଯିବୁ ନାହିଁ । ଆମକୁ ଦେଇଯା ।"

"ମଲା; ମୁଁ ନେଇ କଣ କରିବି ମ ? ମୋ ଧନମାଳୀ ତ ଏଠି ରହିବ, ମୁଁ ଆଉ ତା ଲୁଗାପଟାତକ କାହିଁକି ନେଇଯିବି, କହ ତ ?"

ତଟିଘର ମାଲିକ ବୁଢ଼ଆ ସାହୁ ଘରୁ ବାହାରି, ସୁଧା ଆଗରେ ଆସି ଠିଆ ହେଲା । କହିଲା, "ଅଚ୍ଛା" । ଚୁକ୍ତି ସ୍ଥିର ହୋଇଗଲା । ସୁଧା ସେ ସୁନ୍ଦର ପିଲଟିକି କୋଳରେ ଧରି ତଟିଘରେ ଶୋଇଲା । ସେ ଆରଦିନ ସକାଳେ ଛଅ ଚଉଦିନ ଟଙ୍କା ସାନା ସାହୁକୁ ଗଣିଦେଲା । ରମାର ଲୁଗା ପଟାତକ ମଧ ତା ହାତରେ ଟେକିଦେଲା । ତା ପରେ ରମାକୁ ଗୋଟିଏ ଚୁମ୍ବନ ଦେଇ, କୋଳରେ ଯାକ ଧରି କହିଲା, "ମା, ତୁ ଏଠି ମାଉସୀ ପାଖେ ରହ । ଏ ବ ଭଉଣୀଙ୍କ ସାଙ୍ଗେ ଖେଳାବୁଲା କର । ମୁଁ ଆଜ ଯାଉଛି । ଦିନ ଦେଖିଥାରେ ଫେରି ଆସିବ ସେ" କହି, ସୁଧା ତଟିଘରୁ ଗୋଡ଼ କାଢ଼ି, ପଛକୁ ଘୁରି ଘୁରି ଅଦୃଶ୍ୟ ହୋଇଗଲା । ସାହର ଲୋକେ ତା ପଛରେ କଥାବାର୍ତ୍ତା ହେଲେ, "ମାଇପିଟା କେତେ କାନ୍ଦ କାନ୍ଦ ଯାଉଥିଲା କି । ଓଃ, ପିଲା ପାଇଁ କେଡ଼େ ସ୍ନେହ ତାର ।"

ସୁଧା ଚାଲିଗଲା ପରେ ସାନା ସାହୁ ସ୍ତ୍ରୀକୁ କହିଲା, "ଓଃ, କ ଚନ୍ତାରେ ପଡ଼ି ଯାଉଥିଲି ମୁଁ । ଦଶ ଦେଲାବେଳେ ଏଇପରି ଦଶନ୍ତୁ । କାଲି ମୋତେ ମହାଜନର ଶହେ ସୁଲଣ ଟଙ୍କା ଶୁଝିବାକୁ ହେବ । ସେ ଡର୍କି କରି ରଖିଛି । ତାକୁ ନ ଦେଇ ପାରିଥିଲେ, ଘର କୋରଖ ହୋଇଥାନ୍ତା । ମୁଁ ବଡ଼ କଷ୍ଟରେ ନବେ ଟଙ୍କା ଯୋଗାଡ଼ କରିଥିଲି । ପଚାଶ ନଅଣ୍ଟ ଥିଲା । ଆଜ ଦେଖିଲୁ, କେମିତି ଚଉଦିନ ଟଙ୍କା ମିଳିଗଲା । ତୋର ଏ ପିଲା ବଇଟା ପିଲା ନୁହନ୍ତି, ସାକ୍ଷାତ ବୃଦ୍ଧିଶ୍ରୀ ଜାଲା । ଥରେ ସେ ପଡ଼ୁଛି, ଆଉ ବାହାରି ପାରୁନାହିଁ ।"

ସ୍ତ୍ରୀ କହିଲା, "ହଁ ଜାଲରେ ତ ପଡ଼ୁଚନ୍ତି, ଖାଲି ଆଶ୍ଚର୍ଯ୍ୟର କଥା ସେ ତାକୁ ଜାଲ ବୋଲି ଜାଣିପାରୁ ନାହାନ୍ତି ।"

ସାନା ସାହୁ ଜାତରେ ବୁଢ଼ଆ ହେଲେ କଣ ହେବ, ସେ ଯୌବନରେ ଓଡ଼ିଶାରେ କୃଷକ ସେନାଦଳରେ ନାମ ଲେଖାଇଥିଲା ଓ ଖଣ୍ଡାୟତମାନଙ୍କ ସଙ୍ଗେ ଜାବନକୁ ଜାନ୍ତ ପକାଇ, ଯୁଦ୍ଧଭୂମିରେ ଲଢ଼ୁଥିଲା । ଖୋରଧାର ପାଇକଯୁଦ୍ଧ ବେଳେ ସେ ଇଂରେଜ ସରକାରଙ୍କ ବିରୁଦ୍ଧରେ ଯୁଦ୍ଧ କରି ନିଜ ହାତରେ କେତେ ଗୋରା

ସୈନିକଙ୍କ ମୁଣ୍ଡ କାଟିଛୁ । କିନ୍ତୁ ତା ପରେ ଯେତେବେଳେ ଇଂରେଜ ସରକାର ଜୟଲାଭ କଲେ ଏବଂ କୃଷକସେନା ଛାରଖାର ହୋଇଗଲା, ସାତ ଦୁରୁଗର ଯୋଦ୍ଧା ମାନେ ଛନ୍‌ଛତ୍ର ହୋଇ କିଏ କେଉଁଆଡ଼େ ବଣ ଜଙ୍ଗଲରେ ଯାଇ ପଶିଲେ; ଦାନା ସାହୁ ପେଟ ପୋଷିବାଲାଗି ପୈତୃକ ବ୍ୟବସାୟ ପରିବର୍ତ୍ତେ ଜଗାରସିଂହ ଗଡ଼ରେ ଗୋଟିଏ ଚଟିଘର ବସାଇଲା । ତା ଭାର୍ଯ୍ୟା ବୟସରେ ତା ଠାରୁ ପ୍ରାୟ ପନ୍ଦର ବର୍ଷ ସାନ । ଖୋରଧାର ସୈନିକ ବିପ୍ଳବ ଭାଙ୍ଗିବା ପରେ ଦାନା ସାହୁ ଯେତେବେଳେ ଅଧିକ ବୟସରେ ବିନା ଅବଲମ୍ବନରେ ଘରକୁ ଫେରିଲା, ସେତେବେଳେ ତା ହାତ ଧରିବାକୁ କେହି ରାଜିହେଲେ ନାହିଁ । ଶେଷରେ ଜଣେ ନିତାନ୍ତ ଦରିଦ୍ର ଲୋକ ତା ଅସୁନ୍ଦରୀ, କାଳୀ, ଶିଙ୍ଘାଣିନାକୀ ଝିଅଟିକୁ ଦାନା ସାହୁ ହାତରେ ସମର୍ପି ଦେଲା ।

କୁପଥରେ ଗଲେ ସବୁବେଳେ ଯେ ଲୋକେ ଲାଭବାନ୍ ହୁଅନ୍ତି; ତା ନୁହେଁ । ଦାନା ସାହୁ ଚଟିଘର ସାହାଯ୍ୟରେ ମୂର୍ଖ ବାଟୋଇମାନଙ୍କୁ ବରାବର ଠକି-ବାରେ ଲାଗିଥାଏ । ତଥାପି ତାକୁ ଟଙ୍କା ନଅଣ୍ଟ ହୁଏ । ରଘୀଠାରୁ ଚଉବନ ଟଙ୍କା ନେଇ ସେ ସେ ମାସରେ କୌଣସି ପ୍ରକାରେ ନିଶ୍ଚିନ୍ତ ହୋଇ, କିନ୍ତୁ ତା ପର ମାସରେ ତାର ପୂର୍ଣ୍ଣ ଅଭାବ ପଡ଼ିଲା । ସୁତରାଂ ସେ ରମାର ଲୁଗାପଟାଠାରୁ ପଞ୍ଚାଳିଶ ଟଙ୍କାକୁ ବନ୍ଧା ପକାଇଲା । ସେ ଟଙ୍କା ସରିବା ପରେ ଦାନା ସାହୁ ଓ ତା ଭାର୍ଯ୍ୟା ମନେ କଲେ ଯେ ସେମାନେ ରମାକୁ ମାଗଣା ଖୁଆଇ ପିଆଇ ରଖିଛନ୍ତି ଏବଂ ସେହି ଅନୁସାରେ ତା ପ୍ରତି ବ୍ୟବହାର ମଧ୍ୟ କଲେ । ତା ଅଳଙ୍କାର ଆଉ ଲୁଗାପଟା ନଥିବାରୁ; ଦାନା ସାହୁ ପିଲାମାନେ ଶାଢ଼ୀ ପିନ୍ଧି ଚିର ପକାଉଥାନ୍ତି; ରମାକୁ ତାହା ପିନ୍ଧିବାକୁ ପଡ଼ିଲା । ସମସ୍ତେ ଖାଇ ଗଲେ ଅଇଁଠାରେ ଯାହା ପଡ଼ିଥାଏ, ରମାକୁ ତହିଁରେ ପେଟ ପୂରାଇବାକୁ ହୁଏ ।

—୭—

## ଯେ ଅଙ୍ଗାର ସେ ହୀରା

ତେଣେ ରଘୀ ଯାଇ, କାମ ଖୋଜି ଖୋଜି, ଶେଷରେ ଭୁବନେଶ୍ୱର ପାଖେ ଏକ ଖୋଲୁ କାରଖାନାରେ କାର୍ଯ୍ୟ ପାଇଲା । ସେଠାରୁ ସେ ରମା ବିଷୟରେ ଖବର ଜାଣିବାକୁ ଦାନା ସାହୁକୁ ଚିଠି ଲେଖିଲା । ଦାନା ସାହୁ ଚିଠି ପରେ ଚିଠି ପାଇ ବରାବରେ ସମାଚାର ଜଣାଇବାରେ ଲାଗିଲା ଯେ ରମା ବେଶ୍ ଭଲରେ ଅଛି ।

ପ୍ରଥମ ଛ ମାସ ପରେ ସୁଧା ରମାର ଖର୍ଚ୍ଚ ବାବଦରେ ଗୀନା ସାହୁ ନିକଟକୁ ମାସିକ ସାତ ଟଙ୍କା ପଠାଇଲା । ମାତ୍ର ବର୍ଷ ନ ପୂରୁଣୁ ଗୀନା ସାହୁ କହିଲା, "ବେଶ୍ ତ ! ଟଙ୍କା ସାତଟା ପକେଇ ଦେଇ ନିଶ୍ଚିନ୍ତ । ମୁଁ ମାଗି ଯାଇଥିଲି ନା ଭଣ ।" ସେ ମାସକୁ ବାର ଟଙ୍କା ଦେବା ନିମନ୍ତେ ସୁଧା ପାଖକୁ ଚିଠି ଲେଖିଲା । ଚିଠି ପାଇ ସୁଧା ତେଣିକି ସେହି ବାର ଟଙ୍କା ହିସାବରେ ଦେଲା ।

ଏକ ଶ୍ରେଣୀର ଲୋକ ଅଛନ୍ତି, ଯେଉଁମାନଙ୍କ ହୃଦୟରେ ଅନୁରାଗ କମ୍ବା ବିରାଗ କିଛି ନାହିଁ । ଫଳରେ ତାହାକୁ ସ୍ନେହ କରିବାକୁ ହେଲେ ସେମାନଙ୍କର ଅନ୍ୟ ତାହାକୁ ଘୃଣା କରିବା ଦରକାର । ଗୀନା ସାହୁ ସ୍ତ୍ରୀ ଯେ ନିଜ ଝିଅ ଦୁଇଟିଙ୍କୁ ଏତେ ସ୍ନେହ କରିବାକୁ ଲାଗିଲା, ସେ ସ୍ନେହ ନିମନ୍ତେ ବିଧାତା ତା ହୃଦୟରେ ମଞ୍ଜି ପୋତି ନ ଥିଲା । ସେଥିପାଇଁ କ୍ଷତିପୂରଣ ସ୍ୱରୂପ ତାକୁ ବିଚାରୀ ରମାକୁ ସେତିକି ଘୃଣା କରିବାକୁ ପଡ଼ୁଥିଲା । ଗୀନା ସାହୁର ରୋଜଗାର ଯାହାହେଉ ପଛକେ, ସାହୁଆଣୀକୁ ପ୍ରତିଦିନ ଦୁଇଟି ବିପରୀତ ପ୍ରକାରର ଜିନିଷ ବ୍ୟୟ କରିବାକୁ ହେଉଥିଲା । ଅର୍ଥାତ୍, ସେ ତା ନିଜ ଝିଅ ଦୁଇଟିଙ୍କି ଯେତିକି ଚୁମ୍ବନ ଆଲିଙ୍ଗନ ଦେଉଥିଲା, ବିଚାରୀ ରମାକୁ ସେତିକି ଗାଳି ମାଡ଼ ଦେଉଥିଲା । ରମା ସେ ଘରେ ଆଶ୍ରୟ ନ ପାଇଥିଲେ, ହୁଏତ ତାର ନିଜ ଝିଅମାନେ ତାର ନିତି ଦିନର ଗାଳି ମାଡ଼ତକ ନିଜ ଅଙ୍ଗରେ ନିଉଥାନ୍ତେ । ରମା ଥିବାରୁ ତାହା ଘଟେ ନାହିଁ । ସେ ନିଜ ଉପରେ ସାହୁଆଣୀର କ୍ରୋଧର ସ୍ରୋତ ବହିବାକୁ ଛାଡ଼ିଦିଏ । ସେ ଅତି କଷ୍ଟରେ ବଢ଼େ । ଅଥଚ ତା ପାଖରେ ଗୀନା ସାହୁ ଝିଅ ଦୁଇଟି ସୁଖରେ କାଳ କାଟନ୍ତି ।

ଅଳ୍ପ ବୟସର ପିଲାମାନେ ନିଜ ମା'ର ଅବିକଳ ପ୍ରତିବିମ୍ବ ବୋଲି କହିଲେ ଚଳେ । ସେମାନେ ଆକାରରେ ଅବଶ୍ୟ ଛୋଟ ଥାନ୍ତି, କିନ୍ତୁ ଗୁଣ ସମାନ ଥାଏ । ତମା ଏବଂ ସାବି ଠିକ୍ ମା ପରି ରମା ଉପରେ ନିଜ ମନର ଓରମାନଯାକ ମେଣ୍ଟାନ୍ତି । ବରଷକ ପରେ ବର୍ଷ ଚାଲିଗଲା । ସୁଧା ରମାକୁ ଦେଖିବାକୁ ଜଜାରସିଂହ ଆସିପାରିଲା ନାହିଁ । ଜଜାରସିଂହ କେବେ କେମେ କହିବାକୁ ଲାଗିଲେ, "ଆହା, ଏ ଗୀନା ସାହୁଟି କେଡ଼େ ଭଲ ପାଲଟି ଗଲାମ ! ନିଜର ତ ଖାଇବାକୁ ନଅଣ୍ଟ । ତେବେହେଲେ ପର ପିଲାଟାକୁ ରଖି ପୋଷୁଛି ।"

ସୁଧା ରମାକୁ ପକାଇଦେଇ ପଳାଇଛି ବୋଲି ଜଜାରସିଂହରେ ଗୋଟାଏ ଧାରଣା ଜନ୍ମି ଥିଲା । ସାହୁଆଣୀ କେମେ ଧରିନେଲା ଯେ ରମା ସୁଧାର ବିବାହିତ ସ୍ୱାମୀର ଔରସରେ ଜନ୍ମ ହୋଇନାହିଁ । ସୁତରାଂ ଶୀଘ୍ର ଆସି ପିଲାକୁ ନେଇଯିବା ପାଇଁ ଗୀନା ସାହୁ ସୁଧାକୁ ଚିଠି ଲେଖିଲା । ସୁଧା ଡାମ ଛାଡ଼ି ଆସିପାରୁନଥିବାରୁ ଜାଣି; ତେଣିକି ଗୀନା ସାହୁର ଦାବୀ ଅନୁସାରେ ମାସକୁ ମାସ ପନ୍ଦର ଟଙ୍କା [illegible] ।

ରମା ବୟସରେ ବଢ଼ିବା ସଙ୍ଗେ ସଙ୍ଗେ ତା ଦୁଃଖ କଷ୍ଟର ମାତ୍ରା ବଢ଼ିଲା । ଛଅ ବର୍ଷ ବୟସରେ ତାକୁ ଆଜ ନାନା କାର୍ଯ୍ୟ କରିବାକୁ ପଡ଼ିଲା । ଘର ଓଳାଇବା, ବାସନ ମାଜିବା, ପାଣି ବୋହିବା ଇତ୍ୟାଦି ନାନା କାର୍ଯ୍ୟ କରିବାକୁ ପଡ଼ିଲା । ରମା ଏପରି ବର୍ଷେ ଖଣ୍ଡେ କାର୍ଯ୍ୟ କଲା ପରେ, ତା ମା ମାସକୁ ପନ୍ଦର ଟଙ୍କା ନିୟମିତ ରୂପେ ଦେଇପାରିଲା ନାହିଁ । କେତେ ମାସର ଦେୟ ବାକି ପଡ଼ିଗଲା । ତହୁଁ ସୀନା ସାହୁ ଓ ତା ଭାର୍ଯ୍ୟା କହିଲେ, "ଦେଖ୍, ରମା, କାମ ନ କଲେ ତୋ ହାଡ଼ ଗୁଣ୍ଡା କରିଦେବୁ । ତୁ କଣ ଏଠି ମାଗଣା ଖାଇ ଖଟୁଲିରେ ବସି ପୂଜା ହେବାକୁ [illegible] ? ମା ରାଣ୍ଡୀ ତ ପଇସାଟିଏ ଦବାକୁ ନାହିଁ ।"

ରାଧା ନଗର ଗଣ୍ଡି ଧନ ରମାକୁ ସୀନା ସାହୁ ଘରେ ଛାଡ଼ିଦିବାର ଦଶ ବର୍ଷ ପରେ ସେଠାକୁ ଆସି ପହଞ୍ଚିଥିଲେ, ଚିହ୍ନିବା ତା ପକ୍ଷେ ଅସମ୍ଭବ ହୋଇ ପଡ଼ିଥାନ୍ତା । ରମା ଦେହରେ ହାଡ଼ ଚମ ଗଣ୍ଡି ଛଡ଼ା ବର୍ତ୍ତମାନ ଆଉ କିଛି [illegible] ସେଥିପାଇଁ ଚମ୍ପା ଏବଂ ସୁଶୀ ତାକୁ ଆସିବାର ଦେଖିଲେ କହନ୍ତି, "ଏଇ ଭୂ[illegible] ଆସିଲା ।" ବାସ୍ତବରେ ରମା ତା'ର ପ୍ରେତ ଛଡ଼ା ଅନ୍ୟ କିଛି ପରି ଦିଶୁ ନ ଥିଲା । ତା ପିଲା ଦିନର ସବୁ ସୌନ୍ଦର୍ଯ୍ୟ ଯାଇଥିଲା; ବାକି ଥିଲା କେବଳ ବଡ଼ ବଡ଼ [illegible] ଆଖି ଦିଓଟି । ତାହା ଦେଖିଲେ ମନେ ହେଉଥିଲା ଯେ ନଗର ଦୁର୍ଦ୍ଦଶା [illegible] ରୂପେ ଦେଖିପାରିବା ନିମନ୍ତେ ପ୍ରକୃତି ତାର ବାକି ସବୁ ନେଇ, କେବଳ ବଡ଼ [illegible] ଆଖି ଦୁଇଟା ଛାଡ଼ି ଦେଇଛି । ସେ ଶୀତଦିନ ରାତିରେ ଫଟାରେ ଶୁଏ; ସକାଳେ [illegible] ଦୁଇ ପହର ବେଳେ ଖାଲି ମୁଣ୍ଡରେ ଯାଏ ଦୂର ପୋଖରୀରୁ ପାଣି ଆଣେ । ରମାର ଆଖି ଦିଓଟି କେବେ କେହି ଶୁଖିଲା ଦେଖେ ନାହିଁ ।

ସାହିର ଲୋକେ ରମାକୁ 'କୁକୁଡ଼ା' ନାମ ଦେଇଥାନ୍ତି । ତାର କାରଣ, କୁକୁଡ଼ା ଡାକ ଅନ୍ଧାରରୁ ଉଠିବା ନିମନ୍ତେ ତାକୁ ସାହୁଆଣୀ ଯେଉଁ ବଧା ଗୋଇଠା ମାଡ଼ ଦିଏ, ସେଥିରେ ସେ ଏତେ କାନ୍ଦି ଉଠେ ଯେ ସାହିଲୋକଙ୍କ ନିଦ ଭାଙ୍ଗିଯାଏ । ରମା ସୀନା ସାହୁ ଘର ଭିତରେ ଯାବତୀୟ କାର୍ଯ୍ୟ କରେ । ତା ଛଡ଼ା ଚଟିଶାଳକୁ ଯେଉଁ ବାଟୋଇମାନେ ଆସନ୍ତି, ସେମାନଙ୍କର ମଧ୍ୟ ନଉକରି ଖଟେ । ପ୍ରଥମେ ଚଟିଶାଳ ପାଇଁ ଜଣେ ଚାକର ଥିଲା । ରମା ଟିକିଏ ବଡ଼ ହୋଇସିବାର ଦେଖି, ସୀନା ସାହୁ କହିଲା "ବୁଢ଼ାଟାରେ ଏ ଲୋକଟା ପିଣ୍ଡରେ ମାସକୁ କାହିଁକି ଚାରି ପାଞ୍ଚ ଟଙ୍କା ଉଡ଼େଇବ ? ରମା କଣ ଖାଲି ବସି ଖାଇବ ?"

ଜଳାଶିଂହ ଗଡ଼ରେ ସୀନା ସାହୁ ଘରେ ଚମ୍ପା ଓ ସୁଶୀଙ୍କ ସଙ୍ଗରେ ରହି ରମାର ଯେ ଦୁର୍ଗତି ଘଟୁଅଛି ତାହା ମୋଟେ ଆଠ କୋଶ ଦୂରରେ ରହି ତାହା ମାଆ [illegible] ଜାଣି ନାହିଁ । ସେ କାରଖାନାରେ କାର୍ଯ୍ୟ କରି ଦିଅ ନିମନ୍ତେ ଟଙ୍କା

ରୋଜଗାର କରିବାରେ ଲାଗିଛି । ସେ ଯେଉଁ ଚେରୁ କାରଖାନାରେ କାମ କରୁଥିଲା, ତାହା ଗୋଟିଏ ନୂଆ କାରଖାନା । ଅନ୍ୟାନ୍ୟ ରଙ୍ଗ ନ ମିଳିବାରୁ ସେ ସମୟରେ ଚେରୁର ଦାମ ଖୁବ୍ ବଢ଼ି ଯାଇଥିଲା । ତାହା ଦେଖି ସନ ୧୨୪୮ ସାଲ ଶେଷଆଡ଼କୁ ଜଣେ ବିଦେଶୀ ବ୍ୟବସାୟୀ ଆସି ସାରଙ୍ଗଗଡ଼ରେ ଗୋଟିଏ କାରଖାନା ବସାଇଲେ । ରାଧା ସେହି କାରଖାନାରେ କାର୍ଯ୍ୟ କରୁଥିଲା । ବ୍ୟବସାୟ ଚଳିବାର ତିନି ବର୍ଷ ମଧ୍ୟରେ ଦେଖାଗଲା ଯେ ସେ ବ୍ୟବସାୟୀ ଖୁବ୍ ଲାଭବାନ୍ ହୋଇଛନ୍ତି । କେବଳ ସେତିକି ନୁହେଁ, ସେଠାରେ ଯେତେ ମୂଲିଆ ମଜୁରିଆ କାମ କରୁଥିଲେ ସେମାନଙ୍କ ହାତରେ ମଧ୍ୟ ଅନେକ ଟଙ୍କା ପଡ଼ିଥିଲା ।

ଏହି ନୂତନ ବ୍ୟବସାୟୀଙ୍କ ପରିଚୟ ସମସ୍ତ ସାରଙ୍ଗଗଡରେ କେହି ପାଇ ନ ଥିଲେ । ସେ ଆସିଲା ବେଳେ ହାତରେ ଟଙ୍କା ଶହେ ଖଣ୍ଡେ ମାତ୍ର ଆଣିଥିଲେ । ସନ ୧୨୫୩ ସାଲକୁ ତାଙ୍କ ହାତରେ ପ୍ରାୟ ସାତ ଲକ୍ଷ ପର୍ଯ୍ୟନ୍ତ ଟଙ୍କା ଜମା ହେଲା । ସେ ଯେଉଁଦିନ ପ୍ରଥମେ କାନ୍ଧରେ ଗୋଟିଏ ବୁଜୁଲା ପକାଇ ଏବଂ ହାତରେ ଖଣ୍ଡିଏ ଅଠଣ୍ଠା ବାଉଁଶ ବାଡ଼ି ଧରି ସାରଙ୍ଗଗଡ ମଧ୍ୟରେ ପାଦ ପକାଇଥିଲେ, ସେ ଦିନ ଗୋଟିଏ ବିଶେଷ ଘଟଣା ଘଟିଥିଲା । ସେ ପହଞ୍ଚିବା ବେଳକୁ ଜଣକ ଘରେ ନିଆଁ ଲାଗିଲା । ସେ ନିଆଁ ମଧ୍ୟକୁ ଡେଇଁପଡ଼ି ସେ ଲୋକର ଦୁଇଟି ପିଲାଙ୍କୁ ଉଦ୍ଧାର କରି ଆଣିଲେ । ସେ ଯାହା ପିଲାଙ୍କୁ ଉଦ୍ଧାର କଲେ, ସେ ପୋଲିସ ବିଭାଗର ସବୁଠାରୁ ବଡ଼ କର୍ମଚାରୀ । ସେଥିପାଇଁ ସେ ନୂଆ ହୋଇ ଆସିଥିଲେ ସୁଦ୍ଧା, ପୋଲିସ ତାଙ୍କ ବିଷୟରେ ଆଉ କିଛି ଖୋଜଖବର ନେଲେ ନାହିଁ । କେବଳ ତାଙ୍କ ଧନଞ୍ଜୟ ରାଏ ନାମ ସବୁଆଡ଼େ ପ୍ରକଟିତ ହେଲା । ସେତେବେଳେ ତାଙ୍କ ବୟସ ପ୍ରାୟ ପଚିଶ ବର୍ଷ ।

ସାରଙ୍ଗଗଡ଼କୁ ଆସିବାର ବର୍ଷକ ମଧ୍ୟରେ ଧନଞ୍ଜୟ ବ୍ୟବସାୟର ଲାଭରେ ଗୋଟିଏ ବଡ଼ କାରଖାନା ଘର ଖୋଲିଲେ । ସେ କାରଖାନାରେ ସ୍ତ୍ରୀ ଓ ପୁରୁଷ-ବାଳକମାନେ କାମ କରିବା ନିମନ୍ତେ ଅଲଗା ଅଲଗା ଘୁଆଡ଼ ରହିଲା । ଯେ ଖାଇବାକୁ ନ ପାଏ, ତା ନିମନ୍ତେ ସେ କାରଖାନାରେ କାର୍ଯ୍ୟ ରହିଥାଏ । ଲୋକେ ସାଧୁ ଓ ସଚ୍ଚରିତ୍ର ହେଲେ, ସେଠାରେ ସହଜରେ ସ୍ଥାନ ପାଉଥିଲେ । ଧନଞ୍ଜୟ ରାଏ ଅର୍ଥ ଉପାର୍ଜନ କରି କେବଳ ଯେ ସଞ୍ଚୟ କରି ରଖୁଥିଲେ, ତା ନୁହେଁ, ଯଥେଷ୍ଟ ଦାନ କରୁଥିଲେ । ସାରଙ୍ଗଗଡ଼ରେ ଗୋଟିଏ ଚିକିତ୍ସାଳୟ ବସାଇଲେ । ବାଳକ ଏବଂ ବାଳିକାମାନଙ୍କ ନିମନ୍ତେ ଦୁଇଟି ପୃଥକ୍ ବିଦ୍ୟାଳୟ ସ୍ଥାପନ କଲେ ।

ଧନଞ୍ଜୟ ରାଏ ସାରଙ୍ଗ ଗଡ଼କୁ ଆସିବାର ଦୁଇ ବର୍ଷ ପରେ ରାଜା ତାଙ୍କୁ ଦେୱାନ ପଦ ଯାଚିଲେ । ସେଥିରେ ରାଜାଙ୍କର ପୁରୁଣା କର୍ମଚାରୀମାନଙ୍କର ଈର୍ଷା ଜାତ

ହେଲା । ତାହା ଜାଣିପାରି, ଧନଞ୍ଜୟ ରାଏ ସେ ପଦ ଗ୍ରହଣ କଲେ ନାହିଁ । ତାଙ୍କ ବିଚକ୍ଷଣତା ଦେଖି ରାଜା ତାଙ୍କୁ 'ବିଦ୍ୟାଭୂଷଣ' ଉପାଧି ଯାଚିଲେ । ତାହା ମଧ୍ୟ ସେ ଗ୍ରହଣ କରିବାକୁ ନାରାଜ ହେଲେ । ରାଜଦତ୍ତ ଉପାଧି ଓ ଉଚ୍ଚ ପଦକୁ ଧନଞ୍ଜୟ ଯେତିକି ପରିତ୍ୟାଗ କରିବାକୁ ବସିଲେ, ସେ ସବୁ ତାଙ୍କୁ ସେତିକି ଗୋଡ଼ାଇବାକୁ ଲାଗିଲା । ସନ ୧୨୫୩ ସାଲରେ ରାଜା ତାଙ୍କୁ ପୁଣି ଦେୱାନ ପଦ ଗ୍ରହଣ କରିବାକୁ କହିଲେ । ଏଥର ତାହା ଗ୍ରହଣ କରିବା ନିମନ୍ତେ ତାଙ୍କୁ ସାରଙ୍ଗଗଡ଼ର ସବୁ ଅଞ୍ଚଳର ଲୋକେ ଆସି ଅନୁରୋଧ କଲେ । ଫଳରେ ଧନଞ୍ଜୟ ରାଏ ନିଜ ବ୍ୟବସାୟ ଚଳାଇବା ସଂଗେ ସଂଗେ ରାଜାଙ୍କ ଦେୱାନ ପଦରେ ଅଧିଷ୍ଠିତ ହେଲେ ।

ବୁଦ୍ଧିବଳରେ ପ୍ରଚୁର ଅର୍ଥ ଉପାର୍ଜନ କରି ଓ ରାଜାଙ୍କର ଦେୱାନ ପଦରେ ନିଯୁକ୍ତ ହୋଇ ସୁଦ୍ଧା, ଧନଞ୍ଜୟ ରାଏ ଆଡ଼ମ୍ବରଶୂନ୍ୟ ଚାଲିଚଳନ ଛାଡ଼ିଲେ ନାହିଁ । ସେ ଖଣ୍ଡିଏ ମୋଟିଆ ବାଉଁଶରୁଣା ଖଦ ପିନ୍ଧି ଆଉ ଖଣ୍ଡିଏ ଦୋପଟା ଧରୁଥିଲେ । ଦେୱାନ କାର୍ଯ୍ୟ କରିବା ସମୟ ଛଡ଼ା ସେ ଅନ୍ୟ ସମୟରେ ଏକୁଟିଆ ରହୁଥିଲେ । ଅତି ଅଳ୍ପ ଲୋକଙ୍କ ସଙ୍ଗେ କଥାବାର୍ତ୍ତା ହେଉଥିଲେ । କହିବା ନିମନ୍ତେ କୌଣସି ଘଟଣା ପଡ଼ିଲେ, କ୍ଷୀଣ ମୃଦୁକଣ୍ଠସ୍ୱରରେ ତାହା ଶେଷ କରୁଥିଲେ । ଅନ୍ୟ କୌଣସି କାର୍ଯ୍ୟ ନ ଥିବାବେଳେ ବହି ପଢ଼ି ସମୟ କଟାଉଥିଲେ । ସାରଙ୍ଗଗଡ଼ର ରାଜା କ୍ରମେ ତାଙ୍କ ଆସ୍ଥା ମାର୍ଜିତ, ବ୍ୟବହାର ଭଦ୍ର ଓ କାର୍ଯ୍ୟକଳାପ ସୁଶୃଙ୍ଖଳ ହୋଇଗଲା ।

ଧନଞ୍ଜୟ ରାଏ ରୋଜ କିଛି ସମୟ ବାହାରେ ବୁଲିବାକୁ ଯାଉଥିଲେ । ସେ ଘରୁ ବାହାରିଲା ବେଳେ ମୁଣାରେ ସୁ'କ, ଦୋ'ଣି ମୁଣାଏ ପୂରାଇ ନେଉଥାନ୍ତି । ଫେରି ଆସିଲା ବେଳକୁ ମୁଣିଟି ଖାଲି ହୋଇଥାଏ । ଦରିଦ୍ର ମାଗିଖିଆ ଲୋକେ ବରାବର ତାଙ୍କ ବାଟକୁ ଚାହିଁ ବସିଥାନ୍ତି । ସେ ସତ୍‌କାର୍ଯ୍ୟମାନ ଗୋପନରେ କରିବାକୁ ଇଚ୍ଛା କରୁଥିଲେ, ସତେ ଅବା ଯେପରି କୌଣସି ପାପ କରୁଛନ୍ତି । ଅନେକ ଦିନ ରାତିରେ ଦରିଦ୍ର ଲୋକଙ୍କ ଘରେ ଚିତ୍କାର ଶୁଣାଯାଏ—"ଏଇ ଚୋର ପଳେଇଲା, ଚୋର ପଳେଇଲା ।" ମାତ୍ର ଦୀପ ଲଗାଇ ଦେଖିଲା ବେଳକୁ ଦେଖାଯାଏ ଯେ କାହା ଘରେ ଗୋଟିଏ ସୁନାର ମୋହର ପଡ଼ିଛି, କାହାଘରେ ବା ଗୋଟିଏ ମୋଟିଆ ଟଙ୍କାଥଳୀ ଥୁଆ ହୋଇଛି । ଏ ଚୋର ଯେ ଧନଞ୍ଜୟ ରାଏ, ତାହା ଜଣାପଡ଼ିବାକୁ ବିଳମ୍ବ ହେଲା ନାହିଁ ।

ସନ ୧୨୫୮ ସାଲରେ ସୁନ୍ଦରପୁର ମଠ ମହନ୍ତଙ୍କର ନାରାୟଣ ପ୍ରାପ୍ତି ହେଲା । ସେ ସମ୍ବାଦ ପାଇ ଧନଞ୍ଜୟ ରାଏ ହଠାତ୍ କାନ୍ଦି ପକାଇଲେ । ତାଙ୍କୁ କେହି କେହି ପଚାରିଲେ, "ଆପଣ କଣ ମହନ୍ତଙ୍କର ବନ୍ଧୁବାନ୍ଧବ କିଛି ହୁଅନ୍ତି ?"

ଧନଞ୍ଜୟ ରାଏ ଉତ୍ତର ଦେଲେ, "ନା' ମୁଁ ତେବେ ତାଙ୍କର ଅନୁଗତ ହୋଇଥାନ୍ତି"— କହି, ସେ ଏକ ଦୀର୍ଘନିଃଶ୍ୱାସ ପକାଇଲେ । ଆଉ ଥରେ ମଧୁସୂଦନ ମହାନ୍ତି ନାମରେ ଜଣେ ଯୁବକ ପଡ଼ିଆ ଜମି ପଟ୍ଟା ନେବା ନିମନ୍ତେ ରାଜାଙ୍କ କଚେରୀକୁ ଦରଖାସ୍ତ ଦେଇ ଆସିଥିଲେ । ସେ ଦରଖାସ୍ତ ଦେବାନଙ୍କ ପାଖେ ପେଶ କଲାବେଳେ ଦେବାନ ଏକଦୃଷ୍ଟିରେ ତା ଆଡ଼କୁ ଅନେକ ସମୟ ଚାହିଁ ରହିଲେ । ତା ପରେ ତାକୁ ଆଠ ଗୋଟି ସୁନା ମୋହର ଦେଇ ତା ଦରଖାସ୍ତ ମଞ୍ଜୁର କଲେ । ସେ କାରଣ ବୁଝି ନ ପାରି ଅବାକ୍ ହୋଇ ଠିଆହୋଇ ରହିଲା ।

ଦେବାନଙ୍କ ଚାଲିଚଳନ ଯେତିକି ସିଧା, ତାଙ୍କ ଘର ଦ୍ୱାର ସେତିକି ଖୋଲା । କେବଳ ଗୋଟିଏ କୋଠରୀକୁ ସେ କାହାକୁ ଛାଡ଼ନ୍ତି ନାହିଁ । ସେଇଟି ତାଙ୍କର ଶୟନକକ୍ଷ । ଥରେ ରାଜା କହିଲେ, "ଦେବାନ, ମୁଁ ଶୁଣୁଛି ଆପଣ ତଳେ ଶୋଉଛନ୍ତି । ଶଯ୍ୟାର ଆଡ଼ମ୍ବର ଆପଣଙ୍କର କିଛି ନାହିଁ । ଶୀତଦିନେ ଘୋଡ଼େଇ ହେଉ ନାହାନ୍ତି କି ଆପଣଙ୍କ ପାଖେ ପଶା ଅଲଟ ପଡ଼ୁନାହିଁ । ମୁଁ ଆପଣଙ୍କ ଶୟନକକ୍ଷ ଦେଖିବି ।" ଦେବାନ ନିତାନ୍ତ ଅନିଚ୍ଛାସତ୍ତ୍ୱେ ରାଜାଙ୍କୁ ନିଜ ଶୟନକକ୍ଷ ଭିତରକୁ ନେଇଗଲେ । ସେଠାରେ କିଛି ବିଶେଷତ୍ୱ ନ ଥିଲା । କେବଳ ଗୋଟିଏ ଛୁପା ଖାପରୁଖାରେ ଗୋଟିଏ ଫୁଲମାଳ ପଡ଼ି ଦେବାନଙ୍କ ଶେଯର ମୁଣ୍ଡ ଆଡ଼କୁ ଝୁଲା ହୋଇଥିଲା । ରାଜା ଦେବାନଙ୍କୁ ସେ ବିଷୟରେ କିଛି ପ୍ରଶ୍ନ ନ କରି ଖାଲି କହିଲେ, "ଏଇ ଜପ ମାଳ ବୋଧହୁଏ ଆପଣ ରାତିରେ ପଢ଼ନ୍ତି ।" ଦେବାନ ଉତ୍ତର ଦେବାର କୌଣସି ଆବଶ୍ୟକତା ପଡ଼ିଲା ନାହିଁ ।

ଦେବାନ କ୍ରମେ କ୍ରମେ ସାରଙ୍ଗଗଡ଼ର ସାନଠାରୁ ବଡ଼ ପର୍ଯ୍ୟନ୍ତ ସମସ୍ତଙ୍କର ଶ୍ରଦ୍ଧା ଓ ଭକ୍ତିର ପାତ୍ର ହୋଇ ପଡ଼ିଲେ । ନିଜେ ରାଜା ମଧ୍ୟ ତାଙ୍କର ଜାତି କୁଳ ବିଷୟରେ କିଛି ନ ଜାଣି ତାଙ୍କୁ ନମସ୍କାର କରୁଥିଲେ । କିନ୍ତୁ ସମଗ୍ର ସାରଙ୍ଗଗଡ଼ରେ ଜଣେ ମାତ୍ର ଲୋକ ଥିଲେ, ଯେ କି ଦେବାନଙ୍କୁ ମନେ ମନେ ଅତ୍ୟନ୍ତ ବେଖାତିର କରୁଥିଲେ । ଦେବାନଙ୍କୁ ଦେଖିଲେ ସେ ସବୁବେଳେ ମୁହଁ ଟେକି ତାଙ୍କ ଆଡ଼କୁ ସନ୍ଦେହ ଦୃଷ୍ଟିରେ ଚାହାନ୍ତି । ସେ ମନକୁ ମନ କହନ୍ତି, "ଏଟାକୁ ମୁଁ ତ ଆଗରୁ କେଉଁଠି ଦେଖିଛି ।" କିନ୍ତୁ ହୁଡ଼ାଣରେ ସେ କିଛି କହିପାରନ୍ତି ନାହିଁ, ଅନ୍ୟାନ୍ୟ ସମସ୍ତଙ୍କ ପରି ଭକ୍ତିଭାବ ସହିତ ମାତ୍ର, ମୁଣ୍ଡ ନୁଆଁଇ ଚାଲନ୍ତି ।

ସେ ବ୍ୟକ୍ତିଙ୍କର ନାମ ଜନାର୍ଦ୍ଦନ ମହାପାତ୍ର । ସେ ପୋଲିସ ବିଭାଗର ସବୁଠାରୁ ବଡ଼ କର୍ମଚାରୀ, ସେ ସମୟରେ ସାରଙ୍ଗଗଡ଼ରେ କାର୍ଯ୍ୟ କରୁଥିଲେ । ସେ ସାରଙ୍ଗଗଡ଼କୁ ଆସିବା ପୂର୍ବରୁ ଧନଞ୍ଜୟ ରାଏ ବ୍ୟବସାୟରେ ଅର୍ଥ ଉପାର୍ଜ୍ଜନ କରି

ବଡ଼ହେଲେ ଜେଲ ଖଟାଇଲେ । ଜନାର୍ଦ୍ଦନ ମହାପାତ୍ରଙ୍କ କାହାଣୀ ସେହିଭଳି ଲୋକମାନଙ୍କ ନୁହେଁ । ତାଙ୍କ ମା ଗୋଟିଏ ଅପରାଧର ଦଣ୍ଡ ସ୍ୱରୂପ ଜେଲଖାନାରେ ଥିଲାବେଳେ ସେହିଠାରେ ତାଙ୍କର ଜନ୍ମ । ସେହି ଜେଲଖାନାରେ ହିଁ ସେ ମାଆ କୋଳରେ ବଢ଼ିଥିଲେ । ମନୁଷ୍ୟସମାଜକୁ ଘୃଣା କରିବା ସେ ମା ଆଖିଠାରୁ ଅଳ୍ପ ବୟସରୁ ଶିକ୍ଷା କରିଥିଲେ । ବଡ଼ ହୋଇ ସେ ଶିକ୍ଷା ଲାଭ କରି, ମାଆଙ୍କ ଦଣ୍ଡର ପ୍ରତିଶୋଧ ନେବା ଇଚ୍ଛାରେ ପୋଲିସ ବିଭାଗରେ ଚାକିରି କଲେ; କିନ୍ତୁ କିଛିଦିନ କାମ କଲା ପରେ ତାଙ୍କ ପ୍ରତିହିଂସା ନେବା ଇଚ୍ଛା ଲୋପ ପାଇଗଲା । ସେ ଦୁଇଗୋଟି ନୀତିରେ ନିଜକୁ ଗଢ଼ି ରଖିଲେ—ଗୋଟିଏ ଉପରସ୍ଥ କର୍ମଚାରୀମାନଙ୍କ ପ୍ରତି ଭକ୍ତି, ଆଉଟି ଦୋଷକୁ ଘୃଣା କରିବା । ତାଙ୍କ ଚାକିରିର ଦକ୍ଷତା ଯୋଗେ ତାଙ୍କୁ 'ସର୍ଦ୍ଦାର' ଉପାଧି ମିଳିଥିଲା ।

ସର୍ଦ୍ଦାର ମହାପାତ୍ରଙ୍କ ଚେହେରା ଯେ ସୁନ୍ଦର ନ ଥିଲା, ତା ତାଙ୍କୁ ଦେଖି ଯେକୌଣସି ଲୋକ କହିପାରୁଥିବ । ତାଙ୍କ ମୁହଁଟି ଏକପ୍ରକାର ତ୍ରିଭୁଜାକାର, କପାଳ ଅପ୍ରଶସ୍ତ, ଓଠ ଯୋଡ଼ିକ, ହାତ ଦୁଇଟା ଅତ୍ୟନ୍ତ ଲମ୍ବା, ଆଖିର ଦୃଷ୍ଟି ଅତ୍ୟନ୍ତ ତୀକ୍ଷ୍ଣ । ସେ ହାତରେ ଗୋଟାଏ ଲମ୍ବା ବେତ ଧରି ଘୋଡ଼ାରେ ଚଢ଼ି ଯାଉଥିବାବେଳେ ଲୋକେ ଦୂରରୁ ଦେଖି କହନ୍ତି, "ଏଇ ଯମ ଆସିଲା ।" ଯେଉଁମାନେ ମୁଣ୍ଡରେ 'ଅପରାଧୀ' ଛାପ ପିନ୍ଧିଅଛନ୍ତି କିମ୍ବା ଅପରାଧ କରିବାକୁ ଯାହାଙ୍କର ଇଚ୍ଛା ଥାଏ, ସେମାନେ ସର୍ଦ୍ଦାର ମହାପାତ୍ରଙ୍କ ନାମ ଶୁଣିଲା ମାତ୍ରେ ଭୟରେ ଥରନ୍ତି ।

ସର୍ଦ୍ଦାର ମହାପାତ୍ରେ ଦେବାନଙ୍କୁ ମନେ ମନେ ଯେ କାହିଁକି ଘୃଣାର ଚକ୍ଷୁରେ ଦେଖନ୍ତି, ତାହା ତାଙ୍କୁ ଜଣା । ଅନ୍ୟମାନେ କାରଣଟା କେବଳ ଅନୁମାନ କରିପାରନ୍ତି । ଦେବାନ ମଧ୍ୟ ସର୍ଦ୍ଦାରଙ୍କୁ ଦେଖିଲେ ଖୁସି ହୁଅନ୍ତି ନାହିଁ । ସର୍ଦ୍ଦାର ଦେବାନଙ୍କ ନିକଟକୁ ଯାଇ ପରିଚୟ କରିବାକୁ ଯେତେ ଇଚ୍ଛା କରନ୍ତି, ଦେବାନ ସେତିକି ତାଙ୍କଠାରୁ ଦେଇ ଦୂରରେ ରହନ୍ତି; କିନ୍ତୁ ଥରେ ଉଭୟଙ୍କର ମିଳନ ହୋଇଥିଲା । ଦେବାନ ଭୁବନେଶ୍ୱର ଯାଉଥିବା ବେଳେ ବାଟରେ ଗୋଟାଏ ଚୋରଙ୍କ ଦଳ ଗୋଟାଏ ଲୋକକୁ ମାଡ଼ିବସିଲା । ଲୋକ ଜମା ହୋଇଗଲେ; କିନ୍ତୁ କେହି ଗୋଟାକୁ ଉଠି ତାହାର ହାତ ଅଟକାଇବାକୁ ସାହସ କଲେ ନାହିଁ । ଦେବାନ ଚିତ୍କାର କଲେ, "ଦେଖ, ମୁଁ ଶହେ ଟଙ୍କା ପୁରସ୍କାର ଦେବି, ଏଇ ବାହାଦୁର ବାହାର, ଗୋଟାକର ପ୍ରାଣ ରକ୍ଷା ।" ମାତ୍ର କେହି ବାହାରିଲେ ନାହିଁ ।

ଏଠାକୁ ପଛରୁ ସର୍ଦ୍ଦାର ମହାପାତ୍ରେ ଆସି ପହଞ୍ଚି ବଡ଼ ପାଟିରେ ପଚାରିଲେ, "କଣ, କାହିଁକି ଜମା ହୋଇଛ ? ଘଟଣା କଣ ?" ସମସ୍ତେ ସବୁ କଥା ଖୋଲି-

ଦେଲେ । ଦେବାନଙ୍କ ମୁହଁ ଟିକିଏ କଳା ପଡ଼ିଗଲା । ସର୍ଦ୍ଦାର ନଇଁ ନମସ୍କାର କରି କହିଲେ, "ହଜୁର ମଧ୍ୟ ଏଠି ଏକେ ହେଉଛନ୍ତି !" ଦେବାନ କୌଣସି ଉତ୍ତର ନ ଦେଇ ରୁଣ୍ଡ ହୋଇଥିବା ଲୋକଙ୍କୁ ପୁଣି କହିବାକୁ ଲାଗିଲେ, "ଦେଖ, ଶହେ ଟଙ୍କା, ବାହାରିପଡ଼ ।" ତଥାପି କେହି ବାହାରିଲେ ନାହିଁ । ତେଣେ ଶଗଡ଼ିଆ ପାଟିକରି କହିଲା, "ମରିଗଲି, ମରିଗଲି ।" ଦେବାନ ପୁନଶ୍ଚ ଲୋକଙ୍କୁ ଉତ୍ସାହ ଦେଇ କହିଲେ, "ଯାଅ, ବାହାରିପଡ଼ । ଶହେ ନୁହେଁ, ଦୁଇଶହ ଟଙ୍କା ଦେବ ।"

ସର୍ଦ୍ଦାର କହିଲେ, "ଆପଣ ଯେତେ ଦଅନ୍ତୁ ପଛକେ, ଏମାନେ ବାହାରିବେ ନାହିଁ; ଏ ଛୋଟଲ ଜାତ । ସ୍ତ୍ରୀଙ୍କ ଦ୍ୱାରା ଏ କାମ ନୁହେଁ । ମୁଁ ଜଣେ ଲୋକକୁ ଜାଣେ, ଯା ହାତେ ଏଇ କାର୍ଯ୍ୟ ଦଣ୍ଡକେ ହୋଇ ପାରନ୍ତା ।" ଶୁଣି ଦେବାନଙ୍କ ମୁହଁ ଶେତା ପଡ଼ିଗଲା । ତାହା ଦେଖି ସୁଦ୍ଧା, ସର୍ଦ୍ଦାର ପୁଣି କହିଲେ, "ଲୋକଟା ଗୋଟାଏ ଉଣିଶ ବର୍ଷର ଝିଅ ।" ଦେବାନଙ୍କ ମୁହଁ ଏକାବେଳକେ ଶୁଖିଗଲା । ସେତିକବେଳେ ଶଗଡ଼ିଆ ପୁଣି ଚିତ୍କାର କରି ଉଠିଲା, "ମୋ ହାଡ଼ ଭାଙ୍ଗିଗଲା । ମୋତେ ରଖ । ଏତେ ଲୋକ ଠିଆ ହୋଇ ଦେଖୁଛ, ମୁଁ ଏଠି ମରୁଛି ।" ଦେବାନ ମୁଣ୍ଡ ଟେକି ଚାହିଁଲେ । ଦେଖିଲେ ସର୍ଦ୍ଦାର ତାଙ୍କ ଆଡ଼କୁ ଏକ ଦୃଷ୍ଟିରେ ଅନାଇଁ ରହିଛନ୍ତି । ସେଥିରେ ବିଚଳିତ ହେବାକୁ ତାଙ୍କର ଆଉ ଅବସର ନ ଥିଲା । ସେ ଝଟ୍ ଝଟ୍ ପାଗୁଡ଼ା ଖଣ୍ଡି ଅଣ୍ଟାରେ ବାନ୍ଧି ଶଗଡ଼ ଦଣ୍ଡାରେ କାନ୍ଧ ଲଗାଇଦେଲେ । ହୋଟେଇ ଶଗଡ଼ କ୍ଷଣକ ମଧ୍ୟରେ ଟେକି ଉଠିଗଲା । ବାସୁ ଦାସ ମୃତ୍ୟୁମୁଖରୁ ଉଦ୍ଧାର ପାଇ ଚିକିତ୍ସାଳୟରେ ଯାଇ ରହିଲା । ସେଠାରେ ସେ ଦେଖିଲା, ତା ଶେଯ ପାଖେ କୋଡ଼ିଏଟି ସୁନା ମୋହର ଥୁଆ ହୋଇଛି । ତା ଉପରେ ଦେବାନଙ୍କ ହାତ ଲେଖା ଖଣ୍ଡିଏ କାଗଜ ରଖାଯାଇଛି । ସେଥିରେ ଲେଖା ଅଛି "ତୁମ ଶଗଡ଼ ଓ ବଳଦର ଦାମ । ଭଙ୍ଗା ଶଗଡ଼ ଏବଂ ଅକ୍ଷମ ହୋଇଥିବା ବଳଦ ଦେବାନ କିଣି ନେଇଗଲେ ।"

—୮—

## ମା'ର ଅପତ୍ୟ ସ୍ନେହ

ସୁଧା ଯେଉଁ ଦିନ ଆସି ପ୍ରଥମେ ଧନଞ୍ଜୟ ସାହୁଙ୍କ କାରଖାନାରେ କାମ କରିବାକୁ ରହିଲା, ସେ ଦିନର କଥା କାହାରି ମନେ ନାହିଁ । ସେ କଟାକଟା ଖଣ୍ଡରେ କାମ କଲା । ସେଠାରେ ଦରିଦ୍ର ମୂଲିଆଣୀମାନେ ରହିବାକୁ ଘର ଥାଏ । ସୁଧା ସେଥିରୁ ଗୋଟିଏ ଘରେ ରହିଲା । ପ୍ରଥମେ ତାକୁ ସାମାନ୍ୟ ମଜୁରି ମିଳିଲା । ମାତ୍ର ସେ କାମ ଭଲ ଶିଖିବା ସଙ୍ଗେ ସଙ୍ଗେ ତା ମଜୁରି ବଢ଼ିବାକୁ ଲାଗିଲା ।

ସେ ତା ଉପାର୍ଜିତ ଟଙ୍କାରୁ କିଛି ଖର୍ଚ୍ଚ କରି ଘରର କେତେକ ଆସବାବ କିଣିଲା । ତା ମଧ୍ୟରେ ଗୋଟିଏ ବଡ଼ ଦର୍ପଣ କିଣି ପାଖରେ ରଖିଲା । ଦର୍ପଣରେ ସେ ନିଜର ସୌନ୍ଦର୍ଯ୍ୟ ଦେଖି ବେଳେ ବେଳେ ଆନନ୍ଦ ଲଭିକରେ । ତା ବାଳ ପେଣ୍ଡାଟି ବଡ଼ ସୁନ୍ଦର ଦିଶେ । ସେ ଦର୍ପଣରେ ନିଜ ବାଳ ପେଣ୍ଡା ଓ ମୁକ୍ତା ପରି ଦାନ୍ତଗୁଡ଼ିକ ଦେଖି ଆନନ୍ଦରେ ନାଚିଉଠେ । କ୍ରମେ ତାର ସମସ୍ତ ଦୁଃଖ ପାସୋରିଗଲା । ତାର ଏକମାତ୍ର ଚିନ୍ତାର ବିଷୟ ରହିଲା ରମା ।

କିନ୍ତୁ ତା କୋଳର ଝିଅ ରମା ଯେ ବିଦେଶରେ ଅଛି, ତାହା ସେ କାହାକୁ ଆଗେ କହି ପାରିଲା ନାହିଁ । ସେ ତ ବିବାହ ହୋଇନାହିଁ ବୋଲି ସମସ୍ତଙ୍କୁ କହିଛି । ତାର ପୁଣି ପିଲା ଆସିବ କେଉଁଆଡ଼ୁ ? କିନ୍ତୁ ତା ପିଲାଟି କଥା ଲେଖି ଯାନା ସାନ୍ତୁ ଦଶ ଆଠ ଦିନରେ ଖଣ୍ଡେ ଖଣ୍ଡେ ଚିଠି ପଠାଏ । ସୁଧା ମଧ୍ୟ ଲୁଚିକି ଲୁଚିକି ସପ୍ତାହରେ ଦୁଇଖଣ୍ଡ ଚିଠି ଦିଏ । ସୁଧା ନିଜେ ଚିଠି ଲେଖି ପାରୁଥିଲେ [illegible] ପଡ଼ିବାର ଆଶଂକା ନ ଥାନ୍ତା; କିନ୍ତୁ ସେ ନିଜେ ଲେଖିପାରେ ନାହିଁ । ମୂଲିଆଣୀ-ମାନଙ୍କ ଚିଠି ଲେଖି ପଢ଼ି ଦେବା ନିମନ୍ତେ କାରଖାନା ମାଲିକଙ୍କ ତରଫରୁ ଜଣେ ସ୍ତ୍ରୀ ବାବୁ ଥାଏ । ସୁଧା ତାହାର ହାତରେ ଚିଠିଗୁଡ଼ିକ ଲେଖାଏ । ସୁଧାର ଗୋଟିଏ ପିଲା ଜଟାରସିଂହରେ ଅଛି ବୋଲି ସେ ସ୍ତ୍ରୀ ବାବୁ କ୍ରମେ କ୍ରମେ ସୁଝାଇବେ ଗୁଞ୍ଜି କରିପକାଇଲା ।

ମୂଲିଆଣୀମାନଙ୍କ ମଧ୍ୟରୁ କାହାର କେଉଁଠାରେ କିଏ ଅଛି, ସେ କଥାକୁ ନେଇ ସେମାନଙ୍କ ମଧ୍ୟରେ ବଡ଼ ଘାଣ୍ଟା ଚକଟା ଲାଗିଥିଲା । ସେ ବିଭା ହୋଇନାହିଁ ଏବଂ ତାର ପିଲାଟିଏ କେହି ନାହାନ୍ତି ବୋଲି ସୁଧା ବାରମ୍ବାର କହିବାରୁ, ଜଣେ ମୂଲିଆଣୀ ସାତ ଦିନ ଛୁଟି ନେଇ, ହାତରୁ ସାତ ଟଙ୍କା ଆଠଣା ଖର୍ଚ୍ଚ କରି, ଜଟାରସିଂହ ଯାଇ, ରମାକୁ ଦେଖି ଆସିଲା । ଆଉ ସୁଧା କି କୌଣସି କଥା ଲୁଚାଇ ରଖିପାରେ ? ମୂଲିଆଣୀମାନଙ୍କ ଉପରେ ଜଣେ ମାଲିକଆଣୀ ଥାଆନ୍ତି । ମୂଲିଆଣୀ-ମାନଙ୍କ ଚରିତ୍ର କିପରି ବିଶୁଦ୍ଧ ରହିବ, ତାହା ଦେଖିବା ତାଙ୍କର କାମ । ସେ ସୁଧାକୁ ଦିନେ ଡାକି କହିଲେ, "ଦେଖ୍, ସୁଧା, ତୋ ସ୍ୱଭାବ ବଡ଼ ମନ୍ଦ । ମାଲିକ ତୋ କଥା ସବୁ ଶୁଣି ତୋତେ କାମରୁ ବାହାର କରି ଦେଇଛନ୍ତି । ତୁ ଏ ପଚିଶ ଟଙ୍କା ନେଇ ପଳା" କହି ସେ ସୁଧାକୁ ପଚିଶଟି ଟଙ୍କା ଦେଲେ । ସୁଧା କାରଖାନା ଛାଡ଼ି ଚାଲିଗଲା ।

ସୁଧାକୁ ପୁଣି ଅକୂଳସାଗରରେ ଭାସିବାକୁ ପଡ଼ିଲା । ରମାର ଖର୍ଚ୍ଚପାଇଁ ମାସକୁ ଚାରି ଟଙ୍କା ବଦଳରେ ପନ୍ଦର ଟଙ୍କା ଦେବାକୁ ଯେଉଁ ସମୟରେ ଯାନା ସାନ୍ତୁ ଚିଠି ଲେଖିଥିଲା, ଏ ଠିକ୍ ସେହି ସମୟର ଘଟଣା । ସୁଧା କାର୍ଯ୍ୟରୁ ବାହାରିବାରୁ ଯାନା

ସାହୁଠାରୁ ମାସକୁ ମାସ ଟଙ୍କା ପଠାଇ ପାରିଲା ନାହିଁ । ତାକୁ ସବୁ ଅନ୍ଧାର ଦିଶିଗଲା । ସେ କାର୍ଯ୍ୟରୁ ବାହାର ହୋଇ ଏତେ କଷ୍ଟ ପାଉଛି ବୋଲି ମାଲିକ ଜାଣିଲେ ନାହିଁ । ତାଙ୍କ ଅଗୋଚରରେ ମାଲିକଆଣୀ ତାକୁ ଗୋଟାଏ ଦାତବ୍ୟ ପାଣ୍ଠିରୁ ପଚିଶ ଟଙ୍କା ଦେଇ ବାହାର କରି ଦେଇଥିଲେ ।

ରାଧା ବଜାରରେ ଖଣ୍ଡିଏ କୁଡ଼ିଆ ଭଡ଼ା ନେଇ ରହି, ଦିନ ମଜୁରିରେ କାମ କରିବାକୁ ଲାଗିଲା; କିନ୍ତୁ ସେ ମଜୁରି ତା ପେଟକୁ ଅଣ୍ଟିଲା ନାହିଁ । ଝିଅର ଖର୍ଚ୍ଚ ପାଇଁ ସେ ସେଥିରୁ ଆଉ ପଠାଇବ କଣ ? ଝିଅଟି ପାଖରେ ଥିଲେ, ସେ ତା ମୁହଁ ଚାହିଁ ଟିକିଏ ଖୁସି ହୋଇଥାନ୍ତା । ଭାବିଲା, ତାକୁ ଯାଇ ନେଇ ଆସିବ । କିନ୍ତୁ ଯିବା ଆସିବାକୁ ବାଟଖର୍ଚ୍ଚ ପାଇବ ବା କେଉଁଆଡ଼ୁ ? ତା ପରେ ପୁଣି, ଘନା ସାହୁର କୋଡ଼ିଏ ଟଙ୍କା ବାକି ପଡ଼ିଯାଇଥିଲା । ସବୁ କଥା ଭାବି ସେ କହିଲା, "ନା ଧନମାଳୀ ଖାଇ ପିଇ ସୁଖରେ ଅଛି; ଥାଉ । ତାକୁ ଆଣି ଏ ଯମଦଣ୍ଡରେ ଘାଣ୍ଟିବି କାହିଁକି ?"

ରାଧା ସେ କାରଖାନାରୁ ଦୁଷ୍ଚରିତ୍ରତା ଯୋଗେ ତଡ଼ା ଖାଇ ଆସିଛି, ତାହା ଚାରିଆଡ଼େ, ଅଳି ଗଳି ସମସ୍ତ ମଧ୍ୟରେ, ମଡ଼ାର ଦୁର୍ଗନ୍ଧ ପରି ବ୍ୟାପିଗଲା । ସେ ବାଟରେ ଗଲାବେଳେ ଲୋକେ ତା ଆଡ଼କୁ ଆଙ୍ଗୁଠି ଦେଖାଇ କଥାବାର୍ତ୍ତା ହେବାକୁ ଲାଗିଲେ । ସେ ପଳାଇ ଅନ୍ୟ କୌଣସିଠାରେ, ଏପରି କି ତା ନିଜ ଗ୍ରାମରେ ସୁଦ୍ଧା, କଲବାଡ଼ିରେ କାମ କରିବ ବୋଲି ଭାବିଲା; କିନ୍ତୁ ଯାରଙ୍ଗରଡ଼ ଛାଡ଼ିଯିବ କିପରି ? ସେ ଜଣେ ମହାଜନ ଠାରୁ କିଛି ଟଙ୍କା ଧାରିଥିଲା । ମହାଜନ କହିଲା, "ତୁ ଲେଚେବ ଝୁଲିଦିବୁ, ଦେଖ, ତୋତେ ସେବରେ ପୋଲିସରେ ଦେବି ।" ସେ ଯେଉଁ ଭଡ଼ା-ଘରେ ଥିଲା ତାର ମାଲିକ କହିଲା, "କାହିଁକି ? ତୋର ବୟସ ଅଛି, ରୂପ ଅଛି । ରୋଜଗାର କରି ମୋ ଭଡ଼ାଦେଇ ଯା ।" ଶୁଣି, ରାଧା ମୁଣ୍ଡ ପୋତି ଦୀର୍ଘ ନିଃଶ୍ୱାସ ପକାଇଲା । ସେ ଗଡ଼ଯାକ ଘରକୁ ଘର କାମ ଖୋଜି ବୁଲିଲା । କିନ୍ତୁ ସମସ୍ତେ ନାକ ଝୁଆଡ଼ିଲେ; କହିଲେ, "ତୁ ଟା ନଷ୍ଟ ମାଇକିନିଆଟାଏ । ତୋତେ କିଏ ଘରେ ପୂରେଇବ ?" ରାଧା କାନ୍ଦି କାନ୍ଦି, କେତେବେଳେ ଲୁହ ପୋଛି, କେତେବେଳେ ବା ଆଖିର ଲୁହ ଭୁଇଁରେ ପକାଇ, ଗଡ଼ର ଏ ମୁଣ୍ଡରୁ ସେ ମୁଣ୍ଡ ଓ ସେ ମୁଣ୍ଡରୁ ଏ ମୁଣ୍ଡ ଅନେକ ବୁଲିଲା; କିନ୍ତୁ କୌଣସିଠାରେ କିଛି ଆଶା ଦେଖିଲା ନାହିଁ ।

ମାଘ ମାସ ଶ୍ରୀପଞ୍ଚମୀ ଉତ୍ସବ ଦିନ କାରଖାନା ଭିତରେ ମହୋତ୍ସବ ଲାଗିଥିବା ସମୟରେ ରାଧାକୁ ବାହାର କରି ଦିଆଯାଇଥିଲା । ତା ପରେ ଗ୍ରୀଷ୍ମ ଏବଂ ବର୍ଷା ଋତୁ ଯାଇ, ପୁଣି ମାଘମାସ ଆସି ଉପସ୍ଥିତ ହେଲା । ସେ ବର୍ଷଯାକ ରାଧାର ଦୁଃଖ, କଷ୍ଟ, ଲଜ୍ଜା, ଅପମାନ, ନିର୍ଯାତନାର ତ ସୀମା ନାହିଁ । ତା ପରେ ପୁଣି, ତା ଋଣ ବଢ଼ିବାକୁ ଲାଗିଲା । ଘନା ସାହୁ ବାରମ୍ବାର ଟଙ୍କା ମାଗି ବେଣଙ୍କି ଚିଠି ଲେଖି

ପଠାଇଲା । ବେଣୀଙ୍କ ଚିଠି ରଖିବାରେ ରାଧାର ପିଲା ଲୁଗା ଖଣ୍ଡି ଫ୍ରକ୍ ବାକି ସବୁ ଛିଣ୍ଡିଗଲା । ତାପରେ ଚିଠି ଆସିଲା ଯେ ରମା ଲୁଗା ଅଭାବରେ ଲଙ୍ଗଳା ହୋଇ ରହିଛି । ରାଧାକୁ ପଇସାଟିଏ ପାଇବାର ଉପାୟ ଦେଖାଗଲା ନାହିଁ । ସେ ସମୟରେ ଚଉର ତିଆର କରିବାକୁ ଚଉରଆମାନେ ଖୁବ୍ ବେଶି ଦାମରେ ମୁଣ୍ଡବାଳ କିଣି-ନେଉଥିଲେ । ରାଧା ଚିଠି ପାଇଲା ପରେ ଦିନସାକ ଏଠାକୁ ସେଠା ବୁଲି ବୁଲି, ସନ୍ଧ୍ୟାବେଳେ ଜଣେ ଚଉରଆ ପାଖେ ଯାଇ ପହଞ୍ଚିଲା । ଦେଖି ଚଉରଆ କହିଲା, "ଆଃ, ବେଶ୍ ବାଳ ତ !"

"କେତେ ପର୍ଯ୍ୟନ୍ତ ଦବ ?"

"ପାଞ୍ଚ ଟଙ୍କା ।"

"ଆଚ୍ଛା, କାଟ ତେବେ ।"

ସେ ପାଞ୍ଚ ଟଙ୍କାରେ ରାଧା ପିଲା ପାଇଁ ଲୁଗାପଟା କିଣି ପଠାଇଦେଲା । ତାକୁ ପାଇ, ଧନା ସାହୁ ଓ ତା ସ୍ତ୍ରୀ ରାଗରେ ଜଳି ଉଠିଲେ । ତାଙ୍କର ଲୁଗା ଲୋଡ଼ାର ନଥିଲା, ଦରକାର ଥିଲା ଟଙ୍କା । ଯାହା ହେଉ, ସେମାନେ ସେ ଲୁଗାର ସଦ ବ୍ୟବହାର କଲେ; ଚମ୍ପା ଓ ହୀରା ଦୁହିଁଙ୍କ ଭିତରେ ବାଣ୍ଟି ଦେଲେ । ରମା ମାଘ ମାସ ଶୀତରେ ଥରଥର ଥୁରୁଥୁରୁ ହେବାକୁ ଲାଗିଲା । ଏଣେ ରାଧା ଦର୍ପଣରେ ନିଜ ମୁହଁ ଦେଖି କହିଲା, "ବାଳ ପେଣ୍ଡାକ ଗଲା, ଯାଉ । ମୋ ଦରିଦ୍ର ସଂସାର ତ ଲୁଗା ପିନ୍ଧି ଖୁସିରେ ରହିଲା ।"

ରାଧା ହୃଦୟରେ କ୍ରମେ ବିଷାଦ ପୂରିଗଲା । ତାର ସବୁ ଯାଇଥିଲା, ଥିଲା କେବଳ ଟିକିଏ ରୂପ । ବାଳ ପେଣ୍ଡାକ ଦେବାରୁ ତାହା ମଧ୍ୟ ଲୋପ ପାଇଲା । ତେଣୁ ସେ ସମସ୍ତଙ୍କୁ ଘୃଣା କରିବାରେ ଲାଗିଲା । ଧନଞ୍ଜୟ ହିଁ ତାର ଦୁଃଖର କାରଣ ବୋଲି ବିଚାରି, ତାଙ୍କ ଉପରେ ରାଗିଲା, ତାଙ୍କୁ ଅଭିଶାପ ଦେଲା । ମୋଟ ଉପରେ ସେ ବାଉଳୀ ପାଲଟିଗଲା ବୋଲି କହିଲେ ଚଳେ । ସେ କେତେବେଳେ ହସିଲା, କେତେବେଳେ କାନ୍ଦିଲା, କେତେବେଳେ ବା କହିଲା, "ମୋର ସମ୍ପତ୍ତି ବେଶି ହେଲେ ମୋ ଧନମାଳୀ ଆସି ମୋ ପାଖରେ ରହିବ ।"

ତପରେ ସେ ଧନା ସାହୁଠାରୁ ଏକ ଚିଠିଟି ପାଇଲା । "ରମାର ନାଳରକ୍ତ ଝାଡ଼ା ହେଉଛି । ଔଷଧ ଖର୍ଚ୍ଚକୁ ତିରିଶ ଟଙ୍କା ପଠାଅ, ନୋହିଲେ ପିଲା ବଞ୍ଚିବାର ଆଶା ନାହିଁ ।" ରାଧା ଚିଠି ପଢ଼ି ନ କାନ୍ଦି ଠୋ ଠୋ ହସିଲା, "ଆରେ, ମୁଁ ଆଜି ତିରିଶ ଟଙ୍କା ପଠେଇବି ।" ସେଦିନସାକ ସେ ସବୁଦିନ ପରି ଏଣେ ତେଣେ ବୁଲିଲା । ବାଟରେ ଜଣେ ଦାନ୍ତ ବ୍ୟବସାୟୀ ନିଜ ବ୍ୟବସାୟ ବିଷୟରେ ବକ୍ତୃତା କରୁଥିଲା । ଅନେକ ଇତର ଲୋକ ରୁଣ୍ଡ ହୋଇ ଶୁଣୁଥିଲେ । ରାଧା ସେମାନଙ୍କ ସଙ୍ଗେ

ଠିଆହୋଇ ଶୁଣିଲା ଦାନ୍ତ ବ୍ୟବସାୟୀ ହଠାତ୍ ରାଧାର ମୁକ୍ତା ଦାନ୍ତ ଟି କହିଲା, "ଦେଖ ଝିଅ, ତୋ ଆଗଦାନ୍ତ ଦଓଟି ଦବୁ ତ ଯୋଡ଼ାଏ ମୋହର ଦେବ।

"ଏଁ, ମାଗଣା ପଡ଼ିଚ ନା କଣ ?"

"ନା, ଦୁଇ ମୋହର ପାଇବୁ ।"

ରାଧା ତଉ ଧାଇଁ ଚାଲିଗଲା । ଯାଇ ତାର ପଡ଼ୋଶୀକି କହିଲା, 'ଦେଖ, ମାଉସି, ଦିଟା ମୋହର ଦେଇ, ପୁଣି ମୋର ଯୋଡ଼ାଏ ଦାନ୍ତ ନବ । ମୁଁ ପଛକେ କୁଅକୁ ଡେଇଁ ପଡ଼ିବ, ଦାନ୍ତ ମୁଁ ଛାଡ଼ିବ ନାହିଁ ।

"ଲାଏ କଣ ଦବ ?"

"ଦୁଇଟା ମୋହର ଦବ ।"

"ଦୁଇ ମୋହର ହେଲେ ତିରିଶ ଟଙ୍କା ।"

'ତିରିଶ ଟଙ୍କା ନାମ ଶୁଣି, ରାଧା ହଠାତ୍ ଚମକ ପଡ଼ିଲା । ସେ ଯାନା ଷାହୁର ଛଅଠି ଖଣ୍ଡିକ କାଢ଼ି ପୁଣି ପଢ଼ିଲା । ପଢ଼ିସାରି ସେ ପଡ଼ୋଶୀଙ୍କି ଯାଇ ପଚାରିଲା, "ଆଚ୍ଛା ନାଲରକ୍ତ ହୁଗା କଣ ଖରାପ ରୋଗ ?

"ଭାରି ଖରାପ ରୋଗ ।

"ପିଲାଙ୍କର ହୁଏ !"

"ତାଙ୍କର ବି ହୁଏ ।"

"ଆଉ ହେଲେ କଣ ହୁଏ ?"

"ମରିଯାନ୍ତି ।" ରାଧା ଜିଭ କାମୁଡ଼ି ଦେଇ ପଛକୁ ଦୁଇ ପାହୁଣ୍ଡ ଘୁଞ୍ଚିଗଲା । କେତେକ ସମୟ ପରେ ସେ ପୁଣି କହିଲା, "ଭଲ ହୁଅନ୍ତି କମିତ ?"

"ଔଷଧ ଖାଇଲେ ।"

ରାଧା ପଡ଼ୋଶୀ କଥା ଶୁଣି, ପୁଣି ଥରେ ଛଅଠି ଖଣ୍ଡିକ ପଢ଼ିଲା । ରାତ ଭିତରେ ସେ ଥରେ ଦାନ୍ତ ବ୍ୟବସାୟୀ ନିକଟକୁ ଯାଇ ବଖାକୁ ଫେରି ଆସିଲା । ଆର ଦିନ ସକାଳେ ପଡ଼ୋଶୀ ଆସି ଦେଖିଲା ଯେ ରାଧା ନିତାନ୍ତ ବୁଢ଼ିଟା ପରି ଦିଶୁଚି ଏବଂ ଥୁରୁ ଥୁରୁ ଥରୁଛି । ତହୁଁ ସେ ପଚାରିଲା, "କାଲେ, ତୋର କଣ ହେଇଚି କି ।"

"କିଛି ନାହିଁ; ମୋ ପିଲାଟି ଯେ ନାଲରକ୍ତ ହୁଗା ଆଉ ହେବିନି ନାହିଁ, ତା ପାଇଁ ମୋ ମନରେ ବଡ଼ ଆନନ୍ଦ ହୋଇଚି—" କହି, ସେ ଯୋଡ଼ାଏ ମୋହର

ଦରାଟରୁ ଛାଡ଼ି ଦେଖାଇଲା । ସେତେବେଳେ ତା ମୁହଁରେ ଟିକିଏ ହସ ଦେଖାଗଲା । ପ୍ରଭାତର ସୂର୍ଯ୍ୟ କିରଣ ପଡ଼ି ମୁହଁର ବିକଟ ରୂପ ପ୍ରକଟ କଲା । ପଡ଼ୋଶୀ ଦେଖିଲେ ସେ ତାର ଦୁଇ କାନରେ ରକ୍ତ ଲାଗିଛି ଏବଂ ଆଉ ପାଟିର ଦୁଇଟି ଦାନ୍ତ ନାହିଁ । ରାଧା ଟଙ୍କା ଊଣଶଟି ଜଜାରଙ୍କୁ ପଠାଇଦେଲା । ସେ କିପରି ଜାଣିବ ଯେ ରମାର ଦେହ ପ୍ରକୃତରେ କିଛି ଖରାପ ହୋଇ ନ ଥିଲା ?

ସେ ଦିନ ରାଧା ତା ଦର୍ପଣଟି ଭାଙ୍ଗି ଫୋପାଡ଼ି ଦେଲା । କାରଣ, ରଖିଥିଲେ, ସେ ସେଥିରେ କେବଳ ତାର ଲଣ୍ଡା ମୁଣ୍ଡ, ପାକୁଆ ତୁଣ୍ଡ ଓ ମଳିନ ବିମର୍ଷ ମୁହଁ ଦେଖିଥାନ୍ତା ।

ଏଣିକି ରାଧା ବଡ଼ କଷ୍ଟରେ ଚଳିଲା । ତାକୁ ପିନ୍ଧିବାକୁ ଲୁଗା ମିଳିଲା ନାହିଁ ସୁତରାଂ ସେ ଚିରା ଗଇଣ୍ଠିଇ କୌଣସି ପ୍ରକାରେ ଲଜ୍ଜା ନିବାରଣ କଲା । ଦୁଇ ଓଳି ଖାଇବା ଅଭାବରେ ଓଳିଏ ଖାଇଲା । ତଥାପି ସେ ତାର କରଜ ଶୁଝିବାକୁ ଏବଂ ଝିଅ ପାଇଁ ପଠାଇବାକୁ କିଛି ସଞ୍ଚୟ କରି ପାରିଲା ନାହିଁ । ଘରର ମାଲିକ ଭଡ଼ା ମାଗି ଆସି ଥରକୁ ଥର କହିଲା, "ତୋର ବୟସ ଅଛି, ତୁ କାହିଁକି ସାଙ୍ଗଣୀ ହୋଇ ମୋ ଭଡ଼ା ମାରୁବସିଛୁ ? ଏ କଥା ବାରମ୍ବାର ଶୁଣି ରାଧା ମନରେ ଘୋଟିଏ ପରିବର୍ତ୍ତନ ଆସିଲା । ଲୁଗା ଦୋକାନରୁ କାଲରେ ସେ କେତେକ ଲୁଗାଖଣ୍ଡ ଓ ଖଣ୍ଡିଏ ପାଟ କିଣି ଆଣିଲା । ମାତ୍ର ତା ପରେ ତାକୁ ସେ ଘରେ ରହିବାକୁ ଜାଗା ମିଳିଲା ନାହିଁ । ସେ ବସା ବଦଳାଇ ସହରର ଏକ ପ୍ରାନ୍ତରେ ସମାନଧର୍ମିଣୀ ନାରୀମାନଙ୍କ ସହିତ ଯାଇ ରହିଲା । ତା ପରେ ତାର ପ୍ରତିଦିନ କିଛି କିଛି ଟଙ୍କା ପଇସା ରୋଜଗାର ହେଲା । ସେ ଭୋର ବେଳେ କେଉଁ ଦିନ ଟଙ୍କାଏ, କେଉଁ ଦିନ ଦେଢ଼ଟଙ୍କା କେଉଁ ଦିନ ବା ଖୁବ୍ କମରେ ଅଠଅଣା ଗଣି ରଖେ । ଏ ପଇସାରେ ସେ କରଜରୁ କିଛି ଶୁଝିଲା ଏବଂ ସାନ ସାହୁଠାରୁ ଚିଠି ନ ପାଇ ସୁଦ୍ଧା, ଝିଅ ପାଖକୁ କିଛି ପଠାଇଲା ।

—୯—

## ଚରମ ପରୀକ୍ଷାର ପଥେ

ରାଧା ସେ ଦିନକ ଭିତରେ ହଠାତ୍ କେତେ ଉଚ୍ଚରୁ କେତେ ତଳକୁ ଖସିଗଲା । ତାହା ବୁଝିପାରି ସେ ଦୁଃଖରେ ବହୁଳା ହୋଇପଡ଼ିଲା । ତାର ଭଲ ରୂପକୁ ଘୃଣା ହେଲା, ସଂସାର ପ୍ରତି ମନରେ ଅଶ୍ରଦ୍ଧା ଜନ୍ମିଲା, ଧନାଢ୍ୟ ବ୍ୟକ୍ତିଙ୍କୁ

ସେ ମନେ ମନେ ରାକ୍ଷସ ବୋଲି ଭାବିଲା । ମୋଟ ଉପରେ, ସେ ସଂସାରଟାକୁ ଘୃଣାଚକ୍ଷୁରେ ଦେଖିବାକୁ ଲାଗିଲା । ତାର ପୂର୍ବ ସ୍ନେହ ଅକ୍ଷୁଣ୍ଣ ରହିଲା କେବଳ ରମା ପ୍ରତି । ସେ ମନକୁ ମନ ଭାବିଲା, "ମୁଁ ପଛେ ନର୍କରେ ପଡ଼େ, ମୋ କୋଳର ସନ୍ତାନଟି ସୁଖରେ ରହୁ ।" ସେ ଦିନ ଗାନା ସାହୁଠାରୁ ଚିଠି ଆସିଲା ଯେ ରମାର ଦେହ ଭଲ ହୋଇନାହିଁ ଏବଂ ଆଉ ପଚିଶ ଟଙ୍କା ଦରକାର ।

ଏ ଘଟଣା ପରେ, ଦିନେ ପୌଷମାସ ରାତିରେ ରାଜାଙ୍କ ଖାସ୍ମାଲ ପାଆନ୍ତି ଗୋଷ୍ଠୀର ଜଣେ ଯୁବକ ଗୋଟାଏ ସ୍ତ୍ରୀ ଲୋକ ସହିତ କିଛି ଦାଣ୍ଡ ଉପରେ ଥଟ୍ଟା କହୁଭୁକ କରୁଥିଲେ । ଥଟ୍ଟା କହୁଭୁକ ବଢ଼ି ବଢ଼ି କ୍ରମେ ରାଗରୁଷାରେ ପହଞ୍ଚିଲା । ଯୁବକ କହିଲେ, "ହୁ ପୋଡ଼ାମୁହିଁ, ମୋତେ ପୁଣି ଟଙ୍କା ମାଗୁଚୁ ? ଯାହା ଦି ଟଙ୍କା ଦେଇଚି, ସେତିକି । ମୁଣ୍ଡରେ ବାଳ ନାହିଁ, ପାଟିରେ ଦାନ୍ତ ନାହିଁ, ସ୍ବାର ପୁଣି ଢମାକ୍ ଏତେ ।" ଶୁଣି, ସ୍ତ୍ରୀଲୋକଟି ଟିକିଏ ରାଗି ଉଠିଲା । ତହୁଁ ଯୁବକ ନାରାୟଣ ସିଂହ ତାକୁ ଗୋଟାଏ ବିଧା ମାରିଦେଲେ । ସେ ନାରାୟଣ ସିଂହଙ୍କ ଲୁଗା ଖଣ୍ଡ ଧରିବାରୁ ଲୁଗାଟା ଚିରିଗଲା । ସେତେବେଳେ ଜଣେ ପାର୍ଶ୍ୱାକୁତ ଲୋକ ହଠାତ୍ ଆସି ସେଠାରେ ପହଞ୍ଚିଲେ । ନାରାୟଣ ସିଂହ ମୁହଁ ଲୁଚାଇ ଚାଲିଗଲେ; କିନ୍ତୁ ଆଗନ୍ତୁକ ତାଙ୍କୁ ଚିହ୍ନି ପକାଇଲେ । ତା ପରେ ସେ ସ୍ତ୍ରୀଲୋକଟିକୁ ଧରି ଦାଣ୍ଡେ ଦାଣ୍ଡେ ଫାଣ୍ଡିଘର ଆଡ଼କୁ ଚାଲିଲେ । ଲୋକେ ଜହ୍ନ ଆଲୁଅରେ ଦେଖିଲେ ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ର ରାଧାକୁ ଟାଣି ଟାଣି ନେଉଛନ୍ତି ।

ଫାଣ୍ଡିରେ ହାଜତ ଘର ଦ୍ୱାର ଫିଟାଇ ସିପାହୀ ରାଧାକୁ ଭିତରେ ଭର୍ତ୍ତି-କରିଦେଲା । ସର୍ଦ୍ଦାର ମହାପାତ୍ର କହିଲେ, "ଦେଖ୍, ରାଣ୍ଡୀ, ମୁଁ ତୋତେ କେତେ ଥର କହିଲି, ତୁ ଏ ବୃତ୍ତି ଛାଡ଼ିଦେ; ତୋ ହାତରେ ହବ ନାହିଁ । ତୁ ଶୁଣିଲୁନାହିଁ । ଫଳରେ ଆଜି ତୁ ନାରାୟଣ ସିଂହଙ୍କ ପରି ଜଣେ ଭଦ୍ର ବ୍ୟକ୍ତିଙ୍କ ସଙ୍ଗେ କଳି କରି ତାଙ୍କୁ ଅପମାନ ଦେଲୁ । ତୋତେ ମୁଁ ଛ ମାସ ମିଆଦ ଖଟେଇବି ।"

ରାଧା ପଞ୍ଜୁରିର ପୋଷା ଶାରୀଟି ପରି ଧୀରେ ଧୀରେ ଉଚ୍ଚାରଣ କଲା, "ଛ ମାସ ମିଆଦ !" ତା ପରେ ସେ କିଛି ସମୟ ନୀରବ ରହିଲା । ପୁଣି କହିଲା, "ମୋ ପିଲା କଣ କରିବ, ସର୍ଦ୍ଦାର ସାହେବ ? ମୋର ଯେ ଗାନା ସାହୁକୁ ପଚିଶ ଟଙ୍କା ପଠାଇବାକୁ ଅଛି, ସେ କଥା କଣ ଆପଣ ଜାଣନ୍ତି ନାହିଁ ? ମୋତେ ମାଫ କରନ୍ତୁ । ମୁଁ ଆଉ କେବେ ଏପରି କରିବନାହିଁ । ମୋର କିଛି ଦୋଷ ନାହିଁ । ନାରାୟଣ ସିଂହ ମୋତେ ଆଗ ଯାହା ତ ଗାଳି ଦେଲେ, ଦେଲେ; ତା ପରେ ମୋ ପିଠିରେ ବିଧାଏ ମାରିଲେ । ମୁଁ ଜୀବନରେ ସେପରି ବିଧା କେବେ ଖାଇ ନଥିଲି । ଚାଲିଲୁ,

ମୁଁ ତାଙ୍କ ଗୋଡ଼ ତଳେ ପଡ଼ିବି; ଦୋଷ ମାଗିନେବି । ମୋ ଗଣ୍ଡି ଧନ ପାଇଁ ପରା ମୁଁ ନିଜକୁ ଦାଣ୍ଡରେ ବିକିଚି । ମୋର ଆଉ ଅଛି କଣ ? ଭାଠି ଦୟା କରି, ମୋତେ ଛାଡ଼ିଦିଅନ୍ତୁ । ମୁଁ ଆପଣଙ୍କ ଗୋଲାମ ।" କହି, ବୁଧା ସର୍ଦ୍ଦାରଙ୍କ ଗୋଡ଼ ଧରି ପକାଇଲା । ସର୍ଦ୍ଦାର ଗୋଡ଼ ଛଡ଼ାଇନେଇ କହିଲେ, "ନା, ମୁଁ କିଛି ଶୁଣିବିନାହିଁ ।"

ହଠାତ୍ ବାହାରୁ ସ୍ୱର ଶୁଣାଗଲା, "ଟିକିଏ ସବୁର କରନ୍ତୁ ।" ମହାପାତ୍ରେ ମୁଣ୍ଡ ଟେକି ଚାହିଁ ଦେଖିଲେ, ନିଜେ ଦେୱାନ ଆସି ଉପସ୍ଥିତ । ସେ ସସମ୍ଭ୍ରମେ କହିଲେ, "ନମସ୍କାର, ଦେୱାନ ସାହେବ ।" 'ଦେୱାନ ସାହେବ' ନାମ ଶୁଣି, ବୁଧା ତଳୁ ଉଠିପଡ଼ି ଆଗନ୍ତୁକଙ୍କ ପାଖକୁ ଚାଲିଗଲା । କହିଲା, "ତୁ ତେବେ ଦେୱାନ୍ ।" କହି, ଦେୱାନଙ୍କ ଉପରେ ଥୁ କରି ଲେଣ୍ଡାଏ ଛେପ ପକାଇଦେଲା । ଦେୱାନ ଛେପ ପୋଛିଦେଇ କହିଲେ, "ସର୍ଦ୍ଦାର, ୟାକୁ ଛାଡ଼ିଦିଅନ୍ତୁ ।"

ସର୍ଦ୍ଦାର, ସତେ ଯେପରି ପାଗଳ ହୋଇଗଲେ । ସେ ରହସ୍ୟଟା କିଛି ବୁଝି ପାରିଲେ ନାହିଁ । ଗୋଟାଏ ନଗଣ୍ୟ ଘଣିକା ଦେୱାନଙ୍କ ମୁହଁରେ ଛେପ ପକାଇବ, ଦେୱାନ ଛେପ ପୋଛିଦେଇ କହିବେ, ୟାକୁ ଛାଡ଼ିଦିଅ । ଏ କଥାର ଅର୍ଥ କିଛି ବୁଝିପାରିଲେ ନାହିଁ ।

ତାକୁ ଛାଡ଼ି ଦେବା କଥା ଶୁଣି, ବୁଧା ଚାରିଆଡ଼କୁ ଥରେ ଚାହିଁ କହିଲା, "ମୋତେ ତେବେ ଛାଡ଼ିଦେବେ । ଏ କଥା କିଏ କହିଲା ? ଏ ପୋଡ଼ା ଦେୱାନ ତ କହି ନ ଥିବ । ଆପଣ କହିଲେ, ସର୍ଦ୍ଦାର ବାହାଦୁର ? ମୋତେ ତେବେ ଛାଡ଼ିଦେବେ ନିଶ୍ଚୟ । ହେଲେ, ମୋ କଥା ଟିକିଏ ଶୁଣିଥାନ୍ତୁ । ମୁଁ ଯେ ଆଜି ଏତେ କଳଙ୍କିନୀ ହୋଇଚି, ତାର କାରଣ ଏଇ ଅଣ୍ଟୁଲୁଡ଼ା ଦେୱାନ୍ । ମୁଁ ୟା କାରଖାନାରେ କାମ କରୁଥିଲି । ୟା କାନରେ କିଏ କଣ କହିଲା, ମୋତେ କିଛି ନ ପଚାରି, ଦିନେ ପଚାଶ ଟଙ୍କା ଦେଇ, ବାହାର କରିଦେଲା । ମୋର ତ କୋଡ଼ର ଝିଅଟି ଜଜାରସିଂହରେ ଅଛି । ତାରି ଲାଗି ମୁଁ ଏ କଳଙ୍କ ଆଦରିଲି । ତାକୁ କିଏ ନେଇ ପାଳ । ମୁଁ କାହିଁକି ଏ ପାପରେ ପଡ଼ି ସଢ଼ିବି ?"

ଧନଞ୍ଜୟ ଚୁପ ଏକଧ୍ୟାନରେ ବୁଧାର କଥା ଶୁଣୁଥିଲେ । ସେ କହି-ସାରିବା ପରେ ପଚାରିଲେ, "ତୁମର କେତେ ଟଙ୍କା ଏକ୍ଷଣି ଦରକାର ?" ବୁଧା ସର୍ଦ୍ଦାରଙ୍କୁ ଚାହିଁ କଥା କହୁଥିଲା । ଦେୱାନଙ୍କ କଥା ଶୁଣି, ମୁହଁ ବୁଲାଇ ଦେଇ, କହିଲା, "ମୁଁ କଣ ଭଲେ କହୁଚି ?" ତହୁଁ ସେ ସିପାହୀମାନଙ୍କୁ କହିଲା, "ଦେଖିଲଟିକି, ମୁଁ ୟା ମୁହଁରେ କିମିତି ଛେପ ପକେଇଲି । ଏ ପୋଡ଼ାମୁହାଁ

ମୋ ସାଙ୍ଗେ ସାଙ୍ଗେ ଆସିଛ ମୋତେ ଡରେଇବ ବୋଲି । ମୁଁ ସ୍ୱାକୁ ଡର ରହିଛ ? ଡରିଲେ ଡରିବ ସର୍ଦ୍ଦାରଙ୍କୁ । ଆଉ କାହାକୁ କାହିଁକି ଡରିବ ମ ? ମୋତେ ଏଇ ଅବସ୍ଥା ଛାଡ଼ିଦିଅ, ମଣିମା ! ମୋତେ ସେ ମାରନ୍ତୁ, ପିଟନ୍ତୁ, ହାଣନ୍ତୁ; ମୁଁ କାହାକୁ କିଛି କହିବିନାହିଁ । ଆଉ କଣ ? ମୁଁ ଏବେ ଯାଉଛି ।'' ରାଧା ଗୋଟିଏ ଗୋଟିଏ ମୁଣ୍ଡିଆ ମାରି, ଯିବାକୁ ବାହାରିଲା ।

ସର୍ଦ୍ଦାର କହିଲେ, ''ସିପାହୀ, ଚଲେଇଲା ଯେ । ତାକୁ ଛାଡ଼ିଦବାକୁ ତତେ କିଏ କହିଲା ?''

''ମୁଁ କହିଛି ।''

ରାଧା ଯେ ଚାଲି ଯାଉଥିଲା, ସର୍ଦ୍ଦାରଙ୍କ କଥା ଶୁଣି ଥରି ଥରି ଠିଆ ହୋଇ-ପଡ଼ିଲା । ତା ପରେ ସେ ଥରେ ସର୍ଦ୍ଦାରଙ୍କୁ ଓ ଥରେ ଦେବାନଙ୍କୁ ଚାହିଁବାରେ ଲାଗିଲା ।

''ଦେବାନ ସାହେବ ! ସେ କଥା ହେବନାହିଁ । ଏ ଚଣ୍ଡାଳୁଣୀ ପରା ଜଣେ ଭଦ୍ର ଲୋକଙ୍କୁ ଅପମାନ ଦେଇଛି ।''

''ସର୍ଦ୍ଦାର, ଆପଣ ମୋ କଥା ଶୁଣନ୍ତୁ । ଆପଣ ଯେତେବେଳେ ଏ ପିଲାକୁ ଫାଣ୍ଡିକୁ ନେଇ ଆସିଲେ, ମୁଁ ପଛେ ପଛେ ଦଳେ ଲୋକଙ୍କ ସଙ୍ଗେ ଆସୁଥିଲି । ମୁଁ ତାଙ୍କ ପାଖରୁ ବୁଝିଛି ଏ ପିଲାର କିଛି ଦୋଷ ନାହିଁ, ଦୋଷ ନାରାୟଣ ସିଂହଙ୍କର ।''

''ତା ହଉ, ମାତ୍ର ଏ ଯେ ବର୍ତ୍ତମାନ ମୋ ଆଖି ଆଗରେ ଖୋଦ୍ ଦେବାନଙ୍କୁ ଅପମାନ ଦେଲା । କଣ ସାମାନ୍ୟ କଥା କଲା ?''

''ସେ କଥା ମୁଁ ବୁଝିବି । ସେଥିପାଇଁ ତ ମୁଁ ଆପଣଙ୍କ ଆଗେ ଫେରାଦ ହୋଇନାହିଁ ।''

''କ୍ଷମା କରିବେ । ଏ ଅପମାନ ଆପଣଙ୍କର ନୁହେଁ, ଆଇନର ।''

''ମୁଁ ସେ କଥା କିଛି ବୁଝେ ନାହିଁ । ମୁଁ ବୁଝେ ନ୍ୟାୟ ଆଉ ଧର୍ମ । ଆପଣ ସ୍ୱାକୁ ଛାଡ଼ିଦିଅନ୍ତୁ । ମୋ କଥା ରଖନ୍ତୁ ।''

''ତା ହୋଇ ପାରିବ ନାହିଁ ।''

''ହୋଇ ପାରିବ । ଏ ମୋର ହୁକୁମ ।''

"କିନ୍ତୁ—
'ମୁଁ ଆଉ ପଦେ କଥା ଶୁଣିବି ନାହିଁ ।'"

ସର୍ଦ୍ଦାର ନମସ୍କାର କରି ଚାଲିଗଲେ । ରାଧା ମନ ମଧ୍ୟରେ ଗୋଟାଏ ଭୀଷଣ ପରିବର୍ତ୍ତନ ଅନୁଭବ କଲା । ଦେବାନ ତାକୁ କହିଲେ, "ମୁଁ ତୁମ ସବୁ କଥା ଶୁଣିଲି । ତୁମେ ଯେ ମୋ କାରଖାନାରେ କାର୍ଯ୍ୟ କରୁଥିଲ ଏବଂ ପରେ ତୁମକୁ ବାହାର କରି ଦିଆଯାଇଛି, ମୋତେ କିଛି ଜଣାନାହିଁ । ଗଲା କଥା ଗଲାଣି । ଏଣିକି ମୁଁ ତୁମର ସବୁ ଖର୍ଚ୍ଚ ଚଳେଇବି । ତୁମେ ଏଠି ରହ ବା ପୁରୀ ଧାମରେ ରହ, ବା କଟକ ସହରରେ ରହ, ମୁଁ ତୁମଠାକୁ ମାସକୁ ମାସ ଖର୍ଚ୍ଚ ପାଇଁ ଟଙ୍କା ପଠେଇବି । ତେବେ ତୁମେ ତୁମ ପିଲାଟିକୁ ଧରି ସୁଖରେ ରହି ପାରିବ ।"

ରାଧା ତା ପିଲାଟିକୁ ଧରି ଯେ ସୁଖରେ କେବେ ରହିପାରିବ, ଏ ଆଶା ତାର ନ ଥିଲା । ସୁତରାଂ ଦେବାନଙ୍କ କଥା ଶୁଣି ସେ ଆନନ୍ଦରେ ବିହ୍ୱଳ ହୋଇ ପଡ଼ିଲା । ସେ ଠିଆ ହୋଇ ପାରିଲା ନାହିଁ; ଦେବାନଙ୍କ ହାତକୁ ଧରି ଚୁମ୍ବନ କରି ମୂର୍ଚ୍ଛିତ ହୋଇ ପଡ଼ିଗଲା ।

ରାଧାର ମୂର୍ଚ୍ଛା ଭାଙ୍ଗିଲା ବେଳେ ସେ ଦେଖିଲା ଯେ ସେ ଚିକିତ୍ସାଳୟରେ ଖଟରେ ଶୋଇଛି ଓ ଦେବାନ ବସି ନିଜ ହାତରେ ବିଞ୍ଚୁଛନ୍ତି । ରାଧା ଉଠିବାର ଦେଖି, ସେ ପଚାରିଲେ, ତୁମକୁ କିଣ ଲାଗୁଛି ?

"ଭଲ ଲାଗୁଛି । ମୋର ଆଉ କିଛି ହବନାହିଁ ଯେ ।"

ଦେବାନ ସେ ମଧ୍ୟରେ ରାଧା ବିଷୟରେ ନାନା ସ୍ଥାନରେ ତଦନ୍ତ କରି ସବୁ ବିଷୟ ବୁଝିସାରିଥିଲେ । ସୁତରାଂ ସେ ତାକୁ କହିଲେ, "ରାଧା, ତୁମେ ଆଉ କିଛି ଭାବନା କରନାହିଁ । ତୁମ ପାପ କଟିଗଲାଣି । ତୁମେ ଜାଣ, ପାପ ପୁଣ୍ୟ ଗୋଟିଏ ଘରର ଦୁଇଟି କୋଠରି ମାତ୍ର । ଦୁହିଙ୍କ ମଧ୍ୟରେ ଗୋଟିଏ ସାନ ଦ୍ୱାର ଅଛି । ତୁମେ ଏବେ ସେ ଦ୍ୱାରବାଟେ ପାପ କୋଠରିରୁ ପୁଣ୍ୟ କୋଠରିକୁ ଆସିସାରିଛ । ତୁମ ଶାନ୍ତି ଆସିଯିବ । ତୁମେ ତାକୁ ଧରି ସୁଖରେ କାଳ କଟାଇବ । ଆଉ ଚିନ୍ତା ନାହିଁ ।"

ଏଣେ ଚିକିତ୍ସାଳୟରେ ଦେବାନ ଓ ରାଧା ଦୁହିଙ୍କ ମଧ୍ୟରେ ଏ କରୁଣ ଦୃଶ୍ୟ ଥିବା ବେଳେ, ସର୍ଦ୍ଦାର ମହାପାତ୍ର ପୋଲିସ ବିଭାଗର ପ୍ରଧାନ କର୍ମଚାରୀଙ୍କଠାକୁ ଏକ ଚିଠି ଲେଖି କଟକ ପଠାଇଲେ । ସେ ଚିଠିର ଲିଖିତ ବିଷୟ କେହି ଜାଣି ପାରିଲେ ନାହିଁ । ତାହା ଅତ୍ୟନ୍ତ ଗୋପନୀୟ ରହିଲା । ଦେବାନ ଏହି କଥା

ଅବଶ୍ୟ ଶୁଣିଲେ; କିନ୍ତୁ କେବଳ ମୁହୂର୍ତ୍ତିକ ପାଇଁ ଚମକି ପଡ଼ିବା ଛଡ଼ା ଆଉ କିଛି କଲେ ନାହିଁ । ସେ ତିନିଶହ ଟଙ୍କା ଥାନା ସାହୁଙ୍କୁ ପଠାଇ ଚିଠି ଲେଖିଲେ, "ଏଥିରୁ ତୁମର ସବୁ ପାଉଣା କାଟିନେବ । ବାକି ଯାହା ବଳିବ, ବାଟ ଖର୍ଚ୍ଚ କରି, ରମାକୁ ଆଣି ଶୀଘ୍ର ଏଠାରେ ପହଞ୍ଚାଇଦେବ ।" ଚିଠି ପାଇ, ଥାନା ସାହୁ ତା ସ୍ତ୍ରୀକୁ କହିଲା, "ଯାଃ, ଏ ଏକ ମୂର୍ଖ ! ଆମେ ପୁଣି ପିଲାଟାକୁ ପାଖରୁ ଛାଡ଼ିଦେବା ? ଏ ଲୋକଟା ବୋଧହୁଏ ସ୍ତ୍ରୀ ମା'ଙ୍କୁ ରଖିଛି । ନୋହିଲେ ଏତେ ଟଙ୍କା ପାଣି ପରି କାହିଁକି ଖର୍ଚ୍ଚ କରନ୍ତା ?" କହି, ସେ ପାଞ୍ଚଶହ ଟଙ୍କାର ଏକ ଖର୍ଚ୍ଚ ତାଲିକା ପଠାଇଲା । ସେଥିରୁ ସେ ପାଇଥିବା ତିନି ଶହ ଟଙ୍କା କାଟି, ବାକି ଦୁଇ ଶହ ପଠାଇବାକୁ ଚିଠି ଲେଖିଲା । ଦେବାନ ଦୁଇ ଶହ ଜାଗାରେ ତିନି ଶହ ଟଙ୍କା ପଠାଇ ଲେଖିଲେ, "ଅତି ଶୀଘ୍ର ରମାକୁ ଧରି ଆସ ।"

ରାଧା ଚିକିତ୍ସାଳୟରେ ଅନେକ ଦିନ ପଡ଼ିରହିଲା । ତା ଦେହ ଭଲ ହେଲାନାହିଁ । ନାରାୟଣସିଂହ ତା ପିଠିରେ ଯେ ଚାବୁକ ମାରିଥିଲେ, ତା ଫଳରେ ତାର ଯକ୍ଷ୍ମା ରୋଗ ବାହାରିପଡ଼ିଲା । ଦେବାନ ତାକୁ ଦେଖିବାକୁ ରୋଜ ଦୁଇଥର ଆସନ୍ତି । ସେ ତାଙ୍କୁ ଦେଖିଲା ମାତ୍ରେ ପଚାରେ; "ମୋ ରମା କେବେ ଆସିବ ?" ଶୁଣି ଦେବାନ ଉତ୍ତର ଦିଅନ୍ତି, "କାହିଁ, ଆଜି ତ ଆସିଲା ନାହିଁ । କାଲି ଆସିବ ପରା ।" ଶୁଣି ରାଧାର ମନ ନାଚିଉଠେ ।

ଦିନେ ଚିକିତ୍ସକ ରାଧାର ନାଡ଼ି ଦେଖି, କିଛି ସମୟ କଣ ଭାବି, ଟିକିଏ ମୁଣ୍ଡ ନାଡ଼ିଲେ । ତା ପରେ ସେ କହିଲେ, "ଆଚ୍ଛା, ସ୍ୱାର ପରା ଗୋଟିଏ ଝିଅ କେଉଁଠି ଅଛି ? ତାକୁ ଅଣାନ୍ତୁ ନା ।" ରାଧା ଚିକିତ୍ସକଙ୍କ କଥା ବୁଝି ନ ପାରି ଦେବାନଙ୍କୁ ପଚାରିଲା, "ସେ କଣ କହିଲେ କି ?" ଦେବାନଙ୍କ ବୁକୁ ସେତେବେଳେ ଦାଉ ଦାଉ ପଡ଼ୁଥିଲା । କିନ୍ତୁ ସେ ଉପରେ ଟିକିଏ ହସି କହିଲେ, "କହୁଚନ୍ତି, ତୁମ ଝିଅଟି ଆସିଗଲେ ତୁମ ଦେହ ଭଲ ହୋଇଯିବ । ତୁମେ ଝାଡ଼ଝୁଡ଼ି ହୋଇ ଉଠିବ ।"

"ସେ ଠିକ୍ ବୁଝିଚନ୍ତି । ଥାନା ସାହୁ ଆଉ କାହିଁକି ଡେରି କରୁଚି ମ ? ମୋ ଧନ ଆସିଲେ, ମୁଁ କୋଳରେ ବସେଇବି; ପାଖରେ ଧରି ବୁଲିବି । ସେତେ-ବେଳେ ଆଉ ମୋ ଦେହ ଖରାପ ହେବ କିପରି ?"

ରାଧା ଝିଅକୁ ଦେଖିଲେ ଆରୋଗ୍ୟ ଲାଭ କରିବ ବୋଲି ଏଣେ ମନେ ମନେ ଆଶା କରୁଥିବା ବେଳେ, ତେଣେ ଥାନା ସାହୁ ଥରକୁ ଥର ଚିଠି ଲେଖିଲା ଯେ, ସେ ରମାକୁ ପଠାଇ ପାରିବନାହିଁ । କେତେବେଳେ ଲେଖିଲା ଯେ ସେ ଅସୁସ୍ଥ,

ଆଉ କେତେବେଳେ ଲେଖିଲେ ଯେ ତାର ଲୁଗାପଟା ନାହିଁ । ଏହିପରି ନାନା ବାହାନାରେ ସେ ରମାକୁ ପଠାଇଲେ ନାହିଁ । ମାତ୍ର ସେ କଥା ରାଧାକୁ କେହି କହିପାରନ୍ତି ନାହିଁ । ବିଳମ୍ବ ହେବାରୁ ତା ଉତ୍କଣ୍ଠା ଦିନକୁ ଦିନ ବଢ଼ିବା ଦେଖି ଦେବାନ କହିଲେ, "ନା, ମୁଁ ଏଥର ଜଣେ ଲୋକ ପଠେଇବି, ଦରକାର ହେଲେ ମୁଁ ନିଜେ ମଧ୍ୟ ଯିବି ।" ସେହି ଦିନ ସେ ଖଣ୍ଡିଏ ଚିଠି ଲେଖିଲେ । ତା ତଳେ ରାଧା ଦସ୍ତଖତ କରିଦେଲା । ଚିଠି ଖଣ୍ଡିକ ଏହି—

"ଜଜାରସିଂହ ଚଟିଘର ମାଲିକ ଯାନା ସାହୁ ଜାଣିବ । ଏ ପତ୍ରବାହକ ସଙ୍ଗରେ ରମାକୁ ଛାଡ଼ି ଦେବ । ସ୍ୱାଙ୍କଠାରୁ ତୁମର ପାଉଣାପତ୍ର ସବୁ ବୁଝିନେବ ।

ତୁମର
ଶ୍ରୀମତୀ ରାଧା ଦେବୀ ।"

ଚିଠି ନେଇ କେହି ଜଜାରସିଂହ ଯିବା ପୂର୍ବରୁ ସାରଙ୍ଗଗଡ଼ର ଘଟଣାମୟ ଇତିହାସରେ ଗୋଟାଏ ବିଶେଷ ଘଟଣା ଘଟିଲା । ଦେବାନ ନିଜ କୋଠରୀ ମଧ୍ୟରେ ବସି କର୍ମ କରୁଛନ୍ତି, ସେତେବେଳେ ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ର ଆସି ପହଞ୍ଚି କହିଲେ, "ମହାଶୟ, ଗୋଟାଏ ବିଶେଷ ଅପରାଧ ହୋଇଛି । ଜଣେ ତଳ କର୍ମଚାରୀ ଉପର କର୍ମଚାରୀଙ୍କ ପ୍ରତି ସମ୍ମାନ ଦେଖାଇବାରେ ତ୍ରୁଟି କରିଚି । ମୁଁ ତାହା ହଜୁରଙ୍କୁ ଜଣାଇବାକୁ ଆସିଲି । ହଜୁର ଉପଯୁକ୍ତ ଦଣ୍ଡ ବିଧାନ କରନ୍ତୁ ।"

"ତଳ କର୍ମଚାରୀ କିଏ ?

"ମୁଁ ।"

"ଆଉ, ଉପର କର୍ମଚାରୀ ?"

"ହଜୁର ନିଜେ । ହଜୁର ମୋତେ କାର୍ଯ୍ୟରୁ ବରଖାସ୍ତ କରନ୍ତୁ ।"

ଦେବାନ ବିସ୍ମିତ ହୋଇ କଣ କହିବାକୁ ଯାଉଥିଲେ; ମାତ୍ର ସର୍ଦ୍ଦାର କହିଲେ, "ଆପଣ ଦ୍ୱିଧା କରିବେ ନାହିଁ । ମୋର ଦଣ୍ଡ ପାଇବା ଉଚିତ । ଆପଣ ସେଦିନ ବୃଥାରେ ମୋ ଉପରେ ବିରକ୍ତ ହୋଇଥିଲେ । ଆଜି ଆପଣଙ୍କ ମୋ ପ୍ରତି ବିରକ୍ତ ହେଇ ଦଣ୍ଡ ଦବା ଯଥାର୍ଥ ହବ ।"

"ଆପଣ ଏ ସବୁ କଣ କହୁଛନ୍ତି, ମୁଁ ତ କିଛି ବୁଝିପାରୁନାହିଁ ।

"ଯେ ଦିନ ସେ ସ୍ତ୍ରୀଲୋକଟାକୁ ନେଇ ଫାଣ୍ଡିରେ ଯେ ଘଟଣା ହେଲା, ସେଥିରେ ମୁଁ ବଡ଼ ଅପମାନିତ ହେଇଥିଲି । ସେଥିଯୋଗେ ମୁଁ ଆପଣଙ୍କ ବିରୁଦ୍ଧରେ କଟକକୁ ପତ୍ର ଲେଖିଥିଲି ।"

ଦେବାନ ଅଡ଼ କମ୍ ହସନ୍ତି; କିନ୍ତୁ ସର୍ଦ୍ଦାରଙ୍କ କଥା ଶୁଣି ଠୋ ଠୋ ନ ହସି ରହିପାରିଲେନାହିଁ । ସେ କହିଲେ, "କିଣ ଦେବାନ ଯେ ସେଦିନ ସର୍ଦ୍ଦାରଙ୍କ ଉପରେ ହୁକୁମ ଚଳେଇଲେ ସେ କଥା ?"

"ଦେବାନ ନୁହନ୍ତି, ଜଣେ ଊଣିଶ ବର୍ଷର କଏଦ ।"

ଦେବାନ କଲାକାଠ ପଡ଼ିଗଲେ । କିନ୍ତୁ ସର୍ଦ୍ଦାର ପୂର୍ବ ପରି କହିବାକୁ ଲାଗିଲେ, "ମୋର ଦୋଷ ମାଫ କରିବେ । ମୁଁ ଆପଣଙ୍କୁ ସେଇ କଏଦି ବୋଲି ମନେ କରିଥିଲି । ତା ସହିତ ଆପଣଙ୍କ ଚେହେରା ମିଳିଯାଇଛି । ମୁଁ ମନେ କରିଥିଲି ଆପଣ ପାଣ୍ଡୁ ନାଏକ । ମୁଁ କୋଡ଼ିଏ ବର୍ଷ ତଳେ ପାଣ୍ଡୁ ନାଏକକୁ ଜେଲ-ଖାନାରେ ଦେଖିଥିଲି । ସେ ଜେଲଖାନାରୁ ବାହାରି ସୁନ୍ଦରପୁର ମଠରୁ ଚୋରି କରିଛି; ଆଉ ଗୋଟାଏ ଗ୍ରେଟ ପିଲାଠୁ ଡକାଏଡି କରି ନେଇଛି । ବର୍ତ୍ତମାନ ଆଠ ବର୍ଷ ହେଲା ତାର ଆଉ ପତ୍ତା ମିଳୁନାହିଁ ।"

"ଅଚ୍ଛା, ଆପଣ ଚିଠି ଲେଖି କି ଖବର ପାଇଲେ ?"

"କହିଲେ, ମୁଁ ପାଗଳ । ତା ଠିକ୍ । ପାଣ୍ଡୁ ନାଏକ ଧରାପଡ଼ିଛି ।"

ଦେବାନ ପଢ଼ିବା ନିମନ୍ତେ ହାତରେ ଖଣ୍ଡିଏ ବହି ଧରିଥିଲେ । ତାହା ଖସିପଡ଼ିଲା । ସର୍ଦ୍ଦାର ପୁଣି କହିବାକୁ ଲାଗିଲେ, "ଗୋଟାଏ ଲୋକ 'ଅନନ୍ତ ଦାସ' ନାମ ଧରି ନଡ଼ିଆ ଚୋରିକରିଥିଲା । ସେଥିପାଇଁ ତାକୁ କଟକ ଜେଲଖାନାରେ ହାଜତରେ ରଖାଯାଇଛି । ସେ ଜେଲଖାନାର ଦୁଇ ଜଣ କଏଦ ଅନନ୍ତ ଦାସକୁ ଚିହ୍ନିଲେ । ସେମାନେ ପୂର୍ବେ ତା ସାଙ୍ଗେ କୁଆଡ଼େ ସେଇ ଜେଲଖାନାରେ ଥିଲେ । ତା ନାଁ 'ପାଣ୍ଡୁ ନାଏକ' ବୋଲି ସେମାନେ କହନ୍ତି । ପାଣ୍ଡୁ ନାଏକ ଅଛି କେଉଁଠି, ଆଉ ମୁଁ କାହାକୁ ପାଣ୍ଡୁ ନାଏକ ବୋଲି ଭାବିଲି ? ମୁଁ ଏ ମଧ୍ୟରେ ଯାଇ ସେ ପାଣ୍ଡୁ ନାଏକକୁ ଦେଖି ମଧ୍ୟ ଆସିଛି । ଦେଖନ୍ତୁ, ମୁଁ କେଡ଼େ ଅପରାଧୀ । ଆପଣ ମୋତେ କ୍ଷମା ଦିଅନ୍ତୁ, ଆଉ ବରଖାସ୍ତ କରନ୍ତୁ ।"

ଦେବାନ ସର୍ଦ୍ଦାରଙ୍କ କଥା ଶୁଣି ସ୍ତମ୍ଭୀଭୂତ ହୋଇ ରହିଥିଲେ । ପରେ ପଚାରିଲେ, "ଆଚ୍ଛା, ସେ ଅନନ୍ତ ଦାସ ନିଜେ କଣ କହୁଛନ୍ତି ?"

"ସେ କହୁଛି, 'ମୁଁ ପାଣ୍ଡୁ ନାଏକ ଫାଣ୍ଡୁ ନାଏକ କିଛି ଜାଣେନା । ମୁଁ ଅନନ୍ତ ଦାସ ।' କିନ୍ତୁ ସେ ପ୍ରକୃତରେ ପାଣ୍ଡୁ ନାଏକ । ଅଦାଲତରେ ମକଦ୍ଦମା ବିଚାର ହେବ । ମୁଁ ସେଥିରେ ସାକ୍ଷୀ ଅଛି ।"

ଦେବାନ ପଢ଼ିଲା ପରି ବହିଟା ଭିତରକୁ ଚାହିଁ ରହିଥିଲେ । ଶେଷରେ କହିଲେ, "ଆଉ ସେ କଥା ପକେଇ ଲାଭ କଣ ? ଆପଣ କହିଲେ ନା ସେ ତାର ବିଚାର ଦଶ ଆଠ ଦିନରେ ହବ ?"

"ନା, କାଲି ହବ । ମୁଁ ଆଜି ବାହାରି ଯିବି ।"

"ବିଚାର ତେବେ ସମସ୍ତ ଲାଗିବ ?"

"କାଲି ଦିନକରେ ସରିଯିବ, କି ମକଦ୍ଦମା ଯେ ! ସେ ଯାହା ହେଉ, ମୋତେ ଆପଣ ବରଖାସ୍ତ କରିଦିଅନ୍ତୁ ।"

ଦେବାନ ସର୍ଦ୍ଦାରଙ୍କ କଥା ଶୁଣି କହିଲେ, "ନା, ଆପଣ ଜଣେ ଖାଲି ଭଲ କର୍ମଚାରୀ । ଆପଣ ଛାଡ଼ିଗଲେ କାର୍ଯ୍ୟ ଚାଲିବ ନାହିଁ ।"

"ନା, ମୁଁ ଯେ ଅପରାଧୀ ।"

"ଆଚ୍ଛା, ସେ କଥା ମୁଁ ବୁଝିବି ପରେ ।"

"ନା, ଦେବାନ ସାହେବ, ମୁଁ ନ୍ୟାୟ ଚାହେଁ । ନ୍ୟାୟରେ ମୋର ଦଣ୍ଡ ପାଇବା ଉଚିତ, କଠୋର ଦଣ୍ଡ ।"

"ଆଚ୍ଛା, ଆପଣ ସାକ୍ଷୀ ଦେଇ ଫେରି ଆସନ୍ତୁ; ପରେ ବୁଝିବା ।"

ସର୍ଦ୍ଦାର ଆଉ କିଛି ନ କହି, ନଇଁ ଜୁହାର କରି, ମୁସଲମାନୀ ଢଙ୍ଗରେ ପଛାଇ ପଛାଇ ଦେବାନଙ୍କ ନିକଟରୁ ଚାଲିଗଲେ ।

---

## ଊର୍ଦ୍ଧ୍ୱଶ୍ୱାସେ

ସର୍ଦ୍ଦାର ମହାପାତ୍ରଙ୍କୁ ବିଦାୟ ଦେଇ, ରୋଗଶଯ୍ୟାରେ ରାଧାକୁ ଦେଖିବା ନିମନ୍ତେ ଦେବାନ ଚିକିତ୍ସାଳୟକୁ ଗଲେ । ରାଧା ଦେଖିବା ମାତ୍ରେ ପଚାରିଲା, "ମୋ ରମା କାହିଁ ?"

"ଶୀଘ୍ର ଆସିବ ।"

ସେ ଦିନ ରାଧାର ରୋଗ ଟିକିଏ ବଢ଼ିଥିଲା । ଦେବାନଙ୍କମୁହଁ ମଧ୍ୟ ଟିକିଏ ଲା ପଡ଼ିଯାଇଥିଲା । ଏହା ଦେଖି ଲୋକେ କୁହାକୁହି ହେଲେ, ବୋଧହୁଏ ରାଧାର ବସ୍ଥା ଖରାପ ହେବାରୁ ଦେବାନ ଚିନ୍ତିତ ଅଛନ୍ତି ।" ଦେବାନ ସେଦିନ ରାଧା

ପାଖରେ ବେଶି ସମୟ ରହିଲେ ନାହିଁ । ଦୁଇ ଘଣ୍ଟା ମଧ୍ୟରେ ଦେବାନଙ୍କ ଦ୍ୱାରେ ସବାର ଗଉଡ଼ ଆସି ପହଞ୍ଚିଲେ । ଦେବାନ ସବାରିରେ ବସି କହିଲେ, "ଚାଲ, ପବନ ପରି ଉଡ଼ିଯିବଟି ! କାଲି ସକାଳୁ ଯାଇ ପହଞ୍ଚିବା ଦରକାର । ରାତି ରାତି ନ ବସି, ନ ଶୋଇ, ଚାଲିବାକୁ ହବ । ବକ୍‌ସିସ୍ ଯାହା କହିବ, ପାଇବ ।"

ଗଉଡ଼ମାନେ ସବାରି କାନ୍ଧେଇ ଚାଲିବାରେ ଲାଗିଲେ । ସେତେବେଳକୁ ସନ୍ଧ୍ୟା ସମୟ । ବାଟ ଦେଖାଇବା ନିମନ୍ତେ ଆଗରେ ଦିହୁଡ଼ି ମଶାଲ ଆଦି ଧରି ଚାରି ଜଣ ଲୋକ ଧାଇଁବାରେ ଲାଗିଲେ । ଲୋକେ ଦେଖି ମନେ କଲେ ଯେ, ବାହା ଝିଅ ଶାଶୁ ଘରକୁ ଯାଉଛି ।

ଦେବାନ ଚାଲିଯିବା ପରେ ରାଧାର ଦେହ ଟିକିଏ ବେଶି ଖରାପ ହେଲା । ଦେବାନ ତା ପାଖରେ ରୋଜ ଘଣ୍ଟାଏ ଖଣ୍ଡେ ବସନ୍ତି । ଆଜି ଅଳ୍ପ ସମୟ ମାତ୍ର ବସି ଚାଲିଗଲେ । ସୁତରାଂ ସେ ଦେବାନଙ୍କୁ ଦେଖିବା ନିମନ୍ତେ ଜିଦ୍ ଧରି ବସିଲା । ତା ପରେ ପୁଣି ରାଜାଙ୍କର ଡାକରା ଆସିଲା । ଫଳରେ ଦେବାନଙ୍କ ଖୋଜା ପଡ଼ିଲା । ଦେବାନ ସୁଆରରେ ବସି ଘରୁ ବାହାରିଯିବାର ଅବଶ୍ୟ ଅନେକ ଦେଖିଛନ୍ତି, କିନ୍ତୁ ସେ ଯେ କେଉଁଠାକୁ ଗଲେ, କେହି କହି ପାରିଲେ ନାହିଁ । ଏକେ ସୁଆର ବୋହିବା ଗଉଡ଼ମାନେ ମଧ୍ୟ ତାହା ଜାଣିଥିଲେ କି ନା ସନ୍ଦେହ ।

ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ର ଅନନ୍ତ ଦାସ ଭଏଦ ବିଷୟ କହି ଚାଲିଗଲା ପର ମୁହୂର୍ତ୍ତରୁ ଦେବାନଙ୍କ ମନରେ ଏକ ଭୀଷଣ ସଂଗ୍ରାମ ଚାଲିଛି । ତାହା ତାଙ୍କର ଜୀବନମରଣ ସଂଗ୍ରାମ । ସେ ଭାବୁଛନ୍ତି, "ମୁଁ ବର୍ତ୍ତମାନ ଯେ ବଡ଼ ପାହ୍ୟାରେ ଅଛି, କେତେ ଲୋକଙ୍କର କେତେ ଉପକାର କରିପାରୁଛି । କାରଖାନା ବସାଇ ଜଗତର ଗୋଟାଏ ମସ୍ତ ଉପକାର କରିଛି । ଯେଉଁ ମହଣ ଲୋକେ ପଚିଶ ଟଙ୍କାରେ କିଣୁଥିଲେ, ଏବେ ଅଧା ଦାମରେ ପାଉଛନ୍ତି । ତା ଛଡ଼ା ଏତେ ଲୋକ ପୋଷି ହେଉଛନ୍ତି । ମୁଁ ନ ଥିଲେ ସେମାନଙ୍କ ମଧ୍ୟରୁ ଅନେକ ହୁଏ ତ ଭୋକରେ ମରନ୍ତେ । ତା ପରେ ପୁଣି, ରାଜା ତାଙ୍କ ରାଜ୍ୟର ଭାର ମୋ ଉପରେ ଛାଡ଼ି ଦେଇଛନ୍ତି । ମୁଁ ସେ ଭାର ମୁଣ୍ଡେଇ ନ ଥିଲେ, ପୂର୍ବେ ଲୋକେ ଯେପରି ଅନ୍ୟାୟ ଅତ୍ୟାଚାର ଭୋଗୁଥିଲେ, ତାହାହିଁ ହୁଏ ତ ଭୋଗନ୍ତେ । ତା ଛଡ଼ା, ମୁଁ ଏ ରାଧାର ଭାର ନେଇ ବସିଛି । ତା ଜୀବନରେ କଳଙ୍କ ନିମନ୍ତେ ମୁଁ ଦାୟୀ । ତା ପିଲାକୁ ଆଣି ତା ପାଖେ ଛାଡ଼ିବା ମୋର କାମ । କେବଳ ସେତିକି ନୁହେଁ, ଟଙ୍କା ପଇସା ଦେଇ ମା ଝିଅ ଦୁହିଙ୍କି ମୋତେ ସୁଖରେ ରଖିବାକୁ ହବ । ନା, ମୁଁ ଏ କାର୍ଯ୍ୟ କରିବିନାହିଁ । ଜୀବନର ଯେ ପନ୍ଥା ଅନୁସରଣ କରି ଆଠବର୍ଷ ଚାଲିଲିଣି, ସେ ପନ୍ଥା ଛାଡ଼ିବ ନାହିଁ । ଅନନ୍ତ ଦାସ ଜଣେ ନଗଣ୍ୟ ଲୋକ । ସେ ଜେଲଖାନାରେ ସଡ଼ିବ, ସଡ଼ୁ । ସେ ମଲେ ବି କାହାର କିଛି କ୍ଷତି

ନାହିଁ । ତା ପାଇଁ ଜଣେ କେହି କାନ୍ଦିବ ନାହିଁ । ମୋ ପାଇଁ ଲୁହ ଗଡ଼େଇବାକୁ ସହସ୍ର ସହସ୍ର ଲୋକ । ନା, ମୁଁ ଏ କାର୍ଯ୍ୟ କରିବି ନାହିଁ । ଭଗବାନ ଯାହା କରୁଛନ୍ତି, ମଙ୍ଗଳ ନିମନ୍ତେ କରୁଛନ୍ତି । ମୁଁ ତାଙ୍କ ଇଚ୍ଛା ବିରୁଦ୍ଧରେ ଯିବିନାହିଁ ।"

ଏହିପରି ଭାବି, କିଛି ସମୟ ସ୍ଥିର ରହି, ସେ ପୁଣି ନିଜକୁ ନିଜେ କହିଲେ, "ନା, ଏ ଜୀବନରେ କି କାର୍ଯ୍ୟ ଅଛି ? ମୁଁ ଯେତେବେଳେ ସାରଙ୍ଗଗଡ଼ ଆସି ନ ଥିଲି, ସେତେବେଳେ ଏ ସାରଙ୍ଗଗଡ଼ ଏହିପରି ଥିଲା । ସମଗ୍ର ପୃଥିବୀ ବର୍ତ୍ତମାନ ପରି ରହିଥିଲା । ମୋର କର୍ତ୍ତବ୍ୟ କରିବା ଉଚିତ; ଭଗବାନଙ୍କୁ ଆଗରେ ରଖି, ସତ୍ୟ ପଥରେ ଚାଲିବା ଦରକାର । ଅନନ୍ତ ଦାସ କିଏ, ମୁଁ ଜାଣେନା । ତଥାପି ସେ ଯେ ନିର୍ଦ୍ଦୋଷ, ସେଥିରେ କିଛି ସନ୍ଦେହ ନାହିଁ । ସେ ନିର୍ଦ୍ଦୋଷ ହୋଇ ଦଣ୍ଡ ଭୋଗ କରିବ, କଏଦଖାନାରେ ସଢ଼ିବ; ଆଉ ମୁଁ ଦୋଷୀ ହୋଇ ବିଚାରାଧିପତିଙ୍କ ଆସନରେ ବସିବି, ସୁଖ ଭୋଗ କରିବି, ଲୋକଙ୍କର ସ୍ନେହ ସମ୍ମାନ ପାଇବି ।" କିନ୍ତୁ କିଛି ଥର ଆଖି ଆଗରେ ସୁନ୍ଦରପୁରର ମହନ୍ତଙ୍କ ଚିତ୍ର ଦେଖିଲେ । ମହନ୍ତ ମରିଯାଇଛନ୍ତି । ତଥାପି ତାଙ୍କ ଜୀବନ୍ତ ମୂର୍ତ୍ତି ଯେପରି ଦେବାନଙ୍କ ସମ୍ମୁଖରେ ଆସି ଠିଆ ହୋଇଗଲା ଏବଂ କହିଲା, "ତୁମେ ଜଣେ ସାଧୁ ପୁରୁଷ ହୋଇଯିବ ।" ସାଧୁ ପୁରୁଷ ହେବାକୁ ହେଲେ, ନିଜର କର୍ତ୍ତବ୍ୟ କରିବା ଦରକାର ଏବଂ ଅନନ୍ତ ଦାସଙ୍କୁ ନିଷ୍କୃତି ଦେଇ ନିଜେ ତା ସ୍ଥାନରେ ରହିବା ହେଉଛି କର୍ତ୍ତବ୍ୟ ।

ଦେବାନ କିଛି ସମୟ ଏହିପରି ଏଣୁ ତେଣୁ ଭାବି, ଘରୁ ବାହାରିବା ପୂର୍ବରୁ, କେତେଗୁଡ଼ିଏ ଦଲିଲ ଦସ୍ତାବିଜ ନିଆଁରେ ପକାଇ ପୋଡ଼ିଦେଲେ । ସେଥିରେ ମୁହୂର୍ତ୍ତକ ମଧ୍ୟରେ ତାଙ୍କର ପ୍ରାୟ ଦୁଇ ଲକ୍ଷ ଟଙ୍କା ନଷ୍ଟ ହୋଇଗଲା । ସାରଙ୍ଗଗଡ଼ ସହିତ ବନ୍ଧନଟିମାନ ସେ ଏହିପରି ଗୋଟି ଗୋଟି କରି ଛିଣ୍ଡାଇବାକୁ ଲାଗିଲେ; କିନ୍ତୁ ଗୋଟାଏ ବନ୍ଧନ ଛିଣ୍ଡିଲାନାହିଁ । ସେ ସୁଧା, ଯାହାର କଳଙ୍କର କାରଣ ବୋଲି ସେ ନିଜକୁ ମନେ କରୁଥିଲେ । କହିଲେ, "ମୁଁ ଆତ୍ମ ପ୍ରକାଶ କରି ନିଶ୍ଚୟ ମୋ ନିଜ ଆତ୍ମାର ଉପକାର କରିବି । ତେବେ, ସେ ସୁଧା କରିବ କଣ ? ସେ ତ ମୋ ଉପରେ ନିର୍ଭର କରି ରହିଚି; କଳଙ୍କସମୁଦ୍ରରୁ ଉଠି ଆସି ଧର୍ମ ଓ ସତ୍ୟପଥରେ ପାଦ ପକେଇଚି । ସେ କଣ ପୁଣି ସେଇ କଳଙ୍କ-ସାଗରରେ ଯାଇ ବୁଡ଼ିବ ? ମୋ ଚାଲିଯିବାର ଫଳ ତାହାହିଁ ତ ହେବ । କେବଳ ସେତିକି ନୁହେଁ; ଏ କାରଖାନା ମାଟିରେ ମିଶିଯିବ, ଏ ଲୋକେ ଇତସ୍ତତଃ ହୋଇ-ଯିବେ, ଏ ସମୃଦ୍ଧିଶାଳୀ ନଗର ଧ୍ୱଂସ ପାଇବ । ନା, ମୁଁ ଧନଞ୍ଜୟ ଭଳି ହୋଇ ରହିବି, ସେ କୁତ୍ସିତ ପାଶୁ ନାଏକ ହେବି ନାହିଁ । ପାଶୁ ନାଏକ ସେ ଅନନ୍ତ ଦାସ । ମୁଁ ଆଠବର୍ଷ ହେଲା ପାଶୁ ନାଏକ ପଣ ଛାଡ଼ିଚି ।"

ଏପରି ଅନେକ କଥା ଭାବି, ଧନଞ୍ଜୟ ରାଏ ଗୋଟିଏ କୁହ୍ରାଢି ବାହାର କଲେ । ତାଙ୍କ ଶୋଇବା ଘରେ, ଗୋଟାଏ କଣରେ, ଅତି ସୁପ୍ତସ୍ଥାନରେ, ଗୋଟିଏ ଟ୍ରେଙ୍କିଆ ସିନ୍ଦୁକ ଥିଲା । ସେ ତାହା ଫିଟାଇଲେ । ତା ମଧ୍ୟରୁ କେତେଖଣ୍ଡ ଛିଣ୍ଡା କନା ଓ ଖଣ୍ଡିଏ ଟ୍ରେଙ୍କିଆ କାଠ ପଟା ବାହାରିଲା । ସେ ପଟାରେ କେତେଗୁଡ଼ିଏ ଅକ୍ଷର ଲେଖା ଥିଲା । ସେହି ସବୁ ସମ୍ପତ୍ତି ଯେଉଁ, ସନ ୧୨୪୮ ସାଲରେ 'ଧନଞ୍ଜୟ ରାଏ' ନାମ ଗ୍ରହଣ କରି, ଦେବାନ ପ୍ରଥମେ ସାରଙ୍ଗଗଡ଼ରେ ପ୍ରବେଶ କରିଥିଲେ । ସେ ଘଟଣାର କେତେକ ସମୟ ପୂର୍ବେ ଅନ୍ଧକାର ସେହି ସବୁ ସମ୍ପତ୍ତି ଧରି, ପାଣୁ ନାଏକ ସୁନ୍ଦରପୁର ଗ୍ରାମର ଏମୁଣ୍ଡରୁ ସେ ମୁଣ୍ଡ ବୁଲି ବୁଲି, କୌଣସିଠାରେ ସ୍ଥାନ ନ ପାଇ, ଶେଷରେ ମହନ୍ତ କୃଷ୍ଣଚରଣ ଦାସଙ୍କ ମଠରେ ଯାଇ ଆଶ୍ରୟ ନେଇଥିଲା । ଦେବାନ ସେଗୁଡ଼ିକ ନେଇ ନିଆଁରେ ପକାଇ ଦେଇ କହିଲେ, "ପାଣୁ ନାଏକର ସତ୍ତା ଏବେ ଭସ୍ମ ହୋଇଗଲା । ଆଉ କାହାର ବୁଦ୍ଧି ଅଛି ଯେ ସାରା ସାରଙ୍ଗଗଡ଼ରୁ ପାଣୁ ନାଏକକୁ ବାହାର କରିବ ?" ତା ପରେ ସେ ଚାହିଁ ଦେଖିଲେ ଯେ ରୂପା ଚୁଖାଟି ଧୂଆଁ ହୋଇଛି । କହିଲେ, "ନା, ଏ ବି ଯିବା ଦରକାର ।" ତହୁଁ ସେ ଚୁଖାଟି ସେହି ନିଆଁରେ ପକାଇଦେଲେ । ଚୁଖା ଆଘାତରେ ପୋଡ଼ା କନା ମଧ୍ୟରୁ ଗୋଟାଏ ଦୋ'ଣି ଚକ୍ ଚକ୍ ହୋଇ ଖସିପଡ଼ିଲା । ଦେଖି, ଦେବାନ କହିଲେ, "ଆଃ, ଏଟା ମଧ ଥିଲା । ଯାଉ, ଏ ପାପର ଚିହ୍ନଟା ବି ଜଳିଯାଉ ।" କିନ୍ତୁ ସଙ୍ଗେ ସଙ୍ଗେ ଗୋଟାଏ ଶବ୍ଦ ଶୁଣାଗଲା, କିଏ ଯେପରି ଡାକୁଛି, "ପାଣୁ ନାଏକ, ପାଣୁ ନାଏକ ।" ସେ ଚମକିପଡ଼ିଲେ । ତାଙ୍କ ରୋମମାନ ଟାଙ୍କୁରି ଉଠିଲା, ତାଳୁରୁ ତଳିପା ପର୍ଯ୍ୟନ୍ତ ଥରିବାରେ ଲାଗିଲା । ଦେହରୁ ଝାଳ ଗମ୍‌ଗମ୍ ବୋହିଗଲା । ସେ କିଛି ବୁଝି ନ ପାରି ପଚାରିଲେ, "କିଏ ଡାକୁଚ ?"

ସାରା କୋଠରୀ ମଧ୍ୟରେ ଏଣେ ତେଣେ ଚାହିଁ ସେ କାହାରିକୁ ଦେଖିଲେ ନାହିଁ । ତହୁଁ ସେ ଠୋ ଠୋ ହସି କହିଲେ, "ମୁଁ କି ମୂର୍ଖ, କି ଭୀରୁ ! କିନ୍ତୁ ପର ମୁହୂର୍ତ୍ତରେ ପୁଣି କହିଲେ, 'ନା, ଏ କିଏ ତ ଡାକିଲା ହିଁ, ପାଣୁ ନାଏକ ଏଇ ଘରେ ଅଛି । ଆସ ଆସ । ନା, ଅସନାହିଁ । ସେ କଳେ ଯିବ । ଯାଉଛି, ଏଇ ଗଲି ।" ସେତିକବେଳକୁ ଦାଣ୍ଡରୁ ଶୁଣାଗଲା, "ହଜୁର, ସବାରି ଆସି ହାଜର ଅଛି ।" ସେହି ସବାରିରେ ଦେବାନ, ଗଡରେ ଶଶୁର ଘରକୁ ଯାଉଥିବା ବୋହୂ ପରି, ଆଗରେ ଭଡୁଡ଼ି ଅଲୁଅ ଜାଳି ଯାଉଛନ୍ତି ।

ଅନେକ ସମୟରେ ମନୁଷ୍ୟ ଯେତେବେଳେ ଦୁଇଟା ବିପରୀତଫଳବିଶିଷ୍ଟ କାର୍ଯ୍ୟରୁ କେଉଁଟା କରିବ ଠିକ୍ କରିପାରେନାହିଁ, ଅନନ୍ତ ପ୍ରତାପଶାଳୀ ପ୍ରକୃତି ଆସି ଦାସାନୁଦାସ ପରି ତା ପଥର ସହାୟକ ହୁଏ । ଦେବାନ କେଉଁଠାକୁ ଯିବେ, ସବାରି

ବୋହୁବା ଗଉଡ଼ଙ୍କୁ କହୁ ନ ଥିଲେ । ଦନ୍ତୁଡ଼ି ଧରିବା ଲୋକଙ୍କ ମଧ୍ୟରୁ ଜଣେ ତାଙ୍କଠାରୁ ଲକ୍ଷ୍ୟ ସ୍ଥାନର ନାମ ଅବଶ୍ୟ ଶୁଣିଥିଲା; କିନ୍ତୁ ଠିକ୍‌ରୂପେ ଧରିପାରି ନ ଥିଲା । ପଚାରିବାକୁ ତାହାର ସାହସ ହୋଇ ନ ଥିଲା । ଯାହାହେଉ ରାତି ପ୍ରାୟ ଦୁଇ ପହର ପରେ ସେ ହଠାତ୍ ପାଟି କରି ଉଠିଲା, "ନାଁ । ଏ ବାଟ ନୁହେଁ ।" ଅନ୍ୟାନ୍ୟ ଦନ୍ତୁଡ଼ି ମଶାଲ ବୋହୁବା ଲୋକେ ଦୁମ୍ କରି ରହିଗଲେ । ଗଉଡ଼ମାନେ ଅନେକ ସମୟରୁ ବିଶ୍ରାମ ଲୋଡ଼ି ପାଇ ନ ଥିଲେ । ସେମାନେ ମଧ୍ୟ ପାଦ ରୋକି, ପାଟି ମୁହଁ ଚିଆଁହେଲେ ।

ମଞ୍ଚେଶ୍ୱର ଷ୍ଟେସନ ପାଖରୁ ରେଲବାଟ ଛାଡ଼ି କଟକ ଯିବାକୁ ବର୍ତ୍ତମାନ ଯେପରି ସୁବିଧା ଚଲାଚଳ ରାସ୍ତା ଅଛି, ଶହେ ଖଣ୍ଡେ ବର୍ଷ ତଳେ ସେପରି ନ ଥିଲା । ସେ ଅଞ୍ଚଳସାରା ଭୀଷଣ ଜଙ୍ଗଲରେ ପୂରି ରହିଥିଲା । ବାଘ ଭାଲୁ ଛଡ଼ା, ବନ୍ୟ ହାତୀ ସେଠାରେ ପ୍ରଚୁର ରହୁଥିଲେ । ଦେବାନଙ୍କ ସବାରିର ପଥପ୍ରଦର୍ଶକ ସେହି ଜଙ୍ଗଲ ମଧ୍ୟରେ ବାଟ ଭୁଲି ଅଣବାଟରେ ଆସୁଥିବା କଥା ହଠାତ୍ ଜାଣିପାରିଲା । ସେ ଜଙ୍ଗଲବାଟେ ଦିନ ବେଳେ କେହି ଏକା ଯିବା ଆସିବା କରନ୍ତି ନାହିଁ । ସନ୍ଧ୍ୟା ହେଲେ ବାଟ ଏକାବେଳକେ ପଡ଼ିଯାଏ । କେବଳ ଦେବାନଙ୍କ ସବାରି ବୋଲି, ଗଉଡ଼ମାନେ ପ୍ରାଣ ବିସର୍ଜନ କରି, ସେ ଦିନ ଘୋର ଅନ୍ଧାର ରାତିରେ ସେ ବାଟେ ଯିବାକୁ ରାଜି ହୋଇଥିଲେ । ସେମାନେ ମନେ କରିଥିଲେ ଯେ ପ୍ରଥମ ପ୍ରହରରେ ଜଙ୍ଗଲ ପାର ହୋଇ ମୁଣ୍ଡମୁହାଣରେ ଯାଇ ପହଞ୍ଚିବେ; କିନ୍ତୁ ଅଧ ରାତି ପର୍ଯ୍ୟନ୍ତ ଜଙ୍ଗଲ ଭିତରୁ ବାହାରି ନ ପାରିବାରୁ ତାଙ୍କ ମନରେ ଦକା ପଶି-ଯାଇଥିଲା । ଏବେ ଯେତେବେଳେ ଜାଣିଲେ ସେ ବାଟରୁ ଆସି ଅଣବାଟରେ ବୁଲୁଛନ୍ତି, ସମସ୍ତେ ଏକସ୍ୱରରେ କହିଲେ, "ମା କଟକଚଣ୍ଡି, ତୁ ଭରସା । ମଣିମାଙ୍କୁ ଶୁଭରେ ନେଇ ପହଞ୍ଚାଇଦେଲେ, କାଲି ମୁଣ୍ଡେ ବୋଦା ପାଇବୁ ।" ସବାରି ଭିତରେ ବସି ଦେବାନ ନିଜେ ମନକୁ ମନ କହିବାକୁ ଲାଗିଲେ, "ଏ ବୋଧହୁଏ ଈଶ୍ୱରଙ୍କର ଏକ ପ୍ରେରଣା । ସେ ହୁଏ ତ ଇଚ୍ଛା କରୁଛନ୍ତି ଯେ ସେ ଅନନ୍ତ ଦାସହିଁ ପାଣ୍ଡୁ ନାଏକ ହୋଇ ରହୁ । ଭଗବାନଙ୍କର 'ବାଞ୍ଛାନିଧି' ନାମ ଯଥାର୍ଥ ସତ୍ୟ ।"

ଗଉଡ଼ମାନେ କାନ୍ଧରୁ ସବାରି ଓହ୍ଲାଇ ବସିଛନ୍ତି । ଦନ୍ତୁଡ଼ି ମଶାଲଧାରି-ମାନେ ଏଣେ ତେଣେ ବାଟ ଖୋଜିବାରେ ଲାଗିଛନ୍ତି । ସେତେବେଳେ ହଠାତ୍ ଦୂରରୁ ଲୋକେ କଥାବାର୍ତ୍ତା ହୋଇ ଆସିବା ଶବ୍ଦ ଶୁଣାଗଲା । ସେଦିନ ତାରଙ୍ଗରେ ଜଣେ ମହାଜନ ଦେହ ବିଶେଷ ଖରାପ ହୋଇଥିବାରୁ ଲୋକେ ବୈଦ୍ୟ ଡାକି ଯାଇ-ଥିଲେ । ସେମାନେ ବୈଦ୍ୟଙ୍କୁ ସାଙ୍ଗରେ ଧରି ରାତି ରାତି ଫେରୁଥିଲେ । ନିକଟକୁ

ଆସି ଦେବାନଙ୍କ ସବାରି, ହାତୁଡ଼ି ମଶାଲ, ଆଲୁଅ ଦେଖି ପଚାରିଲେ, "କୁଆଡ଼େ ଯିବ ?" ଗଉଡ଼ମାନେ କିଛି ନ କହି ଠିଆ ହୋଇ ରହିଲେ । ଦେବାନଙ୍କ ଛାତି ପଡ଼ିଲା ଉଠିଲା । ସେ ଅନେକ ସମୟ ପରେ ରୁକ୍ଷକଣ୍ଠ ଫିଟାଇ ସବାରି ଭିତରୁ କହିଲେ, "କଟକ । ଏଇ ବାଟ ତ ?"

"ନା, ଏଟା ଚନ୍ଦକା ବାଟ । ଏଠୁ ପ୍ରାୟ ଦୁଇ କୋଶ ପଛକୁ ଯିବାକୁ ହେବ । ସେଠୁ ବାଁ ହାତ ଆଡ଼କୁ ଗୋଟାଏ ବାଟ ପଡ଼ିବ । ସେଇ ବାଟେ ଗଲେ, ସିଧା ମୁଣ୍ଡମୁହାଣରେ ଯାଇ ପହଞ୍ଚିବ । ହେଲେ, ଏ ରାତିରେ କାହିଁକି ବାହାରିଛ ? କାଲି ରାତି ଏଠି ହାତୀ ତିନିଟା ଲୋକ ମାରିଦେଇଚନ୍ତି । ବାଘ ମଧ ଗୋଟାକୁ ଖାଇଛି" କହି ସେ ଲୋକମାନେ ତରତର ହୋଇ, ବଣ ମଧ୍ୟରେ ଗୋଟାଏ ଏକପଦା ବାଟରେ ମୁହୂର୍ତ୍ତକ ଭିତରେ କେଉଁଆଡ଼େ ଅଦୃଶ୍ୟ ହୋଇଗଲେ ।

ରାତି ପାହି ଭୋର ହେବା ବେଳକୁ ମଧ ଗଉଡ଼ମାନେ 'ହୁଁ ମରେ ଖାଇବେ', କହି ସେ ଜଙ୍ଗଲ ମଧ୍ୟରେ ଚାଲିଛନ୍ତି । ଦେବାନ ସବାରି ଭିତରୁ କହୁଛନ୍ତି, "ବେଗେ ଚାଲ" । କିନ୍ତୁ ହଠାତ୍ ସବାରି କାଠି ଭାଙ୍ଗିପଡ଼ିଲା । ସବାରିଟା ଦୁମ୍‌କିନା ତଳେ ପଡ଼ିଗଲା । ଦେବାନଙ୍କୁ ଟିକିଏ ନିଦ ଆସିଯାଇଥିଲା । ସେ ଚମକିପଡ଼ି ଉଠି ମନକୁ ମନ କହିଲେ, "ଦେଖୁଛି ବିଧାତାର ଇଚ୍ଛା ସେ ପାଣ୍ଡୁ ନାଏକ ଦେବାନ ହୋଇ ରହିବ, ଆଉ ନିର୍ଦ୍ଦୋଷ ଅନନ୍ତ ଦାସ ପାଣ୍ଡୁ ନାଏକ ହେବ । ନା, ନା, ତା ହେବ ନାହିଁ । ହେଲେ ଉପାୟ କଣ ? ମୁଁ ଠିକ୍ ସମୟକୁ ଯାଇ କିପରି ପହଞ୍ଚିବି ? ଚଣ୍ଡାଳେ ତ ଭୋଳ ପହରକୁ ଆରମ୍ଭ କରିଦେବେ । କିନ୍ତୁ ଏ କଣ ଭଗବାନଙ୍କ ଇଚ୍ଛା ନୁହେଁ ?" ମନେ ମନେ ଏହିପରି ଭାବି, ଦେବାନ ପଚାରିଲେ, "କଣ କାଠିଟା ଯୋଡ଼ି ହେବନାହିଁ ?"

"ନା ହଜୁର ।"

ଖଣ୍ଡେ ଦୂରରେ ଗୋଟାଏ ଲୋକ ଘୋଡ଼ାରେ ବସି ଆସିବାର ଦେଖାଗଲା । ସେ ନିକଟକୁ ଆସିବାରୁ ଦେବାନ ପଚାରିଲେ, "ଭାଇ କୁଆଡ଼େ ଯିବ ?" ସେ ଉତ୍ତର ଦେଲା, 'ମୋ ବାପା ମରିଯାଇଚନ୍ତି । ଦଶାହ କାଲି । ଘୋଡ଼ାଟି ବିକ୍ରୀ କଲେ, କାର୍ଯ୍ୟ ଚଳିବ ।"

"କେତେ ଟଙ୍କା ?"

"ମୋ କାର୍ଯ୍ୟକୁ ତ ଦରକାର ଶହେ ଟଙ୍କା । ହେଲେ, ଶହେ ଟଙ୍କା କଣ ଏ ଘୋଡ଼ା ପାଇଁ କିଏ ଦେବ ?"

"ନ ଦେବ କାହିଁକି ?" କହି, ଦେବାନ ଶହେ ଟଙ୍କା ଗଣିଦେଇ, ସବାରି ହାତୁଡ଼ି ମଶାଲବାଲାଙ୍କୁ ଛାଡ଼ି, ଘୋଡ଼ାରେ ବସି ଛୁଟ ପିଟିଦେଲେ । ଗଲାବେଳେ

ଘୋଡ଼ା ଭଡ଼ାକରିବା ଲୋକଙ୍କୁ ପଚାରିଲେ, "ମୁଣ୍ଡମୁହାଣ କେତେ ଦୂର ?" ସେ କହିଲା, "ତିନ କୋଶ ।"

ଦେବାନ୍ ମୁଣ୍ଡମୁହାଣରେ ପହଞ୍ଚିଲାବେଳକୁ ବେଲ ପ୍ରାୟ ପାଞ୍ଚ ଘଣ୍ଟା । ଆଜିକାଲି କଟକ ଆଉ କଟକ ଯୋଡ଼େ ବର୍ଷାକାଳ ଛଡ଼ା ଅନ୍ୟ ସମୟରେ କାଠଯୋଡ଼ି ପ୍ରାୟ ଶୁଖିଲା ପଡ଼ିଥାଏ । ମାତ୍ର ସେ ସମୟରେ ବୈଶାଖ ମାସରେ ସୁଦ୍ଧା ମୁଣ୍ଡମୁହାଣଠାରୁ କଟକ ପଥରବନ୍ଧ ପର୍ଯ୍ୟନ୍ତ ମଣିଷବୁଡ଼ା ପାଣି ଲାଗି ରହୁଥିଲା । ଦେବାନ୍ ଯେ ଘୋଡ଼ା ଚଢ଼ି ଯାଇ କଟକରେ ଶୀଘ୍ର ପହଞ୍ଚିବେ ବୋଲି ଭାବିଥିଲେ, ତାହା ଅସମ୍ଭବ ହୋଇପଡ଼ିଲା । ଘାଟନାଆ କୂଳରେ ନ ଥିଲା; ସକାଳୁ କଟକ ଯାଇ, କଟକପଟୁ ଫେରୁଥିଲା । ଅପେକ୍ଷା କଲେ ବିଳମ୍ବ ହେବ ଭାବି, ଦେବାନ ଅନ୍ୟ ନୌକା ଖୋଜିଲେ । ନୌକା ମିଳିଲାନାହିଁ । ଶେଷରେ ଜଣେ ଲୋକ ଗୋଟାଏ ଭଙ୍ଗା ସାପୁଆ ଡଙ୍ଗା ଆଣି, ଦେବାନଙ୍କ ଗରଜ ବୁଝି, ଦର ବଢ଼ାଇ, କହିଲା, "ଦଶଟଙ୍କା ଦେଲେ, ପାରି କରିଦେବି ।" ଦେବାନ ତା ହାତକୁ ଦଶ ଟଙ୍କା ପକାଇଦେଇ, ଘୋଡ଼ା ଛାଡ଼ି ଡଙ୍ଗାରେ ବସିଲେ । ଡଙ୍ଗା ସାଇଁ ସାଇଁ ଚାଲିଲା । ଦେବାନ ଆଶାକଲେ ଯେ ସେ ଠିକ୍ ସମୟରେ ଯାଇ କଚେରିରେ ପହଞ୍ଚିବେ । ମାତ୍ର ଡଙ୍ଗାଟି ହଠାତ୍ ଲେଉଟି ବୁଡ଼ିଗଲା । ଦେବାନ ପହଁରିବାକୁ ଲାଗିଲେ ।

ମନୁଷ୍ୟ ଯେତେବେଳେ କୌଣସି କାର୍ଯ୍ୟ କରିବାକୁ ଦୃଢ଼ପ୍ରତିଜ୍ଞ ହୋଇ ବସେ, ସଂସାରରେ ଘଟଣାଚକ୍ର ତାର ଇଚ୍ଛା ନିକଟରେ ମୁଣ୍ଡ ନୁଆଇଁ ତାକୁ ସାହାଯ୍ୟ କରିବାରେ ଲାଗେ । ଦେବାନ ପହଁରି ପହଁରି ଅଧାବାଟ ଗଲାବେଳକୁ ଗୋଟାଏ କାଠଗଡ଼ି ଭାସିଆସି ତାଙ୍କ ନିକଟରେ ପହଞ୍ଚିଗଲା । ସେ ତାକୁ ଆଶ୍ରୟ କରି ଚାଲିବାରେ ଲାଗିଲେ ବାଟରେ କଟକ ଆଡ଼ୁ ଫେରି ଘାଟ ନାଆ ଆସି ପହଞ୍ଚିଲା । ନାଆର ଲୋକେ କହିଲେ, "ଆରେ ଚଣ୍ଡାଳ, କାଠଗଡ଼ଟା ଧରି ଏପରି ଯାଆନା; କୁମ୍ଭୀର ଖାଇଯିବେ ।" ଶୁଣି, ଦେବାନ ମନକୁ ମନ କହିଲେ, "ନା, ପାଣୁ ନାଏକ କୁମ୍ଭୀର ପେଟରେ ପଡ଼ିବାର ଜନ୍ତୁ ନୁହେ ।" କିନ୍ତୁ ନାଆ ଆସି ପାଖରେ ପହଞ୍ଚିବାରୁ ତହିଁରେ ବସିପଡ଼ିଲେ । ନାଉରିକି ପଚାରିଲେ, "କେତେ ଟଙ୍କା ପାଇଲେ, ତୁ ଏଠାରୁ କଟକଆଡ଼କୁ ଫେରେଇନବୁ ?" ଯାତ୍ରୀମାନେ ଏକସ୍ୱରରେ କହିଲେ, "ନା, ଆମକୁ ଆଗ ପାରିକରି ଦେ" କିନ୍ତୁ ଦେବାନ ହାତ ଯୋଡ଼ି ସେମାନଙ୍କୁ ଅନୁରୋଧ କଲେ, "ମୋର କଚେରିରେ ଭାରି ଜରୁରି କାମ ଅଛି । ମୋତେ ଟିକିଏ ଆଗ ପହଞ୍ଚାଇ ଦେବା ଦରକାର ।" ନାଉରି ପନ୍ଦର ଟଙ୍କା ନେଇ ନାଆ ଫେରାଇଲା । ମାତ୍ର ନାଆ ଯେ କଚେରି ଘାଟକୁ ଛାଡ଼ିଥିଲା, ଲାଗିଲା ବେଳକୁ, କୋଶେ ଦୂରେ ଯାଇ ଖାନନଗର ପାଖେ ଲାଗିଲା । ଦେବାନ୍ ଡେଇଁଲାଇ ପଡ଼ି ଧାଇଁବାରେ ଲାଗିଲେ । ବାଟରେ ନୂଆ

ଲୁଗା କାଣି, ଓଦା ଲୁଗା ବଦଳାଇ, କଚେରୀ ଅଭିମୁଖେ ଧାଇଁଲେ । ରାସ୍ତାରେ ଜଣକୁ ପଚାରିଲେ, "କଚେରୀ କଣ ଲାଗିଲାଣି ?"

"ନା, ଆଜି ଗୋଟାଏ ବଡ଼ ମକଦ୍ଦମା ପଡ଼ିଚି । ସେଇ ତ ଚାଲିଚି ସକାଳୁ ଏ ପର୍ଯ୍ୟନ୍ତ । ତେବେ ସରିବ ହୁଏ ତ ଏଖଣି । ତୁମେ ଯଦି ସେଇ ମକଦ୍ଦମାକୁ ଯାଉଥାଅ, ତେବେ ଧାଅଁ ।"

## —୧୧—

## ଆତ୍ମ ପ୍ରକାଶ

ଦେବାନ ଆହୁରି ବେଗରେ ଧାଇଁ, ଧଇଁ ସଇଁ ହୋଇ କଚେରି ଦ୍ୱାରରେ ଯାଇ ପହଞ୍ଚିଲେ । ପହଞ୍ଚି ଦେଖିଲେ, କଚେରି ଘର ଭିତର ଲୋକାରଣ୍ୟ; ପାଦ ପକାଇବାକୁ ସ୍ଥାନ ନାହିଁ । ସେ ପଶିବାକୁ ଚେଷ୍ଟା କଲାରୁ ଜମୁଆଲ ତାଙ୍କୁ ଧକା ମାରି ପେଲିଦେଇ କହିଲା, "କଣ ମଣିଷ, ନା ଗୋରୁ ? ସୋରିଷ ପକାଇବାକୁ ଜାଗା ଅଛି ସେ ପଶୁଚ ?" ଜଣେ ମୁକ୍ତାର ଚପକନ ପିନ୍ଧି, ମୁଣ୍ଡରେ ପଗଡ଼ି ବାନ୍ଧି ଯାଉଥିଲେ । ପୁଣି ଜମୁଆଲକୁ କହିଲେ, "କିରେ ତତେ କଣ ମଣିଷ ଦିଶୁନାହିଁ ? ଜାଣି ଜାଣି ଭଦ୍ରଲୋକଟାକୁ ଧକ୍‌କା ଦେଉଚୁ ?" ସେ ତା ପରେ ଦେବାନଙ୍କୁ ପଚାରିଲେ, "ଆପଣ କଣ ଚାହୁଁଚନ୍ତି ?"

"ମୁଁ ଏ ବିଚାର ଶୁଣିବାକୁ ଘର ଭିତରକୁ ଯିବାକୁ ଇଚ୍ଛା କରେ ।"

"ସବୁ ଆଡ଼ ତ ପୂର୍ଣ୍ଣ ଦେଖୁଚନ୍ତି । ହାକିମଙ୍କ ପଛପଟେ ଅଳପ ଟିକିଏ ଜାଗା ଅଛି । ଆପଣ ତାଙ୍କ ପାଖକୁ ଚିଠିଏ ଲେଖିପଠାନ୍ତୁ । ମାତ୍ର ଆଶା କମ୍ । ଖୁବ୍ ବଡ଼ବଡ଼ିଆଙ୍କ ଛଡ଼ା ସେଠି କାହାକୁ ଆସନ ମିଳେ ନାହିଁ । ତେବେ ଚେଷ୍ଟା କରି ଦେଖନ୍ତୁ । କାଳେ ବାଜିଯିବ ।"

ମୁକ୍ତାରଙ୍କ ପରାମର୍ଶ ଶୁଣି, ଦେବାନ 'ସାରଙ୍ଗଗଡ଼ ଦେବାନ ଧନଞ୍ଜୟ ରାଏ' ଲେଖି, ହାକିମଙ୍କ ନିକଟକୁ ଜଣେ ସିପାହୀ ହାତରେ ଲେଖା ପଠାଇଲେ । ତାଙ୍କ ନାମ ତ କୌଣସିଠାରେ ଅଛପା ନ ଥିଲା । ହାକିମ ଲେଖା ପାଇଲାକ୍ଷଣି, ନିଜ ପାଖରେ ଗୋଟିଏ ସ୍ଥାନ ଠିକ୍ କରି ରଖି, ସିପାହୀକି କହିଲେ, "ମୋର ସଲାମ ଦେଇ ଡାକିଆଣ ।" ସିପାହୀ ଯାଇ ଦେଖିଲା, ଦେବାନ ଯେଉଁଠାରେ ଛିଡ଼ା

ହୋଇଥିଲେ, ସେହିଠାରେ ଠିକ୍ ସେହିପରି ଭାବରେ ଦଣ୍ଡାୟମାନ ହୋଇ ରହିଛନ୍ତି । ସେ ମନରେ କଣ ଭାବୁଥିଲେ, ବୁଝିବା ଅସମ୍ଭବ । ସିପାହୀ ଆସି ସଲାମ କରି କହିଲା, ହଜୁର୍, ଚଳେ କରନ୍ତୁ ।" ସେ ପ୍ରଥମେ ଆସି ପହଞ୍ଚିଲାବେଳେ ଯେଉଁ କଷ୍ଟୁଆଲ ତାଙ୍କୁ ଧକ୍କା ମାରିଥିଲା, ସେ ମଧ୍ୟ ପାଦ ପର୍ଯ୍ୟନ୍ତ ମୁଣ୍ଡ ନୁଆଇଁ ସଲାମକଲା । ଦେବାନ ଭାବିଲେ, "ଏ ତ ପାଣ୍ଡୁ ନାଏକ ଜୀବନରେ ଶେଷ ସଲାମ ପାଇବା" ଭାବି, ସିପାହୀ ପଛେ ପଛେ ହାକିମଙ୍କ ଆଡ଼କୁ ଗଲେ ।

ଦେବାନ ହାକିମଙ୍କ ପଛ ପାଖ ଦ୍ୱାରବାଟେ ଯାଇ ଇଜଲାସରେ ପାଦ ପକାନ୍ତେ ଲୋକେ ତାଙ୍କ ଆଡ଼କୁ ଅନାଇଲେ । ହଠାତ୍ ହାକିମ ଦେଖି ଅନୁମାନଦ୍ୱାରା ବୁଝିପାରିଲେ ଯେ ସେ ଧନଞ୍ଜୟ ରାଏ । ତହୁଁ ସେ କାର୍ଯ୍ୟ ମଧ୍ୟରେ ଟିକିଏ ହସି ମୁଣ୍ଡ ନୁଆଇଁ, ଅଭିବାଦନ କରି ବସିବାକୁ ଠାରିଦେଲେ । ଧନଞ୍ଜୟ ରାଏ ବସିଲେ ।

ଇଜଲାସ ମଧ୍ୟରେ ଗୋଟାଏ କାଠର ବାଡ଼ା ଭିତରେ ଜଣେ ଲୋକ ବିମର୍ଷ-ମୁଖରେ, ନିସ୍ତବ୍ଧ ନେତ୍ରରେ ଠିଆ ହୋଇଥିଲା । ଦର୍ଶକମାନେ ସମସ୍ତେ ତାହାରି ଆଡ଼କୁ ଚାହିଁଥିଲେ । ଧନଞ୍ଜୟ ରାଏ ମଧ୍ୟ ତା ଉପରେ ଦୃଷ୍ଟି ନ ପକାଇ ରହି ପାରିଲେ ନାହିଁ । ସେ ତାକୁ ଚାହିଁ ମନକୁ ମନ କହିଲେ, "ମୋତେ ସେଇଠାକୁ ଯିବାକୁ ହବ ।" ତା ପରେ ସେ ପୁଣି ଟିକିଏ କଣ ଭାବିଲେ ଏବଂ ଆଉ ଥରେ ମନକୁ ମନ କହିଲେ, "ଆଉରି କିଛି ହେଇନାହିଁ ; ବର୍ତ୍ତମାନ ମଧ୍ୟ ସମୟ ଅଛି । ମୁଁ ସେଇ ପୁରୁଣା ପାଣ୍ଡୁ ନାଏକ ହେବି, ନା ଧନଞ୍ଜୟ ରାଏ ହେଇ ଏଇ ଉଚ୍ଚ ପଦରେ ରହିବି ? ନିଷ୍ପତ୍ତି କରିବାକୁ ଆଉ ବିଳମ୍ବ ନାହିଁ ।"

ଧନଞ୍ଜୟ ରାଏ ଇଜଲାସ ମଧ୍ୟରେ ପ୍ରବେଶ କରିବାବେଳେ ଅନନ୍ତ ଦାସ ପକ୍ଷର ମୁକ୍ତାର ବକ୍ତୃତା ଆରମ୍ଭ କଲେ । ଅନନ୍ତ ଦାସ ସେତେବେଳେ ମୁହଁକୁ ତଳକୁ ପୋତି ବିପର୍ଯ୍ୟସ୍ତଭାବରେ ଠିଆ ହୋଇଥିଲା । ମୁକ୍ତାର କହିଲେ, "ହଜୁର, ଦେଖନ୍ତୁ । ଏ ଲୋକ ଯେ କଣ୍ଢେଇଆ ଚୋରି କରିଚି, କୋର୍ଟବାବୁ ତାର କୌଣସି ପ୍ରମାଣ ଦେଇ ପାରିନାହାନ୍ତି । ସେ ଅବଶ୍ୟ ଦାଗୀ, ଆଗରୁ ଉଣିଶ ବର୍ଷ ଜେଲ ଖଟିଚି । ଏହି ଗୋଟାକ ବିଷୟ କେବଳ ତା ବିପକ୍ଷରେ ଯାଇପାରେ; କିନ୍ତୁ ତା ମଧ୍ୟ ସେ ନିଜେ ଅସ୍ୱୀକାର କରୁଛି । ହଜୁର ତାହା ଅସ୍ୱୀକାର ଏବଂ ଅବିଶ୍ୱାସ କରୁଛନ୍ତି । ମୁଁ ମଧ୍ୟ ତାକୁ ବାରମ୍ବାର ବୁଝାଇଲି; ମାନିଗଲେ, ଫଳ ଭଲ ହେବ ବୋଲି କହିଲି; ମାତ୍ର ସେ ନିଜକୁ ପାଣ୍ଡୁ ନାଏକ ବୋଲି କହିବାକୁ ଏକାବେଳକେ ନାରାଜ । ବୋଧହୁଏ ମାନିଯିବାକୁ ତାର ଭୟ ହେଉଛି । ମୁଁ ପ୍ରାର୍ଥନା କରୁଛି, ହଜୁର ତାକୁ ସାମାନ୍ୟ କିଛି ଦଣ୍ଡ ଦେଇ ଛାଡ଼ି ଦିଅନ୍ତୁ ।"

ମୁକ୍ତାର କହିସାରିଲାରୁ ସରକାର ପକ୍ଷରୁ କୋର୍ଟ ବାବୁ ଉଠିଲେ । ଉଠି ଠିଆ ହୁଅନ୍ତେ, ହାକିମଙ୍କ ପଛରେ ଦେବାନଙ୍କ ଉପରେ ତାଙ୍କର ଦୃଷ୍ଟି ପଡ଼ିଲା । ଦେବାନଙ୍କୁ ଅନେକ ଘଟଣାରେ ସେ ଆଗରୁ ଜାଣିଥିଲେ । ତାଙ୍କୁ ହଠାତ୍ ଦେଖି, ଟିକିଏ ବିସ୍ମିତ ହୋଇ ନମସ୍କାର କଲେ । ଦେବାନ କିନ୍ତୁ ତାଙ୍କ ଆଡ଼କୁ ଚାହିଁ ପାରିଲେ ନାହିଁ । ତାଙ୍କ ମନର ସେତେବେଳର ଭାବ ବୁଝିବା ଏକାବେଳକେ ଅସମ୍ଭବ । କୋର୍ଟବାବୁ କିପରି ବା ବୁଝନ୍ତେ ? ସେ ନିଜ କର୍ତ୍ତବ୍ୟ ଅନୁସରଣରେ କହିଲେ, "ପ୍ରତିବାଦୀ ପକ୍ଷର ମୁକ୍ତାର ଯାହା କହିଗଲେ, ସେଥିରୁ ପରିଷ୍କାର ଜଣା ପଡ଼ୁଛି ଯେ ଏହି ଅନନ୍ତ ଦାସ ହିଁ ପାଣ୍ଡୁ ନାଏକ; କିନ୍ତୁ ସେ ପାଣ୍ଡୁ ନାଏକ କିଏ ? ସେ ମନୁଷ୍ୟ ରୂପରେ ଗୋଟାଏ ରାକ୍ଷସ ମାତ୍ର । ମନୁଷ୍ୟସମାଜର ରକ୍ତ ଶୋଷଣ କରିବା ତାର କାମ ।" ଏହିପରି ଅନେକ କଥା କହି, ସେ ପାଣ୍ଡୁ ନାଏକର ଜୀବନୀ ଆଦ୍ୟପ୍ରାନ୍ତ ବର୍ଣ୍ଣନା କରିଗଲେ । କୋର୍ଟବାବୁ ଅଭ୍ୟାସଦ୍ୱାରା ନିଜର ବାଗ୍ମିତା ବେଶ୍ ବଢ଼ାଇଥିଲେ । ପାଣ୍ଡୁ ନାଏକର ବିବରଣୀ ତାଙ୍କ ମୁହଁରୁ ଶୁଣି ସମସ୍ତେ ଥରିବାକୁ ଲାଗିଲେ ।

ତା ପରେ କୋର୍ଟବାବୁ ପୁଣି କହିଲେ, "ଚଣ୍ଡାଳ ପାଣ୍ଡୁ ନାଏକ କଣ କେବଳ ଏତିକି କରିଛି ? ମଧୁ ବୋଲି ଗୋଟାଏ ଟୋକାଠାରୁ ଦୁଇଅଣା ତଙ୍କାଏତି କରି ନେଇଯାଇଛି । ତା ପରେ ପୁଣି, ସୁନ୍ଦରପୁର ମଠ ମହନ୍ତ ବର୍ତ୍ତମାନ ମରି ସ୍ୱର୍ଗପୁରରେ ଅଛନ୍ତି, ସେ ଚଣ୍ଡାଳଟାକୁ ଆଶ୍ରୟ ଦେଇଥିଲେ । ମହନ୍ତ ନିତାନ୍ତ ଅମାୟିକ ଲୋକ; ଅବଶ୍ୟ କହିଲେ ଯେ ପାଣ୍ଡୁ ନାଏକ ଚୋରି କରି ନାହିଁ; କିନ୍ତୁ ସେ ତାଙ୍କ ମଠରୁ ଗୋଟାଏ ଟାପରୁଖା ଚୋରେଇ ଆଣିଛି । ତା ପରେ ଆଉ ଗୋଟାଏ କଥା ଦେଖନ୍ତୁ, ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ର ୟାକୁ ଚିହ୍ନିଲେ । ୟା ସଙ୍ଗରେ ତିନି ଜଣ କଏଦି ମଧ୍ୟ ୟାକୁ ଚିହ୍ନି ସାକ୍ଷ୍ୟ ଦେଲେ । ଏ ପାଣ୍ଡୁ ନାଏକ ନୁହେଁ ବୋଲି ନାସ୍ତି କଲେ କଣ ହେବ ? ହଜୁର ନ୍ୟାଯ୍ୟ ବିଚାର କରନ୍ତୁ, ଉପଯୁକ୍ତ ଦଣ୍ଡ ଦିଅନ୍ତୁ ।"

ବିଚାର ପ୍ରାୟ ଶେଷ ହୋଇ ଆସିଲା । ହାକିମ ଆସାମୀ ଆଡ଼କୁ ଚାହିଁ କହିଲେ, "ଦେଖ୍, ପାଣ୍ଡୁ ନାଏକ, ତୋ ବିରୁଦ୍ଧରେ ବହୁତ ପ୍ରମାଣ ମିଳିଲା । ମୁଁ ଇଚ୍ଛା କଲେ, ତତେ କଳାପାଣି ପଠାଇପାରେ । ତୁ ଠିକ୍ କରି କହ, ନଡ଼ିଆ କିପରି ଚୋରି କଲୁ ? ଆଉ ତୁ ପାଣ୍ଡୁ ନାଏକ ବୋଲି କାହିଁକି ସ୍ୱୀକାର କରୁନାହୁଁ ?" ଶୁଣି, ଆସାମୀ କିଛି ଉତ୍ତର ଦେଲା ନାହିଁ । ତହୁଁ କୋର୍ଟବାବୁ ତାକୁ ଭର୍ତ୍ସନା କରି କହିଲେ, "ତୁ କେଡ଼େ ଖରାପ ଲୋକ, ହାକିମଙ୍କୁ ଉତ୍ତର ଦେଉନାହୁଁ ।"

କୋର୍ଟବାବୁଙ୍କ କଥା ଶୁଣି ଆସାମୀର ରୁଦ୍ଧକଣ୍ଠ ଏକାବେଳକେ ଫିଟିଗଲା; ସେ କହିଲା, "ତୁମେ ବଡ଼ ସତ୍ୟବାନ। ମୁଁ ସେଇ କଥା କହିବାକୁ ଯାଉଥିଲି, ମାତ୍ର ଠିକ୍ କହିପାରୁ ନ ଥିଲି। ମୁଁ କିଛି ଚୋରି କରିନାହିଁ। ମୁଁ ତ ଦିନକେ ଓଳିଏ ଖାଉଥିବା ଲୋକ। ସେଦିନ ସନ୍ଧ୍ୟାରେ ନଡ଼ିଆ ବଗିଚାବାଟେ ଗଲାବେଳେ ଦେଖିଲି ବାଟରେ ତିନିଚାରିଟା ନଡ଼ିଆ ପଡ଼ିଥିଲା। ଘରରେ ଖାଇବାକୁ କିଛି ନ ଥିବାରୁ ସେ ନଡ଼ିଆତକ ନେଇ ଆସିଥିଲି। ସେତେବେଳେ କିଏ ଜାଣିଥିଲା, ଏ ଦଶା ଘଟିବ ? ଏବେ ତିନି ମାସ ହାଜତରେ ରହିଲିଣି। କିଏ କେତେ ଗାଳି ଦେଉଛନ୍ତି। ମୁଁ ସେମାନଙ୍କ ପରି ପଣ୍ଡିତ ନୁହେଁ। ମୁଁ ମୂର୍ଖ, ଦରିଦ୍ର ଜଣେ। ମୁଁ ନଡ଼ିଆତକ ଖାଲି ଗୋଟାଇ ନେଇଥିଲି, ଚୋରି କରିନାହିଁ। ମାତ୍ର ତୁମ୍ଭେମାନେ ତ ଜାଣ, ମୋ ବାପ ତ ଯାହା କରି ନ ଥିଲା, ତୁମେ କରୁଛ। ମୋତେ ପାଣ୍ଡୁ ନାଏକ ନାଁ ଦେଉଛ। କିଏ ଏ ପାଣ୍ଡୁ ନାଏକ, ଘର କୋଉଠି, ଜାତି କଣ—ମୁଁ ପୁଣି ହେଲି ସେହି ପାଣ୍ଡୁ ନାଏକ ! ଛି ଛି ଛି। ତୁମେ ସବୁ କାହିଁକି ମୋ ସାଙ୍ଗରେ ଏମିତି ଲାଗିଛ, କହିଲ ଦେଖି।"

କୋର୍ଟବାବୁ ଆସାମୀ କଥା ଶୁଣି ହାକିମଙ୍କୁ କହିଲେ, "ହଜୁର, ଏ କଣ କହିଲା, ଶୁଣିଲେ ତ। ଏବେ ସାକ୍ଷୀମାନଙ୍କୁ ଆଉ ଥରେ ଡାକି ପଚାରନ୍ତୁ ଦେଖି। ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ର ଅବଶ୍ୟ ଚାଲିଯାଇଛନ୍ତି। ତେବେ, ସେ ଯାହା କହିଛନ୍ତି, ସେଥିରେ ତ ଆଉ କାହାରି ହଲଚଲ ହେବାର ଉପାୟ ନାହିଁ। ସେ କହିଛନ୍ତି 'ଏ ଲୋକର ନାଁ ଅନନ୍ତ ଦାସ ନୁହେଁ, ପାଣ୍ଡୁ ନାଏକ। ଏ ଉଣିଶ ବର୍ଷ କଇଦ ଖଟିଛି। ଆଉ ମୁଁ ଜାଣେ, ମଧୁଆ ବୋଲି ଗୋଟାଏ ଟୋକାର ଯୋଗେଁ ଚୋରି କରିବା ଛଡ଼ା ସୁନ୍ଦରପୁର ମହନ୍ତଙ୍କ ମଠରୁ ମଧ୍ୟ ଚୋରି କରିଛି। ମୁଁ ତାକୁ ବେଶ୍ ଚିହ୍ନି ପାରୁଛି।' ଏ ତ ଏପରି କହିଛନ୍ତି। ଏବେ ଆଉ ତିନି ଜଣ ସାକ୍ଷୀଙ୍କି ଡାକି ପଚରାଯାଉ।"

ସାକ୍ଷୀ ତିନି ଜଣ ଜଣ ଜଣ ହୋଇ ଆସି, ପୂର୍ବରୁ ଯେପରି କହିଥିଲେ, ପୁଣି ସେହି କଥା ଅବିକଳ କହିଗଲେ। ସେମାନେ କହିଲେ ଯେ ତିନି ଜଣଯାକ ସେହି ପାଣ୍ଡୁ ନାଏକକୁ ଭଲରୂପେ ଚିହ୍ନନ୍ତି, ତା ସଙ୍ଗରେ ବହୁ କାମ କରିଛନ୍ତି ଏବଂ ସେ ଯେ ଅନନ୍ତ ଦାସ ନୁହେଁ, ସେ କଥା ପ୍ରମାଣ କରି କହିପାରିବେ। ତା ପରେ ହାକିମ ଆସାମୀକୁ ପଚାରିଲେ, "ଶୁଣିଲୁ ତ, ତୋର ଆଉ କଣ କହିବାର ଅଛି ?" ଆସାମୀ ପ୍ରଥମେ କିଛି ନ କହି ଠୋ ଠୋ ହସିଲା ଏବଂ ଶେଷରେ କହିଲା, "ଧର୍ମାବତାର, ଯାହା ବୁଝିଲେ ତୁ ନାଥ ପରମ ଦୟାଳୁ, ବୁଝିବାକୁ ତୁ ଖମ୍ବଆଳୁ।" ହାକିମ ଅସନ୍ତୁଷ୍ଟ ହୋଇ କହିଲେ, "ଅଚ୍ଛା, ଏବେ ରାୟ ଶୁଣ୍।"

ହଠାତ୍ ହାକିମଙ୍କ ନିକଟରେ ଗୋଟାଏ ଖଡ଼୍‌ଖାଡ଼୍ ଶବ୍ଦ ହେଲା ଏବଂ ଉଚ୍ଚ ସ୍ୱର ଶୁଣାଗଲା—"ସାକ୍ଷୀମାନେ, ଏଆଡ଼େ ଚାହାଁ।" ସ୍ୱର ଯେଉଁଠାରୁ ଶୁଣାଗଲା,

ସମସ୍ତଙ୍କ ଦୃଷ୍ଟି ସେହି ଆଡ଼କୁ ଆକୃଷ୍ଟ ହେଲା । ଏପରି କି, ଆସାମୀ ଅନନ୍ତ ଦାସ ମଧ୍ୟ ମୁହଁ ଟେକି ଚାହିଁଲା । ଦେବାନ ଧନଞ୍ଜୟ ରାଏଙ୍କୁ ଯେଉଁମାନେ ଚିହ୍ନିଥିଲେ— ବିସ୍ମିତ ହୋଇ ଏକ ସ୍ୱରରେ କହିଲେ, "କିଏ ଦେବାନ ସାହେବ !"

ମୁହୂର୍ତ୍ତିକ ମଧ୍ୟରେ ସମସ୍ତଙ୍କ ସନ୍ଦେହ ଭାଙ୍ଗିଗଲା । ସେମାନେ ଦେଖିଲେ ଯେ ପ୍ରକୃତରେ ଦେବାନ ଧନଞ୍ଜୟ ରାଏ ଠିଆ ହୋଇଛନ୍ତି । ତାଙ୍କ ମୁଖମଣ୍ଡଳ ଶାନ୍ତ । ସେ ଯେ ଏପରି ପାଟି କରି ଭୟଙ୍କର ସ୍ୱରରେ କଥା କହିଥିବେ, କାହାରି ବିଶ୍ୱାସ ହେଲା ନାହିଁ । କିନ୍ତୁ ମୁହୂର୍ତ୍ତିକେ ଅବସ୍ଥା ବଦଳିଗଲା । ଧନଞ୍ଜୟ ରାଏ ସାକ୍ଷୀମାନଙ୍କ ପାଖକୁ ଚାଲିଯାଇ ପଚାରିଲେ, "ମୋତେ ଚିହ୍ନି ପାରୁଛ ?" ସାକ୍ଷୀମାନେ ସ୍ତମ୍ଭୀଭୂତ ହୋଇ ଠିଆ ହେଲେ ଏବଂ ମୁଣ୍ଡ ନାଡ଼ି କହିଲେ ଯେ ସେମାନେ ତାଙ୍କୁ ଚିହ୍ନନ୍ତି ନାହିଁ । ତହୁଁ ସେ ହାକିମଙ୍କ ଆଡ଼କୁ ଚାହିଁ, ହାତଯୋଡ଼ି କହିଲେ, "ହଜୁର, ସେ ନିର୍ଦୋଷ ଆସାମୀକୁ ଛାଡ଼ି, ମୋତେ ଗିରଫଦାର କରନ୍ତୁ । ମୁଁ ପାଣ୍ଡୁ ନାଏକ, ସେ ନୁହେ ।"

ମୁହୂର୍ତ୍ତିକ ପାଇଁ ଇଜଲାସ ଘର ନିସ୍ତବ୍ଧ ନିସ୍ତବ୍ଧ ହୋଇ ରହିଲା । ଏପରିକି କେହି ନିଃଶ୍ୱାସ ଶୁଦ୍ଧା ମାରି ପାରିଲା ନାହିଁ । ଗୋଟାଏ ପ୍ରବଳ ସତ୍ୟ ସମ୍ମୁଖରେ ସମସ୍ତେ ନିଜ ନିଜକୁ ପରାହତ ମଣି ଦାରୁଭୂତ ହୋଇ ଠିଆହେଲେ । କେତେକ ସମୟ ପରେ ହାକିମ ନୀରବତା ଭାଙ୍ଗି କହିଲେ, "ଦେବାନଙ୍କ ମୁଣ୍ଡ ବିଗିଡ଼ିଯାଇଛି । ଶୀଘ୍ର ଡକ୍ତରଙ୍କ ଡାକ ।"

"ମୁଁ ପାଗଳ ନୁହେ । ମୁଁ ଯାହା କହୁଛି, ଠିକ୍ କଥା । ଆପଣ ଗୋଟାଏ ମହାପାପ କରିବାକୁ ଯାଉଥିଲେ; ନିରପରାଧକୁ ଦଣ୍ଡ ଦେବାକୁ ବସିଥିଲେ । ମୁଁ ବର୍ତ୍ତମାନ ସତ୍ୟ କହୁଛି, ଆପଣଙ୍କ ଭ୍ରାନ୍ତ ଧାରଣା ସଂଶୋଧନ କରୁଛି ଏବଂ ମୋର କର୍ତ୍ତବ୍ୟ ପାଳନ କରିବାକୁ ଯାଉଛି; ମୁଁ ପାଣ୍ଡୁ ନାଏକ ! ଊଣିଶ ବର୍ଷକାଳ କଏଦଖାନାରେ ଥିଲି ମୁଁ । ମୁଁ ମଧୁଆର ଦୋ'ଣି ଚୋରି କରିଥିଲି । ମୁଁ ସୁନ୍ଦରପୁର ମହନ୍ତଙ୍କର ମଠରୁ ରୁପାର ଲୁଖା ଚୋରେଇ ଆଣିଥିଲି । ଯେବେ ସନ୍ଦେହ ହୁଏ, ଯାଇ ସାରଙ୍ଗଗଡ଼ରେ ଦେଖି ଆସିପାରନ୍ତି । ମୁଁ ଦୋଷ ଅପରାଧ ଲୁଚାଇ ନିଜର ଗୌରବ ରକ୍ଷା କରିବାକୁ ଯାଇ, ସେ ସବୁ ଚୋରି ଜନସ ନିଆଁରେ ପୋଡ଼ି-ଦବାକୁ ବସିଥିଲି । ମାତ୍ର ପାପୀର ପାପ କି ଯାଏ ? ନିଆଁ ଲିଭିଗଲା । ସବୁ ପାଉଁଶ ଭିତରେ ପଡ଼ିରହିଛି । ମୁଁ ପ୍ରକୃତରେ ପାଗଳ ନୁହେ, ସତ କହୁଛି ! ଏ ସାକ୍ଷୀମାନେ ମୋତେ ଚିହ୍ନିପାରୁ ନାହାନ୍ତି, କି ଆଶ୍ଚର୍ଯ୍ୟ କଥା !"

ଦେବାନ ସାକ୍ଷୀମାନଙ୍କ ଆଡ଼କୁ ମୁହଁ ବୁଲାଇ କହିଲେ, "ଶୁଣ୍ହଁ ଦେଖି, ସାକ୍ଷୀମାନେ, ଭଲ କରି । ଚନ୍ଦ୍ରା, ତୁ ଚିହ୍ନି ପାରୁ ନାହୁଁ ? ଗଣେଶା, ତୁ କହୁଚୁ, ମୁଁ ପାଣୁ ନାଏକ ନୁହେଁ ? ହାଡ଼ିଆ, ତୋର ଫେର ସନ୍ଦେହ ହୋଇଚି ? ଏତେ ଦିନ ଏକାଠି ରହିଲେ, ଖାଇଲେ, ବସିଲେ, କାମ କଲେ । କହିଲୁ, ହାଡ଼ିଆ, ତୋର ମୋର ଦିନେ ଲଢ଼େଇ କରି ନ ଥିଲେ ? ତୁ ମୋ କାଖକୁ ଗୋଟାଏ ଛୁରିରେ ଭୁଷି ଦେଇ ନ ଥିଲୁ ? ମୁଁ ସିନା ପାଗଳ, ସେ ଯା ଚିହ୍ନଟା ମଧ୍ୟ କଣ ପାଗଳ ? ତୁ କହୁଚୁ ଯେ ମୁଁ ପାଣୁ ନାଏକ ନୁହେଁ । ଚିନ୍ତ୍ରା, ତୋ ଜଙ୍ଘରେ ମୁଁ ନାଁ ଲେଖିଦେଇ ନ ଥିଲି ? ଗଣେଶା, ମୁଁ ତୋ ବାଁ ଗୋଡ କାଣି ଆଙ୍ଗୁଠି କାଟି ଖଣ୍ଡିଆ କରି ଦେଇ ନ ଥିଲି ? ସତ କଥା କହ । ହଜୁର ଆପଣଙ୍କର ଯେବେ ସନ୍ଦେହ ହୁଏ, ଦେଖନ୍ତୁ ଏ ସବୁ ଚିହ୍ନ ଅଛି କି ନା । ପ୍ରମାଣ କରନ୍ତୁ, ମୁଁ ପାଣୁ ନାଏକ କି ନୁହେଁ ।

ସାକ୍ଷୀମାନେ ଜିଭ କାମୁଡ଼ି, ମୁଣ୍ଡପୋତି, ଜଣେ ଅପରାଧୀ ପରି ଠିଆ ହୋଇଥିଲେ । ହାକିମ ପଚାରିଲେ, "କଣ କହୁଛ, ଏ କଣ ଠିକ୍ ପାଣୁ ନାଏକ ?" ସେମାନେ ଏକସ୍ୱରରେ ଉତ୍ତର ଦେଲେ, "ହଁ, ହଜୁର ।" ହାକିମ ଚନ୍ଦ୍ରା ଜଙ୍ଘରେ, ଗଣେଶାର କାଣିଆଙ୍ଗୁଠିରେ ଓ ଦେବାନଙ୍କର କାଖରେ ନିର୍ଦ୍ଦିଷ୍ଟ ସଙ୍କେତମାନ ପରୀକ୍ଷା କରି ମଧ୍ୟ ଦେଖିଲେ । ତାଙ୍କର ଆଉ ସନ୍ଦେହ ରହିଲା ନାହିଁ । ସେ ଅନନ୍ତ ଦାସକୁ ଖଲାସ କରି ଦେଲେ ।

ପାଣୁ ନାଏକ କହିଲା, "ମୋର କର୍ତ୍ତବ୍ୟ ସରିଚି । ମୋତେ କେହି ଗିରଫ-ଦାର କରନାହାନ୍ତି । ମୁଁ ଏଠେଇ ଆଉ କାହିଁକି ରହିବି ? ମୁଁ ଯାଉଚି । ମୋର ଅନେକ କାମ ବାକି ଅଛି, ନା, ଗୋଟାଏ ବଡ଼ କାମ । ସେଇଟା ମୋତେ ସାରିବାକୁ ହେବ । କୋର୍ଟବାବୁ ଜାଣନ୍ତି; ମୁଁ କେଉଁଠିକୁ ଯିବି । ସେଠୁ ମୋତେ ବାନ୍ଧି ଆଣି-ପାରିବେ ।" କହି ପାଣୁ ନାଏକ ଜନତା ଭେଦ କରି ଚାଲିଗଲା । ଲୋକେ ଘୁଞ୍ଚିଯାଇ ବାଟ ଛାଡ଼ିଦେଲେ ।

—୧୨—

## ନ ହେବା କଥା ହେଲା

ଦେବାନ ସେଦିନ ସନ୍ଧ୍ୟାରେ ସାରଙ୍ଗଗଡ଼ ଛାଡ଼ି ଚାଲିଯିବା ପରେ ତାଙ୍କୁ କେହି ଖୋଜି ପାଇଲେନାହିଁ । ସୁଧା ତାଙ୍କୁ ଦେଖିଲେ ଅବଶ୍ୟ ଖୁସି ହୋଇଥାନ୍ତା, କିନ୍ତୁ ନ ଦେଖି ଆହୁରି ଖୁସି ହେଲା । ସେ ମନକୁ ମନ ଭାବିଲା, "ମୋ ଗଣ୍ଡି ଧନକୁ

ଆଣି ଆସିବେ ।" ସେଥିରେ ତା ହୃଦୟରେ ଆନନ୍ଦ ଉଚ୍ଛୁଳି ଉଠିଲା । ଚିକିତ୍ସକ ନାଡ଼ି ଦେଖି ବୁଝି ପାରିଲେ ଯେ ସେ ଖୁବ୍ ସୁସ୍ଥ ଅଛି । ରାଧା ଶେଯରୁ ଉଠିପାରୁ ନ ଥିଲା । ସେ ଉଠିଲା, ବସିଲା, ବୁଲିଲା, ଆନନ୍ଦରେ ଗୀତ ଗାଇଲା । ପ୍ରଥମ ଘଣ୍ଟା ସେ ଖୁବ୍ ଆଶା ଓ ଆହ୍ଲାଦରେ କଟାଇଦେଲା । ମାତ୍ର ଆରଦିନ ଦିନସାରା ରମା ଆସି ନ ପହଞ୍ଚିବାରୁ ତା ମନର ଉଦ୍‌ବେଗ ବଢ଼ିବାକୁ ଲାଗିଲା ।

ତୃତୀୟ ଦିନ ଅପରାହ୍ଣରେ ଚିକିତ୍ସକ କୌଣସି କାମରେ ଲାଗିଥିଲାବେଳେ, ପଛରେ ପାଦ ଶବ୍ଦ ଶୁଣି ହଠାତ୍ ବୁଲି ଚାହିଁଲେ । ସେ ବିସ୍ମିତ ହୋଇ କହିଲେ, "ଦେବାନ ହଜୁର, ଆପଣ ନା କଣ ?"

'ରାଧୀ କିପରି ଅଛି ?"

"ଭଲ ଥିଲା ତ ଖୁବ୍ । ଆଜି ପୁଣି ରୋଗଟା ଟିକିଏ ବଢ଼ିଛି ।" କହି ସେ ସମସ୍ତ ବୃତ୍ତାନ୍ତ ବର୍ଣ୍ଣନା କଲେ । ଅଥଚ ଗୋଟାଏ ପ୍ରଶ୍ନ ପଚାରିଦେବାକୁ ତାଙ୍କର ସାହସ ହେଲାନାହିଁ । ଦେବାନ ଆପେ କହିଲେ; "ମୁଁ ତା ଝିଅକୁ ଆଣିବାକୁ ଯାଇଥିଲି କହି ଭଲ କରିଚନ୍ତି ।"

"ଏବେ କରାଯିବ କଣ ? ସେ ଆପଣଙ୍କୁ ଦେଖି ତା ଝିଅକୁ ଯେବେ ନ ଦେଖେ, ଆପଣ ତାକୁ କଣ କହି ସାନ୍ତ୍ୱନା ଦେବେ ?"

ଦେବାନ ଟିକିଏ ବିଚାରି କହିଲେ, "ଆଚ୍ଛା, ଦେଖାଯିବ ।" କହି ସେ ରାଧୀ ନିକଟକୁ ଯିବାକୁ ଘରୁ ବାହାରକୁ ବାହାରିଲେ । ଆଲୋକରେ ତାଙ୍କ ମୁହଁ ସଫା ଦେଖାଗଲା । ଚିକିତ୍ସକ ଚମକି ପଡ଼ି ପଚାରିଲେ, "ଆପଣଙ୍କର କଣ ହୋଇଥିଲା କି ? ବାଳଗୁଡ଼ାକ ଯେ ଏକାବେଳକେ ପାଚିଗଲା; ମୁହଁ ମଧ୍ୟ କଳା ପଡ଼ିଯାଇଛି ।"

"କାହିଁ, କିଛି ନାହିଁ ତ," କହି, ଦେବାନ ଆଗକୁ ଗୋଡ଼ ପକାଇଲେ । ଚିକିତ୍ସକ ପଚାରିଲେ "ତା ଝିଅ କଣ ନ ଆସିବାର ହେଲା ?"

"ନା ଆସିବ ! ମାତ୍ର ଦୁଇ ତିନି ଦିନ ଲାଗିବ ।"

"ତେବେ, ଆପଣ ତା ପାଖକୁ ଯାଆନ୍ତୁ ନାହିଁ । ମୁଁ କହିବି ଯେ ଆପଣ ଫେରି ନାହାନ୍ତି । ଏ କଥା ଆଉ ମିଛ କଣ ? ଆମେ ବୈଦ୍ୟମାନେ ରୋଗୀକୁ ସାନ୍ତ୍ୱନା ଦବାପାଇଁ ଏପରି କରିଥାଉଁ ।"

"ନା, ମୁଁ ତାକୁ ଦେଖିବାକୁ ଯିବ । ବିଳମ୍ବ ହେଲେ, ତା ସହିତ ମୋର ହୁଏତ ଏକାବେଳକେ ଦେଖା ହବନାହିଁ ।" କହି, ଦେବାନ ରାଧାର ଶେଯ ପାଖରେ ଯାଇ ଠିଆ ହେଲେ । ରାଧା ନିତାନ୍ତ ଦୁର୍ବଳ ହୋଇ ଶେଯରେ ପଡ଼ିଥିଲା । ଦେବାନ କେତେକ ସମୟ ନିଶ୍ଚଳ ଭାବରେ ଠିଆହେବା ପରେ, ସେ ଆଖି ଫିଟାଇ ତାଙ୍କୁ ଦେଖିଲା ଏବଂ ଟିକିଏ ସାମାନ୍ୟ ହସି ପଚାରିଲା, "ଆଉ ରମା ?" ପ୍ରଶ୍ନଟା ସେ ଏପରି ସ୍ୱରରେ ପଚାରିଲା ଯେ ତାହାଁରୁ ବୋଧହେଲା, ଦେବାନ ରମାକୁ ସଙ୍ଗରେ ଆଣି ଫେରିଛନ୍ତି ବୋଲି । ସେ ନିଶ୍ଚିତରୂପେ ଜାଣିଥିଲା । ଦେବାନ ଅପରାଧୀ ପରି ମୁଣ୍ଡ ନୁଆଁଇ ଠିଆହେଲେ ମାତ୍ର । ତାହୁଁ ସେ ପୁଣି କହିଲା, "ତାକୁ ଆଣି ମୋ ପାଖେ ଟିକିଏ ଶୁଆଇ ଦେଲନାହିଁ ।"

ଦେବାନ ଅବଶ୍ୟ ତତ୍‌ପ୍ରଥମା ପରି ଠିଆ ହୋଇ ଦୁଇ ଚାରି କଥା କଣ କହିଲେ । ମାତ୍ର ତାହା ରାଧା ବୁଝିପାରିଲା ନାହିଁ, କି ଦେବାନ ମଧ୍ୟ କଣେ କହି ସାରିଲା ପରେ ମନେ ରଖିପାରିଲେ ନାହିଁ । ସେ ଅବସ୍ଥା ଦେଖି ଡାକ୍ତର କହିଲେ, "ତୁମେ ପିଲାକୁ ଦେଖିବାକୁ ଅଧୀର ହୁଅନାହିଁ ରାଧା ! ତାକୁ ହଠାତ୍ ଦେଖିଲେ, ତୁମ ଦେହ ବେଶି ଖରାପ ହେବ ।" ଶୁଣି ରାଧାର ଆଖି ଉଜ୍ଜ୍ୱଳ ହୋଇଆସିଲା; ମୁଖମଣ୍ଡଳରେ ଆହ୍ଲାଦର ଆଭା ଜାଜ୍ୱଲ୍ୟମାନ ଦେଖାଗଲା । ସେ ହାତଯୋଡ଼ି କହିଲା, "ନା, ଏଠିକୁ ଟିକିଏ ଆଣ ।"

"ନା ତୁମ ଦେହ ଆଗ ଭଲ ହେଉ ।"

"ମୋ ଦେହ ତ ଭଲ ହୋଇଗଲାଣି । ତାକୁ ଦେଖିଲେ ବଞ୍ଚିବି ।"

"ଏଇ ତ ତୁମର ଦୁଷ୍ଟାମି । ମୁଁ ତୁମକୁ ଠିକ୍ କହିଦେଉଛି, ମୁଁ ଯେତେବେଳେ ଜାଣିବି ଯେ ତୁମ ଦେହ ଭଲ ହେଲାଣି ମୁହୂର୍ତ୍ତେ ବିଳମ୍ବ ନକରି, ରମାକୁ ଆଣି ତୁମ ପାଖେ ଛାଡ଼ିଦେବି । ଅଭିଁ ଗୋଲମାଳ କରନାହିଁ । କଲେ, ଫଳ ଭଲ ହେବନାହିଁ ।"

ଡାକ୍ତରଙ୍କ କଥା ଶୁଣି, ରାଧା ତୁନି ହୋଇ ରହିବାକୁ ଚେଷ୍ଟାକଲା; ମାତ୍ର ତାର ସେ ଚେଷ୍ଟା ବିଫଳ ହୋଇଗଲା । ସେ ଦେବାନଙ୍କୁ ନାନା ପ୍ରକାର ପ୍ରଶ୍ନ ପଚାରିବାରେ ଲାଗିଲା, "ଆପଣ କେତେବେଳେ ଯାଇ ପହଞ୍ଚିଲେ ? ବାଟରେ ତ କିଛି ଅସୁବିଧା ହେଇନାହିଁ ? ଘାନା ସାହୁ କଣ କହିଲା ? ରମାକୁ ଛାଡ଼ିଲାବେଳେ ଆଉ କଣ କହୁଥିଲା ? ରମା ମୋର ସେମିତି ମୋଟା ମୋଟି ଅଛି ନା ? ବାଟରେ କାନ୍ଦିନାହିଁ ? ତାର ମା କଥା ପାସୋରି ଯାଇନାହିଁ ତ ? ଆଚ୍ଛା, ଭଲ କଣ୍ଟ କି ନାହିଁ କହିଲୁ ତ ? ତାକୁ ଟିକିଏ ମୋ ପାଖକୁ ଆଣିମ ନାହିଁ ? ଆପଣ ତ ଦେବାନ, ଏ ସବୁର ମାଲିକ । ଆପଣ ଇଚ୍ଛା କଲେ, କଣ ସେ ଆସିପାରିବ ନାହିଁ ?"

ଦେବାନ ରାଧା ତୁଣ୍ଡରେ ହାତ ଦେଇ କହିଲେ, 'ତୁମେ ଚୁପ୍ ହୁଅ । ରମା ଭଲ ଅଛି, କିଛି ସମୟ ଗଲେ ତାକୁ ଦେଖିବ । ବର୍ତ୍ତମାନ ପାଟି କରନାହିଁ । ପାଟି କଲେ କାଶ ହେବ ।'' ସତକୁ ସତ ହଠାତ୍ ରାଧା କାଶି ଉଠିଲା । ବାହାରେ ଅଗଣାରେ ଜଣେ ଶ୍ରମିକର ଝିଅ ଝୁଣ୍ଟୁ ଝୁଣ୍ଟୁ ହୋଇ ଚିବା ଆସିବା କରୁଥିଲା । ସେ ଶବ୍ଦ ଶୁଣି ରାଧା ଖୁସି ହୋଇ କହିଲା, ''ମୋ ରମା ତେବେ ନିଶ୍ଚୟ ଆସିଛି । ଏଥର ମୋ ଦେହ ଭଲ ହୋଇଯିବ, ମୁଁ ତାକୁ ଧରି ଆନନ୍ଦରେ ଘର କରିବି ।''

ରାଧା ଆଉ କଣ କହୁଥାନ୍ତା; କିନ୍ତୁ ହଠାତ୍ ବନ୍ଦ ହୋଇଗଲା । ତା ମୁହଁ କଳା ପଡ଼ିଗଲା । ସେ ଦ୍ୱାର ଆଡ଼କୁ ଏକଦୃଷ୍ଟିରେ ନିତାନ୍ତ ଭୟରେ ଚାହିଁ ରହିଲା । ଦେଖି ଦେବାନ ପଚାରିଲେ, ''କଣ ହେଉଛି, ରାଧା ?'' ରାଧା ଉତ୍ତର ଦେଲାନାହିଁ; କିନ୍ତୁ ଦେବାନଙ୍କୁ ହାତ ଠାରି ଦ୍ୱାର ଆଡ଼କୁ ଦେଖାଇଦେଲା । ଦେବାନ ମୁହଁ ବୁଲାଇ ଦେଖିଲେ ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ର ଠିଆ ହୋଇଛନ୍ତି ।

ଦେବାନ କଟକ ଫୌଜଦାରି ଅଦାଲତ ଇଜଲାସରେ ପହଞ୍ଚିବା ପୂର୍ବରୁ ସର୍ଦ୍ଦାର ମହାପାତ୍ରେ ସାକ୍ଷ୍ୟ ଦେଇ ଫେରି ଆସିଥିଲେ । ସୁତରାଂ ସେ ଚାଲି ଆସିବା ପରେ ଅଦାଲତରେ ଯେଉଁ ଅଭିନବ ଘଟଣା ଘଟିଥିଲା, ତାର ସନ୍ଧାନ ସେ ପାଇ ନ ଥିଲେ । କୋର୍ଟବାବୁ ଅଦାଲତରେ ବସି ଯେତେବେଳେ ଦେଖିଲେ ଯେ ଅନନ୍ତ ଦାସ ଖଲାସ ହୋଇଗଲା, ସେତେବେଳେ, ସେ ଆଉ ଆସାମୀ ଖୋଜି ପାଇଲେ ନାହିଁ । ସୁତରାଂ ହାକିମଙ୍କ ଅନୁମତିକ୍ରମେ ସେ ପ୍ରକୃତ ପାଣ୍ଡୁ ନାଏକ, ହାରଙ୍ଗଗଡ଼ ଦେବାନଙ୍କ ଉପରେ ଓ୍ୱାରେଣ୍ଟ ବାହାର କଲେ । ଓ୍ୱାରେଣ୍ଟ ଜାରି କରିବା ନିମନ୍ତେ ସ୍ଥାନୀୟ ପୋଲିସ ବିଭାଗର ହାକିମ ସର୍ଦ୍ଦାରଙ୍କ ନିକଟକୁ ଲେଖିଲେ, ''ହାରଙ୍ଗଗଡ଼ ଦେବାନ ଧନଞ୍ଜୟ ରାଏ ଜେଲଖାନାରୁ ଖଲାସ ହୋଇଥିବା କଏଦୀ ପାଣ୍ଡୁ ନାଏକ ବୋଲି ଆଜି କଚେରିରେ ସାବ୍ୟସ୍ତ ହୋଇଅଛି । ତାଙ୍କୁ ଗିରଫଦାର କରନ୍ତୁ ।'' ସେହି ଚିଠି ଦେବାନଙ୍କ ପଛେ ପଛେ କଟକରୁ ଆସି ସର୍ଦ୍ଦାରଙ୍କ ହାତରେ ପଡ଼ିଲା । ସେ ସବୁ ଘଟଣା ଜଣାଇଥିବା ସ୍ଥଳେ, ସର୍ଦ୍ଦାର ଚକଣ୍ଡାଳୟକୁ ଆସିବାର ଅଭିପ୍ରାୟ ଯେନ କାହା ମନକୁ ସନ୍ଦେହ ଛୁଇଁବ ନାହିଁକି ?

ଧନଞ୍ଜୟ ରାଏଙ୍କ ପ୍ରତି ସର୍ଦ୍ଦାରଙ୍କ ହୃଦୟରେ କି ଭାବ ଥିଲା, ତାହା କଥାରେ କହିବା ନିଷ୍ପ୍ରୟୋଜନ । ଗୋଳିଆ ପାଣି କିଛି ସମୟ ରହିଗଲେ, ମଇଳା ତଳେ ବସିଯାଇ ଉପରୁ ଯାଣି ପରିଷ୍କାର ଦିଶେ । ଦେବାନଙ୍କ ପ୍ରତି ସର୍ଦ୍ଦାରଙ୍କର ସେହି ପରିଷ୍କାର ପାଣି ପରି ସ୍ୱଚ୍ଛ ବ୍ୟବହାର ରହିଥିଲା । ମାତ୍ର ଦେବାନ ଯେତେବେଳେ ତାଙ୍କ ପୁରୁଣା ବେଶରେ ପ୍ରକାଶ ପାଇଲେ, ସର୍ଦ୍ଦାରଙ୍କର ହୃଦୟ ଟହଲିବାକୁ ଲାଗିଲା । ସେଥିରେ ତଳ ପଙ୍କ ଆସି ଉପରୁ ପାଣିରେ ମିଶିଗଲା । ଯେଉଁ ଦେବାନଙ୍କୁ

ସେ ଏତେ କାଳ ସନ୍ଦେହ କରି ଆସୁଥିଲେ, ଆଜି ତାଙ୍କୁ ଧରିବାର ସୁଯୋଗ ପାଇ ତାଙ୍କ ଆନନ୍ଦର ସୀମା ରହିଲାନାହିଁ ।

ଦେବାନ ଯେଉଁ ଢଙ୍ଗ ତାକୁ ଫାଣ୍ଡିରୁ ଖଲାସ କରି ଆଣିଥିଲେ, ସେହି ଢଙ୍ଗ ଗୁଧା ସର୍ଦ୍ଦାରଙ୍କୁ ଦେଖି ନଥିଲା । ବର୍ତ୍ତମାନ ଦେଖି, ସେ ଭାବିଲା ଯେ ତାକୁ ଧରିନେବା ଛଡ଼ା ତାଙ୍କ ଆସିବାର ଆଉ କୌଣସି ଅଭିପ୍ରାୟ ନାହିଁ । ସେଥିପାଇଁ ସେ ଭୟରେ ମୁହଁ ପୋତିଦେଇ କହିଲା, "ଦେବାନ ବାହାଦୁର, ମୋତେ ରକ୍ଷା କରନ୍ତୁ । ଦେବ ାନ କହିଲେ, "ଭୟ କରନା ଗୁଧା ! ସେ ତୁମକୁ ନବାକୁ ଆସିନାହାନ୍ତି" ଏବଂ ସର୍ଦ୍ଦାରଙ୍କୁ ଚାହିଁ କହିଲେ, "ମୁଁ ଜାଣେ, ଆପଣ କାହିଁକି ଆସିଚନ୍ତି ।"

"ଆ, ଜଲ୍‌ଦି ଆ"—କହି, ସର୍ଦ୍ଦାର ଏକଦୃଷ୍ଟିରେ ଘର ଭିତରକୁ ଚାହିଁ ରହିଲେ । ତାଙ୍କ ଆଖି ଯୋଡ଼ିକ ଦେଖି ଗୁଧା ଭୟରେ ଥରିବାକୁ ଲାଗିଲା । ସର୍ଦ୍ଦାର ଘର ଭିତରେ ପଶି ବଡ଼ ପାଟିରେ କହିଲେ, "ଆବେ, ଆସୁଚୁ, ନା ଠିଆ ଠିଆ ହୋଇ ରହିଥିବୁ ?"

ଗୁଧା ଚାରିଆଡ଼କୁ ଚାହିଁ ଦେଖିଲା । କେବଳ ଦେବାନ ଓ ଚକ୍ରକ୍ଷାଳୟର ଜଣେ ଚୂଡ଼ୀ ଧାଇ ଠିଆ ହୋଇଥିଲେ । ସେ ଦୁହିଙ୍କ ଭିତରୁ କାହାକୁ ତ ସର୍ଦ୍ଦାର ସେପରି କର୍କଶ ସ୍ୱରରେ କହିପାରନ୍ତେ ନାହିଁ । ସୁତରାଂ ସେ ଧରିନେଲା ଯେ ସେ ତାକୁ ହିଁ ଡାକିଲେ । ସେଥିରେ ତା କଲିଜା ପାଣି ହୋଇଗଲା । କିନ୍ତୁ ମୁହୂର୍ତ୍ତକ ମଧ୍ୟରେ ସେ ଆଖି ଆଗରେ ଗୋଟାଏ ଏପରି ଦୃଶ୍ୟ ଦେଖିଲା, ଯାହା କି ସେ ସ୍ୱପ୍ନରେ ଦେଖିଲେ ମଧ୍ୟ ବିଶ୍ୱାସ କରନ୍ତା ନାହିଁ । ସର୍ଦ୍ଦାର ଦେବାନଙ୍କୁ ଭଣ୍ଡିଆ ମାରି, ବାହାରକୁ ନେବାକୁ ଚେଷ୍ଟା କଲେ । ସଂସାରରେ ପ୍ରଳୟ ଘଟିଲା ବୋଲି ଗୁଧା ମନେ କଲା । କହିଲା, "ଦେବାନ ହଜୁର !"

ଶୁଣି, ସର୍ଦ୍ଦାର ବିକଟ ହାସ୍ୟରେ କହିଲେ, "ଏଠି ଦେବାନ ବା ହଜୁର କେହି ନାହାନ୍ତି । ସକ ସକ ହୋଇ କାହାକୁ ଡାକୁଚୁ ? ଏଟା ପାଣୁ ନାଏକ, ଗୋଟାଏ ପୁରୁଣା ଚୋର, ଦାଗୀ, ଖଣ୍ଟ, ବଦମାସ୍ ।"

ପାଣୁ ନାଏକ ସର୍ଦ୍ଦାରଙ୍କ ହାତ ତା ବେକରୁ ବାହାର କରିବାକୁ ଚେଷ୍ଟା ନକରି, କହିଲା, ମହାପାତେ !"

"ଆବେ, ମହାପାତେ କଣ ? ପାଜି, ଆଉ କଥା କରି ପାଉନୁ ? କହ, ହଜୁର ସର୍ଦ୍ଦାର ସାହେବ ।"

"ସର୍ଦ୍ଦାର ସାହେବ, ମୁଁ ଏକାନ୍ତରେ ପଦେ କଥା କହିବି ।"

"କହ, ଯାହା କହିବୁ ପାଟି କରି । ମୋ ସାଙ୍ଗେ କେହି ଏକାନ୍ତରେ କଥାବାର୍ତ୍ତା ହୁଅନ୍ତି ନାହିଁ ।"

"ମୋର ଗୋଟାଏ ମାତ୍ର ଅନୁରୋଧ ଅଛି । "

"ମୁଁ ସେ ସବୁ କିଛି ଶୁଣି ପାରିବିନାହିଁ ।"

"ନା, ଶୁଣନ୍ତୁ ! ମୋତେ ତିନି ଦିନ ସମୟ ଦିଅନ୍ତୁ । ମୁଁ ଯାଇ ଏ ହତଭାଗିନୀର ପିଲାଟିକୁ ଆଣିଦେବି । ଆପଣ ଯାହା କହିବେ, ଦବାକୁ ରାଜି ଅଛି । ଆପଣ ଇଚ୍ଛାକଲେ ମୋ ସାଥିରେ ଯାଇ ମଧ୍ୟ ପାରନ୍ତି ।"

"ଏ କଣ ଅଣ୍ଟା କରୁଚୁ, ନା କଣ ? ଖସି ପଳେଇଯିବାର ଗୋଟାଏ ଫନ୍ଦି ନା ? ଏ ଫନ୍ଦି ଆଉ କାହାକୁ ଦେଖେଇବୁ ।"

ରାଧା ଚମକି ପଡ଼ିଲା । କହିଲା, "ମୋ ପିଲାକୁ ଆଣିବାକୁ ଦିବେ ? ତେବେ ସେ କଣ ଆସିନାହିଁ ? ନା, ପିଲାକୁ ମୋ ପାଖକୁ ବେଗେ ଆଣନ୍ତୁ । ନୋହିଲେ ମୁଁ ମଲି ।" ଶୁଣି ସର୍ଦ୍ଦାର ରାଗି, ତଳେ ଗୋଇଠା ମାରି, କହିଲେ "ଚୁପ୍, ରାଣ୍ଡି । ଏ ଗୋଟାଏ ଅଧମ ରାଜ୍ୟ, ଯେଉଁଠି କଏଦୀ ଆସି ଦେବାନ୍ ହେଉଛନ୍ତି, ଆଉ ବନ୍ଦୀରୁଣୀଗୁଡ଼ାକ ରାଜା ଝିଅ ପରି ଭୋଗରେ ରହୁଚନ୍ତି, ସବୁ ଭାଙ୍ଗି ଦେଉଛି ମୁଁ ।" କହି ସେ ରାଗରେ ଜଳି, ଠିଆ ହେଲେ ।

ରାଧା ଶେଯରୁ ଉଠିଲା । ସେ ପାଣ୍ଡୁ ନାଏକ, ସର୍ଦ୍ଦାର ଓ ଧାଇ, ତିନିଙ୍କୁ ଥର ଥର କରି ଚାହିଁଲା; କିନ୍ତୁ କଣ କହିବାକୁ ଇଚ୍ଛା କରି, କହିପାରିଲାନାହିଁ । ମୁହୂର୍ତ୍ତକ ମଧ୍ୟରେ ସେ ଘୂର୍ଣ୍ଣି ପଡ଼ିଗଲା । ତା ମୁଣ୍ଡ ତଳେ ବାଜି ଠକ୍ କରି ଗୋଟାଏ ଶବ୍ଦ ହେଲା; ପାଟି ଆଁ ହୋଇଗଲା; ଆଖି ଆଉ ବୁଜି ହେଲାନାହିଁ । ପାଣ୍ଡୁ ନାଏକ ସର୍ଦ୍ଦାରଙ୍କ ହାତ ତା ନିଜ ବେକରୁ ଛଡ଼ାଇ ବାହାର କରିଦେଇ, କହିଲା, "ଆପଣଙ୍କ ଯୋଗେଁ ଏ ସ୍ତ୍ରୀ ଲୋକଟି ମଲା ।"

"ତୋ ବୁଲକି ବହୁତ ଦେଖିଲିଣି । ଆସିବୁ ତ, ଚାଲିଆ । ନୋହିଲେ ସିପାହୀମାନଙ୍କୁ ଡାକିବି । ଧକ୍କା ଦେଇ ନେବେ ।" ସର୍ଦ୍ଦାରଙ୍କ ସହିତ ଫାଣ୍ଡିରୁ ଚାରି ଜଣ ସିପାହୀ ଆସିଥିଲେ । ତାଙ୍କ କଥା ଶୁଣି ପାଣ୍ଡୁ ନାଏକ ଝରକାରୁ ଗୋଟାଏ ମୋଟା ଲୁହାଛଡ଼ ଭିଡ଼ି ବାହାର କରି, ଧୀରେ ଧୀରେ କହିଲା, "ଆପଣ ଆଉ ପାଟି ନ କରି ଚାଲିଯାନ୍ତୁ ।" ସର୍ଦ୍ଦାର ଭୟରେ ଥରିଲେ । ଭାବିଲେ, ଯାଇ ସିପାହୀମାନଙ୍କୁ ଡାକିଆଣିବେ । କିନ୍ତୁ ସେ ଅବସରରେ କାଳେ ପାଣ୍ଡୁ ନାଏକ ଖସି ଚାଲିଯିବ,

ସେଥିପାଇଁ ଘର ଭିତରୁ ଯାଇ ଦ୍ୱାର ପାଖେ ଜଗି ଠିଆ ହେଲେ । ପାଣୁ ନାଏକ ଦୁଃଖରେ ଅଭିଭୂତ ହୋଇ ରାଧା ପାଖେ ବସି ରହିଲା । କିଛି ସମୟ ପରେ ତା କାନ ପାଖେ ମୁହଁ ଦେଇ କ'ଣ କହିଲା । କିନ୍ତୁ ସେ କଣ କହିଲା କେହି ଶୁଣି-ପାରିଲେ ନାହିଁ । କିନ୍ତୁ ଧାଇ ନିରୀକ୍ଷଣ କରି ଦେଖିଲେ ଯେ ରାଧାର ପାଣ୍ଡୁର ବର୍ଣ୍ଣ ମୁହଁରେ ଟିକିଏ ଆନନ୍ଦର ଦୀପ୍ତି ଦେଖାଗଲା । ମା ସୁପ୍ତ ପିଲା ମୁଣ୍ଡ ଉଠାଇ ଟେକି ନିଜ କୋଳରେ ଥୋଇଲା ପରି, ପାଣୁ ନାଏକ ରାଧା ମୁଣ୍ଡଟି ତକିଆରେ ଟେକି ରଖିଲା । ରାଧାର ମୁଖମଣ୍ଡଳରେ ଶାନ୍ତିର ଚିହ୍ନ ଫୁଟି ଉଠିଲା । ମୃତ୍ୟୁର ଦ୍ୱାର ପାରି ହେଲେ, ତେଣିକି କେବଳ ଚିର ଶାନ୍ତି ।

ପାଣୁ ନାଏକ 'ନାରାୟଣ, ନାରାୟଣ' ଉଚ୍ଚାରଣ କରି ଯାଇ ସର୍ଦ୍ଦାରଙ୍କୁ କହିଲା, "ମୋ କାମ ସରିଲା; ଚାଲନ୍ତୁ ।"

ସର୍ଦ୍ଦାର ପାଣୁ ନାଏକକୁ ନେଇ ଫାଣ୍ଡି ହାଜତରେ ରଖିଲେ । ଦେବାନଙ୍କ ଗିରଫଦାର ହେବା ଖବର ପଲକ ମଧ୍ୟରେ ସାରଙ୍ଗଗଡ଼ ସାରା ବ୍ୟାପିଗଲା । ଜଣେ କେହି ତାଙ୍କୁ ପ୍ରଶଂସା କରିବାକୁ କିମ୍ବା ତାଙ୍କ ଉପକାର ସୁମରି ଝୁରିବାକୁ ରହିଲେ-ନାହିଁ । ଶୁଣି, ସମସ୍ତେ ଛି ଛି କଲେ । କଟକ କଚେରୀରେ ତାଙ୍କ ସମ୍ପର୍କରେ ଘଟିଥିବା ଘଟଣା ପୂରା ଜଣାପଡ଼ିବାକୁ ଅନେକ ଦିନ ଲାଗିଲା । ସମଗ୍ର ସାରଙ୍ଗଗଡ଼ରେ ତିନି ଚାରି ଜଣ ମାତ୍ର ଲୋକ ତାଙ୍କ ପ୍ରତି ପୂର୍ବର ଅନୁରାଗ ରଖିଥିବାର ଦେଖାଗଲା । ଜଣେ ତାଙ୍କ ପୋଇଲି । ଦେବାନ ଧରା ହୋଇଗଲା ପରେ କାରଖାନା ବନ୍ଦ ହୋଇଗଲା; ଦୁଆରେ ତାଲା ପଡ଼ିଲା; ବାଟ ଘାଟ ଶୂନ୍ୟ ହେଲା । ଚକ୍ରଧାଳସ୍ନରେ ରାଧାର ଶବ ଜଗି ଧାଇ ଏକା ବସି ରହିଲେ । ତେଣେ ପୋଇଲି ଦୁଃଖରେ ମୁହଁ ମାଡ଼ି ଶୋଇ-ପଡ଼ିଲା । ଦେବାନ ଯେଉଦିନ ସନ୍ଧ୍ୟାରେ ସବାରିରେ ବସି ଯେଉଁ ଘରୁ ଚାଲି ଯାଇଥିଲେ, ଲେଉଟି ଆଉ ଘରେ ପାଦ ପକାଇ ନ ଥିଲେ ।

ସେହି ଘରର ଦ୍ୱାର ହଠାତ୍ ଫିଟିଲା । ପୋଇଲି ଚାହିଁ ଦେଖିଲା, ଦେବାନ ନିଜେ ଆସି ହାଜର । ସେତେବେଳକୁ ରାତି ପ୍ରାୟ ନ ଘଡ଼ି । ପୋଇଲି କହିଲା, "ମୁଁ ଶୁଣି ବାହୁରିଲି—"

"ତୁ ବାହୁରିଲୁ ଯେ ମୁଁ ହାଜତରେ ଅଛି ନାଁ ? ହଁ ମୁଁ ହାଜତରେ ଥିଲି । ଗୋଟାଏ ଝିଡ଼ିକି ଭାଙ୍ଗି ପଳେଇ ଆସିଛି । ତୁ ଗୋଟାଏ କାମ କର ତ, ଯାଇ ଚକ୍ରଧାଳସ୍ନରୁ ଧାଇ ମାଉକୁ ଡାକି ଆଣ୍ ।"

ଘରର ବାହାର ଦ୍ୱାର ଭିତରୁ ବନ୍ଦ ଥିଲା । ସେ ଯେ କିପରି ଘର ଭିତରକୁ ଆସିଲେ, ତାହା ବୁଝାଗଲାନାହିଁ । ସେ ଆସି ଘର ଭିତରେ ଆଲୁଅ ଜାଳି ବସିଲେ ।

ପାଉଁଶରୁ ମଧ୍ୟ ଆଉ ଦୋ'ଶଟି କାଢ଼ି, ଦେଖା ଯିବା ଭଳି ସ୍ଥାନରେ ଥୋଇ, ତା ପାଖରେ ଲେଖିଲେ, "ଏହି ଦୋ'ଶି ଚୋରି କରିଥିବା କଥା ମୁଁ କଚେରୀରେ ସ୍ୱୀକାର କରିଛି ।" ଲୁଗାଟି ମଧ୍ୟ ପାଉଁଶରୁ ଆଣି, ଦୋ'ଶି ପାଖେ ରଖିଲେ ।

ହଠାତ୍ ବାହାର ଦ୍ୱାରେ ଟିପରେ ଠକ୍ ଠକ୍ କରି ମାରିବା ଶବ୍ଦ ଶୁଣାଗଲା । ଚିକିତ୍ସାଳୟର ଧାଈ ଥରି ଥରି ଆସି ପହଞ୍ଚିଲେ । ପାଣ୍ଡୁ ନାଏକ ତାଙ୍କ ହାତକୁ ଖଣ୍ଡିଏ ଲେଖା ବଢ଼ାଇଦେଇ କହିଲା, "ଏ ଚିଠି ରଜାଙ୍କୁ ଦେବ ।" ଚିଠିରେ ଲେଖାଥିଲା, "ମୋର ସବୁ ସ୍ଥାବର ସମ୍ପତ୍ତି ରଜାଙ୍କ ଜିମା ମୁଁ ଦେଇଗଲି । ମକଦ୍ଦମା ଲଢ଼ିବାରେ ଏବଂ ଆଜି ଚିକିତ୍ସାଳୟରେ ଯେ ସ୍ତ୍ରୀ ଲୋକଟି ମରିଯାଇଛି ତାର ଶ୍ରାଦ୍ଧ ଆଦି କ୍ରିୟାରେ ଯାହା ଖର୍ଚ୍ଚ ହେବ, ଏହି ସମ୍ପତ୍ତିରୁ ଦିଆଯିବ । ଅବଶିଷ୍ଟ ସମ୍ପତ୍ତି ଦରିଦ୍ରମାନଙ୍କର ।" ଧାଈ ସେ ଲେଖାଟି ପଢ଼ିସାରି ପଚାରିଲେ, ଆପଣ କଣ ଆଉ ସେ ବାଳିକାକୁ ଦେଖିବାକୁ ଯିବେ ନାହିଁ ?"

"ଆଉ ଦେଖିବି କଣ ? ଯାହାକୁ ଦେଖନ୍ତି, ସେ ତ ଯାଇସାରିଛି । ତା ପରେ ପୁଣି, ମୋ ପିଛା ଲୋକ ଲାଗିଚନ୍ତି । କାମ ସରିବା ପୂର୍ବରୁ ମୁଁ ପୁଣି ଧରା ଦେବାକୁ ଇଚ୍ଛା କରେନା ।" ପାଣ୍ଡୁ ନାଏକ ଏ କଥା କହିସାରିଲା ବେଳେ ବାହାରେ ଗୋଟାଏ କୋଳାହଳ ଶୁଣାଗଲା । ସେ କୋଳାହଳ ମଧ୍ୟରେ ପୋଲିସ କହିଲା, "ମୋତେ କେତେ ପଚାରୁଚ ? ମୁଁ ତ ଥରେ କହିଲି, ଏଠିକୁ କେହି ଆସିନାହାନ୍ତି ।"

"ତେବେ, ସେ ଘରେ ଆଲୁଅ ଜଳୁଛି କିପରି ?"

ପାଣ୍ଡୁ ନାଏକ ବାରିଲା, ତାହା ସର୍ଦ୍ଦାରଙ୍କ ପାଟି । ତହୁଁ ସେ ଆଲୁଅ ଲିଭାଇ-ଦେଇ ଗୋଟାଏ କବାଟ କଣରେ ଯାଇ ଲୁଚିପଡ଼ିଲା । ଧାଈ ମାତା ବସି ମାଳ ଗଡ଼ାଇବାରେ ଲାଗିଲେ । ସର୍ଦ୍ଦାର ତାଙ୍କୁ ଦେଖି ହଠାତ୍ ଟିକିଏ ଗୋଳମାଳରେ ପଡ଼ିଗଲେ । ସେ ମାତାଙ୍କୁ ବଡ଼ ଭକ୍ତି କରୁଥିଲେ । ମାତା ସମୟରେ ସାରଙ୍ଗଗଡ଼ ମହନ୍ତଙ୍କର ପ୍ରଧାନ ଶିଷ୍ୟା ଥିଲେ; କିନ୍ତୁ ଧନଞ୍ଜୟ ରାଏ କାରଖାନାରେ ଚିକିତ୍ସାଳୟ ବସାଇବା ପରେ ସେ ରୋଗୀଙ୍କ ଶୁଶ୍ରୂଷାଦ୍ୱାରା ମାନବଜାତିର ସେବା କରିବା ନିମନ୍ତେ ମଠ ଛାଡ଼ି ସେଠାରେ ଆସି ରହିଥିଲେ । ରାଧା ଚିକିତ୍ସାଳୟରେ ପଡ଼ିଥିବା ସମୟରେ ସେ ତୀର୍ଥ କରି ଯାଇଥିଲେ । ତୀର୍ଥରୁ ଫେରି ସେ ଯେଉଁଦିନ ସକାଳେ ପହଞ୍ଚିଲେ, ଦେବାନ ଧନଞ୍ଜୟ ରାଏ ପାଣ୍ଡୁ ନାଏକ ରୂପରେ ସେହିଦିନ ଧରା ହେଲେ । ମାତାଙ୍କ ସ୍ୱଭାବ ଅତ୍ୟନ୍ତ ଭଲ । ସେ କେବେ ପଦେ ମିଥ୍ୟା କହିବାର କେହି ଶୁଣି ନାହାନ୍ତି । ସେଥିପାଇଁ ସମସ୍ତେ ଏବଂ ବିଶେଷରେ, ସତ୍ୟପ୍ରିୟ ସର୍ଦ୍ଦାର ମହାପାତ୍ରେ, ତାଙ୍କୁ ଅତ୍ୟନ୍ତ ଭକ୍ତି କରୁଥିଲେ । ସୁତରାଂ ଭୂତପୂର୍ବ ଦେବାନଙ୍କ ଘରେ ମାତାଙ୍କୁ

ଦେଖି ସର୍ଦ୍ଦାର ହଠାତ୍ ପଛଘୁଞ୍ଚା ଦେଇ ଖୁଲିଗଲେ । ଖାଲି ପଚାରିଲେ, "ଏଠି ଆଉ କିଏ ଅଛୁ ?" ମାତା ଆଖି ଫିଟାଇ ମୁଣ୍ଡ ଟେକି, ଉତ୍ତର ଦେଲେ, "ମୁଁ ତ ଏକା ଅଛୁ ।"

"ମୋତେ ମାଫ କରିବେ । ମୁଁ ସେ ପାଜି ପାଣ୍ଡୁ ନାଏକଟାକୁ ଖୋଜିବୁଲୁଚି । ସେଟା ଏଠିକୁ ଆସି ନାହିଁ ତ ?"

"ନା" । ମାତାଙ୍କ ଉତ୍ତରରେ ସର୍ଦ୍ଦାର ନିଃସନ୍ଦେହ ରୂପେ ଧରି ନେଲେ ଯେ ପାଣ୍ଡୁ ନାଏକ ସେ ଘରେ ନାହିଁ । ସୁତରାଂ ସେ ଆସିବାବେଳେ ଆଲୁଅ କାହିଁକି ଜଳୁଥିଲା ଓ ପରେ ହଠାତ୍ କିଏ ଲିଭାଇଲା, ଏ ସବୁ ପ୍ରଶ୍ନ ତାଙ୍କୁ ଦେଖାଗଲା ନାହିଁ । ସେ ଘଟଣାର ଘଣ୍ଟାକ ବାଦ୍ ଜଣେ ଲୋକ ସାରଙ୍ଗଗଡ଼ରୁ ବାହାରି, ଦକ୍ଷିଣ ଦିଗକୁ ମୁହଁ କରି ଯାଉଥିବାର ଲୋକେ ଦେଖିଲେ ।

ରାଧାର ଶବ ଛକସ୍ଥାନସ୍ଥଳରେ ପଡ଼ିଥିଲା । ରାଜା ଭୂତପୂର୍ବ ଦେବାନଙ୍କ ପତ୍ର ପଢ଼ି କହିଲେ, "ଠିକ୍ କଥା । ଦେବାନଙ୍କ ବିପକ୍ଷ ସମ୍ପତ୍ତି ଆମେ ରକ୍ଷା ନ କଲେ, ଆଉ କରିବ କିଏ ? ସମ୍ପତ୍ତି ତ ସେ ଦରିଦ୍ରଙ୍କ ନିମନ୍ତେ ଦେଇ ଯାଇଛନ୍ତି । ଆମ ରାଜକୋଷର ଧନ ସେଇ ଦରିଦ୍ରଙ୍କର । ଦେବାନଙ୍କ ସମ୍ପତ୍ତି ଏଇ ରାଜକୋଷରେ ରହିଲେହିଁ ପ୍ରକୃତ ସତ୍କାର୍ଯ୍ୟରେ ଲାଗିବ । ଆଶ୍ଚର୍ଯ୍ୟ—ଗୋଟାଏ ବାଜାରୁଣୀ ମାଇକିନିଆର ପୁଣି ଶୁଦ୍ଧ କାର୍ଯ୍ୟ କଣ ? ସେ କେବଳ କାଠ ଶଗଡ଼କୁ ଅର୍ହ ।" ରାଧାର ଶୁଦ୍ଧକର୍ମ ସ୍ପୃହା କେବଳ ଦାହରେ ଶେଷ ହେଲା ।

—୧୩—

# ଧରଣୀ କଣ ମୁକ୍ତ ହେଲା ?

ବାଙ୍କି ମେଳରେ ଅନେକ ଲୋକ ହାଣ ଖାଇଥିଲେ । ଜଙ୍ଗଲ ମଧ୍ୟରେ ଗୋଟାଏ ପଡ଼ିଆରେ ମୃତ ଏବଂ ମୁମୂର୍ଷୁ ସବୁ ପଡ଼ି ସଢ଼ି ଥିଲେ । ରାତି ଅଧବେଳେ ଜଣେ ଲୋକ ସେମାନଙ୍କ ମଧ୍ୟରେ ଏଠାରୁ ସେଠା ବୁଲି ବୁଲି ଯାଉଥିଲା । ହାତରେ ଗୋଟାଏ ପ୍ରକାଣ୍ଡ ମୁଣି ଝୁଲାଇ ଧରିବା ଛଡ଼ା ତା ବେଶଭୂଷାରେ ଆଉ କିଛି ବିଶେଷତ୍ୱ ନଥିଲା । ସେ ବେଳେ ବେଳେ ନଇଁପଡ଼ି ତଳୁ ଗୋଟାଏ କିଛି ଗୋଟାଇ ଆଣି, ମୁଣାରେ ପୁରାଇବାରେ ଲାଗିଥାଏ । ଏହିପରି ଯାଉ ଯାଉ ସେ ଏକ

ସ୍ଥାନରେ ପହଞ୍ଚି ଦେଖିଲା, ଜଣେ ଲୋକ ତଳେ ପଡ଼ିଛି ଓ ତା ହାତରେ ଗୋଟିଏ ସୁନା ମୁଦି ରହିଛି । ସେ ନଇଁପଡ଼ି ପୁଣି ସିଧା ଠିଆହେଲା । ତାପରେ ମୁଦି ସେ ଲୋକ ହାତରେ ଆଉ ଦେଖାଗଲା ନାହିଁ । ସର୍ଜିରେ ସେଠାରୁ ଫେରି ଯାଉଥିଲା; ମାତ୍ର ତା ଗୋଡ଼କୁ କେହି ଭିଡ଼ି ଧରିଲା । ତହୁଁ ସେ ଚମକି ପଡ଼ି କହିଲା, "ଏ କଣ ମଣିଷ ନା ଭୂତ ?"

ସର୍ଜିଚର ନଇଁ ଦେଖିଲା ଯେ ଗୋଟାଏ ମନୁଷ୍ୟ ହାତ ତା ପାଦକୁ ଭିଡ଼ି ଧରିଛି । ମୁଦିଟି ତ ସେ ସେହି ହାତରୁ ନେଇଥିଲା । ତହୁଁ ସେ ପଚାରିଲା, "ତୁ କଣ ଜୀଇଁଛୁ, ଭାଇ ?" ମାତ୍ର ସେ ଉତ୍ତର ପାଇଲା ନାହିଁ । ସେହି ଲୋକ ଉପରେ କେତେଗୁଡ଼ିଏ ଶବ ଗଦା ହୋଇ ରହିଥିଲା । ଶବଗୁଡ଼ିକ ସେ ଘୁଞ୍ଚାଇଲାରୁ ଲୋକଟି କେତେକ ସମୟ ପରେ, ବିଶୁଦ୍ଧ ପବନ ପାଇ, ଚୈତନ୍ୟ ଲାଭ କଲା ଏବଂ କହିଲା, "ତୋ ଯୋଗେ ଏ ପ୍ରାଣ ରହିବ, ଭାଇ ।" ଶୁଣି, ସର୍ଜିଚର କିଛି କହିଲାନାହିଁ; କେବଳ ମୂକ ପରି ମୁଣ୍ଡ ନାଡ଼ିଦେଲା । କିଛି ଦୂରରେ ହଠାତ୍ କାହାର ପାଦ ଶବ୍ଦ ଶୁଣାଗଲା । ସେ ଶବ୍ଦ ଶୁଣି ସର୍ଜିଚର ପଳାଇ ଯିବାକୁ ବସିଲାବେଳେ ପ୍ରଶ୍ନ ଶୁଣିଲା "କିଏ ଜିଣିଲା ?"

ସର୍ଜିଚର ଉତ୍ତର ଦେଲା, "ଗୋରାମାନେ ।" ଅନ୍ୟ ଜଣକ ଗୋଟାଏ ଦୀର୍ଘନିଃଶ୍ୱାସ ପକାଇ କ୍ଷୀଣ କଣ୍ଠରେ କହିଲା, ଆମେ ଏତେ ଲୋକ ପ୍ରାଣ ଦେଲୁ; ହେଲେ, ମେଳ ନ ଥିବାରୁ ଜିଣିପାରିଲୁ ନାହିଁ । ଜିଣିଲେ ସେଇ ବିଦେଶୀ ଗୋରା । ଯାହାହେଉ, ମୁଁ ବଞ୍ଚିଲେ, ପୁଣି ଦେଖିବି । ତୁ, ଭାଇ, ମୋ ପ୍ରାଣ ରଖିଲୁ । ମୋ ଗାଣ୍ଠିଆରେ କୋଡ଼ିଏଟି ମୋହର ଅଛି । ତୁ ଗାଣ୍ଠିଆ ଫିଟେଇ ନେଇ ଯା । ମୁଁ ଆଉ କିପରି ତୋ ଉପକାର ସୁଝିବି ?" ଶୁଣି ସର୍ଜିଚର ଗାଣ୍ଠିଆ ଖୋଜିଲା; ମାତ୍ର ପାଇଲାନାହିଁ ବୋଲି କହିଲା । ଆଉ ଜଣକ କହିଲା, "ତା କିଏ କେତେବେଳେ ନେଇଯାଇଛି ।" ସର୍ଜିଚର ପାଦଶବ୍ଦ ଆହୁରି ନିକଟରେ ଶୁଣି କହିଲା, "ମୁଁ ଯାଉଛି, ଭାଇ । ଏଣିକି ତୋ ପ୍ରାଣ ତୁ ରଖ୍ ।"

"ତୋ ନାଁ । କହି ଯା ।"

"ନାଁରୁ କଣ ପାଇବୁ ?"

"ପ୍ରାଣ ଯେ ରଖିଲା, ତା ନାଁ ଜାଣିଲେ, ମନେ ପକାଉଥିବି ।"

"ଆଚ୍ଛା; ତେବେ ଘୀନା ସାହୁ; ଘର ଜଜାରସିଂହ । ତୋ ପରି ଦରମଲାଙ୍କୁ ସାହାଯ୍ୟ କରିବାକୁ ଆସିଥିଲି । ତୋ ନାଁ ?"

"ଗୋବିନ୍ଦ ସିଂହ, ବାର୍ଙ୍କି ରଜାଙ୍କ ସୈନ୍ୟ ଦଳର ପ୍ରଧାନ ନାୟକ" ଶୁଣି, ସିନା ସାତ୍ତ୍ୱ ମୁହୂର୍ତ୍ତେ ଅପେକ୍ଷା ନ କରି, ଚାଲିଯାଇ ଅଦୃଶ୍ୟ ହୋଇଗଲା । ସେ କିଛିଦୂର ଯାଇ, ମୁଣା ଫିଟାଇ ଗୋଟାଏ ଗାଣ୍ଠି ଆ ବାହାର କରି, ଏକ, ଦୁଇ, ତିନି କରି ମୋହର ଗଣିବାରେ ଲାଗିଲା । କୋଡ଼ିଏଟି ଖାଣ୍ଟି ଗ୍ରମାଭୂପେକ ମୋହର ପାଇ ସେ ଆନନ୍ଦରେ ନାଚିବାକୁ ଲାଗିଲା ଓ କହିଲା, "ସେ ଗୋବିନ୍ଦା କେଡ଼େ ଓଲୁ ? ସେ ପୁଣି ଫୌଜଦଳର ନାୟକ ! ସ୍ୱାର ପରି ଲୋକେ ଲଢ଼େଇ କରି ଏ ଦେଶକୁ ଗୋରାଙ୍କ ତଡ଼ିଦେବେ ! ଦେଶ ଉଦ୍ଧାର କରି ପକେଇବେ !"

ଏଟା ଗୋଟାଏ ଘଟଣା ମାତ୍ର । ପାଣ୍ଡୁ ନାଏକ ସାରଙ୍ଗଗଡ଼ ଫାଣ୍ଡିରୁ ଯେ ପଳାଇ ଆସିଥିଲା, ପୁଣି ଧରା ପଡ଼ିଲା । ସେ ସମୟରେ ଆଜିକାଲି ପରି ଖବର କାଗଜ ନ ଥିଲା । ମାତ୍ର ସେହି ଘଟଣା ନେଇ ଗୋଟାଏ ଲେଖା ବିଜ୍ଞାପନ ସବୁ ଫାଣ୍ଡି ମାନଙ୍କରେ ମାରିଦିଆହେଲା । ସେ ଲେଖାଟି ଏହି—"ପାଣ୍ଡୁ ନାଏକ ନାମରେ ଗୋଟାଏ ବଡ଼ ଚୋର ଉଣିଶ ବର୍ଷ କଏଦଖାନାରେ ରହିଲା ପରେ ଖଲାସ ହୋଇ ସାରଙ୍ଗଗଡ଼ରେ ବ୍ୟବସାୟ ଚଳାଇଲା । ସେଥିରେ ସେ ଟଙ୍କାପଇସା ରୋଜଗାର କଲା । ସେ ତାର ପୁରୁଣା ନାମ ବଦଳାଇ, ଧନଞ୍ଜୟ ରାଏ ନାମ ଧରିଲା । ସାରଙ୍ଗଗଡ଼ ରାଜା ତାକୁ ଦେବାନ ପଦରେ ରଖିଲେ । ମାତ୍ର ପୋଲିସ ଅକ୍ଳାନ୍ତ ଚେଷ୍ଟାରେ ସେ ଧରା ପଡ଼ିଗଲା । ସେ ଯେଉଁ ଗୋଟାଏ ସ୍ତ୍ରୀ ରକ୍ଷିତା କରି ରଖିଥିଲା, ସେ ଧରା ପଡ଼ିଲାବେଳେ, ସେହି ସ୍ତ୍ରୀ ଲୋକଟା ମରିଗଲା । ପାଣ୍ଡୁ ନାଏକ ଫାଣ୍ଡିରୁ ପୁଣି ଖସି ଚାଲିଯାଇ ବାହାରେ ତିନି ଚାରି ଦିନ ରହିଲା । ସାରଙ୍ଗଗଡ଼ ରାଜାଙ୍କ ଖଜଣାଖାନାରେ ତା ନାମରେ ପାଞ୍ଚଲକ୍ଷ ଟଙ୍କା ଜମା ଥିଲା । ସେହି ତିନି ଚାରି ଦିନ ମଧ୍ୟରେ ସେ ସେହି ଟଙ୍କାତକ ଉଠାଇନେଇଛି । ବର୍ତ୍ତମାନ ଟଙ୍କାର ପତ୍ତା ମିଳୁନାହିଁ । କେହି କେହି କହୁଛନ୍ତି, ସେ ତାହା କେଉଁଠାରେ ପୋତିରଖିଛି । ଟଙ୍କା ଯେ ବାହାର କରିଦେବ, ତାକୁ ଉପଯୁକ୍ତ ପୁରସ୍କାର ଦିଆଯିବ । ସେ ଦୁର୍ଜୀବ ଏ ମିଥ୍ୟାର ଜକାରସିଂହ ପାଖେ ବାଟରେ ଧରା ପଡ଼ିଛି । ବମ୍ବେରେ ତାର ଫାଶି ହୁକୁମ ହେଲା । କିନ୍ତୁ କଟକ କମିସନର ସାହେବ ଦୟା କରି ତା ଫାଶି ଦଣ୍ଡ କାଟି କଳାପାଣି ଦଣ୍ଡ ବିଧାନ କଲେ । ସନ ୧୨୭୬ ସାଲ ସିଂହ ମାସ ୧୧ ଦିନ ।" ବିଜ୍ଞାପନରେ ସରକାରୀ ମୋହର ବସିଥିଲା ।

କଳାପାଣି ଯିବା ପୂର୍ବରୁ ପାଣ୍ଡୁ ନାଏକ କଟକ ଜେଲଖାନାରେ ୭୩୦ ନମ୍ବର କଏଦି ରୂପେ ରହିଲା । ଏଣେ ସାରଙ୍ଗଗଡ଼ର ପୂର୍ବ ଐଶ୍ୱର୍ଯ୍ୟ ଦିନ କେତୋଟା ମଧ୍ୟରେ ଏକାବେଳକେ ଧ୍ୱଂସ ପାଇଗଲା । କାରଖାନା ବନ୍ଦ ହେଲା; ଶ୍ରମିକମାନେ ଛାଡ଼ିପଳାଇଲେ; ଘରଗୁଡ଼ାକ ଶୂନ୍ୟ ପଡ଼ିଲା; ଦାଣ୍ଡ ରାସ୍ତା ନିର୍ଜ୍ଜନ ହୋଇ ରହିଲା; ସ୍ୱରଆଡ଼ ଗୋଟାଏ ଭୀଷଣ ମରୁଭୂମି ପାଲଟିଗଲା ।

ଫାଣ୍ଡି ମାନଙ୍କରେ ଉପରୋକ୍ତ ବିଜ୍ଞାପନ ବାହାରିବାର କେତେକ ଦିନ ପରେ, ଜଳାରସିଂହ ଆଖପାଖ ଜଙ୍ଗଲରେ, ଗୋବର୍ଦ୍ଧନ ପଣ୍ଡା ଗୋଟାଏ କିଛି ଖୋଜୁଥିଲା ପରି ବରାବର ବୁଲୁଥିବାର ଲୋକେ ଦେଖିଲେ । ତା ସ୍ୱଭାବ ବିଷୟରେ ଅନେକଙ୍କର ଅନେକ ପ୍ରକାର ସନ୍ଦେହ ଥାଏ । ସେ ଚୋରଙ୍କ ଦଳରେ ମିଶେ ବୋଲି କେହି କେହି ଜାଣନ୍ତି । ସେ ଦିନଯାକ ଘରେ ରହି ରାତିରେ ପଦାକୁ ବାହାରେ ଏବଂ ଗଞ୍ଜେଇ, ଅଫିମ, ମଦ ପ୍ରଚୁର ଖାଏ ।

ଗୋବର୍ଦ୍ଧନ ପଣ୍ଡା ଗୋଟାଏ ସାବଳ ନେଇ ପ୍ରତିଦିନ ସନ୍ଧ୍ୟାରେ ଭୂତ ପରି ବରୁଣେଇ ପାହାଡ଼ ଆଡ଼କୁ ଯାଇ ଜଙ୍ଗଲ ମଧ୍ୟରେ ପଶେ । ସେ ନାନା ସ୍ଥାନରେ ଗାତ ଖୋଳେ । ତାର ଏପରି କରିବାର କାରଣ କେହି କିଛି ବୁଝିପାରନ୍ତିନାହିଁ । ଜଳାରସିଂହଯାକ କ୍ରମେ ଚହଳ ପଡ଼ିବାକୁ ଲାଗିଲା । ମାତ୍ର ସବୁଠାରୁ ବେଶି ଚହଳ ପଡ଼ିଲା ଚଟିଘର ମାଲିକ ସୀନା ସାହୁ ମନରେ । ସେ ମନେ ମନେ ଭାବିଲା, "କିଛି ଗୋଟାଏ ଲାଭ ନ ଥିଲେ, ଗୋବରା ପଣ୍ଡା କଣ ଏତେ ଓଲୁ ହୋଇଛି ଯେ ରାତି ସାରା ବାଘ ଭାଲୁଙ୍କ ଭିତରେ ଯାଇ ବୁଲନ୍ତା ?"

ଗୋବର୍ଦ୍ଧନ ପଣ୍ଡା ଯେ ଯେପରି କାହିଁକି କରୁଥିଲା, ତାର ଗୋଟାଏ କାରଣ ଅଛି । ଦିନେ ସନ୍ଧ୍ୟାବେଳେ ସେ ଦେଖିଲା, ଜଣେ ଲୋକ ଗୋଟିଏ ମସ୍ତବଡ଼ ସିନ୍ଦୁକ ମୁଣ୍ଡରେ ମୁଣ୍ଡାଇ, ହାତରେ ଗୋଟାଏ କୋଡ଼ି ଧରି, ଲୁଚିଲୁଚି ବରୁଣେଇ ଠାକୁରାଣୀଙ୍କ ଆଡ଼କୁ ଯାଉଛି । ତାର କୌତୂହଳ ହେବାରୁ, ସେ ସେ ଲୋକର ପଛେ ପଛେ ଗଲା । ମାତ୍ର ଅପରିଚିତ ଲୋକଟା ହଠାତ୍ ବନ ମଧ୍ୟରେ କେଉଁଠାରେ ଅଦୃଶ୍ୟ ହୋଇଗଲା । ଗୋବର୍ଦ୍ଧନ ପଣ୍ଡା ଅନେକ ଖୋଜିଲା; କିନ୍ତୁ ତାକୁ ପାଇଲା-ନାହିଁ । ରାତି ପ୍ରାୟ ନ ଘଡ଼ି ବେଳେ ଲୋକଟା ଜଙ୍ଗଲ ମଧ୍ୟରୁ ଫେରିଲା । ସେତେବେଳେ ତା ହାତରେ କୋଡ଼ିଟା ଥିଲା, କିନ୍ତୁ ସିନ୍ଦୁକ ଆଉ ମୁଣ୍ଡରେ ନ ଥିଲା । ସିନ୍ଦୁକଟି ଯେ ସେ ବନ ମଧ୍ୟରେ କେଉଁଠାରେ ପୋତି ଦେଇ ଆସିଛି, ଗୋବର୍ଦ୍ଧନ ମନରେ ଆଉ ସନ୍ଦେହ ରହିଲା ନାହିଁ । ସେହିଦିନଠାରୁ ସିନ୍ଦୁକଟି ଖୋଜି ଗୋବର୍ଦ୍ଧନ ପଣ୍ଡା ରାତି ତମାମ ଜଙ୍ଗଲରେ ଗୋପନରେ ଯାଇ ବୁଲେ । ସେ ଅନେକ ଦିନ ଏପରି ବୁଲିବାରୁ ସେ ବିଷୟରେ ଲୋକଙ୍କର ଆଉ ଆଗ୍ରହ ରହିଲା ନାହିଁ । କିଏ କହିଲା, "ଗୋବର୍ଦ୍ଧନଆ ପାଗଳ ହୋଇଗଲାଣି ।" ଆଉ କିଏ କହିଲା, "ନାଁ, ସେ ପରା ଟଙ୍କା ଗରାଏ ପାଇଲା ।"

ସନ ୧୮୫୭ ସାଲ ସୁନାଆ ସମୟରେ ଧାମରା ବନ୍ଦରରେ ଖଣ୍ଡିଏ ଜାହାଜ ଲାଗିଥିଲା । ଅତଶସ୍ତ ବଂଡ଼, ତୋଫାନ ହେବାରୁ ଶୀଘ୍ର ଚାଲିଯିବା ଜାହାଜଟିକୁ କିଛି

ଦିନ ଅଟକି ରହିବାକୁ ପଡ଼ିଲା । ଆଖପାଖ ଗ୍ରାମର ଲୋକେ ଜାହାଜ ଦେଖିବାକୁ ପ୍ରାୟ ପ୍ରତ୍ୟହ ସମୁଦ୍ରକୂଳରେ ଯାଇ ରୁଣ୍ଡ ହେଉଥିଲେ । ତୋଫାନରେ ଜାହାଜର ମାସ୍ତୁଲ ଭାଙ୍ଗି ପଡ଼ିଥିଲା । ମରାମତି କରିବାକୁ ମିସ୍ତ୍ରୀ ମାସ୍ତୁଲ ଉପରେ ଚଢ଼ିଥିଲା । ହଠାତ୍ ଗୋଟାଏ ଦୁର୍ଘଟଣା ଘଟିଗଲା । ମିସ୍ତ୍ରୀ ଯେଉଁ ଦଉଡ଼ି ଧରି କାମ କରୁଥିଲା, ତାହା ଛିଣ୍ଡିଯିବାରୁ, ମାସ୍ତୁଲ ଗୋଟାଏ ପାଖକୁ ବଙ୍କା ହୋଇ, ଜାହାଜରୁ ବାହାରି, ସମୁଦ୍ର ଉପରକୁ ଡଳି ରହିଲା । ମିସ୍ତ୍ରୀ ତା ଦଉଡ଼ିରୁ ଖସି, ଆଉ ଗୋଟାଏ ଦଉଡ଼ି ଧରି, ସମୁଦ୍ର ଉପରେ ଶୂନ୍ୟେ ଶୂନ୍ୟେ ଝୁଲିଲା । ଦେଖି ଜାହାଜର ଲୋକେ ଏବଂ କୂଳର ଦର୍ଶକମାନେ ହାହାକାର କରିବାକୁ ଲାଗିଲେ । କିନ୍ତୁ ତାକୁ ସାହାଯ୍ୟ କରିବାକୁ କେହି ବାହାରିଲେ ନାହିଁ । ମିସ୍ତ୍ରୀ ତେଣେ ପାଟି କଲା, "ମୋ ହାତ ଜଳିଲାଣି । ମୁଁ ଆଉ ଦଉଡ଼ିଟା ମୁଠେଇ ରହିପାରିବି ନାହିଁ । ଛାଡ଼ି ଦେଲି । ଛାଡ଼ି ଦେଲି ।

ଦଲେ କଏଦି କଳାପାଣି ଯିବାପାଇଁ ଜାହାଜର ଗୋଟାଏ ପାଖରେ ଜମୁଆଲଙ୍କ କଟକଣାରେ ବସି ରହିଥିଲେ । ତାଙ୍କ ମଧ୍ୟରୁ ଜଣେ ମିସ୍ତ୍ରୀର କରୁଣ ଚିତ୍କାର ଶୁଣି ସ୍ଥିର ହୋଇ ରହି ପାରିଲାନାହିଁ । ତା ଗୋଡ଼ରେ ଲୁହା ଶିକୁଳି ବନ୍ଧା ଯାଇଥିଲା । ମାତ୍ର ସେ ମୁହୂର୍ତ୍ତିକେ ତାକୁ ଭିଡ଼ଭାଡ଼ ଛିଣ୍ଡାଇ, ଜମୁଆଲମାନେ ଲୋକ ଧରିବା ପୂର୍ବରୁ ଗୋଟାଏ ଦଉଡ଼ି ଆଶ୍ରାରେ ବିଜୁଳି ଝଟକ ପରି ଯାଇ ମିସ୍ତ୍ରୀ ପାଖେ ପହଞ୍ଚିଲା । ଦେଖିବା ଲୋକଙ୍କ ଆଖି ବୁଜି ହୋଇଗଲା । ସେ ମାସ୍ତୁଲର ଛିଣ୍ଡା ଦଉଡ଼ିରେ ଦୋଳି ତିଆରି କରି ସେଥିରେ ମିସ୍ତ୍ରୀକୁ ବସାଇଦେଲା । ମିସ୍ତ୍ରୀ ନିରାପଦ ହେଲା । କଏଦି ଦଳର ଜମୁଆଲମାନେ ସେ କଏଦିକୁ ଡାକି କହିଲେ, "ଆବେ, ବଦମାସ୍, ଆମ ଚାକିରି ନେବୁ ନା କଣ ? ତୁ ଜଲଦି ଚାଲିଆ ।" କିନ୍ତୁ ଦର୍ଶକମାନେ କହିଲେ, "ନା, ଏ ପରି ଲୋକକୁ ପୁଣି ମିଆଦ । ଛାଡ଼ିଦିଅ, ଛାଡ଼ିଦିଅ ।"

କଏଦି ମାସ୍ତୁଲରୁ ଓହ୍ଲାଇବାକୁ ବସିଲା । ସେ ମାଙ୍କଡ଼ଙ୍କ ପରି ଓହ୍ଲାଇ, ଦଉଡ଼ିରୁ ଦଉଡ଼ିକୁ ଡେଇଁ, ଆସିବାରେ ଲାଗିଲା । ସମସ୍ତଙ୍କର ଦୃଷ୍ଟି ତା ଉପରେ ଆବଦ୍ଧ ହୋଇ ରହିଲା । ତେଣେ କ୍ଷଣକ ମଧ୍ୟରେ କଏଦି କେଉଁଆଡ଼େ ଅଦୃଶ୍ୟ ହୋଇଗଲା । ଦର୍ଶକମାନେ କୋଳାହଳ କରି ଉଠିଲେ । ସମୁଦ୍ର ଭିତରେ ମସ୍ତ ପଥର ପଡ଼ିଲା ପରି ଶବ୍ଦ ଶୁଭିଲା ଓ ସଙ୍ଗେ ସଙ୍ଗେ ଗୋଟାଏ ଗୋଲାକାର ଲହରୀ ଚାରି ଆଡ଼କୁ ମାଡ଼ି ଚାଲିଲା । ଜମୁଆଲମାନେ ଡଙ୍ଗାରେ ବସି ସେହି ଲହରୀର କେନ୍ଦ୍ରସ୍ଥଳକୁ ଗଲେ; କିନ୍ତୁ କଏଦିର ଚନ୍ଦ୍ରବିନ୍ଦୁ ଦେଖିଲେ ନାହିଁ । ଦର୍ଶକମାନେ କହିଲେ, "ମଗର ଖାଇ ଯାଇଥିବ । ଯାହାହେଉ, ସେ କଏଦି ଜୀବନରୁ ପାରି ହୋଇଗଲା ।" ତା ପର ଦିନ ଆଖପାଖ ଗ୍ରାମମାନଙ୍କରେ ଢେଣ୍ଡୁରା ଦିଆ ହେଲା,

"ପାଣ୍ଡୁ ନାଏକ ନାମରେ ଜଣେ କଏଦି କଳାପାଣି ଯାଉଥିଲା । ସେ ଜାହାଜରୁ ଡେଭିଲ୍‌ପଏଣ୍ଟ ସମୁଦ୍ର ପହଁରି, କୂଳକୁ ଯାଇ କେଉଁଆଡ଼େ ପଳାଇଛି । ଲୋକଟା ଲମ୍ବା, ମୋଟା ଓ ବୟସରେ ବୁଢ଼ାଆସିଆ । ତା ଦେହରେ ଖୁବ ବଳ । ତାକୁ ଯେ ଧରାଇଦେବ, ଶହେ ଟଙ୍କା ପୁରସ୍କାର ପାଇବ ।"

କେତେ ଦିନ ବିତିଗଲା । ପୁରସ୍କାର କେହି ପାଇ ପାରିଲେନାହିଁ । ଅନେକ ଖୋଜିଲା ପରେ ମଧ୍ୟ ପାଣ୍ଡୁ ନାଏକ ମିଳିଲା ନାହିଁ । ତହୁଁ ଗୋଟାଏ ଇସ୍ତାହାର ଜାରି କରାଗଲା । ସେଥିରେ ଲେଖାଥିଲା, "ପାଣ୍ଡୁ ନାଏକ ନାମକ ଜଣେ ଦାଗୀ କଳାପାଣି ଯାଉଥିଲା, ସେ ଜାହାଜରୁ ପଡ଼ି ସମୁଦ୍ରରେ ବୁଡ଼ିମରିଛି । ଧରିତ୍ରୀ ଗୋଟାଏ ମହାପାପୀର ଭାରରୁ ମୁକ୍ତ ହୋଇଛି । ୧୮୫୬ ସାଲ, ଜୁଲ ମାସ ୧୭ ଦିନ ।"

---

—୧୪—

## କାହା ପିଲାର କଣ ହେଲା

ଜଜାରସିଂହ ଗଡ଼ ବରୁଣେଇ ପର୍ବତର ଖୁବ୍ ନିକଟରେ ପୂର୍ବ ଦିଗରେ ଅବସ୍ଥିତ ଥିଲା । ବର୍ତ୍ତମାନ ତାହା ଧ୍ୱଂସ ହୋଇଛି । ତା ଶ୍ମଶାନ ଉପରେ ବର୍ତ୍ତମାନ ଖୋରଧା ସହର ଠିଆ ହୋଇଛି । ସେତେବେଳେ ଜଜାରସିଂହ ବାଟୋଇମାନଙ୍କର ଗୋଟାଏ ପ୍ରଧାନ ଆଶ୍ରୟ ସ୍ଥଳ ଥିଲା । ସନ ୧୮୫୬ ସାଲ ମକର ସମୟରେ ହଟକେଶ୍ୱର ଯାତ୍ରୀମାନେ ଜଜାରସିଂହରେ ରୁଣ୍ଡ ହେଲେ । ଦୀନା ସାହୁ ଚଟି ଘରେ ରହିବା ଲୋକଙ୍କ ସଂଖ୍ୟା ଖୁବ୍ ବଢ଼ିବାରେ ଲାଗିଲା ।

ଜଜାରସିଂହ ଟାଙ୍ଗିମାଟିରେ ପାଣି ସହଜରେ ମିଳେ ନାହିଁ । ଆଜିକାଲି ପରି ସେ ସମୟରେ ଏତେ କୂଅ ନ ଥିଲା । ପ୍ରାୟ ପାଏ ଦୂରରେ ଥିବା ଗୋଟାଏ କୁଣ୍ଡରୁ ଚଟିଘରକୁ ପାଣି ବୋହିବାକୁ ପଡ଼େ । ମାଠିଆକୁ ପଇସାଏ ହିସାବରେ ଭାରୁଆମାନେ ପାଣି ଯୋଗାନ୍ତି । ମାତ୍ର ସନ୍ଧ୍ୟାବତୀ ଜଳିବା ପରେ ଭାରୁଆ ଆଉ ଘରୁ ଗୋଡ଼ କାଢନ୍ତି ନାହିଁ । କାରଣ ସନ୍ଧ୍ୟା ପରେ କୁଣ୍ଡରୁ ପାଣି ଆଣିବା ଗୋଟାଏ ଭାରି କଠିନ ବ୍ୟାପାର । ଏକେ କୁଣ୍ଡଟା ଗ୍ରାମରୁ ଖଣ୍ଡେ ଦୂରରେ, ଜଙ୍ଗଲ ପାଖେ ଶ୍ମଶାନ ମଧ୍ୟରେ ଥିଲା, ତା ପରେ ରାତରେ ସେଠାକୁ ବାଘ ପାଣି ପିଇବାକୁ ଗଡ଼ନ୍ତି । ସୁତରାଂ ସନ୍ଧ୍ୟା ପରେ ଚଟିଘରେ ପାଣିର ଅଭାବ ଘଟିଲେ, ପାଣି ଯୋଗାଇବା ଭାର ବିଶ୍ୱର ରମା ଉପରେ ପଡ଼େ । ରମା ଯୋଗେ ଦୀନା ସାହୁ ପରିବାରକୁ ଦୁଇଟି ଉପକାର ମିଳୁଥିଲା—ତା ମା ଦୀନା ସାହୁ ନିକଟକୁ ଟଙ୍କା ପଠାଉଥିଲା ଏବଂ ସେ ନିଜେ

ଗୋଟାଏ ସ୍କୁଲରର କାମ ଉଠାଉଥିଲା । ମା ଠାରୁ ଟଙ୍କା ଆସିବା ବନ୍ଦ ହେବା ପରେ, ପ୍ରଥମ ଉପକାର ବାବଦ କ୍ଷତିପୂରଣ ନିମନ୍ତେ ରମାକୁ ଦ୍ୱିତୀୟ ଉପକାରକୁ ଦୁଇ ଗୁଣ ବଢ଼ାଇବାକୁ ପଡ଼ିଲା ।

ମକର ସଂକ୍ରାନ୍ତି ପୂର୍ବ ଦିନ ସନ୍ଧ୍ୟାବେଳେ ରମା ତାର ପ୍ରତିଦିନର ପୋଷାକ ଚିରା ଖଣ୍ଡି ଭିନ୍ନ ଭିନ୍ନ ଲୁଗାର କନାଖଣ୍ଡିକ ଏକତ୍ର ଗଁଠାଇ, ପିନ୍ଧି ନଳା ମୁହଁ ପଥର ଉପରେ ବସିଛି । ଖଣ୍ଡେ ଦୂରରେ, ଘର ଭିତରେ, ପ୍ରାୟ ତାର ବୟସର ବାଳିକା ସ୍ୱର୍ଣ୍ଣ ଏବଂ ଚମ୍ପା ଦୁହେଁ ପରସ୍ପର ସହିତ ହସ ଖେଳରେ ଲାଗିଛନ୍ତି । ସାହୁର ଗୋଟିଏ ତିନିବର୍ଷ ବୟସର ପୁଅ ମା କୋଳରେ ବସି "ଧୋ ରେ ବାଇଆ ଧୋ" ଗୀତ ଶୁଣୁଛି । ସେତେବେଳେ ହଠାତ୍ ସାତ ଜଣ ନୂଆ ଯାତ୍ରୀ ଆସି ଚଟିଘରେ ପହଞ୍ଚିଲେ । ପହଞ୍ଚି, ଜଣେ କହିଲା, "ବାପରେ, ଆଜି କି ଅନ୍ଧାର !" ଆଉ ଜଣେ କହିଲା, "ଭାଇ, ଆମେ ଧାଇଁ ଆସିଲେ ବୋଲି ସିନା; ସେଟା ବାଘ କି ଭାଲୁ କେଜାଣି । କିମିତି ଗଁ ଗଁ ହୋଇ ଗୋଡ଼େଇ ଆସିଲା । ଖାଇ ତ ଯାଇଥାନ୍ତା ।" ତୃତୀୟ ବ୍ୟକ୍ତି କହିଲା, "ଆଉ ସେ ଗଛରୁ ଯେ ଟେକା ପଡ଼ିଲା, ସେ ତ ଭୂତ କି ବ୍ରହ୍ମରାକ୍ଷସ କିଏ ହବ ।" ଚତୁର୍ଥ ବ୍ୟକ୍ତି ଶେଷରେ କହିଲା, "ବାପରେ, ସେ କୁଣ୍ଡ ପାଖରୁ ଗାଁ ମୁଣ୍ଡଯାଏ ବାଟଟା କି ଭୟାନକ ହୋଇଚି । ଦଶ ଜଣ ଲୋକ [illegible] ମଶାଲ ଧରି ଯାଇପାରିବେ କି ନା ସନ୍ଦେହ ।"

ବାଟୋଇମାନେ ଜିନିଷ ପତ୍ର ଥୋଇ ଗୋଡ଼ ଧୋଇବାକୁ ପାଣି ମାଗିଲେ । ସେଦିନ ଏତେ ଲୋକ ଚଟିଘରକୁ ଆସିଥିଲେ ଯେ, ସାହୁଆ ଦେଇଥିବା ପାଣି ଉପରେ ଦାବୀର ସୀମା ଟପି ଯାଇଥିଲା । ସାହୁଆଣୀ ନୂଆ ଯାତ୍ରୀଙ୍କ ଗୋଡ଼ ଧୋଇବାକୁ ପାଣି ଦେବା ନିମନ୍ତେ କୁଣ୍ଡ ପାଖକୁ ଯାଇ କହିଲା, "ମଲା, ଏ ପୋଡ଼ପାଡ଼ ଟୋପାଏ ହେଲେ ପାଣି ରଖିନାହିଁ । ଆଲୋ ଡାକିନି, ଯାଇ ବେଗେ ପାଣି ଆଣ୍ ।" କହି ସାହୁଆଣୀ ଗୋଟାଏ ମାଠିଆ ଥୋଇଦେଇ, ଦାଣ୍ଡ ଦ୍ୱାର ଫିଟାଇ ଦେଲା ଏବଂ ରମାକୁ କହିଲା, "ଯା, ପୋଡ଼ାମୁହିଁ, ବେଗେ; ପାଣି ଧରି ଧାଇଁଆ ।"

ରମା ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଥରିବାକୁ ଲାଗିଲା; କିନ୍ତୁ ତାର ଆଉ ବଶ କଣ ? ସେ ମାଠିଆଟି ମୁଣ୍ଡରେ ମୁଣ୍ଡାଇ, ଦାଣ୍ଡକୁ ବାହାରିପଡ଼ିଲା । ସାହୁଆଣୀ ପଛରୁ ଡାକି କହିଲା, "ଆଲୋ ପୋଡ଼ାମୁହିଁ, ପଲୋଉଛୁ କୁଆଡ଼େ ? ଏଇ ପଇସା ଦିଟା ନେଇଯା । ଆସିଲା ବେଳକୁ ଖଣ୍ଡା ବାଇଗଣ ସାରୁ ଯାହା ପାଇବୁ, ଦି ପଇସାର କିଣି ଆଣିବୁ । ନୋହିଲେ, ଏସବୁ ଖାଇବେ କଣ ?" କହି, ସେ ରମା ଆଡ଼କୁ ଦୁଇ ପଇସା ଫିଙ୍ଗି ଦେଲା । ରମା ଗୋଟାଏ ପାଇଲା, କିନ୍ତୁ ଆରଟା ଖୋଜି ପାଇଲା ନାହିଁ । ସାହୁଆଣୀ ପଚାରିଲା, "କିଲୋ, ପାଇଲୁଟିକି ?" ସେ ଉତ୍ତରରେ

‘ହୁଁ’ କରିଦେଲା । ସାହୁଆଣୀ ଘର ଭିତରକୁ ଚାଲିଯିବା ପରେ, ରମା ପଇସାଟି ପୁଣି ଖୋଜି ପାଇଲା ଏବଂ ଦୁଇଟିଯାକ ପଇସା ଲୁଗା କାନିରେ ଗଣ୍ଠି ପକାଇ ବାନ୍ଧି ଧରିଲା ।

ରମା ମାଠିଆଟି ଧରି ଡାଙ୍ଗେ ଡାଙ୍ଗେ ଚାଲିଲା । ଖରୁଆ ଯେ ଦୁଇଟା ମାଠିଆରେ ପାଣି ଆଣେ, ଏ ମାଠିଆଟି ତାର ଭିତରୁ ଗୋଟିଏ । ସ୍ତ୍ରୀଲୋକମାନେ ହାତରେ ତେଲ ଲଗାଇ କାଚ ପିନ୍ଧିଲା ପରି, ରମା ଦେହରେ ତେଲ ବୋଳି, ତାକୁ ସେ ମାଠିଆ ମୁହଁବାଟେ ଠେଲି ଭିତରକୁ ପୂରାଇଦେଲେ, ସେ ସେବାଟେ ଚାଲିଯିବା ଅସମ୍ଭବ ନୁହେଁ । ସେହିପରି ଗୋଟାଏ ମାଠିଆ ମୁଣ୍ଡରେ ବସାଇ, ରମା ସେହି ଆକାର ଘଡ଼ିରେ ତା ଗୁଜର ବଜାଏ ରଖିବାକୁ ପାଦକ ପରେ ପାଦେ ଗଣି, ଚାଲିବାକୁ ଲାଗିଲା । ଦୁଇ ଘର ଛାଡ଼ି ଗୋଟାଏ କଣ୍ଢେଇ ଦୋକାନ ପଡ଼ିଲା । ଦୋକାନରେ ଗୋଟିଏ ଦୁଇ ହାତ ଉଚ କଣ୍ଢେଇ, ତିନି ବର୍ଷର ବାଳିକାଟି ପରି, ପାଟ ଲୁଗା ଖଣ୍ଡିଏ ପିନ୍ଧି ଠିଆ ହୋଇଥିଲା । ତାକୁ ଦେଖି ରମା ନିଜର କର୍ତ୍ତବ୍ୟ କ୍ଷଣକ ନିମନ୍ତେ ଭୁଲିଗଲା । କହିଲା, ‘ଆହା, ଏ ଛୋଟ କଣ୍ଢେଇ ହେଲେ କେଡ଼େ ସୁନ୍ଦର ଲୁଗା ପିନ୍ଧିଛି ! ମୋ ସାଆନ୍ତାଣୀଙ୍କ ଝିଅମାନେ ବି ଏମିତି ଲୁଗା ପାଉ-ନାହାନ୍ତି’ କହି ସେ ଦଣ୍ଡେ କାଳ ସେ କଣ୍ଢେଇକି ଚାହିଁ ରହିଲା । ସେତେବେଳେ ଦୀନା ସାହୁ ଦାଣ୍ଡ ଦୁଆରୁ ଶୁଣାଗଲା, “ପୋଡ଼ାମୁହିଁ, ତୁ ଯାଇନୁ । ସେଠି ଠିଆ ହେଇ କୁ’ ବାପକୁ ଚାହିଁଚୁଲେ ? ରହ, ମାକଡ଼ ତତେ ଦେଉଚି,” କହି, ସାହୁଆଣୀ ଦୁଇ ପାହୁଣ୍ଡ ଚାଲିଗଲା । ଦେଖି, ରମା ମାଠିଆଟି ମୁଣ୍ଡାଇ ଧାଇଁଲା ।

ଗ୍ରାମ ଭିତରେ ଲୋକଙ୍କ ପାଟି ତୁଣ୍ଡ ଶୁଣି ଶୁଣି ଯିବାକୁ ରମାକୁ ସେତେ ଭୟ ଲାଗିଲାନାହିଁ । କିନ୍ତୁ ଗ୍ରାମ ପାର ହେବା ମାତ୍ରେ ତା ଛାତି ପଡ଼ିଲା, ଉଠିଲା । କେତେ ଟେକା ପଥର ପଡ଼ିବାର ତାକୁ ଶୁଣାଗଲା । ଗଛ ବୁଦା ଭିତରୁ ତା ଆଡ଼କୁ କିଏ ଧାଇଁଆସିଲା ପରି ତାକୁ ଲାଗିଲା । ସେ ଭାବିଲା ଯେ ଫେରିଯିବ । କିନ୍ତୁ ସାହୁଆଣୀଙ୍କ ତର୍ଜନ ଗର୍ଜନ ତା କାନରେ ଆସି ପଡ଼ିଯାଏ । ତହୁଁ ସେ ପଛକୁ ଫେରିଥିବା ପାଦ ଜୋର କରି ପୁଣି ଆଗକୁ ପକାଏ । ସେ ଠାଏ ଠାଏ ଠିଆ ହୋଇ, ଆଖି ବୁଜି, ନଖରେ ମୁଣ୍ଡ କୁଣ୍ଡାଇବାରେ ଲାଗେ; କିନ୍ତୁ ପୁଣି ପାଦ ଉଠାଇ ଚାଲେ । କିଛି ବାଟ ପରେ ତାର ଆଗକୁ ଯିବାକୁ ସାହସ ପଟିଲା ନାହିଁ । ସେ ଫେରି ପଛକୁ ଶହେ ହାତ ଚାଲିଗଲା । ମାତ୍ର କ୍ଷଣକ ମଧ୍ୟରେ ସାହୁଆଣୀର ମୂର୍ତ୍ତି ତା ଆଖି ଆଗରେ ଆସି ଠିଆ ହେଲା । ସେ ଭୟରେ ଅଧା, ମୁହଁ ବୁଲାଇ, ପୁଣି ଚାଲିବାକୁ ଲାଗିଲା । ଚାଲିଲେ ଭୟ ହେବାରୁ ସେ କ୍ରମଶଃ ଧାଇଁଲା ଏବଂ ଧାଇଁଲେ ଚାରିଆଡ଼ ଭୟଙ୍କର ଦେଖା ଯିବାରୁ ଆଖି ବୁଜିଦେଲା । ତଥାପି ତା ପାଦ ବାଟ ଛାଡ଼ି ଅନ୍ୟ ଆଡ଼େ ପଡ଼ିଲାନାହିଁ ।

କୂଳ ପାଖେ ପହଞ୍ଚି, ରମା ନିଃଶ୍ୱାସ ମାରିବା ପାଇଁ ସୁଦ୍ଧା ଟିକିଏ ଠିଆ ହେଲାନାହିଁ । ସେ ମାଠିଆଟି ପାଣିରେ ବୁଡ଼ାଇ ଟେକି ମୁଣ୍ଡରେ ଥୋଇବାକୁ ବସିଲା, ମାତ୍ର ତାର ବଳ ଅଣ୍ଟିଲା ନାହିଁ । ସାହୁଆଣୀ ଦେଇଥିବା ପଇସା ଦଉଟି ସେ ନିଜ କାନରେ ବାନ୍ଧି ଆଣିଥିଲା, ଗଣ୍ଠି ସେହିପରି ରହିଛି, ଅଥଚ କାନର କଣା ବାଟେ ତାହା, ସେ ମାଠିଆ ଟେକି ମୁଣ୍ଡରେ ଥୋଇବାକୁ ଚେଷ୍ଟା କଲାବେଳେ ତା ଅଗୋଚରରେ, ପାଣି ଭିତରେ ଖସି ପଡ଼ିଗଲା । ମାଠିଆଟି ଟେକିବାକୁ ଅନେକ ଚେଷ୍ଟା କରି, ସେ ଶେଷକୁ କ୍ଳାନ୍ତ ହୋଇ ଘାଟରେ ଶୋଇପଡ଼ିଲା । ଉପରେ ଆକାଶରେ ଗୋଟାଏ ତାରା ଦେଖିଥିଲେ, ହୁଏତ ତା ମନରେ ଟିକିଏ ସାହସ ହୋଇଥାନ୍ତା, କିନ୍ତୁ ସେଦିନ ସବୁଆଡ଼େ ଖାଲି କୁହୁଡ଼ି । ରମାର ଭୟ କ୍ରମେ କ୍ରମେ ବଢ଼ିବାକୁ ଲାଗିଲା । ଅନନ୍ତ ଅନ୍ଧକାରର ଘୋର ଯବନିକା ମଧ୍ୟରେ ସେ ଯେପରି ଜୀବନ୍ତ ଆଲୋକର ଗୋଟିଏ କ୍ଷୁଦ୍ର ପରମାଣୁ । ସେ ତତ୍‌କ୍ଷଣାତ୍ ସେହିଠାରେ ଲିଭି ଯାଉଅଛି ବୋଲି ବୋଧ କରିବାକୁ ଲାଗିଲା । ସେ ଉଠି ପଳାଇଯିବାକୁ ଇଚ୍ଛା କଲା । ମାତ୍ର ପାଣି ମାଠିଆ ନ ନେଇ ଫେରିଲେ, ତାର ଯେ କି ଦଶା ଘଟିବ ଭାବି, ସେ ଯାଇ ପାରିଲାନାହିଁ । ମାଠିଆ ସେ କିପରି ଟେକି ମୁଣ୍ଡରେ ଥୋଇ ଏତେ ବାଟ ଯିବ, ସେହି ଚିନ୍ତାରେ ଝାଳ ପଡ଼ିବାକୁ ଲାଗିଲା ।

ରମା ଥରେ ଶେଷ ଚେଷ୍ଟା କରିବାକୁ ଗଲା । ଆଶ୍ଚର୍ଯ୍ୟର କଥା, ମାଠିଆଟି ଲୋଟାଟିଏ ପରି ତଳୁ ଉଠିଗଲା ଏବଂ ସେ ଦେଖିଲା ବେଳକୁ ତା ନିଜ ମୁଣ୍ଡରେ ନ ରହି, ପାଖରେ ଠିଆ ହୋଇଥିବା ଜଣେ ଦୀର୍ଘକାୟ ଲୋକର ହାତରେ ଝୁଲୁଛି ଦେଖି ତାକୁ ମୂର୍ଚ୍ଛାରେ ପଡ଼ିଗଲା ପରି ଲାଗିଲା । ସେ ବଞ୍ଚିଛି କି ନାହିଁ, ଜାଣିବା ନିମନ୍ତେ ପାଟି କରି ଡାକିଲା, "ମା ବରୁଣେଇ, ମା ଠାକୁରାଣୀ !" ବରୁଣେଇ ଯେପରି ଉତ୍ତର ଦେଲେ, ଶୁଣିଲା, "ଭୟ କରନାହିଁ, ପିଲା । ମୁଁ ତୋ ମାଠିଆ ଧରିଛି । ତୁ କୁଆଡ଼େ ଯିବୁ, କହ, ମୁଁ ନେଇ ଛାଡ଼ିଦେଇ ଆସିବି ।" ରମା ମନରେ ସାହସ ଜନ୍ମିଲା । ସେ ଚାହିଁ ଦେଖିଲା ସତେ ଯେପରି ତା ବାପା କିମ୍ବା ଗୋସାଇଁ ବାପା, ଜଣେ କିଏ, ତାକୁ ସେ ବିପଦରୁ ଉଦ୍ଧାର କରିବା ନିମନ୍ତେ ସେଠାରେ ଅକସ୍ମାତ୍ ଆସି ପହଞ୍ଚିଛନ୍ତି ।

## —୧୫—

# ଦୁଃଖୀକୁ ଦଇବ ସାହା

ଧାମରା ବନ୍ଦରର ସେହି ବିଚିତ୍ର ଘଟଣା ପରେ ମହାନଦୀରେ ଗୋଟାଏ ଭଙ୍ଗା ନାଆରେ ବସି ଜଣେ ଲୋକ ବାଙ୍କିରେ ଆସି ଓହ୍ଲାଇଲା । ତା କାନ୍ଧରେ ଗୋଟିଏ ବଡ଼ ଥଳି ଏବଂ ହାତରେ ଗୋଟାଏ ପ୍ରକାଣ୍ଡ ବାଡ଼ି ଥିଲା । ସେ ଯେ ସେଠାର ବାସିନ୍ଦା ନୁହେଁ, ସହଜରେ ବୁଝାଯାଉଥିଲା । କାରଣ, ସେ ନାଆରୁ ଓହ୍ଲାଇ ପଚାରିଲା, "ଏଠି ଶଗଡ଼ ଭଡ଼ା ମିଳେ ?" ଭଡ଼ା ଶଗଡ଼ ଖୋଜିଲେ ବିଳମ୍ବ ହେବ ଦେଖି, ସେ ଅପେକ୍ଷା କଲାନାହିଁ; ନାଆରୁ ଓହ୍ଲାଇ ଶୋଧ ଦକ୍ଷିଣକୁ ଚାଲିଲା । ଚାହୁଁ ଚାହୁଁ ସେ ଯେ କେଉଁଆଡ଼େ ଉଭେଇଗଲା, କେହି ଜାଣି ପାରିଲେ ନାହିଁ ।

କିନ୍ତୁ ବାସ୍ତବିକ ସେ ଉଭେଇ ଯାଇ ନ ଥିଲା । ସେ କେଉଁଠାରେ ବଡ଼ବାଟେ କେଉଁଠାରେ ବା ଜଙ୍ଗଲ ଭିତରେ ଚାଲି, ବେଗରେ ପଥ ଅତିକ୍ରମ କରିବାକୁ ଲାଗିଲା । ମକରଯାତ୍ରା ଯୋଗେ ବାଟରେ ଦଳ ଦଳ ହୋଇ ଲୋକେ ଯାତାୟାତ କରୁଥିଲେ । ସେମାନଙ୍କୁ ଦେଖା ନ ଦେବା ତାର ଅଭିପ୍ରାୟ । ସୁତରାଂ ସେ ନିକଟରେ କାହାର ପାଟି ଶୁଣିଲା ମାତ୍ରେ ହୁଡ଼ ତଳେ, ବୁଦା ଆଢୁଆଳରେ ଲୁଚି ରହୁଥିଲା । ସେଥିପାଇଁ ସେ ଯେତେ ଶୀଘ୍ର ଲକ୍ଷ୍ୟ ସ୍ଥାନରେ ପହଞ୍ଚିବ ବୋଲି ଆଶା କରିଥିଲା, ତା ଅପେକ୍ଷା ତାର ଅନେକ ବିଳମ୍ବ ଘଟିଲା । ଅତଏବ ସେ ବଡ଼ ରାସ୍ତା ଛାଡ଼ି ଜଙ୍ଗଲ ବାଟ ଧରିଲା । ସେ ବାଟେ ଯାଇ ସେ ଅନେକ ସମୟ ପରେ ଏକ ନିବିଡ଼ ଅରଣ୍ୟାନୀ ମଧ୍ୟରେ ପ୍ରବେଶ କଲା । ସ୍ଥାନଟି ତାକୁ ପରିଚିତ ପରି ବୋଧ ହେଲା । ସେଠାରେ ଗୋଟିଏ ନିର୍ଜନ ନିକୁଞ୍ଜ ଥିଲା । ସନ୍ଧ୍ୟାର ଅନ୍ଧକାରରେ ନିକୁଞ୍ଜ ମଧ୍ୟରେ କିଛି ଦେଖା ଯାଉ ନ ଥିଲା । ତଥାପି ସେ ଗୋଡ଼ ଏବଂ ହାତରେ ଅଣ୍ଡାଳି, ତଳ ମାଟି ଅଳ୍ପ ସ୍ଥାନ ମଧ୍ୟରେ ଖୋଳା ହୋଇଛି କି ନାହିଁ ବାରିଲା । ମାଟି ଖୋଳା ହୋଇନାହିଁ ଜାଣିପାରି, ସେ ଅରଣ୍ୟ ମଧ୍ୟରୁ ବାହାରି ଚାଲିଗଲା ।

ରମାର ମାଠିଆଟି ମୁଣ୍ଡ ପାଖେ ତା ହାତରୁ ନେଇ ଯେ ଧରିଲା, ସେ ସେହି ଲୋକ । ତାକୁ ଦେଖି ରମା ମନରେ ସାହସ ଜନ୍ମିଲା । ଆଗନ୍ତୁକ ଧୀର ସ୍ୱରରେ କହିଲା, "ମା, ତୋ ମାଠିଆଟି ବଡ ଭାରି ହୋଇଛି । ତୁ ଚାଲ, ମୁଁ ଧରି ନେଇଦେବି । ତୋ ବୟସ କେତେ ମା ?"

"ଆଠ ବରଷ ।"

"ତୋ ଘର କଣ ବେଶି ଦୂର ଏଠୁକୁ ?"

"ହଁ, ପାଏ ବାଟ ହବ।" ଶୁଣି ଆଗନ୍ତୁକ ଠିଆ ହୋଇଗଲା। ତା ପରେ ପଚାରିଲା, "ତେବେ ତୋ ମା କାହିଁ ଘରେ ?"

"ମୁଁ ଜାଣେନା। ଆଉ ଆଉ ପିଲାମାନଙ୍କର ମା'ମାନେ ଅଛନ୍ତି। କାହିଁ ମୋର ତ କେହି ମାଆ ନାହାନ୍ତି।" ରମା ଟିକିଏ ଭୁନ ହୋଇ ରହି ପୁଣି କହିଲା, "ମୋର ମା କେବେ କେହି ନ ଥିଲେ।" ଶୁଣି ଆଗନ୍ତୁକ ମାଠିଆଟି ତଳେ ଥୋଇଦେଇ ଅନ୍ଧାରରେ ବାଳିକାର ମୁହଁ ଦେଖିବାକୁ ଟିକିଏ ଚେଷ୍ଟା କଲା; ମାତ୍ର ଭଲରୂପେ ଦେଖି ପାରିଲାନାହିଁ। ତହୁଁ ସେ ପଚାରିଲା, "ଆଚ୍ଛା ତୋ ନାଁ କଣ, କହିଲୁ।"

"ରମା।"

ଆଗନ୍ତୁକ ପ୍ରାଣରେ ହଠାତ୍ ଗୋଟାଏ ବିଦ୍ୟୁତ୍‌ର ପ୍ରବାହ ବହିଗଲା। ସେ ରମା ଆଡ଼କୁ କିଛି ସମୟ ସେହି ଅନ୍ଧକାର ମଧ୍ୟରେ ଏକଦୃଷ୍ଟିରେ ଚାହିଁ ରହି, ତା ପରେ ହାତରେ ମାଠିଆଟି ଉଠାଇ କହିଲା, "ଚାଲ"। ଦୁହେଁ ଆଗ ପଛ ହୋଇ ଚାଲିଲେ। ଆଗନ୍ତୁକ ଧୈର୍ଯ୍ୟ ରଖି ନ ପାରି, ପୁଣି ପଚାରିଲା, "ମା ତୁ କେଉଁଠି ରହୁଛୁ ?"

"କାହିଁକି, ଏଇ ଜଗାରସିଂହରେ।"

"ଆମେ ଏବେ ତୋର ଘରକୁ ଯାଉଚେଁ ତ ?"

"ହଁ।"

ଆଗନ୍ତୁକ କିଛି ସମୟ ନୀରବରେ ଚାଲି ପୁଣି ପଚାରିଲା, "ଆଚ୍ଛା ମା, ତୋତେ ଏତେ ରାତିରେ ପାଣି ନବାକୁ କିଏ ପଠେଇଚି ?"

"ମୋ ସାଆନ୍ତାଣୀ ?"

'ସାଆନ୍ତାଣୀ କିଏ ?'

"କାହିଁକି, ଚଟିଘର ମାଲିକ ଦୀନା ସାହୁ ଭାରିଯା।"

ଆଗନ୍ତୁକ ଶୁଣି ଧୈର୍ଯ୍ୟ ଧରିବାକୁ ଅନେକ ଚେଷ୍ଟା କଲା। ତଥାପି କଥା କହିଲା ବେଳକୁ ତା ସ୍ୱର କମ୍ପି ଉଠିଲା। ସେ କହିଲା, "ମୁଁ ତ ସେଇ ଚଟିଘରକୁ ଯାଉଚି, ବାସ୍ତାଣୀ। ସେଠି ଆଜ ରାତ୍ର ରହିବ। ତୋ ସାଙ୍ଗେ ଦେଖା ହେଲା, ଭଲ ହେଲା। ତୁ ମୋତେ ବାଟ କଢ଼େଇ ନେଇଯିବୁ। ଆଚ୍ଛା କହିଲୁ ଦେଖି, ତୋ ସାଆନ୍ତାଣୀ ଚଟିଘରେ କଣ ଚାକର ବାକର କାହାକୁ ରଖିନାହିଁ ?"

"ନା, ସାଆନ୍ତାଣୀଙ୍କର ତ ଦୁଇ ଝିଅ, ଆଉ ଗୋଟିଏ ପୁଅ । ଆଉ ପୁଜର କିଏ ଦେଲା ମ ? ଭୂଇଁମୂଳଂକ ଘରେ ସିନା ପୁଜର ।"

'ଆଚ୍ଛା ସାଆନ୍ତାଣୀର ପିଲମାନେ କଣ କରନ୍ତି ?'

"କାହିଁକି, ଖେଳନ୍ତି, ବୁଲନ୍ତି, ହସ କଉତୁକ ହୁଅନ୍ତି । ତାଙ୍କର କେଡ଼େ ସୁନ୍ଦର ସୁନ୍ଦର କଣ୍ଢେଇ ସବୁ ଅଛି ।"

"ଆଉ ତୁ କଣ କରୁ ?"

"କାହିଁକି, ମୁଁ କାମ କରେ ।"

"ମନ ଗାଡ଼ ସବୁବେଳେ ?"

ବାଳକା ଟିକିଏ ମୁଣ୍ଡ ଟେକି ଚାହିଁଲା । ତା ଦୁଇ ଆଖି ଛଳ ଛଳ ହୋଇଗଲା । ସେ କହିଲା, "ହଁ ।" ତା ପରେ କିଛି ସମୟ ତୁନି ହୋଇ ରହି, ପୁଣି କହିବାକୁ ଲଗିଲା, "କାମ ସରିଲେ ମତେ ମଧ୍ୟ ଖେଳିବାକୁ ସାଆନ୍ତାଣୀ ମନା କରନ୍ତି ନାହିଁ ଯେ । ହେଲେ, ମୋର କଣ୍ଢେଇ ନାହିଁ; ଚମ୍ପା ଆଉ ସୁଗ୍ରୀ ତାଙ୍କ କଣ୍ଢେଇଟିମାନ ମୋତେ ଛୁଅାଁଇ ଦେଉନାହାନ୍ତି ପରା । ମୋର ଖାଲି ଗୋଟିଏ ସାନ ଭୁଆ ଅଛି । ହେଇଟି ପୁହିଁ, ଏତକ ଲମ୍ବ ହବ ।" ବାଳକା ତା କାଣି ଅଙ୍ଗୁଠି ଦେଖାଇଲା ।

ଏହିପରି କଥାବାର୍ତ୍ତା ହୋଇ ଆଗନ୍ତୁକ ଏବଂ ରମା ଚାଲିବାକୁ ଲାଗିଲେ । ସେମାନେ ବାଟରେ ପଶରା ଦୋକାନଟା ପାର ହୋଇଗଲେ । ବାଇଗଣ କିଣିବା କଥା ରମାର ମନେ ପଡ଼ିଲା ନାହିଁ । ଚଟିଘର ନିକଟ ହୋଇ ଆସିବାରୁ ରମା ଆଗନ୍ତୁକର ହାତ ଟିକିଏ ଭିଡ଼ିଦେଇ କହିଲା, "ଆମ ଘର ହୋଇଚାଲା । ମାଠିଆଟି ଦିଅ, ମୁଁ ଧରେ ।"

"କାହିଁକି ?"

"ତୁମେ ପରା ବାଟୋଇ । ତୁମକୁ ମୁଁ ଧରେଇଥିବା ଦେଖିଲେ, ସାଆନ୍ତାଣୀ ମୋତେ ଆଉ ରଖିବେନାହିଁ । ଶୁଣି, ଆଗନ୍ତୁକ ମାଠିଆଟି ରମା କାଖରେ ଧରାଇଦେଲା । ଅଳ୍ପ କେତେ ପାଦ ଗଲା ପରେ ରମା ଗୋଟାଏ କବାଟରେ ଟିପ ମାଇଲା । କବାଟ ମୁହୂର୍ତ୍ତିକ ମଧ୍ୟରେ ଫିଟିଗଲା । ରମା ଶୁଣିଲା, "ପୋଡ଼ାମୁହିଁ, ତୁ ପାଣିପାଇଁ ଯାଇ ସେଆଡ଼େ ଖେଳ ବସିଲୁ । ମୋ ଭୁଣିଆମାନେ ଏଠି ପାଣି ଟୋପାଏ ନ ପାଇ ଚାହିଁ ରହିଚନ୍ତି ।"

"ନା, ସାଆନ୍ତାଣି, ମୁଁ ଖେଳୁ ନ ଥିଲି । ଏଇ ଜଣେ ବାଟୋଇଙ୍କି ସାଙ୍ଗରେ ଆଣିଛୁ ପରା, ସେ ଚଟିଘରେ ରହିବେ ।"

ସାହୁଆଣୀର ବିକଟ ମୁଖ ହଠାତ୍ ଭିନ୍ନ ଆକାର ଧାରଣ କଲା । ତା'ର ହଠି ଆସୁଥିବା ଫଣା ତଳକୁ ପଡ଼ିଗଲା । ସେ ଅଳପ ହସି, ଆଗନ୍ତୁକ ଆଡକୁ ଚାହିଁ କହିଲା, "ଆସ" । ଆଗନ୍ତୁକ ଘର ଭିତରକୁ ପାଦ ପକାଇବାରେ, ସାହୁଆଣୀ ତା ଗୋଡ଼ଠାରୁ ମୁଣ୍ଡ ପର୍ଯ୍ୟନ୍ତ ଥରେ ଚାହିଁଗଲା । ତା ପରେ ସେ ସ୍ୱାମୀ ସହିତ କଣ କଥାବାର୍ତ୍ତା ହୋଇ ଆସି କହିଲା, "ଦେଖ, ଆଜ ଆମ ଚଟିଘରେ ପାଦ ପକେଇବାକୁ ଜାଗା ନାହିଁ ।"

"ନ ଥାଉ ; ମୁ ଅଡ଼ଙ୍ଗରେ କି ଚୁହାଲରେ କେଉଁଠି ଶୋଇପଡ଼ିବି । ନ ଖାଇଲେ ମୋର ଚଳିଯିବ । ମୋତେ ନାହିଁ କର ନାହିଁ । ମୁଁ ଏତେ ରାତିରେ ଆଉ କୁଆଡ଼େ ଯିବି ? ଗୋଟାଏ ବଖରା ଘରର ପୁରା ଭଡ଼ା ମୋଠୁ ନିଅ ପଛକେ, ମାତ୍ର ମୋତେ ନାହିଁ କର ନାହିଁ ।"

"ଆଚ୍ଛା, ଟଙ୍କାଏ ଦେବ ?"

"ହଁ, ଦେବି ।" ପାଖ ଘରେ ଜଣେ ବାଟୋଇ ଆଉ ଜଣକୁ କହିଲା, "ଦେଖ, ଆଠଣା ଜାଗାରେ ଟଙ୍କେ ମାଗୁଚି !" ଶୁଣି, ସାହୁଆଣୀ ପାଟି କରି କହିଲା "ଯା ପରି ବାଟୋଇ ପାଇଁ ଟଙ୍କାଏ ! ସେଥିରୁ କମରେ ମାଗିଥିଆ ଲୋକଙ୍କୁ କିଏ ଘରେ ପୂରେଇବ ମ ?" ତେଣୁ ଆଉ ଗୋଟାଏ ଘରୁ ଧାନା ସାହୁ କହିଲା, "ଏପରି ଲୋକକୁଡ଼ାଙ୍କୁ ଆଣି ରଖିଲେ, ତୁମମାନଙ୍କ ପରି ଭଲ ଲୋକେ ଆଉ ଆସିବେଟିକି ?"

ଆଗନ୍ତୁକ କାନ୍ଧରୁ ଅଳଟି ଓହ୍ଲାଇ ଓ ବାଡ଼ି ଖଣ୍ଡି ରଖି, ଘର ଭିତରେ ବସିଯାଇଥିଲା । ସେ ଦିନ ସକାଳୁ ତା ପାଟିରେ ପାଣି ଟୋପାଏ ପଡ଼ିନାହିଁ, କିନ୍ତୁ ସେ ଖାଇବାକୁ ଲୋଡ଼ିଲାନାହିଁ ; କେବଳ ରମା ଆଡ଼କୁ ଚାହିଁ ରହିଲା । ରମାର ରୂପ ଅବଶ୍ୟ କଦର୍ଯ୍ୟ ହୋଇପଡ଼ିଛି ; କିନ୍ତୁ ସେ ଖାଇ ପିଇ ସୁଖରେ ଥିଲେ ଯେ ଭଲ ଦିଶୁଥାନ୍ତା; ସେଥିରେ ସନ୍ଦେହ ନାହିଁ । ଦିନରାତି ଲୁହ ବୋହି ବୋହି ତା ଆଖି ଦିଓଟି ଶୁଖି ଜ୍ୟୋତିଃହୀନ ହୋଇଯାଇଛି । ତା ଗାଲ ପଶିଯାଇଛି । ପିନ୍ଧାକନାର କଣାବୁଜାକ ବାଟେ ଦେହର ହାଡ଼ ଉପରକୁ ବାହାରିପଡ଼ୁଛି । ମାଡ଼ ଚିହ୍ନମାନ ସ୍ଥାନେ ସ୍ଥାନେ ଦେଖାଯାଉଛି । ତା ଚାଲିବା, ଚାହିଁବା, ବସିବା ସବୁଥିରେ କେବଳ ଗୋଟିଏ ଭାବର ପରିଚୟ ମିଳୁଛି । ସେ ଭାବଟି ଭୟ । ଭୟ ତାର ସାରା ପ୍ରାଣକୁ ଘୋଡ଼ାଇ ରଖିଛି । ସେହି ଭୟ ଯୋଗେ ରମାର ପିନ୍ଧା ଲୁଗା ଓଦା ହୋଇ-ଯାଇଥିଲେ ସୁଦ୍ଧା, ସେ ତାହା ନ ବଦଳାଇ, ଶୀତରେ ଥରୁ ଥରୁ ହୋଇ କାମରେ

ଲାଗିଲା । ତେଣୁ ସାହୁଆଣୀ ଡାକି ପଚାରିଲା, "କଲେ କିଆଁ ଲାଗି, ବାଇଗଣ କାହିଁ ?"

ରମା ବାଇଗଣ କଥା ଏକାବେଳକେ ଭୁଲି ଯାଇଥିଲା । ଉପସ୍ଥ ଯୋଗେ ମିଥ୍ୟାର ଆଶ୍ରୟ ନେଇ କହିଲା, "ଦୋକାନ ପଡ଼ିଯାଇଥିଲା ।"

"ତୁ ଡାକିଲୁନାହିଁ ?"

"ମୁଁ ଡାକିଲି ଯେ କେହି ଶୁଣିଲେନାହିଁ ।"

"ଅଚ୍ଛା, ମୁଁ କାଲି ପଚାରି ବୁଝିବି । ଯେବେ ମିଛ ହୋଇଥିବ, ଦେଖ୍ ତୋ ପିଠି ଗୁଣ୍ଡା କରିଦେବି । ଦେ, ପଇସା ଦୁଇଟା ଦେଇପକା ।" ଗୋଟାଏ ବଡ଼ ସବଳ କୁକୁରକୁ ଦେଖି ଦୁର୍ବଳ କୁକୁର ଗୋଡ଼ ସନ୍ଧରେ ଲାଙ୍ଗୁଳ ପୂରାଇ, ଦାନ୍ତ ଲେସିଡ଼ି, ଠିଆ ହେଲା ପରି, ରମା ଠିଆ ହୋଇ ରହିଲା । ପଇସା ଖୋଜି ଦେଖିଲା ନାହିଁ । ସେ ଭୟରେ ଥରଡ଼ାପଡ଼ି ପରି କେବଳ ଅଣଦାକୁ ଲାଗିଲା । ସାହୁଆଣୀ କହିଲା, "କଲେ, ତୁ ହଜେଇ ସାରିଲୁଣି ନା କଣ ?" କହି, ସାହୁଆଣୀ ଘର କଣରେ ଜେଗି ହୋଇଥିବା ଖଣ୍ଡିଏ ବେତ ହାତରେ ଆଣି ଧଇଲା । ରମା କାନ୍ଦି କାନ୍ଦି କହିଲା, "ସାଆନ୍ତାଣି; ମୁଁ ଏମିତି ଆଉ କେବେ କରିବିନାହିଁ ।"

ଆଗନ୍ତୁକ ବ୍ୟକ୍ତି ବସି ସବୁ ଦେଖୁଥିଲା । ସାହୁଆଣୀ ହାତ ଟେକି, ବେତ ଉଠାଇଲାବେଳକୁ ସେ କହିଲା, "ଏଇ ଯେ କଣ ଦୁଇଟା ସେ ପିଲା ଅଣ୍ଟାରୁ ଖସି ପଡ଼ିଲା । ଆଲୁଅ ଆଣି ଦେଖିଲା । ଦେଖି ! କହି, ସେ ନଇଁ ତଳେ କଣ ଖୋଜିଲା ପରି ହେଲା । ତା ପରେ ଦୁଇଟା ଦୋହରି ପଇସା ଧରି କହିଲା, ଏଇ ତ ମିଳିଚି । ଆଉ ତାକୁ କାହିଁକି ମାରିବ ?" ସାହୁଆଣୀ ପଇସା ଦୁଇଟା ହାତରେ ଧରି ଦେଖିଲା ଯେ ସେ ବ୍ୟବସାୟରେ ତାର ମୋଟରେ ଶତକଡ଼ା ଶହେ ଲାଭ ହୋଇଅଛି । ସୁତରାଂ ସେ ମନେ ମନେ ଖୁସି ହେଲା, ତଥାପି କହିଲା, "ଦେଖ୍, ଆଉ ଦିନେ ଏପରି ମୁଁ ଯେମିତି ନ ଦେଖେ ।"

ରମା ଧୀରେ ଧୀରେ ପଛେଇ ପଛେଇ ଖସିଯାଇ, ଗୋଟିଏ କଣରେ ଆଶ୍ରୟ ନେଲା । ସେ ଆଚମ୍ବିତ ହୋଇ ଆଗନ୍ତୁକ ଆଡ଼କୁ ଚାହିଁବାକୁ ଲାଗିଲା । ଚମ୍ପା ଏବଂ ହୀରା ଘର ଭିତରୁ ବାହାରି ଅଗଣାକୁ ଆସିଲେ । ସେମାନେ ଯାହା ଦିନର ଭଲ ଟେପେଡ଼ିଲା ଗାଁ ଚିହ୍ନିଚନ୍ତି, ମୁଣ୍ଡ କୁଣ୍ଡାଇ ଚୁଟା ପାରିଛନ୍ତି । ଦେହରୁ ଚୁଆ ଗନ୍ଧ ଆସୁଛି, କପାଳରେ ସିନ୍ଦୁର ଟୋପି ଦାଉ ଦାଉ ଜଳୁଛି । ସତେ ଅବା ଦୁହେଁ କୌଣସି ରଜାଙ୍କର ଦୁଇ ନେମା । ସେମାନେ ପଦାକୁ ଆସିବାର ଦେଖି ସାହୁଆଣୀ ଘର ଭିତରୁ କହିଲା, "କଣ, ସେ ପୋଡ଼ାମୁହାଁ ପାଖେ ଯାଇ ଦେହକୁ ଦେହ

ଲଟେଇ, ବଢ଼ିବାକୁ ବାହାବଲ ପରି ?" ଚମ୍ପା ଏବଂ ସ୍ୱପ୍ନ ଅବଶ୍ୟ ଅନ୍ୟ ପିଲାଙ୍କନେ ବେଳେ ବେଳେ ରମା ପାଖେ ବସୁଥିଲେ; କିନ୍ତୁ ମା'ଠାରୁ ବାରମ୍ବାର ମନା ଶୁଣି ସେମାନେ ଶେଷରେ ବୁଝି ପାରିଲେ ଯେ ରମା ଯେପରି ଏକ ଅସ୍ପୃଶ୍ୟ ଜାତିର ପିଲା ଓ ତା ଛୁଇଁ ପଡ଼ିଲେ ସେମାନଙ୍କର ଜାତି ଯିବ । ସେଥିପାଇଁ ସେମାନେ ବରାବର ରମାଠାରୁ ଦୂରରେ ରହୁଥିଲେ । କିନ୍ତୁ ସାହୁଆଣୀ, ତାହା ଜାଣି ସୁଦ୍ଧା, 'ଅଧିକନ୍ତୁ ନ ଦୋଷାୟ' ନୀତିରେ ଝିଅମାନଙ୍କୁ ପ୍ରତିଦିନ ଦୁଇ ଚାରି ଥର ସତର୍କ କରାଇ ଦେଉଥିଲା । ସେ ଜାଣିଥିଲା ଯେ ଗୋଟାଏ ଭଲ କଥା ପିଲାମାନଙ୍କୁ ଯେତେ ଥର କହିଲେ ମଧ୍ୟ, ଆହୁରି କହି ରଖିବା ଉଚିତ ।

—୧୭—

## ମାଗିଖିଆ ନା ଅମୀର ?

ଗାଁରେ କାମ ଦାମ ସାରି ରମା ବସି କନ୍ଥା ସିଏଁ । ସେ କନ୍ଥା ସିଇଁବସି ସ୍ୱପ୍ନା ଏବଂ ଚମ୍ପା ଆଡ଼କୁ ବେଳେ ବେଳେ ଚାହୁଁ ଥିଲା; କିନ୍ତୁ ସ୍ୱପ୍ନ ବା ଚମ୍ପା କେହି ତା ପ୍ରତି ଦୃକ୍‌ପାତ୍ କରୁ ନ ଥିଲେ । ସେମାନେ ଭାବନ୍ତି ରମା ଦାଣ୍ଡର ଭୁଲା କୁକୁର, ତାଙ୍କ ପଛାଡ଼ରେ ଆସି ଆଶ୍ରୟ ନେଇଛି । ସେ ତିନିଗୋଟି ଝିଅଙ୍କ ମଧ୍ୟରେ, ସମସ୍ତଙ୍କ ମୋଟ ବୟସ ମିଶି, ସୃଷ୍ଟିର ଅନନ୍ତକାଳରୁ ପଚିଶ ବର୍ଷ ପୂରା ଅତୀତ ହୋଇନାହିଁ । ତଥାପି ଏକ ପାଖରେ ଅସୀମ ଘୃଣା ଓ ଅନ୍ୟ ପାଖରେ ଅପରିମେୟ ଈର୍ଷା ପର୍ବତ ଆକାରରେ ଠିଆହୋଇ ରହିଛି । ରମା କ୍ଷଣକ ପାଇଁ ସିଲେଇ ଛାଡ଼ି, ବାଁ ହାତରେ କନ୍ଥା ଓ ଡାହାଣ ହାତରେ ଛୁଞ୍ଚିଟି ଧରି ବସିରହି, ଚମ୍ପା ଏବଂ ସ୍ୱପ୍ନା ଆଡ଼କୁ ଚାହୁଁଥିଲା । ସାହୁଆଣୀ ହଠାତ୍ ଆସି ପାଟିକଲା, "ରୁ ଗାତପଣି, ଇମିତ କାମ କରୁଚୁ । ରହ, ତୋତେ ଦଉଚି ।" ଶୁଣି, ଆଗନ୍ତୁକ କହିଲା, "ମାଲିକାଣି, ଖେଳୁନା, ପିଲାଟା ଟିକିଏ ।"

କୌଣସି ଅଲୌକିକ ଚଟିଘରେ ରହି ଏପରି ଇଚ୍ଛାପ୍ରକାଶ କରିଥିଲେ, ସାହୁଆଣୀ ହୁଏତ ସହି ନେଇଥାନ୍ତା । କିନ୍ତୁ ଗୋଟାଏ ମାଗିଖିଆ ଲୋକଠାରୁ ଏପ୍ରକାର କଥାଟାଏ ସହିବା ତା କୋଷ୍ଠୀରେ ନ ଥିଲା । ସେଥିପାଇଁ ସେ ଉତ୍ତର ଦେଲା, "ଭିଁ, ଖେଳୁ ନା ଟିକିଏ ! ଖେଳ ଫେଲ ଛୁଟେଇଦେବ । ମୁଁ ତାକୁ ଖେଳିବା ପାଇଁ ପୋଷିଚି ନା !"

"ଆଚ୍ଛା, ସେ କି କାମ କରୁଛନ୍ତି ?" ଶୁଣି, ସାହୁଆଣୀ ଚିଙ୍ଗିଲା ପରି ଉତ୍ତର ଦେଲା, "ମୋ ପିଲେ ଭଲେ ଶୋଉଛନ୍ତି । ଏ ଟୋକାର ଏଡ଼େ ମଜ୍‌ବୁର ଯେ କନ୍ଥା ସିଁଇବସି ଏଆଡ଼େ ସେଆଡ଼େ ବୁଲୁଛି ।"

"ଆଚ୍ଛା ସେପରି କନ୍ଥା ଖଣ୍ଡିଏ କିଣିଲେ କେତେ ପଡ଼ିବ ?"

ଘୃଣା ମିଶ୍ରିତ ସ୍ୱରରେ ସାହୁଆଣୀ ଉତ୍ତର ଦେଲା, "କିଣିଲେ ଦ ଟଙ୍କା କି ନ' ସିଉଁଲା ହବ ।"

"ଆଚ୍ଛା, ତୁମ ଏ ପିଲା ଯେ କନ୍ଥା ଖଣ୍ଡି ସିଉଁଚି, ମୋତେ ବିକି ଦିଅନ୍ତୁ । ମୁଁ ନ ସିଉଁଲା କାହିଁକି, ନ ଟଙ୍କା ଦଉଛି, ନିଅ ।" ତାହା ଶୁଣି ଧାନା ସାହୁ ନିଜେ ପାଞ୍ଚି ଜିତାଇବା କର୍ତ୍ତବ୍ୟ ବୋଲି ମନେ କଲା । ସେ କହିଲା, "ବାଟୋଇମାନେ ଯାହା ସେତେବେଳେ କହିବେ, ଆମେ କଣ ନାହିଁ କରିପାରିବୁ ? ନବ ଯଦି, ନିଅ ନ ଟଙ୍କାକୁ । ଆଉ ସେଥିରୁ କମରେ ହବନାହିଁ ।"

ସାହୁଆଣୀ ପଚାରିଲା, "ନଗଦ ଦବନା ?" ଶୁଣୁ ଶୁଣୁ, ଆଗନ୍ତୁକ ଅଣ୍ଟାରୁ ନଅ ଟଙ୍କା କାଢ଼ି ଗଣିଦେଲା । ତା ପରେ ସେ ରମାକୁ କହିଲା, "ଯାଆ ଲୋ ମା, ଟିକିଏ ଖେଳ୍ ଯା ।" ଧାନା ସାହୁ ଟଙ୍କା ଗଣିନେଲା । ସାହୁଆଣୀ ଖୁସି ଅବଶ୍ୟ ହେଲା; କିନ୍ତୁ ରମା ଯେ ତା ନିଜ ପିଲାଙ୍କ ପରି ଖେଳିବାକୁ ସୁବିଧା ପାଇଲା, ସେଥିରେ ତା ହୃଦୟ ଜଳିଉଠିଲା । ରମା ଆଗନ୍ତୁକ କଥା ଅନୁସାରେ ଖେଳିବାକୁ ନ ଯାଇ ଥରେ ଅଧେ ସାହୁଆଣୀକି ଯାଇ ପଚାରିଲା, "ସାଆନ୍ତାଣି, ସତେ କଣ ମୁଁ ଖେଳିବାକୁ ଯିବି ? ସାହୁଆଣୀ ଦାନ୍ତ ଦେଖାଇ ଉତ୍ତର ଦେଲା, "ଖେଳ୍ ।"

ରମା କାମରୁ ମୁକ୍ତି ପାଇ ଖେଳିବାକୁ ଗଲା । ସାହୁଆଣୀ ଧାନା ସାହୁ କାନରେ କହିଲା, "ଏ ମାଟିଖିଆଟା କଣ ଅମୀର ପରି ଟଙ୍କା ଦଉଚି ?" ଶୁଣି, ଧାନା ସାହୁ ଉତ୍ତର ଦେଲା, "ହଁ, ଏମିତି ଅନେକ ଲୋକ ଅଛନ୍ତି । ନ ଖାଇ, ନ ପିଇ, ଖର୍ଚ୍ଚ ନ କରି, ଟଙ୍କା ଜମେଇ ରଖିଥାନ୍ତି ।" ରମା ଏବଂ ସ୍ୱର୍ଣ୍ଣ ଖେଳରେ ଲାଗିଥିଲେ । ସେମାନେ ଯୋଡ଼ିଏ କଣ୍ଢେଇକି ବର ସଜା କରି ବିବାହ କରାଉଥିଲେ; ତାଙ୍କୁ ଲୁଗା ପିନ୍ଧାଉଥିଲେ, ବସାଉଥିଲେ, ଉଠାଉଥିଲେ, କୋଳରେ ଶୁଆଉଥିଲେ; ସ୍ୱର୍ଣ୍ଣି ଉଠାଇ ଖୁଆଉଥିଲେ, କେତେ ବେଳେ ଗମ୍ଭୀର ସ୍ୱରରେ କି ପ୍ରଶ୍ନ ପଚାରୁଥିଲେ, କେତେବେଳେ ବା ଠୋ ଠୋ ହସି ଗଡ଼ିଯାଉଥିଲେ । ଶ୍ରେଷ୍ଠ ପିଲାଙ୍କର କଣ୍ଢେଇ ନ ଥିଲେ ସେମାନେ ନିଜକୁ ବଡ଼ ହତଭାଗ୍ୟ ମଣନ୍ତି । ରମା ସେଥିପାଇଁ ତା ଶ୍ରେଷ୍ଠ ଛୁଗ୍‌ଟିକି କଣ୍ଢେଇ କରିଥିଲା । କାମରୁ ମୁକ୍ତି ପାଇ, ସେ ଛୁଗ୍‌ ଧରି ଖେଳିବାକୁ ଲାଗିଲା ।

ରମାକୁ ଖେଳବାର ଦେଖି ସାହୁଆଣୀ ଦେହ ସହିଲାନାହିଁ । ସେ ଆଗନ୍ତୁକ ନିକଟକୁ ଆସି କହିଲା, "ମହାଜନ, ତୁମେ ରମାକୁ ଖେଳିବାକୁ ତ କହିଲ । ହେଲେ, ସେ କାମ ନ କଲେ ଖାଇବ କଣ ?"

"ତେବେ, ସେ ତୁମ ଝିଅ ନୁହେଁ ?"

ସାହୁଆଣୀ ଜିଭ କାମୁଡ଼ି କହିଲା, "ଏ ମା, ସେ ମୋ ଝିଅ କାହିଁକି ହୁଅନ୍ତା ମ ? ମାଗିଣିଆ ପିଲାଟାଏ ସିନା ଆସି ଆମ ଘରେ ରହିଚି । ଆମେ ତାକୁ ଖୁଆଇ ପିଆଇ ରଖିଚୁ । ସେଥିରେ ତୁମେ କହୁଚ କଣ ନା ସେ ମୋ ଝିଅ ! ତୁମ ପସନ୍ଦକୁ ଏ କଥା ଦିଶିଲା ?"

ଆଗନ୍ତୁକ ଓ ସାହୁଆଣୀ କଥାବାର୍ତ୍ତା ହେଉଥିବାବେଳେ ରମା କାନ ପାରି ଶୁଣୁଥିଲା । ସେ ଅବଶ୍ୟ ସବୁ କଥା ବୁଝିପାରିଲାନାହିଁ । ସେତେବେଳେ ସ୍ୱସ୍ତି ଏବଂ ଚମ୍ପାଙ୍କ କଣ୍ଢେଇଟିଏ ଦେଖି ସେ ତାକୁ ହାତରେ ଧରିଲା । କଣ୍ଢେଇ ଧରି, ରମା ଆନନ୍ଦରେ ବିହ୍ୱଳ ହୋଇପଡ଼ିଲା । ସେ ତାକୁ ଲୁଗା ଭିତରେ ପୂରାଇ ଛାତିରେ ଯାକିଧରିଲା, ଯେପରିକି ସେ ନିଜେ ଗୋଟିଏ ପିଲା ଜନ୍ମ କରିଛି । ଲୁଗାର କଣାବାଟେ କଣ୍ଢେଇର ଗୋଟାଏ ଗୋଡ଼ ବାହାରକୁ ବାହାରିପଡ଼ିଥିଲା । ତାହା ଦେଖି ଚମ୍ପା ସ୍ୱସ୍ତିକୁ କହିଲା, "ଦେଖ ମ, ଟୋକୀର କେଡ଼େ ସାହସ । ଆମ କଣ୍ଢେଇ ନେଇ ଧରିଲାଣି ।" ଶୁଣି, ସାହୁଆଣୀ ଆଗନ୍ତୁକ ସହିତ କଥାବାର୍ତ୍ତା ହେବା ଛାଡ଼ିଦେଇ, ପ୍ରଚଣ୍ଡ ପାଟି କରି କହିଲା, "ରମା !"

ରମା ଚମକି ପଡ଼ିଲା; ସତେ ଅବା ତା ପାଦତଳେ ସମସ୍ତ ପୃଥିବୀଟା ମୁହୂର୍ତ୍ତିକ ପାଇଁ ଖଣ୍ଡ ଖଣ୍ଡ ହୋଇଗଲା । ସେ କଣ୍ଢେଇଟି ତଳେ ଥୋଇଦେଲା, ଆଖି ମଳି, କଇଁ କଇଁ ହୋଇ କାନ୍ଦିବାକୁ ଲାଗିଲା । ଶୁଣି, ଆଗନ୍ତୁକ ପଚାରିଲା, "ହେଲା କଣ ?" ରମା ପକ୍ଷରୁ ସାହୁଆଣୀ ଉତ୍ତର ଦେଲା, "ମୁହଁ ବଢ଼ି ଯାଉଚି । ମୋ ପିଲାଙ୍କ କଣ୍ଢେଇ ପୁଣି ଏ କାଲକାନି ହାତରେ ଛୁଇଁବ । ମଲୁନାହିଁ ଲୋ ତୁ !"

ଆଗନ୍ତୁକ ପଦେ କଥା ନ କହି, ଦାଣ୍ଡ ଦ୍ୱାର ଫିଟାଇ, ବାହାରକୁ ଚାଲିଗଲା । ତା ଅନୁପସ୍ଥିତିରେ ସାହୁଆଣୀ ରମା ପିଠିକି ଗୋଇଠାଏ ମାରିଲା । ରମା ଆହୁରି ଚିତ୍କାର କରି କାନ୍ଦିଲା । ଦାଣ୍ଡ ଦ୍ୱାର ପୁଣି ଫିଟିଲା । ଆଗନ୍ତୁକ ପାଖ ଦୋକାନରୁ ସବୁଠାରୁ ଭଲ କଣ୍ଢେଇଟିଏ ଆଣି ରମା ଆଗରେ ଠିଆ କରାଇ କହିଲା, "ଏଇ ନେ, ତୋର ଏ କଣ୍ଢେଇଟି ।" ରମା କଣ୍ଢେଇଟି ଦେଖି ପଛକୁ ଘୁଞ୍ଚିଗଲା ଏବଂ କଣରେ ଯାଇ ଲୁଚିଲା । ସେ କାନ୍ଦିଲା ନାହିଁ, କି କଥା କହିଲା ନାହିଁ । ଏପରିକି,

ସେତେବେଳେ ସେ ନିଃଶ୍ୱାସ ମାରୁଥିଲା କି ନା ତାହା ବୁଝାଯାଉନଥିଲା । ସାନ୍ତୁଆଣୀ ମଧ୍ୟ ସ୍ତମ୍ଭୀଭୂତ ହୋଇ ଠିଆ ହୋଇଥିଲା । ସେ ମନେ ମନେ ଭାବିଲା, "ଏ କଣ ମାଗିଖିଆ ନା କୋଟିପତି ? ନା, ଏ ଦୁଇଟାରୁ କିଛି ନୁହେଁ; ଗୋଟାଏ ଭବଘୁରେ ହବ ।"

ସେତେବେଳେ ଧନା ସାନ୍ତ ଖଣ୍ଡେ ଦୂରରୁ ବୁଝି, ଭାର୍ଯ୍ୟା ପାଖକୁ ଧାଇଁଆସି ତା କାନରେ କହିଲା, "ଏ କଣ୍ଢେଇଟା ଦାମ୍ ଚାରି ଟଙ୍କାରୁ ଊଣା ହବନାହିଁ । ତୁ ଖରିଦ୍ କରି ? ତା ଗୋଡ଼ତଳେ ମୁଣ୍ଡିଆ ମାର୍ ।" ଶୁଣି ସାନ୍ତୁଆଣୀ ଭୁଲିପଡ଼ି କହିଲା, "ମା ରମା, ତୋ ପାଇଁ ମହାଜନ କଣ୍ଢେଇ ଆଣି ଦେଇଚନ୍ତି ପରା । ତୁ ନେଇ ରଖ୍ ।" ବର୍ଷାପରେ ଆକାଶର ଇନ୍ଦ୍ରଧନୁ ପରି, ରମାର ଅଶ୍ରୁସିକ୍ତ ଅଧରରେ ହସର ଗୋଟିଏ କ୍ଷୀଣ ରେଖା ଝଲକି ଉଠିଲା । ସେ ଆନନ୍ଦରେ ବିହ୍ୱଳ ହୋଇ ପଚାରିଲା. "ମୁଁ ନେବି, ସାଆନ୍ତାଣୀ ?"

ସେ କରୁଣ ଦୃଶ୍ୟରେ, ଆଗନ୍ତୁକର ହୃଦୟ ଦୁଃଖ ଓ ସମବେଦନାରେ ଭରିଯାଇଥିଲା । ସେ ଭାବର ଏପରି ଏକ ସୋପାନରେ ଆସି ପହଞ୍ଚି ଥିଲା, ଯେଉଁ ଠାରେ କି ମନୁଷ୍ୟ, ପ୍ରାଣର କୋହ ଦବାଇ ରଖିବା ନିମନ୍ତେ କଥା ନ କହି, ନୀରବ ରହେ । ସୁତରାଂ ସାନ୍ତୁଆଣୀକି ରମା ଯାହା ପଚାରିଥିଲା, ତାର ଉତ୍ତରରେ ସାନ୍ତୁଆଣୀ କିଛି କହିବା ପୂର୍ବରୁ, ସେ ନିଜେ ମୁଣ୍ଡ ଠାରି, ସମ୍ମତି ଜଣାଇଲା । ରମା କଣ୍ଢେଇଟି ଧରି କହିଲା, "ମୋ କୁନି ନାଁ 'ରାଣୀ' ।" ରମାର ଛିଣ୍ଡା କନା ଭିତରୁ ତା 'ରାଣୀ'ର ଶୋଭା ଝଲକି ଉଠିଲା ।

ସାନ୍ତୁଆଣୀଙ୍କ ହୃଦୟମମସ୍ତ ଶାସନ ମଧ୍ୟରୁ ଖସି, ରମା ଯେ ହଠାତ୍ ଏତେ ସ୍ୱାଧୀନତା ଲାଭ କରିବ, ତାହା କେହି ସ୍ୱପ୍ନରେ ମନେ କରି ନ ଥିଲା । ଆଉ ଯାହା କଥା ଯାହାହେଉ, ନିଜେ ସାନ୍ତୁଆଣୀ ତା କେବେ କଳ୍ପନାରେ ଭାବି ନ ଥିଲା । ଆଗନ୍ତୁକ ପ୍ରତି ଘୃଣାରେ ତା ହୃଦୟ ଜଳିବାକୁ ଲାଗିଲା । କିନ୍ତୁ ହୃଦୟର ବହ୍ନି ତାକୁ ହୃଦୟ ମଧ୍ୟରେ ଲୁଚାଇ ରଖିବାକୁ ହେଲା । ସେ ରମା ଏବଂ ସ୍ୱାମୀ ଦୁହିଁଙ୍କୁ ଶୋଇବାକୁ ପଠାଇ ଦେଇ, ଆଗନ୍ତୁକକୁ ଆସି କହିଲା, "ରମାଟି ଦିନଯାକ ଖଟି ଖଟି ଥକି ଯାଇଥିବ । ଏତେବେଳ ତ ଖେଳିଲାଣି ଏବେ ଯାଇ ଶୋଉ ।" ରମା ସାନ୍ତୁଆଣୀଙ୍କ କଥା ମାତ୍ର ଶୁଣି, ଆଦେଶ ପାଇବାକୁ ଅପେକ୍ଷା ନ କରି ଶୋଇବାକୁ ଚାଲିଗଲା ଏବଂ ତା ରାଣୀଟିକି ବୁକୁରେ ଧରି ଶୋଇପଡ଼ିଲା ।

ଆଗନ୍ତୁକ ଯେଉଁ ଘରେ ଯେପରି ଭାବରେ ବସିଥିଲା, ସେହିଠାରେ ସେହିପରି ବସି ରହିଲା । ପିଲାମାନେ ଶୋଇପଡ଼ିଲେ; ବାଟୋଇମାନେ ଦିବସର ପରିଶ୍ରମ ପରେ

ନିଦ୍ରାଦେବୀଙ୍କ କୋଳରେ ଆଶ୍ରୟ ନେଲେ । କିନ୍ତୁ ତାର ନିଦ୍ରା ନାହିଁ । ସେ ବସିଥିବାରୁ ଧନା ସାହୁ ଓ ସାହୁଆଣୀ ମଧ୍ୟ ଶୋଇପାରିଲେ ନାହିଁ । ଘଣ୍ଟି ଘଣ୍ଟ ହୋଇ ରାତି ବଢ଼ିବାକୁ ଲାଗିଲା । କ୍ରମେ ନିଶା ଗର୍ଜିଲା । ଶେଷରେ ଯେତେବେଳେ ଖୋରଧାର ନୂଆ କଚେରି ଘଣ୍ଟାରେ ଦୁଇଟା ବାଜିଲା, ସାହୁଆଣୀ ପରାଜୟ ସ୍ୱୀକାର କରି ସ୍ୱାମୀଙ୍କୁ କହିଲା, "ମୁଁ ଶୋଇବାକୁ ଗଲି । ତୁମେ ବସିଥିବ ତ ବସିଥାଅ ।" ଧନା ସାହୁ ତା ପରେ କେତେକ ସମୟ ବସି ରହିଲା । ମାତ୍ର ସେ ମଧ୍ୟ କ୍ଳାନ୍ତ ହୋଇ ଆଗନ୍ତୁକଙ୍କୁ ଯାଇ ପଚାରିଲା, "ମହାଜନ, ଆପଣ କଣ ଟିକିଏ ଶୋଇବେ ନାହିଁ ?"

"ହଁ, ଶୋଇବି । କେଉଁଠି ତୁମ ଗୁହାଳ, ଟିକିଏ ଦେଖେଇ ଦେଲ ।" ଧନା ସାହୁ ହସି ଉତ୍ତର ଦେଲା, "ଆସ ମୋ ସାଥିରେ ।" ସେ ପୋଲଙ୍ଗ ବଳିତା ଧରି ଆଗେ ଆଗେ ଚାଲିଲା । ଆଗନ୍ତୁକ ନିଜ ଥଳି ଏବଂ ବାଡ଼ି ଖଣ୍ଡି ନେଇ, ପଛେ ପଛେ ଗଲା । ଯାଇ ଗୋଟିଏ ଘର ଭିତରେ ପହଞ୍ଚି, ଆଗନ୍ତୁକ ପଚାରିଲା, "ଏ କି ଘର ?"

"ଏ ଟା ହଳଦିଆ ସାଆନ୍ତଙ୍କ ବସା । ସେ ଆସିଲେ ଏ ଘରେ ରହନ୍ତି । ତାଙ୍କର ହୁକୁମ ଅଛି ଯେ ଏଠେଇ ମୁଁ ଆଉ କାହାକୁ ରଖିପାରିବି ନାହିଁ । ସେ ବରଷକେ ଦିନେ ରହନ୍ତୁ, ଦି ଦିନ ରହନ୍ତୁ କି ନ ରହନ୍ତୁ, ମତେ ବରଷକ ଭଡ଼ା ଚଉରାଶି ଟଙ୍କା ଦେଇ ଦିଅନ୍ତି ।"

"ମୁଁ ଏଡ଼େ ବଡ଼ ଘରଟାରେ କାହିଁକି ଶୋଇବି ? ମୁଁ ତ ଗୁହାଳରେ ଶୋଇବା ଲାଏକ ଲୋକ ।" ଧନା ସାହୁ ଶୁଣି ନ ଶୁଣିଲା ପରି ହୋଇ, ଆଗନ୍ତୁକଙ୍କୁ ସେହି ଘରେ ଛାଡ଼ି ଚାଲିଗଲା ।

—୧୭—

## ଏ ସେ ନୁହେଁ

ଧନା ସାହୁ ଓ ତା ଭାର୍ଯ୍ୟା ବିଷୟରେ ଏ ପର୍ଯ୍ୟନ୍ତ ଯେଉଁ ବିବରଣ ଦିଆଯାଇଛି, ତାହା ବାସ୍ତବିକ ନିତାନ୍ତ ଆଂଶିକ ମାତ୍ର । ସାହୁଆଣୀ ଆକୃତିରେ ଯେ ଗୋଟାଏ ଅପୂରୁଣୀ ଜାତୀୟ ଜୀବ, ତାର କେବଳ ସୂଚନା ମିଳିଛି । ସେ ଘରର ଯାବତୀୟ କାର୍ଯ୍ୟ କରୁଥିଲା । ଘର ଓଳାଇବା, ବେଢ଼େଇ

ବାପୁ ଦାସ ଚୂନପଥ ଖାଏ । ମଠ ମଧ୍ୟରେ ହେଉ ଚୂନ ଗୋଳିବା ଧନାକୁ ମୁକ୍ତ ପାଇବା କମନ୍ତେ, ସେ ଯୁଗରୁ ମଠକୁ ମହାପ୍ରସାଦ ଅଣା ହେଉଥିବେଳେ ଚୂନଗୁଣ୍ଡ ଡବ୍ବା ସଙ୍ଗରେ ବସିଥାଏ । ପାଣ୍ଡୁ ନାଏକ ଯାଇ ଡବ୍ବାଟିକ ଚୂନଗୁଣ୍ଡ ଉପରେ ପକାଇଲା । ସେ ପାଃ ଗଣ୍ଡି ପାଇଟି, ଚୂନପାଣିରେ ବୁଡ଼ାଇ, ଧଳା କରି ଦେଲା । ଦେଖି, ବାପୁ ଦାସ କହିଲେ, ଏଥର ଚମତ୍କାର । ତୁମି କି ପଦ୍ ଦେଖ ପାଏ ନାହିଁ, ଦେବାନେ" କହି, ସେ ପାଣ୍ଡୁ ନାଏକକୁ ଧରି, ଲୁଚି ଲୁଚି ସମାଧି ପଥକୁ ନେଲେ । ସମାଧିର ଗୋଟାଏ କୋଣରେ ଅନ୍ଧାରିଆ ସ୍ଥାନ । ସେ ସବୁରେ ଦିନବେଳେ ସୁଦ୍ଧା ସାପ ଭୟ ପିଣ୍ଡ ତଳେ ଜଣା ମାରିବାକୁ ହୁଏ । ସେଠାରେ ପଶି, ପାଣ୍ଡୁ ନାଏକ ଗୋଟାଏ କଣରେ ଗାର ଲେଖିଦେଲା । ବାପୁ ଦାସକୁ କହିଲା, "ପିଣ୍ଡ ତ ଯଦି ପଶିଲେ ମାତେ ମୁଁ ହେଉଛି ଘଣ୍ଟି ଗୋଇପଡ଼ିବ । ତୁମେ ଖାଲେ ଖାଲେ ଟଙ୍କା ମାରିଦେବି ।"

"ନା, ଦେବାନେ, ମୁଁ ପାରେ ନାହିଁ । ମୋତେ ସେ ବଞ୍ଚାଇବ କାହିଁ ପାଇଁ ମାରିଦେବ ? ଏହା ହବ ନାହିଁ ତୁମେ ।"

—୨୩—

## ଆଉ ବାପୁ ଦାସଙ୍କୁ ଉଠିଲୁ

[illegible]

ଚିନ୍ତା କରେ ବଡ଼ ହୋଇ ମରିବା ପରେ ଗାଇ ମାଟିରେ ପୋତା ହେବା ପରେ ପୁଣି ବଞ୍ଚିବାକୁ ଆଶା କରିବା, ତା ପକ୍ଷେ କୋଉଠାଏ ଜଣାଶୁଣା ସହଜ କଥା । ତେଣୁ ବାପୁ ବାଘ ପଚାରିଲା, "ତୁମେ ଜାଣିଛ କଣ କେମିତି ?"

"ସେ ତ ଅତି ସହଜ କଥା । ତୁମେ ଚିରମିଟ୍‌ରେ ପିମ୍ପୁଡ଼ିରେ ଦୂର ସୁରଙ୍ଗ କଥା କହୁଛ ତା ମୋର ଭଲ ଏଥର ଜୁଟେ । ମୁଁ ଗାଈ ସବୁଠ ମାଟିରେ ପୋତିହେଲା ପରେ କେଉଁ ଉପାୟ ବାହାରିବ ? ସେପରି ହେଲେ, ମତେ ବର୍ତ୍ତମାନ ଏଠୁ ଏଇ ପିମ୍ପୁଡ଼ିରେ ଲଣ୍ଡି ହୋଇ ଦିଅବାକୁ ହବ । ଆଉ ତେଣୁ ଉପାୟ ନାହିଁ, ବାପୁ ଭଲ !"

"ତେବାଦେ, ତୁମେ ଗା କରୁଚ, ମୁଁ ତା କରୁ ନାହିଁ । ତୁମେ ଅତ ବଞ୍ଚିଥାଉ, ପିମ୍ପୁଡ଼ି ଭିତରେ ରହ, ସମାଧି ସ୍ଥାନ ପର୍ଯ୍ୟନ୍ତ ଗାଡ଼ିପାରିବ, କେଣିକି ଗୁଟେଇ-ଆସିବା କଥା ମୋ ଦେଖାଉ । ସମାଧି ଖୋଳିବାବାଲା ଲୋକମାନେ ମୋର ଆସନର ଚେଳ; ଦୁଇ ଚାରିମ ଜଣାରେ ଟୁଙ୍ଗ୍‌ଟାଙ୍ଗ୍ ହୋଇଯାଏ । ମୁଁ ତ ସାରେ ସାରେ ଦିଅନା । ପ୍ରତ୍ୟେକ ତ ମରୁ ପଡି ବୁଝାଇଦେବେ, ମୁଁ ଲୋକମାନେ ସାରେ ରହିବି । ତାକୁ ଉପମ ପ୍ରକାଶ ଧରେଇଦେଲେ ସେ ଜଣାରେ ଭରିପଡ଼ିବ । ତୁମେ ପିମ୍ପୁଡ଼ିକୁ ଛାଡି ବାହାରିଆସିବ ପରେ ମୁଁ ମାଟି ପକେଇ ପୋତିଦେବ । ଲୋକମାନେ ଛାଡି ଦେଖିବ, ସବୁ ଠିକ । ହେଲେ, ପିମ୍ପୁଡ଼ିରେ ତ ମୁଁ ଥିବା ନାହିଁ । ତୁମେ ସେ ଭିତରୁ ବାହାରିବ କିପରି ?"

"ଆ, ଏଇ କଥା ତ ! ଏକେବେଳକେ ଭୁଲିଗଲି ନାହିଁ, ବାପେ ! କେଉଁଠୁ ଆସିବ ନାହିଁ, ତ କୋଉଠି ଆସିବନାହିଁ । ଉପର ପୋକଟି ଛାଡି ତ ଉପର ଭିତ ତ ଉଠା ଉଧା ଗାଏ ଠୁକେଇ ବସିଦେଉଥିବ । ମୋତେ ଜାଣ ଦେଲେ, ମୁଁ ଉଚ୍ଚ ଚେଇଁ, ପୋକଟି ଚିହ୍ନେଇ ଉଠିପଡ଼ିବ ।" ଶୁଣି, ବାପୁ ବାଘ ଗଲ ବାମ୍ଫୁ ପାଖୁ ଜାଏବ ହାତ ଧରି ପକାଇଲା । କହିଲା, "ହଁ, ଠ ଭାଇଙ୍କ ତୁମର, ତେବାଦେ ! ଏ ତ ମର ପୁଣି ଜନ୍ମ ହବା କଥା ।"

"ଉସ୍ତୁ କର ନାହିଁ ବାଘେ : ସବୁ ଠିକ୍ ଠିକ୍ ହୋଇଯିବ ।"

ସେ ଦଳ ଅପେକ୍ଷା ଥାଇ ଥାଇ ବସି ଦେଖେ ପିମ୍ପୁଡ଼ି କୋଉଠାଏ ଗୁଡାଏ ତୋଳୋଇ ଉପରେ ବସି, ଆଠ ଦଶ ଦୁଆରୀ ଧରି ବାଟରେ ବୁଲୁଥାନ୍ତି । ପିମ୍ପୁଡ଼ି ଉପରେ ଅନ୍ୟ ଜଣେ ଅନୁମାନ କରନ୍ତି; ଦୁଇ ଏକ ଜଣାଶୁଣା, ଗୁଡ଼ାଏ ଉଠି ଆଗେ ମନ୍ଦ ଧରି ବୁଲନ୍ତି । ମଠର ଆଡ ଆଡ ବାଟମାନଙ୍କ ଗଳିର ଦୁଆରେ

ଆତ୍ମାର ମଙ୍ଗଳ ହେଉ ବୋଲି । ଶେଷି, ସର୍ବୋଚ୍ଚ ମହାରାଜ କହିଲେ, "ଏ ଆତ୍ମା ବ୍ରହ୍ମରେ ଲୀନ ହୋଇଯାଉ !" ଏହା କହି ସେ ଗୋଟାଏ ଶଙ୍ଖଧ୍ୱନି କଲେ, ଆଉ ତୁରନ୍ତ ତୁରନ୍ତ ଜଣେ, ଭୂଇଁରେ ମୁଣ୍ଡ ରଖାଇ ଗୋଟିଏ ମୁଣ୍ଡିଆ ମାରିଲେ ଏବଂ ଛୁରି ମୁଣ୍ଡ ଧରି ଠିଆ କହିଲେ, "ଦୁନିଆଟା ତ ଏୟା । ତଥାପି ଏ ଜାଗାରେ ରହିବା କିଛି ଲାଭ ?" କହି ସାରି, ସେ ଗଲା ସ୍ଥାନରେ ଯାଇ ଠିଆ ହେଲେ । ତାଙ୍କ ଦାଏନ୍ଦୁ ସେ ଘରରେ ପୁଣି ଫେରିବାର ବ୍ୟବସ୍ଥା କରିବା ପାଇଁ ସେ ସେଠାକୁ ଆସିଥିଲେ ।

ତିବ୍ବତ ଲୋକମାନଙ୍କ ସମାଧି ସ୍ଥାନ ଦ୍ୱାରେ ପହଞ୍ଚି, ଆଶ୍ଚର୍ଯ୍ୟ ହେଲି । ସମାଧି ସ୍ଥାନଟି ଗୋଟିଏ ବଡ଼ ଅଗଣା । ତା ଚାରିପଟେ ଗୋଟାଏ ପ୍ରକାଣ୍ଡ ପାଚେରି । ଭିତରକୁ ଯିବା ଆସିବା ପାଇଁ ଗୋଟିଏ ମାତ୍ର ଦ୍ୱାର । ସେ ଦ୍ୱାରରେ ଗୋଟାଏ ଖୁବ୍ ବଡ଼ ଲୁହା କବାଟ ଲାଗିଥିଲା, ଯେତେ ଜଣ ଲୋକଙ୍କ ମୃତ ଆତ୍ମାମାନଙ୍କ ପ୍ରେତାତ୍ମା ବାହାରକୁ ଛାଡ଼ି ନ ଦେବାକୁ ଉକ୍ତ ବନ୍ଦୋବସ୍ତ । କବାଟରେ ମନ୍ତ୍ରପୂତ ତାଲାପ । ସେ ଭିତରକୁ ସମସ୍ତେ ଯାଇ ପାରନ୍ତି ନାହିଁ, କେବଳ ସମାଧି ସ୍ଥଳ ମଠର ପାଳକମାନେ, ପୁରୋହିତ ଓ ମାଳୀ ଯାଆନ୍ତି । ସମାଧି ଖୋଳିବା ହେଉ ମଧ୍ୟ ଯାଏ । ଅନ୍ୟ ଲୋକ ତାକୁ ଗୋଟିଏ ଅସ୍ପୃଶ୍ୟ ଜାତି ଭାବନ୍ତି ଥାଏ । ଯଦି ଭୁଲରେ ବି କେବେ, ସେ ସମାଧି ପାଚେରି ଭିତରେ ପାଦ ପକାଇବେ, ତାକୁ ଘରର ବାହା ଦଣ୍ଡ ଦେବାକୁ ହୁଏ । ସେହି ଅସ୍ପୃଶ୍ୟ ଲୋକ ଦୁଆର ବାହାର ବୃଦ୍ଧ ଠାଏ, ତାକୁ ପୁଣି ଭିତରେ ପାଦ ପକାଇବା ପାଇଁ ସମସ୍ତ ସମାଧି ସ୍ଥାନ ପୂଣ୍ୟ ସ୍ଥାନ । ସେଥିରେ ସମସ୍ତ ଲୋକଙ୍କ ପାପର ପ୍ରେତର, ମାତାମାନଙ୍କ ସ୍ୱର୍ଗକୁ ଯିବା ବାଟ ପଡ଼ିଲା ହୋଇଥିବ ବୋଲି ପୁଣିମାନଙ୍କ ଧାରଣା । ସେଥିପାଇଁ ଏତେ ଜାତ୍ର । କେବଳ ସମାଧି ଖୋଳ ମାଟି ଖୋଳାଇବା ପାଇଁ ସେ ଗୋଟିଏ ଲୋକ ରଖିବାକୁ ହୁଏ, ସେ ନ ଥିଲେ ନ ଚଳେ ବୋଲି ତା ଜୀବନ ଚଳାଇ ରଖାଯାଇଥାଏ । ସେ ମଧ୍ୟ ଘରକୁ ଭିତରେ ଯାଏ ନାହିଁ । ତାକୁ ଅଳ୍ପ ସମୟରେ ସ୍ୱାମୀମାନେ ଦଣ୍ଡ ଦେଇ, ଭିତରେ ପୁଣ ଖୋଳିବାକୁ ହୁଏ ।

ତିବ୍ବତ ସମାଧି-ଭୂମି ଦ୍ୱାରେ ପହଞ୍ଚାଇବ କବାଟ ଲୋକମାନଙ୍କ ଭିତରେ ଥାଇ ଦେଖିଲି, ତାଙ୍କ ଦାଏନ୍ଦ ଦେଖିଠାରେ ପହଞ୍ଚି, ଦୁଃଖୀଥିଲି । ତାଙ୍କ ଦାଏ ଲେଖ ଲେଖ ସ୍ନେହର ସ୍ନେହର ବୃଦ୍ଧ । ତା ଚୁନ୍ଦୁ ଭିତରେ କୁତୁହଳୀ ଦୁନ୍ଦୁ ଦୁନ୍ଦୁ କରୁଥାଏ । ଜାଣି ତା ମନରେ ଅଦ୍ଭୁତ ଆନନ୍ଦ ଲାଗୁଥିଲା । ସେ ଲୋକକୁ ବାହାରକୁ ଆଣି ଗୁଳଦେଉଥାନ୍ତି ଓ ବର୍ତ୍ତମାନ ଦେବାଙ୍କ ସୁନ୍ଦର ସୁନ୍ଦର ଜଳ ସ୍ଥାନରେ ରଖି ଦେଲେ । ତୁମଙ୍କ ତା ମନରେ ଶୋକ ମାତ୍ର ଶଙ୍କା ନାହିଁ ।

ସମାଧି-ଭୂମିରେ ଆଗରୁ ଗାତ ଖୋଳା ହୋଇ ରଖାଯାଇଥିଲା । ସିନ୍ଦୂର ବିନ୍ଦି ସେତେବେଳେ ସେହି ଗାତ ପାଖେ ଭୂଇଁରେ ଥୁଆ ହେଲା, ବାସୁ ଦାସ ଏ କଥା ବୁଝିପାରିଲା । ତା ପରେ ବାଳକମାନେ ସଙ୍କୀର୍ତ୍ତନ କଲେ । ସଙ୍କୀର୍ତ୍ତନ ପରେ ପୁରୋହିତ ମନ୍ତ୍ର ପଢ଼ିଲେ । ସେତେବେଳେ ବାସୁ ଦାସ ଦେଖିଲା, ଜଣେ ଅପରିଚିତ ଲୋକ ହାତରେ ଗୋଟାଏ ମୋଟ କୋଦାଳ ଧରି ଠିଆ ହୋଇଛି । ପଚାରିଲା, "ତୁ କିଏ ?"

"ମୁଁ ସମାଧି ଖୋଳିବା ବାଲା" । ସେ ଶବ୍ଦଟା ଗୋଟାଏ ବଜ୍ରନାଦ ପରି ବାସୁ ଦାସ କାନରେ ଆସି ପଡ଼ିଲା । ସେ କହିଲା, "ନା, ଜଗନ୍ନାଥଆ ତ ଖୋଳିବା ବାଲା, ତୁ କିଏ ?"

"ସେ ମଲାଣି ।" ବାସୁ ଦାସ ଏପରି ଉତ୍ତର ପଦେ କାନରେ ଶୁଣିବା ଲାଗି ଆଦୌ ପ୍ରସ୍ତୁତ ନ ଥିଲା । ସମାଧି ଖୋଳିବାବାଲାର ପୁଣି ମୃତ୍ୟୁ କଣ ? କିନ୍ତୁ ଜଗତର ନିୟମ, ଯେ ଅପର ଲୋକଙ୍କ ପାଇଁ ସମାଧି ଖୋଳେ, ସେ ମଧ୍ୟ ନିଜ ପାଇଁ ଗୋଟିଏ ଗାତ ଖୋଳି ରଖିଥାଏ । ବାସୁ ଦାସ ପାଟି ଫିଟାଇ, ଆଁ କରି, ଉଦ୍‌ଭ୍ରାନ୍ତ ଓଲି ଲୋକ ପରି ଠିଆ ହେଲା । ତା ପରେ ସେ ଗନେଇ ଗନେଇ କହିଲା, "ନା, ତୋତେ ମୁଁ ଚିହ୍ନେନା । ଜଗନ୍ନାଥଆ ଜଣେ ସମାଧି ଖୋଳିବାବାଲା ।"

"ମୁଁ ତୋତା ରୁ ଲୋକଟା । ଆଗେ ମୁକୁନ୍ଦ ଦେବ ପରେ ରାମଚନ୍ଦ୍ର ... । ସେହିପରି ଜଗନ୍ନାଥ ପରେ ନାରାୟଣ । ମୋ ନା ନାରାୟଣ, ମନେ ... ।" ବାସୁଦାସର ଅନ୍ତରାତ୍ମା ଥରିଉଠିଲା । ତଥାପି ସେ ଉପରେ ହସି କହିଲା, "...ହା, ଭଲ, ପାପ ଯାଉଛି । ତୁ ହେଲୁ, ଭଲ କଥା ତା ସାଙ୍ଗେ ମୋର ଯେପରି ଭାବ ଥିଲା, ତୋ ସାଙ୍ଗେ ତାଠୁଁ ବେଶି ଭାବ ହବ । ଆଜି ହେଉ କଲମ ବଦଳା । ଦୁହିଁଙ୍କର ପ୍ରେମ ପ୍ରୀତି ତ ସବୁ କଲମ ଉପରେ, ରେ ଭାଇ ।"

"ଦୂର୍, ମୁଁ କଲମ ଖାଏନା ।"

ପୁରୋହିତ ତାଙ୍କର ଶେଷ ମନ୍ତ୍ର ଉଚ୍ଚାରଣ କରିବାକୁ ଲାଗିଲେ । ସମସ୍ତ ହୋଇଆସିଲା । ବାସୁ ଦାସ କହିଲା, "ନାରାୟଣ ଭାଇ, ମୁଁ ଏଇ ମଠର ମାଳୀ । ଆମେ ଦୁହେଁ ବନ୍ଧୁ ବନ୍ଧି ହବା ନାହିଁ ?"

"ହେଉ ତ ସାରିଲେଣି । ତୁ ମଠର ମଲହଟି ଓଳି ଲୋକ, ମୁଁ ଭଣ୍ଡ ସହରି । ଆଉ ବନ୍ଧୁ ବନ୍ଧି କଣ ହେବେ ?"

ଛାଃ, ଏତିକି କଲମ କଟାଇଁଲା ଏ ନ ବନ୍ଧୁ ? ତୁ କଲମ ଦେବେ ଖାଉ ନ ଥିଲେ, ଆଜ ଖାଇ ଦେଖିବୁ, କି ମଜା : ନାହିଁ ମନେ

"ନା ଭାଇ, ଅଳେ କାମ ।" ଶୁଣି, ବାସୁ ଦାସ କଲାକାଠ ପଡ଼ିଗଲା । ସେ ମନକୁ ମନ ଭାବିଲା, "ମୋ କଥା ସରିଲା ତେବେ ।"

ପୁରୋହିତ ମନ୍ତ୍ର ପଢ଼ିସାରିଲେ; ସିନ୍ଦୁକ ଉପରେ ପୁଣି ଫୁଲ ଚନ୍ଦନ ବୃଷ୍ଟି ହେଲା । ତାକୁ ଧୀରେ ଧୀରେ ଗାତ ଭିତରକୁ ଦଉଡ଼ିରେ ଓହ୍ଲାଇ ଦିଆଗଲା । ଭିତରେ ଥାଇ ବାସୁ ନାଏକ ଅନୁଭବ କଲା, ଯେତେ ଥର ଲୋକେ ଲୁଗାରେ ସିନ୍ଦୁକଟାକୁ ଓଲଟାଇ ତଳ ପଟ ଉପରକୁ ଓ ଉପର ପଟ ତଳକୁ କରି ଦୁମ୍ଭଳ ଗାତ ଭିତରକୁ ଡିଙ୍ଗିଦେଲେ । ମୁହୂର୍ତ୍ତକ ପାଇଁ ତା ଚେତା ବୁଡ଼ିଗଲା । ଚେତା ହେଲାରୁ ସେ ଦେଖିଲା, ସିନ୍ଦୁକଟି ଠିକ୍ ଅଛି ଏବଂ ସେ ପୂର୍ବ ପରି ସିଧା ଶୋଇ-ରହିଛି । ତଥାପି ତା ଦେହ ଥର ଥରିଗଲା । ଉପରେ 'ହରିବୋଲ' ଶବ୍ଦ ଶୁଣାଗଲା । ତୃତୀୟ ଥର 'ହରିବୋଲ' ପଡ଼ିଲା ପରେ ଲୋକେ ଫେରିଯିବାର ପାଦ ଶବ୍ଦ ସେ ଅସ୍ପଷ୍ଟ ଭାବରେ ଶୁଣିପାରିଲା । ସେ ମନେ ମନେ ଭାବିଲା, "ସମସ୍ତେ ତ ଗଲେ, ଏଠିରେ ରହିଲି ମୁଁ ଏକା, ଆଉ ଉପରେ ରହିଲେ ବାସୁ ଦାସ ଏବଂ ଜଗନ୍ନାଥ । ଏଇ ମୁହୂର୍ତ୍ତକ ପରେ ବାସୁ ଦାସ ମୋତେ ଉଦ୍ଧାର କରିବ । କଣ, ପାରିବ ନାହିଁ ?"

ହଠାତ୍ ଉପରୁ କୋଡ଼ିଏ ବଜ୍ରନାଦ ସମାନ ଭିତରକୁ ଶୁଣାଗଲା । ନାରାୟଣ କୋଡ଼ିଏ ମାଟି ଖୋଳି ଭିତରକୁ ପକାଇଦେଲା । ତା ଉପରେ ଆଉ କୋଡ଼ିଏ ପଡ଼ିଲା । ନାରାୟଣ ନର୍ଦ୍ଦପଣ୍ଡା ପୁଣି କୋଡ଼ ଉଠାଇ କଲାବେଳେ ବାସୁ ଦାସ ତାକୁ ହାତ ଯୋଡ଼ି କହିଲା, "ଭାଇ ରହ ରହ, ପୁଲାଏ ଚଲମ ଆଗେ ଖାଇନେ । ତା ପରେ ଦୁହେଁ ତ ଧନାଧନ କାମରେ ଲାଗିଯିବା । ତୁ ଖୋଳିବୁ, ମୁଁ ବୋହିବି । ଆସ ଆ, ଚଲମ ଧର । କହି, ବାସୁ ଦାସ ଅଣ୍ଟିରୁ ଚଲମ ବାହାରିକଲା । ସେ ଜଣେ ଚଲମ ଟାଣେ ବୋଲି ସେ ଚଲମଟି ଆଣିଥିଲା, ତା ନୁହେଁ । ଆଣିଥିଲା ଜଗନ୍ନାଥ ପାଇଁ । ଚଲମର ଅପାତ ଅବସ୍ଥାକୁ ହିତ କରିବା ନିମନ୍ତେ ନାରାୟଣକୁ ଡାକିଲା, "ଆ ଭାଇ, ଆ ।"

"ତୋ ଚଲମ ତିଆରି ରଖ, ଭାଇ; ମୁଁ ଅଳେ କାମ ସାରେ ।" ବାସୁ ଦାସକୁ ଭ୍ରୂକ୍ଷେପ କରିନାହିଁ; ମୁହୂର୍ତ୍ତକ ପାଇଁ ସବୁ ଅନ୍ଧାର ହୋଇଗଲା । ନାରାୟଣ ଆଉ ଦୁଇ କୋଡ଼ ମାଟି ସିନ୍ଦୁକ ଉପରେ ପକାଇଦେଲା । ସିନ୍ଦୁକ ଯୋଗୁଁ କି ଉପର ତଳ ବନ୍ଦ ହୋଇଯାଇଥିଲା । ନାରାୟଣ ନର୍ଦ୍ଦପଣ୍ଡା କୋଦାଳରେ ମାଟି ଖୋଳିଲାବେଳେ ତା କମ୍ପାପଣା ଗରଜଟି ଅଣ୍ଟାରେ ପିଠି ପାଖେ ଝୁଲୁଥିଲା । ବାସୁ ଦାସର ଦୃଷ୍ଟି ତହିଁରେ ପଡ଼ିଲା । ସେ ଧୀରେ ଧୀରେ ଯାଇ ଗରଜଟି କାଟିପକାଇ, କମ୍ପାପଣାଟି ଲୁଚାଇ ଦେଇଗଲା । ନାରାୟଣ କାମରେ ମସ୍ତ ରହି ଟେର ପାଇନାହିଁ । ତା ପରେ

ବାସୁ ଦାସ ଖଣ୍ଡେ ଦୂରରୁ ଘୁଞ୍ଚିଯାଇ କହିଲା, "ନାରାୟଣ ଭାଇ, ସୂର୍ଯ୍ୟ ତ ଅସ୍ତ ଯିବା ଉପରେ। ଖୁବ୍ ଫୁର୍ତ୍ତିରେ କାମ କରିବା ଦରକାର। ଜଲ୍ଦି ଯିବା ଟାଣିଥିଲେ ଦିନା ସବୁ ଫୁର୍ତ୍ତି। ଆଚ୍ଛା, ତୁ ତୋ ସକାଳପଟା ଆଣିଛୁଟି କି?"

ନାରାୟଣ କୋଦାଳ ଥୋଇଦେଇ, ବାଁ ହାତରେ ପିଣ୍ଡ ପାଖ ଦେଖାଇ, କହିଲା, "ହଁ, ମୁଁ କଣ ଆଣିନାହିଁ? ଆଣିଥିଲେ, ଯାଆନ୍ତା କୁଆଡ଼େ? ଘରେ ଛାଡ଼ିଆସିଥିବ ତ।"

"ପନ୍ଦର ଟଙ୍କା ନୋଟମାନ, ଜାଣିଛୁଟି କି?"

"ଜାଣିନ ତ! କେଉଁ କୁଆଡ଼େ?" କହି ନାରାୟଣ ଏକାନ୍ତ ବ୍ୟସ୍ତ ହୋଇ ପଡ଼ିଲା। ତା ହାତରୁ କୋଦାଳଟା ଖସି ତଳେ ପଡ଼ିଗଲା। ଦେଖି ବାସୁ ଦାସ କହିଲା, ଭଲେ, ଟଙ୍କା ପନ୍ଦରଟା ପାଇଁ ଅସ୍ଥିରତା କରୁଛୁ, ନା କଣ? ଯା, ଦଉଡ଼ି ଯା, ସବୁ ଧରି ଚାଲିଆସିବୁ। ମୁଁ ତୋ କାମ ଏଠି କରିଦେଉଛି। ଆସିଲେ, ସାଥି ହୋଇ ଯିବା।" ନାରାୟଣ କହିଲା, "ମାଲୀ ଭାଇ, ତୋ ଋଣ ମୁଁ ଜୀବନରେ ଶୁଝିପାରିବ ନାହିଁ। ଏଇ ମୋ କୋଦାଳ ରହିଲା। ପୁଞ୍ଜିଏ ପୁଞ୍ଜିଏ ମାଟି ପକେଇଦେବୁ। ମୁଁ ଏଇ ଦଉଡ଼ି ଯାଇ ଦଉଡ଼ି ଚାଲିଆସିବି।" କହି ନାରାୟଣ ଊର୍ଦ୍ଧ୍ୱଶ୍ୱାସରେ ଧାଇଁ ଚାଲିଗଲା।

ନାରାୟଣ ଅଦୃଶ୍ୟ ହୋଇଯିବା ପରେ, ବାସୁ ଦାସ ସମାଧି ଗାତ ଭିତରକୁ ଗାଇ ଧୀର ସ୍ୱରରେ ଡାକିଲା, "ଦେବାନ ହଜୁର!" କିନ୍ତୁ କେହି ଉତ୍ତର ମିଳିଲା ନାହିଁ। ବାସୁ ଦାସର ଆପାଦମସ୍ତକ ଥରିଗଲା। ସେ ସିନ୍ଦୂକ ଉପରେ ପଡ଼ିଥିବା ମାଟି ଅଳ୍ପେଇ ଗୋଡ଼ଣୀ ନେଇ ବସିଲା; କିନ୍ତୁ ପାରିଲା ନାହିଁ। କିନ୍ତୁ ସେ ଶେଷ ଅଣିଥିବା କହାଣୀ ଓ ନାରାୟଣର କୋଦାଳ ଦେଇ ଠେସ ଦେଇ ଗୋଡ଼ଣୀ ଫିଟାଇ ପକାଇଲା। ପାଣ୍ଡୁ ନାଏକ ଆଖି ବୁଜି ଶୋଇ ରହିଥିଲା ଓ ବାହିରେ ମଧ୍ୟ ଉଠିଲା ନାହିଁ। ବାସୁ ଦାସ ଯୋଟାଏ ଘର୍ଷଣାଶ୍ୱାସ ପକାଇ କହିଲା, "ଚାଲିଗଲେ!" ତା ପରେ କଣ ଘଟିଲା ସେ ଜାଣେ ନାହିଁ। କେତେକ ସମୟ ପରେ ତାକୁ କିଏ ହଲାଇ ଉଠାଇବାରୁ ସେ ଉଠି ବସିଲା; ପାଣ୍ଡୁ ନାଏକ ଆଗରେ ଠିଆ ହୋଇଛି। ସେ ଉଠି ଚମକିପଡ଼ିଲା।

ପାଣ୍ଡୁ ନାଏକ ଗମ୍ଭୀର ହୋଇ ପଡ଼ିଥିଲା। ଏବେ ସିନ୍ଦୂକର ଭଣା ସବୁ ମାଟି ପଡ଼ି ବନ୍ଦ ହୋଇଗଲା। ତା ପରେ ପୁଣି କଥା। ସେଥିରେ କାହାର ସନ୍ଦେହ କି ଜନ୍ମିବ? ପୁଣି ଦର୍ଶନ ବାସୁ ପାଇ ସେ ସଚେତ ହୋଇ ଉଠିଲା। ପାଣ୍ଡୁ ନାଏକ ଓ ବାସୁ ଦାସ, ଦୁହେଁ ଛାତି ମାଟି ପକାଇ, ଗାତ ପୁରୁଁ ବୁଜିଦେଲେ। ଏଣେ ସେଣେ ସେମାନେ ଦେଖିବାକୁ ଲାଗିଲେ। ନାରାୟଣର କ୍ଷୋଭଟାଣ୍ଡି ଦେଖାଇ ଆଜି

ନାଏକ ଫାଟକ ବାଟେ ପଶି ଆସିଲା । ସେ ତା ଚୋବାଲଷ୍ଟି ମଧ୍ୟ ଧରିଲା । ଦେଖି, ଜଗୁଆଳ ମନେ ମନେ ଭାବିଲା, "ଏ କଣ ? ସେ ଲୋକଟା ମତେ କହ୍ନାତ ଓଲ୍ ବନେଇଦେଇ ଗୁଲିଗଲା କେବେ । କହିଲା, 'ମୁଁ ନାରାୟଣ, ଖୋଲାଳୀ ।' ଖୋଲାଳୀ ତ ଏ । ପନର ତ ଯ୍ୟା ହାତରେ, ସେ ପଞ୍ଚି ମାର ଗୁଲିଗଲା ।" ମାତ୍ର କଥାଟା ଜଣାପଡ଼ିଲେ, ଭାରେ ଗୁଜବ ଚିବ, ସେଥିପାଇଁ ସେ ମୁହଁ ବୁଜି ରହିଲା । ପାଣ୍ଡୁ ନାଏକ ଓ ବାସୁ ଦାସ ଅବାଧରେ ବାହାରକୁ ଗୁଲିଗଲେ । ଫାଟକ ଦ୍ୱାର ପୁଣି ଜଣକଣ ତାଳ ବନ୍ଦ ହେଲା ଏବଂ ତାଲା ପଡ଼ିଲା । ସେତେବେଳକୁ ସନ୍ଧ୍ୟାର ଅନ୍ଧକାର ଘୋଟିଗଲାଣି, ଜହ୍ନ ପଡ଼ିବାକୁ ବିଳମ୍ବ ଅଛି ।

ଆର ଦିନ ସକାଳେ ମଠ ପଞ୍ଚର ବାଟେ ମାତାମାନେ ଘର ଭିତରୁ ଗୁହିଁ ଦେଖିଲେ, କୃଷ୍ଣପ୍ରିୟାଙ୍କ ସମାଧି ଲଗି ବାସୁଦାସ ଓ ତା ଭାଇ ଅଭୟ ଦାସ ମାଟି ଖୋଳିବାରେ ଲାଗିଛନ୍ତି । ମଠର ପାଣ୍ଡୁ ନାଏକକୁ ଦେଇ 'ଅଭୟ ଦାସ' ନାମରେ ଡାକ ସୁବିଧାରେ କହିବା ପାଇଁ 'ଆର ଦାସ' ବୋଲି ଡାକଲେ । ରମା ମଠ ବାଳକାମାନଙ୍କ ସଙ୍ଗେ ରହି ପାଠ ପଢ଼ିବାକୁ ଲାଗିଲା । ତା ନିମନ୍ତେ ମଠ ନିୟମ ଟିକିଏ ଶିଥିଳ କରାଯାଇ ଏହି ବ୍ୟବସ୍ଥା ହେଲା ଯେ ସେ ପ୍ରତିଦିନ ସଞ୍ଜାକପାଇଁ ବିଶ୍ରାମ ସମୟରେ ଅଭୟ ପାଖକୁ ଯାଇପାରିବ । ସେ ମଠର ଲୁଗା ପଟା ପିନ୍ଧି ଏବଂ ଅରୁଆ ପ୍ରସାଦ ଖାଇ, ଖୁସିରେ ରହିବାକୁ ଲାଗିଲା । ପାଣ୍ଡୁ ନାଏକ ତାକୁ ଯେଉଁ ଶାଢ଼ୀ ପିନ୍ଧାଇ ଯାତ୍ରା ସାଜି ଦେଇ ଆଣିଥିଲା, ସେ ଶାଢ଼ୀ ଓ ସେ ଯାତ୍ରା ସାଜ ସହେ ଯେଉଁ ଚୁଣ୍ଡା କଟା ପିନ୍ଧିଥିଲା, ସବୁ ଏକାଠି ସେହି ଶ୍ଳେଟିଆ ସିନ୍ଦୂକ ମଧ୍ୟରେ ଭର୍ତ୍ତି ରଖି ମୁଣ୍ଡ ପାଖେ ଥୋଇଲା ।

—୨୪—

## କିଏ କଣ ?

ଆଠ ନଅ ବର୍ଷ ଗୁଲିଗଲା । କଟକ ଚୌଧୁରୀବଜାର ଗଳିରେ ଗୋଟିଏ ଏଗାର ବାର ବର୍ଷ ବୟସର ବାଳକ ଅନେକ ସମୟରେ ଦେଖାଯାଉଥିଲା । ତା ପିନ୍ଧା ଲୁଗାଖଣ୍ଡ ଗୋଟାଏ ପ୍ରକାଣ୍ଡ ଶାଢ଼ୀ । ସେ ଶାଢ଼ୀ ସେ ତା ମା'ଠାରୁ ପାଇ ଥିଲା । ସେ ଯେଉଁ କୁରୁତାଟି ପିନ୍ଧିଥିଲା, ତାହା ତା ପାଦ ପର୍ଯ୍ୟନ୍ତ ପଡ଼ୁଥିଲା । ଅଥଚ ସେ କୁରୁତା ତା ବାପର ନୁହେଁ । କେତେ ଲୋକ ତାକୁ ଦୟା କରି କେ ଲାଗି ଲୁଗାପଟା ଦେଉଥିଲେ । ସେ କେତେବେଳେ ଲକ୍ଷ୍ମୀ ଉଜାଗର ପାଇଁ, କେତେବେଳେ

ବା ଶୀତରୁ ପରିତ୍ରାଣ ପାଇବା ନିମନ୍ତେ, ତାହା ଆଗ୍ରହରେ ପିନ୍ଧୁଥିଲା । ତା ବାପ ମା ଯେ ନ ଥିଲେ ତା ନୁହେଁ; ସେମାନେ ତାକୁ ପଚାରୁ ନ ଥିଲେ । ବାପ ମା ଥାଇ ଯୁଦ୍ଧ ସଂସାରରେ ଯେଉଁ କେତେଗୋଟି ଟ୍ରେଉଣ୍ଡ ପିଲା ଅଛନ୍ତି, ସେମାନଙ୍କ ମଧ୍ୟରେ ପରିଗଣିତ ହେବାପାଇଁ ତାର ପ୍ର ବ୍ଳ ଦାବି ରହିଥିଲା ।

ସେ ପିଲା ଯେଉଁଠାରେ ଯାହା ପାଉଥିଲା, ଖାଉଥିଲା, କେଉଁ ଦିନ କାହା ପିଣ୍ଡାତଳେ ଶୋଉଥିଲା, ଲୋକଙ୍କ ଠାରୁ ଗାଳି ମାଡ଼ ସହୁଥିଲା ସେ ସବୁ ବୋଧହୁଏ ତା ମା'ର ହୃଦୟ ଅପେକ୍ଷା ତାକୁ ଅଧିକ କୋମଳ ବୋଧ ହେଉଥିଲା । ତଥାପି ସେ ବେଳେ ବେଳେ କହୁଥିଲା, ''ଆଜି ମୁଁ ମା'କୁ ଦେଖିବାକୁ ଯିବି'' କହି, ସେ ତେଲଙ୍ଗାବଜାର ଅଞ୍ଚଳ ଗ୍ରାଣ୍ଡ, ମଙ୍ଗଳାବାଗର ସେହି 'ଦରଜି କୋଠା' ତଳ ମହଲା ଘରକୁ ଚାଲିଯାଏ । ସେ ସମୟରେ ଦରଜିକୋଠାର ଭଙ୍ଗା କାନ୍ଥଟି କେତେଗୁଡ଼ାଏ ଖଡ଼ି ଚିହ୍ନରେ ସୁସଜ୍ଜିତ ହୋଇ ରହିଥିଲା । ସେ ଚିହ୍ନଗୁଡ଼ିକ ମିଶାଇ ଦେଖିଲେ ପଢ଼ି ହୁଏ, ''ଘର ଭଡ଼ା ଦିଆଯିବ ।'' ତଥାପି ସେ ଘରେ କେତେଗୁଡ଼ାଏ ଲୋକ ରହୁଥିଲେ । ସେମାନେ ଯେ କିଏ ଏବଂ କାହିଁକି ରହୁଥିଲେ, ତାହା ଜାଣିବା ଦୁଷ୍କର । ସେମାନେ ନିଜେ ମଧ୍ୟ ତାହା ଜାଣିଥିଲେ କି ନାହିଁ ସନ୍ଦେହ । ତେବେ, ଏତିକି କୁହାଯାଇପାରେ ଯେ ସେମାନେ ଚାରି ଜଣ ଲୋକ ଏକତ୍ର ଗୋଟିଏ ପରିବାର ଗଢ଼ି ରହିଥିଲେ । ସେ ମଧ୍ୟରୁ ଦୁଇ ଜଣ ଚଉଦ ପନ୍ଦର ବର୍ଷର ବାଳିକା ଏବଂ ଆଉ ଦୁଇ ଜଣ ତାଙ୍କ ବାପ ମା ।

ବାପ ନିଜକୁ ଅଗାଧୁ ବେହେରା ନାମରେ ଚଳାଉଥିଲା । ବାଳକଟି ଅଗାଧୁ ବେହେରାର ପୁଅ । ଅଗାଧୁ ବେହେରା ଘରେ ପୁଅ ମୁଠାଏ ଖାଇବାକୁ ପାଏ ନାହିଁ କି କଅଁଳ କଥା ପଦେ ଶୁଣେ ନାହିଁ । ସେ ଘରକୁ ଆସିଲେ, ଭଉଣୀମାନେ ପଚାରନ୍ତି, ''ତୁ କେଉଁଠୁ ଆସିଲୁ ?'' ସେ ଉତ୍ତର ଦିଏ, ''ଦାଣ୍ଡରୁ ।'' ପୁଣି ଯେତେବେଳେ ସେ ଚାଲିଯାଏ, ସେମାନେ ପଚାରନ୍ତି, ''ତୁ କୁଆଡ଼େ ଯାଉଚୁ ?'' ସେ ଉତ୍ତର ଦେଇ କହେ ''ଦାଣ୍ଡକୁ'' । ଦାଣ୍ଡ ଲୋକେ ତାକୁ ''ହରିଆ'' ବୋଲି ଡାକନ୍ତି । ହରିଆ ଦର୍ଜି କୋଠାରେ ପାଦ ପକାଇବା ମାତ୍ରେ ଘର ଝାଟାକ ଘଡ଼ଘଡ଼ି ଶବ୍ଦରେ ପୂରିଉଠେ । ସେ ଶବ୍ଦରେ ହରିଆର କାନ ତାବଦା ପଡ଼ିଯାଏ । ସେ ବରାବର ଶୁଣେ, ''ଅଲପେଇସି, ପଲା, ବାହାର୍, ନିକାଲ୍ । ମୋ ପେଟ ଛୁଟିପଡ଼ିଲା ନାହିଁ, ତୁ କାଳକନା ଜନ୍ମ ହେବାକୁ ଥିଲୁ । ମରୁନାହୁଁ ବାଡ଼ପଡ଼ା; ପଲା ।'' ଶୁଣି, ହରିଆ ଦର୍ଜିକୋଠାରେ ମୁହୂର୍ତ୍ତେ ରହିପାରେ ନାହିଁ ।

ଉପର ମହଲରେ ଘରର ମାଲିକଆଣୀ ଆଗେ ରହୁଥିଲେ । କିନ୍ତୁ କ୍ରମେ ଲକ୍ଷ୍ମୀଙ୍କ ପରାମର୍ଶ ଅନୁସାରେ ସେ ତାକୁ ଭଡ଼ା ଲଗାଇ, ନିକଟରେ ଖଣ୍ଡିଏ ଗ୍ରେଞ୍ଚିଆ

ସ୍କୁଲଘରେ ନିଜର ବାସସ୍ଥାନ ଗଢ଼ି ନେଲେ । ଦୋମହଲା ଘରଟି ଭଡ଼ା ନେଇ ବନମାଳୀ ରାଏ ନାମକ ଜଣେ ନିତାନ୍ତ ଦରିଦ୍ର ଯୁବକ ରହୁଥିଲେ । ସେ ବନମାଳୀ ରାଏ କିଏ, ଜାଣିବାକୁ ହେଲେ, ଟିକିଏ ଅନୁସନ୍ଧାନ କରି ଦେଖି ବାକୁ ହେବ ।

---

—୨୪—

## ଏ ଓ ସେ

ବାଙ୍କିର ଯେଉଁ ବୁଢ଼ା ବୁଢ଼ୀ ଲୋକ ଗତ ପଚିଶ ବର୍ଷ ମଧ୍ୟରେ ମରି-ଯାଇଛନ୍ତି, ସେମାନେ ଶ୍ରୀନିବାସ ଚମ୍ପତିରାଏ ନାମ ସହିତ ବେଶ ପରିଚିତ ଥିଲେ । ଶ୍ରୀନିବାସ ବାଙ୍କିର ବିତାଡ଼ିତ ରାଜାଙ୍କ କଳେଇପୁଅ ଭାଇ । ସନ ୧୬୫୮ ସାଲ୍‌ରେ ତାଙ୍କ ବୟସ ପ୍ରାୟ ଅଶୀ ବର୍ଷ ହୋଇଥିଲା । ତଥାପି ସେ ସିଧା ସଳଖ ଥିଲେ, ବିନା ଚଷମାରେ ପଢ଼ିପାରୁଥିଲେ, ନଡ଼ିଆ, ମୁଗଭଜା ଇତ୍ୟାଦି ଚୋବାଇ ପାରୁଥିଲେ ଏବଂ ଖୁବ୍ ଯାଚିକରି କଥା କହି ପାରୁଥିଲେ । ତାଙ୍କର ବତିଶଟି ଦାନ୍ତରୁ ଗୋଟିଏ ଖୁଣ୍ଟା ପଡ଼ି ନ ଥିଲା । ବିଷୟ ସମ୍ପତ୍ତି ଯାହା ଥିଲା, ସେଥିରୁ ବର୍ଷକେ ପ୍ରାୟ ଦଶ ହଜାର ଟଙ୍କା ଆଦାୟ ହେଉଥିଲା । ତାକୁ ବାର୍ଷିକ ଲକ୍ଷେ ଟଙ୍କାକୁ ବଢ଼ାଇବାକୁ ସେ ସର୍ବଦା କଳ୍ପନା କରୁଥିଲେ ଏବଂ ସେଥିରୁ ପଚିଶ ହଜାର ଟଙ୍କା ଖର୍ଚ୍ଚ କରି, ଅନ୍ତତଃ ପଚିଶ ଜଣ ପୋଇଲା ରଖିବାକୁ ଭାବୁଥିଲେ; କିନ୍ତୁ ସେ ଭାବନା କଦାପି ପୂର୍ଣ୍ଣ ହୋଇ ପାରିଲା ନାହିଁ ।

ଶ୍ରୀନିବାସ ଚମ୍ପତିରାଏଙ୍କର ଗୁଣ ଯେପରି ଥିଲା, ଦୋଷ ମଧ୍ୟ ସେହିପରି ଥିଲା । ସେ ଅତି ଅଳ୍ପକେ ରାଗିଯାଉଥିଲେ ଏବଂ ରାଗିଲା ମାତ୍ରେ ଠେଙ୍ଗା ଧରି ଉଠୁଥିଲେ । ଉତ୍ତରାଧିକାରୀସୂତ୍ରେ ଗୋଟାଏ ବଡ଼ ସମ୍ପତ୍ତି ଛାଡ଼ି ଯିବାପାଇଁ ତାଙ୍କର ଏକାନ୍ତ ଇଚ୍ଛା ଥିଲା । ସେଥିପାଇଁ ରାଜାଙ୍କ ସଙ୍ଗେ ତାଙ୍କର ମନ ମିଳୁ ନ ଥିଲା । ତାଙ୍କର ଦୁଇଟି କନ୍ୟା ମଧ୍ୟରୁ ବଡ଼ ପାର୍ବତୀ, ବିଧବା ହୋଇ ପତିଗୃହ ଛାଡ଼ି, ପିତାଙ୍କ ନିକଟରେ ରହୁଥିଲେ । ପାର୍ବତୀଙ୍କ ବୟସ ପଚିଶ ବର୍ଷ; କିନ୍ତୁ ଶ୍ରୀନିବାସ ତାଙ୍କୁ ଗୋଟିଏ ପାଞ୍ଚ ବର୍ଷର ପିଲା ପରି ମଣୁଥିଲେ ଏବଂ ସେହି ଅନୁସାରେ ଶାସନରେ ରଖିଥିଲେ ।

ରାଜାଙ୍କ ସଙ୍ଗେ ମନ ନ ମିଳିବାରୁ ସେ ବାଙ୍କି ଛାଡ଼ି ଆସି କଟକରେ ତୁଳସୀ-ପୁରରେ ଘର ତୋଳି ରହୁଥିଲେ । ତାଙ୍କ ତୁଳସୀପୁର ଘରଖଣ୍ଡି ରାଜା ଉଆସ କହିଲେ ଚଳେ । ବାସ୍ତବରେ ସେ ବାଙ୍କି ଛାଡ଼ି ଆସିବାବେଳେ କହି ଆସିଥିଲେ,

"ଏ ଘର ବାଙ୍କିରେ କିଏ ରହିବ ? ରାଜା ହୋଇ ରହିବୁ ତ କଟକ ସହରରେ ଆମେ ରହିବୁ ।" ସେଥିପାଇଁ ଶ୍ରୀନିବାସ କଟକରେ ରାଜା ଆଡ଼ମ୍ବରରେ ରହିବାକୁ ବରାବର ଚେଷ୍ଟା କରୁଥିଲେ । ଦାସୀ ପଦ୍ମାର ଦୁଇଟି ପୁଅଙ୍କ ଭରଣପୋଷଣ ନିମନ୍ତେ ମାସକୁ ଷାଠିଏ ଟଙ୍କା ଲେଖାଏଁ ତହବିଲରୁ ଯାଉଥିଲା ।

ଶ୍ରୀନିବାସଙ୍କ ଉଆସରେ ଗୋଟିଏ ଗ୍ରେଟିଆ ପିଲା ଥିଲା । ତାଙ୍କ ଆଗରେ ସେ ସବୁବେଳେ ଥକୁଥାଏ ଏବଂ ମୁକଙ୍କ ପରି କଥା ନ କହି ରହେ । ଶ୍ରୀନିବାସ ମଧ୍ୟ ତାକୁ କେବେ କଥା କହନ୍ତି ନାହିଁ । କଥା କହିବାର କୌଣସି ଆବଶ୍ୟକତା ପଡ଼ିଲେ, ସେ ନିଜ ବେତ ଖଣ୍ଡିକ ଉପରେ ସେ ଭାର ଅର୍ପଣ କରିଦିଅନ୍ତି । ସେ ପିଲାଟିକି ବଡ଼ ଘୃଣା କରୁଥିଲେ । ସେ ଯେ ପର ପିଲା, ତା ନୁହେଁ; ସେ ତାଙ୍କ ନିଜ ନାତି । କିନ୍ତୁ ସେ ତାକୁ ନାତି ବୋଲି ଡାକିବାକୁ ଘୃଣାବୃଦ୍ଧ ହେଉଥିଲେ । କେବଳ ସେତିକି ନୁହେଁ, ପିଲାଟି ତାଙ୍କୁ ଅଜା ବୋଲୁଛି ଜାଣି ପାରିଲେ ସେ ଖଡ଼୍ଗହସ୍ତ ହୋଇ ଉଠୁଥିଲେ । ପିଲାଟି ବିଶ୍ୱେଶ୍ୱର ସହିତ ନିଜକୁ ତୁଳନା କରି, ସର୍ବଦା ସଙ୍କୁଚିତ ରହେ । ବିଶ୍ୱେଶ୍ୱରର ବୟସ ପ୍ରାୟ ନ ବର୍ଷ । ଶ୍ରୀନିବାସଙ୍କ ଉଆସର ସୋହାଗ ସମ୍ପଦ ତା ଉପରେ ଭାଙ୍ଗି ପଡ଼ୁଥିଲା । ସେ ଶ୍ରୀନିବାସଙ୍କ ନାତି, ତାଙ୍କ ପୁରୁଷର ପୁଅ । ସେ ବାଙ୍କିରେ ରହୁଥିଲା । ଶ୍ରୀନିବାସ ଏବଂ ପାର୍ବତୀ ତା ନିକଟକୁ ଥରକୁ ଥର ଉପହାରମାନ ପଠାଉଥିଲେ ।

—୨୭—

## ବାପାଙ୍କ ଚଟି

କଟକରୁ ଗୁଲି ଗୁଲି ପୁରୀ ଆଡ଼କୁ ଯେଉଁମାନେ ଯାଉଥିଲେ, ବାଲିଅନ୍ତା ନିକଟରେ, କୁଆଖାଇ ପଠା ଉପରେ ଗୋଟିଏ ସୁନ୍ଦର ଗ୍ରେଟିଆ ବଗିଚା ସେମାନଙ୍କ ଦୃଷ୍ଟିରେ ପଡ଼ୁଥିଲା । ବଗିଚାରେ ଜଣେ ପଚାଶ ବର୍ଷର ବ୍ୟକ୍ତି ଗୋଟିଏ ଗ୍ରେଟିଆ କୁଡ଼ିଆ ଘରେ ବାସ କରୁଥିଲେ । ସେ ଫନସାକ ବଗିଚାରେ କୋଡ଼ି ହାଣିବା, ଗଛ ପୋତିବା, ପାଣି ଦେବା, ଘାସ ବାଛିବା ଆଦି କାର୍ଯ୍ୟ ନିଜ ହାତରେ କରନ୍ତି ଏବଂ ସନ୍ଧ୍ୟା ପରେ ଘର ଭିତରେ ନ ରହି, ବଗିଚାର ସୌନ୍ଦର୍ଯ୍ୟ ଦେଖି ଏ ଗଛ ମୂଳରୁ ସେ ଗଛ ମୂଳକୁ ଯିବା ଆସିବା କରୁଥାନ୍ତି । ତାଙ୍କର ବେଶଭୂଷାରେ ପରିପାଟି ନ ଥାଏ । ସେ ଖୁବ୍ ମୋଟା ଲୁଗା ପିନ୍ଧନ୍ତି, ଚାଷୀ ଗହଳଙ୍କ ପରି ମୋଟା ଚାଉଳ ଖାଆନ୍ତି । ତାଙ୍କ ମୁଣ୍ଡରେ ଗୋଟାଏ ବଡ଼ ଘା ଚିହ୍ନ ଦେଖି ଲୋକେ କହନ୍ତି, "ଏତେ

ବଡ଼ ଘା'ରୁ ଏ ବର୍ତ୍ତିଗଲେ, କେବଳ କପାଳ ଭଲ ଥିବା ଯୋଗେ ।" ବାସ୍ତବରେ ତାଙ୍କ କପାଳଟା ଖୁବ୍ ଉନ୍ନତ ଏବଂ ସୁନ୍ଦର; ଜୀର୍ଣ୍ଣ ଶୀର୍ଣ୍ଣ ଦେହ ଉପରେ ଗୋଟାଏ ମାଟିଆଣିଲ୍ଲ ଜିନଷ ପରି ଥୁଆହୋଇ ରହିଥାଏ । ଜଣେ ବୁଢ଼ୀ ଗୃହକରିଆଣୀ ଘର ଓଳାଇବା ଓ ରୋଷେଇ କରିବା ଆଦି କାମ କରେ । ଲୋକେ ତାଙ୍କ ଫୁଲ ବଗିଚା ଦେଖିବାକୁ ବେଳେ ବେଳେ ରୁଣ୍ଡ ହୁଅନ୍ତି । କେତେବେଳେ ସେମାନେ ଦେଖନ୍ତି ଯେ ସେ ଦୀର୍ଘନିଃଶ୍ୱାସ ପକାଉଛନ୍ତି, କେତେବେଳେ ବା ମନରେ କଣ ଭାବି ଟିକିଏ ହସୁଛନ୍ତି, ଦର୍ଶକମାନଙ୍କୁ ସେ ଗଛରୁ ଫୁଲ ଛିଣ୍ଡାଇ ଦିଅନ୍ତି; ନିଜ ଶକ୍ତି ଅନୁସାରେ ଖୁଆଇ ପିଆଇ ଅଭ୍ୟର୍ଥନା କରନ୍ତି । ଅଭ୍ୟର୍ଥିତ ଲୋକେ କହନ୍ତି, "ଗୋବିନ୍ଦ ସିଂହ ଦରିଦ୍ର ସିନା, ଭାରି ଉଦାର ।"

ବାଙ୍କି ରାଜ୍ୟର ଇତିହାସ ଲେଖାଯାଇ ନାହିଁ । ତେବେ, ସେ ସମ୍ବନ୍ଧୀୟ ଘଟଣାବଳୀ ଅନୁଧାବନ କରି ଦେଖିଲେ ଦେଖାଯିବ ଯେ ସନ ୧୮୪୭ ସାଲରେ ବାଙ୍କି ରାଜାଙ୍କ ସହିତ ଇଂରେଜଙ୍କର ଯେଉଁ ଯୁଦ୍ଧ ହୋଇଥିଲା, ସେଥିରେ ଗୋବିନ୍ଦ ସିଂହ ପ୍ରଧାନ ସେନା ନାୟକ ଥିଲେ । ରାଜ୍ୟର ସ୍ୱାଧୀନତା ରକ୍ଷା କରିବା ନିମନ୍ତେ ସେ ଅସ୍ତ୍ରଧାରଣ କରିଥିଲେ । ସେ ଯୁଦ୍ଧରେ ଇଂରେଜମାନେ ଜୟୀ ହେବାରୁ ବାଙ୍କି ଖାସ୍ ହେଲା । ଗୋବିନ୍ଦ ସିଂହ ବାଙ୍କିରୁ ବିତାଡ଼ିତ ହେଲେ । ସେ ସେଉଁଦିନ ବାଙ୍କି ଛାଡ଼ି ଯାଆନ୍ତି, ବଞ୍ଚିବେ କି ମରିବେ କିଛି ସ୍ଥିର ନ ଥିଲା । ଯେଉଁ ଯୁଦ୍ଧଭୂମିରେ ବାଙ୍କିର ଦେଢ଼ ହଜାର ସୈନିକ ଆତ୍ମବଳି ଦେଲେ, ସେନାନାୟକ ଗୋବିନ୍ଦ ସିଂହ ସେହିଠାରେ, ନିଜର ପ୍ରାଣାଧିକ ସୈନିକବର୍ଗଙ୍କ ଶବରାଶି ମଧ୍ୟରେ ନିଜେ ମୃତପ୍ରାୟ ପଡ଼ିଥିଲେ । ହଠାତ୍ କିଏ ଯେପରି ସ୍ୱର୍ଗର ଦେବତା ପରି ଆସି ତାଙ୍କୁ ଶବରାଶି ମଧ୍ୟରୁ କାଢ଼ି ଉଦ୍ଧାର କଲା । ସେ ପ୍ରଥମେ ଜଣେ ସାଧାରଣ ସୈନିକ ଥିଲେ । କିନ୍ତୁ ଇଂରେଜ ବିରୁଦ୍ଧରେ ଅସ୍ତ୍ର ଧାରଣ କରି ଯୁଦ୍ଧଭୂମିକୁ ଗଲାବେଳେ, ରାଜା ନିଜ ହାତରେ ତାଙ୍କ ମୁଣ୍ଡରେ ସିନ୍ଦୂର ଟୋପା ଦେଇ କହିଲେ, "ଗୋବିନ୍ଦ ସିଂହ, ତୁମେ ଆଜି ବାଙ୍କିର ସେନାପତି ।"

ଗୋବିନ୍ଦ ସିଂହଙ୍କ ପତ୍ନୀ ସନ ୧୮୪୨ ସାଲରେ ଗୋଟିଏ ପୁତ୍ର ଜନ୍ମ କରି ନିଜେ ମୃତ୍ୟୁ ମୁଖରେ ପଡ଼ିଥିଲେ । ପୁଅଟି ଗୋବିନ୍ଦ ସିଂହଙ୍କ ଜୀବନର ଏକମାତ୍ର ସାନ୍ତ୍ୱନାର ବିଷୟ ହୋଇଥାନ୍ତା; କିନ୍ତୁ ସେ ଜନ୍ମ ହେଲା ଦିନଠାରୁ ଅଜାଘରେ ଯାଇ ରହିଲା । ସୁତରାଂ ବାପାଙ୍କ ସଙ୍ଗେ ତାର କେବେ ଦେଖା ହେଲାନାହିଁ । ଅଜା ସ୍ପଷ୍ଟ କହିଲେ, "ସେ ଯଦି ବାପା ପାଖକୁ ଯାଏ କିମ୍ବା ବାପ ପ୍ରତି ସ୍ନେହ ମମତା ଭୁଲରେ ମନରେ ରଖେ, ତେବେ ତାକୁ ସମ୍ପତ୍ତିରୁ ମୁଁ ପାହୁଲାଟିଏ ଦେବିନାହିଁ । ତାଙ୍କର ସେ କଠୋର ପ୍ରତିଜ୍ଞା ପରେ, ପୁଅର କଲ୍ୟାଣ ଦୃଷ୍ଟିରୁ, ଗୋବିନ୍ଦ ସିଂହ

ବଡ଼ ଘା'ରୁ ଏ ବର୍ତ୍ତିଗଲେ, କେବଳ କପାଳ ଭଲ ଥିବା ଯୋଗେ।'' ବାସ୍ତବରେ ତାଙ୍କ କପାଳଟା ଖୁବ୍ ଉନ୍ନତ ଏବଂ ସୁନ୍ଦର; ଜୀର୍ଣ୍ଣ ଶୀର୍ଣ୍ଣ ଦେହ ଉପରେ ଗୋଟାଏ ମାଟିଆଣିଲ୍ଲ ଜିନଷ ପରି ଥୁଆହୋଇ ରହିଥାଏ। ଜଣେ ବୁଢ଼ୀ ଗୃହକର୍ତ୍ତୀଆଣୀ ଘର ଓଳାଇବା ଓ ଗୋବରପାଣି ଛଡ଼ା ଇତ୍ୟାଦି କାମ କରେ। ଲୋକେ ତାଙ୍କ ଫୁଲ ବଗିଚା ଦେଖିବାକୁ କେବେ କେବେ ଭୁଣ୍ଡ ହୁଅନ୍ତି। କେତେବେଳେ ସେମାନେ ଦେଖନ୍ତି ଯେ ସେ ଦୀର୍ଘନିଃଶ୍ୱାସ ପକାଉଛନ୍ତି, କେତେବେଳେ ବା ମନରେ କଣ ଭାବି ଚିନ୍ତାଏ ହସୁଛନ୍ତି, ଦର୍ଶକମାନଙ୍କୁ ସେ ଗଛରୁ ଫୁଲ ଛିଣ୍ଡାଇ ଦିଅନ୍ତି; ନିଜ ଶକ୍ତି ଅନୁସାରେ ଖୁଆଇ ପିଆଇ ଅଭ୍ୟର୍ଥନା କରନ୍ତି। ଅଭ୍ୟର୍ଥିତ ଲୋକେ କହନ୍ତି, "ଗୋବିନ୍ଦ ସିଂହ ଦରିଦ୍ର ସିନା, ଭାରି ଉଦାର।''

ବାଙ୍କି ରାଜ୍ୟର ଇତିହାସ ଲେଖାଯାଇ ନାହିଁ। ତେବେ, ସେ ସମୟର ଘଟଣାବଳୀ ଅନୁଧ୍ୟାନ କରି ଦେଖିଲେ ଦେଖାଯିବ ଯେ ସନ ୧୮୪୭ ସାଲରେ ବାଙ୍କି ରାଜାଙ୍କ ସହିତ ଇଂରେଜଙ୍କର ଯେଉଁ ଯୁଦ୍ଧ ହୋଇଥିଲା, ସେଥିରେ ଗୋବିନ୍ଦ ସିଂହ ପ୍ରଧାନ ସେନା ନାୟକ ଥିଲେ। ରାଜ୍ୟର ସ୍ୱାଧୀନତା ରକ୍ଷା କରିବା ନିମନ୍ତେ ସେ ଅସିଧାରଣ କରିଥିଲେ। ସେ ଯୁଦ୍ଧରେ ଇଂରେଜମାନେ ଜୟୀ ହେବାରୁ ବାଙ୍କି ଖାସ୍ ହେଲା। ଗୋବିନ୍ଦ ସିଂହ ବାଙ୍କିରୁ ବିତାଡ଼ିତ ହେଲେ। ସେ ଯେଉଁଦିନ ବାଙ୍କି ଛାଡ଼ି ଯାଆନ୍ତି, ବଞ୍ଚିବେ କି ମରିବେ କିଛି ସ୍ଥିର ନ ଥିଲା। ସେଉଁ ଯୁଦ୍ଧଭୂମିରେ ବାଙ୍କିର ଦେଢ଼ ହଜାର ସୈନିକ ଆତ୍ମବଳି ଦେଲେ, ସେନାନାୟକ ଗୋବିନ୍ଦ ସିଂହ ସେହିଠାରେ, ନିଜର ପ୍ରାଣାଧିକ ସୈନିକବର୍ଗଙ୍କ ଶବରାଶି ମଧ୍ୟରେ ନିଜେ ମୃତପ୍ରାୟ ପଡ଼ିଥିଲେ। ହଠାତ୍ କିଏ ଯେପରି ସ୍ୱର୍ଗର ଦେବତା ପରି ଆସି ତାଙ୍କୁ ଶବରାଶି ମଧ୍ୟରୁ କାଢ଼ି ଉଦ୍ଧାର କଲା। ସେ ପ୍ରଥମେ ଜଣେ ସାଧାରଣ ସୈନିକ ଥିଲେ। କିନ୍ତୁ ଇଂରେଜ ବିରୁଦ୍ଧରେ ଅସ୍ତ୍ର ଧାରଣ କରି ଯୁଦ୍ଧଭୂମିକୁ ଗଲାବେଳେ, ରାଜା ନିଜ ହାତରେ ତାଙ୍କ ମୁଣ୍ଡରେ ସିନ୍ଦୂର ଟୋପା ଦେଇ କହିଲେ, "ଗୋବିନ୍ଦ ସିଂହ, ତୁମେ ଆଜି ବାଙ୍କିର ସେନାପତି।''

ଗୋବିନ୍ଦ ସିଂହଙ୍କ ପତ୍ନୀ ସନ ୧୮୪୨ ସାଲରେ ଗୋଟିଏ ପୁତ୍ର ଜନ୍ମ କରି ନିଜେ ମୃତ୍ୟୁ ମୁଖରେ ପଡ଼ିଥିଲେ। ପୁଅଟି ଗୋବିନ୍ଦ ସିଂହଙ୍କ ଜୀବନର ଏକମାତ୍ର ସାନ୍ତ୍ୱନାର ବିଷୟ ହୋଇଥାନ୍ତା; କିନ୍ତୁ ସେ ଜନ୍ମ ହେଲା ଦିନଠାରୁ ଅଜାଘରେ ଯାଇ ରହିଲା। ସୁତରାଂ ବାପାଙ୍କ ସଙ୍ଗେ ତାର କେବେ ଦେଖା ହେଲାନାହିଁ। ଅଜା ସ୍ପଷ୍ଟ କହିଲେ, "ସେ ଯଦି ବାପା ପାଖକୁ ଯାଏ କିମ୍ବା ବାପ ପ୍ରତି ସ୍ନେହ ମମତା ଭକ୍ତି ମନରେ ରଖେ, ତେବେ ତାକୁ ସମ୍ପତ୍ତିରୁ ମୁଁ ପାହୁଲାଟିଏ ଦେବିନାହିଁ। ତାଙ୍କର ସେ କଠୋର ପ୍ରତିଜ୍ଞା ପରେ, ପୁଅର କଲ୍ୟାଣ ଦୃଷ୍ଟିରୁ, ଗୋବିନ୍ଦ ସିଂହ

ତା ସହିତ ପ୍ରତ୍ୟକ୍ଷ ସମ୍ପର୍କ ସବୁ ତୁଟାଇଦେଇ, ପୂର୍ଣ୍ଣ ଅଭାବରେ ବ୍ୟର୍ଥ ହେଉଥିବା ଅପତ୍ୟ ସ୍ନେହ ବଗିଚାର ଗଛ ପତ୍ର ଫୁଲଠାରେ ଅର୍ପିବାରେ ଲାଗିଲେ ।

ଶ୍ରୀନିବାସ ବିଧବା ଝିଅଟି ସହିତ ତୁଳସୀପୁର ହଆସରେ କାଳ କଟାଉଥିବା ଅବସ୍ଥାରେ ଅନେକ ସମୟରେ କହନ୍ତି, "ଦେଖ୍ ପାର୍ବତୀ ! ତମକୁ ମୁଁ ଯେ ସ୍ନେହ କରୁ ନ ଥିଲି, ତା ନୁହେଁ । କିନ୍ତୁ ସେ ଯେଉଁଦିନୁ ସେ ଡକାୟତର ହାତ ଧରିଲା, ସେଦିନୁଁ ମୁଁ ତାକୁ ବିଷ ଦୃଷ୍ଟିରେ ଦେଖିଲି । ଭାଗ୍ୟକୁ ସେ ଚାଲିଯାଇଛି । ତା ସ୍ୱାମୀ ଡକାୟତ ବୃତ୍ତି କଲା । ମୁଁ ତାକୁ ଯେତେ ମନା କଲି ଶୁଣିଲା ନାହିଁ । ସେ ମୋର ଶତ୍ରୁ, ସେ ତାର ସାହାଯ୍ୟରେ ରହିଲା । ମୁଁ କହିଲି, ଏ ଗୋରାମାନେ ଦେଶତମାମ ତ ନେଇ ସାରିଲେଣି । ଆଉ ଏ ଖୁର୍ଦ୍ଧାର ବାଙ୍କି ରାଜା ତାଙ୍କୁ କି ହଟେଇ ପାରିବେ ? 'ବାଙ୍କି ରାଜା ଯେପରି ଗୋଟାଏ ବଳଦ, ଏ ଗୋବିନ୍ଦ ମଧ୍ୟ ସେହିପରି ଗୋଟାଏ ବଳଦ । ଦୁଇଟାଯାକ ମିଶି ବାଙ୍କିର ପଡ଼ିଆବୁଡ଼ାକ ଦିନେ ଦୁଇଦିନ କାଳ ଚପିଗଲେ । ଶେଷରେ ବାଙ୍କିରାଜା ଯେପରି ଡଡ଼ା ଖାଇଗଲା, ଏ ଗୋବିନ୍ଦ ମଧ୍ୟ ସେହିପରି ଡଡ଼ା ଖାଇଲା । ଏବେ ଯାଇ ଚଷାଙ୍କ ପରି ଲଙ୍ଗଳ ଧରି ଚାଷ କରୁଛି । କି ବଡ଼ପଣିଆ ନୁହେଁ କି ? ଛି ଛି ଛି ।"

ବନମାଳୀ କେବଳ ଅଜାଙ୍କ ସାମାନ୍ୟ ସମ୍ପତ୍ତି ଭୋଗ କରିବ ବୋଲି ଯେ ଗୋବିନ୍ଦ ସିଂହ, ଅନବରତ ପୁତ୍ର ବିଚ୍ଛେଦ ବହ୍ନିରେ ଜଳି ତାକୁ ପରିତ୍ୟାଗ କରି ରହିଥିଲେ, ତା ନୁହେଁ । ପାର୍ବତୀ ଜଣେ ବିଶେଷ ଧନଶାଳୀ ରାଜାଙ୍କ ହାତ ଧରିଥିଲେ; କିନ୍ତୁ ବିବାହର ଅଳ୍ପ କାଳ ପରେ ତାଙ୍କୁ ବିଧବା ହେବାକୁ ପଡ଼ିଲା । ତାଙ୍କର ସନ୍ତାନ ନ ଥିବାରୁ ସେ ପତିଙ୍କ ସମୁଦାୟ ସଂପତ୍ତିର ଏକମାତ୍ର ଉତ୍ତରାଧିକାରିଣୀ ହେଲେ; କିନ୍ତୁ ଶ୍ରୀନିବାସ ତାଙ୍କୁ ଏକୁଟିଆ ପତି ଗୃହରେ ଛାଡ଼ି ନ ଦେଇ, ନିଜ ପାଖେ ରଖିଲେ । ପାର୍ବତୀଙ୍କର ବିପୁଳ ସମ୍ପତ୍ତି ସେ ପରକୁ ନ ଦେଇ, ନିଜ ଉତ୍ତରାଧିକାରୀ ହାତେ ଅର୍ପଣ କରିବାକୁ ସ୍ଥିର କରିଥିଲେ । ବିଶ୍ୱେଶ୍ୱରକୁ ପୋଷ୍ୟପୁତ୍ର କରିବା ଲାଗି ପାର୍ବତୀଙ୍କର ଯେ ପ୍ରବଳ ଇଚ୍ଛା ଥିଲା, ଶ୍ରୀନିବାସ ନାନା ମନ୍ତ୍ରଣାଦ୍ୱାରା ତାହା ଚୂର୍ଣ୍ଣ କରି ପକାଇଲେ । ଶେଷରେ ସ୍ଥିର ହେଲା ଯେ ବାପା ଯାହାକୁ ନିଜର ପୋଷ୍ୟପୁତ୍ର ରୂପେ ଗ୍ରହଣ କରିବେ, ପାର୍ବତୀଙ୍କ ସମ୍ପତ୍ତି ତାହାରି ହସ୍ତରେ ଅର୍ପଣ କରାଯିବ । ଶ୍ରୀନିବାସ ବନମାଳୀକୁ ଅତି ଶିଶୁ ବୟସରୁ ନିଜ ଘରେ ରଖି, ପାଳି ତାହାକୁ ହିଁ ପୋଷ୍ୟପୁତ୍ର କରିବାକୁ ଠିକ୍ କରିଥିଲେ ଓ ନିଜ ବଂଶର ଉପାଧିରେ ତା ପୈତୃକ ନାମକୁ ବିମଣ୍ଡିତ କରି ରଖିଥିଲେ । ନିଜର ଜ୍ୟେଷ୍ଠ ପୁଅ ବନମାଳୀ ଅଜା ଓ ମାଉସୀ ଉଭୟଙ୍କ ବିପୁଳ ସମ୍ପତ୍ତି ଭୋଗ କରି ସୁଖରେ ରହିପାରିବ ଭାବି, ଗୋବିନ୍ଦ ସିଂହ ଶ୍ରୀନିବାସଙ୍କ ଇଚ୍ଛା ବିରୁଦ୍ଧରେ କେବେ କାର୍ଯ୍ୟ କରିନାହାନ୍ତି; ବନମାଳୀକୁ

ପାଖରେ ରଖିବାକୁ ଚେଷ୍ଟିତ ହୋଇନାହାନ୍ତି; ଏପରିକି ପ୍ରକାଶ୍ୟରେ ତାଙ୍କୁ ଥରେ ହେଲେ ଆଖିରେ ଦେଖି ନାହାନ୍ତି ।

ବନମାଳୀ ନିଜ ବାପାଙ୍କ ପାଖକୁ ଯିବା ଆସିବା କରୁ, ପାର୍ବତୀ ବରାବର କାମନା କରୁଥିଲେ । କେବଳ ସେତିକି ନୁହେଁ, ରାଜ୍ୟ ଓ ସମ୍ପତ୍ତିରୁ ବଞ୍ଚିତ ଗୋବିନ୍ଦ ସିଂହ ମଧ୍ୟ ଆସି ଶ୍ୱଶୁର ଘରେ ରହନ୍ତୁ ବୋଲି ତାଙ୍କର ଇଚ୍ଛା ଥିଲା । ବାପାଙ୍କ ନିକଟରେ ସେହି ଇଚ୍ଛା ପ୍ରକାଶ କରି ସେ କେତେଥର ଗାଳି ମଧ୍ୟ ଖାଇଛନ୍ତି । ଗୋବିନ୍ଦ ସିଂହ ଉମାର ପାଣିଗ୍ରହଣ କଲାବେଳେ ଶ୍ରୀନିବାସ କହିଥିଲେ, "ଏ ସତ୍ ବ୍ରାହ୍ମଣ ହାତରେ ସୁବର୍ଣ୍ଣ ଦାନ ।" କିନ୍ତୁ ବିବାହର ଠିକ୍ ପରେ ଗୋବିନ୍ଦ ସିଂହ ବାଙ୍କି ରଜାଙ୍କ ସୈନ୍ୟ ଦଳରେ ଭୁକ୍ତ ହେଲେ । ସେହି ଯୋଗେ ତାଙ୍କୁ ଶ୍ରୀନିବାସଙ୍କ ବିଷଦୃଷ୍ଟିରେ ପଡ଼ିବାକୁ ହେଲା ।

ବାଲିଅନ୍ତା ଗୋପୀନାଥଙ୍କ ଦେଉଳ ପୂଜାରୀ ଗଙ୍ଗାଧର ଗୋବିନ୍ଦ ସିଂହଙ୍କ ବଗିଚାରୁ ଠାକୁରଙ୍କ ନିମନ୍ତେ ଫୁଲ ଆଣିବା ସମ୍ପର୍କରେ ପ୍ରଥମେ ତାଙ୍କ ସଙ୍ଗେ ପରିଚୟ କରିଥିଲା । ସେ ପରିଚୟ କ୍ରମେ ଘନିଷ୍ଠଭାବରେ ପରିଣତ ହେଲା । ଗଙ୍ଗାଧରର ସାନଭାଇ ବିମ୍ବାଧର କଟକଚଣ୍ଡୀ ଦେଉଳରେ ଯାଇ କାମ କରେ । ଦିନେ ବିମ୍ବାଧରକୁ ଧରି ଗଙ୍ଗାଧର ଗୋବିନ୍ଦ ସିଂହଙ୍କ ନିକଟକୁ ଯାଇଥିଲା । ବିମ୍ବାଧର କଥା ପ୍ରସଙ୍ଗରେ କହି ବସିଲା, "ମୋ ଦେଉଳ କାମ ଅବଶ୍ୟ ଅନେକ; ହେଲେ, ରୋଜଗାର ମଧ୍ୟ ସେଇପରି ହୁଏ । ପ୍ରତିଦିନ ଶହ ଶହ ଲୋକ ଦର୍ଶନ କରିବାକୁ ଆସନ୍ତି । ପଇସାଏ ପଇସାଏ ହେଲେ ତ ମୋର ଶହେ ପଇସା ଟଙ୍କେ ନ ଅଣା ଦିନକୁ ଥୁଆ । ତା'ପରେ ପ୍ରତି ମଙ୍ଗଳବାର ଦିନ ବାଙ୍କି ରଜାଙ୍କ ବଂଶର ଜଣେ ଜେମା ସାଥିରେ ଗୋଟିଏ ପିଲା ଧରି ଦର୍ଶନ କରିବାକୁ ଆସି ମୋତେ ଟଙ୍କେ ମସାଏ ଦେଇଯାଆନ୍ତି ।"

ବିମ୍ବାଧର ଏତିକି କହୁଛି, ଗୋବିନ୍ଦ ସିଂହ ଭେଁ ଭେଁ କାନ୍ଦି ପକାଇଲେ । ଗଙ୍ଗାଧର କାରଣ ନ ବୁଝି ପାରି, ବାରମ୍ବାର ପଚାରିବାକୁ ଲାଗିଲା । ତହୁଁ ଗୋବିନ୍ଦ ସିଂହ ନିଜ ପୁଅର ଯାବତୀୟ ବୃତ୍ତାନ୍ତ ବର୍ଣ୍ଣନା କରି ଶେଷରେ କହିଲେ, "ଗଙ୍ଗାଧର, ମୁଁ ଯାହା କଷ୍ଟ ପାଉଛି ପାଏ । ମୋ ବଳୁ ଟଙ୍କା ପଇସା ପାଇ ସୁଖରେ ରହିଲେ ହେଲା । ତାରି ଲାଗି ତ ମୁଁ ଏ ଦଶା ଭୋଗୁଛି, ଛାତି ଫାଟିଯାଉଛି" କହି, ସେ ପୁଣି ଅନେକ ସମୟ କାନ୍ଦିଲେ । ସେହିଦିନଠାରୁ ଗୋବିନ୍ଦ ସିଂହଙ୍କୁ ଗଙ୍ଗାଧର ଓ ବିମ୍ବାଧର ବେଶି ଆପଣାର କଲେ ।

ବନମାଳୀ ପିଲାଦିନୁ ମାଉସୀ ପାର୍ବତୀଙ୍କ କଟକଣାରେ ରହି ପଢ଼ାପଢ଼ି କଲା । ତାର ଯେତିକି ଜ୍ଞାନର ପରିସର ବଢ଼ିଲା, ଅଜାଙ୍କ କାର୍ଯ୍ୟକଳାପ ପ୍ରତି ତାର ସେତିକି ବିରାଗ ଜନ୍ମିବାକୁ ଲାଗିଲା । ଷୋଳବର୍ଷ ବୟସବେଳେ ଦିନେ ସେ ପଢ଼ିସାରି

ପାଖରେ ରଖିବାକୁ ଚେଷ୍ଟିତ ହୋଇନାହାନ୍ତି; ଏପରିକି ପ୍ରକାଶ୍ୟରେ ତାକୁ ଥରେ ହେଲେ ଆଖିରେ ଦେଖି ନାହାନ୍ତି ।

ବନମାଳୀ ନିଜେ ବାପାଙ୍କ ପାଖକୁ ଯିବା ଆସିବା କରୁ, ପାର୍ବତୀ ବରାବର କାମନା କରୁଥିଲେ । କେବଳ ସେତିକି ନୁହେଁ, ସ୍ୱାମୀ ଓ ସମ୍ପତ୍ତିରୁ ବଞ୍ଚିତ ଗୋବିନ୍ଦ ସିଂହ ମଧ୍ୟ ଆସି ଶ୍ୱଶୁର ଘରେ ରହନ୍ତୁ ବୋଲି ତାଙ୍କର ଇଚ୍ଛା ଥିଲା । ବାପାଙ୍କ ନିକଟରେ ସେହି ଇଚ୍ଛା ପ୍ରକାଶ କରି ସେ କେତେଥର ଗାଳି ମଧ୍ୟ ଖାଇଛନ୍ତି । ଗୋବିନ୍ଦ ସିଂହ ଝିଅର ପାଣିଗ୍ରହଣ କଲାବେଳେ ଶ୍ରୀନିବାସ କହୁଥିଲେ, "ଏ ସତ୍ପାତ୍ର ବ୍ରାହ୍ମଣ ହାତରେ ସୁବର୍ଣ୍ଣ ଦାନ ।" କିନ୍ତୁ ବିବାହର ଠିକ୍ ପରେ ଗୋବିନ୍ଦ ସିଂହ ବାଙ୍କି ରଜାଙ୍କ ସୈନ୍ୟ ଦଳରେ ଭୁକ୍ତ ହେଲେ । ସେହି ଯୋଗେ ତାଙ୍କୁ ଶ୍ରୀନିବାସଙ୍କ ବିଷଦୃଷ୍ଟିରେ ପଡ଼ିବାକୁ ହେଲା ।

ବାଲ୍ୟଅବସ୍ଥା ଗୋପୀନାଥଙ୍କ ଦେଉଳ ପୂଜାରୀ ଗଙ୍ଗାଧର ଗୋବିନ୍ଦ ସିଂହଙ୍କ ବଗିଚାରୁ ଠାକୁରଙ୍କ ନିମନ୍ତେ ଫୁଲ ଆଣିବା ସମ୍ପର୍କରେ ପ୍ରଥମେ ତାଙ୍କ ସଙ୍ଗେ ପରିଚୟ କରିଥିଲା । ସେ ପରିଚୟ କ୍ରମେ ଘନିଷ୍ଠଭାବରେ ପରିଣତ ହେଲା । ଗଙ୍ଗାଧରର ସାନଭାଇ ବଂଶୀଧର କଟକଚଣ୍ଡୀ ଦେଉଳରେ ଯାଇ କାମ କରେ । ଦିନେ ବଂଶୀଧରକୁ ଧରି ଗଙ୍ଗାଧର ଗୋବିନ୍ଦ ସିଂହଙ୍କ ନିକଟକୁ ଯାଇଥିଲା । ବଂଶୀଧର କଥା ପ୍ରସଙ୍ଗରେ କହି ବସିଲା, "ମୋ ଦେଉଳ କାମ ଅବଶ୍ୟ ଅନେକ; ହେଲେ, ରୋଜଗାର ମଧ୍ୟ ସେଇପରି ହୁଏ । ପ୍ରତିଦିନ ଶହ ଶହ ଲୋକ ଦର୍ଶନ କରିବାକୁ ଆସନ୍ତି । ପଇସାଏ ପଇସାଏ ହେଲେ ତ ମୋର ଶହେ ପଇସା ଟଙ୍କେ ନ ଅଣା ଦିନକୁ ଥୁଆ । ତା'ପରେ ପ୍ରତି ମଙ୍ଗଳବାର ଦିନ ବାଙ୍କି ରଜାଙ୍କ ବଂଶର ଜଣେ କେମା ସାଥୀରେ ଗୋଟିଏ ପିଲା ଧରି ଦର୍ଶନ କରିବାକୁ ଆସି ମୋତେ ଟଙ୍କେ ମସାଏ ଦେଇଯାଆନ୍ତି ।"

ବଂଶୀଧର ଏତିକି କହୁଛି, ଗୋବିନ୍ଦ ସିଂହ ଭୋ ଭୋ କାନ୍ଦି ପକାଇଲେ । ଗଙ୍ଗାଧର କାରଣ ନ ବୁଝିପାରି, ବାରମ୍ବାର ପଚାରିବାକୁ ଲାଗିଲା । ତହୁଁ ଗୋବିନ୍ଦ ସିଂହ ନିଜ ପୁଅର ଯାବତୀୟ ବୃତ୍ତାନ୍ତ ବର୍ଣ୍ଣନା କରି ଶେଷରେ କହିଲେ, "ଗଙ୍ଗାଧର, ମୁଁ ଯାହା କଷ୍ଟ ପାଉଛି ପାଏ । ମୋ ବାବୁ ଟଙ୍କା ପଇସା ପାଇ ସୁଖରେ ରହିଲେ ହେଲା । ତାରି ଲାଗି ତ ମୁଁ ଏ ଦଶା ଭୋଗୁଚି, ଛାତି ଫାଟିଯାଉଚି" କହି, ସେ ପୁଣି ଅନେକ ସମୟ କାନ୍ଦିଲେ । ସେହିଦିନଠାରୁ ଗୋବିନ୍ଦ ସିଂହଙ୍କୁ ଗଙ୍ଗାଧର ଓ ବଂଶୀଧର ବେଶି ଆପଣାର କଲେ ।

ବନମାଳୀ ପିଲାଦିନୁ ମାଉସୀ ପାର୍ବତୀଙ୍କ କଟକଣାରେ ରହି ପଢ଼ାପଢ଼ି କଲା । ତାର ଯେତିକି ଜ୍ଞାନର ପରିସର ବଢ଼ିଲା, ଅଜାଙ୍କ କାର୍ଯ୍ୟକଳାପ ପ୍ରତି ତାର ସେତିକି ବିରାଗ ଜନ୍ମିବାକୁ ଲାଗିଲା । ଷୋଳବର୍ଷ ବୟସବେଳେ ଦିନେ ସେ ପଢ଼ିସାରି

ଘରକୁ ଫେରିଲାବେଳେ ହଠାତ୍ ଅଜାଙ୍କ ହାତରେ ପଡ଼ିଲା । ଅଜା କହିଲେ, "ଦେଖ୍ ଟୋକା, ତୁ କାଲି ସକାଳେ ବାଲିଅନ୍ତା ଯା ।" ଶୁଣି ବନମାଳୀ ଭୟତ୍ରସ୍ତ ସ୍ୱରରେ ପଚାରିଲା, "କାହିଁକି ?" ଅଜା ଉତ୍ତର ଦେଲେ, "ତୋ ବାପା ଡକେଇଛି ।" ବନମାଳୀ ଏକେ ଅଜାଙ୍କୁ ଦେଖି ତ ଥରୁଥିଲା; ତାଙ୍କ କଥା ଶୁଣି ଆପାଦମସ୍ତକ କଂପିବାକୁ ଲାଗିଲା । ବାପାଙ୍କୁ ଦେଖିବାକୁ ସେ ତାକୁ ଦିନେ ଯିବାକୁ ପଡ଼ିବ, ସେଥିପାଇଁ ସେ ନିଜକୁ କେବେ ପ୍ରସ୍ତୁତ କରି ନ ଥିଲା । ସେ ଅଜାଙ୍କଠାରୁ ଶୁଣି ଶୁଣି ସ୍ଥିର କରିଥିଲା ଯେ ତା ବାପା ଗୋଟାଏ ଡକାୟତ ଏବଂ ଦାଣ୍ଡର ଭିକାରି । ବାପା ଏତେ ବର୍ଷ ମଧ୍ୟରେ ତାକୁ ଦିନେ ନ ପଚାରିବାରୁ ତାର ସେ ବିଶ୍ୱାସ ବଦ୍ଧମୂଳ ହୋଇଛି । ଆଜି ବାପାଙ୍କୁ ଦେଖିବାକୁ ଯିବା ନିମନ୍ତେ ଅଜାଙ୍କଠାରୁ ହୁକୁମ ପାଇ ବନମାଳୀ ମୁହୂର୍ତ୍ତକ ମଧ୍ୟରେ ବ୍ୟତିବ୍ୟସ୍ତ ହୋଇପଡ଼ିଲା । ଦେଖି, ମାଉସୀ କହିଲେ, "ତାଙ୍କ ଦେହ ବ୍ୟସ୍ତ ହେଇଚି; ତୁ ଗଲେ ଟିକିଏ ଦେଖିବେ ପରା !"

ପରଦିନ ସନ୍ଧ୍ୟାରେ ବନମାଳୀ ବାଲିଅନ୍ତା ଯାଇ ବାପାଙ୍କ ବସ୍ତିଘରେ ପହଞ୍ଚିଲା । ଜଣେ ବୁଢ଼ୀ ବସ୍ତିର କୁଡ଼ିଆ ଘର ଦ୍ୱାରେ ବିମର୍ଷ ମୁଖରେ ବସିଥିଲା । ବନମାଳୀ ତାକୁ ପଚାରିଲା, "ଏ କଣ ଗୋବିନ୍ଦ ସିଂହଙ୍କ ଘର ?" ବୁଢ଼ୀ ମୁଣ୍ଡ ଠାରି, 'ହଁ' କଲା । ବନମାଳୀ ପୁଣି ପଚାରିଲା, "ତାଙ୍କ ସାଙ୍ଗେ ଦେଖା ହୋଇ ପାରିବ ?" ବୁଢ଼ୀ ପୁଣି ମୁଣ୍ଡ ଠାରିଲା; ମାତ୍ର ଏଥର ନାହିଁ କଲା । ଦେଖି ବନମାଳୀ କହିଲା, "ମୁଁ ତାଙ୍କ ପୁଅ, ସେ ମୋତେ ଡକେଇଥିଲେ ।" ତହୁଁ ବୁଢ଼ୀ ପାଟି ଫିଟାଇ କହିଲା, "ଆଉ ଦେଖିପାରିବୁ ନାହିଁ,ରେ ବାପା !"

ବନମାଳୀ ଦେଖିଲା, ବୁଢ଼ୀ ଆଖିରୁ ଝରଝର ଲୁହ ବୋହୁଛି । କିଛି କାରଣ ବୁଝି ନ ପାରି ସେ ଘର ଭିତରେ ପାଦ ପକାଇଲା । ସେଠାରେ ତିନିଜଣ ଲୋକ ଥିଲେ । ଜଣେ ଠିଆ ହୋଇଥିଲା, ଜଣେ ବସି କାନ୍ଦୁଥିଲା, ଆଉ ଜଣେ ଚିତ୍ ହୋଇ ଶୋଇ ରହିଥିଲା । ଯେ ଶୋଇ ରହିଥିଲା, ସେ ଗୋବିନ୍ଦ ସିଂହ । ଠିଆ ହେବା ଲୋକଟି ବୈଦ୍ୟ ଏବଂ ବସି କାନ୍ଦୁଥିବା ଲୋକଟି ଗଙ୍ଗାଧର । ବୈଦ୍ୟ ବିଫଳ ହୋଇ ଫେରି ଯାଉଥିଲେ । ଗଙ୍ଗାଧର ତା ବନ୍ଧୁ ଦିନର ସଙ୍ଗୀ ଗୋବିନ୍ଦ ସିଂହଙ୍କୁ ତରବ୍ଦାସ୍ତ ଦେଇ, ତାଙ୍କ ଶୁଷ୍କ୍ରଡିଟିକୁ ନେତ୍ର ଜଳରେ ସିକ୍ତ କରି ରଖିଥିଲା ।

ମଲା ପୂର୍ବରୁ ଗୋବିନ୍ଦ ସିଂହଙ୍କର କିଛି ସମୟ ପ୍ରଳାପ ହୋଇଥିଲା । ସେ ପ୍ରଳାପରେ ବାରମ୍ବାର କହୁଥିଲେ, "ମୋ ପୁଅ ଆସିଲା ନାହିଁ । ମୁଁ ଯାଇ ତା ସଙ୍ଗେ ଦେଖା କରିବି ।" ମଲାବେଳେ ତାଙ୍କ ଦୁଇ ଆଖିରୁ ଦୁଇଧାର ଲୁହ ଯେ ଗଡ଼ି

ପଢ଼ିଥିଲା, ବନମାଳୀ ଆସିବା ସମସ୍ତ ମଧ୍ୟରେ ତାଙ୍କ ଜଡ଼ ଦେହ ତାହା ଶୁଣାଇ ପାରି ନ ଥିଲା । ସେହି ଅଶ୍ରୁଧାରା ଦେଖି ବନମାଳୀ ପିତାଙ୍କ ବର୍ଗିସ୍ଥରୁ ଫେରିଲା । ସେ ଫେରିଲାବେଳେ ବୃଦ୍ଧାଟି ତା ହାତରେ ଖଣ୍ଡିଏ ଲେଖା ଦେଲା । ସେଥିରେ ଲେଖାଥିଲା, "ମୋ ପୁଅ ଜାଣିବ, ମୁଁ ମାତୃଭୂମିର ଗୌରବ ରକ୍ଷା ନିମନ୍ତେ ଯୁଦ୍ଧକ୍ଷେତ୍ରକୁ ଗଲାବେଳେ ରାଜା ମୋତେ 'ସେନାପତି' ଉପାଧି ଦେଇଥିଲେ । ସେ ଉପାଧି ମୁଁ ହୃଦୟର ରକ୍ତ ଦେଇ କିଣିଥିଲି । ମୋ ପୁଅ ସେ ଉପାଧି ଗ୍ରହଣ କରିବ । ସେ ନିଶ୍ଚୟ ନିଜକୁ ତାର ଉପଯୁକ୍ତ କରି ଗଢ଼ିବ ।" ତା ତଳକୁ ଆହୁରି ଲେଖାଥିଲା, "ଯୁଦ୍ଧକ୍ଷେତ୍ରରେ ଜଣେ ସୈନିକ ମୋ ଜୀବନ ରକ୍ଷା କରିଥିଲା । ସେ ଜଜାରସିଂହ ଚଟିଘର ମାଲିକ ସୀନା ସାହୁ । ମୋ ପୁଅ ତାକୁ କୃତଜ୍ଞତା ଦେଖାଇବ ।" ଲେଖାଟି ବନମାଳୀ ବାରମ୍ବାର ପଢ଼ିବାରେ ଲାଗିଲା । ସେ ଯେତିକି ପଢ଼ିଲା, ତା ମନରେ ଗୋଟାଏ ଅଦ୍ଭୁତ ଭାବର ସଞ୍ଚାର ହେଲା । ତାହା ପ୍ରାଣରେ ଗୋଟିଏ ନୂତନ ଅଙ୍କୁରର ଆବିର୍ଭାବ ଘଟିଲା ।

ଶମ୍ଭୁଧର ସଙ୍ଗେ ଚର୍ଚ୍ଚା ହେବା ପରେ ଗୋବିନ୍ଦ ସିଂହ ମାସକେ ଥରେ କୌଣସି ମଙ୍ଗଳବାର ଦିନ କଣ୍ଟକଚଣ୍ଡୀ ଦେଉଳକୁ ଯାଉଥିଲେ । ପାର୍ବତୀ ବନମାଳୀକି ଧରି ଦେଉଳକୁ ଆସିଲେ, ସେ ଆଢ଼ୁଆଳରେ ରହି ଥରେ ତାକୁ ଦେଖି ନିଅନ୍ତି । ସେ ଅନେକ ମଙ୍ଗଳବାର ବାଲିଅନ୍ତାରୁ କଟକ ଯାଇ ଫେରିଛନ୍ତି । ଏପରିକି ବର୍ଷା, ପାଣି, ପବନ, ବାତ, ନମାନି ଜୀବନ ମୂର୍ଚ୍ଛି, ପୁଅକୁ ଦେଖିବା ପାଇଁ ସେ ଯାଉଥିଲେ ।

ଗୋବିନ୍ଦ ସିଂହଙ୍କ ମୃତ୍ୟୁର ଅନେକ ଦିନ ପରେ ଦିନେ ବନମାଳୀ ଏକା କଣ୍ଟକଚଣ୍ଡୀଙ୍କ ଦେଉଳରେ ଗୋଟାଏ ଖୁମ୍ବ ଆଢ଼ୁଆଳରେ ଆଉଜି ବସିଛି, ଦେଉଳ ମାଳୀ ଗଦାଧର ଆସି କହିଲା, "ତୁମେ ଏଠୋଉ ଘୁଞ୍ଚ, ଏଟା ମୋ ଆସନ ।" ଶୁଣି ବନମାଳୀ ଘୁଞ୍ଚିଗଲା । ତହୁଁ ମାଳୀ କହିଲା, "ଶୁଣମ, ମୁଁ କାହିଁକି ତୁମକୁ ଘୁଞ୍ଚିବାକୁ କହିଲି ?" ବନମାଳୀ କହିଲା, "ନା, ମୋର ଦରକାର ନାହିଁ ।"

ଶୁଣି ମାଳୀ ଉତ୍ତର ଦେଲା, "ନା, ଦରକାର ଅଛି, ଶୁଣ । ତୁମେ କାହିଁକି ଭାବିବ ଯେ ମୁଁ ଗୋଟାଏ ଖରାପ ଲୋକ, ଆଉ ଅନ୍ୟାୟରେ, ଅକାରଣରେ ତୁମକୁ ବସିବାଠାରୁ ଉଠେଇଲି । ମୁଁ ଏ ଥାନଟିକୁ ବଡ଼ ପବିତ୍ର ମନେ କରେ । ମୁଁ ତା କାରଣ କହୁଛି । ପ୍ରାୟ ପାଞ୍ଚବର୍ଷ କାଳ ମୁଁ ଦେଖିଲି, ମାସକେ ଥରେ ମଙ୍ଗଳବାର ଦିନ ଜଣେ ଦରିଦ୍ର ଲୋକ ଏଠେଇ ଠିଆ ହେଇ, ମୁଣ୍ଡ ବାଢ଼େଇ, ତା ପୁଅକୁ ଟିକିଏ ଚାହିଁଦେଇ ଚାଲିଯାଏ । ତା ବାପ ସେମିତି ଆସି ଦେଖୁଛି ବୋଲି ପୁଅ

କେବେ ସନ୍ଦେହ କରିନାହିଁ । ମୁଁ ସେ ଲୋକକୁ ଜାଣେ । ତାର ଜଣେ ଶ୍ୱଶୁର ଥିଲା । ସେ ଶ୍ୱଶୁର ତା ପୁଅକୁ ବୋଇଲେ ନିଜ ନାତିକ—ନେଇ ଘରେ ରଖିଥିଲା, ଆଉ ତାକୁ ବାପ ପାଖକୁ ଯିବାକୁ ମନା କରିଥିଲା, ଲୋକଟି ବାଲିଅନ୍ତାରେ ରହୁଥିଲା । ତା ନା କି ସିଂହ ତ ! ତା କପାଳରେ ଗୋଟାଏ ବଡ଼ ଘା ଚିହ୍ନ ଥାଏ । ପୂଜାରୀ ବିମ୍ବାଧର ତାକୁ ଭଲରୂପେ ଜାଣନ୍ତି । କି ସିଂହ ତ ।"

ଶୁଣି ବନମାଳୀ କହିଲା, "ଗୋବିନ୍ଦ ସିଂହ ।"

"ହଁ, ଠିକ ଗୋବିନ୍ଦ ସିଂହ । ତୁମେ କଣ ତାକୁ ଚିହ୍ନ କି ?"

"ହଁ, ସେ ତ ମୋ ବାପା ।" ମାଳୀ ବନମାଳୀକି କୁଣ୍ଢାଇ ପକାଇ କହିଲା, "ଉ, ବାପ, ତା ପୁଅ ? ଅହା, ତତେ କେତେ ସ୍ନେହ କରୁ ନ ଥିଲା କି ! ସେମିତି ବାପ କୋଟିକେ ଗୋଟିଏ ପରି ।"

—୨୭—

## ସ୍ଥାନଚ୍ୟୁତ

ବନମାଳୀ ସେଦିନ ଦେଉଳରୁ ଘରକୁ ଫେରିଯାଇ, ତା ଆରଦିନ କହିଲା, "ଅଜା, ମୋ ସାଥିର କେତେ ପିଲା ଶିକାର କରିବାକୁ ଯାଉଛନ୍ତି । ମୁଁ ତାଙ୍କ ସଙ୍ଗେ ଯିବି । ଦିନ ଦିନ ଲାଗିବ ।" ଶୁଣି ଶ୍ରୀନିବାସ ଉତ୍ତର ଦେଲେ, "ଦିନ ଦିନ କାହିଁକି ଦିନ ମାସ ପାଇଁ ଯା ନା ।" ତା ପରେ ପାର୍ବତୀଙ୍କି ଟିକିଏ ଆଖି ଠାରି ଧୀରେ ଧୀରେ କହିଲେ, "ଏ ବୟସଟା ତ ଏଇପରି । ନ ଯାଇ କଣ ସ୍ଥିର ହୋଇ ରହି ପାରିବ ? ଯାଉ, କୋଉଠୁ ଗୋଟାଏ ଚଷା ଗଉଡ଼ ବାଉରି ଘର ଟୋକୀ ଧରି ନ ଆସିଲେ ରକ୍ଷା ।"

ବାଙ୍କିରେ ପହଞ୍ଚି, ବନମାଳୀ ଘର ଘର ବୁଲି ପିତାଙ୍କ ବିଷୟରେ ନାନା-ପ୍ରକାର ପ୍ରଶ୍ନ ପଚାରିବାକୁ ଲାଗିଲା । ସେ ଯେଉଁଠାକୁ ଗଲା, ଗୋବିନ୍ଦ ସିଂହଙ୍କ ପ୍ରଶଂସା ଶୁଣିଲା । ତା ହୃଦୟ ଗର୍ବରେ ପୂରି ଉଠିଲା । ସେଠାରୁ ଫେରି ସେ କଟକଚଣ୍ଡୀ ଦେଉଳ ମାଳୀ ସଙ୍ଗେ ଦେଖାକଲା । ବିମ୍ବାଧର ସଙ୍ଗେ ତାର ପରିଚୟ ହେଲା । ସେ

ପିତାଙ୍କ ଅଦ୍ଭୁତ ସ୍ୱଦେଶସ୍ନେହର ବର୍ଣ୍ଣନା ଶୁଣିଲା । ଶେଷରେ ସେ ମନକୁ ମନ କହିଲା, "ମୁଁ ତ ସାମାନ୍ୟ ଲୋକର ପୁଅ ନୁହେଁ । ଗୋବିନ୍ଦ ସିଂହ ମନୁଷ୍ୟ ନ ଥିଲେ; ଥିଲେ ସିଂହ ଦେବତା ।"

ସେ ଘଟଣା ପରେ କ୍ରମେ ଶ୍ରୀନିବାସ ତୁଳସୀପୁର ନିଆସ ବନମାଳୀକୁ କଣ୍ଟକମୟ ବୋଧ ହେବାକୁ ଲାଗିଲା । ସେ ଘରେ ବେଶି ସମୟ ରହିଲା ନାହିଁ; ସର୍ବଦା ଚଞ୍ଚଳ ଦିଶିଲା । ତା ମୁଖମଣ୍ଡଳ ଗମ୍ଭୀର ଏବଂ ନେତ୍ରଯୁଗଳ ବିଷଣ୍ଣ ଦେଖା-ଗଲା । ଦେଖି ଶ୍ରୀନିବାସ ମନେ ମନେ ଭାବିଲା, "କାହା ଫାନ୍ଦରେ ପଡ଼ି ସାରିଲାଣି ।" ବାସ୍ତବରେ ବନମାଳୀ ଫାନ୍ଦରେ ପଡ଼ିସାରିଥିଲା; ସେ ଫାନ୍ଦ ତା ପିତୃଭକ୍ତିର ଫାନ୍ଦ ।

ବନମାଳୀ ମନରେ ନୂତନ ଭାବର ସଞ୍ଚାର ହେବା ସଙ୍ଗେ ସଙ୍ଗେ, ତାର ଭୀଷଣ ମାନସିକ ପରିବର୍ତ୍ତନ ମଧ୍ୟ ଘଟିଲା । ସେ ବିଶ୍ୱାସ କରୁଥିଲା ଯେ ବାଙ୍କିର ରାଜା ଇଂରେଜ ସରକାରଙ୍କ ହାତେ ବିନା ଯୁଦ୍ଧରେ ରାଜ୍ୟ ସମର୍ପଣ କରି ନ ଦେଇ, ଯୁଦ୍ଧ କରିବାଦ୍ୱାରା ଗୋଟାଏ ଘୋର ଅନ୍ୟାୟ କାର୍ଯ୍ୟ କରିଛନ୍ତି । ଇଂରେଜ ଏ ଦେଶରେ ରାଜତ୍ୱ କରିବା ନିମନ୍ତେ ଭଗବାନଙ୍କ ଦ୍ୱାରା ପ୍ରେରିତ ବୋଲି ସେ ବିଦ୍ୟାଳୟର ପାଠ୍ୟ-ପୁସ୍ତକରେ ପଢ଼ିଥିଲା; ସୁତରାଂ ତାହାହିଁ ଯଥାର୍ଥ ବୋଲି ତା ମନରେ ଧାରଣା ବଦ୍ଧମୂଳ ହୋଇଥିଲା । କିନ୍ତୁ ସେ ବର୍ତ୍ତମାନ ଦେଖିପାରିଲା ଯେ ତା ପିତା ବାଙ୍କି-ରାଜାଙ୍କ ପକ୍ଷରୁ ଇଂରେଜ ସରକାରଙ୍କ ବିରୁଦ୍ଧରେ ଅସ୍ତ୍ର ଧାରଣ କରି ପ୍ରବଳ ଦେଶ-ହିତୈଷିତାର ପରିଚୟ ଦେଇଛନ୍ତି । ପିତା ଜୀବିତ ଥିଲେ, ସେ ତାଙ୍କ ଗୋଡ଼ତଳେ ପଡ଼ି କ୍ଷମା ମାଗି କହିଥାନ୍ତା, "ବାପା, ଆପଣ ମୋ ଧର୍ମଗୁରୁ; ମୁଁ ଆପଣଙ୍କ ପୁଅ ।" ପିତାଙ୍କୁ ହରାଇ ସେ ତାଙ୍କ ସ୍ମୃତିକୁ ପୂଜା କରିବାରେ ଲାଗିଲା । 'ବନମାଳୀ ରାଏ' ନାମ ଛାଡ଼ି, ନିଜ ପାଠ୍ୟ ପୁସ୍ତକମାନଙ୍କରେ ନାମ ଲେଖିଲା, "ସେନାପତି ବନମାଳୀ-ସିଂହ ।" ବଞ୍ଚି ରହିଲେ, ଭବିଷ୍ୟତରେ ସେ ଜଣେ ସେନାପତି ହେବ ବୋଲି ସ୍ଥିର କରିନେଲା ।

ବନମାଳୀ ମନେ ମନେ ପିତାଙ୍କ ସ୍ମୃତି ଯେତେ ପୂଜା କରିବାକୁ ଲାଗିଲା, ଶ୍ରୀନିବାସ ଚମ୍ପତିରାଏଙ୍କଠାରୁ ତା ହୃଦୟ ସେତିକି ଅନ୍ତର ହୋଇଗଲା । କିନ୍ତୁ ତା କଥାବାର୍ତ୍ତା ଓ କାର୍ଯ୍ୟକଳାପରେ ଅନ୍ୟ ତାର ଏ ନୂତନ ଭାବର କୌଣସି ଚିହ୍ନ ଲକ୍ଷ୍ୟ କରି ପାରିଲେ ନାହିଁ ।

ବନମାଳୀ କେଉଁ ଦିନ ଜଜାରସିଂହ ଯାଇ, ଧାନା ସାହୁକୁ ଖୋଜି, ସନ୍ଧାନ ନ ପାଇ ଫେରି ଆସିଲା, ତାହା କେହି ଜାଣିପାରିଲେ ନାହିଁ । ସେ ଧରିନେଲା ଯେ ପିତାଙ୍କ ଆଦେଶ ପାଳନ କରିବାର ଗୋଟିଏ ସୁଯୋଗରୁ ସେ ବଞ୍ଚିତ ହୋଇଛି । ଧାନା ସାହୁ ଯେ କେବଳ ଜଜାରସିଂହରେ ନଥିଲା, ତା ନୁହେ । ତା ଚଟିଘର ଭାଙ୍ଗି

ଯାଉଥିଲା; ତା ବିଷୟରେ କେହି କିଛି କହିପାରିଲେ ନାହିଁ । ଜଜାରସିଂହ ଯିବା ଆସିବାରେ ବନମାଳୀର ସ୍ୱରଭଙ୍ଗ ଗଲା । ତାହା ଦେଖି, ଶ୍ରୀନିବାସ ଚମ୍ପତିରାଏ କହିଲେ, "ଟୋକାଟା ଏକାବେଳକେ ବିଗିଡ଼ିଗଲାଣି ।" ତା ବିଗିଡ଼ି ଯିବାର ଆଉ ଏକ ଲକ୍ଷଣ ମଧ୍ୟ ଦେଖାଗଲା । ସେ ଖଣ୍ଡେ କାଗଜ ମୁଡ଼ାଇ, ସୂତାରେ ବାନ୍ଧି, ବେକରେ ଝୁଲାଇ ରଖିଥିଲା । ସେଟା ଯେ କେବଳ କଦର୍ଯ୍ୟ ଓ ରୁଚି-ବିଗର୍ହିତ ଦିଶୁଥିଲା, ସେତିକି ନୁହେଁ; ତାର କୌଣସି ଅର୍ଥ ମଧ୍ୟ ବୁଝାଯାଉ ନ ଥିଲା ।

ବନମାଳୀ ଉପରେ ନିତାନ୍ତ ଅସନ୍ତୁଷ୍ଟ ହୋଇ, ଶ୍ରୀନିବାସ ଚମ୍ପତିରାଏ କ୍ରମେ କ୍ରମେ ବିଶ୍ୱେଶ୍ୱରଙ୍କୁ ଅଧିକ ଅଧିକ ଆଦର କରିବାରେ ଲାଗିଲେ । ହୃଦୟର ଯେଉଁ ଧାରା ବନମାଳୀ ଆଡ଼କୁ ବୋହିବାରେ ବାଧା ପାଇଲା, ତାହା ଫେରି ବିଶ୍ୱେଶ୍ୱର ମୁଣ୍ଡରେ ପଡ଼ିଲା । ବିଶ୍ୱେଶ୍ୱର ପଢ଼ାଶୁଣା ସେତେ ନ କଲେ ମଧ୍ୟ, କୁସ୍ତି କସରତକୁ ବେଶ୍ ପାରେ । ହାବୁ ପଡ଼ିଲେ, ବଡ଼ ବଡ଼ ମାଲମାନଙ୍କ ସଙ୍ଗେ ଲଢ଼େଇ କରିବାରେ ସେ ପଛାଏ ନାହିଁ । ବନମାଳୀ ଓ ବିଶ୍ୱେଶ୍ୱର ମଧ୍ୟରେ ଦେଖା ସାକ୍ଷାତ କେବେ ହୋଇନାହିଁ । ଉଭୟେ ଉଭୟର ନାମ ଶୁଣିଛନ୍ତି ମାତ୍ର ।

ଦିନେ ବନମାଳୀ କେଉଁଠାକୁ ଯିବାକୁ ବସିଲା । ତାହା ଜାଣିପାରି, ପାର୍ବତୀ ଅତ୍ୟନ୍ତ ବିରକ୍ତ ହୋଇ କହିଲେ, "ମୋ ରକ୍ତ ଟକମକ ହୋଇ ଫୁଟି ଉଠୁଚି ପରା । ଟୋକାଟା ସବୁବେଳେ ଧାଇଁଲା କୁଆଡ଼େ ? ବାପା କିଛି ଭୁଲ ବୁଝିନାହାନ୍ତି । ମରୁ, ଯାହା ପାରୁଚି କରୁ । ତା ମୁହଁ ଚାହିଁବି ନାହିଁ ।" ପାର୍ବତୀ ଯେଉଁ କୋଠରୀରେ ବସିଥିଲେ, ତା ଦ୍ୱାର ଫିଟିଲା । ପାର୍ବତୀ ଚାହିଁ, ବିସ୍ମିତ ହୋଇ ପଚାରିଲେ, "କିରେ ବିଶ୍ୱେଶ୍ୱର ଯେ ! ତୁ ହଠାତ୍ କୁଆଡ଼େ ?"

"ଆସିଗଲି, ଅପା, ଟିକିଏ ବୁଲିଯିବାକୁ ।"

"ପାଞ୍ଚ ବର୍ଷରେ ତ ପାଦ ପକାଇଚୁ, ମାସେ ଖଣ୍ଡେ ରହ ।"

"ନା, ଅପା, ଆଜି ଚାଲିଯିବି । ରହିବାକୁ ମନ କହୁଚି, 'ହଁ', ହେଲେ, କାମ କହୁଚି 'ନା' । କାମ ପଛକୁ ପକାଇ ରହି ପାରିବି ?"

ବିଦାୟ ନେଲାବେଳେ ପାର୍ବତୀ ବିଶ୍ୱେଶ୍ୱର ହାତେ ଶହେଟି ଟଙ୍କା ଦେଇ କହିଲେ, "ମଜୁରି ନୁହେଁ, ବାପା, ଖାଲି ବିଦାକି । ଏ ଅପାଟା ପାଇଁ ଗୋଟାଏ କାମ କରିଦେବୁ ? ତୁ ଯୁଆଡ଼େ ଯାଉଚୁ, ବନମାଳୀ ତ ମଧ୍ୟ ସେହିଆଡ଼େ ଯାଉଚି । ତୁ ତାକୁ ଚିହ୍ନିଚୁ ନା ?"

"ହଁ, ମୁଁ ତାକୁ ଚିହ୍ନେ, ସେ ମୋତେ ଚିହ୍ନେ ନାହିଁ । ତା ଆଖିକି ମୁଁ କାହିଁକି ଦିଶିବି, ଅପା ? ସେ ବଡ଼ ଲୋକ ।"

"ଆଚ୍ଛା, ଶୁଣ ବିଶ୍ୱେଶ୍ୱର ! ସେ ଦରିବର ଘରୁ କୁଆଡ଼େ ପଳାଉଛି । କୋଉଠି ତାହା ସାଙ୍ଗେ ପଡ଼ିଲଣି କି ?"

"କିଛୁ ବଚଣ ନୁହେଁ ।"

"ଦେଖ, ତୁ ଟିକିଏ ଖବର ଅନ୍ତର ନେବୁଟି ? ତେବେ ତ ସେ ଚନ୍ଦ୍ରେନାହିଁ କହୁଚୁ । ତୁ ବୁଝି ଖବର ନେଇ ମତେ ଚିଠି ଲେଖିବୁ ।"

"ହଉ, ଅପା" କହି, ବିଶ୍ୱେଶ୍ୱର ଚାଲିଗଲା । ବନମାଳୀର କାର୍ଯ୍ୟକଲାପ ଲକ୍ଷ୍ୟ କରିବାକୁ ତା ନିଜର ସେପରି କୌଣସି କୌତୂହଳ ନ ଥିଲା । କିନ୍ତୁ ଜଗତରେ ଅର୍ଥ ଲାଳସା ବେଳେ ବେଳେ କୌତୂହଳର ସ୍ଥାନ ଅଧିକାର କରେ ଏବଂ ସେଦିନ ବିଶ୍ୱେଶ୍ୱରର ହୃଦୟ ଅଧିକାର କରି ବସିଲା । ସେ ଭାବିଲା, "ଗଲେ କଣ, କେତେ ଶହ ମିଳିବ ।"

ବାଲିଅନ୍ତା ଦାଣ୍ଡରେ ଜଣେ ଯୁବକ ହାତରେ ଅନେକଗୁଡ଼ାଏ ଫୁଲମାଳ ଧରି କହି କହି ଯାଉଥିଲା; —"ଫୁଲ ନିଏ ନବ, ରସିକେ ?" ବିଶ୍ୱେଶ୍ୱର ଡାକ ଶୁଣି ଚାହିଁଲା । ସେ ଦେଖିଲା, ବନମାଳୀ ଗୋଟିଏ ଫୁଲମାଳ କିଣୁଛି । ବିଶ୍ୱେଶ୍ୱର ମନେ ମନେ ଭାବିଲା, "ଆଚ୍ଛା, ଟୋକାଟାକୁ ଥରେ ଦେଖିଦିବା । ଭାରି ସୁବିଧା ମିଳିଚି ।"

ଆଦେଶ ପାଳନ କ୍ରମେ କୌତୂହଳରେ ପରିଣତ ହେଲା । ବନମାଳୀ ବିଶ୍ୱେଶ୍ୱରକୁ ଚିହ୍ନି ନ ଥିବାରୁ ତା ଆଡ଼କୁ ନ ଚାହିଁ, ଗମ୍ଭୀର ଭାବରେ ଚାଲିଗଲା । ବିଶ୍ୱେଶ୍ୱର ଖଣ୍ଡେ ଦୂରରେ ପଛେ ପଛେ ଯାଇ ଦେଖିଲା ବନମାଳୀ ଗୋଟିଏ ଅତି ଛୋଟିଆ ଦେଉଳ ଭିତରେ ଫୁଲମାଳଟି ନେଇ ଥୋଇଲା । ବିଶ୍ୱେଶ୍ୱର ଦେଖି ମନେ ମନେ ଭାବିଲା, "ସେ ଭିତରେ ତ ମଣିଷଟାଏ ରହିବା ଅସମ୍ଭବ । ଏ କଣ ?" ସେ ଆହୁରି ନିକଟକୁ ଯାଇ ଦେଖିଲା, ବନମାଳୀ କାନ୍ଦୁଛି; ଦେଉଳ କାନ୍ଥରେ ଲେଖା ହୋଇଛି, "ସେନାପତି ଗୋବିନ୍ଦ ସିଂହଙ୍କ ସମାଧି ।" ବିଶ୍ୱେଶ୍ୱର ଚମକି ପଛେଇଗଲା, ଦେଖିଲା, ତା କଳ୍ପନାର ବାଲିକାଟି ବିକଟ ଶ୍ମଶାନର ଚିତା ।

ଗୋବିନ୍ଦ ସିଂହ ମଲା ପରେ ତାଙ୍କ ଅନ୍ତ୍ୟେଷ୍ଟି କ୍ରିୟା କରିବାପାଇଁ ଗଙ୍ଗାଧର ନିଜର ଜମି ବିକି ଟଙ୍କା ବ୍ୟୟ କରିଥିଲା । ତାଙ୍କ ଚାକରଆଣୀ ବୁଢ଼ୀ ତାର ସମୁଦାୟ ସଞ୍ଚିତ ଧନ ଏକଶହ କୋଡ଼ି ଟଙ୍କା ଖର୍ଚ୍ଚ କରି ଚିତା ଉପରେ ଗୋଟିଏ ଛୋଟିଆ ସୁନ୍ଦର ପଥର ଦେଉଳ ତିଆରି କରାଇ ଦେଇଥିଲା । ଦେଉଳଟିର ଉଚ୍ଚତା ଦେଢ଼ ହାତ ମାତ୍ର ।

ବାଲିଅନ୍ତାରୁ ଫେରି, ବନମାଳୀ ଘରେ ପହଞ୍ଚି ପୋଷାକ ଲୁଗାପଟା ଆଦି ଖୋଲିଦେଇ, ସାଧୋଇବାକୁ ଚାଲିଗଲା। ସେ ଫେରିବାରୁ ଶୁଣି, ଶ୍ରୀନିବାସ ଚମ୍ପତିରାଏ ତା ଉପରେ ରାଗ ସେଣ୍ଢାଇବାକୁ ଧାଇଁଆସି, ତା ପରିବର୍ତ୍ତେ ତା ଲୁଗାପଟାଗୁଡ଼ାକ ଦେଖିଲେ। ସେ ବେକରେ ଯେଉଁ କାଗଜଖଣ୍ଡି ବାନ୍ଧି ରଖିଥାଏ, ସେ ଖଣ୍ଡି ଲୁଗା-ପଟା ଭିତରୁ ବାହାରିଲା। ଶ୍ରୀନିବାସ ତାକୁ ଫିଟାଇ ପଢ଼ିଲେ ଏବଂ ପାର୍ବତୀଙ୍କୁ ଡାକି ପଢ଼ାଇଲେ। ପଢ଼ି, ବାପ ଝିଅ ଦୁହେଁ ରାଗରେ ପାଚିଗଲେ। ବୁଢ଼ା ପାଟି ଫିଟାଇ ପାରିଲେ ନାହିଁ। ଝିଅ ଅନେକ ସମୟ ପରେ କହିଲେ, "ଏ ହେଉଛି ଲଢେଇସ୍ତା ହାତର ଲେଖା।" ଲୁଗାପଟା ଭିତରୁ ଖଣ୍ଡେ ପୋଥି ବାହାରିଲା। ସେଥିରେ ଲେଖାଥିଲା, "ସେନାପତି ବନମାଳୀ ସିଂହ।"

ଶ୍ରୀନିବାସ ସେ ପୋଥି, ଲୁଗାପଟା ଆଦି ସବୁ ଜିନିଷ ନେଇ ବାହାରେ ପକେଇଦେଲେ। ବନମାଳୀ କିଛି ସମୟ ପରେ ଆସି ପହଞ୍ଚିବାରେ ସେ କହିଲେ "କିରେ ସେନାପତି, ମୋ ଘରେ ଯୁଦ୍ଧ କରିବୁ ବୋଲି ଆସିଚୁ ନା କଣ? ସେନାପତି କଣ ରେ?" ବନମାଳୀ ନମ୍ର ସ୍ୱରରେ ଉତ୍ତର ଦେଲା, "ତା ଅର୍ଥ, ମୁଁ ମୋ ବାପର ପୁଅ।" ବୁଢ଼ା ବଜ୍ରସ୍ୱରରେ କହିଲେ, "ତୁ ମୋ ପୁଅ।" ବନମାଳୀ ପୁଣି ଧୀରେ ଧୀରେ କହିଲା, "ନା ମୋ ବାପା ପରମ ଦେଶହିତୈଷୀ ଥିଲେ। ତାଙ୍କର ପ୍ରଧାନ ଦୋଷ ଥିଲା ଯେ ସେ ଦୁଇଟା ଅକୃତଜ୍ଞ ପଦାର୍ଥକୁ ଅତିରିକ୍ତ ସ୍ନେହ କରୁଥିଲେ—ଗୋଟାଏ ଦେଶ, ଆଉ ଗୋଟାଏ ମୁଁ।" ଶ୍ରୀନିବାସ ଆଉ ସହିପାରିଲେ ନାହିଁ, କହିଲେ, "ତୋ ବାପ କିଏ, ମୁଁ ଜାଣିବାକୁ ଚାହେଁନା। ତୁ ସେନାପତି ହେଇଗଲୁଣି। ଦେଖ୍ ମୋ ପାଦଧୂଳିକି ପରି ନୋହୁ ତୁ ସେନାପତି! ସେନାପତି ଗୋଟାଏ ଠକ, ବଦ୍‌ମାସ, ଚୋର—ଯେପରି ସେ ମୁଖଶ୍ରୀସ୍ଥ ଥାଏ ସେହିପରି ତୋ ବାପ।"

ବନମାଳୀ ଆପାଦମସ୍ତକ ଥରିଲା। ତା ସମ୍ମୁଖରେ ପିତାଙ୍କର ଯେ ଏତେ ବଡ଼ାଏ ଅପମାନ କରାଯିବ, ସେ ଭାବି ନ ଥିଲା। ତେଣୁ ସେ ଚାଟିକରି କହିଲା, "ଅଜା ସାବଧାନ! ମୋ ବାପାଙ୍କୁ ନିନ୍ଦା କରିବେ ନାହିଁ!" ଶୁଣି, ଶ୍ରୀନିବାସ ଚମ୍ପତିରାୟ କହିଲେ, "ତୋ ପରି ଗୋଟାଏ ସେନାପତିକି ମୁଁ ଘରେ ରଖି କଣ ପୋଷିପାରିବି? କୁକୁର ପରି ତଡ଼ିଦେବି।" ସେ ପାଦରେ ତାକୁ ଗୋଟାଏ ଗୋଇଠା ମାରି ପୁଣି କହିଲେ, "ଏଇ ମୁହୂର୍ତ୍ତରେ ପଳା ମୋ ଘରୁ, ଚଣ୍ଡାଳ। ମୁଁ ନ ଜାଣି ଦୁଧ ଖୁଆଇ ସାପ ପୋଷିଥିଲି, ଆଜି ଗରଳ ବାନ୍ତି କରୁଚୁ।"

କେତେଦିନ ପରେ କ୍ରୋଧାନଳ ଲିଭି, ଯେତେବେଳେ ନିଆଁ ଖଣ୍ଡମାନଙ୍କ ଉପରେ ଗୋଟାଏ ପାଉଁଶ ଆବରଣ ଘୋଡ଼ି ଦେଇଗଲା, ଚମ୍ପତିରାଏ ପାର୍ବତୀଙ୍କି

କହିଲେ, "ପଚିଲେଇଚ, ଘରୁ ଗୋଟାଏ ଅଳିଆ ଯାଇଚ । ଆଉ ତା ମୁହଁ ଗ୍ଳୁହିଁମି ନାହିଁ । ନେଚବେ ତୁ ପ୍ରତି ଛ ମାସକୁ ତା ପାଖକୁ ଛ ଶହ ଟଙ୍କା ଭଣ୍ଡି ପଠେଇ ଦେଉଥିବୁ । ନୋହିଲେ ସମ୍ପତ୍ତିରୁ ଭାଗ ମାଗିବ, ଅଦାଲତରେ ମକଦ୍ଦମା କରି ବସିବ । ଓକିଲ ପଞ୍ଚାଏତ ଶାଳୁଣାପଲ ପରି ଟାକି ବସିଛନ୍ତି ନା; ଧଳାକୁ କଳା କରିବେ ।"

---

—୨୮—

# ବନମାଳୀର ନୂଆ ପରିସ୍ଥିତି

"କାହେ, ବନମାଳୀ ନା କଣ ?"

"ହଁ" ।

"ତୁ ଅନେକ ଦିନ ଅନୁପସ୍ଥିତ ହେଇଗଲୁ । କୁଆଡ଼େ ଯାଇଥିଲୁ କି ? ଶିକ୍ଷକ ହାଜରି ବହିରୁ ତୋ ନାଁ କାଟିଦେଉଥିଲେ । ସେ ପ୍ରଥମେ ଡାକଲେ, 'ବନମାଳୀ ସ୍ୱାଁଇ' । କେହି ଉତ୍ତର ଦେଲେ ନାହିଁ । ତହୁଁ ସେ ଆଉ ବଡ଼ ପାଟିକରି ଡାକଲେ । ତଥାପି ଉତ୍ତର ମିଳିଲା ନାହିଁ । ମୁଁ ଭାବିଲି, ତୁ କେଉଁଆଡ଼େ ଦୂରକୁ ଗ୍ଳଲି ଯାଇଥିବୁ । ଶିକ୍ଷକ ପୁଣି ତୃତୀୟଥର ଆହୁରି ବଡ଼ ପାଟିକରି କହିଲେ, 'ବନମାଳୀ ସ୍ୱାଁଇ' । ମୁଁ କହିଲି, 'ଉପସ୍ଥିତ' । ତା ପରେ ଯେତେବେଳେ ଡାକଲେ, 'ବିଶ୍ୱନାଥ ମିଶ୍ର', ମୁଁ ପୁଣି କହିଲି, 'ଉପସ୍ଥିତ' । ଶିକ୍ଷକ ମୋ ଆଡ଼କୁ ଗ୍ଳହିଁ ପଚାରିଲେ, 'ତୁ କଣ ଦୁ ଜଣ ?' ତହୁଁ ତୋ 'ଉପସ୍ଥିତ' ରଖି, ମୋର 'ଅନୁପସ୍ଥିତ', କଲେ । କେବଳ ସେତିକି ନୁହେଁ, ସେ ନିୟମ କାଣିକଲେ ଯେ ଏ ମାସରେ ଯେ ପାଞ୍ଚ ଦିନରୁ ବେଶି ଅନୁପସ୍ଥିତ ଥିବ, ସେ ତା ନାଁ କାଟିଦେବେ । ତୋର ଆଉ ମୋର ପାଞ୍ଚ ଦିନ ହେଇଯାଇଥିଲା । ତୋ ନାଁ ରହିଲା, ମୋ ନାଁ କଟିଗଲା ।"

"ତୁ କଣ କଲୁ ! ମୋ ନାଁ ତ କଟିଥାନ୍ତା । ତୁ ମୋ ପାଇଁ 'ଉପସ୍ଥିତ' ଡାକି, ନିଜ ନାଁ କାଟି ବସିଲୁ କାହିଁକି ?"

"ସେ କଥା ତ ଗଲାଣି । ନାଁ ତ କଟିଲା । ପୁଣି ସେ ଦୋଷ ପାଇଁ ତୋ ହାତରେ ଏବେ ଫାଶୀ ଦିଅମି ନା କଣ ? ତୁ ଏପରୁ ଜନପଦଧ ଧରି ଗାଡ଼ିଟାରେ ବସି କୁଆଡ଼େ ଯାଉଚୁ ମ ?"

"କୁଆଡ଼େ ଜାଣେନା । ତେବେ, ଏତକ ଜାଣେ ଯେ ଅଜାଙ୍କ ଘରକୁ ନୁହେଁ । ତା ଛଡ଼ା ସଂସାରରେ ଯେଉଁଠି ଜାଗା ମିଳିବ, ରହିବି । ଏଇ ଯେ ପଦ୍ମନାଭ ।"

"ମୋ ସାଙ୍ଗେ ଆମ ଘରକୁ ଚାଲ, ଭାଇ ।"

"ନା, ତୁ ତ ଏଇ ଆସି ପହଞ୍ଚିଲୁ । ସେ ମୋ ସାଙ୍ଗେ ଆମ ଘରକୁ ଯିବ । ତୁ ଡାକିବାକୁ କିଏ ?"

"କାହିଁକି, ତୁ ତ ଅନେକ ସମୟ ତା ସାଙ୍ଗେ କଥାବାର୍ତ୍ତା ହୋଇସାରିଲୁଣି ! ତୋ ଦାବୀ ସରିଲାଣି । ପଦ୍ମନାଭ ଆଉ ଅପେକ୍ଷା ନ କରି, ଗାଡ଼ିରେ ଉଠି ବନମାଳୀ ସହିତ ବସିଲା ।

ପଦ୍ମନାଭ ଘରେ ବନମାଳୀ ଅତିଥିରୂପେ କେତେଦିନ ରହିଲା ପରେ ଦିନେ ଘରବାଲା ଆସି କହିଲା, "ପଦ୍ମନାଭ ଦାସ ମୋତେ ଆପଣଙ୍କ ନିକଟକୁ ପଠେଇ ଦେଲେ ।"

"ଭଲ କଥା, ଆସନ୍ତୁ, ବସନ୍ତୁ ।"

"ନା, ବସିବି ନାହିଁ । ମୁଁ ଟଙ୍କାତକ ପାଇଲେ, ଚାଲିଯିବି ।"

"ଆଚ୍ଛା, ଆପଣ ପଦ୍ମନାଭକୁ ମୋ ପାଖକୁ ପଠେଇ ଦିଅନ୍ତୁ ।" ପଦ୍ମନାଭ ଭଡ଼ାଘରେ ରହି, ବିଦ୍ୟାଳୟରେ ପାଠ ପଢ଼ୁଥିଲା । ବନମାଳୀ ତା ସହିତ ସେ ଘରେ ରହି, ବାରମ୍ବାର ଜିଦ କରି କହିଲା, "ନା, ଭାଇ, ମୁଁ ଯେତେବେଳେ ଆସି ରହିଛି ମୁଁ ଭଡ଼ାରୁ ଅଧେ ଦେବି । ତୁ ପୂରା କାହିଁକି ଦେବୁ । ତୁ ପୂରା ଭଡ଼ା ଦେଲେ ମୁଁ ରହିବି ନାହିଁ ।" ଫଳରେ ପଦ୍ମନାଭ ଘରବାଲାକୁ ଅଧାଭଡ଼ା ପାଞ୍ଚ ଟଙ୍କା କେତେ ମାସ ଦେଇଗଲା । ବନମାଳୀ ଉପରେ ଯେତେବେଳେ ଚାରି ମାସର ଭଡ଼ା କୋଡ଼ିଏ ଟଙ୍କା ଜମିଗଲା, ପଦ୍ମନାଭ ଘରବାଲାକୁ ତା ପାଖକୁ ପଠେଇଦେଲା । ବନମାଳୀ ସେହିକ୍ଷଣି ଟଙ୍କା ଦେଇ ନ ପାରି, ଘରବାଲା ହାତେ ପଦ୍ମନାଭକୁ ଡକାଇ, ଯେତେବେଳେ କଥାବାର୍ତ୍ତା କଲା, କହିଲା, "ଭାଇ ଗୋଟାଏ କଥା ତୋତେ ମୁଁ ଏପର୍ଯ୍ୟନ୍ତ କହିନାହିଁ । ସେଟା ଏଇ ଯେ ମୋ ନିକଟର ଆତ୍ମୀୟସ୍ୱଜନ କେହି ନାହାନ୍ତି ।"

"ତେବେ, ତୁ ଚଳିବୁ କିପରି ?"

"ମୁଁ ଜାଣେନା ।"

"ତୋ ପାଖେ ଟଙ୍କା ଅଛି ।"

"ଅଛି, ପନ୍ଦର ଟଙ୍କା ।"

"ସେଥିରେ ତ ଚଳିବ ନାହିଁ; ମୋଠୁ କିଛି ଧାର ନେ ।"

"ନା, ମୋର କେତେକ ଜିନଷ ଅଛି, ବନ୍ଧକ ଦେଲେ ଟଙ୍କା ମିଳିବ ।" ବନମାଳୀ ଗୋଟିଏ ସୁନାମୁଦି ଓ ହଲେ ପାଟ ପଦ୍ମନାଭକୁ ଦେଇ, କହିଲା, "ଏଇ ଏତିକ ଦେଇ, ଯାହା ପାରୁଚ ଆଣି ଦେ ।"

ପଦ୍ମନାଭ ମୁଦି ଏବଂ ପାଟ ବନ୍ଧକ ଦେଇ ପଞ୍ଚଷଠି ଟଙ୍କା ଆଣିଲା । ବନମାଳୀ କହିଲା, "ମୋ ହାତେ ଥିବା ପନ୍ଦର ମିଶି ଏ ତ ଅଶୀ ହେଲା ।"

"ତୋତେ କେତେ ଦବାକୁ ହେବ ଏଠେଇ ? ଆଉଥରେ ପଚ୍ଚିଶ ଦେଉଚ —ଏ ଟଙ୍କାଟା ତୁ ନ ଦେଲେ ଭଲ ହୁଅନ୍ତା ନାହିଁ ?"

"ନା, ମୁଁ ଦେବ । ଏ କୋଡ଼ିଏ ଟଙ୍କା, ଆଉ ଖାଇବା ଖର୍ଚ୍ଚ ବାବଦରେ ପଚ୍ଚିଶ ଟଙ୍କା ।"

"ତେବେ ତୋ ହାତରେ ଆଉ ରହିବ କଣ ?"

"କାହିଁକ, ଦଶ ।"

ପାର୍ବତୀ ଏ ମଧ୍ୟରେ ବନମାଳୀର ରହିବା ସ୍ଥାନ ଠଉରାଇ ନେଇଥିଲେ । ପିତାଙ୍କ ବରାଦ ଅନୁସାରେ ଛ ମାସର ଭଡ଼ା ଛ ଶହ ଟଙ୍କା ଜଣେ ତା ପାଖକୁ ପଠାଇଦେଲେ । ବନମାଳୀ ବିଦ୍ୟାଳୟରୁ ଫେରି ଅପରାହ୍ଣରେ ସେ ଟଙ୍କା ପାଇଲା । ସେ ଟଙ୍କା ରଖିଲା ନାହିଁ । ଟଙ୍କାତକ ସେ ବାହକ ହାତେ ଫେରସ୍ତ ଦେଇ ଚିଠି ଲେଖିଲା, "ମାଉସୀ, ଆଜ ମୋ ପାଖେ ତିନ ଟଙ୍କା ଅଛି । ମୋର ବର୍ତ୍ତମାନ ଅଭାବ ନାହିଁ । ଏ ଟଙ୍କା ଫେରାଇଦେଲି । ଆଉ ଏଣିକି ଟଙ୍କା ପଠାଇବ ନାହିଁ । ମୁଁ ଏବେ ଟାଏ ହେଲିଣି । ଜଣ ନିଜ ବ୍ୟବସ୍ଥା ନିଜେ ଚଳାଇ ପାରିବିନାହିଁ ? ମୁଁ ବର୍ତ୍ତମାନ ଗୀତ ଲେଖି ଆଖଡ଼ାବାଲାଙ୍କୁ ଦେଇ କିଛି କିଛି ରୋଜଗାର କରୁଛି । ବର୍ତ୍ତମାନ ଏ ଜାଗାଟାରେ ଯେ ଅଛି, ଖର୍ଚ୍ଚ ଟିକିଏ ବେଶୀ ପଡ଼ୁଛି । ସେଥିପାଇଁ କାଲି ଗୋଟାଏ ନୂଆ ଘରକୁ ଯାଉଛି । ସେଠି ମୋ ଆୟରେ ମୁଁ ବେଶ୍ ଚଳିଯିବ । ମୋ କଥା ଆଉ ଭାବିବ ନାହିଁ ।" ପାର୍ବତୀ ନିଜେ ବନମାଳୀ କଥା ଭାବନ୍ତୁ ନ ଭାବନ୍ତୁ, ବାପାଙ୍କୁ ଅନ୍ତତଃ ତା ବିଷୟରେ କିଛି କହିଲେ ନାହିଁ । କାରଣ ବାପା ଶୁଣିଲେ କହିଥାନ୍ତେ—'ସେ ପିଶାଚ କଥା ମୋ କାନରେ ପକାନା ।' ଆହୁରି ହୁଏତ ଦିନେ ଓଳିଏ ଖିଆପିଆରେ ଗୋଳମାଳ ଘଟିଥାନ୍ତା ।

ପାର୍ବତୀଙ୍କ ଟଙ୍କା ଫେରସ୍ତଦେବା ପରଦିନ ବନମାଳୀ ମଙ୍ଗଳାବାଗ ଛକି କୋଠାର ଉପର ମହଲରେ ନୂଆ ବସା ନେଲା । ଯେଉଁ ବୟସରେ ଯୁବକମାନେ ନିଜର ପ୍ରୀତି ଦେଖାଇ ଚଳିବାକୁ ବ୍ୟାକୁଳ ହୁଅନ୍ତି, ସେତେବେଳେ ବନମାଳୀ ଦୁଃଖ, କଷ୍ଟ, ଅଭାବରେ ବରାବର ପାଣ୍ଡି ହୋଇଗଲା । ସେ ହାତେ ହାତେ ରାନ୍ଧିବା, ଘର ଓଳାଇବା, ବାସନ ମାଜିବା ଆଦି ଯାବତୀୟ କାର୍ଯ୍ୟ କରିବାକୁ ଲାଗିଲା । ଖାଇବା ଓ ପିନ୍ଧିବାରେ ଯେତେ କମ ପାରେ, ଖର୍ଚ୍ଚ କଲା । ସେ ବାବଦର ବ୍ୟୟ ନିର୍ବାହ କରିବା ନିମନ୍ତେ ତା କଣ୍ଠର ସରସ୍ୱତୀ ଯେ ସର୍ବଦା ରୂପା ମୁଦ୍ରା ବିନିମୟରେ ବଜାରରେ ବିକ୍ରିଯାଉଥିଲେ, ତା ନୁହେଁ । ବନମାଳୀ ନିଜେ ରୋଷେଇ କରି, ଭାତ ପଖାଳ ରଖି, ଦିନଦିନ ପର୍ଯ୍ୟନ୍ତ ଖାଏ । ମାସର ଅଧିକାଂଶ ଦିନ ତରକାରି ସ୍ଥାନରେ ଲୁଣ ଛଡ଼ା ତାକୁ କିଛି ମିଳେନାହିଁ । ତା ଦୁରବସ୍ଥା ଜାଣିପାରି ମାଉସୀ ଆହୁରି ଦୁଇ ଥର ଟଙ୍କା ପଠାଇଦେଲେ । କିନ୍ତୁ ସେ ପ୍ରତି ଥର ତାହା ଫେରାଇଦେଇ ଚିଠି ଲେଖିଲା, "ମୁଁ ତ ବେଶ ଚଳିଯାଉଛି । ମୋତେ କାହିଁକି ଟଙ୍କା ପଠାଉଛ ?

ସବୁ ଦୁଃଖ, କଷ୍ଟ, ଅଭାବସତ୍ତ୍ୱେ ବନମାଳୀ ପରୀକ୍ଷାରେ ଉତ୍ତୀର୍ଣ୍ଣ ହେଲା । ପାସ କରିବା ମାତ୍ରେ ସେ ଓକିଲାତି ବ୍ୟବସାୟରେ ନାମ ଲେଖାଇଲା । ସେହି ସମ୍ବାଦ ଦେଇ ସେ ଚମ୍ପତରାଏଙ୍କୁ ଖଣ୍ଡିଏ ଚିଠି ଲେଖିଲା । ଶ୍ରୀନିବାସ ଚିଠି ପଢ଼ି, ମୁହଁ ଶୁଖାଇଲେ ଏବଂ ପରେ ଚିରି ଫିଙ୍ଗିଦେଲେ । ଦୁଇ ତିନି ଦିନ ପରେ ପାର୍ବତୀ ଶୁଣିଲେ, ଶ୍ରୀନିବାସ ନିଜେ ନିଜକୁ କହୁଛନ୍ତି, "ତୁ ଯେବେ ଗଧ ନୋହିଥାନ୍ତୁ, ବୁଝିପାରନ୍ତୁ, ଜଣେ ଲୋକ ଏକ ସମୟରେ ସେନାପତି ଆଉ ଓକିଲ ହେବା ଅସମ୍ଭବ ।"

ବର୍ଷକୁ ତିରିଶ ଟଙ୍କା ଭଡ଼ାରେ ବନମାଳୀ ଦରଜିକୋଠାର ଦୋତାଲା ଉପରେ ରହିଲା । ପ୍ରଥମ ବର୍ଷ ତାର ଯାବତୀୟ ଖର୍ଚ୍ଚ ଦୁଇଶହ ଟଙ୍କାରେ ହୋଇଗଲା । ସେ ବର୍ଷ ସେ ଦୁଇଶହ ପଚିଶ ଟଙ୍କା ରୋଜଗାର କରିଥିଲା । ସୁତରାଂ ବର୍ଷ ଶେଷରେ ହିସାବରେ ଦେଖାଗଲା ଯେ ତା ହାତରେ ପଚିଶ ଟଙ୍କା ବଳକା ଅଛି । ସେଥିରୁ ସେ କୋଡ଼ିଏ ଟଙ୍କା ପର୍ଯ୍ୟନ୍ତ ଅନ୍ୟାନ୍ୟମାନଙ୍କୁ ଧାର ଦେଇଥିଲା । ପଦ୍ମନାଭ ମଧ୍ୟ ଥରେ ତାଠାରୁ ଷାଠିଏ ଟଙ୍କା ଉଧାର ନେଇଥିଲା; କିନ୍ତୁ ବନମାଳୀ ନିଜେ କେବେ କାହାଠାରୁ ପଇସାଟିଏ ଉଧାର କରି ନାହିଁ । ସେ ବୁଝିଥିଲା ଯେ ଥରେ ଧାର ଉପରେ ଗୋଡ଼ ଦେଇ ଠିଆହେଲେ, ପରେ ଦାସତ୍ୱ-ସମୁଦ୍ରରେ ବୁଡ଼ି ମରିବାକୁ ହେବ । ସେଥିପାଇଁ ସେ ଦିନେ ଦିନେ ଖାଡ଼ା ଉପବାସରେ ପଡ଼ିକି ରହୁଥିଲା, ତଥାପି ଦାନ୍ତ ନିକୁଟି କାହା ପାଖେ ପଇସାଟିଏ ଧାରପାଇଁ ହାତ ପତାଉ ନଥିଲା ।

ଓକିଲାତି ବ୍ୟବସାୟ ନିମନ୍ତେ ସେତେବେଳେ ବର୍ତ୍ତମାନ ପରି ଆଇନରେ ଏତେ କଟକଣା କିମ୍ବା ପରୀକ୍ଷାରେ ଉତ୍ତୀର୍ଣ୍ଣ ହେବାର ଏତେ ଆବଶ୍ୟକତା ନ ଥିଲା ।

ଦେହରେ ଖଣ୍ଡେ ଚପକନ ଓ ମୁଣ୍ଡରେ ଗୋଟାଏ ପଗଡ଼ି ପିନ୍ଧି ଠିଆହେଲେ, ଲୋକେ ଓକିଲ ବୋଲୁଥିଲେ । କେବଳ ନେତୃମାନଙ୍କର ଟିକିଏ ଉଚ୍ଚ ଅଭିଳାଷ ଥିଲା, ସେହିମାନେ ଦେଶସେବାରେ ଅବତୀର୍ଣ୍ଣ ହେବାକୁ ଚେଷ୍ଟା କରୁଥିଲେ । ବନମାଳୀ ଓକିଲାତି ବ୍ୟବସାୟ ଆରମ୍ଭ କରିବା ପରେ କ୍ରମେ କ୍ରମେ ପଦ୍ମନାଭ ଏବଂ ବିଶ୍ୱନାଥ ମଧ୍ୟ ସେହି ବ୍ୟବସାୟର ଆଶ୍ରୟ ନେଲେ । ଓକିଲଖାନାରେ କାମ ନ ଥିଲା ବେଳେ ଓକିଲମାନଙ୍କ ମଧ୍ୟରେ କେତେବେଳେ ଖୁଲିଖଟି ଗଳ୍ପ ଓ କେତେବେଳେ ବା ବଡ଼ ବଡ଼ ସମସ୍ୟାର ଆଲୋଚନା ଚାଲେ ।

ବିଶ୍ୱନାଥର ବାପା କଟକ କଲେକ୍ଟର ସାହେବଙ୍କ ମହକୁମାରେ ମାସିକ ୪୭ ଟଙ୍କା ବେତନରେ କାର୍ଯ୍ୟ କରନ୍ତି । ସେହି ଅର୍ଥ ସାହାଯ୍ୟରେ ମିଳୁଥିବା ଅନ୍ନ ଜଳରେ ଦେହ ଗଢ଼ା ହୋଇଛି । ମନୁଷ୍ୟର ଦେହ ସଙ୍ଗେ ଯେ ମନର ଗୋଟାଏ ଘନିଷ୍ଠ ସମ୍ପର୍କ ଅଛି, ବିଶ୍ୱନାଥ ଜୀବନରେ ତାହା ସ୍ପଷ୍ଟ ଦେଖା ଯାଉଥିଲା । ଦିନେ ଓକିଲଖାନାରେ ଗଳ୍ପଛଳରେ ସେ କହିଲା, "ଏଟା ଆମର ନିତାନ୍ତ ଭୁଲ । ସ୍ୱଦେଶ-ପ୍ରୀତି କଣ ? ଏ ଗୋଟାଏ ଭ୍ରାନ୍ତ ଧାରଣା ମାତ୍ର । ଦେଶ ବୋଇଲେ, କେବଳ ଗୁଡ଼ାଏ ପାହାଡ଼ ଜଙ୍ଗଲ ନଈ, ବିଲ ପଡ଼ିଆ ଅର୍ଥାତ୍, ମାଟି ଆଉ ପାଣି । ତାହାହେଲେ ମୋ ବାଡ଼ି କୂଅଟାକୁ ମୁଁ ମଧ୍ୟ ଦେଶ ବୋଲି କହିବି । ତୁ ଯାହା କହ, ବନମାଳି, ମୁଁ କୂଅଟାକୁ କଦାପି 'ମା' ବୋଲି ଡାକିପାରିବି ନାହିଁ । ଏଇ ମାଟି ପଥରକୁ ସ୍ନେହ କରିବାକୁ ହେବ ବୋଲି କିଏ ଏଡ଼େ ବଡ଼ ଇଂରେଜ ସରକାର ସହିତ ତାଳୁ ଫଟେଇବାକୁ ଯିବ ? କୁମ୍ଭୀ ରାଜଗୁରୁ କହ, ଖୋରଧା ବକ୍ସି କହ, ଗୋଟାଏ ଗୋଟାଏ ମୂର୍ଖ । ଆଉ ଗୋଟାଏ ମୂର୍ଖ ସେହିପରି ଖାଙ୍କି ରାଜା । ଦେଖ, କଣ ପାଇଲେ ? ଦୁଇଟାଯାକ ରାଜ୍ୟ ସାଫ ହୋଇଗଲା । ଶରଣ ପଶିଥିଲେ, କଣ କନିକା ଆଲି କୁଜଙ୍ଗ ପରି ରାଜା ହୋଇ ବସି ନ ଥାନ୍ତେ ?"

ପଦ୍ମନାଭ ଉତ୍ତରରେ କହିଲା, "ନା ଭାଇ, ତୁ ଯାହା କହୁଚୁ ସଂପୂର୍ଣ୍ଣ ଠିକ ନୁହେ । ଅବଶ୍ୟ କୁମ୍ଭୀ ରାଜଗୁରୁ, ଖୋରଧା ବକ୍ସି, କି ଖାଙ୍କି ରାଜା ଯେ ଯୁଦ୍ଧ କରିବାକୁ ଗଲେ, ସେଟା ଭୁଲ ହୋଇପାରେ । ସେମାନଙ୍କର ନିଜ ବଳ ଜାଣି ଯୁଦ୍ଧ କରିବା ଉଚିତ ଥିଲା । ହାରିବ ତ, ଆଉ ଯୁଦ୍ଧ କଣ ? ମୋ ସ୍ୱଦେଶ-ପ୍ରୀତି ଏତିକି ଦୂରଯାଏ ଅଛି ଯେ, ତା ଦ୍ୱାରା ଯଦି ମୁଁ ବଡ଼ ହୋଇପାରେ, ଧନ ଲାଭ କରିପାରେ, ସୁଖରେ ରହିପାରେ, ତେବେ ମୁଁ ମାତୃଭୂମିକୁ ସ୍ନେହ କରିବାକୁ ନାରାଜ ହେବି ନାହିଁ । କିନ୍ତୁ ସ୍ୱଦେଶବତ୍ସଳତା ଦେଖେଇ, ମୁଁ ମରିବାକୁ କିମ୍ବା ଦାଣ୍ଡର ଭିଖାରୀ ହେବାକୁ ପ୍ରସ୍ତୁତ ନୁହେଁ । ବନମାଳୀର ମଧ୍ୟ ଏଇ ମତ ।"

"ନା, ଆଦୌ ନୁହେଁ । ଜଯ୍ପୁର ରାଜକୁଳରୁ ଆଉ ଖୋରଧା ବଂଶ ମୋ ପ୍ରାଣର ଆରାଧ୍ୟ ଦେବତା । ମୃତ୍ୟୁଞ୍ଜୟ ରାଏଙ୍କ ସହିତ ମୋର ବ୍ୟକ୍ତିଗତ ମନୋମାଳିନ୍ୟ ଥାଇପାରେ—"

"ମୃତ୍ୟୁଞ୍ଜୟ ରାଏ ପୁଣି କିଏ ?"

"ବାଙ୍କିର ରାଜା ।"

"ତାଙ୍କ ସହିତ ପୁଣି ତୋର ମନୋମାଳିନ୍ୟ କଣ ? ମନୋମାଳିନ୍ୟ ହୁଏ ଏକା ସୋପାନ ଲୋକଙ୍କ ମଧ୍ୟରେ । ତୁ ନିଜକୁ ତ ଭାରି ବଡ଼ ମନେ କରୁଛୁ ! ଗୋଟାଏ ରାଜା ସଙ୍ଗେ ସମାନ ହୋଇଯାଉଚୁ ।" ବନମାଳୀ ନୀରବ ରହିଲା । ପଦ୍ମଲଭ କହିଲା, "ଆରେ ସେ ମୃତ୍ୟୁଞ୍ଜୟ ରାଏ ଚୁଲିକି ଯାଉ; ତୁ କଣ କହୁଥିଲୁ, କହିନା ।"

ଗୋଟାଏ ବାହାରି ଆସୁଥିବା ଦୀର୍ଘନିଃଶ୍ୱାସ ବନ୍ଦ କରି, ବନମାଳୀ ପୁଣି କହିଲା, "ଭାଇ, ଦେଶହିତୈଷିତା ସହଜ ଜିନିଷ ନୁହେଁ । ଆମ୍ଭ ପରି ଶିକ୍ଷିତ ଯୁବକମାନେ ବଡ଼ ଶକ୍ତିହୀନ, ବିଳାସୀ, ଅପଦାର୍ଥ ହୋଇ ପଡ଼ିଛନ୍ତି । ସେଥିପାଇଁ ମାତୃଭୂମି ଉତ୍କଳ ପରପଦାନତ ହୋଇଛି । ଭାଇ, ବେଳେ ବେଳେ ମୋର ମନ ହୁଏ, ମୁଁ ଏ ହୀନ ବ୍ୟବସାୟ ଛାଡ଼ି ଦିଅନ୍ତି; ବନ ଜଙ୍ଗଲରେ ଭୋକ ଉପାସରେ ଯାଇ ବୁଲନ୍ତି, ଯେପରି କି ସ୍ୱଦେଶରକ୍ଷା ନିମନ୍ତେ ଦିନେ ରାଣା ପ୍ରତାପ ବୁଲିଥିଲେ; ହୃଦୟର ରୁଧିର ଟୋପା ଟୋପା କରି ଢାଳିଦିଅନ୍ତି; ଦେହର ମାଂସ ଖଣ୍ଡ ଖଣ୍ଡ କରି ଛିଣ୍ଡେଇ ପକାନ୍ତି; ମାଟିର ଏ ଦେହ ମାଟିରେ ମିଶେଇ ଦିଅନ୍ତି; ତଥାପି ଦେଶ ନିମନ୍ତେ ଶତ୍ରୁ ବନ୍ଧୁକରେ ଠିଆ ହୁଅନ୍ତି । ମାତୃଭୂମି କିଛି ଗୋଟାଏ ସହଜ ଜିନିଷ ନୁହେଁ । ତୁମେ ଟିକିଏ ଚେଷ୍ଟା କଲେ, ଏଇ ପଥର ମାଟି ଭିତରେ ଭାରତମାତାଙ୍କର ବିମୋହନ କମନୀୟ ମୂର୍ତ୍ତି ଦେଖି ପାରିବ; ଦେଖିଲେ, ମନରେ ଭକ୍ତି ଜନ୍ମିବ; ନିତାନ୍ତ ପାଷାଣ୍ଡ ମଧ୍ୟ ମୁଣ୍ଡ ନୁଆଁଇ ପ୍ରଣାମ କରିବ; ମାତୃ ପଦରେ ଜୀବନ ବିସର୍ଜନ ଦବାକୁ ପ୍ରସ୍ତୁତ ହେବ । ମା, ଉତ୍କଳମାତା, ମନରେ ବଳ ଦିଅ, ଦେହରେ ଶକ୍ତି ଦିଅ ।"

ସେଦିନ ସେହିଠାରେ କଥାବାର୍ତ୍ତା ବନ୍ଦ ହେଲା ।

—୨୯—

## ତୁ ଗୋଟାଏ ଗଧ

ଗୋବିନ୍ଦ ସିଂହଙ୍କ ନାମ ସହିତ ଆଉ ଗୋଟିଏ ନାମ ବନମାଳୀର ଆରାଧନାର ବିଷୟ ହୋଇ ରହିଥିଲା । ତାହା ଧୀନା ସାହୁ ନାମ । ସେ ଜଳାଇସିଂହ ଯାଇ ବୁଡ଼ିଥିଲା ସେ ବ୍ୟବସାୟରେ ବିଫଳ ହୋଇ, ଧୀନା ସାହୁ ଚଟିଘର ଛାଡ଼ି, କେଉଁଆଡ଼େ ପଳାଇଛି । ସେ ତାକୁ ନାନା ସ୍ଥାନରେ ଖୋଜି ନିରୁପାୟ ହୋଇ ସାରିଲାଣି । ତା ମହାଜନମାନେ ମଧ୍ୟ ନାନା ଅନୁସନ୍ଧାନ କରି ତାକୁ ପାଇ ପାରି ନାହାନ୍ତି । ଧୀନା ସାହୁକୁ ନ ପାଇ ବନମାଳୀ ନିଜକୁ ପୃଥିବୀରେ ନିତାନ୍ତ ଦୋଷୀ ଏବଂ ଋଣୀ ମନେ କରୁଛି । ତାକୁ ଦେଖିଲେ ତା ପାଇଁ ସେ ଜୀବନ ଉତ୍ସର୍ଗ କରିଦିଅନ୍ତା, ନିଜର ସମୁଦାୟ ଉପାର୍ଜିତ ଧନ ସମ୍ପତ୍ତି ଖଟାଇ ତା ପାଦ ପୂଜା କରନ୍ତା । ତାହା ହୋଇ ପାରୁନାହିଁ ।

ବନମାଳୀର ସେତେବେଳକୁ ବୟସ ତେଇଶ ବର୍ଷ । ସେ ଚମ୍ପତିରାଏଙ୍କ ଉଆସ ଛାଡ଼ିବା ତିନି ବର୍ଷରୁ କିଛି ବେଶି ହୋଇଗଲାଣି । ଚମ୍ପତିରାଏ ତାକୁ ଯେ ସ୍ନେହ କରୁ ନ ଥିଲେ ବୋଲି ସେ ମନେ କରୁଥିଲା, ତାହା ଠିକ୍ ନୁହେଁ । ତାଙ୍କ ହୃଦୟରେ ତା ପାଇଁ ଗୋଟିଏ କୋମଳ ସ୍ଥାନ ରହିଥିଲା । ବନମାଳୀ ଘରୁ ଚାଲିଗଲା ମାତ୍ରେ ସେ ସ୍ଥାନଟି ଶୂନ୍ୟ ପଡ଼ିଲା । ତା ନାମ ନ ପକାଇବାକୁ ଶ୍ରୀନିବାସ ସାମନ୍ତଙ୍କୁ କହିଲେ; କିନ୍ତୁ ତାଙ୍କର ସେ ହୁକୁମ ଯେ ସମସ୍ତେ ଶିରୋଧାର୍ଯ୍ୟ କରୁଥିଲେ, ସେଥିରେ ତାଙ୍କର ଭାରି କଷ୍ଟ ହେଉଥିଲା । ବନମାଳୀ ଗଲାଦିନୁ ତାଙ୍କ ଦୁଃଖ ଯେପରି ବଢ଼ିଲା, ହୃଦୟ ମଧ୍ୟ ସେହିପରି କଠୋର ହୋଇ ଆସିଲା । ସେ ବେଳେ ବେଳେ ମନେ ମନେ ଭାବନ୍ତି; "ଟୋକାଟା ଯଦି ଫେରି ଆସନ୍ତା, ଜୀବନ ମୋର ସାଧ କରିଦିଅନ୍ତା !"

ଚମ୍ପତିରାଏ ବନମାଳୀ ନିମନ୍ତେ ତେଣେ ଝୁରୁଥିବା ସମୟରେ, ବନମାଳୀ ନିଜେ ବେଶ୍ ଖୁସିରେ ଥିଲା । ସେ ଦୁଃଖ କଷ୍ଟ ଅବଶ୍ୟ ଭୋଗୁଥିଲା; କିନ୍ତୁ ସେ ଦୁଃଖ କଷ୍ଟ ଯେ ପିତାଙ୍କ ନିମନ୍ତେ ତାକୁ ଭୋଗ କରିବାକୁ ହେଉଛି, ତାହା ଭାବିଲେ, ତା ମନରେ ଅପାର ଆନନ୍ଦ ଜନ୍ମୁଥିଲା । ପିତା ଲେଖିଯାଇଥିଲେ, "ସେ ନିଜକୁ ଏହାର ଉପଯୁକ୍ତ କରି ଗଢ଼ିବ !" ଲେଖା ଅବଶ୍ୟ ନଷ୍ଟ ହୋଇଯାଇଛି; କିନ୍ତୁ କଥାଟି ସେ ନିଜେ ହୃଦୟରେ ସ୍ୱର୍ଣ୍ଣାକ୍ଷରରେ ଖୋଳି ରଖିଛି ।

ଏକେଲାଟା ବ୍ୟବସାୟ ବନମାଳୀଙ୍କୁ ଭଲ ଲାଗିଲା ନାହିଁ । ସେ ମନକୁ ମନ କହିଲା, "ମୁଁ ତ ଗୀତ ଲେଖି ପେଟ ପୋଷିପାରିବି; ହାକିମଙ୍କ ପାଖେ ଦାନ୍ତ ନିକୁଟି, ନଗରେ ମୁଣ୍ଡ କୁଣ୍ଡେଇ କାହିଁକି ଠିଆ ହେବ ?" ତାକୁ ସେ ସମୟରେ ଗୋଟାଏ ଆଖେଡ଼ାଦଳ ମାସରେ ଶହେ ଟଙ୍କା ଦେଇ କେବଳ ଗୀତ ଲେଖି ଯୋଗାଇବା ନିମନ୍ତେ ନେବାକୁ ବାରମ୍ବାର ଜିଦ୍ ଧରିଲେ । କିନ୍ତୁ ବନମାଳୀ ସେଥିରେ ରାଜି ହେଲାନାହିଁ; ଭାବିଲା ହଁ, ଖାଇପିଇ ସୁଖରେ ଅବଶ୍ୟ ରହିବ, ହେଲେ, ମାନ ଯିବ ।"

ବନମାଳୀ କ୍ରମେ କ୍ରମେ ଲୋକଙ୍କ ସହିତ ମିଳାମିଶା କରିବା ଛାଡ଼ିଦେଲା । ଶେଷକୁ ତା'ର କେବଳ ଦୁଇଜଣ ସଙ୍ଗୀ ରହିଲେ—ଜଣେ ପଦ୍ମନାଭ ଓ ଆଉ ଜଣେ କଟକଚଣ୍ଡୀ ଦେଉଳ ମାଳୀ ରଘୁନାଥ । ଏ ଦୁହିଁଙ୍କ ମଧ୍ୟରେ ପୁଣି ରଘୁନାଥ ସହିତ ତା'ର ବେଶି ଘନିଷ୍ଠତା ଥିଲା । ସେ ପ୍ରାୟ ପ୍ରତିଦିନ ତା ଦେଉଳକୁ ଯାଏ ଓ ବାପା ଯେଉଁଠାରେ ଆଣ୍ଠୁ ଆଲରେ ରହି ତାକୁ ବେଳେବେଳେ ଦେଖୁଥିଲେ, ସେହି ସ୍ଥାନରେ ମୁଣ୍ଡିଆ ମାରି ବସି ରଘୁନାଥଠାରୁ ତାଙ୍କ ବିଷୟରେ ନାନା କଥା ଶୁଣେ । ସେଥିରେ ତା'ର ବଡ଼ ଆନନ୍ଦ ହୁଏ । ସେ ମନକୁ ମନ କହେ, "ମୋ ଆଖିରେ ଗୋଟାଏ ମସ୍ତ ପରଳ ଚଢ଼ି ଯାଇଥିଲା; ଏ ରଘୁନାଥ କାଢ଼ି ବାହାର କରିଚ ।"

ରଘୁନାଥ ଦେଉଳରେ ଫୁଲ ଯୋଗାଏ । ତା'ର ନିଜର ଗୋଟିଏ ବଗିଚା ଥିଲା । ସେ ଫୁଲ ଯୋଗାଇବା ନିମନ୍ତେ ଜାଗିର ଭୋଗ କରେ । ତା ଛଡ଼ା ବଜାରରୁ ମଧ୍ୟ ଫୁଲ ପଠାଏ । ସେଥିରେ ତା ଜୀବିକା କୌଣସି ପ୍ରକାରେ ନିର୍ବାହ ହୋଇ ଯାଉଥିଲା । ପରେ ତା ଆର୍ଥିକ ଅବସ୍ଥା ମନ୍ଦ ହୋଇ ଆସିଲା । କିନ୍ତୁ ସେ ଅଭାବରେ ପଡ଼ି ସୁଦ୍ଧା ସୁବି ପରି ଖୁସିବାସିରେ ରହିବାକୁ ଲାଗିଲା । ତାହା ଦେଖି ବନମାଳୀର ତା ପ୍ରତି ଶ୍ରଦ୍ଧା ଆହୁରି ବଢ଼ିଲା ।

ଦର୍ଜିକୋଠା ଏବଂ ତା ଆଖପାଖ କେତେ ଘରେ ଯେଉଁ ଗୃହକର୍ତ୍ରୀଆଣୀ ବାସନମଜା, ପାଣିବୁହା ଆଦି କାମ କରୁଥିଲା, ଦିନେ ସେ ବନମାଳୀକୁ ଆସି କହିଲା, "ଶୁଣ ବାବୁ, ତଳ ଘରେ ଯୋଉ ଅଗାଧୁ ବେହେରା ଥିଲା ନା, ଆଜ ଚାଲିଯାଉଚ ।"

"କାହିଁକି ?"

"ମନକୁ କ'ଣ ଖୁସିରେ ଯାଉଚ ? ଘରଭଡ଼ା ଛ' ମାସର ବାକି ପଡ଼ିଯିବାରୁ ଘରବାଲା ବାହାର କରିଦେଉଚ ।"

"କେତେ ଟଙ୍କା ଘରଭଡ଼ା ?"

"ଅଠର ଟଙ୍କା ।"

ବନମାଳୀ ପାଖେ ସେଦିନ ପଚିଶ ଟଙ୍କା ଥିଲା । ସେ ବାକ୍ସରୁ ଟଙ୍କା ବାହାର କରି କହିଲା, "ଏଇ କୋଡ଼ିଏ ଟଙ୍କା ନେଇଯା । ଅଠର ଟଙ୍କା ଭଡ଼ା ଗଲେ, ବାକି ଦୁଇ ଟଙ୍କାରେ ଖର୍ଚ୍ଚବାର୍ଚ୍ଚ ଚଳାଇବେ; ମାତ୍ର ଟଙ୍କା ଯେ ମୁଁ ଦେଇଚି ସେକଥା କାହାକୁ କହିବୁ ନାହିଁ । ଠିକ୍ ମନେ ରଖିଲୁ ନା ? ମୋ ନାଁଟା ଆଦୌ କହିବୁ ନାହିଁଟି ।"

ଏଣେ ମଙ୍ଗଳାବାଗରେ ଗୋଟାଏ ଦରିଦ୍ର ପରିବାରକୁ ସାହାଯ୍ୟ କରିବା ନିମନ୍ତେ ବନମାଳୀ ତା'ର ଯତ୍କିଞ୍ଚିତ୍ ଉପାର୍ଜ୍ଜିତ ଧନ ଦାନ କରୁଥିବା ସମୟରେ; ସହରର ଠିକ୍ ବିପରୀତ ଦିଗରେ, ତୁଳସୀପୁରରେ ଶ୍ରୀନିବାସ ଚମ୍ପତିରାଏଙ୍କ ଉଆସରେ ଗୋଟାଏ ବିଶେଷ ଘଟଣା ଘଟିଲା । ପାର୍ବତୀ ମନେ ମନେ ଭାବିଲେ, "ବନମାଳୀ ତ ଗଲା । ସମ୍ପତ୍ତିର ଜଣେ ଉତ୍ତରାଧିକାରୀ ବର୍ତ୍ତମାନ ସ୍ଥିର କରିନେବା ଦରକାର ।" ତାପରେ ସେ ବାପାଙ୍କ ପାଖକୁ ଯାଇ କହିଲେ, "ବାପା, ବିଶ୍ୱେଶ୍ୱର ତୁମକୁ ଜୁହାର ହବାକୁ ଆସିଚି ।" ଶୁଣି, ଶ୍ରୀନିବାସ କେବଳ କହିଲେ, "ହୁଁ" ଏବଂ ପୋଥି ଧରି ପଢ଼ି ବସିଲେ । ପଢ଼ୁ ପଢ଼ୁ ତାଙ୍କର ଅନେକ କଥା ମନେ ପଡ଼ିଲା । ସେ ଦୁଃଖିତ ହେଲେ, ରାଗିଲେ । ତା ମଧ୍ୟରେ ବନମାଳୀର ଚିତ୍ର ଆସି ତାଙ୍କ ଆଖି ଆଗେ ନାଚିଗଲା । ସେ ଦୀର୍ଘନିଃଶ୍ୱାସ ପକାଇ ପୁଣି ପୋଥିକୁ ଚାହିଁଲାବେଳକୁ ପାର୍ବତୀ ବିଶ୍ୱେଶ୍ୱରକୁ ଧରି ଆସି ପହଞ୍ଚି କହିଲେ, "ଏଇ ବିଶ୍ୱେଶ୍ୱର, ତୁମ ନାତିଟି ।" ବିଶ୍ୱେଶ୍ୱର ଶ୍ରୀନିବାସଙ୍କ ଯେଉଁ ପୁତୁରାର ପୁଅ, ସେ ତାଙ୍କଠାରୁ ଅନେକ ଦିନରୁ ପୃଥକ୍ ଅନ୍ନରେ ରହୁଥିଲା; ସୁତରାଂ ସେ ବାଡ଼ି ଛାଡ଼ି ଆସିଲାବେଳେ ବିଶ୍ୱେଶ୍ୱରର ପିତା ତାଙ୍କ ସହିତ ଆସିବା ଆବଶ୍ୟକ ହେଲା ନାହିଁ ।

ପାର୍ବତୀ ବିଶ୍ୱେଶ୍ୱରକୁ ବାପାଙ୍କ ପାଖେ ପହଞ୍ଚାଇ ତା କାନରେ କହିଲେ, "ସବୁ କଥାରେ ହୁଁ ମାରିବୁ ।" ବିଶ୍ୱେଶ୍ୱର ନମସ୍କାର କରି ଠିଆହେଲା । ଶ୍ରୀନିବାସ ତାକୁ ବସିବାକୁ କହି, ନିଜେ ବସିବା ସ୍ଥାନରୁ ଉଠି, ଘର ମଧ୍ୟରେ ଏଣେ ତେଣେ ବୁଲିବାକୁ ଲାଗିଲେ; ପାଞ୍ଚି କରି ଏଣ୍ଡ୍ରି ତେଣ୍ଡ୍ରି କ'ଣ ପ୍ରଳାପ କଲେ । ତାପରେ ସେ କହିଲେ, "ଓକିଲଗୁଡ଼ାକଙ୍କ ବ୍ୟବସାୟ ବଡ଼ ହୀନ ।" ବିଶ୍ୱେଶ୍ୱର କହିଲା, "ଠିକ୍ କଥା ।" ଶୁଣି, ଶ୍ରୀନିବାସ ମୁହଁ ବୁଲାଇ ବିଶ୍ୱେଶ୍ୱର ଆଡ଼କୁ ଟିକିଏ ଚାହିଁ ପୁଣି କହିବାକୁ ଲାଗିଲେ, "ବଡ଼ ଘରର ଯୁବକମାନେ ଏ ବ୍ୟବସାୟରେ ପଶିବା କଣ ଉଚିତ ?" ବିଶ୍ୱେଶ୍ୱର ସ୍ୱୀକାରରେ କହିଲା "ହୁଁ" ।

"ଆଚ୍ଛା ବନମାଳୀ, କାହିଁକି ଏ ଦୁର୍ବୁଦ୍ଧି କଲୁ ? ସତେ ଆଉ ଫେରି ଆସିବୁ ନାହିଁ ? ଏ ଘର ଅନ୍ଧାର କରିଦେଇ କଣ ଚାଲିଗଲୁ ?"

"ହୁଁ" ।

ଶ୍ରୀନିବାସ ତମ୍ପତରାଏ ଏତେବେଳ ଯାଏଁ ନିଜେ ନିଜକୁ କଥା କହୁଥିଲେ । ହଠାତ୍ ବୁଲିପଡ଼ି, ରାଗି, କହିଲେ, "ସବୁ ଖାଲି ହୁଁ । ତୁ ଗୋଟାଏ ନିପଟ ଗଧ ।"

---

—୩୦—

## ଖୋକା ଖୋକି

ବନମାଳୀ ମନୁଷ୍ୟ ସମାଜ ଛାଡ଼ି କ୍ରମେ ଯେ ନିର୍ଜନତା ସଙ୍ଗେ ଗୋଟାଏ ଅଚ୍ଛେଦ୍ୟ ସମ୍ପର୍କ ସ୍ଥାପନ କରିଥିଲା, ତାର ଆଭାସ ପୂର୍ବେ ଦିଆଯାଇଅଛି । ଅପରାହ୍ଣରେ ସେ କେଉଁଦିନ ଦ୍ୱାର ବନ୍ଦକରି ଘରଭିତରେ ବସିରହେ, କେଉଁଦିନ ବା କଲ୍ଲୀ ପଡ଼ିଆକୁ ବୁଲିବାକୁ ଯାଏ । ସେଠାରେ ସେ ଦେଖେ ଯେ ଜଣେ ପ୍ରାୟ ଷାଠିଏ ବର୍ଷ ବୟସର ବୁଢ଼ା ଆସି ବୁଲୁଛନ୍ତି । ତାଙ୍କ ଆକାର ବେଶ୍ ମୋଟା ମୋଟି ; ଦେହରେ ଖୁବ୍ ବଳ ଥିଲା । ବେଶଭୂଷା ଓ ଚାଲିଚଳନ ଦେଖିଲେ ମନେ ହେଉଥିଲା ଯେ ସେ କୌଣସି ବାବୁଭଦ୍ର ଶ୍ରେଣୀର ଲୋକ ସନ୍ଧ୍ୟାବେଳେ ହାଓ୍ୱା ଖାଇବାକୁ ଆସୁଛନ୍ତି । ଦିନେ ପଦ୍ମନାଭ ବନମାଳୀ ସଙ୍ଗେ ବୁଲିବାକୁ ଯାଇ ତାଙ୍କୁ ଦେଖି କହିଲା, "ଏ ସଦାଶିବ ମହାନ୍ତି ହେବ ପରା !

ସଦାଶିବ ମହାନ୍ତିଙ୍କ ସଙ୍ଗେ ଗୋଟିଏ ପ୍ରାୟ ତେର ବ ର ବାଳକା ବୁଲିବାକୁ ଯାଏ । ବାଳକାଟି ଦେଖିବାକୁ ସେତେ ସୁନ୍ଦରୀ ନୁହେଁ । ତା ବର୍ଣ୍ଣ ଶ୍ୟାମଳ ଓ ମୁହଁର ଗଠନ ବେଢ଼ଙ୍ଗିଆ । କେବଳ ତା ଆଖି ଦିଓଟି ଦେଖିଲେ ମନେହୁଏ ଯେ ଦିନେ ହୁଏତ ତା ମୁଖମଣ୍ଡଳରେ ସୌନ୍ଦର୍ଯ୍ୟର ଆଭା ବିକଶି ଉଠିବ । ବନମାଳୀ ଦୁଇ ତିନି ଦିନ ଲଗେ ଲଗେ ସେମାନଙ୍କୁ ଭେଟିଲା । ସେମାନେ ବନମାଳୀ ଆଡ଼କୁ ଚାହିଁବାର କୌଣସି ଚିହ୍ନ ଦେଖା ଗଲାନାହିଁ; କେବଳ ନିଜ ମଧ୍ୟରେ କଥାବାର୍ତ୍ତା ହେବାରେ ବ୍ୟସ୍ତ ଥିଲେ । ବାଳକା ଖାଲି ପ୍ରଶ୍ନ ଉପରେ ପ୍ରଶ୍ନ ପଚାରୁଥାଏ; କିନ୍ତୁ ସଦାଶିବ ମହାନ୍ତିଙ୍କଠାରୁ ଅତି କମ୍ ଉତ୍ତର ପାଏ । ବର୍ଷେକାଳ ବନମାଳୀ କଲ୍ଲୀ ପଡ଼ିଆରେ ସେ ଦୁହିଁଙ୍କୁ ଏହିପରି ଭାବରେ ବୁଲିବାର ଦେଖିଲା ।

ଦ୍ୱିତୀୟ ବର୍ଷ ଆରମ୍ଭରେ ବନମାଳୀର କଲ୍ଲୀ ପଡ଼ିଆକୁ ଯିବା ଛ ମାସ ବନ୍ଦ ହୋଇଗଲା । ତା ପରେ ସେ ଦିନେ ହଠାତ୍ ଯାଇ ଦେଖିଲା ଯେ ସଦାଶିବ ମହାନ୍ତି ଗୋଟାଏ ସ୍ଥାନରେ ବସିଛନ୍ତି ଓ ତାଙ୍କ ପାଖକୁ ଲାଗି ଗୋଟିଏ ବାଳକା ବସିଛି; କିନ୍ତୁ

ସେ ଯେ ପୂର୍ବର ସେହି ବାଳିକା ତାହା ଆଦୌ ବୋଧ ହେଉନାହିଁ । ବାଳିକାର ଦେହର ବର୍ଣ୍ଣ ତାଠାରୁ ଗୋରା, ମୁହଁର ଗଠନ ସୁନ୍ଦର ଓ ଆଖିର ଚାହାଣି ମାଧୁର୍ଯ୍ୟମୟ । ତା ବୟସ ପନ୍ଦରରୁ କମ ନୁହେଁ ବୋଲି ମନେ ହେଲା । ବନମାଳୀ ତା ପାଖବାଟେ ଗଲାବେଳେ ତା ମୁହଁ ଦେଖି ପାରିଲାନାହିଁ । ବାଳିକା ସେତେବେଳେ ସଦାଶିବଙ୍କ କଥା ଶୁଣି ଧୀରେ ଧୀରେ ହସୁଥିଲା । ସେ ହସର ଠାଣି ବନମାଳୀ ଆଖିରେ ସାମାନ୍ୟ ପଡ଼ିଗଲା । ବାଳିକା ଖଣ୍ଡିଏ ନେଳିଆ ପାଟଶାଢ଼ୀ ପିନ୍ଧିଥିଲା । ତା ଦେହରେ ବିଶେଷ କିଛି ଅଳଙ୍କାର ନ ଥିଲା । ନାକର ଦଣ୍ଡିଟି ଓ ଦୁଇ ହାତରେ ଦୁଇପଟି ସୁନା ଚୁଡ଼ି ନ ଥିଲେ, ବନମାଳୀ ତାକୁ ବିଧବା ବୋଲି ଭାବିଥାନ୍ତା । ବନମାଳୀ ଫେରି ପୁଣି ସେହି ବାଟେ ଗଲାବେଳେ ବାଳିକା ମୁଣ୍ଡ ଟେକି ତା ଆଡ଼କୁ ଚାହିଁଲା । ସେଦିନ ବନମାଳୀ ସେ ବାଟେ ଚାରି ପାଞ୍ଚ ଥର ଯିବା ଆସିବା କରି ମନରେ ଗୋଟାଏ ନୂଆ ଭାବ ଧରି, ଦର୍ଜିକୋଠାକୁ ଫେରିଲା ।

ଆରଦିନ ବୁଲିବାକୁ ଗଲାବେଳେ ବନମାଳୀ ଭଲ ଲୁଗାପଟା ପେଡ଼ିରୁ ବାହାର କରି ପିନ୍ଧି ଗଲା । ସେଦିନ ବାଳିକା କେତେବେଳେ ମୁଣ୍ଡ ଟେକି ତା ଆଡ଼କୁ ଚାହିଁଛି ଏବଂ ଚାହିଁ ପୁଣି ମୁଣ୍ଡ ପୋତିଦେଇଛି, ସେ ତାହା ଲକ୍ଷ୍ୟ କରିପାରିଲା ନାହିଁ । ଫଳରେ ତା ପ୍ରାଣରେ ଟିକିଏ ଆଘାତ ଲାଗିଲା । ସେ ମନେ ମନେ ଭାବିଲା, "ଏ ଯଦି ଗୀତ ଗାଉଥିବ ଏବଂ ସେ ଗୀତରୁ ମୋତେ ଗୋଟାଏ ଦୁଇଟାର ରଚକ ବୋଲି ଜାଣିପାରନ୍ତା, କଣ ଆଉ ଆଖିରେ ଟିକିଏ ଚାହାଁନ୍ତା ନାହିଁ ?" କିନ୍ତୁ ବନମାଳୀ ଯେ ଗୀତ ଲେଖେ, ତାହା ଜଣାଇବା ସୁବିଧା ତାର ଆଦୌ ନ ଥିଲା । ସେ ଗୀତ ଲେଖିଲେ ସୁଦ୍ଧା, ନିଜେ ଗାଇ ଜାଣେନାହିଁ । ଗୀତ ଗାଇବାକୁ ଜୀବନରେ ଦିନେ ଚେଷ୍ଟା ମଧ୍ୟ କରିନାହିଁ ।

ତୃତୀୟ ଦିନ ବାଳିକା ପାଖବାଟେ ବନମାଳୀ ଧୀରେ ଧୀରେ ଚାଲିଗଲା ବେଳେ ବାଳିକା ତା ଆଡ଼କୁ ଚାହିଁଲା । ଦେଖିପାରି, ବନମାଳୀ ମନରେ ଆନନ୍ଦ ଅନୁଭବ କଲା । ସେପରି ଅନେକ ଦିନ ଚାଲିଗଲା । ବନମାଳୀ ସବୁ କାମ ଛାଡ଼ି କିଲ୍ଲା ପଡ଼ିଆକୁ ପ୍ରତିଦିନ ବୁଲିବାକୁ ଯାଏ ଏବଂ ପ୍ରତିଦିନ ବସାକୁ ଫେରିଲା ବେଳେ ମନର ପୂର୍ବ ସଞ୍ଚିତ ଭାବ ଉପରେ ଗୋଟିଏ ନୂତନ ସ୍ତର ପକାଇ ଫେରେ । କେଉଁଦିନ ସେ ଖାଇବାକୁ ଭୁଲିଯାଏ; କେଉଁଦିନ ବା ଶୋଇଲେ ତାକୁ ନିଦ ଲାଗେନାହିଁ । ନିଦ ଲାଗିଲେ, ସ୍ୱପ୍ନରେ ବାଳିକାର ଚଞ୍ଚ ଆଖି ଆଗରେ ଆସି ନାଚେ; ନିଦ ନ ଲାଗିଲେ ପର୍ଯ୍ୟନ୍ତ ତାରି ଧ୍ୟାନରେ ତା ସମସ୍ତ ବିତିଯାଏ ।

ଦିନେ ବନମାଳୀ କିଲ୍ଲା ପଡ଼ିଆରେ ଖଣ୍ଡିଏ ବହି ଫିଟାଇ ଧରି ବସିଥିଲା । ହଠାତ୍ ଚମକି ପଡ଼ି ଦେଖିଲା, ସଦାଶିବ ତା ଆଡ଼କୁ ମୁହଁ କରି ଆସୁଛନ୍ତି ଏବଂ ବାଳିକା

ସେ ଯେ ପୂର୍ବର ସେହି ବାଳିକା ତାହା ଆଦୌ ବୋଧ ହେଉନାହିଁ । ବାଳିକାର ଦେହର ବର୍ଣ୍ଣ ତାଠାରୁ ଗୋରା, ମୁହଁର ଗଠନ ସୁନ୍ଦର ଓ ଆଖିର ଚାହାଣି ମାଧୁର୍ଯ୍ୟମୟ । ତା ବୟସ ପନ୍ଦରରୁ କମ ନୁହେଁ ବୋଲି ମନେ ହେଲା । ବନମାଳୀ ତା ପାଖବାଟେ ଗଲାବେଳେ ତା ମୁହଁ ଦେଖି ପାରିଲାନାହିଁ । ବାଳିକା ସେତେବେଳେ ସଦାଶିବଙ୍କ କଥା ଶୁଣି ଧୀରେ ଧୀରେ ହସୁଥିଲା । ସେ ହସର ଠାଣି ବନମାଳୀ ଆଖିରେ ସାମାନ୍ୟ ପଡ଼ିଗଲା । ବାଳିକା ଖଣ୍ଡିଏ ନେଳିଆ ପାଟଶାଢ଼ୀ ପିନ୍ଧିଥିଲା । ତା ଦେହରେ ବିଶେଷ କିଛି ଅଳଙ୍କାର ନ ଥିଲା । ନାକର ଦଣ୍ଡିଟି ଓ ଦୁଇ ହାତରେ ଦୁଇପଟି ସୁନା ଚୁଡ଼ି ନ ଥିଲେ, ବନମାଳୀ ତାକୁ ବିଧବା ବୋଲି ଭାବିଥାନ୍ତା । ବନମାଳୀ ଫେରି ପୁଣି ସେହି ବାଟେ ଗଲାବେଳେ ବାଳିକା ମୁଣ୍ଡ ଟେକି ତା ଆଡ଼କୁ ଚାହିଁଲା । ସେଦିନ ବନମାଳୀ ସେ ବାଟେ ଚାରି ପାଞ୍ଚ ଥର ଯିବା ଆସିବା କରି ମନରେ ଗୋଟାଏ ନୂଆ ଭାବ ଧରି, ଦକ୍ଷିଣକୋଠାକୁ ଫେରିଲା ।

ଆରଦିନ ବୁଲିବାକୁ ଗଲାବେଳେ ବନମାଳୀ ଭଲ ଲୁଗାପଟା ପେଡ଼ିରୁ ବାହାର କରି ପିନ୍ଧି ଗଲା । ସେଦିନ ବାଳିକା କେତେବେଳେ ମୁଣ୍ଡ ଟେକି ତା ଆଡ଼କୁ ଚାହିଁଛି ଏବଂ ଚାହିଁ ପୁଣି ମୁଣ୍ଡ ପୋତିଦେଇଛି, ସେ ତାହା ଲକ୍ଷ୍ୟ କରିପାରିଲା ନାହିଁ । ଫଳରେ ତା ପ୍ରାଣରେ ଟିକିଏ ଆଘାତ ଲାଗିଲା । ସେ ମନେ ମନେ ଭାବିଲା, "ଏ ଯଦି ଗୀତ ଗାଉଥିବ ଏବଂ ସେ ଗୀତରୁ ମୋତେ ଗୋଟାଏ ଦୁଇଟାର ରଚକ ବୋଲି ଜାଣିପାରନ୍ତା, କଣ ଆଉ ଆଖିରେ ଟିକିଏ ଚାହାନ୍ତା ନାହିଁ ?" କିନ୍ତୁ ବନମାଳୀ ଯେ ଗୀତ ଲେଖେ, ତାହା ଜଣାଇବା ସୁବିଧା ତାର ଆଦୌ ନ ଥିଲା । ସେ ଗୀତ ଲେଖିଲେ ସୁଦ୍ଧା, ନିଜେ ଗାଇ ଜାଣେନାହିଁ । ଗୀତ ଗାଇବାକୁ ଜୀବନରେ ଦିନେ ଚେଷ୍ଟା ମଧ୍ୟ କରିନାହିଁ ।

ତୃତୀୟ ଦିନ ବାଳିକା ପାଖବାଟେ ବନମାଳୀ ଧୀରେ ଧୀରେ ଚାଲିଗଲା ବେଳେ ବାଳିକା ତା ଆଡ଼କୁ ଚାହିଁଲା । ଦେଖିପାରି, ବନମାଳୀ ମନରେ ଆନନ୍ଦ ଅନୁଭବ କଲା । ଏହିପରି ଅନେକ ଦିନ ଚାଲିଗଲା । ବନମାଳୀ ସବୁ କାମ ଛାଡ଼ି କଲ୍ଲା ପଡ଼ିଆକୁ ପ୍ରତିଦିନ ବୁଲିବାକୁ ଯାଏ ଏବଂ ପ୍ରତିଦିନ ବସାକୁ ଫେରିଲା ବେଳେ ମନର ପୂର୍ବ ସଞ୍ଚିତ ଭାବ ଉପରେ ଗୋଟିଏ ନୂତନ ସ୍ତର ପକାଇ ଫେରେ । କେଉଁଦିନ ସେ ଖାଇବାକୁ ଭୁଲିଯାଏ; କେଉଁଦିନ ବା ଶୋଇଲେ ତାକୁ ନିଦ ଲାଗେନାହିଁ । ନିଦ ଲାଗିଲେ, ସ୍ୱପ୍ନରେ ବାଳିକାର ଚଞ୍ଚଳ ଆଖି ଆଗରେ ଆସି ନାଚେ; ନିଦ ନ ଲାଗିଲା ପର୍ଯ୍ୟନ୍ତ ତାରି ଧ୍ୟାନରେ ତା ସମୟ ବିତିଯାଏ ।

ଦିନେ ବନମାଳୀ କଲ୍ଲା ପଡ଼ିଆରେ ଖଣ୍ଡିଏ ବହି ଫିଟାଇ ଧରି ବସିଥିଲା । ହଠାତ୍ ଚମକି ପଡ଼ି ଦେଖିଲା, ସଦାଶିବ ତା ଆଡ଼କୁ ମୁହଁ କରି ଆସୁଛନ୍ତି ଏବଂ ବାଳିକା

ତାଙ୍କ ହାତ ଧରି ସଙ୍ଗେ ସଙ୍ଗେ ଚାଲିଛି । ବନମାଳୀ ବହି ବନ୍ଦ କଲା; କିନ୍ତୁ ପୁଣି ଫିଟାଇ ପଢ଼ିଲା ପରି ଚାହିଁଲା । ସେତେବେଳେ ତା ଛାତି ଥରିବାକୁ ଲାଗିଲା । ସେ ମନକୁ ମନ କହିଲା, "ଆଃ, ମୁଁ ଏ କୁର୍ସି ଓ ଟେବୁଲ ଧରି ଏଠି ବସିଥିବି; ସେ ଏବାଟେ ଯିବ, ଏ ଧୂଳିରେ ତା ପାଦ ପକେଇବ । ଧୂଳି ଧନ୍ୟ ହେବ ଏକା । ଆଉ ଧୂଳିକି ଟିକା ଦେଲେ ଧନ୍ୟ ହେବି ମୁଁ ।" ସେ ଏକଧ୍ୟାନରେ ବାହାରକୁ ଚାହିଁ ବସିଲା । ପାଦଶବ୍ଦ କ୍ରମେ ନିକଟବର୍ତ୍ତୀ ହୋଇଆସିଲା । ବାଳିକା ତା ପାଖବାଟେ ଅତିକ୍ରମ କରି ଚାଲିଗଲା । ସେ ମନେକଲା, ସେ ଯେପରି ଶୁଣୁଛି, "ତୁମେ ଛ ମାସ କାଳ କାହିଁକି ଆସୁ ନ ଥିଲ ?" ବାଳିକାର ମୂର୍ତ୍ତି ତାକୁ ସ୍ୱର୍ଗର ଅପ୍ସରା ପରି ଦେଖାଗଲା ।

ସଦାଶିବ ମହାନ୍ତି କ୍ରମେ ବୁଝିପାରିଲେ ଯେ ତାଙ୍କ ଝିଅର ଯିବା ଆସିବା ସହିତ ବନମାଳୀ ଗତିବିଧିର କିଛି ଗୋଟାଏ ଅବୋଧ ସମ୍ପର୍କ ରହିଛି । ତେଣୁ ସେ ଲକ୍ଷ୍ମୀପଡ଼ିଆର ସେ ଅଞ୍ଚଳ ଛାଡ଼ି ଆଉ ଏକ ସ୍ଥାନକୁ ବୁଲିଯିବାକୁ ଲାଗିଲେ । ବନମାଳୀ ତାଙ୍କୁ ଅନୁସରଣ କରିବ କି ନା, ପରୀକ୍ଷା କରିବା ତାଙ୍କ ଉଦ୍ଦେଶ୍ୟ ଥିଲା । ବନମାଳୀ ସେ ଉଦ୍ଦେଶ୍ୟ ବୁଝି ନ ପାରି ନିଜକୁ ଅପରାଧୀ ପ୍ରମାଣିତ କଲା । ତେଣୁ ସଦାଶିବ ପ୍ରତିଦିନ ଝିଅକୁ ସଙ୍ଗରେ ନ ଆଣି, ଦିନେ ଦିନେ ଏକା ବୁଲିବାକୁ ଗଲେ ।

ଦିନେ ସଦାଶିବ ଏବଂ ବାଳିକାଟି ବସିବା ସ୍ଥାନରୁ ଉଠି ଚାଲିଯିବା ପରେ, ବନମାଳୀ ଗୋଟିଏ ରୁମାଲ ପଡ଼ିଥିବାର ଦେଖିଲା । ବାଳିକା ବିଷୟରେ କୌଣସି କଥା ତ ବନମାଳୀକୁ ଜଣା ନ ଥିଲା । ସେ ଦେଖିଲା ରୁମାଲର ଗୋଟିଏ କଣରେ ଯୋଡ଼ିଏ ଅକ୍ଷର ନାଲି ସୂତାରେ ସିଲେଇ କରାହୋଇଛି । ଚିହ୍ନିଲା, ସେ ଦୁଇଟି 'ଅ' ଏବଂ 'ର' । ତାହା ବାଳିକା ନାମର ସଙ୍କେତ ଅକ୍ଷର ହୋଇଥିବ ଭାବି ବନମାଳୀ ମନେ ମନେ ବାଳିକାକୁ ନାମ ଦେଲା 'ଅନ୍ନପୂର୍ଣ୍ଣା' । କିନ୍ତୁ ଭାବିଲା, "ତେବେ 'ର' କଣ ? ସଦାଶିବ ମହାନ୍ତିଙ୍କ ଝିଅ ନାମରେ ଗୋଟାଏ 'ର' ରହିବାର ତ କୌଣସି କାରଣ ନାହିଁ । ଏ ତେବେ କଣ ବିବାହିତା ? କଣ ଅନ୍ନପୂର୍ଣ୍ଣା ରାଏ, ନା ଅପ୍ସରା ରାସମଣି ?" ରୁମାଲଟି ସେ ବାଳିକାର ନୁହେଁ, ସେ ବୃଦ୍ଧ ବ୍ୟକ୍ତିଙ୍କର, ତାହା ଜାଣି ନ ପାରି ବନମାଳୀ ଅନେକ ଦିନ ସ୍ୱପ୍ନ-ରାଜ୍ୟରେ ବିଚରଣ କରିବାକୁ ଲାଗିଲା ।

ବାଳିକାର ନାମଟା ନିଜ ରୁଚି ଅନୁସାରେ ଅନୁମାନରେ ସ୍ଥିର କରି, ସେ କ୍ରମେ ଅଗୋଚର ଭାବରେ ପଛେ ପଛେ ତା ବସା ଆଡ଼କୁ ଯାଇ, ଅପ୍ସରା ରାସମଣିର ରହିବାସ୍ଥାନ ଠଉରାଇଲା; କିନ୍ତୁ ତା ପରିଚୟ ନ ପାଇ ଅସ୍ଥିର ହେବାକୁ ଲାଗିଲା । ଦିନେ ସେ ବୁଢ଼ା ଏବଂ ଅପ୍ସରା ରାସମଣି ପଛେ ପଛେ ଯାଇ, ସେମାନେ ଘରଭିତରକୁ ଚାଲିଗଲା ପରେ, ଦୁଆର ଜଗୁଆଳିକୁ ପଚାରିଲା, "ଏ ଯେ ବୁଢ଼ା ଜଣକ ଗଲେ, ଏ

କିଏ ?" ଜଗୁଆଳି କହିଲା, "ଜଣେ ଖୁବ୍ ଭଲଲୋକ । ସ୍ୱାଙ୍କ ଦାନପୁଣ୍ୟ କଥା ଶୁଣିଲେ ତୁମେ ଅବାକ୍ ହବ । ହେଲେ, ସେପରି ଧନୀ ଲୋକ ନୁହନ୍ତି, ମାମୁଲି ଧରଣର ।"

ସ୍ୱାଙ୍କ ନା ? ଜଗୁଆଳି ମୁଣ୍ଡ ଟେକି ବନମାଳୀ ଆଡ଼କୁ ଚାହିଁ ପଚାରିଲା, "ବାବୁ, ତୁମେ କଣ ପୋଲିସବାଲା, ନା ଗୋଇନ୍ଦା ?" ବନମାଳୀ ଲଜ୍ଜାରେ ମୁଣ୍ଡ ପୋତି ଚାଲିଗଲା ; କିନ୍ତୁ ତାର ଆନନ୍ଦ ହେଲା ଯେ ସେ କ୍ରମେ କ୍ରମେ ସଫଳତା ଆଡ଼କୁ ଗତି କରୁଛି ।

ଆରଦିନ ସନ୍ଧ୍ୟାବେଳେ ବସାକୁ ଫେରିବା ସମୟରେ ସଦାଶିବ ମହାନ୍ତି ଝିଅକୁ ପ୍ରଥମେ ଘରକୁ ପଠାଇଦେଇ ଦୁଆରେ କିଛିକାଏ ଠିଆ ହେଲେ ଏବଂ ତାପରେ ବନମାଳୀ ଆଡ଼କୁ ଥରେ ଗୋଟାଏ ତୀକ୍ଷ୍ଣ ଦୃଷ୍ଟି ପକାଇ ନିଜେ ଭିତରେ ପଶିଗଲେ । ଦୁଆର ବନ୍ଦ ହୋଇଗଲା । ତା ପରଦିନ ବନମାଳୀ କୌଣସି ହଜିଥିବା ପଦାର୍ଥ ଖୋଜିଲା ପରି କଲ୍ଲା ପଡ଼ିଆ ତମାମ ଖୋଜି ବୁଲିଲା । କେତେକ ସମୟ ପରେ, ସନ୍ଧ୍ୟାହୋଇ ଆସିବାରୁ ନିରାଶ ନେତ୍ରରେ, ଓଡ଼ିଆ ବଜାରର ଯେଉଁ ଘର ନିକଟକୁ ସେ ଗତ ଦୁଇଦିନ ଯାଇଥିଲା, ସେହିଠାରେ ଯାଇ ହାଜର ହେଲା । ସେ ଦେଖିଲା, ଘର ଭିତରେ ଗୋଟିଏ ଆଲୁଅ ଜଳୁଛି; ମାତ୍ର ସେ ପହଞ୍ଚିବାରୁ ଆଲୁଅଟି ଲିଭିଗଲା । ପରଦିନ ସେହିପରି ବନମାଳୀ କଲ୍ଲା ପଡ଼ିଆରୁ ଫେରି, ଓଡ଼ିଆବଜାରର ସେହି କୋଠା ଦାଣ୍ଡରେ ବୁଲିବାକୁ ଲାଗିଲା । ବୁଲୁ ବୁଲୁ ରାତି ଦଶ ବାଜିଲା । ଶେଷରେ ସେ ବୁଝି ପାରିଲା ଯେ ଘରଟି ଖାଲି, ସେଠାରେ ଲୋକବାକ ନାହାନ୍ତି ।

ତା ପରେ ଆଠଦିନକାଳ ଗଲା । ବନମାଳୀ କଲ୍ଲା ପଡ଼ିଆରେ କିମ୍ବା ଓଡ଼ିଆ-ବଜାରର ସେ କୋଠାରେ ଅପ୍ସରା ରାଜମଣିର ଛାୟା ସୁଦ୍ଧା ଦେଖିପାରିଲା ନାହିଁ । ଦିନବେଳେ ଓଡ଼ିଆବଜାର ଭିତରକୁ, ବିଶେଷରେ ସେ କୋଠା ପାଖକୁ ଯିବାକୁ ତାର ସାହସ ହୁଏ ନାହିଁ । ନବମ ଦିନ ସେ ସାହସ ବାନ୍ଧି ଦିନ ବେଳେ ଯାଇ ସେଠାରେ ପହଞ୍ଚିଲା ଓ ପ୍ରତିବାସୀମାନଙ୍କୁ ପଚାରି ବୁଝିଲା ଯେ ସଦାଶିବ ମହାନ୍ତି ଅପ୍ସରା ରାଜମଣିକୁ ଧରି ଆଠଦିନ ହେଲା ସେ ଘର ଛାଡ଼ି ଚାଲିଯାଇଛନ୍ତି । ବନମାଳୀକୁ ପଡ଼ିଗଲା ପରି ଲାଗିଲା । ସେ କ୍ଷୀଣ କଣ୍ଠରେ ପଚାରିଲା, "ଯାଇଛନ୍ତି କୋଉଠିକୁ ?" କିନ୍ତୁ ଉତ୍ତର ଶୁଣିଲା, "କେଜାଣି" । କୋଠା ଜଗୁଆଳି ହଠାତ୍ ଗୋଟାଏ କୁଡ଼ିଆ ଘରୁ ବାହାରିପଡ଼ି କହିଲା, "କି ହୋ, ତୁମେ ପୁଣି ଆସିଛ ନା କଣ ? ମୁଁ କଣ କହିଥିଲି ସେଦିନ ? ତୁମେ ନିଶ୍ଚୟ ଜଣେ ପୋଲିସ ଗୋଇନ୍ଦା ।"

ଗ୍ରୀଷ୍ମକାଳ ଚାଲିଗଲା ଏବଂ ବର୍ଷା, ଶରତ୍ ଯାଇ ପୁଣି ଶୀତ ଆସିଲା । ସେ ଦୀର୍ଘକାଳ ମଧ୍ୟରେ ସଦାଶିବ ମହାନ୍ତି କିମ୍ବା ବନମାଳୀର ଅପ୍ସରା ରାଜମଣି କଲ୍ଲା

ପଡ଼ିଆରେ ଦିନେ ପାଦ ପକାଇଲେ ନାହିଁ । କ୍ରମେ ବନମାଳୀର ଦୁଃଖର ମାତ୍ରା ବଢ଼ିବାକୁ ଲାଗିଲା । ସେ ନିଜକୁ ଧିକ୍କାର କରି କହିଲା, "ମୁଁ କାହିଁକି ତା ପଛେ ପଛେ ଯାଇଥାନ୍ତି ? ସେ ତ ତା ମଧୁର ଦୃଷ୍ଟି ମୋ ଆଡ଼କୁ ପକାଇଲା; ମୋର ତା ଠୋଉ ଆଉ କଣ ବେଶି ଦରକାର ଥିଲା ? ମୁଁ ଦୋଷୀ, ମୁଁ ପାପୀ, ମୁଁ ଚଣ୍ଡାଳ ।"

ଦିନେ ବନମାଳୀ ତେଲିଙ୍ଗାବଜାର ବାଟେ ବ୍ୟଥିତ ହୃଦୟରେ କାଠଯୋଡ଼ି କୂଳକୁ ଯାଉଚି; ଦେଖିଲା, ଜଣେ ବୁଢ଼ା ମନ୍ଦୁରିଆ ବେଶରେ, ହାତରେ ଗୋଟାଏ କୋଡ଼ି ଧରି, ବାଟରେ ଯାଉଛି । ସେ ତାକୁ ଖୁବ୍ ପରିଚିତ ପରି ବୋଧ ହେଲା । ଲୋକଟିର ମୁହଁ ଠାଣି, ମୁଣ୍ଡର ଧଳା ବାଳ ଆଦି ଦେଖି, ସେ ମନକୁ ମନ କହିଲା, "ଏ ତ ସେଇ । ହେଲେ ଏ ଛଦ୍ମ ବେଶ କାହିଁକି ? ଆଚ୍ଛା, ପଛେ ପଛେ ଯାଇ ଦେଖିବ ।" କିନ୍ତୁ ସେ ଏ ନିଷ୍ପତ୍ତି କଲାବେଳକୁ ନିଷ୍ପତ୍ତି ଅନୁସାରେ କାର୍ଯ୍ୟ କରିବାର ସମୟ ନ ଥିଲା; ଲୋକଟି ଗୋଟାଏ ଗଳି ଭିତରେ ପଶି ଅଦୃଶ୍ୟ ହୋଇଯାଇଥିଲା । ବନମାଳୀ ମନକୁ ସାନ୍ତ୍ୱନା ଦେଇ କହିଲା, "ବୋଧହୁଏ ଏ ଲୋକ ଯେମିତି ଦିଶୁଥିଲା ଖାଲି, ଠିକ ସେ ନୁହନ୍ତି, ଆଉ କଏ ।"

---

—୩୧—

## କାହିଁରୁ କଣ ଉପୁଜିଲା

ଦିନେ ସନ୍ଧ୍ୟା ସମୟରେ ବନମାଳୀ ଦର୍ଜି କୋଠାରୁ ବାହାରି ବାଟରେ ଚିନ୍ତାମଗ୍ନ ହୋଇ ଯାଉଥିଲା । ହଠାତ୍ ତା ଦେହରେ ଗୋଟାଏ ଧକ୍କା ବାଜିଲା । ସେ ଘୂରି ଦେଖିଲା, ଛିଣ୍ଡା କନା ଦୁଇ ଖଣ୍ଡ ପିନ୍ଧି ଦୁଇଟି ବାଳକ ଧଇଁ ସଇଁ ହୋଇ ଧାଇଁ ପଳାଉଛନ୍ତି । ତାଙ୍କ ମୁଣ୍ଡ ବାଳ ଫିଟିଛି; ଦେହରୁ ଝାଳ ବୋହିଯାଉଛି । ପିନ୍ଧିଥିବା ଛିଣ୍ଡା କନାଖଣ୍ଡମାନ ଖସି ପଡ଼ିବାକୁ ଲୋଡ଼ୁଛି । ଶୁଣିଲା, ଧାଇଁ ଧାଇଁ ଜଣେ ଜଣକୁ କହୁଛି, "ଆଜି ମତେ ଧରି ତ ଥିଲା । କପାଳ ଟାଣ ଥିବାରୁ ଖସି ଅଇଲି ।"

ଆର ଜଣକ ପଚାରିଲା, "କଣ, କାଲିର ସେଇ ସିପେଇ ?"

ବନମାଳୀ ବୁଝିଲା ଯେ କୌଣସି ପୋଲିସ୍ କର୍ମଚାରୀଙ୍କି ଦେଖି, ବାଳକ ଦୁଇଟି ଭୟରେ ପଳାଉଛନ୍ତି । ଦୁହେଁ ଶୀଘ୍ର ଦୃଷ୍ଟି ପଥରୁ ଅନ୍ତର ହୋଇଗଲେ । ବନମାଳୀ ଗୋଡ଼ରେ ଗୋଟାଏ କନାପୁଡ଼ା ବାଜିଲା । ସେ ତାହା ଗୋଟାଇ କହିଲା,

“ଏ ପିଲା ଦା'ଟା ଫଟକଇଦେଇ ଚାଲିଗଲେ ।” ସେ ପଛରୁ ଡାକିଲା; କିନ୍ତୁ କେହି ଶୁଣିଲେ ନାହିଁ ।

ଘରକୁ ଫେରିଆସି, ବନମାଳୀ, ତା ଅପ୍ରସନ୍ନ ଗ୍ରାସମଣିର ଠିକଣା କାଳେ ପାଇଯିବ, ସେହି ଆଶାରେ ପୁଡ଼ାଟି ଫିଟାଇ ଦେଖିଲା । ପୁଡ଼ାରେ ଚାରିଖଣ୍ଡି ଚିଠି ଥିଲା । ଚାରିଖଣ୍ଡି ଚିଠିରେ ଚାରିଜଣଙ୍କ ଠିକଣା ଲେଖା ଯାଇଥିଲା । ଏକା ଧୂଆଁପତ୍ର ଗନ୍ଧ ପ୍ରତି ଚିଠିରୁ ମିଳୁଥିଲା । ପ୍ରଥମ ଚିଠିରେ ଠିକଣା ଥିଲା, “ଜମିଦାର ନୀଳକଣ୍ଠ ନାଏକ”; ଏବଂ ଚିଠିରେ ଲେଖାଥିଲା, “ମୁଁ ତୀର୍ଥ କରିବାକୁ ପୁରୀ ଯାଇଥିଲି । ଫେରିଲାବେଳେ ବାଟରେ ବାଳଅଲା ନିକଟରେ ମୋର ସବୁ ଚୋରିଗଲା । ମୋତେ ସମ୍ବଲପୁର ଯିବାକୁ ହେବ । ମୁଁ ସପରିବାରରେ ଅଛି । ଆପଣ ଦୟା କରି ଏ ପତ୍ର-ବାହକ, ମୋ ଝିଅ ହାତରେ ପଚାଶଟି ଟଙ୍କା ଦେଲେ, ଆମେ ଘରେ ପହଞ୍ଚିବୁ । ଘରେ ପହଞ୍ଚିଲେ, ମୁଁ ଆପଣଙ୍କ ଟଙ୍କା ପଠେଇଦେବି । ଆପଣଙ୍କର, ନିରାଶ୍ରୟ ଜଗବନ୍ଧୁ ନାଏକ ।”

ଅପ୍ରସନ୍ନା ଗ୍ରାସମଣିର ଠିକଣା ନ ପାଇ, ବନମାଳୀ ଦ୍ୱିତୀୟ ଚିଠିଟି ଫିଟାଇଲା । ତହିଁରେ ଠିକଣା ଥିଲା, “ବସନ୍ତ କୁମାର ମହାନ୍ତି, ଆଲମଚାନ୍ଦବଜାର” ଏବଂ ଚିଠିରେ ଲେଖିଥିଲା, “ମୁଁ ଜଣେ ବ୍ୟବସାୟୀ ଲୋକ । ବ୍ୟବସାୟ ଉଦ୍ଦେଶ୍ୟରେ ସପରିବାର ଏ ସହରକୁ ଆସିଥିଲି । ବ୍ୟବସାୟ ନ ଚଳିବାରୁ ସର୍ବସ୍ୱାନ୍ତ ହୋଇ ପଡ଼ିଛି । ମୋ ଝିଅକୁ ପଠାଇଲି । ଆପଣ ତା ହାତରେ ପଚିଶ ଟଙ୍କା ଦେଲେ, ମୁଁ ବାଟଖର୍ଚ୍ଚ କରି ପୁଣି ଗାଁକୁ ଫେରିଯିବି । ଗାଁରୁ ଆପଣଙ୍କ ଟଙ୍କା ପଠାଇଦେବି । ଆପଣଙ୍କର, ମଦନମୋହନ ମହାନ୍ତି ।”

ବନମାଳୀ ତୃତୀୟ ଚିଠି ଧରିଲା । ତା ଠିକଣା ଥିଲା, “ପୁରନ୍ଦର ପଟ୍ଟନାୟକ, ଚାନ୍ଦନୀଚୌକ” । ସେଥିରେ ଲେଖାଥିଲା, ମହାଶୟ, ମୁଁ ଝିଅକୁ ଶାଶୁଘରୁ ନେଇ ମହାନଦୀରେ ବୈଦ୍ୟେଶ୍ୱର ଯାଉଥିଲି । ନାଆ ବୁଡ଼ିଯିବାରୁ ଏଠି ପଡ଼ିରହିଛି । ମୋର ସ୍ୱାମୀ ନାହାନ୍ତି, କି ଘରେ ଅନ୍ୟ କୌଣସି ପୁରୁଷ ଲୋକ ନାହିଁ । ଆପଣ ଦୟାବନ୍ତ ଲୋକ । ମୋ ଝିଅ ଏ ଚିଠିନେଇ ଗଲା । ତା ହାତରେ ପଚାଶଟି ଟଙ୍କା ଦେଲେ, ମୁଁ ଗାଁରୁ ପଠାଇଦେବି । ଆପଣଙ୍କର, ସୁକୁମାରୀ ଦେଈ ।”

ବନମାଳୀ ତିନି ଖଣ୍ଡଯାକ ଚିଠିରେ ଆଶାନୁରୂପ ଖବର ନ ପାଇ ଚତୁର୍ଥ ଖଣ୍ଡି ପଢ଼ି ଦେଖିଲା । ସେଥିରେ ଠିକଣାରେ ଲେଖାଥିଲା, “ କାଳୀମନ୍ଦିର ଭକ୍ତ ଧର୍ମାର୍ଥୀ ଦାତାଙ୍କ ନିକଟକୁ ସବିନୟ ନିବେଦନ—ଧର୍ମାବତାର ମହାଶୟ, ମୁଁ, ମୋ ସ୍ତ୍ରୀ ଏବଂ ଝିଅ ତିନିଟିଙ୍କି ନେଇ ଏଠାରେ ଯେ କି ହଇରାଣ ହେଉଛୁ, ଭଗବାନ ଜାଣନ୍ତି । ମୁଁ ଏହି

ସହରର ଜଣେ ବାସିନ୍ଦା । ଆଗେ ମୁଁ ଭଲ ଅବସ୍ଥାରେ ଥିଲି, ମାତ୍ର ମୋର ବର୍ତ୍ତମାନ ରୋଜଗାରର କିଛୁ ଉପାୟ ନାହିଁ । ଆପଣ ଅନେକ ଦାନ ପୁଣ୍ୟ କରୁଛନ୍ତି । ମୋ ଦୁର୍ଦ୍ଦଶା ଥରେ ଆସି ଦେଖିଯାନ୍ତୁ । ତାହାହେଲେ, ମୁଁ ବୁଝିବି ଯେ ମୋ ଦଶା ଲେଉଟିବ । ଆପଣଙ୍କର, ହତଭାଗ୍ୟ ମୁକୁନ୍ଦ ଜେନା ।"

ଚିଠି ଗୁଡ଼ିକ ପଢ଼ିସାରି, ବନମାଳୀ ନିରାଶ ହୋଇ ବସିଲା । ସେ ଭାବିଲା, ନାହିଁ, ଯାହା ଖୋଜୁଥିଲି, କିଛି ତ ମିଳିଲା ନାହିଁ ।" କିନ୍ତୁ ଦୃଷ୍ଟବ୍ୟ ଚିଠି ସେ ଜଣେ ଲୋକର ହସ୍ତାକ୍ଷରରେ, ଚାରି ଜଣଙ୍କ ନାମରେ, ଚାରୋଟି ଭିନ୍ନ ଭିନ୍ନ ଠିକଣାରେ, ଏକା ପ୍ରକାର କାଗଜରେ ଅଥଚ ଭିନ୍ନଭିନ୍ନ କାଳିରେ, ଲେଖା ହୋଇଥିଲା, ଦେଖି ତାର କୌତୁହଳ ଜନ୍ମିଲା ; ମାତ୍ର ସେଥିରେ ଗୋଟାଏ ତଥ୍ୟ ଖୋଜି ବାହାର କରିବା ଶ୍ରମ ସ୍ୱୀକାର କରିବାକୁ ଇଚ୍ଛା ନ କରି, ସେ ଚିଠିଗୁଡ଼ାକ ସେଇର ଗୋଟାଏ କଣକୁ ଫିଙ୍ଗି ଦେଲା ଏବଂ ଖଟରେ ଶୋଇ ଅପ୍ସରା ଚନ୍ଦ୍ରମଣିର ମୂର୍ତ୍ତି ଆଖି ଆଗରେ କଳ୍ପନା କରିବାକୁ ଲାଗିଲା ।

ପରଦିନ ସକାଳୁ ଦ୍ୱାରରେ କିଏ ଟିପ ମାରିଲା । ବନମାଳୀ କହିଲା, "ଭିତରକୁ ଆସ ।" ଦ୍ୱାର ଫିଟିଲା ଓ ସଙ୍ଗେ ସଙ୍ଗେ ଗୋଟାଏ ସ୍ୱର ଶୁଭିଲା, "ଚିହ୍ନିକିଏ ଶୁଣିମ ନାହିଁ ?" ବନମାଳୀ ଭାବିଲା, "ଏ ପୁଣି କିଏ ଜଣେ ବୁଢ଼ା ଆସି ପହଞ୍ଚିଲାଣି !" ମାତ୍ର ସେ ଚାହିଁ ଦେଖିଲା, ଗୋଟିଏ ଛୋଟିଆ ବାଳିକା; ଛିଣ୍ଡା ଲୁଗା ପିନ୍ଧିଛି, ବାଳ ଫୁରୁ ଫୁରୁ ହେଉଛି, ଦେହରେ ରକ୍ତ ନ ଥାଇ ଶେତା ଦିଶୁଛି, ଆଖି ଭିତରକୁ ପଶିଯାଇଛି । ଦେଖି ବନମାଳୀ ଚମକପଡ଼ି ପଚାରିଲା, "କଣ, ପିଲା ?"

"ମୁଁ ଖଣ୍ଡିଏ ଚିଠି ଆଣିଚି, ବନମାଳୀ ବାବୁ ।" ଶୁଣି ବନମାଳୀ ମହା ସନ୍ଦେହରେ ପଡ଼ିଲା । ବାଳିକା ତା ନାମ କିପରି ଜାଣିଲା, ଭାବି ଭାବି ସେ କିଛି ସ୍ଥିର କରିପାରିଲା ନାହିଁ । ତଥାପି ସେ ଚିଠିଖଣ୍ଡି ନେଇ ଫିଟାଇ ଦେଖିଲା, କାଳି ସମ୍ପୂର୍ଣ୍ଣ ଶୁଖିନାହିଁ । ସେଥିରୁ ବୁଝିଲା ଯେ ଚିଠିଖଣ୍ଡି ଅତି ଅଳ୍ପ ଦୂରରୁ ଆସିଛି । ପଢ଼ିଲା—

"ପଡ଼ୋଶୀ ବାବୁ ମହାଶୟ,

ଆପଣଙ୍କ ଗୁଣାବଳୀ ମୁଁ ଶୁଣୁଛି । ଆପଣ କେତେମାସ ତଳେ ମୋ ପାଇଁ ଛ ମାସର ଘରଭଡ଼ା ଦେଇଥିଲେ । ସେ ଉପକାର ମୁଁ ପାସୋରି ପାରିବି ନାହିଁ । ମୋ ବଡ଼ ଝିଅ ଏ ଚିଠି ଧରି ଗଲା । ତାଠାରୁ ଶୁଣିବେ, ଆମେ ଚାରି ପ୍ରାଣୀ ଦୁଇଦିନ ହେଲା ଖାଇନାହୁଁ । ସେଥିରେ ପୁଣି ମୋ ସ୍ତ୍ରୀର ଦେହ ବ୍ୟସ୍ତ ହୋଇଛି । ଏଥିରୁ ଆପଣ ମୋତେ ଉଦ୍ଧାର କରିବେ; ଆଜି ମୋତେ କିଛି ସାହାଯ୍ୟ ଦେବେ ବନମାଳୀ ବାବୁ ! ଆମ ଦଶା ଦେଖିଲେ ଆପଣଙ୍କ ହୃଦୟ କାନ୍ଦିବ । ମୋ ଝିଅକୁ ନିରାଶ କରିବେ ନାହିଁ ।

ଆପଣଙ୍କର ଦୀନହୀନ ଦାସ

"ଅଗାଧୁ ବେହେରା"

ଗତ ରାତରେ ଯେଉଁ ଗୁଡ଼ଖଣ୍ଡ ଚଠି ଅଜ୍ଞାତରେ ବନମାଳୀ ହାତରେ ପଡ଼ି ତାକୁ ଅନ୍ଧାରରେ ବୁଲାଉଥିଲା, ଏ ଚଠିଖଣ୍ଡ ତା ମଧ୍ୟରେ ଗୋଟାଏ ଦୀପ ଆଣି ଜାଳିଦେଲା । ଭିତରର ଗୁପ୍ତ ରହସ୍ୟ କ୍ରମେ ଉଜ୍ଜ୍ୱଳ ହୋଇ ଆସିଲା । ସେ ଗୁଡ଼ଖଣ୍ଡ ଚିଠି ଯେ ଲେଖିଥିଲା, ଏ ଚିଠି ଖଣ୍ଡ ମଧ୍ୟ ତାରି ହାତର ଲେଖା; ସେହି କାଗଜ ସେହି ଧୂଆଁ ପତ୍ର ଗନ୍ଧ । ପାଞ୍ଚଖଣ୍ଡ ଚିଠିରେ ପାଞ୍ଚଟା ଇତିହାସ, ପାଞ୍ଚଜଣ ଲୋକର ନାମ, ପାଞ୍ଚଟା ଠିକଣା; ଅଥଚ ଜଣେ ଲେଖକ । ବନମାଳୀ ମନେ ମନେ ଭାବିଲା, "ହବୁ ହୁଏ ତ ଜଣେ ଅଗାଧୁ ବେହେରାର କାମ । ତେବେ ଏ ଅଗାଧୁ ବେହେରା ଏବେ ସତ୍ୟ କି ମିଛ, କିଏ ଜାଣେ ?"

ଦଳିକୋଠାରେ ବନମାଳୀ ଏତେ ଦିନ ରହିଲା; କିନ୍ତୁ ତା ତଳମହଲା ଘରେ କିଏ ଅଛନ୍ତି, ତାହା ଦିନେ ତା ଦୃଷ୍ଟିରେ ପଡ଼ିଲା ନାହିଁ । ବର୍ତ୍ତମାନ ଅଗାଧୁ ବେହେରାର ଚିଠିଟା ପାଇ, ସେ ବୁଝିଲା ଯେ ସେ ଲୋକଙ୍କଠାରୁ ସାହାଯ୍ୟ ମାଗି ଖର୍ଚ୍ଚ ଚଳାଇବାଟାକୁ ଗୋଟାଏ ବ୍ୟବସାୟ କରିଛି, ଭିନ୍ନ ଭିନ୍ନ ଲୋକଙ୍କ ନାମରେ ଜାଲ କରି ସହରର ନାନା ବ୍ୟକ୍ତିଙ୍କ ନିକଟକୁ ପତ୍ର ଲେଖୁଛି, ଏପରି କି ବାପ ହୋଇ ଯୁବତୀ ଝିଅମାନଙ୍କୁ ଦାଣ୍ଡକୁ ଛାଡ଼ି ଦେବାକୁ କୁଣ୍ଠିତ ହେଉନାହିଁ । ତହୁଁ ସେ ମନକୁ ମନ କହିଲା, 'ଏଟା ଭାଗ୍ୟ ଯାହାଙ୍କ ଗୋଟାଏ ମସ୍ତ ଜୁଆଚୋର ।"

ବନମାଳୀ ଯେପରିପରି ଭାବୁଥିବା ସମୟରେ ବାଳିକା ଘର ଭିତରେ ପଶି ଜିନିଷପତ୍ର ଘଣ୍ଟାଘାଣ୍ଟି କରିବାରେ ଲାଗିଲା ; ବନମାଳୀର କୁର୍ତ୍ତା ପକେଟରେ ହାତ ପୂରାଇଲା; ସେଲ୍ଫର ଯୋଡ଼ାଏ କାଡ଼ି ଖୁଣ୍ଟି ଦେଖିଲା ଓ ଶେଷରେ ଆସି ବନମାଳୀର ମେଜ ନିକଟରେ ପହଞ୍ଚିଲା । ବନମାଳୀର ବହି ଫିଟା ହୋଇଥିଲା; ସେ ତାହା ଦେଖି କହିଲା, "ମୁଁ ପଢ଼ି ଜାଣେ ସେ ।" କହି, ସେ ପଢ଼ି ବସିଲା, "ମାତୃଭୂମିର ସେବା ନିମନ୍ତେ ଗୋବିନ୍ଦ ସିଂହ ଜୀବନ ଉତ୍ସର୍ଗ କରିଥିଲେ ।" ପଢ଼ିସାରି, ସେ ବହିଟି ଥୋଇଦେଇ, ପଚାରିଲା, "ବନମାଳୀ ବାବୁ, କହ ନା, ଗୋବିନ୍ଦ ସିଂହ କିଏ ? ବନମାଳୀ କିଛି ଉତ୍ତର ନ ଦେବାରୁ, ବାଳିକା ବହି ଛାଡ଼ି, ହାତରେ କଲମ ଧରିଲା ଓ କହିଲା, "ମୁଁ କଣ ଲେଖି ଜାଣେନାହିଁ ? ରହ, ଏଇ ସାଥେ ସାଥେ ଲେଖି ଦେଖାଇ ଦେଉଛି ।" ବନମାଳୀ କିଛି କହିବା ପୂର୍ବରୁ ତାଙ୍କ କଲମ ଧରି, ଦୁଆତରେ ବୁଡ଼ାଇ, ଖଣ୍ଡେ କାଗଜ ଟାଣି ଆଣି ଲେଖିଲା, "ସିପାହିମାନେ ଆସୁଛନ୍ତି ।" ସେ ଲେଖିସାରି, କଲମଟା ପକାଇଦେଇ କହିଲା, "ବନମାଳୀ ବାବୁ, ଦେଖିଲ, କିଛି ଭୁଲ ହୋଇଚି ? ମୁଁ ପିଲାଦିନେ ପାଠ ପଢ଼ୁଥିଲି ଯେ ସବୁବେଳେ କଣ ଆମେ ଇମିତି ଦୁଃଖରେ ଥିଲୁ କି ?"

ସେତକ କହି, ବାଳିକା ବନମାଳୀର ଗମ୍ଭୀର ମୁହଁ ଆଡ଼କୁ ଦୃଷ୍ଟି ପକାଇଲା । ତହୁଁ ସେ ଠୋ ଠୋ ହସିପକାଇ କହିଲା, "ବନମାଳୀ ବାବୁ, ତୁମ ଚେହେରାଟି ତ ଖୁବ୍ ସୁନ୍ଦର ।" ତା ପରେ ସେ ସ୍ୱରକୁ ସା ରେ ଗା ମା ପା ଧା ନି ସା କ୍ରମରେ ଉଚ୍ଚରୁ ତଳ ଆଡ଼କୁ ଖସାଇଲାଣି, କେତେଗୁଡ଼ାଏ କଥା କହି ପକାଇଲା । ଶୁଣି ବନମାଳୀ ଯେପରି ବିରକ୍ତ ସେହିପରି ଭୀତ ହେଲା । ଶେଷରେ ସେ କହିଲା, "ଦେଖ୍ ପିଲା, ମୁଁ କାଲି ଗୁଡ଼ାଏ କାଗଜ ପାଇଥିଲି । ସେଗୁଡ଼ାକ ବୋଧହୁଏ ତୋର । ତୁ ନେଇଯା ।" କହି, ସେ ପୁଡ଼ାରେ ବନ୍ଧା ହୋଇଥିବା ଗତ ରାତିର ରୁଟି ଦୁଇ ଖଣ୍ଡି ବଢ଼ାଇଦେଲା । ବାଳିକା ଆନନ୍ଦରେ ଗଦ୍ ଗଦ୍ ହୋଇ ତାଳିମାରି କହିଲା, 'ଆଃ, ମିଳିଲା ତ । ତୁମେ ପାଇଥିଲ । ଓଃ, କାଲି ରାତି ଆମେ କେତେ ନ ଖୋଜିଚୁ ! ମୁଁ ଆଉ ମୋ ଭଉଣୀ ଦୁହେଁଯାକ ବେଦମ୍ ହୋଇଯାଇଚୁ । ଚିଠିତକ ତ ହଜେଇଦେଇ ଗଲୁ । ସତ କଥା କହିଲେ, ବାପା ପିଟି ପକେଇଥାନ୍ତା । ସେଥିପାଇଁ କହିଲୁଁ, 'ଦେଇଆସିଚୁ' । କାଲି ରାତିରେ ତୁମର ଦେହରେ ଧକ୍କା ବାଜିଲା ନା ? ମୁଁ ପରା କହିଲି ଭଉଣୀକି, 'ସେ ଜଣେ ଭଦ୍ରଲୋକ ହବ ।' ସତେ, ବନମାଳୀ ବାବୁ, ତୁମେ ଜଣେ ଖାସ ଭଦ୍ରଲୋକ ।"

କହୁ କହୁ ବାଳିକା କାଳିମନ୍ଦିର ଭକ୍ତଙ୍କ ନିକଟକୁ ଲେଖା ହୋଇଥିବା ଚିଠିଖଣ୍ଡି ଫିଟାଇ ପକାଇଲା ଓ କହିଲା, "ଏ ସେ ବୁଢ଼ା ଚିଠି । ଏଇ ତ ତା ବେଳ । ମୁଁ ଚିଠିଖଣ୍ଡ ନେଇ ଅଇଚୁକା ଯିବି । ଗଲେ ନିଶ୍ଚୟ ସେ ଖାଇବାକୁ କିଛି ପଇସା ଦବ ।" ତା ପରେ ସେ ଠୋ ଠୋ ହସିପକାଇ କହିଲା, "ବନମାଳୀ ବାବୁ, ଜାଣ, ଆମେ ଆଜି ଖାଇଲେ କଣ ହବ ? ଆଜି ଦ'ପହରେ ପଅରଦିନ ରାତିର, କାଲି ଦିନର, ଆଉ କାଲି ରାତିର, ଏମିତି ତିନିଟା ବାକିଆ ବକତ ଆଉ ଆଜିର ଗୋଟାଏ କରି ଏକାଠି କରି ଚାରିଟା ଖାଇବୁ । ବୁଝିଲ ନା ?"

ଶୁଣି, ବାଳିକା ଯେ କି ଉଦ୍ଦେଶ୍ୟରେ ଆସିଥିଲା, ବନମାଳୀର ମନେ ପଡ଼ିଗଲା । ବନମାଳୀ ପେଡ଼ି ଫିଟାଇ ଦେଖିଲା, ପାଞ୍ଚ ଟଙ୍କା ଆଠ ଅଣା ଅଛି । ସେ ଆଠ ଅଣା କାଢ଼ି ରଖିଦେଇ କହିଲା, "ଆଜିର ଖର୍ଚ୍ଚ ଏଥିରେ ଚଳିଯିବ । କାଲିକି ଭଗବାନ ଚଳେଇବେ ।" କହି, ସେ ପାଞ୍ଚଟଙ୍କା ବାଳିକା ହାତକୁ ପଠାଇଦେଲା । ବାଳିକା ଝଣଝଣ ଶବ୍ଦ ଶୁଣି, ବିସ୍ମିତ ହୋଇ ନମସ୍କାର କରି, ଲେଉଟିବାକୁ ବସିଲା । ଦୁଆର ପାଖେ ତଳେ ପୁଞ୍ଜିଏ ମୁଢ଼ି ପଡ଼ିଥିଲା । ସେ ସେତକ ସାଉଁଟି, ପାଟିରେ ପକାଇ କହିଲା, "ଆଃ, ମିସି ଯାଇଚି ।" ଦୁଇ ଥର ପାଟି ବୁଲାଇ, ମୁଢ଼ିତକ ଗିଳିଦେଇ, ସେ ପୁଣି କହିଲା, "ଜୁହାର, ବନମାଳୀ ବାବୁ, ମୁଁ ଗଲି । ମତେ କେତେ ବାଟ ଯିବାକୁ ହବ ସେ ବୁଢ଼ା ପାଖକୁ, କୋଶେ କି ଦେଢ଼କୋଶ ।"

ବାଳିକା ଚାଲିଗଲା ପରେ ବନମାଳୀ ଦେଖିଲା ଯେ ଘରର ଯେଉଁ କଣରୁ ସେ ଶିଠି ପୁଡ଼ାଟା ଆଣି ବାଳିକାକୁ ଦେଲା, ସେଠାରେ ଚଟାଣଟାରେ ଗୋଟାଏ ମୂଷା ଗାତ ପରି ଗାତ ରହିଛି । ସେ ଗାତଟା ସେ ଯେ ଯେ ପର୍ଯ୍ୟନ୍ତ କାହିଁକି ଦେଖି ନ ଥିଲା ଭାବି ଠିକ୍ କରି ପାରିଲା ନାହିଁ । ସେ କଣା ବାଟେ ଚାହିଁଲେ, ତଳ ମହଲା ଘର ଭିତରଟା ପରିଷ୍କାର ଦେଖାଯାଉଥିଲା । ବନମାଳୀ ମନେ ମନେ ଭାବିଲା, "ଆଚ୍ଛା, ଏ ବାଟେ ଦେଖେଁ, ଲୋକଗୁଡ଼ାକ କଅଣ କରୁଛନ୍ତି ।" କଣାଟା ଯେଉଁ କଣରେ ଥିଲା ତା ପାଖେ ପଚ୍ଛ ପଟ ଦ୍ୱାରଟା । କବାଟ ମେଲାଇ ରଖିଲେ, କଣାଟା ଘର ଭିତରୁ ଦିଶେ ନାହିଁ ଏବଂ ଘରେ ଝରକା ନ ଥିବାରୁ, ପବନ ଯିବା ଆସିବା ନିମନ୍ତେ, ବନମାଳୀ ତାକୁ ସବୁଦା ଖୋଲି ରଖିଥାଏ । ସେ ବାଟେ ଉପରକୁ ବାଟ ନ ଥିବାରୁ, ଦ୍ୱାର ଖୋଲାଥିଲେ ମଧ୍ୟ, କେହି ଘର ଭିତରେ ପଶିବାର ଆଶଙ୍କା ନ ଥାଏ ।

ବନମାଳୀ କବାଟ କଣରେ ମୁହଁ ମାଡ଼ି ବସି, କଣାବାଟେ ତଳମହଲା ଘର ଭିତରକୁ ଦୃଷ୍ଟି ପକାଇ ଦେଖିଲା, ଘରଟାଯାକ କତାନ୍ତ ମଇଳା ହୋଇ ପଡ଼ିଛି; କାନ୍ଥରେ ଅଶ୍ଲୀଳ ଶବ୍ଦମାନ ଲେଖା ଯାଇଛି ; କୌଣସି କୌଣସିଠାରେ ଅଙ୍ଗାରରେ ଅଶ୍ଲୀଳତାସୂଚକ ଚିତ୍ରମାନ ଅଙ୍କା ମଧ୍ୟ ହୋଇଛି । ସେ ସବୁ ମଧ୍ୟରେ ଗୋଟାଏ ଛୋଟିଆ ପିଣ୍ଡି ଉପରେ କେତେ ଖଣ୍ଡ କାଗଜ ଗୋଟିଏ ଭଙ୍ଗା ଦୁଆତ ଓ ଗୋଟିଏ ପୁରୁଣା ବାଘନଖି କଲମ ପଡ଼ିଥିଲା । ପାଖରେ ପ୍ରାୟ ଷାଠିଏ ବର୍ଷ ବୟସର ଜଣେ ବାଙ୍କର ବୁଢ଼ା ଖଣ୍ଡେ ଛିଣ୍ଡାଶାଢ଼ୀ ପିନ୍ଧି ବସିଥିଲା । ତା ମୁହଁ ପାଖେ ପିକାରୁ ମେଞ୍ଚାଏ ମେଞ୍ଚାଏ ଧୂଆଁ ବାହାରୁଥିଲା । ଲୋକଟା କେତେ ବେଳେ କଲମ ଧରି କାଗଜରେ କଣ ଲେଖିବାରେ ଲାଗିଥିଲା । ପାଖରେ ଜଣେ ସ୍ତ୍ରୀଲୋକ ବସିଥିଲା । ସେ ଯେତିକି ମୋଟୀ, ସେତିକି ମଧ୍ୟ ଡେଙ୍ଗା । ଖଣ୍ଡେ ଦୂରରେ ଗୋଟିଏ ଜୀର୍ଣ୍ଣଶୀର୍ଣ୍ଣ ବାଳିକା ପ୍ରାୟ ଉଲଗ୍ନ ଅବସ୍ଥାରେ ଶୋଇ ରହିଥିଲା । ଦେଖିଲେ ମନେ ହେଉଥିଲା ଯେ ତା ବୟସ ବାର ତେର ବର୍ଷରୁ ଊଣା ହେବ ନାହିଁ । ବନମାଳୀ ମନରେ ଗୋଟାଏ ଘୋର ଶଙ୍କାର ଛାୟା କ୍ଷଣକ ନିମନ୍ତେ ଘୋଟିଗଲା ।

---

—୩୨—

## ଆକାଶ କର୍ଯ୍ୟା ଚିଲିକା ମାଛ ଭେଟ

ବନମାଳୀ ତା ବିକଟ ପରିଦର୍ଶନ କାର୍ଯ୍ୟରୁ କ୍ଷାନ୍ତ ହୋଇ, ଘରୁ ବାହାରି, କାର୍ଯ୍ୟ ଉପଲକ୍ଷରେ ଗୁଲି-ଯିବାକୁ ବସିଲାବେଳେ, ତଳମହାଲା ଘରକୁ ବାହାରୁ ଜଣେ ଧାଇଁ ଧାଇଁ ଆସିବା ଶବ୍ଦ ଶୁଣିଲା । ତହୁଁ ସେ ଚନ୍ଦ୍ରପ୍ରତିମା ପରି ବସି, ସେ କଣା ପାଖେ

କାନ ଦେଇ ଏକଧ୍ୟାନରେ ଶୁଣିବାକୁ ଲାଗିଲା । ଅଳ୍ପ ସମୟ ପୂର୍ବେ ଯେଉଁ ବାଳକ ଆସି, ତା ସଙ୍ଗେ ପରିଚୟ କରି ପାଞ୍ଚ ଟଙ୍କା ନେଇ ଯାଇଥିଲା, ସେ ଧଇଁ ସଇଁ ହୋଇ ଆସି କହିଲା, "ଆସୁଛି ।" ଶୁଣି, ବାପା ପଚାରିଲା, "କିଏ ? କାଳୀ ମନ୍ଦିରର ସେଇ ବୁଢ଼ା ?"

"ହଁ, ଗୋଟାଏ ଘୋଡ଼ା ବଗିରେ ବସି ଆସୁଛି ।"

ସେ ତ ବଗିରେ ବସି ଆସୁଚି; ତୁ ଚାଲି ଆସି ତା ଆଗରୁ କିମିତି ପହଞ୍ଚିଲୁ ? ଠିକଣା କହି ଆସିଚୁ ତ ? ଘର ଭୁଲ ନ ହେଲେ ହେଲା । ସେ କଣ ଚିଠି ପଢ଼ିଲା ? ତତେ କଣ କହିଲା ?" ବାଳକ ମୁହଁ ଛୁଆଡ଼ି ଉତ୍ତର ଦେଲା, "ଆଃ, କେତେ କଥା ଏକା ନିଃଶ୍ୱାସକେ ପଚାରି ଦେଇ ଯାଉଚ ? ହଁ, ସେ ଦେଉଳରେ ଥିଲା; ମୁଁ ଯାଇ ନମସ୍କାର କରି ଚିଠି ଖଣ୍ଡି ଦେଲି, ସେ ପଢ଼ିଲା; ପଢ଼ି-ସାରି ମତେ ପଚାରିଲା, 'ତୁମ ବସା କେଉଁଠି, ପିଲା ?' ମୁଁ କହିଲି 'ମୁଁ ବାଟ ଦେଖେଇନେବି ।' ସେ କହିଲା, 'ନା, ମତେ କହିଦେ । ମୋ ଝିଅ ଆଉ ମୁଁ ତ ବଗିରେ ଯିବୁ, ତୁ ଆଗରୁ ଚାଲିଯା ।' ମୁଁ ତାକୁ ଠିକଣା କହିଲି । ମୋ କଥା ଶୁଣି, ସେ ଆଶ୍ଚର୍ଯ୍ୟ ହୋଇଗଲା, ମନେ ମନେ କଣ କେତେ ଭାବିଲା, ପଛକୁ ମତେ କହିଲା: 'ଆଚ୍ଛା, ମୁଁ ଯିବି ।'"

"ଆସୁଚି ବୋଲି ତୁ କିପରି ଜାଣିଲୁ ?"

"ସେ ଦେଉଳ ଦୁଆରୁ ବଗିରେ ବାହାରିଲା, ଦେଖିଲି; ଆଉ ମୁଁ ଏବେ ଆମ ଗଳି ମୁଣ୍ଡେ ପହଞ୍ଚିଲା ବେଳକୁ ଦେଖିଲି ବଗିଟା ବଜାର ଆଡ଼ୁ ଆସୁଚି । ଦେଖି ତ ମୁଁ ଧାଇଁଚି ।" ଶୁଣି, ବୁଢ଼ା ମୁହଁରେ ଗୋଟାଏ ଆନନ୍ଦର ଢେଉ ଖେଳିଗଲା । ସେ ଭାର୍ଯ୍ୟାକୁ ଡାକି କହିଲା, "ଦେଖ, ଆସୁଚି । ଯାଅ, ସମସ୍ତେ କାମରେ ଲାଗିଯାଅ । ତୁ ଶେଯରେ ଶୋଇପଡ଼୍; ଆଉ, ଝିଅ, ତୁ ଯାଇ ପଞ୍ଜୁରିଟା ଭାଙ୍ଗି ଦେ; ଚୁଲିରେ ପାଣି ପକେଇ ନିଆଁ ନିଭେଇଦେ; ଆଉ ବସି ଶୀତରେ ଥରୁଥା ।" ତା ପରେ ସେ ସାନଝିଅକୁ କହିଲା, "ତୁ ଗୋଟାଏ କଣରେ ବସି କାନ୍ଦୁଥା ।" ସେ ଯାହାକୁ ଯାହା ବରାଦ କଲା, ସେ ଅନୁସାରେ କାର୍ଯ୍ୟ ହୋଇ ଯିବାର ଦେଖି, ଶେଷରେ ନିଶ୍ଚିନ୍ତ ହୋଇ, ନିଃଶ୍ୱାସ ମାରି, କହିଲା, "ବେଶ୍ ।"

ଭଙ୍ଗା ଖିଡ଼କି ବାଟେ ଥଣ୍ଡା ପବନ କଲ କଲ ବହିବାକୁ ଲାଗିଲା । ଘର ଭିତରଟା ବରଫ ପରି କାକର ହୋଇଗଲା । ଘର ଲୋକେ ଯେଉଁ ନିଆଁ ଗଦା କରି ପୋଉଁଥିଲେ, ପାଣି ଢାଳି ତାହା ଲିଭାଇ ଦେଇଥିବାରୁ, ଅଙ୍ଗାରଗୁଡ଼ାକ କଳା କାଠି ଭଳି ଦିଶୁଥିଲା । ଅଗାଧୁ ବେହେରା ତା ଉପରେ ପାଉଁଶ ବିଛାଇଦେଇ କହିଲା, "ଏଥର

ଆସ ।" ସେତିକି ବେଳକୁ ଦାଣ୍ଡ ଦୁଆରେ ଅପ୍ ଜିକ ଗୋଟାଏ ବଗି ଠିଆ ହୋଇଗଲା ଏବଂ କବାଟରେ ଟିପ୍ ଟିପ୍ ଶବ୍ଦ ଶୁଣାଗଲା । ଅଗାଧୁ ବେହେରା ଧାଇଁଯାଇ, ଭୂଇଁରେ ମୁଣ୍ଡ ଲଗାଇ ଜୁହାର ହେଇ କହିଲା, "ଆସନ୍ତୁ, ହଜୁର୍; ମୋ ରକ୍ଷାକର୍ତ୍ତା ପାଦ ପକାନ୍ତୁ ।"

ଜଣେ ବୁଢ଼ା ଜଣେ ଯୁବତୀଙ୍କ ସଙ୍ଗରେ ଧରି ଘର ଭିତରେ ପଶିଲେ । ବନମାଳୀ ଦେଖି ଚନ୍ଦ୍ରପ୍ରତିମା ପରି ସ୍ତମ୍ଭିତ ହୋଇ ରହିଲା । ସେ ମନକୁ ମନ କହିଲା, "କଣ, ଏ ତ ସେଇ ।" ଯାହାକୁ ଖୋଜି ସେ ଦୀର୍ଘ ଛଅମାସ କାଳ କଲ୍ଲା ପଡ଼ିଆରୁ ଓଡ଼ିଆ ବଜାର ଏବଂ ଓଡ଼ିଆ ବଜାରରୁ ପୁଣି କଲ୍ଲା ପଡ଼ିଆକୁ ଯାତାୟାତ କରୁଛି, ଏ ସେହି କୁମାରୀ । ଗ୍ରହଣ ଛାଡ଼ିଯାଇ, ପୂର୍ଣ୍ଣଚନ୍ଦ୍ର ପୁନର୍ବାର ଆକାଶରେ ବିରାଜିଲା ପରି ତାକୁ ଦେଖାଗଲା । ବନମାଳୀର ହୃଦୟ ଥରିବାକୁ ଲାଗିଲା । କୁମାରୀ ଠିକ୍ ସେହିପରି ଅଛି, କେବଳ ଟିକିଏ ବୟସ୍କ ଦେଖାଯାଉଛି, ସଙ୍ଗରେ ସେହି ପୁରୁଣା ସଦାଶିବ ମହାନ୍ତି ।

କୁମାରୀ ଘର ଭିତରକୁ ଆସି ଗୋଟାଏ ବଡ଼ ରକମ ବୁଜୁଲା ତଳେ ଲଥ୍‌କିନା ଥୋଇଦେଲା । ସଦାଶିବ କହିଲେ, "ଏ ବୁଜୁଲାରେ ଘୋଡ଼େଇ ହବା କମ୍ବଳ, ପିନ୍ଧିବା ଲୁଗା, ପକେଇ ଶୋଇବା ଶେଯ ଗୃହଜଣଙ୍କ ପାଇଁ ଅଛି । ଅଗାଧୁ ବେହେରା ଭୂଇଁରେ ମୁଣ୍ଡ ଲଗାଇ କହିଲା, "ଓହୋ, କେତେ ଜିନଷ ଆଣି ଦେଇଛନ୍ତି, ଏ କୁଟୁମ୍ବର ପ୍ରାଣ ରଖିଲେ ଆଜ୍ଞା ।" କହିସାରି ସେ ବଡ଼ଝିଅ ଆଡ଼କୁ ବୁଲି ପଡ଼ିଲା ଏବଂ ତା କାନରେ ତୁନି ତୁନି କହିଲା, "ଖାଲିଲୁଗା ଗୁଡ଼ାକ ! ଟଙ୍କା କାହିଁ ? ଖର ଦାତା ଏ ! କହିଲୁ, ସ୍ତା ପାଖକୁ କି ନାଁରେ ଚିଠି ଲେଖିଥିଲି ?"

"ମୁକୁନ୍ଦ ଜେନା"

"ଅଚ୍ଛା" କହି ଅଗାଧୁ ବେହେରା ସଦାଶିବ ମହାନ୍ତିଙ୍କ ଆଡ଼କୁ ଚାହିଁଲା । ସେତେବେଳକୁ ସେ କହୁଥିଲେ, "ତୁମେ ବଡ଼ କଷ୍ଟରେ ଅଛ ଦେଖୁଚି, ଜେନା । କି ଜେନାଟି ତୁମ ନାଁ । ।"

"ମୁକୁନ୍ଦ ।"

"ହଁ ମୁକୁନ୍ଦ ଜେନା, ମନେ ପଡ଼ିଲା । ମୁଁ ତ ତୁମ କଥା ଆଗରୁ ଶୁଣିଥିଲି ।" ଅଗାଧୁ ବେହେରା ତା ଉପକାରୀ ବ୍ୟକ୍ତିଙ୍କ ଆଡ଼କୁ ଅନେକ ସମୟରେ ଏକ-ଦୃଷ୍ଟିରେ ଚାହିଁ ରହୁଥାଏ । ସେ ଯେତେବେଳେ ଯାହା ପଚାରନ୍ତି, କରୁଣ ସ୍ୱରରେ ଉତ୍ତର ଦିଏ । ସେ ମଝିରେ ଥରେ ଟିକିଏ ଖସିଯାଇ ଭାର୍ଯ୍ୟା କାନରେ କହିଲା, "ଲୋକଟାକୁ ନିରୀକ୍ଷଣ କରି ଦେଖ ।" ତା'ପରେ ସଦାଶିବଙ୍କ ପାଖକୁ ଫେରିଆସି କହିଲା, "ହଜୁର୍,

ଦେଖିଲେ ତ ଘରର ଅବସ୍ଥା, ମୁଁ ସେଇଥି ପାଇଁ ଚଢି ଲେଖିଥିଲି, ହଜୁରଙ୍କ ଆଖି ଥରେ ପଡ଼ିଯାଉ । ଏଣିକି ମୋ ଦୁର୍ଦ୍ଦଶା ପୂରିଥିଲା ବୋଲି ଜାଣିଲି । ମୁଁ କିଛି ଭିକ ମାଗିବା ଲୋକ ନୁହେଁ; ମୁଁ ଜଣେ ନାମଜାଦା ଚନ୍ଦକର ଥିଲି । ହେଲେ, ଏ ଯୁଗରେ ଆଉ ଚନ୍ଦ କିଏ କିଣୁଚି ? ସେଇଥିଲାଗି ତ ମୋର ଏ ଦଶା ! ଝିଅ ଦି'ଟାକୁ ଦିଅକ୍ଷର ପଢ଼ାଇଥିଲେ ସ୍ୱର୍ଗର ଅପ୍ସରୀ ହୋଇଥାନ୍ତେ; ମୂର୍ଖ ହୋଇ ବୁଲିଲେ । ତାଙ୍କ ମଙ୍ଗଳକୃତ୍ୟ ନ ହେଲା, ସେ କଥା କିଏ ପଚାରୁଚି ? କାଲିକି ତ କଣ ହେବ ଠିକ୍ ନାହିଁ । କାଲି ଶ୍ରୀପଞ୍ଚମୀ । କାଲି ଘର ଭଡ଼ାତକ ନ ଛୁଣ୍ଡେଇଲେ, ପିଲା ପିଲିଙ୍କି ଧରି ମୋତେ ଦାଣ୍ଡରେ ଠିଆ ହବାକୁ ହବ । ବର୍ଷକ ଭଡ଼ା ଷାଠିଏ ଟଙ୍କା ବାକି ।"

ଅଗାଧୁ ବେହେରା ଯେ ଠିକ ସତ୍ୟ କଥା କହୁଲା ନାହିଁ, ସହଜରେ ବୁଝାଯାଉଛି । ପ୍ରଥମେ, ତାର ବର୍ଷକର ଘରଭଡ଼ା ଷାଠିଏ ଟଙ୍କା ନୁହେଁ, ଛତିଶ ଟଙ୍କା । ତା ପରେ ପୁଣି, ଛମାସର ଭଡ଼ା ପ୍ରାୟ ତିନମାସ ତଳେ ବନମାଳୀ ଗୃହକରିଆଣୀ ହାତେ ପଠାଇ ଦେଇଥିଲା । ସଦାଶିବ ତାହା ସବୁ କିଛି ନ ଜାଣି, କୁରୁତା ପକେଟରୁ ପାଞ୍ଚଟଙ୍କା କାଢ଼ି, ଅଗାଧୁ ବେହେରା ହାତକୁ ବଢ଼ାଇଦେଲେ । ଅଗାଧୁ ଟଙ୍କାଟା ଧରି ବଡ଼ଝିଅ ପାଖକୁ ଯାଇ କାନରେ କହିଲା, "ଚଣ୍ଡାଳ ମତେ କଣ ବୋଲି ବଗୁରଚକ ? ଟଙ୍କା ପାଞ୍ଚଟା କି କାମକୁ ପାଇବ ? ଝରକାଠା ଯେ ଭାଙ୍ଗି ଦବାକୁ କହିଲି, ତାକୁଇ ତିଆର କରିବାକୁ ତ ଦଶ ଲାଗି ଯିବ । ମୁଁ ସ୍ୱାକୁ ଘରକୁ ଆଣି ଭାରି ଲାଭଟାଏ କଲି !"

ସଦାଶିବ ଜଳ ଯୋଡ଼େଇହେବା ଶାଲଟି କାଢ଼ି ଘର ଭିତରେ ଗୋଟାଏ କାଠିରେ ରଖିଦେଇଥିଲେ । ସେ ଅଗାଧୁକୁ ଡାକି କହିଲେ, "ମୁକୁନ୍ଦ ଜେନା, ମୋ ପାଖେ ଆଉ କିଛି ନାହିଁ । ମୁଁ ଏବେ ଯାଉଚି; ଝିଅକୁ ଘରେ ନେଇ ଛାଡିଦେବି, ରାତିକି ପୁଣି ଆସିବି । ଆଜି ରାତିରେ ଘରଭଡ଼ା ଦବାକୁ ହବ, କହିଲ, ନା ?" ଶୁଣି ଅଗାଧୁର ମୁହଁ ଉଜ୍ଜ୍ୱଳ ହୋଇଗଲା । ସେ କହିଲା, "ଆଜ୍ଞା, ଅବଧାନ, ହଜୁର, ହଁ । ଆଜି ସନ୍ଧ୍ୟା ଆଠଟାବେଳେ ଦବାକୁ ହବ ।"

"ମୁଁ ତେବେ ଟଙ୍କା ଧରି ଛ'ଟାବେଳେ ଆସିବି । ଏବେ ଯାଏ ।"

"ଅବଧାନ" କହି, ଅଗାଧୁ ଭାର୍ଯ୍ୟା କାନରେ ଯାଇ କହିଲା, "କଣ, ଚକ୍ଷୁ ଲୁଚିକି, ରାଣ୍ଡି ? ନ ହେଲେ, ଭଲକରି ଦେଖିଥା ।"

ସଦାଶିବ ଦ୍ୱାର ପାର ହୋଇ, ବାହାରେ ଯାଇ ଠିଆ ହୋଇଥିଲେ । ସେ ବଗିରେ ବସିବାକୁ ଯାଉଛନ୍ତି, ସେତେବେଳେ ଅଗାଧୁର ବଡ଼ଝିଅ ଭିତରୁ କହିଲା, "ତୁମ କମଳଟି ଛାଡ଼ିଗଲ ବାବୁ !" ଅଗାଧୁ ଶାଲଟି ନେଇ ଦେବା ବାହାନାରେ ଘର

ଭିତରକୁ ଆସି ଝିଅର କାନ ମୋଡ଼ିଦେଲା; କିନ୍ତୁ ତାହାକୁ ସଦାଶିବ କହିଲେ, "ମୁଁ ଭୁଲରେ ଛାଡ଼ି ଆସିନାହିଁ, ଜାଣି ରଖିଗଲି ।" ଶୁଣି, ଅଗାଧୁ କହିଲା, "ଓଃ, କି ଉପକାରୀ ପୁରୁଷ ! ଆପଣଙ୍କ ଦୟା ଦେଖି ମୋ ଆଖିରୁ ଲୁହ ବୋହିପଡ଼ୁଛି ।" କହି, ଅଗାଧୁ ଗାଡ଼ିପାଖକୁ ଯିବାକୁ ବସିଲା । ସଦାଶିବ କହିଲେ, "ଦେଖ, ମୁକୁନ୍ଦ ଜେନା, ଏ ଶୀତରେ ଶାଲ ଦେହରେ ବାହାରକୁ ଆସନା । ସେ ଶାଲଟା ଦେହରେ ଦେଇ ଆସ, ଆସିବ ତ । ଚେଷ୍ଟା ତ ଭ୍ରମର ।" ଅଗାଧୁକୁ ସେ କଥା ଆଉ ଦ୍ୱିତୀୟ ଥର ଶୁଣିବାକୁ ହେଲାନାହିଁ; ସେ ଶାଲଟି ଦେହରେ ପକାଇ, ବଳିପାଖେ ଠିଆହୋଇ, ପଥଦର୍ଶକ ବୁଢ଼ିଙ୍କୁ ବିଦାୟ ଦେଲା ।

— ୩୩ —

## ଜାଲ ଛନ୍ଦା ହେଲା

ବନମାଳୀ ତଳ ମହଲା ଘର ଭିତରେ ଯେଉଁ ଦୃଶ୍ୟ ଦେଖିଲା, ସେଥିରୁ କୌଣସି ଉପାଦାନଟି ତା ଦୃଷ୍ଟିପଥରୁ ଅନ୍ତର ହୋଇ ରହିଲାନାହିଁ । ତଥାପି ସେ ପ୍ରକୃତରେ କିଛି ଦେଖିପାରିଲା ନାହିଁ । ତା ଆଖି ଦିଓଟି ଯେମିତି କୁମାରୀଠାରେ ଆବଦ୍ଧ ହୋଇ ରହିଗଲା । କୁମାରୀ ଘର ଭିତରେ ଥିବା ପର୍ଯ୍ୟନ୍ତ ବନମାଳୀ ସ୍ୱର୍ଗ-ସୁଖ ଅନୁଭବ କରୁଥିଲା ଏବଂ ସେ ଚାଲିଗଲା ପରେ, ତା ରହିବା ସ୍ଥାନ ଦେଖିବା ପାଇଁ, ପଛେ ପଛେ ଯିବାକୁ ଭାବିଲା; କିନ୍ତୁ ସେ ହଠାତ୍ ବସିବା ସ୍ଥାନରୁ ଉଠିପାରିଲାନାହିଁ । ମୁହୂର୍ତ୍ତକ ପରେ ସେ ଉଠି ଦେଖିଲା, ଅପ୍ସରୀ ରାଜନନ୍ଦିନୀର ବଗିଟି ଟେଣ୍ଟ୍ରୁ-ଟେଲେ ଶବ୍ଦଳ ନାଦରେ ଚାଲିଯାଉଛି । ସେତେବେଳେ ତା ଦ୍ୱାର ଆଗରେ ଗୋଟିଏ ଭଡ଼ା ବଗି ଯାଉଥିଲା । ବଗିବାଲାକୁ ଡାକିବାରୁ ସେ କହିଲା, "ଭଡ଼ା ଅଗାଉଁ ଦେଇ-ଦବାକୁ ହବ ।"

ଆଚ୍ଛା, କେତେ ଭଡ଼ା ? ଘଣ୍ଟା ହିସାବ କହ ।" "ଘଣ୍ଟାକୁ ଟଙ୍କାଏ ।"

"ଆଚ୍ଛା, ଚାଲ; ମୁଁ ଫେରି ଆସି ଦେବି । ଏବେ ଅଠଣା ନେ ।" ଶୁଣି, ଗାଡ଼ିବାଲା କହିଲା, "ଯାଅ ବାବୁ ବଳଦ ଶଗଡ଼ ଖୋଜ । କେବେ ଘୋଡ଼ାବଗିରେ ବସିଥିଲ ?" ବଗିବାଲା ଝିଟ୍‌ପାଟ୍ ଯିଟି ଚାଲିଗଲା । ବନମାଳୀ ନିଜ ପ୍ରେତପୁରୁଷ ପରି ପଳ ଭିତରକୁ ଫେରିଆସିଲା । ସେଦିନ ସେ ଜୀବନରେ ପ୍ରଥମେ ତା ଦାନ ପାଇଁ ଅନୁତାପ କଲା । ସେ କହିଲା, "ସକାଳେ ସେ ଚୋରକୁ ପାଞ୍ଚ ଟଙ୍କା କାହିଁକି ପକାଇଦେଲି ?" କହି, ସେ ଦୁଃଖରେ ଅଭିଭୂତ ହୋଇପଡ଼ିଲା । ସଦାଶିବ ମହାନ୍ତ

ସେ ସନ୍ଧ୍ୟାବେଳେ ପୁଣି ଆସିବେ ବୋଲି କହିଯାଇଥିଲେ, ବନମାଳୀ ସ୍ୱପ୍ନମୁଗ୍ଧ ହୋଇ ତାହା ଶୁଣି ପାରି ନ ଥିଲା । କେତେକ ସମୟ ପରେ ସେ ଟିକିଏ ଧୈର୍ଯ୍ୟ ଧରି କବାଟ ବାଟେ ଚାହିଁ ଦେଖିଲା; ଅଗାଧୁ ବେହେରା ସଦାଶିବଙ୍କ ଶାଲ୍‌ଟି ଦେହରେ ଦେଇ ଦାଣ୍ଡରେ ଠିଆ ହୋଇ ମାର୍କଣ୍ଡିଆ ସଙ୍ଗେ ନୂଆ ନୂଆ କଥାବାର୍ତ୍ତା ହେଉଛି । ମାର୍କଣ୍ଡି ଆଉ ଚର୍ଣ୍ଡିଆ, କୁଷ୍ଟୁନିଆ, ରଘୁଆ ପ୍ରଭୃତି ନାମ । ପଦ୍ମନାଭ ତାକୁ ଚହେଁ । ସେ ତାକୁ ଦେଖିଲା ମାତ୍ରେ କହେ, "ଏଟା ଗୋଟାଏ ନାଗ ସାପ ।"

ବନମାଳୀ ଫେରଆସି ଚିନ୍ତାରେ ମଗ୍ନ ହୋଇ ଘର ଭିତରେ ବସିଛି, ତାହାର ଦୁଆର ଟିକିଏ ମେଲା ହେଲା । ତହୁଁ ସେ କର୍କଶ ସ୍ୱରରେ ପଚାରିଲା, "କିଏ ?" ସକାଳର ସେହି ବାଳକା ଆସି ମୁହଁ ଦେଖାଇଲା । ବନମାଳୀ କହିଲା, "ତୁ ଫେରେ ଆସିଚୁ । କାହିଁକି ଆସିଲୁ ? ସକାଳ ପରି ଘର ଭିତରେ ପ ତାକୁ ବାଳକାର ସାହସ ହେଲାନାହିଁ । ସେ ବାହାରେ ଥାଇ ପଚାରିଲା, "ବନମାଳୀ ବାବୁ, କହିବ ନାହିଁ, ତୁମର କଣ ହେଉଛି ? ତୁମେ କାହିଁକି ମନ ଦୁଃଖେଇ ବସିଚ ?"

"କିଛି ନାହିଁ । ଯା, ପଳା ।" କହି, ବନମାଳୀ କବାଟଟା ହାତରେ ଫେଲିଦେଲା । ବାଳକା ଉଠାପି ଗଲାନାହିଁ; କହିଲା, "ବନମାଳୀ ବାବୁ, ମୋ ଉପରେ ରାଗ ନାହିଁ । ତୁମର କଣ ଦୁଃଖ ହେଉଚି, କହ; ମୁଁ ପାରିଲେ, କିଛି ହେଲେ ବାଟ କରିବ ।" ବନମାଳୀ ମନରେ ଗୋଟାଏ ନୂତନ ଭାବ ଟେକିଁ ଉଠିଲା । ଗଛରୁ ଖସିପଡ଼ି ଯାଉଥିବା ଲୋକ ପତ୍ରଟାଏ ମଧ୍ୟ ଧରିବାକୁ ଇଚ୍ଛାକରେ । ସେ ଉଠି ବାଳକା ପାଖକୁ ଯାଇ କହିଲା, "ତୁମ ଘରକୁ ଏବେ ଯେ ଜଣେ ବୁଢ଼ା ଆଜି ତା ହିଁଅ ଆସିଥିଲେ, ତୁ ତାଙ୍କ ଘର ଦେଖିଚୁ ?"

"ନା ।"

"ଲୋକ ବାହାର କରିପାରିବୁ ?"

"ଆଚ୍ଛା, ଖୋଜିବ ।"

ବାଳକାକୁ ବିଦାୟ ଦେଇ, ବେଶ୍ ଆଶାନ୍ୱିତ ହୋଇ, ବନମାଳୀ ସାଇ ପୁଣି ବସିରହିଲା । କିଛି ସମୟ ପରେ ତଳୁ ବିକଟ ଶବ୍ଦ ଶୁଣାଗଲା, "ମୁଁ ତାକୁ ଠିକ୍ ଚିହ୍ନି ଚି । ଏ ସେଇ ।" ଶୁଣି, ଅଗାଧୁ ବେହେରା ପାଟି ବାରି, ବନମାଳୀ ମନେ ମନେ ଭାବିଲା, "କା କଥା କହୁଚି ? ଅଗାଧୁ ବେହେରା ତେବେ କଣ ମୋ ଅପ୍ରସନ୍ନ ରାସମଣିର ବାପା ସଦାଶିବ ମହାନ୍ତିଙ୍କି ଚହେଁ ? ଖବର କଣ ତାହାହେଲେ ଏତେ ସହଜରେ ମିଳିଗଲା ?" ଭାବି, ସେ କଣା ପାଖେ ଯାଇ ତଳକୁ ଚାହିଁଲା । ତଳ ଘରର ବିକଟ ଦୃଶ୍ୟ ପୁଣି ତା ଦୃଷ୍ଟିରେ ପଡ଼ିଲା । ସେ ଦେଖିଲା, ଅଗାଧୁ ବେହେରା ଘର

ଭିତରେ ଏ ପାଖରୁ ସେ ପା   ଏବଂ ସେ ପାଖରୁ ଏ ପାଖ ଯିବା ଆସିବାରେ ଲାଗିଛୁ ଓ ତା ଦୁଇ ଆଖିରେ ଯେତେ   ଇଟା କଥା ଝଣ୍ଡ଼ ଜଳୁଛୁ । ଭାର୍ଯ୍ୟା ପଚାରିଲା, "ତୁମେ କଣ ସେତେବେଳେ ଠିକ ଚିହ୍ନିଲ ?"

"ନିଶ୍ଚୟ; ଅବଶ୍ୟ ଆଠ ବର୍ଷ ତଳ କଥା । ହେଲେ, ଦେଖିଲାକ୍ଷଣି ଚିହ୍ନିଦେଲି । ତୁ ଅଲକ୍ଷୁଣୀ ଚିହ୍ନି ପାରିଲୁନାହିଁ । ପୋଷାକପତ୍ର ଏଥର ବେଶ୍ ସିଲ୍କର । ପାଞ୍ଜି, ସମ୍ଭ୍ରାନ୍ତ, ଫେରନ୍ ହାତରେ ଅଧିକ ପଡ଼ୁଛି ।" ଅଗାଧୁ ଅଳ୍ପ ନୀରବ ରହିଲା ଓ ପରେ ଝିଅଙ୍କୁ କହିଲା, "ତୁମେ ଯ'ଠା ବାହାରିଯାଅ ।" ସେମାନେ ବାହାରିଗଲା ବେଳକୁ ସେ ପୁଣି କହିଲା, "ଦେଖ, ଘଣ୍ଟାରେ ପାଞ୍ଚ ବାଜିଲେ ଠିକ୍ ଆସିବ ।"

ଅଗାଧୁ ବେହେରା ଓ ତା ଭାର୍ଯ୍ୟା ଦୁହେଁ ଘର ଭିତରେ ରହିଲେ । ଅଗାଧୁ ଭାର୍ଯ୍ୟା ଆଡ଼କୁ ହଠାତ୍ ବୁଲିପଡ଼ି କହିଲା, "ଆଜି ଗୋଟାଏ କଥା କହିବି, ଶୁଣିମୁ ? ଆଜି ସେ ଟୋକାଟା—।" ଭାର୍ଯ୍ୟା ପଚାରିଲା, "କଣ ହେଲା ?" ଅଗାଧୁ ନଇଁପଡ଼ି ଭାର୍ଯ୍ୟା କାନରେ ମୁହଁ ଲଗାଇ କହିଲା, "ଏ ସେଇ ।" ଭାର୍ଯ୍ୟା ଚମକିପଡ଼ି ପଚାରିଲା, "ଏଇ ମାଇକିନିଆ ?" ମୁହୂର୍ତ୍ତକ ମଧ୍ୟରେ ବେହେରାଣୀ ମନରେ ଘୃଣା, ରାଗ ଏବଂ ବିସ୍ମୟ ଏକାଠି ପର୍ବତ ଆକାରରେ ଜମା ହୋଇଗଲା । ସେ କହିଲା, "ନା, ଅସମ୍ଭବ କଥା । ମୋ ଝିଅ ଯ'ଠା ନ ଖାଇ ଭୋକରେ ମରୁଚନ୍ତି; ଆଉ ସେ ପୁଣି ରାଣୀ ହୋଇ ବସିବ । ଏ ଖାଲି ମିଛ ।"

"ଦେଖିବୁ, ମୁଁ ଯାହା କହୁଚି ଠିକ୍ ।" ଶୁଣି, ବେହେରାଣୀ ଆଚମ୍ବିତ ହୋଇ ଉପରକୁ ମୁହଁଟେକି ଚାହିଁଲା । ତା ବିକଟ ମୁଖ କ୍ଷଣକ ନିମନ୍ତେ ବନମାଳୀର ଦୃଷ୍ଟିଗୋଚର ହେଲା । ବେହେରାଣୀ ଗୋଟାଏ ପଥର ମୂର୍ତ୍ତି ପରି ଠିଆ ହୋଇ ରହିଲା; ମାତ୍ର ଅଗାଧୁ ତା ଜଡ଼ତା ଭାଙ୍ଗି କହିଲା, "ଆଉ କଥାଏ କହିବି ? ମୋ ଭାଗ୍ୟ ଲେଉଟିଗଲା । ଏତେ କାଳ କଷ୍ଟ ପାଇଲି; ଏଣିକି ଆଉ ଏ କପାଳେ କଷ୍ଟ ଲେଖା-ନାହିଁ । ଦେଖୁଚି, ମୁଁ ମଧ୍ୟ ଇଚ୍ଛାକଲେ ଲକ୍ଷପତି ହୋଇପାରେ ।"

"କହୁଚ କଣ ତୁମେ ?"

"ଶୁଣ୍, କଣ କହୁଚି । ସେ ଇ'ଟାରେ ଟଙ୍କା ଖାଣ୍ଟିଏଟା ଧରି ଆସିବ । ଦେଖିଲୁ, ମୁଁ ତାକୁ କେମିତି ଜାଲରେ ପକେଇଲି ? ସେତେବେଳେ, ଉପରେ ଯେଉଁ ଟୋକାଟା ଅଛି, ସେ ତ ନ ଥିବ । ଦଶ ଦଶ ନ ହେଲେ ସେ କଣ ଫେରୁଚି ? ଟୋକା ଯ'ଠାଯାକ ବାହାରେ ଜଗିବସିବେ । ତୁ ଟିକିଏ ସାହସ ଧରି ସାହାଯ୍ୟ କଲେ, ତାଠୁ ତ ଝାମ୍ପିନେବି । କେଳା କମିନା ସାପଠୁ ବିଷ ଝାଡ଼ି ଦେଖିଚୁଟିକି ?"

ଭାର୍ଯ୍ୟା ପଚାରିଲା, "ଯେବେ ନ ଫେରିଲ ?" ଶୁଣି ଅଗାଧୁ ଠୋ ଠୋ ହସିଲା । ବନମାଳୀ ତା ମୁହଁରେ ପ୍ରଥମଥର ହସ ଦେଖିବାକୁ ପାଇଲା । ଓଃ, କି ବିକଟ ସେ ହାସ୍ୟ ! ଦେଖି, ବନମାଳୀ ଆପାଦମସ୍ତକ କମ୍ପିବାକୁ ଲାଗିଲା । କ୍ଷଣକ ମଧ୍ୟରେ ଅଗାଧୁ ପୁଣି କହିଲା, "ମୁଁ ଯାଉଚି । ଏ ଭିତରେ କେତେ ଜଣଙ୍କ ସାଙ୍ଗେ ଦେଖା ସାକ୍ଷାତ କରି ଆସିବି; ତୁ ଥା ।" କହି ସେ ମୁଣ୍ଡରେ ଗୋଟାଏ ବଡ଼ ପଗଡ଼ି ବାନ୍ଧି ବାହାରକୁ ଚାଲିଗଲା; ମାତ୍ର କ୍ଷଣକ ମଧ୍ୟରେ ପୁଣି ଦୁଆରେ ଫେରିଲା । ଅଗାଧୁ ଫେରିଆସି, ଭାର୍ଯ୍ୟାକୁ କହିଲା, "ଆଃ, ପାସୋରିଦେଇ ଚାଲିଯାଉଥିଲି । ଏ ପାଞ୍ଚଟା ଟଙ୍କା ନେ, ଦି ବୋଝ ଘସି କିଣି ଆଣି ରଖିବୁ ।"

"ସେ ତ ଦୁଅଣା ପଇସା । ବାକି ମୁଁ ଖର୍ଚ୍ଚ କରିବି ।"

"ନା, ତୋ ଖର୍ଚ୍ଚ ଏବେ ଥାଉ । ମୋର ଆଉ କେତେଟା ଜିନିଷ ଜରୁରି କିଣିବାର ଅଛି ।"

"ତମର କେତେ ଦରକାର ?"

"ସତୁରି ଟଙ୍କା ତ ନିଶ୍ଚୟ । ବେଶି ମଧ୍ୟ ଲାଗିପାରେ ।"

"ତେବେ ଆଉ ଖାଇବାକୁ କଣ ରହିବ ?"

"ଆଜି ଖାଇବା ପିଇବା କଥା ମନେ ପକାନା; କାଲିକି କେତେ ଖାଇବୁ, ଖାଉଥା । ସୁନା ଚାଉଳ, ରୁପା ଡାଲି ଆଣିଦେବି ।"

ଅଗାଧୁ ବେହେରା ବାହାରି ଚାଲିଗଲା ପରେ ତଳ ମହଲା ଦ୍ୱାର କଟକଟ ତାଳି ବନ୍ଦ ହୋଇଗଲା । ବନମାଳୀ ସ୍ପଷ୍ଟ ଦେଖିଲା ଯେ ସେ ଦ୍ୱାର ପଛଆଡ଼େ ଘର ଭିତରେ ଗୋଟାଏ ପ୍ରକାଣ୍ଡ ଜାଲ ଛନ୍ଦା ହୋଇଅଛି । ସେ ଜାଲ ସେ କାଟି ଛିଣ୍ଡାଇବାକୁ ମନେ ମନେ ବଦ୍ଧପରିକର ହେଲା । ସେଥିରେ ତା ମନରେ ଗୋଟାଏ ଅପୂର୍ବ ଆନନ୍ଦ ଜନ୍ମିଲା । ତା ପ୍ରେମ—ପସରା ଅପ୍ସରି ସୁସମଣିର ପିତାଙ୍କର । ସେ ଗୋଟାଏ ବଡ଼ ଉପକାର କରିବାକୁ ଯାଉଛି ଭାବି ଖୁସି ହେଲା । ତାହା କରିବା ନିମନ୍ତେ ସେ ନାନା ଉପାୟ କରିବାକୁ ଲାଗିଲା । ଘଣ୍ଟାରେ ଏକ ବାଜିଲା, ଛ ବାଜିବାକୁ ଆଉ ପାଞ୍ଚ ଘଣ୍ଟା ମାତ୍ର । ସେହି ପାଞ୍ଚ ଘଣ୍ଟା ମଧ୍ୟରେ ସେ ଅସ୍ତ୍ର ଶସ୍ତ୍ର ନେଇ ପ୍ରସ୍ତୁତ ହେବାକୁ ସ୍ଥିର କଲା ।

— ୩୪ —

# ଜାଲ କାଟିବା ଚେଷ୍ଟା

ବନମାଳୀ ଗଭୀର ଚିନ୍ତାରେ ମଗ୍ନ ହୋଇ ଘରୁ ଗୋଡ଼ କାଢ଼ି ବାହାରିଗଲା । ବାଟରେ ଦେଖିଲା, ଗୋଟାଏ ପାଚୀରି ଆଢ଼ୁଆଳରେ ଦୁଇ ଜଣ ଲୋକ ବସି ନିତାନ୍ତ କ୍ଷୀଣସ୍ୱରରେ କଥାବାର୍ତ୍ତା ହେଉଛନ୍ତି । ତାଙ୍କ ମଧ୍ୟରୁ ଦାଢ଼ିଆ ଲୋକଟା କହିଲା, 'ବଂଶୀକି ଧରିଲେ, କେବେ ସୁଫଳ ହେବନାହିଁ; ମାତ୍ର ଟଙ୍କା ଦରକାର । ଧରା ପଡ଼ିଲେ, ପାଞ୍ଚ ବର୍ଷ କି ଦଶ ବର୍ଷ ହେବ, କିଏ ଜାଣିଛି ? ପାଞ୍ଚ ଶହ ଟଙ୍କାରୁ ଊଣାରେ ହେବନାହିଁ ।" ଆର ଜଣକ କହିଲା, "କେଜାଣି କଣ ହେବ ।"

"ମୁଁ କହିଲି ପରା, ସନ୍ଦେହ ନାହିଁ । ଏତିକି କହି ସେ ଅନ୍ୟ କଥା ପକାଇଲା । ବନମାଳୀ ଚାଲିଗଲା; କିନ୍ତୁ ମନେ ମନେ ଭାବିଲା, "ଅଗାଧୁ ନେହେରା ଜାଲ ସହିତ ଏ ଲୋକ ଦୁ'ଟାଙ୍କର ହୁଏ ତ କିଛି ସମ୍ପର୍କ ଥିବ ।" ଗଳିରୁ ଗଳିକି ଚାଲି, କେତେ ବାଟ ଯାଇ, ବନମାଳୀ ଗୋଟାଏ ବଡ଼ ଚୂନଦିଆ ଘରଦ୍ୱାରରେ ପହଞ୍ଚିଲା । ସେଠାରେ ଟେବୁଲ ଉପରେ ହାତ ଦେଇ ଚଉକିରେ ଜଣେ ଦୀର୍ଘାକୃତି ବୟସ୍କ ବ୍ୟକ୍ତି ବସିଥିଲେ । ସେ ବନମାଳୀକି ଦେଖି ପଚାରିଲେ, "କଣ କାମ ।" ତାଙ୍କର ମୁହଁର ଭଙ୍ଗୀ ଦେଖି ଏବଂ ଶୁଣି, ବନମାଳୀ ମନରେ ଗୋଟାଏ ଶଙ୍କାର ଢେଉ ମୁହୂର୍ତ୍ତକ ପାଇଁ ମୁଣ୍ଡ ଟେକି ଦେଖିଗଲା । ତଥାପି ବନମାଳୀ କହିଲା, "ମୁଁ ଗୋଟାଏ ବଡ଼ ଜରୁରି କାମରେ ଆସିଛି ।

"ତେବେ ଖମ୍ଭଟା ପରି ଠିଆ ହେଇଛ କାହିଁକି ? କହ କଣ କହିବ ।" ବନମାଳୀ ସମସ୍ତ ଘଟଣା ବଖାଣିଗଲା ପରେ କହିଲା, "ଜାଲଟା ଯାହାପାଇଁ ଛିଡ଼ାହେଉଛି, ମୁଁ ତାଙ୍କ ନାଁ ଠିକ୍ ଜାଣେ ନାହିଁ । ଘର ବି ମୋତେ ଜଣାନାହିଁ । ତେବେ, ଘଟଣାଟା ସନ୍ଧ୍ୟା ଛ'ଟାବେଳେ ଘଟିବ । ତା ପୂର୍ବରୁ ଯାହା କରିବେ କରନ୍ତୁ ।"

"ଏତେ ବଡ଼ଟାଏ ହେଲଣି; କଥାଟା ଠିକରୂପେ କହି ଜାଣୁନ ? ପାଲଗୋଲ ପରି ହୋଇଚ, ଘଟଣା ହେବ କେଉଁଠି ?"

"ଦଲିଜିକୋଠାରେ ।" ଶୁଣି, ସେ ବ୍ୟକ୍ତି ବିସ୍ମିତ ହୋଇ ମୁଣ୍ଡ ଟେକି ଚାହିଁଲେ । ତା ପରେ ସେ ପଚାରିଲେ, "ତାଳମହଲରେ ନା ? ତା ଭିତରେ ବଂଶୀଆ ବି ଅଛି ନା ?" ଶୁଣି ବନମାଳୀ କହିଲା, "ହଁ, ମୁଁ ବଂଶୀ ନାଁ ତ ବାଟରେ ଶୁଣି ଆସିଲି; ଦୁଇଜଣ ବସି କଥା ହେଉଥିଲେ ।"

ଏ ସ୍ଥାନରେ ଉଲ୍ଲେଖ କରିବା ଦରକାର ଯେ ଗୋବନ୍ଦା, ସାଧୁଆ, ବାଞ୍ଛା ଓ ଉଦ୍ଧବା ନାମରେ ଚାରିଜଣ ଲୋକ କଟକ ସହରର ନର୍କକୁଣ୍ଡରେ ରାଜତ୍ୱ କରୁଥିଲେ । ଗୋବନ୍ଦା ଦେହରେ ଗୋଟାଏ ଷଣ୍ଢର ବଳ ଥିଲା । ସାଧୁଆ ଔଷଧ ମନ୍ତ୍ରୌଷଧି ବିଷୟରେ ଗୋଟାଏ ମସ୍ତ ପଣ୍ଡିତ । ସେ ଟୋପାଏ ପାନ ଦୋରୁଅରେ ମନୁଷ୍ୟର ପ୍ରାଣ ନେଇ ପାରୁଥିଲା । ବାଞ୍ଛା ଗୋଟାଏ ନିଶାଚର । ସେ ସନ୍ଧ୍ୟାବେଳେ ଘରୁ ବାହାରିଯାଇ, ରାତିଯାକ ଭୂତ ପରି ଏଣେ-ତେଣେ ବୁଲି ବୁଲି, କୁଆ କୋବାଇବା ପୂର୍ବରୁ ଘରକୁ ଫେରିଆସେ । ଉଦ୍ଧବା ତିରିଶି ବର୍ଷର ଟୋକା, ଗୋଟାଏ ପଧାନ ଅଣ୍ଡାକନା ।

ଚାରି ଜଣଙ୍କ ମଧ୍ୟରେ ଗୋଟାଏ ଭାରି ମେଳ ଥିଲା । ମୋଟରେ ଚାରିଜଣଯାକଙ୍କୁ ସେମାନେ ନାମ ଦେଇଥିଲେ 'ବଂଶୀ' । ବଂଶୀ କହିଲେ, ଗୋବନ୍ଦା, ସାଧୁଆ, ବାଞ୍ଛା ଓ ଉଦ୍ଧବା ସମସ୍ତେ ବୁଝାଉଥିଲେ । ବନମାଳୀ ବଂଶୀ ବିଷୟରେ ବାଟରେ ଯେ କଥାବାର୍ତ୍ତା ଶୁଣି ଆସିଥିଲା, କହିଲା । ସବୁ ଶୁଣି ସେ ବ୍ୟକ୍ତି ପ୍ରଥମେ କିଛି ସମୟ ନୀରବ ରହି ମୁଣ୍ଡ ନାଡ଼ିଲେ । ତା ପରେ ସେ ମନକୁ ମନ କହିଲେ, "ଦର୍ଜି କୋଠା ତଳ ମହଲା ଘର । ଲୁଚି ରହିବାକୁ ଥାନ ତ ନାହିଁ । ଆମେ ଯିବା ଟେର ପାଇଲା ମାତ୍ରେ ସେ ପଳେଇବ । ଫଳରେ କାର୍ଯ୍ୟ କିଛି ହୋଇ ପାରିବନାହିଁ ।" ସେ ସବୁ ସେ ଭାବିସାରି, ବନମାଳୀକି ପଚାରିଲେ, "ତୁମକୁ କଣ ଭୟ ଲାଗୁଚି ?"

"ଆପଣଙ୍କୁ ଦେଖି ଯେତେ ଲାଗୁଚି, ତାଠୋଉ ବେଶି ନୁହେଁ । ସେ ବ୍ୟକ୍ତି ଅଭଦ୍ର ଭାବରେ କଥା କହିବାର ଶୁଣି, ବନମାଳୀ ମନେ ମନେ ଟିକିଏ ବିରକ୍ତ ହୋଇପଡ଼ିଥିଲା । ବନମାଳୀର ଉତ୍ତର ଶୁଣି, ସେ ତା ଆଡ଼କୁ ଟିକିଏ ଏକଦୃଷ୍ଟିରେ ଚାହିଁ ଗମ୍ଭୀର ସ୍ୱରରେ କହିଲେ, "ତୁମେ ତ ବେଶ୍ ସାହାସରେ କଥା କହୁଚ, ଠିକ୍ ସଚ୍ଚା ଲୋକେ ଯେପରି କହନ୍ତି—ଆଚ୍ଛା ।" ତାଙ୍କ କଥା ନ ସରୁଣୁ ବନମାଳୀ ଉତ୍ତର ଦେଲା, "ମୁଁ ଏସବୁ ଶୁଣିବାକୁ ତ ଆସିନାହିଁ । ଆପଣ କଣ କରିବେ ନ କରିବେ ମତେ କହନ୍ତୁ ।"

"ଆଚ୍ଛା, ମୁଁ ସବୁ ଠିକ୍ କରିଦେବି । ମେ ଏଇ ପିସ୍ତଲଟା ନିଅ । ଘରେ ଲୁଚି ସବୁ ଦେଖୁଥିବ । ସମସ୍ତେ ଯେତେବେଳେ ଯାଇ ଜମା ହୋଇ ତାକୁ ଆକ୍ରମଣ କରିବେ, ପିସ୍ତଲ ଫୁଟେଇଦେବ । ପିସ୍ତଲ ମାରି ଆସେ ନା ? ତୁମେ କ ବ୍ୟବସାୟ କର କହ ଦେଖି ।" ବନମାଳୀ ଟିକିଏ ମୁଣ୍ଡ ନୁଆଁଇ ଧୀରେ ଧୀରେ ଉତ୍ତର ଦେଲା, "ମୁଁ ଜଣେ ଓକିଲ ।"

"ଓ, ଆପଣ ଓକିଲ ? ମତେ କହୁନାହାନ୍ତି ! ଆପଣଙ୍କୁ ତ ଆଇନ୍ କାନୁନ୍ ସବୁ ଜଣାଅଛି । ଦେଖନ୍ତୁ, ପ୍ରମାଣଟା ଠିକ୍ ରହିବା ଦରକାର । ନୋହିଲେ ଆମେ

ଆଉ କଣ କରିପାରିବୁ ? ଠିକ୍ ଯେତେବେଳେ ଲୋକଟା ଉପରେ ଆକ୍ରମଣ ହେବ, ଆପଣ ପିସ୍ତଲଟା ଫୁଟେଇଦେବେ । ବର୍ତ୍ତମାନ ଦଶଟା ବାଜୁଛି । ଆପଣ ସତ କହୁଲେ ନା ?"

"ନା, ଛି ।"

"ଓ, ତାହାହେଲେ ତ ସମସ୍ତ ହୋଇଗଲା । ଆପଣ ଯାଆନ୍ତୁ । ଠିକ୍ ମନେ ରହିଲା ତ ? ପିସ୍ତଲଟା ଫୁଟେଇବେ, ଭୁଲିଯିବେ ନାହିଁ ।"

"ହଁ" । କହି ବନମାଳୀ ଘର ଭିତରୁ ବାହାରି ଆସିଲାବେଳକୁ ପଛରୁ ଶୁଣିଲା, "ଦେଖନ୍ତୁ, ଏ ମଧ୍ୟରେ ଯଦି ମୋତେ କିଛି କହିବା ଦରକାର ହେବ, ଏଇ ଫାର୍ଣ୍ଣିଠାକୁ ସିଧା ଚାଲି ଆସିବେ । ଆସି ପଚାରିବେ, ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ର କାହାନ୍ତି ?"

ଫାର୍ଣ୍ଣିରୁ ଫେରି ବନମାଳୀ ଅତି ଧୀର ସ୍ଥିର ଭାବରେ ସ୍ୱେରନ୍ଧି ପରି ନିଜ ଘର ଭିତରେ ପଶିଗଲା । ଭିତରୁ ଦ୍ୱାର ବନ୍ଦ କଲେ, ସେ ଘର ଭିତରେ ଅଛି ବୋଲି ଜଣାପଡ଼ିଯିବ, ସେଥିପାଇଁ କବାଟଟା କେବଳ ଆଉଜାଇଦେଲା ଓ ନିଜେ ଟେବୁଲ ପାଖେ ଚଉକିରେ ଉଦ୍‌ବେଗ ମନରେ ବସି ରହିଲା । ଅଗାଧୁ ବେହେରା ଘରଟା ଖୁବ୍ ଉଜ୍ଜ୍ୱଳ ଦେଖାଯାଉଥିଲା; ଏପରିକି, ସେ କଣାବାଟେ ଆଲୋକ ଆସି ବନମାଳୀର ନିଜ ଘରେ ସାମାନ୍ୟ ପଡୁଥିଲା । ସେ ଆଲୋକ ଯେ ଦୀପ କିମ୍ବା ଦହୁଡ଼ି ମଶାଲ ଆଲୋକ ନୁହେଁ, ବେଶ୍ ବୁଝା ଯାଉଥିଲା । କାରଣ, ଆଲୋକଟା ନାଲିଆ ଦିଶୁଥିଲା । କଣାବାଟେ ଚାହିଁ ବନମାଳୀ ଦେଖିଲା, ସତେ ଯେପରି ତା ଘର ଭିତରେ ଗୋଟାଏ ପ୍ରକାଣ୍ଡ ଚିତା ଜଳୁଛି ।

ମୁହୂର୍ତ୍ତକ ମଧ୍ୟରେ ତଳ ଘରର ଦ୍ୱାର କଟ କଟ ଡାକି ଫିଟିଲା । ଅଗାଧୁ ଫେରିଆସି ଘର ଭିତରେ ପାଦ ପକାଇଲା । ଆସି, ସେ କହିଲା, "ସବୁ ଠିଆର । ମୂଷା ଯନ୍ତା ଥୁଆ ହୋଇଛି, ଆଉ ବିରାଡ଼ି ସବୁ ଛକି ରହିଛନ୍ତି ।" କହି, ସେ କେତେଗୁଡ଼ାଏ ଲୁହା ହତିଆର ଭର୍ତ୍ତି ହାଣ୍ଡିକୁ ବଢ଼ାଇଲା ଏବଂ ପୁଣି କହିଲା, "ଏଗୁଡ଼ାକ ସବୁ ନିଆଁରେ ପୋଡ଼ିଲେଣି ।" ଘର ମଧ୍ୟରେ ଗୋଟାଏ ପ୍ରକାଣ୍ଡ ଅଗ୍ନି ଗଦା ସନ୍ଧ୍ୟା ସମୟର ଅସ୍ତଗାମୀ ସୂର୍ଯ୍ୟ ପରି ରକ୍ତ ବର୍ଣ୍ଣରେ ଜଳୁଥିଲା । ବେହେରାଣୀ ହତିଆରଗୁଡ଼ାକ ତହିଁରେ ସର୍ଜ୍ଜି ରଖିଦେଲା । ତା ପରେ ଅଗାଧୁ କହିଲା, "ବାହାର ଦୁଆରଟା କଟ୍ କଟ୍ ହେଉଛି । କବଜାରେ ଟିକିଏ ତେଲ ଦେଇ ଦେ ।" ବେହେରାଣୀ ଆଦେଶ ପାଳନ କଲା । ତା ପରେ ଅଗାଧୁ ପଚାରିଲା, "ଆଚ୍ଛା, ଉପର ଘରକୁ ଯେଉଁ ମୁକିରିଆଣୀଟା କାମପତ୍ର କରିବାକୁ ଆସେ, ଆସି ଚାଲିଗଲାଣି ନା ?"

"ହଁ ।"

"ଆଚ୍ଛା, ସେ ଟୋକାଟା ନାହିଁ ତ ?"

"ନା, ସେ ଏବେ କୁଆଡ଼େ ଆସିବ ?"

"ହେଲେ, ଦେଖିଆସିବା ଭଲ । ଝିଅ, ତୁ ଆଲୁଅ ନେଇ ଗଲୁନା ।"

ବନମାଳୀ ଚଉକରୁ ଯାଇ ଗୁଳୁଣ୍ଡି ଖଟତଳେ ଲୁଚିରହିଲା । ମୁହୂର୍ତ୍ତକ ପରେ ତା ଦ୍ୱାର ପାଖେ ଶୁଣାଗଲା, "ବାପା, ବାହାରିଯାଉଛି ।" ବନମାଳୀ ଅଗାଧୁ ବେହେରା ବଡ଼ଝିଅର ପାଟି ବାରିଲା ।

ତଳୁ ବାପ ପଚାରିଲା, "ଘର ଭିତରକୁ ଯାଇ ଦେଖିଲୁ ?"

"ନା, କବାଟ ପଡ଼ିଛି; ସେ ଆସିଥିଲେ, ମେଳ ହୋଇଥାନ୍ତା ।" ତଳୁ ପୁଣି ଶୁଣାଗଲା, "ନା, ଭିତରକୁ ଯାଇ ଦେଖିଆ ।"

ଦ୍ୱାର ଫିଟିଲା । ବନମାଳୀ ଦେଖିଲା, ବାଳିକା ହାତରେ ଆଲୁଅ ଧରି ଘର ଭିତରେ ପଶିଲା । ସେ ନିଃଶ୍ୱାସ ବନ୍ଦ କରି ରହିଲା । ବାଳିକା ଖଟ ନିକଟକୁ ନ ଆସି ଦର୍ପଣରେ ମୁହଁ ଦେଖିବାକୁ ଲାଗିଲା । ତଳୁ ପୁଣି ଶୁଣାଗଲା, "ତୁ କଣ କରୁଛୁ ସେଠେଇ ? ବାଳିକା ଉପରୁ ଉତ୍ତର ଦେଲା, "ମୁଁ ଖଟ ତଳଟା ଖୋଜିବାକୁ ଯାଉଛି । ହେଲେ ଘରେ କେହି ନାହିଁ ।" ବାପ ତଳୁ ପୁଣି ପାଟି କରି କହିଲା, "ଡାହାଣି, ସେଠି ଠିଆ ହୁଅନା । ବେଗେ ଚାଲିଆ ।" ଶୁଣି ବାଳିକା ଦ୍ୱାରଟା ଟେଲିଦେଇ ଚାଲିଗଲା । ତଳୁଁ ଅଗାଧୁ କହିଲା, "ତମେ ଦୁଇ ପିଲା ଘରେ ରହିବା ଦରକାର ନାହିଁ, ଯାଇ ଗଳି ଦୁଇ ମୁଣ୍ଡେ ଜଗିବସ; ମାତ୍ର ସବୁବେଳେ ଆମ ଦୁଆର ଆଡ଼କୁ ଚାହିଁଥିବ । କିଛି ଗୋଟାଏ ଘଟିଲେ, ତା ଅର୍ଥ, କେହି ଆସିଲେ ହଠାତ୍ ଧାଇଁଆସି, ବୁଝିଲ ତ, ହଠାତ୍ ମୋତେ ଖବର ଦବ ।"

ଶୁଣି, ବଡ଼ଝିଅ ଗଜଗଜ ହୋଇ କହିଲା, "ଏ ଶୀତଦିନ ରାତିରେ ପଦାରେ ଠିଆ ହୋଇ ପହରା ଦବା, ଆଃ କି ମଜା କି !" ବାପ ସାନ୍ତ୍ୱନା ଦେଲା, "ମା, କାଲି ତ ରାଜା ଘରର ଜେମା ହୋଇ ବସିବୁ । ଆଜି ଟିକିଏ କଷ୍ଟ ପାଇଥା; ନାହିଁ କରନା ।"

## ଷଡ଼ଯନ୍ତ୍ରର ଫନ୍ଦ

ବନମାଳୀର ପହରା ଦେବା ସମୟ ହୋଇଆସିଲା । ମୁହୂର୍ତ୍ତିକ ମଧ୍ୟରେ ସେ ଯାଇ କଣା ପାଖେ ଆଖି ଲଗାଇ ବସିଲା । ସେ ଦେଖିଲା, ସମସ୍ତ ଘରଟା ଘସିକଥାଁ ଆଲୋକରେ ଉଜ୍ଜ୍ୱଳ ଦିଶୁଛି; ଗୋଟାଏ କଣରେ କେତେଗୁଡ଼ାଏ ପୁରୁଣା ଲୁହା ଏବଂ ଗୋଟିଏ ଦଉଡ଼ି ଦୁଇଟା ଗଦାରେ ଥୁଆହୋଇଛି । ଅଗାଧୁ ବେହେରା ଯେଉଁ ଷ୍ଟେଶନ କାର୍ଯ୍ୟରେ ହାତ ଦେଇଥିଲା, ସେ ନିମନ୍ତେ ତା ଘରଟା ଖୁବ୍ ଉପଯୋଗୀ । ଏକେ ତାହା ସାହିର ଶେଷ ଘର; ଦ୍ୱିତୀୟରେ, ତାର ପାଖେ ଖଣ୍ଡେ ଦୂର ମଧ୍ୟରେ ଆଉ କୌଣସି ଘର ନ ଥିଲା । ଅଗାଧୁ ବେହେରା ଘର ଭିତରେ ବସି ପିକାରେ ନିଆଁ ଲଗାଇ ଧୂଆଁ ଟାଣୁଥିଲା । ସେ ହଠାତ୍ କହି ବସିଲା, "ଅନ୍ଧାରରେ ସେ ତ କେବେ ବୁଲି ଆସିବ ନାହିଁ, ବଗିରେ ଆସିବ । ସେ ଓହ୍ଲାଇ ଘର ଭିତରକୁ ଆସିଲା ମାତ୍ରେ, ଯାଇ ଭଡ଼ାଟା ଦେଇପକାଇ, ବଗିଟାକୁ ବିଦାୟ କରିଦେବା ଦରକାର ।" ଶୁଣି ଭାର୍ଯ୍ୟା ପଚାରିଲା, "ଟଙ୍କା କୋଉଠୁ ଆସିବ ମ ?" ଅଗାଧୁ ଅଣ୍ଟାରୁ ପାଞ୍ଚଟା ଟଙ୍କା ବାହାର କରି ଭାର୍ଯ୍ୟା ହାତରେ ପକାଇଦେଲା । ଭାର୍ଯ୍ୟା ବିସ୍ମିତ ହୋଇ ପଚାରିଲା, "ଏ ପୁଣି କି ଟଙ୍କା ?"

"ସକାଳେ ଉପରେ ତ ସେ ଟୋକାଠାରୁ ନିଅ ଦେଇ ପାଞ୍ଚ ଟଙ୍କା ଆଣିଥିଲି । ଆଚ୍ଛା, ଦ'ଟା ଚଉକି ଯେ ଦରକାର ।"

"କାହିଁକି ? କଣ ହେବ ?"

"ବସିବାକୁ ।"

"ଆଚ୍ଛା, ମୁଁ ଯାଇ ସେ ଟୋକା ଘରୁ ନେଇ ଆସୁଛି ।" ବନମାଳୀ ଓହରିବାକୁ ଲାଗିଲା । ସଙ୍ଗେ ସଙ୍ଗେ ବେହେରାଣୀ ସିଡ଼ିବାଟେ ଉପରକୁ ଉଠିବା ପାଦଶବ୍ଦ ଶୁଣି, ସେ ଚଞ୍ଚଳେ ଲୁଚିବାପାଇଁ ଦିବାକୁ ବାଟ ପାଇଲା ନାହିଁ । ତଳୁ ପୁଣି ଶୁଭାଗଲା, "ଅଲୁଅ ନେଇ ଯା ।"

"ନାଁ, ଅଲୁଅ କଣ ହେବ ? ଦି ହାତରେ ତ ଯୋଡ଼ାଏ ଚଉକି ଧରିବି । ଅଲୁଅଟା ତେବେ କଣ ମୁଣ୍ଡରେ ଥୋଇ ଆଣିବି ? କି ବୁଦ୍ଧି କି ?"

ବନମାଳୀ ଘରର ଦ୍ୱାର ଫିଟିଲା । ବେହେରାଣୀ ଭିତରେ ପାଦ ପକାଇଲା ଏବଂ କେହି ଥିବାର ସନ୍ଦେହ ନ କରି, ଦୁଇଟି ଚଉକି ଧରି, କବାଟଟା ପୂର୍ବପରି

ପେଲାଇଦେଇ, ପୁଣି ବାହାରିଗଲା । କ୍ଷଣକ ମଧ୍ୟରେ ଭିତରୁ ତା ପାଟି ଶୁଭିଲା, “ଏଇ’ ଚଉକି ଦି’ଟା ନିଅ ।”

ଅଗାଧୁ ବେହେରା ଚଉକି ଦୁଇଟି ନେଇ ଘର ମଝିରେ ସଜାଇ ରଖିଲା । ତା ପରେ ସେ କୌଣସି ପରିଦର୍ଶକ କର୍ମଚାରୀ ପରି ପ୍ରତ୍ୟେକ ବ୍ୟବସ୍ଥା ଥରେ ତନ୍ନ ତନ୍ନ କରି ଦେଖି ବୁଲିଗଲା । ସେ ଗୋଟାଏ ଭଙ୍ଗା ସିନ୍ଦୁକ ମଧ୍ୟରୁ ଖଣ୍ଡିଏ ବଡ଼ ଛୁରୀ ବାହାର କରି, ଭଣ୍ଡାରୀ ଖୁର ଘଷିସାରି ତା ତୀକ୍ଷ୍ଣତା ଦେଖିଲା ପରେ, ନଖରେ ତା ଧାର ପରୀକ୍ଷା କରି, ଥରେ ମୁଣ୍ଡ ନାଡ଼ି, ଗୋଟାଏ ବଡ଼ କାନ୍ଥକୁଲୁଙ୍ଗରେ ନେଇ ଥୋଇଦେଲା । ତେଣେ ବନମାଳୀ ପିସ୍ତଲଟି କୁରୁତା ପକେଟରୁ ବାହାର କରି ହାତରେ ଧରିଲା । ସେତେବେଳେ ଟିକିଏ ଲୁଗା ଖସ୍ ଖସ୍ ଶବ୍ଦ ହେଲା । ତାହା ତଳେ ଅଗାଧୁ ବେହେରା କାନ ଏଡ଼ିପାରିଲା ନାହିଁ । ଶୁଣି, ସେ ହଠାତ୍ ଚମକିପଡ଼ି କହିଲା, “କିଏ କଣ ଶବ୍ଦ କଲା ?” ବନମାଳୀ ନିଃଶ୍ୱାସ ରୋକି ବସିରହିଲା । ଅଗାଧୁ କିଛି ସମୟ କାନ ପାରି ରହି, ପରେ ହସି ହସି କହିଲା ମୁଁ ଗୋଟାଏ ବଳଦ । ମୁଁ ଲକ୍ଷପତି ହେବି ବୋଲି ସପନ ଦେଖୁଛି ନାହିଁ, ଭାଗ୍ୟ ଫଳ ଫଳିବ ନାହିଁ ପରା ?”

ହଠାତ୍ ଦୂରରେ ଘଣ୍ଟାଶବ୍ଦ ଶୁଣାଗଲା । ପ୍ରତ୍ୟେକ ଥରର ଶବ୍ଦ ବନମାଳୀ କାନରେ ଗୋଟାଏ ଗୋଟାଏ ବଜ୍ର ଧ୍ୱନି ପରି ପ୍ରବେଶ କରିବାକୁ ଲାଗିଲା । ବନମାଳୀ ଗ’ଣି ଛ’ରେ ବନ୍ଦ ହେଲା । ତେବେ ଅଗାଧୁ କହିଲା, “ଏଇ ଆସିବାବେଳ ହୋଇଗଲା ।” କହି, ସେ ଚଉକିରେ ବସିଛି କି ନା, ତେଣେ କବାଟ ଫିଟିଲା । ବେହେରାଣୀ ଦ୍ୱାର ପାଖେ ଛିଡ଼ା ହୋଇ ଅଭ୍ୟର୍ଥନା କଲା, “ଆସନ୍ତୁ, ହଜୁର ।” ଅଗାଧୁ ଦ୍ୱାର ନିକଟକୁ ଧାଇଁଯାଇଁ କହିଲା, “ପାଦ ପକାନ୍ତୁ ।” ସଦାଶିବ ମହାନ୍ତି ଗମ୍ଭୀର ବଦନରେ ଘରେ ପ୍ରବେଶ କରି, ପାଞ୍ଚ ଗୋଟି ସୁନା ମୋହର ଅଗାଧୁ ହାତରେ ଦେଇ କହିଲେ, “ମୁକୁନ୍ଦ ଜେନା, ଗୃହେଷ୍ଟିରେ ଘର ଭଡ଼ା ଦିଆହୋଇଯିବ, ବାକି ଗୋଟିଏ ଝିଅବାଇଁକୁ ରଖ ।” ଅଗାଧୁ ମୋହର ଧରି ସ୍ତ୍ରୀକୁ ଯାଇ କହିଲା, “ବଗିଚା ଯାଇ ବିଦା କରିଦେ ।” ସଦାଶିବ ଘର ଭିତରେ ଚଉକିରେ ବସିଲେ । ବେହେରାଣୀ ବାହାରକୁ ଚାଲିଗଲା; ମାତ୍ର ଅଳ୍ପ ସମୟ ପରେ ପୁଣି ଫେରିଆସି ସ୍ୱାମୀକୁ ମୁଣ୍ଡ ହଲାଇ ଖବର ଦେଲା, “ଠିକ୍ ।”

ସଦାଶିବ ଯାଇ ବସିଛନ୍ତି, ବନମାଳୀ ଦେଖିଲା, ପରଦା ଫାଙ୍କରୁ ଧୀରେ ଧୀରେ ଜଣେ ପ୍ରବେଶ କଲା । ଲୋକଟାର ଚେହେରା ଦେଖିବାକୁ ଭୟଙ୍କର । ସଦାଶିବ ମଧ୍ୟ ତା ଆଡ଼କୁ ଚାହିଁ ଚମକି ପଡ଼ିଲେ । ଅଗାଧୁ ତାହା ବୁଝିପାରି ହସିଦେଇ କହିଲା, “ଦେଖୁଛନ୍ତି ହଜୁର, ମୋ ଅବସ୍ଥା ବଡ଼ ଖରାପ ।” ସେ କଥା ନ ଶୁଣି, ସଦାଶିବ ପଚାରିଲେ, “ସେ କିଏ ଅଟେ ?”

ଅଗାଧୁ ଉତ୍ତର ଦେଲା, "ଏ ମମା !" ଶୁଣି, ସଦାଶିବ ଉଦାସ ସ୍ୱରରେ କହିଲେ, "ଓଃ" । ମାତ୍ର ସେହି ମୁହୂର୍ତ୍ତରେ ଅନ୍ୟଜଣେ ଲୋକ ଆସି ଘର ଭିତରେ ପଶିଲା । ତହୁଁ ଅଗାଧୁ କହିଲା, "ସେ ଲୋକଗୁଡ଼ାଙ୍କୁ ଚିହ୍ନିଲେ ନାହିଁ ।" ସେ ସଦାଶିବଙ୍କ ପାଖେ ବହୁ ଦୁର୍ଦ୍ଦଶା ବର୍ଣ୍ଣନା କରି ଲାଗିଲା । ସଦାଶିବ ଶୁଣୁ ଶୁଣୁ ଘରର ଗୋଟିଏ କୋଣକୁ ଚାହିଁ ଦେଖିଲେ ଯେ କ୍ରମେ କ୍ରମେ ଚାରିଜଣ ଲୋକ ଆସି ବସିଲେଣି । ତାଙ୍କ ମନରେ ସ୍ୱତଃ ଗୋଟିଏ ଶଙ୍କା ଜନ୍ମିଲା । ତାହା ବୁଝିପାରି, ଅଗାଧୁ କହିଲା, "ସେମାନେ ସମସ୍ତେ ଏଇ ପାଖ ଗାଁମାନଙ୍କରେ ଥାଆନ୍ତି । ଅଙ୍ଗାର ବ୍ୟବସାୟ କରନ୍ତି କି ନା, ସେଥିପାଇଁ ମୁହଁଗୁଡ଼ାମାନ କଳା ହୋଇଛି । ଆପଣ ତାଙ୍କ ଆଡ଼କୁ କାହିଁକି ଚାହୁଁଛନ୍ତି ? ଶୁଣନ୍ତୁ, ମୁଁ ଆପଣଙ୍କୁ କହୁଛି ଯେ, ମୁଁ ଚକ୍ରକର ବ୍ୟବସାୟ କରୁଥିଲି । ମୋର ଗୋଟିଏ ପୁରୁଣା ଚକ୍ର ଅଛି ।" କହି, ସେ ଗୋଟିଏ ପଟା ଆଣି ଦେଖାଇ, ପୁଣି କହିଲା, "ଦେଖନ୍ତୁ, କି ଚମତ୍କାର ଜିନିଷ !"

ସଦାଶିବ ଚକ୍ରଟା ଭଲ ଦେଖିପାରିଲେ ନାହିଁ । ଗାଲ ଖୁବ୍ ପ୍ରାୟ ଲୁଚିଆସି-ଥିଲା । ତଥାପି ସେ ନିରୀକ୍ଷଣ କରି ଦେଖି କହିଲେ, "ଏ ତ କୌଣସି ଚଟିଘର ଚକ୍ର ପରି ଦିଶୁଛି ପରା ! କୋଉଠୁ ?"

"ଯୋଉଠୁ ବୋହିଛି, ଚମତ୍କାର । କହନ୍ତୁ, କେତେ ଦେବେ ?"

"ମୋର ତ ଦରକାର ନାହିଁ; କହୁଛ ଯଦି ଏକ ଟଙ୍କା ଦେବି ।"

"ଏ କି ଦୁର୍ଭାଗ୍ୟ କଥା ! ଆପଣ ଚକ୍ର ମର୍ଯ୍ୟାଦା ବୁଝିଲେ ନାହିଁ । ହଜାରଟି ଟଙ୍କା ଦିଅନ୍ତୁ, ମୁଁ ଖୁସି ହୋଇଯିବି ।" ଶୁଣି, ସଦାଶିବ ଆଉ କିଛି ନ କହି ଉଠି ଠିଆ ହେଲେ । ଅଗାଧୁର ମୁହଁଟା ବିକଟ ଆକାର ଧାରଣ କଲା । ସେ ସଦାଶିବଙ୍କ ଆଡ଼କୁ ପାଖରେ ପହଞ୍ଚି ଆସି ତୀବ୍ର ଚିତ୍କାର କରି କହିଲା, "ହଜାର ଟଙ୍କା ମାଲ ଗୋଟେ ଟଙ୍କାରେ ନେବ ? ଭାରି ସରାଗ ତ ! ମତେ ତ ଚିହ୍ନିପାରୁନ ?" ହାତ ପିଟିଲା । ଚାରିଜଣ ମୁଖା-ପିନ୍ଧା ଲୋକ ଘରେ ପ୍ରବେଶ କଲେ । ତାଙ୍କ ମଧ୍ୟରୁ ଜଣକ ହାତରେ ଗୋଟାଏ ବଡ଼ ହାତୁଡ଼ି ଥିଲା । ଦ୍ୱିତୀୟ ଜଣକ ଗୋଟାଏ କୁରାଢ଼ି ଧରିଥିଲା । ତୃତୀୟ ଲୋକ ଗୋଟିଏ ପ୍ରକାଣ୍ଡ ଶାବଳ ଆଣି ଆସିଥିଲା । ଅଗାଧୁ ଯେପରି ସେମାନଙ୍କ ଅପେକ୍ଷାରେ ଥିଲା ଦେଖି ପଚାରିଲା, "ବତି ଆଣିଛ ?"

"ହଁ ।"

"ଆଚ୍ଛା ।"

ସଦାଶିବ ମହାନ୍ତି କଳା ପଡ଼ିଯାଇଥିଲେ, ଯନ୍ତା ମୁହଁରେ ପହଞ୍ଚିଥିବା ବାଘ ପରି ଏଣେ ତେଣେ ଛନ ଛନ ହୋଇ ଚାହୁଁଥିଲେ । ଉପରୁ ବନମାଳୀ ଦେଖି ମନେ

ମନେ ଭାବିଲା, "ଏଇ ବୋଧହୁଏ ପିସ୍ତଲ ଫୁଟାଇବା ସମୟ ।" ସେ ପିସ୍ତଲ ଘୋଡ଼ାରେ ଆଙ୍ଗୁଠି ଦେବାକୁ ଖୋଜିଲା; ମାତ୍ର ଘୋଡ଼ାଟି ତା ଆଙ୍ଗୁଠିରେ ପଡ଼ିଲା ନାହିଁ । ଅଗାଧୁ ସେ ତିନିଜଣ ନୂଆ ଆଗନ୍ତୁକଙ୍କ ସହିତ କଣ କଥାବାର୍ତ୍ତା କରି ଆସି ସଦାଶିବଙ୍କୁ ପୁଣି ପଚାରିଲା, "ମୋତେ ଚିହ୍ନିଲୁ ?"

ସଦାଶିବ ତା ମୁହଁକୁ ଚାହିଁଲେ; କହିଲେ, "ନା ।"

"ନା ? ମୋ ନାଁ ମୁକୁନ୍ଦ ଲେଙ୍କା ନୁହେଁ କି ଅଗାଧୁ ବେହେରା ନୁହେଁ । ତୋ ମୁଣ୍ଡରେ ତ ଗୋବର ଅଛି, ତୁ ବୁଝିବୁ କୁଆଡ଼ୁ ? ଘରେ ଟଙ୍କା ଥିଲେ, ବୁଦ୍ଧି ଆସେ କି ? ମୁଁ ଦାନା ସାହୁ, ଜଳାରସିଂହ କଟିପର ମାଲିକ । ଶୁଣିଲୁ ? ଦାନା ସାହୁ. ଏବେ ଚିହ୍ନିଲୁ ?"

ସଦାଶିବ ଚମକିପଡ଼ି ଧୀର ସ୍ୱରରେ କହିଲେ, ଆଗଠାରୁ କିଛି ବେଶି ଚିହ୍ନିଲି ନାହିଁ ।" ବନମାଳୀ ଉତ୍ତରଟା ଶୁଣି ପାରିଲା ନାହିଁ । "ମୁଁ ଦାନା ସାହୁ", ଏତକ ଶୁଣି ସେ ଆପାଦମସ୍ତକ ଥରୁଥିଲା । ସେ ମନେକଲା ଯେ ତା ବୁକୁରେ କିଏ ଅବା ଗୋଟାଏ ଶର ଆଣି ବାଡ଼ିଦେଉଛି । ପିସ୍ତଲ ଫୁଟାଇବାକୁ ସେ ଯେ ହାତ ଟେକି ଧରିଥିଲା, ପିସ୍ତଲଟି ହାତରୁ ଖସିପଡ଼ିଲା । ଦାନା ସାହୁ ନାମ ଜନକ ପିତାଙ୍କ ନାମ ସହିତ ତାର ଆରାଧ୍ୟ ବିଷୟ । ସେ ଭାବିଲା, ତା ପିତାଙ୍କ ରକ୍ଷାକର୍ତ୍ତା ତେବେ କଣ ଗୋଟାଏ ଭୟଙ୍କର ଡକାୟତ ! ସେ ନ ଖାଇ ନ ପିଇ; ନାନା କଷ୍ଟ ସ୍ୱୀକାର କରି ଗ୍ରାମେ ଗ୍ରାମେ ଓ ବନ ପର୍ବତରେ ଯାହାକୁ ଏତେଦିନ ଖୋଜି ବୁଲିଥିଲା, ତାକୁ ହଠାତ୍ ସେ ଅବସ୍ଥାରେ ଦେଖି କିଛି ବୁଝି ପାରିଲା ନାହିଁ । ତହୁଁ ସେ ମନକୁ ମନ କହିଲା, "ମୁଁ କଣ ପିତାଙ୍କ କୃତଜ୍ଞତା ଯୋଗେ ଗୋଟାଏ ଦସ୍ୟୁକୁ ପୂଜା କରିବି ? ନା, ଜଣେ ନିରୀହ ଲୋକର ପ୍ରାଣ ରକ୍ଷା କରିବା ଉଚିତ ? ସେ ନିରୀହ ଲୋକ ପୁଣି ଯେ ସେ ନୁହେଁ, ମୋ ଅସହାୟା ରୂପମତୀର ପିତା ।" ଚିନ୍ତାରେ ବନମାଳୀ ଦୋଳାୟମାନ ହେବାକୁ ଲାଗିଲା ।

ଏଥର ଦାନା ସାହୁ ଛଦ୍ମ ରୂପ ଛାଡ଼ି ତା ନିଜ ରୂପ ଧରି କହିଲା, "ଦେଖ, ବୁଢ଼ା, ମୁଁ ତୋତେ ଆଜି ପୁଣି ଧରିଚି । ତୁ ମୋତେ ନାହିଁକି ଚିହ୍ନିମୁଁ ? ମନେଅଛି ନା ଆଠବର୍ଷ ତଳେ ମୋ ଚଟି ଘରକୁ ଯାଇ ଗୋଟିଅ କୁକୁଡ଼ାକୁ ଘେନି ପଳେଇ ଆସିଥିଲୁ ? ମୋର ଲକ୍ଷେ ଟଙ୍କାର ପିଲାକୁ ଦେଇ ହଜାରରେ ମାରି ଆଣିଲୁ । ମୋତେ ଏତେ ବୋକା ଠଉରେଇ ଥିଲୁ ? ବଣ ଭିତରେ ତୋ ଠେଙ୍ଗା ଦେଖି ଏକା ଥିବାରୁ ଫେରି ଯାଇଥିଲି । ଆଜି ପଳା ଦେଖି । ଦେଖୁଚୁ ନା, କେତେ ଲୋକ, ଶ୍ରୀହରି ସ୍ମରଣା କର ।"

ଶୁଣି ସଦାଶିବ ସ୍ଥିର ନ ହୋଇ କହିଲେ, "ତୁମେ କଣ କହୁଚ ମୁଁ କିଛି ବୁଝିପାରୁ ନାହିଁ । ମୁଁ ତୁମକୁ ଚହ୍ନେନା । ତୁମେ ଆଉ କିଏ ବୋଲି ବସ୍ତୁର ମୋତେ ଭୁଲରେ ଏପରି ସବୁ କହୁଚ ।"

"ହଁ, ଗୁଲାଜ ! ମନେ ପଡ଼ୁ ନାହିଁ ! ଚିହ୍ନି ପାରୁନାହଁ !"

"ହଁ ଏତିକି ଚିହ୍ନୁଚି ଯେ ତୁମେ ଡକେଇତ ।" ଶୁଣି ଦିନା ସାହୁଆଣୀ ଧାଇଁଆସି କହିଲା, "ଗଲୁଜଳା, କହୁଚ କଣ ନା, ମୋ ଶିରସ୍ତ ଡକେଇତ ।" ସଦାଶିବଙ୍କ ମୁଣ୍ଡରେ ଝାଡୁମୁଠା ମାରିବାକୁ ହାତ ଉଞ୍ଚାଇଲା । ମାତ୍ର ଦିନା ସାହୁ ସ୍ତ୍ରୀକୁ କହିଲା, "ତୁ ଚୁପ ହୋଇ ବସ ।" ତା ପରେ ସେ ସଦାଶିବଙ୍କୁ ଚାହିଁ କହିଲା, "ଦେଖ ମହାଜନ, ତୁମେ ଜଣେ ଭଲ ଲୋକ । ମୁଁ ତୁମ ସାଙ୍ଗେ କଳି ଗୋଳ କରିବି ନାହିଁ । ମୁଁ ବି ଦିନେ ପାଇକ ଥିଲି; ଯୁଦ୍ଧ କରୁଥିଲି । ସେନାପତି ଗୋବିନ୍ଦସିଂହଙ୍କ ପ୍ରାଣ ରଖିବା ଲୋକ ମୁଁ । ମୁଁ ସେନାପତିଙ୍କ ଠୋଉ ପାଞ୍ଚଲକ୍ଷିଏ ପାଇନାହିଁ । ତୁମକୁ ଟାଲି ଟଙ୍କା ମାଗୁଛି; ଅଳପ ନୁହେଁ ବହୁତ ଗୁଡ଼ାଏ; ନ ହେଲେ ଆଜି ଏଠୁ ଯିବ ନାହିଁ, ମନେ ରଖ ।"

ପିତାଙ୍କ ଆଦେଶପତ୍ରରେ ଯେଉଁ ଦିନା ସାହୁ କଥା ଲେଖାଥିଲା, ସେ ଏ ଦିନା ସାହୁ ହୋଇଥିବ ବୋଲି ବନମାଳୀର ସନ୍ଦେହ ହେଉଥିଲା; କିନ୍ତୁ ଦିନା ସାହୁ କଥା ଶୁଣିଲା ପରେ ଆଉ ସେ ସନ୍ଦେହ ରହିଲା ନାହିଁ । ମାତ୍ର ସନ୍ଦେହ ଦୂର ହେବା ସଙ୍ଗେ ସଙ୍ଗେ ତା ମନ ଦୁଇ ଗୁଣ ଦୋଳାୟମାନ ହେବାକୁ ଲାଗିଲା । ତେଣେ ଦିନା ସାହୁ ସଦାଶିବଙ୍କୁ ପଚାରିଲା, "କଣ, କହିବୁ, ନା ହାତକଡ଼ି ପିନ୍ଧିବୁ ?" ସଦାଶିବ ନିରୁତ୍ତର ରହିଲେ; କିନ୍ତୁ ତାଙ୍କ ମୁହଁ ଦେଖିଲେ ମନେ ହେଉଥିଲା, ମନ ମଧ୍ୟରେ କଣ ଗୋଟାଏ ପ୍ରକାଣ୍ଡ କଳନା ଚାଲିଛି । କ୍ଷଣକ ମଧ୍ୟରେ ସେ ତାର ପ୍ରମାଣ ମଧ୍ୟ ଦେଲେ । ଦିନା ସାହୁ ଓ ଅନ୍ୟାନ୍ୟ ସମସ୍ତେ ଚାହିଁଛନ୍ତି ସେ ତେଣେ ଚାଲିଯାଇ ମେଲା ଖିଡ଼ିକି ପାଖେ ଠିଆ ହେଲେ । ସେ ଠିକ୍ ଖିଡ଼ିକି ବାଟରେ ଭରା ଦେଇ ଡେଇଁପଡ଼ିବା ବେଳକୁ, ପଛରୁ ଛ'ଟା ପ୍ରବଳ ହାତ ତାଙ୍କୁ ଧରି ଭିତରକୁ ଟାଣିଆଣିଲା; ସାହୁଆଣୀ ମଧ୍ୟ ଯାଇ ଧରିପକାଇଲା । ଅନ୍ୟ ଚାରିଜଣ ଲୋକ ଧାଇଁ ଆସି ପହଞ୍ଚିଗଲେ । 'କୋଇଲା ବ୍ୟବସାୟୀ'ମାନଙ୍କ ମଧ୍ୟରେ ବନମାଳୀ, ମାର୍କଣ୍ଡିଆ ଓରଫେ ଚଣ୍ଡିଆ ଓରଫେ ରଘୁଆ ଓରଫେ କୁଷ୍ଟୁନିଆକୁ ଦେଖି ଚହ୍ନିଲା । ସେ ଉପରୁ ଏକଦୃଷ୍ଟିରେ ଚାହିଁ ରହିଲା । କହିଲା, "ବାପା, ମତେ କ୍ଷମା କରିଦେବ ।" କହି, ପିସ୍ତଲ ଘୋଡ଼ାରେ ହାତ ଦେଲା; ମାତ୍ର ତେଣେ ଦିନା ସାହୁ କହିଲା, "ମାରନାହିଁ ତାଙ୍କୁ ।"

# ବନ୍ଧନରୁ ମୁକ୍ତ

ମୁହୂର୍ତ୍ତକ ମଧ୍ୟରେ ଧାନା ସାହୁର ସେ ଘର ଭିତରଟା ଗୋଟାଏ ପ୍ରକାଣ୍ଡ ରାମ ରାବଣ ଯୁଦ୍ଧର ଦୃଶ୍ୟସ୍ଥଳ ହୋଇପଡ଼ିଲା । ସଦାଶିବ ଗୋଟାଏ ବିଧାରେ ଧାନା ସାହୁକୁ ଖଟିଆ ତଳେ ପକାଇ ଦେଲେ, ଦୁଇଟା ଗୋଇଠା ମାରି ଆଉ ଦୁଇ ଜଣଙ୍କୁ ଫିଙ୍ଗିଦେଲେ ଏବଂ ଆଉ ଗୋଟାଏ ଲୋକକୁ ଗୋଡ଼ରେ ମାଡ଼ିବସିଲେ । ସେ ଆକ୍ରମଣକାରୀମାନଙ୍କୁ ପରାସ୍ତ କରି ଠିକ୍ ଚାଲିଯିବା ସମୟରେ ସେମାନେ ପୁଣି ରୁଷ୍ଟ ହୋଇ ତାଙ୍କୁ ଧରିପକାଇଲେ ଏବଂ ଘର କଣରୁ ଦଉଡ଼ି ଗୋଛାଏ ଆଣି ତାଙ୍କ ହାତ ଗୋଡ଼ ବାନ୍ଧିଦେଲେ । ତହୁଁ ଧାନା ସାହୁ କହିଲା, "ଦେଖ, ଭାଇମାନେ, ସ୍ତ୍ରୀ ଲୁଗାପଟା ସବୁ ଖୋଜିଲ । କିଛି ଥଳି-ଫଳି ରଖିନାହିଁ ?" ଅଳ୍ପ ପରିବର୍ତ୍ତିରେ ରୁମାଲରେ ବନ୍ଧା ଛ'ଟି ଟଙ୍କା ମିଳିଲା । ଡକାୟତମାନେ ସଦାଶିବଙ୍କ ଗୋଡ଼ ହାତ ଖୁଣ୍ଟିରେ ବାନ୍ଧିରଖିଲେ ।

ସଦାଶିବ ବନ୍ଧା ହୋଇ ଡକାୟତମାନଙ୍କ କବଳଗତ ହେଲା ପରେ ଧାନା ସାହୁ କହିଲା, "ଶୁଣ, ମହାଜନ, ଆଉ କଳଗୋଳ ନାହିଁ । ଏଣିକି ସଫା ସଫା ବ୍ୟବସାୟ କଥା । ମୁଁ ତମ କଥା ବୁଝିନେଇଛି । ତୁମେ ତ ଆମରି ଦଳର ଜଣେ । ଆମେ ତୁମକୁ ଏତେ କଷ୍ଟ ଦେଉଚୁ ଯେ କୌଣସି ଭଲ ଲୋକ ଏଥିରେ ପାଟିକରି ଆକାଶ ଫଟେଇବା ଦରକାର । ପାଟି କଲେ, ଶୁଣି କିଏ ଆସିବ, ନା ପୋଲିସ । ତୁମର ସେଥିକି ଡର ଅଛି । ଭଲ କଥା । ଆମେ ମଧ୍ୟ କଣ ବିପଦ ଲୋଡ଼ୁଚୁ କି ? ଆସ, ଗୋଟାଏ ରଫା କରିନବା । ମୁଁ ତମର ସବୁ ସମ୍ପତ୍ତି ଚାହୁଁନାହିଁ । ଅଧେ ରଖି, ମତେ ଅଧେ ଦେଇଦିଅ । ତୁମର କେତେ ସମ୍ପତ୍ତି ଅଛି, ମୁଁ ଜାଣେନା । ତେବେ ମୁଁ ହଜାରେ ପାଇଲେ ସନ୍ତୁଷ୍ଟ ହୋଇଯିବି । ଏଟା କିଛି ଅନ୍ୟାୟ ଦାବି ନୁହେଁ । ଦେଖ, ଯାହା କହୁଚ, ଲେଖ ।" ଧାନା ସାହୁ କାଗଜ ଦୁଆତ କଲମ ଆଣି ସଦାଶିବଙ୍କ ପାଖେ ଥୋଇ କହିଲା, "ଲେଖ ।"

ବନ୍ଦୀ ନୀରବ ରହିଥିଲେ । ଶେଷରେ ସେ ପାଟି ଫିଟାଇ କହିଲେ, "ମୋ ହାତ ଯେ ବାନ୍ଧିଚ, ଲେଖିବି କିପରି ?" ଶୁଣି, ଧାନା ସାହୁ କହିଲା, "ହଁ, ଠିକ କଥା ତ ।" ସେ ମାର୍କଣ୍ଡିଆକୁ ଆଦେଶ ଦେଲା, "ଆଚ୍ଛା, ମହାଜନଙ୍କ ଡାହାଣ ହାତଟା ଫିଟେଇଦେ !" ତା ପରେ ସେ କାଳିରେ କଲମ ବୁଡ଼ାଇ ଧରି କହିଲା, "ଆଉ ଠକିବାକୁ ଚେଷ୍ଟା କରନାହିଁ । ଜାଣିରଖ ଯେ ଏ ଚିଠି ନେଇ ଯେ ଯିବ ସେ ଫେରିଆସିଲା ଯାଏଁ ତୁମେ ଏଇଠି ବନ୍ଦୀ ହୋଇ ପଡ଼ିଥିବ । ଏଥର ଲେଖ ।"

ଥାନା ସାହବ ଡାକିଲା, "ମୋ ପାଖକୁ ଦିଅ।" ଲେଖୁ ଲେଖୁ ବନ୍ଦୀ ରାମକୃଷ୍ଣ ଥାନା ସାହବ ଅଡ଼କୁ ଚାହିଁଲେ। ଥାନା ସାହବ ପୁଣି ଡାକିଲା, "ଶୀଘ୍ର ଆସି ମୋ ହାତକୁ ଦେଖା କର। ଯେ ଏ ଚିଠି ନେଇ ଯାଉଛି, ତା ସଙ୍ଗେ ବାହାରିଆସିବୁ। ମୁଁ ଅପେକ୍ଷା କରି ରହିଲି। କିଛି ଅବିଶ୍ୱାସ କରିବୁ ନାହିଁ। ଚିଠି ପାଇ ସଙ୍ଗେ ସଙ୍ଗେ ବାହାରିବୁ।"

ସଦାଶିବ ଥାନା ସାହବ ଡାକିବା ଅନୁସାରେ ସବୁ ଠିକ୍ ଠିକ୍ ଲେଖିଗଲେ। ତା ପରେ ଥାନା ସାହବ ପୁଣି କହିଲା, "ନା, 'କିଛି ଅବିଶ୍ୱାସ କରିବୁନାହିଁ'— ଏହା କାଟିଦିଅ। ସେତିକ ପଢ଼ିଲେଇ ଅବିଶ୍ୱାସ ହେବ।" ସଦାଶିବ ସେତିକ କାଟିଦେଲେ। ତା' ପରେ ଥାନା ସାହବ କହିଲା, "ଦସ୍ତଖତ କର। କଣ ତୁମ ନାଁ ସେ?" ସଦାଶିବ କଲମ ଥୋଇଦେଇ ପଚାରିଲେ "ଚିଠି କାହା ପାଖକୁ ଯିବ?"

"ତୁମେ ଠିକ୍ ଜାଣ; ମୋର କୁକୁଡ଼ା। ଲେଖ କଣ ନାମ ନାଁ।"

"ଅର୍ଜ୍ଜୁନ ରାଉତ।" ଶୁଣି, ଥାନା ସାହବ ସଦାଶିବଙ୍କ ରୁମାଲଟି କାଳ ଛଡ଼ା କୁରୁତା ପକେଟରୁ କାଢ଼ି ବାହାରକଲା। ଦେଖିଲା ସେଥିରେ ଲେଖାଅଛି—'ଅ—ରା' କହିଲା, "ଅ—ରା—ଅର୍ଜ୍ଜୁନ ରାଉତ। ଠିକ୍। ଲେଖ—'ଅ—ରା'।" ବନ୍ଦୀ ଚିଠି ତଳେ ଦସ୍ତଖତ କଲେ, 'ଅ—ରା'। ଥାନା ସାହବ ଚିଠି ଖଣ୍ଡ ମୋଡ଼ି ବନ୍ଦ କଲା। ତା ପରେ ସେ କହିଲା, "ଶ୍ରୀମନ୍ତ କୁକୁଡ଼ା" ଠିକଣା ଉପରେ ଲେଖିଦିଅ। ତୁମ ଘରଟା କୋଉଠି କହ; ଆଉ ଗୋଳମାଳ କରନାହିଁ। ତୁମେ ନାଁ ଯେମିତ ଲୁଚାଇନାହିଁ, ଠିକଣା ମଧ୍ୟ ନ ଲୁଚାଇ ଲେଖିଦିଅ।" ଶୁଣି, ଆଦେଶ ମାନି, ଜଡ଼ୀଭୂତ ଅନୁଗତ ଭୃତ୍ୟପରି, ସଦାଶିବ ଚିଠି ଉପରେ ଲେଖିଦେଲେ, ଶ୍ରୀମନ୍ତ "କୁକୁଡ଼ା" ଅର୍ଜ୍ଜୁନ ରାଉତଙ୍କ ଘର; ଓଡ଼ିଆବଜାର ପ୍ରଥମ ଗଳି।

ଚିଠି ଖଣ୍ଡି ଧରି ଥାନା ସାହବ ସିପାହୀକୁ ଡାକି କହିଲା, "ଦାଣ୍ଡରେ ବଗି ଠିଆ ହେଇଛି। ଏ ଚିଠି ଧରି ଯାଇ ଏ ମହାଜନଙ୍କ ଝିଅକୁ ନେଇ ଆସିବୁ" ଏବଂ ଆଉ ଜଣେ ଲୋକକୁ କହିଲା, "ତୁ ମୁହଁରୁ ମୁଖାଟା କାଢ଼ି ଦେଇ ବଗି ପଛରେ ଠିଆ ହୋଇ ଯା। ଜଲଦି ଆସିବ।"

ମୁହୂର୍ତ୍ତକ ମଧ୍ୟରେ ଦାଣ୍ଡରେ ଗାଡ଼ିର ଚକ ଘର ଶବ୍ଦ ଶୁଣାଗଲା। ଏଣେ ଘର ଭିତରେ ସମସ୍ତେ ଟିକିଏ ନିଶ୍ଚିନ୍ତ ହେଲେ। ଡକାୟତମାନେ ମଦ ପିଇ ଆସିଥିବାରୁ ନିଶାରେ ଢୋଳାଇବାକୁ ଲାଗିଲେ। ଥାନା ସାହବ ନିଆଁ ପୋଉଁବାକୁ ଗଲା। କେବଳ ଉପରେ ବନ୍ଦୀମାନଙ୍କ ଉପଦ୍ରବ ମନରେ ବର୍ତ୍ତିରହିଲା। ସେ ମନେ ମନେ ଭାବିଲା, "ଅପ୍ରସ୍ତୁ

ରାସମଣି କଣ ଏଇ ବିକଟ ଅଗ୍ନି କୁଣ୍ଡରେ ଆସି ଝାସ ଦେବ ? ସେଇ କଣ ଏ ଦାନା ସାହୁର କୁକୁଡ଼ା ? ନା, ସେ ନିଶ୍ଚୟ ନୁହେ । ତାର କାହିଁକି ଏତେ କଦର୍ଯ୍ୟ ଗତି ହେବ ?" ତଥାପି ବନମାଳୀ ନିଶ୍ଚିନ୍ତ ହୋଇ ରହିପାରିଲା ନାହିଁ । ସେ ବନ୍ଦୀଙ୍କ ଆଡ଼କୁ ଚାହିଁ ଶୁଣିଲା । ତାଙ୍କ ପାଖେ ବରାବର ଗୋଟାଏ କୁଟ୍ କୁଟ୍ ଶବ୍ଦ ହେଉଛି ।

ଦାନା ସାହୁ ନିଆଁ ଗଦା ପାଖେ ବସିଥାଇ ପାଟି କରି କହିଲା, "ଅର୍ଜ୍ଜୁନ ରାଉତ, ଶୁଣ ଆଉ ଗୋଟାଏ କଥା । ମୋ ଗୁଣ୍ଡା ତ ଏଇକ୍ଷଣି ତୁମ ଝିଅ କୁକୁଡ଼ାକୁ ଆଣି ପହଞ୍ଚିବ । ସେ ଏଠେଇ ଆସି ପହଞ୍ଚିଲା ମାତ୍ରେ, ମୁଁ ତାକୁ ଏକ ନିରାପଦ ଜାଗାରେ ନେଇ ରଖି, ତୁମକୁ ଛାଡ଼ିଦେବି ! ତୁମେ ଦୁଇଲକ୍ଷ ଟଙ୍କା ଆଣି ଥୋଇଦେଲେ ତାକୁ ଧରି ଚାଲିଯିବ । ତୁମେ ବୁଝିପାରୁଥିବ, ମୋର କୌଣସି ଖରାପ ଅଭିପ୍ରାୟ ନାହିଁ । ମାତ୍ର ତୁମେ ଯଦି ପୋଲିସରେ ଧରେଇ ଦିଅ, ତାହାହେଲେ ବୁଝିଥାଅ ତୁମ କୁକୁଡ଼ାର ଦଫା ରଫା ହୋଇଯିବ ।"

ଏପରି ମନ୍ତବ୍ୟରେ ବନମାଳୀ ମୂର୍ଚ୍ଛିତ ହୋଇ ପଡ଼ିବା ଉପରେ ବସିଲା । ସେ ଭାବିଲା, ସତେ ଅବା ତା ହୃତ୍ପିଣ୍ଡର ଗତି ବନ୍ଦ ହୋଇଯାଉଛି । ପିସ୍ତଲ ଫୁଟାଇ ଦେବାକୁ ହାତ ବଢ଼ାଇଲା; କିନ୍ତୁ ଦାନା ସାହୁ ଯେ କହିଲା ତାକୁ ପୋଲିସ ହାତରେ ଧରାଇଦେଲେ, ସେ କୁକୁଡ଼ାର ଦଫା ରଫା କରିଦେବ, ସେ କଥା ମନେ ପକାଇ ପିସ୍ତଲ ଘୋଡ଼ାରୁ ଆଙ୍ଗୁଠିଟା ପୁଣି ଫେରାଇଆଣିଲା । ସେହି ମହା ନୈରାଶ୍ୟ-ସମୁଦ୍ର ମଧ୍ୟରେ ବନମାଳୀ ଗୋଟିଏ ମାତ୍ର ଆଶା ବିନ୍ଦୁ ଖୋଜିବାକୁ ଲାଗିଲା; କିନ୍ତୁ ପାଇଲା ନାହିଁ ।

ତଳ ମହଲ୍ଲ ଦାଣ୍ଡଦ୍ୱାର ଫିଟିଲା । ସଦାଶିବ ଦେଖି ଚମକି ପଡ଼ିଲେ । ଦାନା ସାହୁ କହିଲା, "ଏଇ ସାହୁଆଣୀ ଆସିଲାଣି !" ସାହୁଆଣୀ ତେଣୁ ରାଗରେ ଜଳି ଅଗ୍ନିଶର୍ମା ହୋଇ ଧାଇଁଆସି କହିଲା, "ସବୁ ମିଛ ! ପ୍ରଥମ ଗଳିରେ ଦୋ'ମହଲା କୋଠା ନାହିଁ, କି ସେଠେଇ ଅର୍ଜ୍ଜୁନ ରାଉତ ବୋଲି କାହାରି ଘର ନାହିଁ । ଲୋକେ ମତେ ଖାଲି ହଇରାଣ କରିବା ସାର ହେଲା । ଓଃ, କି ଠକ କି !"

ଏପରେ ବନମାଳୀ ନିଶ୍ଚିନ୍ତରେ ଗୋଟାଏ ନିଃଶ୍ୱାସ ମାରିଲା । ତା ଅପ୍ସରୀ ରାସମଣି ଆସନ୍ନ ବିପଦରୁ ରକ୍ଷା ପାଇଲା ବୋଲି ସେ ବୁଝିଲା । ଦାନା ସାହୁ ସଦାଶିବଙ୍କ ନିକଟକୁ ଆସି ପଚାରିଲା, "ଏପରି ମିଛ କାହିଁକି କହିଲ ?" ଉତ୍ତର ଶୁଣିଲା, "କେବଳ ଟିକିଏ ଫୁରସତ୍ ପାଇବାକୁ ।" ସଦାଶିବ ସେହି ଅବସରରେ ତାଙ୍କ ବନ୍ଧନ ଗୋଟି ଗୋଟି କରି ଛିଣ୍ଡାଇ ପକାଇଥିଲେ; ଗୋଡ଼ଟାଏ ଖୁଣ୍ଟିରେ ବନ୍ଧାହୋଇ ରହିଥିଲା ମାତ୍ର । ତା'ର ହାତଟି ମୁକ୍ତ ହୋଇ ଯିବାରୁ ସେ ଛୁରୀଟା ପକେଟରୁ [illegible] କାଢ଼ି ଅଲକ୍ଷିତ–

ଶୀଘ୍ରରେ ଦଉଡ଼ି ସବୁ କାଟିପକାଇଥିଲେ । କେବଳ ଗୋଡ଼ର ବନ୍ଧନଟା ବାକି ରହି ଯାଇଥିଲା ।

ସଦାଶିବ ବନ୍ଧନରୁ ପ୍ରାୟ ମୁକ୍ତ ହୋଇ ଠିଆ ହେବାର ଦେଖି, ଦାନା ସାହୁ ଏବଂ ଅନ୍ୟାନ୍ୟ ଡକାୟତମାନେ ବିସ୍ମୟରେ ଚମକି ପଡ଼ିଲେ । ସେମାନେ ତାଙ୍କ ଲୁଗାପଟା ସବୁ ଖାନତଲାସ କରି ନେଇଥିଲେ । କିନ୍ତୁ ସେ ଯେ କୌଶଳରେ ଛୁରୀଟାଏ ଦୁଇ ଆଙ୍ଗୁଠି ସନ୍ଧିରେ ଲୁଚାଇ ରଖିଥିଲେ, ତାହା ସେମାନଙ୍କ ଆଖିରେ ପଡ଼ି ନ ଥିଲା । ସେ ଛୁରୀ ଆଙ୍ଗୁଠି ସନ୍ଧିରୁ କେତେବେଳେ କି ଉପାୟରେ ପକେଟ ଭିତରକୁ ଗଲା, ତାହା ମଧ୍ୟ କେହି ଦେଖି ନ ଥିଲେ ।

ସଦାଶିବ ବନ୍ଧନ ସବୁ ଛଡ଼ାଇ ଚାଲିଯିବାକୁ ବସିଛନ୍ତି ଦେଖି, ଡକାୟତମାନେ ପୁଣି ତାଙ୍କୁ ବାନ୍ଧିପକାଇବାକୁ ବାହାରିଲେ । ତାହା ଦେଖି, ସେ ଗୋଡ଼ର ଦଉଡ଼ିଟା ଭିଡ଼ି ଛିଣ୍ଡାଇଦେଇ, ମୁହୂର୍ତ୍ତକ ମଧ୍ୟରେ ବିକଟ ଭୀମ ମୂର୍ତ୍ତି ଦେଖାଇ, ଗର୍ଜ୍ଜନ କରି କହିଲେ, "ତୁମେ ଭାବିଚ, ନିଆଁରେ ଏ ଯେ ସବୁ ଲୁହା ପକେଇଚ ମୋ ଦେହରେ ମାଡ଼ି, ମୋଠୁ କଥା ବାହାର କରିନବ । ମୁଁ ଏଡ଼େ ଦୟାଳୁ ନୁହେଁ । ଏଇ ଦେଖ-ନା ।" କହି, ସଦାଶିବ ନିଆଁଗଦା ଭିତରୁ ଖଣ୍ଡିଏ ପାତଳ ଲୁହା ଟାଣି ଆଣି, କାଖରେ ଯାକି ଧରିଲେ । ଉପରେ ବନମାଳୀ ମାଂସ ପୋଡ଼ିବା ଗନ୍ଧରେ ଭୟରେ ଟଳମଳ ହେଲା ।

କିଛି ସମୟ ପରେ ସଦାଶିବ କହିଲେ, "ଦେଖିଲ, ମୁଁ ତୁମକୁ ଡରିବ ନା ତୁମେ ମୋତେ ଡରିବ ? କହି ଲୁହାଖଣ୍ଡ କାଖରୁ କାଢ଼ି ପଞ୍ଝରିବାଟେ ବାହାରକୁ ଫିଙ୍ଗିଦେଲେ । ଲୁହାଟା ତଳେ ପଡ଼ି, ଘାସରେ ଜମିଥିବା କାକରରେ ଲାଗି; ସେଁ ସେଁ ଶବ୍ଦ କଲା । ଡକାୟତମାନେ ଆଉ ବସି ନ ରହି ସଦାଶିବଙ୍କୁ ଯାଇ ପୁଣି ଧରିପକାଇଲେ । ଜଣେ କହିଲା, "ଆଉ ଡେରି କରନା, ଗଣ୍ଠିଟା କାଟିପକାଅ ।" ଆଉ ଜଣେ ଶୁଣି ଉତ୍ତର ଦେଲା, "ଠିକ କଥା ତ । ଆଗ ସେୟା କରିବା ।"

ବନମାଳୀ ଉପରୁ ଦେଖିଲା, ଦାନା ସାହୁ ଓ ତା ଭାର୍ଯ୍ୟା କଥାବାର୍ତ୍ତା ହୋଇସାରିଲା ପରେ, ଦାନା ସାହୁ କାନ୍ଥକୁଲାରେ ରଖାଇଥିବା ପିସ୍ତଲଟା ଆଣି, ହାତ ପାପୁଲିରେ ଘଷି ଘଷି, ସଦାଶିବଙ୍କ ଆଡ଼କୁ ଚାଲିଛି । ତହୁଁ ସେ ପିସ୍ତଲ ଘୋଡ଼ାରେ ଆଙ୍ଗୁଠି ଲଗାଇଲା; ମାତ୍ର ସେତିକିବେଳକୁ ତଳେ ପଡ଼ିଥିବା ଖଣ୍ଡେ କାଗଜ ଉପରେ ତା ଦୃଷ୍ଟି ପଡ଼ିଗଲା । ସେ ପିସ୍ତଲଟି ଥୋଇଦେଇ, ତଳୁ କାଗଜ ଖଣ୍ଡି ଗୋଟାଇ ଆଣିଲା । ସେ ପଢ଼ି ଦେଖିଲା, ସକାଳେ ଦାନା ସାହୁ ବନ୍ଦିଅ ଲେଖିଯାଇଛୁ, "ସିପାହୀମାନେ ଆସୁଛନ୍ତି ।" ତା ମନରେ ଗୋଟାଏ ନୂଆ କଳ୍ପନା ଖେଳିଗଲା । ସେ କାଗଜ ଖଣ୍ଡି ମୋଡ଼ି କଣାବାଟେ ତଳମହଲ ମଝିକି ପକାଇଦେଲା ।

ସାହୁଆଣୀ ପାଟି କରି କହିଲା, "ଦେଖ, କଣ ଗୋଟାଏ ପଡ଼ିଲା ।" ଦୀନା-ସାହୁ କାଗଜଖଣ୍ଡ ଗୋଟେଇ ପଚାରିଲା, 'ଏଟା ଘର ଭିତରକୁ ଆସିଲା କପରି ?" ଭାର୍ଯ୍ୟା କହିଲା, "ପଞ୍ଜରଟା ଯେ ସକାଳେ ଝିଅକୁ ଲଗେଇ ଭାଙ୍ଗି ଦେଇଚ, ସେହି ବାଟେ ।" ଦୀନା ସାହୁ କାଗଜଖଣ୍ଡ ଫିଟାଇ ଦେଖି କହିଲା, "ଏ ତ ଚମ୍ପା ହାତଲେଖା" ଓ ସଙ୍ଗେ ସଙ୍ଗେ କଳାକାଠ ପଡ଼ିଗଲା । ସେହି ଅବସ୍ଥାରେ ସେ କହିଲା, "ଆଉ ବିଳମ୍ବ ନାହିଁ । ଚାଲ, ପଳେଇବା ।" ମାର୍କଣ୍ଡିଆ ପଚାରିଲା, "କୋଉ ବାଟେ ?" ଦୀନା ସାହୁ ଉତ୍ତର ଦେଲା, "କାଗଜ ଯୋଉବାଟେ ଆସିଲା ସେଠେଇ ସିପେଇ ଫିପେଇ ନିଶ୍ଚୟ ନାହାନ୍ତି ।"

ଡକାୟତମାନେ ବନ୍ଦୀଙ୍କି ଛାଡ଼ିଦେଇ, ନିମେଷ ମଧ୍ୟରେ ଝରକା ପାଖେ ଯାଇ ରୁଣ୍ଡ ହୋଇ, ଖସି ପଳାଇବାକୁ ଠେଲା ଠେଲି ହେଲେ । ଦୀନା ସାହୁ କହିଲା, "ଆଗେ କ ନ ବା" ଏବଂ ନିଜେ ଭାର୍ଯ୍ୟା ପିଛା ଧରିଲା । ମାର୍କଣ୍ଡିଆ ପଛରୁ ତା କଚ୍ଛ ଟାଣିଧରି କହିଲା, "ରହ,ପାଜି, ଟଙ୍କା ନବୁ ତୁ, ଧରାହବୁ ଆମେ ?" ଦୀନା ସାହୁ ଉତ୍ତର ଦେଲା, "ଦେଖୁଚୁ ପୋଲିସ ଆସି ଘରେ ପଶିଥିଲେଣି, ତୁ ଖେଳୁଚୁ !" ମାର୍କଣ୍ଡିଆ କହିଲା, "ନା, ତା ହବନାହିଁ । ଆସ, ଗୁଳା ପକେଇବା, କିଏ ଆଗ ଯିବ । ଆଣ ଗୁଙ୍ଗୁଡ଼ି ।"

ଦାଣ୍ଡଦ୍ୱାର କବାଟ ଧୀରେ ଫିଟିଲା ଓ ଜଣେ ସ୍ୱର ଶୁଣାଗଲା, "ମୋ ଟୋପିଟା ନିଅ ।" ସମସ୍ତେ ଚାହିଁ ଚମକି ପଡ଼ିଲେ, ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ର ଆସି ଘର ଭିତରେ ପାଦ ପକାଇ ସାରିଥିଲେ ।

ଡକାୟତମାନେ ପଳେଇବାକୁ ଆଉ ଉଦ୍ୟମ ନ କରି, ନିଆଁ ଜଳାଇ ଘର ଭିତର ଜିନିଷଗୁଡ଼ାକ ଲୁଚାଇବାକୁ ଚେଷ୍ଟା କରିବାରେ ବ୍ୟସ୍ତ ରହିଲେ । କେବଳ ଦୀନା ସାହୁ ଭାର୍ଯ୍ୟା ସହିତ ଝରକାବାଟେ ପଳାଇବାକୁ ବସିଥିଲା । ସର୍ଦ୍ଦାର ମହାପାତ୍ର କହିଲେ, "ଦେଖ, ତୁମେ ତ ସାତ ଜଣ । ମୁଁ ସାଙ୍ଗରେ ପନ୍ଦର ଜଣ ଲୋକ ଆଣିଚି । ବୃଥା ଗୋଳମାଳ କରନାହିଁ ।" ଡକାୟତମାନେ ସର୍ଦ୍ଦାରଙ୍କୁ ଏକା ଦେଖି ମାରି ପକାଇବାକୁ ଚେଷ୍ଟା କଲେ । ସର୍ଦ୍ଦାର ଗୋଟାଏ ସିଟି ବଜାଇଲେ । ହଠାତ୍ ପନ୍ଦର ଜଣ ସିପାହୀ ଆସି ଘର ଭିତରେ ରୁଣ୍ଡ ହୋଇଗଲେ ଏବଂ ଡକାୟତମାନଙ୍କୁ ହାତକଡ଼ି ପକାଇଦେଲେ । ତା ପରେ ସର୍ଦ୍ଦାର ସିପାହୀଙ୍କି ହୁକୁମ ଦେଲେ, "ବନ୍ଦୀଙ୍କ ଖୋଲିଦିଅ ।" କହି, ଚାହିଁ ଦେଖିଲେ, ବନ୍ଦୀ ଆଉ ନାହାନ୍ତି । ସଦାଶିବ ଘରଟାର ଅନ୍ଧି ସନ୍ଧି ଖୁବ୍ ଭଲରୂପେ ତ ଜାଣିଥିଲେ, ଗୋଳମାଳ ମଧ୍ୟରେ ଡେଇଁ ପଳାଇ ଗଲେ । ପରେ ଝରକା ତଳେ ମାଟିରେ ଦୁଇଟା ବଡ଼ ବଡ଼ ପାଦ ଚିହ୍ନ ଦେଖାଗଲା ।

ସର୍ଦ୍ଦାର କହିଲେ, "ଯୋଇଟାର ବଡ଼ ଗୋଡ଼, ଦେଖୁଚ ।"

ଆରଦିନ ସକାଳେ ଗୋଟାଏ ପିଲା ଛିଣ୍ଡା କନା ପିନ୍ଧି, ଅଶ୍ଳୀଳ ଗୀତ ଗାଇ ଗାଇ ଆସି ଦର୍ଜିକୋଠା ତଳମହଲା ଦାଣ୍ଡ ଦୁଆରେ ଗୋଇଠା ଲେଉଡ଼ା ମାରି କମ୍ପାଇବାକୁ ଲାଗିଲା । ସେ ଶବ୍ଦରେ ଗୋଟାଏ ନିକଟବର୍ତ୍ତୀ ଘରପରୁ ଜଣେ ସ୍ତ୍ରୀଲୋକ ବାହାରିପଡ଼ି ଦୂରରୁ ପାଟିକରି ପଚାରିଲା, "କିଏ ରେ ବଦମାସ୍ ? କାହିଁକି ଦୁଆରେ ମାରୁଚୁ ?"

"ବାପା କାହିଁ ?"

"ଫାଣ୍ଡିରେ ।"

"ମା ?"

"ସେହି ଫାଣ୍ଡିରେ ।"

"ଆଚ୍ଛା କଥା ! ଆଉ ତୋ ଭଉଣୀ ଦଇଁ ?"

"ସେଇଠେଇ । ସମସ୍ତେ ଯାଇ ମାମୁଁ ଘରେ ଅଛନ୍ତି ।"

ମୁହୂର୍ତ୍ତିକ ମଧ୍ୟରେ ହରିଆ ଗୀତ ଗାଇ ଗାଇ ଦାଣ୍ଡେ ଦାଣ୍ଡେ ଡେଇଁ ଡେଇଁ ଫେରିଗଲା । ସ୍ତ୍ରୀଲୋକଟି ପଛରେ ଶୁଣିଲା, ସେ ଗାଉଛି—

"ବାପା ମାଆ ଅପା ଫାଣ୍ଡିରେ,
ମେଞ୍ଚ ପଶିସିବ— ।"

—୩୭—

## ପଳାତକର ଠିକଣା ମିଳିଲା

ସେଦିନ ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ର ଆସାମିମାନଙ୍କୁ ହାତକଡ଼ି ଦେଇ, ଦଉଡ଼ିରେ ବାନ୍ଧି, ଘର ଭିତରୁ ନେଇ ଚାଲିଗଲେ । ତେଣେ ବନମାଳୀ ସଙ୍ଗେ ସଙ୍ଗେ ବାହାରିଯାଇ ପଦ୍ମନାଭ ବସାରେ ପହଞ୍ଚି କହିଲା, "ମୁଁ ଆଜି ଏଠେଇ ଶୋଇବି ।" ପରଦିନ ସକାଳେ ସେ ଦର୍ଜିକୋଠାକୁ ଆସି, ଘରଭଡ଼ା ଛିଣ୍ଡାଇ ଦେଇ ଏବଂ ଅନ୍ୟାନ୍ୟ ଯାହା ଯାହାର ପାଉଣା ଥିଲା, ସବୁ ତୁଟାଇ ଦେଇପକାଇ, ଗୋଟାଏ ଗାଡ଼ିରେ ନିଜର ଯାବତୀୟ ଜିନିଷପତ୍ର ଲଦି, ଚାଲିଗଲା । ଗଲାବେଳେ, ସେ ଯେ କେଉଁଠାକୁ ଯାଉଛି, କହି ମଧ୍ୟ ଗଲାନାହିଁ । ସୁତରାଂ, ଦୁଇ ପହରେ ସର୍ଦ୍ଦାର ମହାପାତ୍ର ଆସି ଯେତେବେଳେ ଶୁଣିଲେ, 'ସେ ଲୁଆଡ଼େ ଚାଲି ଗଲେଣି' ସେ ଅତ୍ୟନ୍ତ ନିରାଶ ହେଲେ । ଯେଉଁ ଚାକରାଣୀ ବନମାଳୀ ବାଟରେ କାମ କରୁଥିଲା ସେ ଘରର ମାଲିକାଣୀଙ୍କୁ ଦେଖି, ଓଠରେ ହାତ ଦେଇ, ବିସ୍ମିତ ସ୍ୱରରେ କହିଲା, "ମା, କିଏ ଭାବିଥିଲା ଏ କଥା ! ମାଇକିନିଆ ହିଁଅ ପରି ଥିବା ପିଲାଟିଏ, ତା ଦେହରେ ପୁଣି ଏ ଗୁଣ ଥିଲା ? ଏବେ ଧରାପଡ଼ିବା ଭୟରେ ଲୁଆଡ଼େ ପଳେଇଚି କେଜାଣି ।"

ବନମାଳୀ ଯେ ଧରାପଡ଼ିବା ଭୟରେ ସେ ଘର ଛାଡ଼ି ଚାଲିଗଲା, ତା ନୁହେଁ । ସେଠାରେ ରହିଲେ, ତାକୁ ଯେ ଟଣାହୋଇ କଚେରିକି ଯିବାକୁ ପଡ଼ିବ, ସେ ବୁଝିପାରିଥିଲା । ସାକ୍ଷ୍ୟ ଦେବାକୁ ହେଲେ, ତାକୁ ଥାନା ସାହୁ ବିପକ୍ଷରେ ବହୁତ କଥା କହିବାକୁ ହୋଇଥାନ୍ତା । ପିତାଙ୍କ ଆଦେଶ ମନେରଖି ସେ ତାହା କରିବାକୁ ଇଚ୍ଛା କଲାନାହିଁ । ସର୍ଦ୍ଦାର ମହାପାତ୍ର ଭାବିଲେ, ବନମାଳୀ ଭୟରେ ପଳାଇ ଯାଇଛି । ଦୁଇମାସ ଚାଲିଗଲା । ବନମାଳୀ ତେବେ ସୁଦ୍ଧା ପଦ୍ମନାଭ ଘରେ ବସା କରି ରହିଥିଲା । ସେ ଶୁଣି ପାରିଲା, ଥାନା ସାହୁ ହାଜତରେ ବନ୍ଦୀ ହୋଇ ରହିଛି । ନିଜ ପାଖେ ଟଙ୍କା ନ ଥିବାରୁ ସେ ପଦ୍ମନାଭଠାରୁ ପାଞ୍ଚ ଟଙ୍କା ଉଧାର କରି ଗୋପନରେ ଥାନା ସାହୁ ପାଖକୁ ପଠାଇଦେଲା । ଧାର କରିବା ସେଥର ତା ଜୀବନରେ ପ୍ରଥମ । ପଦ୍ମନାଭ ଅନେକ ଥର ଅନୁନୟ ବିନୟ କରି ତାକୁ ଯାହା କରାଇ ପାରି ନ ଥିଲା, ଆଜି ପିତାଙ୍କ ଆଦେଶ ସ୍ମରଣ କରି, କର୍ତ୍ତବ୍ୟ ଅନୁରୋଧରେ, ସେ ନିଜେ ତାହା କରି ବସିଲା । ସେ ମନକୁ ମନ କହିଲା, "ଏ ତ କିଛି ଭୋଗବିଳାସ ପାଇଁ ନୁହେଁ; କର୍ତ୍ତବ୍ୟର ଅନୁରୋଧ, ପିତାଙ୍କ ପବିତ୍ର ଆଦେଶ ।"

ବନମାଳୀ କ୍ରମେ ବେଶୀ ଅଧୀର ଓ ଚଞ୍ଚଳ ହୋଇପଡ଼ିଲା । ମୁହୂର୍ତ୍ତିକ ପାଇଁ ସେ ତା ହୃଦୟର ଅମୂଲ୍ୟ ପ୍ରତିମା ଅପ୍‌ସରା ରୂପସୀକୁ ସେଦିନ ଦେଖିଥିଲା । ସେ ପୁଣି ମୁହୂର୍ତ୍ତିକ ମଧ୍ୟରେ ତା ଦୃଷ୍ଟି ପଥରୁ ଅନ୍ତର୍ହିତ ହୋଇଗଲା । ବନମାଳୀ ତାର ଯେଉଁ କାଳ୍ପନିକ ନାମ ଏତେଦିନ ମନ ମଧ୍ୟରେ ଜପୁଥିଲା, ସେ ନାମ ଆଜି ତାକୁ ଅଳୀକ ବୋଧହେଲା । କୁଳୁଙ୍ଗା ତ ଡାକନାମ, କୁମାରୀର ପ୍ରକୃତ ନାମ ସେ ବୁଝିପାରିଲା ନାହିଁ । ସେ ଭାବିଲା, "ସଦାଶିବ କଣ ସତେ ପୋଲିସକୁ ଡରି ପଳେଇ ଗଲେ ? ତେଲିଙ୍ଗା-ବଜାରରେ ସେ ଦିନ ମୁଁ ଯେଉଁ ମଜୁରିଆକୁ ଦେଖି ସଦାଶିବ ମହାନ୍ତି ବୋଲି ମନେ କରିଥିଲି, ସେ ପ୍ରକୃତରେ ସଦାଶିବ ମହାନ୍ତି ହବ ।" ସେ ଏହିପରି ନାନା କଥା ଭାବି କିଛି ଠିକ୍ କରିପାରିଲା ନାହିଁ; ଅନିଶ୍ଚିତ ସନ୍ଦେହରେ ପଡ଼ିଲା । କିନ୍ତୁ ସବୁସତ୍ତ୍ୱେ, କୁମାରୀ ପ୍ରତି ତା ହୃଦୟର ଅନନ୍ତ ପ୍ରେମରୁ ଟିକେ ଉଣା ହେଲାନାହିଁ ।

ଦଳିକୋଠାର ଧରପଗଡ଼ରେ ସର୍ଦ୍ଦାର ମହାପାତ୍ରଙ୍କ ପ୍ରଶଂସା ସବୁଆଡ଼େ ବ୍ୟାପିଗଲା, କିନ୍ତୁ ସେ ସେ ଘରର ବନ୍ଦୀକୁ ଧରି ପାରିଲେ ନାହିଁ, ସେଥିଲାଗି ଆଉ ଯେ ଯାହା କହନ୍ତୁ, ସେ ନିଜ ଜୀବନକୁ ତୁଚ୍ଛ ମଣିଲେ । ତା ପରେ ପୁଣି ଜୁଆରୀ ଧରା ହୋଇ ବାଟରେ ଆସୁ ଆସୁ ଚମ୍ପାକୁ ଦେଖି ତା ସଙ୍ଗେ ଖସି ଚାଲିଗଲା । ଚମ୍ପା ଅବଶ୍ୟ ଧରା ପଡ଼ିଲା; କିନ୍ତୁ ତା ବିରୁଦ୍ଧରେ ପ୍ରମାଣ ନ ମିଳିବାରୁ ସେ ଖଲାସ ହୋଇଗଲା । ବାଞ୍ଛା ମଧ୍ୟ ବାଟରେ କୌଣସି ଉପାୟରେ ଖସି ଚାଲିଗଲା । ସେ କଥା ଫାଣ୍ଡିରେ ଯାଇ ଜଣାପଡ଼ିଲା । କେହି କେହି କହିଲେ, ସିପାହୀମାନେ ତାକୁ ଜାଣି ଛାଡ଼ିଦେଲେ ।" ସେ ଯାହାହେଉ, ସର୍ଦ୍ଦାର ମହାପାତ୍ରଙ୍କର ମନର ଦୁଃଖ ମେଣ୍ଟିଲା ନାହିଁ ।

ବନମାଳୀ ଘର ଭିତରୁ ବାହାର କେଉଁଆଡ଼େ ବିଶେଷ ଯିବା ଆସିବା କରୁନାହିଁ । କେବଳ ବେଳେ ବେଳେ ସେ ଗଦାଧରର ସହିତ ଦେଖା କରିବାକୁ ତା ଫୁଲ ବଗିଚାକୁ ଯାଏ । ଗଦାଧରର ଆର୍ଥିକ ଅବସ୍ଥା କ୍ରମେ ନିତାନ୍ତ ହୀନ ହୋଇ ଆସିଥିଲା; ଏପରିକି, ଅନେକ ଦିନ ତାକୁ ଉପବାସରେ କଟାଇବାକୁ ପଡ଼ୁଥିଲା । ଦିନେ ସେ ବଗିଚା ମଧ୍ୟରେ ପୋଥି ଖଣ୍ଡିଏ ଧରି ବସି, କିଛି ସମୟ ପଢ଼ି, ତା ପରେ ଚିନ୍ତାରେ ମଗ୍ନ ହୋଇ ରହିଛି, ସେତେବେଳେ ଶୁଣିଲା, "ଗଦାନନା, ତୁମ ବଗିଚାରେ ପାଣି ମଡ଼େଇଦେବି ?" ସଙ୍ଗେ ସଙ୍ଗେ କଣ୍ଟାବାଡ଼ରେ ଗୋଟାଏ ଖଡ଼୍‌ଖାଡ଼୍ ଶବ୍ଦ ହେଲା । ମନେ ହେଲା, ଯେପରି ବ୍ୟାଘ୍ର କିମ୍ବା ଘୁଷୁରି ବାଡ଼ ଭାଙ୍ଗି ପଶୁଛି; କିନ୍ତୁ ବାଡ଼ ଭିତରୁ ଗୋଟିଏ ବାଳିକା ବାହାରି ଠିଆହେଲା ।

ବାଳିକା ବଗିଚାରେ ପାଣି ଦେଇ ସାରିବା ପରେ ଗଦାଧର ତା ନିକଟକୁ ଯାଇ କହିଲା, "ଝିଅ, ତୁ କେତେ କାମ କଲୁ; ଆହା, ମୋର କଣ ଅଛି ଯେ ତୋତେ ବକସିସ୍ ଦେବି ?"

"ମୋର ଆଉ କିଛି ଲୋଡ଼ା ନାହିଁ । ମୋତେ ଖାଲି କହିଦିଅ, ବନମାଳୀ ବାଏ ଓକିଲ ଏବେ କୋଉଠି ରହୁଚନ୍ତି ।" ଶୁଣି, ଗଦାଧର କିଛିକ୍ଷଣ ଭାବି ଗୋଟାଏ ସ୍ଥାନର ନାମ କହିଲା । ବାଳିକା ସ୍ୱପ୍ନର ପ୍ରତିମା ପରି ହଠାତ୍ କେଉଁଆଡ଼େ ଉଭେଇ ଗଲା । ଗଦାଧର ମନେ ମନେ ଭାବିଲା, "ମୋ ବଗିଚାରେ ପାଣି ଦିଆ ହୋଇ ନ ଥିଲେ, ମୁଁ ନିଶ୍ଚୟ ବିଶ୍ୱାସ କରିଥାନ୍ତି ଯେ ଏଟା ଗୋଟାଏ ଭୂତ ଆସିଥିଲା ।"

ଗଦାଧର ବଗିଚାକୁ ଏ ଭୂତ ଯେଉଁଦିନ ଆସି ଚାଲିଗଲା, ତା ପରେ ଦିନେ ବନମାଳୀ ଖାନା ଖାଦ୍ୟ ପାଇଁ ପାଞ୍ଚଟି ଟଙ୍କା ଧରି ଘରୁ ବାହାରି ଆସିଲା । ସେ ପଦ୍ମନାଭ ଠାରୁ ଯେଉଁ ପାଞ୍ଚ ଟଙ୍କା ଧାର କରିଥିଲା, ଏ ସେହି ଟଙ୍କା । ବନମାଳୀ ଟଙ୍କା ଧରି ଇଦଗାପଡ଼ିଆ ଆଡ଼କୁ ଗଲା । ବାସ୍ତବରେ ପଦ୍ମନାଭ ଘର ଅପେକ୍ଷା ସେହି ପଡ଼ିଆରେ ତାର ଅନେକ ସମୟ ଯାଏ । ସେଥିପାଇଁ ଗଦାଧରକୁ ସେ ତାର ସେହି ଠିକଣା କହିଥିଲା ।

ଇଦଗାପଡ଼ିଆରେ ବନମାଳୀ ଚିନ୍ତାମଗ୍ନ ହୋଇ ବସିଚି, ଶୁଣିଲା, "ଆଃ, ଏଇ ତ ସେ ।" ତହୁଁ ସେ ଆଖି ଫିଟାଇ ଚାହିଁ ଦେଖିଲା, ଆଗରେ ଚମ୍ପା ଠିଆ ହୋଇଛି । ଚମ୍ପା କହିଲା, "ଗଦାନା ଠିକ୍ କହିଥିଲେ ତ । ମୁଁ ତୁମକୁ ଦେଢ଼ ମାସ ହେଲା ଖୋଜିବୁଲୁଚି; ଆଜି ପାଇଲି । ନେ ଆଉ ସେ ଘରେ ନାହିଁ ? କେଉଁଠି ରହୁଚ କହ ନା ? ମୁହଁ ଶୁଖେଇ କାହିଁକି ବସିଚ ? ମୁଁ ତୁମ ଶୁଖିଲା ମୁହଁକୁ, ଦେଖିବ, ସରସ କରିଦେବି । ମୁଁ ଗାରିଡ଼ି ମନ୍ତ୍ର ଜାଣେ ।"

ବନମାଳୀ ଚମ୍ପାର ଏତେ ପ୍ରଶ୍ନର ଉତ୍ତର ନ ଦେଇ ଗମ୍ଭୀର ସ୍ୱରରେ ନୀରବ ହୋଇ ବସିଥିଲା; ମାତ୍ର ତାର ଶେଷ କଥା ପଦକ ଶୁଣି ପଚାରିଲା, "କଣ କହୁଚୁ ତୁ ?" ଉତ୍ତର ଶୁଣିଲା, "ମୁଁ ଠିକଣା ପାଇଚ ।" ବନମାଳୀ ଶେତା ପଡ଼ିଗଲା । ତା ଦେହର ସମୁଦାୟ ରକ୍ତ କ୍ଷଣକ ନିମନ୍ତେ ହୃତ୍ପିଣ୍ଡ ମଧ୍ୟକୁ ବୋହି ଚାଲିଗଲା । ସେ ପଚାରିଲା, "କି ଠିକଣା ?" ଉତ୍ତର ଶୁଣିଲା, "ମୋହ ଠିକଣା ମାଗିଥିଲ ।"

ବନମାଳୀ ଡେଇଁପଡ଼ି, ଚମ୍ପାର ହାତ ଧରିପକାଇ, କହିଲା, 'ମୋତେ ସେଠାକୁ ନେଇଯାନା । କୋଉଠି ମୋତେ କହିଦେ । ମତେ ଆଉ ପାଗଳ କରନା ।"

"ମୋ ସାଙ୍ଗରେ ଆସ, ଦେଖେଇ ଦେବ । ମୁଁ କଣ ଗଳଫକାର ନାଁ ଜାଣିଚ ? ଖାଲି ପରଖା ଚାହିଁଚି ।" କହି, ଚମ୍ପା ବନମାଳୀ ହାତରୁ ତା ହାତ ଖସାଇନେଲା । ମାତ୍ର ବନମାଳୀ ପୁଣି ଚମ୍ପା ହାତ ଧରି ପକାଇ କହିଲା, "ତୁ ମୋ ପାଖେ ସତ୍ୟ କର, ଚମ୍ପା ସେ ଠିକଣା ତୋ ବାପାକୁ କହିବୁ ନାହିଁ ।" ଶୁଣି ଚମ୍ପା ଚମକି ପଡ଼ି ପଚାରିଲା, ' ତୁମେ ମୋ ନା କିମିତି ଜାଣିଲ ?" ବନମାଳୀ ଚମ୍ପାର ଦୁଇବାହୁକୁ ଧରି ପକାଇଲା । ' ତୁ ସତ୍ୟକର, ତୁ ସେ ଠିକଣା ବାପାକୁ କେବେ କହିବୁ ନାହିଁ ।"

ମୋତେ ଇମିତି ଧଇଲେ କଣ କହିବ ନାହିଁ ? ଆଚ୍ଛା, କହୁଚ, ସତ୍ୟ କରୁଚ, ବାପାକୁ କହିବ ନାହିଁ, ତିବାର ସତ୍ୟ ।"

"ଆଉ କାହାକୁ ମଧ୍ୟ ନୁହେଁ ।"

"ଆଚ୍ଛା, ଆଉ କାହାକୁ ମଧ୍ୟ ନୁହେଁ ?"

"ତେବେ ଚାଲ, ମୋତେ ସେଠାକୁ ନେଇଯା ।"

"ଆସ, ଆଃ ଦେଖ, ବନମାଳୀ ବାବୁଙ୍କ ମୁହଁ କିମିତି ପ୍ରସନ୍ନ ହୋଇଆସିଲାଣି । ଆଚ୍ଛା, ବନମାଳୀ ବାବୁ, ମେ ମୋତେ କଣ ଦବ ବୋଲି କହିଥିଲ, ମନେ ଅଛି ।" ବନମାଳୀ କୁରୁତା ପକେଟରେ ହାତ ପୂରାଇ ଦରାଣ୍ଡି ଦେଖିଲା, ଦୀନା ସାହୁ ପାଇଁ ସେ ପାଞ୍ଚଟି ଟଙ୍କା ଆଣିଥିଲା, ତା ଛଡ଼ା ତା ପାଖେ ଆଉ କିଛି ନାହିଁ । ସେ ଟଙ୍କା ପାଞ୍ଚଟି କାଢ଼ି ଚମ୍ପା ହାତରେ ଦେଲା । ଚମ୍ପା ଟଙ୍କାତକ ହାତରୁ ତଳେ ଗଳାଇ ପକାଇ, ନୀରସ ସ୍ୱରରେ କହିଲା, "ମୁଁ ଟଙ୍କା ମାଗି ଆସିଥିଲିନା ?"

—୩୮—

# ପ୍ରେମର ସଞ୍ଚାର

କଟକର ଜଣେ ବଙ୍ଗାଳୀ ମାଜିଷ୍ଟ୍ରେଟ ସାହେବଜାଦା ବଜାରରେ ଗୋଟିଏ ଭଡ଼ା ଘରେ ରହୁଥିଲେ । ସେ ବଦଳି ହୋଇ ଯିବା ପରେ, ଜଣେ ବୟସ୍କ ଲୋକ ସେ ଘରଟି ଭଡ଼ା ନେଇ ଜଣେ ଯୁବତୀ ଏବଂ ଜଣେ ବୁଢ଼ୀ ସଙ୍ଗେ ବାସ କରିବାକୁ ଲାଗିଲେ । ତା ଆଖପାଖେ ଆଉ କାହାରି ଘର ନଥିଲା । ବୟସ୍କ ଲୋକଟି ପାଣ୍ଡୁ ନାଏକ ଏବଂ ଯୁବତୀଟି ରମା । ବୁଢ଼ୀଟି ପାଣ୍ଡୁ ନାଏକର ରୁକଣିଆଣୀ, ନାମ ମାଣିକ । ଘରଟି ଅଭୟ ଦାସ ନାମରେ ଭଡ଼ା ନିଆ ଯାଇଥିଲା ।

ଯାନା ସାହୁ ଯେତେ ସହଜରେ ପାଣ୍ଡୁ ନାଏକକୁ ଚିହ୍ନି ପକାଇଲା, ଏପର୍ଯ୍ୟନ୍ତ ଯାହା କୁହାଯାଉଛି, ପାଠକ ସେଥିରୁ ଆହୁରି ସହଜରେ ତାଙ୍କୁ ଚିହ୍ନି ପାରିଥିବେ । କିନ୍ତୁ ସେ ଯେ କାହିଁକି ମାତାମଠ ଛାଡ଼ି ଚାଲିଆସିଲା, ତାର କାରଣ ଜାଣି ନଥିବେ । ପାଣ୍ଡୁ ନାଏକ ରମାକୁ ଧରି ମଠ ଭିତରେ ନିଶ୍ଚିନ୍ତ ହୋଇ ଆନନ୍ଦରେ କାଳ କଟାଉଥିଲା । କିନ୍ତୁ କେତେ ବର୍ଷ ଗଲା ପରେ ସେ ଦିନେ ମନେ ମନେ ଭାବିଲା, "ରମା ପିଲା ଥିଲା, ବଡ ହେଲା । ଏଠେଇ ତ ବାଆ ନହୋଇ ରହିବାକୁ ହେବ । ତେବେ ଜୀବନର ସୁଖ ଦୁଃଖ ସେ ଜାଣିବ କଣ ? ଭବିଷ୍ୟତ୍‌ରେ ମୋତେ ସିନା ଦାୟୀ ହବାକୁ ପଡ଼ିବ ।" ସେ ଭାବନା ତା ମନରେ ଯେତିକି ସ୍ଥାୟୀ ହେଲା, ଜୀବନଟା ତାକୁ ସେତିକି ଅସହ୍ୟ ବୋଧହେଲା; ସୁତରାଂ, ସେ ମଠ ଛାଡ଼ିବାକୁ ସ୍ଥିର କଲା ।

ପାଣ୍ଡୁ ନାଏକ ମଠ ଛାଡ଼ି ଗଲା ଦିନ ଅନ୍ୟାନ୍ୟ କେତେକ ଜିନିଷ ମଧ୍ୟରେ ଗୋଟିଏ ଛୋଟିଆ ପେଡ଼ି ସଙ୍ଗରେ ନେଲା । ସେହି ପେଡ଼ିଟିର ଚାବି ସେ ନିଜ ପାଖରେ ସର୍ବଦା ରଖିଥାଏ । ତାହା ଦେଖି ରମା ମନରେ କୌତୁହଳ ଜନ୍ମେ । ସେ ପେଡ଼ିରେ କେବଳ ଗୋଟିଏ ପଦାର୍ଥ ପାଣ୍ଡୁ ନାଏକ ବାହାରେ ରଖିଥିଲା । ତାହା ଖଣ୍ଡିଏ ରୁମାଲ, ପାଣ୍ଡୁ ନାଏକ ଓ ରମାର କୋଠ ସମ୍ପତ୍ତି । ପାଣ୍ଡୁ ନାଏକ ଅଳ ଭିତରେ ଅନେକ ଦିନରୁ ଖଣ୍ଡିଏ ରୁମାଲ ପଡ଼ିଥିଲା । ରମା ମଠରେ ଥିଲାବେଳେ, ଅକ୍ଷର ଲେଖି ଶିଖି, ପ୍ରଥମେ ସେହି ରୋମାଲ ଉପରେ, 'ଅଭୟ ଦାସ'ର ପ୍ରଥମ ଅକ୍ଷର 'ଅ' ଏବଂ ରମାର ପ୍ରଥମ ଅକ୍ଷର 'ର' ଲେଖି ଶେଷରେ ଗୋଟିଏ ପୂର୍ଣ୍ଣଚ୍ଛେଦ ଦେଇଥିଲା । ପୂର୍ଣ୍ଣଚ୍ଛେଦଟା 'ର' ଦେହରେ ଲାଗି ଯାଇଥିଲା । ରୋମାଲ ଉପରେ ଅକ୍ଷର ଲେଖି ରମା ପାଣ୍ଡୁ ନାଏକକୁ ଆଣି ଦେଲା । ପାଣ୍ଡୁ ନାଏକ ରୁମାଲଟିକୁ କେତେ ଦିନ ପେଡ଼ି ଭିତରେ ରଖି, ପୁଣି ଦିନେ ବାହାର କରି ନିଜ ଲୁଗାପଟା ସଙ୍ଗେ ରଖିଲା ।

ପାଣ୍ଡୁ ନାଏକ କେବଳ ଯେ ସାହେବଜାଦା ବଜାରରେ ଖଣ୍ଡିଏ ଘର ଭଡ଼ା ନେଇଥିଲା, ତା ନୁହେଁ । ସେ ସଙ୍ଗେ ସଙ୍ଗେ ଖଣ୍ଡିଏ ଘର ଓଡ଼ିଆ ବଜାରରେ ଏବଂ ଆଉ ଖଣ୍ଡିଏ ଘର ତେଲଙ୍ଗା ବଜାରରେ ମଧ୍ୟ ନେଇଥିଲା । ସେ ଗୋଟାଏ ଘରେ ଏକାଦିକ୍ରମେ ଅନେକ ଦିନ ରହିଲେ, କୋଠାରେ ଥିଲାବେଳେ ସର୍ଦ୍ଦାରି ମହାପାତ୍ରଙ୍କ ଦୃଷ୍ଟିରେ ପଡ଼ିଲା ପରି, କାଲେ କେତେବେଳେ କାହା ଦୃଷ୍ଟିରେ ପଡ଼ିବ, ସେଥିପାଇଁ ଏକ ସମୟରେ ତିନୋଟି ଘର ଭଡ଼ା ନେଇ ପ୍ରତ୍ୟେକ ଘରେ ବର୍ଷର ଚାରିମାସ କଟାଇବାକୁ ସ୍ଥିର କରିଥିଲା । ମାଣିକ ସାହେବଜାଦା ବଜାର ଘରେ ରହେ । ପାଣ୍ଡୁ ନାଏକ ତେଲଙ୍ଗା ବଜାର କିମ୍ବା ଓଡ଼ିଆ ବଜାର ଘରକୁ ଗଲେ, କେବଳ ରମାକୁ ସାଥିରେ ଧରି ଯାଏ ।

ପ୍ରକୃତ ପକ୍ଷେ କହିବାକୁ ଗଲେ ସାହେବଜାଦା ବଜାର ଘରଟା ପାଣ୍ଡୁନାଏକର ରହିବାର ପ୍ରଧାନ ସ୍ଥାନ । ସେ ଘର ଉପର ମହଲାରେ ରମା ମାଣିକକୁ ଧରି ରାତିରେ ଶୁଏ । ପାଣ୍ଡୁ ନାଏକର ଶୋଇବା ସ୍ଥାନ ତଳ ମହଲା । ଖାଇବା ଏବଂ ବୁଲିବାବେଳେ ରମା ସହିତ ପାଣ୍ଡୁ ନାଏକର ଦେଖା ସାକ୍ଷାତ ହୁଏ । ରମା ରୁପା ଥାଳିରେ ସରୁ ଚାଉଳ, ଦୁଧ ଘିଅ ଭୁଞ୍ଜେ; ପାଣ୍ଡୁ ନାଏକ ତା ପାଖେ ବସି ଶାଗ ଖରଡ଼ା ସହିତ ବଡ଼ଚଡ଼ା ଚାଉଳ ଭାତ ଖାଏ । ପାଣ୍ଡୁ ନାଏକ ମାଣିକକୁ କହେ, "ରମା ଏ ଘର ମାଲିକ ।" ମାଣିକ ଆଚମ୍ଭିତ ହୋଇ ପଚାରେ, "ଆଉ ତମେ ?" ସେ ଉତ୍ତର ଶୁଣେ, "ମୁଁ ମାଲିକଠୋଉ ଆହୁରି ଉପରେ; ତା ବାପା "

ସାହେବଜାଦା ବଜାର ଘରେ ହେଉ, ଓଡ଼ିଆ ବଜାର ଘରେ ହେଉ ବା ତେଲଙ୍ଗା ବଜାର ଘରେ ହେଉ, ଯେଉଁଠାରେ ରହିଲେ ସୁଦ୍ଧା, କାଳାପଡ଼ିଆକୁ ରମାକୁ ଧରି ବୁଲିଯିବା ପାଣ୍ଡୁ ନାଏକର ଗୋଟାଏ ନିତ୍ୟନୈମିତ୍ତିକ କାର୍ଯ୍ୟ ଥିଲା । ଓଡ଼ିଆବଜାର ଘରେ ରହିଲାବେଳେ ସେ କଟକଚଣ୍ଡୀ ଦେଉଳକୁ ପ୍ରାୟ ପ୍ରତିଦିନ ଯାଉଥିଲା ଏବଂ ଦେଉଳ ପାଖେ ଦୁଃଖୀ ଭିକାରୀଙ୍କୁ ଟଙ୍କା ପଇସା ବାଣ୍ଟୁଥିଲା ।

ରମା ପ୍ରାୟ ତେର ବର୍ଷ ବୟସରେ ମଠ ଛାଡ଼ି ସଂସାରରେ ପାଦ ପକାଇଥିଲା । ସେତେବେଳେ କେବଳ ଆଖି ଦିଓଟି ଛଡ଼ା ତା ଦେହରେ ସୌନ୍ଦର୍ଯ୍ୟର ଅନ୍ୟ କୌଣସି ଚିହ୍ନ ନ ଥିଲା । ସେ ମଠରେ ଥିଲାବେଳେ ଯାହା ପଢ଼ାଶୁଣା କରିଥିଲା, ମଠରୁ ଆସି ତା ଅପେକ୍ଷା ଅନେକ ନୂଆ ନୂଆ ବିଷୟ ପଢ଼ି ଶିଖିଲା ଓ ଜୀବନ ଗଢ଼ିବାକୁ ଚେଷ୍ଟା କଲା ।

ରମା ତା ବାପ, ଅର୍ଥାତ୍ ପାଣ୍ଡୁ ନାଏକକୁ ଅତିଶୟ ସ୍ନେହ ଏବଂ ଭକ୍ତି କରୁଥିଲା । ଅନେକ ପରିମାଣରେ ସେ ତାକୁ ନିଜ ମନ୍ତ୍ରଗୁରୁ ପରି ମାନି ଚଳୁଥିଲା ।

ପାଣ୍ଡୁ ନାଏକ ମଧ୍ୟ ରମାକୁ ଜୀବନର ଅମୂଲ୍ୟ ସମ୍ପଦ ବୋଲି ମନେ କରୁଥିଲା । ଯୌବନରେ ସୁଦ୍ଧା ରମାର କେତେଗୁଡ଼ିଏ ପିଲାଦିନ ଅଭ୍ୟାସ ରହିଥିଲା । ସେ ପ୍ରଜାପତି ଧରିବାକୁ ଧାଇଁ ଧାଇଁ ଶେଷରେ ଆସି କହେ, "ଓଃ ମୁଁ ଥକିଗଲିଣି" କହି ପାଣ୍ଡୁ ନାଏକ କୋଳରେ ମୁଣ୍ଡ ଦେଇ ଶୋଇପଡ଼େ । ପାଣ୍ଡୁ ନାଏକ ରମାର କପାଳରେ ଚୁମ୍ବନ ଦେଇ, ଗୋଟାଏ ଦୀର୍ଘନିଃଶ୍ୱାସ ପକାଏ ।

ରମା ପିଲା ହୋଇଥିଲାବେଳେ ପାଣ୍ଡୁ ନାଏକ ତା ମା କଥା ତାକୁ ସ୍ୱଚ୍ଛନ୍ଦରେ କହୁଥିଲା; କିନ୍ତୁ ତା ବୟସ ସଙ୍ଗେ ବୁଝିବା ଶକ୍ତି ବଢ଼ିବାର ଦେଖି, ସେ ବିଷୟ ଗଳ୍ପ କରିବାକୁ ସେ ଆଉ ସାହସ କଲାନାହିଁ । ଅବଶ୍ୟ ସେ ବେଳେ ବେଳେ ଅଭାଗିନୀ ରାଧାର ସ୍ମୃତି ମନେ ପକାଇ ଦୁଃଖରେ ବିହ୍ୱଳ ହୋଇପଡ଼େ । କିନ୍ତୁ ସେତେବେଳେ ସେ ଆଖି ଆଗେ ଗୋଟିଏ ମୂର୍ତ୍ତି ଦେଖେ । ମୂର୍ତ୍ତିଟି ନିଜ ଓଠରେ ଗୋଟିଏ ଆଙ୍ଗୁଠି ଦେଇ ଠିଆ ହୋଇଥିବାର ତାକୁ ଦେଖାଯାଏ । ରମା ବେଳେ ବେଳେ ସେ ଆଙ୍ଗୁଠିଟି ଉଠାଇ ଦିଏ; ଆସି କହେ, "ବାପା, ମୁଁ କାଲି ରାତିରେ ମା'କୁ ସ୍ୱପ୍ନରେ ଦେଖିଲି । ସେ ଜଣେ ସ୍ୱର୍ଗର ଦେବୀ; ନା ?" ପାଣ୍ଡୁ ନାଏକ ଉତ୍ତର ଦିଏ, ହଁ ମା, ତ୍ୟାଗ ବଳରେ ପରା ଦେବୀ ପାଲଟିଛି ।"

ଦିନେ ରମା ଅକସ୍ମାତ ଦର୍ପଣରେ ନିଜ ମୁହଁ ଦେଖି ଧକାଇ ଚମକି ପଡ଼ି କହିଲା, "ଆରେ !" ସେ ପର୍ଯ୍ୟନ୍ତ ନିଜ ମୁହଁ ବିଷୟରେ ତାର କୌଣସି ଧାରଣା ନ ଥିଲା । ଅବଶ୍ୟ ସେ ଯେ କେବେ ଦର୍ପଣରେ ମୁହଁ ଦେଖି ନ ଥିଲା, ତା ନୁହେଁ; କିନ୍ତୁ ମୁହଁର ସୌନ୍ଦର୍ଯ୍ୟ ଉପରେ ତା ଦୃଷ୍ଟି କେବେ ପଡ଼ି ନ ଥିଲା । ସେଦିନ ସେ ଦର୍ପଣରେ ସେ ସୌନ୍ଦର୍ଯ୍ୟ ଦେଖିପାରିଲା । ଅନ୍ୟ ଲୋକେ ଯେତେବେଳେ ରମାକୁ କୁତ୍ସିତ କଦର୍ଯ୍ୟ ବୋଲି କହନ୍ତି, ଏକମାତ୍ର ପାଣ୍ଡୁ ନାଏକ ଧୀର ସ୍ୱରରେ କହେ, "ନା, ନା, ସବୁ କଥା ମିଛ ।" ତଥାପି ରମା ବୁଝିଥିଲା ଯେ ତାର ଆଦୌ ସୌନ୍ଦର୍ଯ୍ୟ ନାହିଁ । କିନ୍ତୁ ସେଦିନ ସେ ଶୁଣିଲା, ପାଣ୍ଡୁ ନାଏକ ବରାବର ଯାହା କହି ଆସିଛି, ଦର୍ପଣଟା ମଧ୍ୟ ତାକୁ ସେହି, "ନା, ନା," କହିଲା । ବାସ୍ତବରେ ରମାର ସୌନ୍ଦର୍ଯ୍ୟ କାଳକ୍ରମେ ଫୁଟି ଉଠିଥିଲା, ତା ବର୍ଣ୍ଣର ମଳିନତା ଯାଇ ଚମ୍ପା ଫୁଲ ଆଭା ବିକଶିଥିଲା, ବାଳ ପେଣ୍ଡା ଆଣ୍ଠୁ ତଳକୁ ପଡ଼ୁଥିଲା । ମୁହୂର୍ତ୍ତକ ମଧ୍ୟରେ ରମା ନିଜର ସୌନ୍ଦର୍ଯ୍ୟ ଉପଲବ୍ଧି କଲା । ପାଣ୍ଡୁ ନାଏକ ଦିନକୁ ଦିନ ରମାର ଅଙ୍ଗ ପ୍ରତ୍ୟଙ୍ଗରେ ସୌନ୍ଦର୍ଯ୍ୟର ବିକାଶ ଦେଖି, କିଛିଏ ସଙ୍କୁଚିତ ବୋଧ କରୁଥିଲା । ସଙ୍କୋଚ କ୍ରମେ ଗୋଟାଏ ଅପରିଜ୍ଞାତ ଭାବନାରେ ପରିଣତ ହେଲା ।

ରମା ସେଇଦିନ ମନେ ମନେ ଭାବିଲା, "ଆହା, ମୁଁ କେଡ଼େ ସୁନ୍ଦରୀ," ସେହିଦିନଠାରୁ ସେ ବେଶଭୂଷା ପ୍ରତି ଅଧିକ ଦୃଷ୍ଟି ଦେବାକୁ ଲାଗିଲା । ନିଜ

ସୌନ୍ଦର୍ଯ୍ୟର ପ୍ରତ୍ୟୁତ୍ କରିବାରୁ ରମଣୀସୁଲଭ ଲଳିତ୍ୟ ତା ପ୍ରାଣରେ ଫୁଟିଉଠିଲା । ସେ ଯେତେବେଳେ ଯେ ପ୍ରକାର ବେଶଭୂଷା ବରାଦ କଲା, ପାଣ୍ଡ୍ରି ନାଏକ ଅନାନ୍ତରରେ ତାହା କିଣି ଆଣିଦେଲେ । ମାସକ ମଧ୍ୟରେ ରମା କଟକ ସହରର ଅପ୍‌ଧ୍ୱସ୍ତ ହୋଇ-ପଡ଼ିଲା । କିନ୍ତୁ ରମଣୀ ଶାସନ ଅଭାବରୁ ବେଶଭୂଷା ବିଷୟରେ ରମାର ବେଳେ ବେଳେ ଭୁଲ ହୋଇଯାଉଥିଲା । ମା ଥିଲେ ତା ମୁଣ୍ଡରେ ଯେ ସିନ୍ଦୁର ଟୋପି ଲଗାଇ ଦେଉଥାନ୍ତା, ସେ ସେଥିରୁ ବଞ୍ଚିତ ହୋଇ ରହିଥିଲା । ପୁରୁଷ ବ୍ୟକ୍ତି ଦେଖିଲେ ଲୁଚିବା, ଦାନ୍ତକୁ ନ ବାହାରିବା, ପଣତକାନିରେ ମୁହଁ ଘୋଡ଼ାଇ ରଖିବା ଆଦି ସ୍ତ୍ରୀଜାତିସୁଲଭ ଗୁଣରେ ସେ ଆଦୌ ହିନେ ଅଭ୍ୟସ୍ତ ହୋଇ ନ ଥିଲା । ସୁତରାଂ ବୟସ୍କା ସ୍ତ୍ରୀବ୍ୟକ୍ତି ଓ ବୃଦ୍ଧାମାନେ ତାକୁ 'ଅଣ୍ଡିରିଚଣ୍ଡୀ' ବୋଲି ମନେ କରୁଥିଲେ । ଆବାଲ୍ୟରୁ କେବଳ ପୁରୁଷ ଓ ବିଶେଷରେ ପାଣ୍ଡ୍ରି ନାଏକ ପରି ଜଣେ ପୁରୁଷ ସଙ୍ଗରେ ରହି, ରମା ପୁରୁଷସୁଲଭ ଚାଲିଚଳନ ଅନୁକରଣ କରିଥିଲା ।

ଛ'ମାସର ଅନୁପସ୍ଥିତି ପରେ ବନମାଳୀ ଜିଲ୍ଲା ପଢ଼ିଆରେ ଯେ ରମାକୁ ଭେଟିଲା, ତାହା ରମା ଜୀବନର ସେହି ସମୟରେ । ପ୍ରେମ ନିବିନ୍ଧ ରାଜ୍ୟରେ ଗୋଟାଏ ସାମାନ୍ୟ ଅପାଙ୍ଗର ଯେ କି ମୂଲ୍ୟ, ତାହା ଲେଖନୀରେ ପ୍ରକାଶ କରିବା ଅସମ୍ଭବ । ବନମାଳୀ ଯେତେବେଳେ ରମାର ସୌନ୍ଦର୍ଯ୍ୟ ଦେଖିବାକୁ ତା ନିକଟରେ ବାରମ୍ବାର ଯାତାୟାତ କରୁଥାଏ, ରମା ଗୋପନରେ କେତେବେଳେ ତା ଆଡ଼କୁ କଟାକ୍ଷ ପକାଇଲା, ତାହା ସେ ଜାଣେ; ବନମାଳୀ କୌଣସି ଆଭାସ ପାଉନଥିଲା; କିନ୍ତୁ ପରେ ସେହି କଟାକ୍ଷ ଯୋଗେ ଉଭୟେ ମଦନଶରର ପୀଡ଼ା ଅନୁଭବ କରିବାକୁ ଲାଗିଲେ । ଅବଶ୍ୟ ବେଳେ ବେଳେ ରମାର ସୌନ୍ଦର୍ଯ୍ୟରେ ବନମାଳୀର ସନ୍ଦେହ ଜନ୍ମେ; କିନ୍ତୁ ରମା ବନମାଳୀକୁ ପୁରୁଷସୌନ୍ଦର୍ଯ୍ୟର ଆଦର୍ଶ ବୋଲି ମନେ କଲା । ପ୍ରେମ-ରାଜ୍ୟରେ ରମଣୀ ଲଜ୍ଜାଶୀଳା ଏବଂ ପୁରୁଷ ସାହସିକତାର ଦୃଷ୍ଟାନ୍ତ । ବନମାଳୀ ରମା ହୃଦୟର ସ୍ନେହ ଉପଲବ୍ଧି କରି, କାହିଁକି ସେ ନିଜ ଆଡ଼ୁ ସ୍ନେହର କିଛି ଆଭାସ ଦେଉନାହିଁ ଏହି ଚିନ୍ତା ରମା ବେଳେ ବେଳେ ପ୍ରାଣରେ ବିଷାଦ ଅନୁଭବ କରୁଥିଲା ।

ଯେଉଁଦିନ ବନମାଳୀ ଓ ରମା ମଧ୍ୟରେ ପ୍ରଥମ ଦୃଷ୍ଟିର ଆଦାନ ପ୍ରଦାନ ହେଲା, ସେଦିନ ରମା ଘରକୁ ଫେରିଆସି ଆନନ୍ଦରେ ମଗ୍ନ ହୋଇ ରହିଲା । ଆରଦିନ ରମା ପାଣ୍ଡ୍ରି ନାଏକ ସହିତ ଜିଲ୍ଲାପଡ଼ିଆକୁ ବୁଲିବାକୁ ଯାଇ ଦେଖିଲା, ବନମାଳୀ ପଡ଼ିଆର ସେ ପାଖେ କିଛି ଦୂରରେ ବସିଛି; ଉଠି ରମା ଆଡ଼କୁ ଆସିବାର କୌଣସି ଲକ୍ଷଣ ଦେଖାଉ ନାହିଁ । ପ୍ରେମର ଆଦାନ ପ୍ରଦାନ ପରେ ନାୟକ ନାୟିକାଙ୍କ ମଧ୍ୟରେ ମନୋଭାବର ଗୋଟାଏ ବିପର୍ଯ୍ୟୟ ଘଟେ । ନାୟକ ଲଜ୍ଜାରେ ଆନ୍ଦୋଳିତ ହୁଏ; ନାୟିକା ହୃଦୟରେ ସାହସ ଫୁଟିଉଠେ । ବନମାଳୀ ଲଜ୍ଜିତ ହୋଇ ସେଦିନ ଦୂରରେ ବସି ରହିଥିବା ଦେଖି, ରମା ପାଣ୍ଡ୍ରି ନାଏକଙ୍କୁ କହିଲା "ବାପା, ଆମେ

ସେଥିକେ ବୁଲିବାକୁ ଯିବାନାହିଁ ?" ବନମାଳୀ ରମା ପାଖକୁ ନ ଆସିବାରୁ ରମା ବନମାଳୀ ନିକଟକୁ ଗଲା ।

କ୍ରମେ ବନମାଳୀ ଓ ରମା ମଧ୍ୟରେ ପରସ୍ପର ପ୍ରତି ସ୍ନେହର ମାତ୍ରା ବଢ଼ିବାକୁ ଲାଗିଲା । ରମାକୁ ନ ଦେଖିଲେ, ବନମାଳୀ ବ୍ୟସ୍ତ ହେଲା । ବନମାଳୀକି ନ ଦେଖି, ରମା ନିଜ ଜୀବନକୁ ତୁଚ୍ଛ ମଣିଲା । ପାଣ୍ଡୁ ନାଏକକୁ ରମା ବରାବର କହିଲା, "ଆହା, କାଞ୍ଚାପଡ଼ିଆଟା କି ସୁନ୍ଦର ।" ବନମାଳୀ ଓ ରମା ମଧ୍ୟରେ ସେ ପର୍ଯ୍ୟନ୍ତ, ପଦେ ସୁଦ୍ଧା କଥାବାର୍ତ୍ତା ହୋଇନାହିଁ; ସେମାନେ ଆକାଶର ଦୁଇଟି ତାରା ପରି ନୀରବରେ ଚୁହିଁ-ଚୁହିଁ ହେଉଛନ୍ତି ମାତ୍ର । ପ୍ରେମର ସେହି ଚୁହାଁଚୁହିଁରେ ପୂର୍ବର କୁତ୍ସିତା ବାଳିକା ପରମା ସୁନ୍ଦରୀ ଯୁବତୀରେ ପରିଣତ ହେଲା । ପୁଣି ତା ସରଳତା ସୌନ୍ଦର୍ଯ୍ୟ ଉପରେ ଲାବଣ୍ୟର ଗୋଟିଏ ଢାଙ୍କୁଣୀ ଘୋଡ଼ାଇଦେଲା ।

---

— ୩୯ —

## ଘା ଭଲ ହୋଇଗଲା

ପ୍ରତ୍ୟେକ ଯୌବନରେ ଆବଶ୍ୟକ ବେଳେ ପ୍ରାଣୀର ସହଜ ବୁଦ୍ଧି ବିକଶି ଉଠେ । ରମା ବନମାଳୀ ସହିତ ସେତିକି ଏକ ହୋଇ ଯିବାକୁ ଲୋଡ଼ିଲା, ପାଣ୍ଡୁ ନାଏକ ସେତିକି ବନମାଳୀଠାରୁ ଦୂରରେ ରହିବାକୁ ଇଚ୍ଛା କଲା । ସେ ନିଜ ହୃଦୟ ମଧ୍ୟରେ ଥରିବାକୁ ଲାଗିଲା । ସେ ଅପରିଚିତ ଯୁବକ ବିଷୟରେ ପାଣ୍ଡୁ ନାଏକ ରମାକୁ ତୁଣ୍ଡ ଫିଟାଇ ପଦେ ସୁଦ୍ଧା କହି ନ ଥିଲା । ଦିନେ ସେ କାହିଁକି ହଠାତ୍ କହିପକାଇଲେ, "ସେ ଟୋକାଟାର ଟିକିଏ ଦେଖାଇହବା ଢଙ୍ଗ ଅଛି ।" ରମା ଧୀର ସ୍ଥିର ସ୍ୱରରେ କହିଲା, "ସେ ଯୁବକ ?" ଶୁଣି ମନେ ହେଲା, ସେପରି କି ରମା ଜୀବନରେ ପ୍ରଥମେ ସେହି ଦିନ ବନମାଳୀକୁ ଆଖି ଫିଟାଇ ଦେଖିଲା । ପାଣ୍ଡୁ ନାଏକ ମନେ ମନେ ଭାବିଲା, "ମୁଁ କେଡ଼େ ବୋକା ! ସେ ତାକୁ ଚୁହିଁ ସୁଦ୍ଧା ନ ଥିଲା । ଏବେ ମୁଁ ଦେଖାଇଦେଲି ।"

ଦିନେ ବନମାଳୀ ରମାର ଅନୁସରଣ କରି ଓଡ଼ିଆବଜାର ଘର ପର୍ଯ୍ୟନ୍ତ ଯାଇଥିଲା । ଆଉ ଦିନେ ସେ ଜଙ୍ଗଲ କଜୁଆଳ ସଙ୍ଗେ ସାଇ କଥାବାର୍ତ୍ତା ମଧ୍ୟ ହୋଇଥିଲା । କଜୁଆଳ ପାଣ୍ଡୁ ନାଏକକୁ ସେ କଥା କହିଥିଲା । ତହୁଁ ପାଣ୍ଡୁ ନାଏକ ଓଡ଼ିଆବଜାର ଘର ଛାଡ଼ି ସାହେବଜାଦା ବଜାର ଘରକୁ ଚାଲିଗଲା ଏବଂ କାଞ୍ଚାପଡ଼ିଆକୁ ବୁଲିଯିବା ଛାଡ଼ିଦେଲା । ରମା ଅବଶ୍ୟ ସେଥିରେ ପାଟି ଫିଟାଇଲା ନାହିଁ, କିନ୍ତୁ ନିଜ ହୃଦୟ ମଧ୍ୟରେ ସନ୍ତୁଳିହେବାକୁ ଲାଗିଲା । ପାଣ୍ଡୁ ନାଏକ ସେ କଥା କିଛି ବୁଝି

ପାରୁନାହିଁ । କେବଳ ଦେଖିଲା ରମା ଟିକିଏ ବିମର୍ଷ ଅଛି । ତହୁଁ କିଛିଦିନ ପରେ ସେ ଦିନେ ପଚାରିଲା, "ମା ଜଳାପଡ଼ିଆକୁ ଭୁଲିଯିବୁ କି ?" ରମାର ମୁଖମଣ୍ଡଳ ଉଜ୍ଜ୍ୱଳ ଦିଶିଲା । ସେ କହିଲା, "ହଁ । ସେଦିନ ଦୁହେଁ କେତେ ମାସ ପରେ ପୁଣି ସେଠାକୁ ଗଲେ । ବନମାଳୀ ସେଠାରେ ନ ଥିଲା । ପରଦିନ ପାଣ୍ଡୁ ନାଏକ ରମାକୁ ପଚାରିଲା, "ଝିଅ, ଜଳାପଡ଼ିଆକୁ ଯିବୁ ?" ରମା ବିଷଣ୍ଣ ସ୍ୱରରେ କହିଲା, "ନାଁ ।"

ରମା ଏବଂ ବନମାଳୀ ପରସ୍ପରକୁ ନ ଦେଖି ଝୁରିବାକୁ ଲାଗିଲେ । ରମା ରମଣୀସୁଲଭ ସହଜଜ୍ଞାନରେ ପାଣ୍ଡୁ ନାଏକ ମନର ଭାବ ବୁଝିପାରି, ଜଳାପଡ଼ିଆ ପ୍ରତି ଉଦାସୀନତା ଦେଖାଇବାକୁ ଶିଖିଲା । କ୍ରମେ ଦୁହେଁ ମଙ୍ଗଳାବାଗ ପାରି ହୋଇ ରାଣୀହାଟଆଡ଼େ ବୁଲିବାକୁ ଗଲେ । ସେଠାରେ କିଛିଦିନ ବୁଲି, ରମା ପୁଣି ବାଳିକା ଅବସ୍ଥାକୁ ଫେରିଆସିଲା; ଗଛର ଫୁଲକୁ ଶୁଙ୍ଘି ରହିଲା, ପ୍ରଜାପତି ଉଡ଼ିଗଲେ ନ ଧରି କେବଳ ପଛେ ପଛେ ଗୋଡ଼ାଇଲା ।

ଦିନେ ବୁଲିବାକୁ ଯାଇଛି, ଅନେକ ଦୂରରେ ଦିଗ୍‌ବଳୟ ଉପରେ ଗୋଟାଏ ପାଣ୍ଡୁର ବର୍ଣ୍ଣ ଚିହ୍ନ ଦେଖାଗଲା । ରମା ଏକଦୃଷ୍ଟିରେ ଚାହିଁରହିଲା । ପାଣ୍ଡୁ ନାୟକ ପାଖରେ ବସି ରମାର ଭବିଷ୍ୟତ କଳ୍ପନା କରିବାକୁ ଲାଗିଲା ; ରମା ସହିତ କିପରି ତାର ବିଚ୍ଛେଦ ନ ଘଟିବ ଚିନ୍ତା କଲା । କେତେକ ସମୟ ପରେ ରମା କହିଲା, "ବାପା, ଦେଖନା, ଏକାଠି କେତେ ଲୋକ ମେଳ ବାନ୍ଧି ଆସୁଛନ୍ତି ।" ପାଣ୍ଡୁ ନାଏକ ମୁଣ୍ଡ ଟେକି ଚାହିଁଲା; ରମା ଠିକ୍ କହୁଥିଲା ।

ଚାହିଁ ଚାହିଁ କେତେକ ଦଣ୍ଡ ମଧ୍ୟରେ ୨୦ ଜଣ ଲୋକ କ୍ରମେ ନିକଟବର୍ତ୍ତୀ ହୋଇଆସିଲେ । ସମସ୍ତେ ଗୋଟାଏ ଲେଖାଏଁ କଣ୍ଢିଆ ପିନ୍ଧିଛନ୍ତି ଓ ବେକରେ ଗୋଟାଏ ଲେଖାଏଁ ଲୁହା ବଳା ଗଳାଇଛନ୍ତି । ପ୍ରତି ବଳାରେ ଖଣ୍ଡେ ଛୋଟିଆ କାଠ ପଟା ଝୁଲୁଛି । ପ୍ରତ୍ୟେକ ଲୋକ ମୁଣ୍ଡରେ ଗୋଟାଏ ଛୋଟିଆ ଟୋପି ଅଛି । କଣ୍ଢିଆଗୁଡ଼ାକ ଧଳା, କେବଳ ମଇଳା ହୋଇ ମାଟିଆ ପାଲଟି ଯାଇଛି । ସମାନ ଦୂରରେ ତା ଉପରେ ଗୋଟିଏ ଲେଖାଏଁ କଳା ଗାର ପଡ଼ିଛି । କୋଡ଼ିଏ ଜଣଯାକ ଲୋକଙ୍କ ହାତକୁ ହାତ ଲୁହା ଖଞ୍ଜୁରିରେ ବନ୍ଧା ହୋଇଛି । ସମସ୍ତେ ଆଗ ପଛ ହୋଇ ଧାଡ଼ି ବାନ୍ଧି ଚାଲିଛନ୍ତି । ସବା ଆଗରେ ଓ ପଛରେ ଯେଉଁ ଦୁଇଜଣ ଅଛନ୍ତି, ତାଙ୍କ ଅଣ୍ଟାରେ ଗୋଟାଏ ଲେଖାଏଁ ଦଉଡ଼ି ଲାଗିଛି । ଦଉଡ଼ି ଅଗ ଧରି ଜଣେ ଜଣେ ସିପାହୀ ଚାଲିଛନ୍ତି । ପଛରେ ଆଉ କେତେ ଜଣ ସିପାହୀ ମଧ୍ୟ ଆସୁଛନ୍ତି । ବନ୍ଧା ହୋଇ ଚାଲୁଥିବା ଲୋକମାନେ ନ ଚାଲି ଟିକିଏ ଠିଆ ହୋଇଗଲେ କିମ୍ବା ଧୀରେ ଧୀରେ ଚାଲିଲେ, ସିପାହୀମାନେ ସେମାନଙ୍କୁ

କଦର୍ଯ୍ୟ ଅଶ୍ଳୀଳ ଭାଷାରେ ଗାଳି ଦେଉଛନ୍ତି ଓ ବେତ ଧରି ତାଙ୍କ ପିଠିରେ ପ୍ରହାର କରୁଛନ୍ତି । ଲୋକଗୁଡ଼ାକ ମାଡ଼ ଖାଇ, ବେଙ୍ଗଳା ଗୋରୁ ପରି, ମୁଣ୍ଡ ନୁଆଁଇ ବେଗେ ବେଗେ ଟଣ ଟଣ ଶବ୍ଦ ଶୁଣାଇ ଚାଲୁଛନ୍ତି ।

ଦେଖି, ରମା ପଚାରିଲା, "ବାପା, ଏ ଲୋକ କିଏ ?" ପାଣ୍ଡୁ ନାଏକ ଗୋଟାଏ ଦୀର୍ଘନିଃଶ୍ୱାସ ଚାପି ରଖି କହିଲା, "କଏଦି" ।

"କୁଆଡ଼େ ଯାଉଛନ୍ତି ?"

"ଜେଲଖାନାକୁ ।"

ପାଣ୍ଡୁ ନାଏକ ଓ ରମା ଘରକୁ ଫେରିଗଲେ । ବାଟରେ ରମା ପାଣ୍ଡୁ ନାଏକକୁ ସେ କେତେ ପ୍ରଶ୍ନ ପଚାରିଲା ଏବଂ ପାଣ୍ଡୁ ନାଏକ କୌଣସିଟାର ଉତ୍ତର ନ ଦେଇ କେବଳ ନୀରବ ଭାବରେ ଚିନ୍ତାମଗ୍ନ ହୋଇ ଚାଲିବାରେ ଲାଗିଲା, ତାହା ସେ ବାଟରେ ଚାଲିବାବେଳେ ବୁଝି ପାରିଲାନାହିଁ କି ପରେ ଘରେ ପହଞ୍ଚି ସ୍ମରଣ କରି ପାରିଲାନାହିଁ । ସେଦିନ ରାତିରେ ରମା ଯେତେବେଳେ ବାପାକୁ ଛାଡ଼ି ଶୋଇବାକୁ ଗଲା, କହିଲା, "ମୁଁ ଯେବେ ଏକୁଟିଆ ଥିଲାବେଳେ ସେ ଲୋକଙ୍କ ମଧ୍ୟରୁ ଜଣକୁ ପାଖରେ ଦେଖନ୍ତି, ମୋ ପିଣ୍ଡରୁ ପ୍ରାଣ ଛାଡ଼ିଯାଆନ୍ତା, ବାପା !"

ତା ପରଦିନ କଟକ ସହରରେ ଗୋଟାଏ ମହା ଉତ୍ସବ । ଭାରତର ଶାସନଭାର କମ୍ପାନୀ ହାତରୁ ଶ୍ରୀମତୀ ମହାରାଣୀଙ୍କ ହାତକୁ ଗଲା । ଫଳରେ ମହାରାଣୀଙ୍କ ଅଭିଷେକ ଉତ୍ସବ ଭାରତରେ ସର୍ବତ୍ର ଯେପରି ହେଉଥିଲା, କଟକ ସହରରେ ମଧ୍ୟ ମହା-ସମାରୋହରେ ପାଳନ କରାଯାଉଥିଲା । ଦିନଯାକ ଭୋଜି, ବାଦ୍ୟ, ସଙ୍କୀର୍ତ୍ତନ ଚାଲିଲା, ରାତିରେ ଘରେ ଘରେ ଦୀପ ଜଳିଲା, ନାଟ ତାମସା ହେଲା । ପାଣ୍ଡୁ ନାଏକ ରମାର ମନ ବଦଳାଇବା ନିମନ୍ତେ ତାକୁ ନେଇ ସେ ସବୁ ଦେଖାଇ ଆଣିଲା । ଫେରିଲାବେଳେ ବାଟରେ ରମା କିଛିଏ ଚିନ୍ତିତା ଦେଖାଗଲା । କ୍ଷଣକ ପରେ ସେ ମୁଣ୍ଡ ଟେକି, ପାଣ୍ଡୁ ନାଏକ ମୁହଁକୁ ଚାହିଁ, କହିଲା, "ବାପା, ଜେଲଖାନା କଣ ? ମୋତେ ଟିକିଏ କହନା ।"

ପାଣ୍ଡୁ ନାଏକ ସହିତ ରମାର ସମ୍ପର୍କ ଉପରେ ଧୀରେ ଧୀରେ ଏକ ଅଦୃଶ୍ୟ ଛାୟା ଲାଗି ହୋଇଗଲା । ସେ ମଧ୍ୟରେ ଗୋଟିଏ ମାତ୍ର ବିଳାସର ବସ୍ତୁ ରହିଲା । ପାଣ୍ଡୁ ନାଏକର ରମାକୁ ଧରି ଦିନ ଦୁଃଖୀଙ୍କୁ ଟଙ୍କା ପଇସା ଦେବା । ସେମାନେ ଅଗାଧୁ ବେହେରା ଘରକୁ ଯେ ସାହାଯ୍ୟ ଦେବାକୁ ଯାଇଥିଲେ, ତାହା ସେହି ସମୟରେ ।

ଦର୍ଜି କୋଠାକୁ ଯିବା ଦିନ ରାତିରେ ପାଣ୍ଡୁ ନାଏକ, କାଖରେ ଗୋଟାଏ ଫୋଡ଼ା ଘା ସମ୍ଭାଳି, ଘରେ ଶୋଇରହିଲା । ରମା ସେବା ଶୁଶ୍ରୂଷା କରିବାରେ ଲାଗିଲା । କ୍ରମେ ପାଣ୍ଡୁ ନାଏକ ମନରୁ ଗୋଟାଏ ଚିନ୍ତାର ଆବରଣ ଖସି ପଡ଼ିଲା । ସେ ଦିନେ ରମାକୁ ଚାହିଁ କହିଲା, "ମୋର ଏ ଘା'ଟା ଗୋଟାଏ ଶୁଭ ଲକ୍ଷଣ । ମୋ ଦେହକୁ ଅବଶ୍ୟ କଷ୍ଟଦେଲା; ହେଲେ, ମନରୁ କଳୁଷ ପୋଛି ନେଇଯିବ ।"

ରମା ଦିନ ରାତି ପାଣ୍ଡୁ ନାଏକର ସେବା କରି, ତାକୁ ରୋଗରୁ ମୁକ୍ତ କଲା । ପାଣ୍ଡୁ ନାଏକ ଘା' କଷ୍ଟରୁ ରକ୍ଷା ପାଇବା ସଙ୍ଗେ ସଙ୍ଗେ ଧାନା ସାହୁର ଅତ୍ୟାଚାର ବିଷୟ ଭୁଲିଗଲା । ସେ ଯେ ନିଜେ ପୋଲିସ ହାବୁଡ଼ରୁ ବର୍ତ୍ତି ଚାଲି ଆସିଲା, ତାକୁ ଆଉ କେହି ଖୋଜି ବାହାର କରି ପାରିଲେ ନାହିଁ । ରମା ମଧ୍ୟ କଏଦୀମାନଙ୍କ ସ୍ମୃତି ମନରୁ ପୋଛି ପକାଇଲା । ଫଳରେ ପାଣ୍ଡୁ ନାଏକ କ୍ରମେ ଶାନ୍ତିରେ ରହିଲା । ରମା ମଠରେ ଗୀତ ଶିଖି ଆସିଥିଲା । ପାଣ୍ଡୁ ନାଏକ ସନ୍ଧ୍ୟାବେଳେ ବଗିଚାରେ ଚନ୍ଦ୍ର କିରଣରେ କାନି ପାରି ଶୋଇଥିବା ସମୟରେ ରମା ବିଚ୍ଛେଦ ବିରହ ଦୁଃଖ ଗୀତମାନ ଗାଇ ତାକୁ ଶୁଣାଉଥିଲା ।

—୪୦—

## କାହା ଧନ କେଉଁଠାକୁ ଗଲା

ହରିଆ ଦିନେ ସନ୍ଧ୍ୟା ପର୍ଯ୍ୟନ୍ତ କିଛି ଖାଇ ନ ଥିଲା । ସେ ମନେ ପକାଇ ଦେଖିଲା ଯେ ପୂର୍ବଦିନ ମଧ୍ୟ ଖାଦ୍ୟ ସହିତ ତା ପାଟିର ସମ୍ପର୍କ ଘଟି ନ ଥିଲା; ସୁତରାଂ ସେ ମନକୁ ମନ କହିଲା, "ଏକଥା ଯେ ଶୁଣିବ, ହସିବ ।" କିନ୍ତୁ, ସେଦିନ ସନ୍ଧ୍ୟାରେ ସେ ଉଦର ପୂର୍ତ୍ତି କରିବାକୁ ଦୃଢ଼ପ୍ରତିଜ୍ଞ ହେଲା । ପ୍ରତିଜ୍ଞା ରକ୍ଷା କରିବା ନିମନ୍ତେ ସେ ଗଳିରୁ ଗଳିକୁ ବୁଲି ବୁଲି ଗଲା । ଗୋଟାଏ ବଗିଚାରେ ସେ କିଛିଦିନ ତଳେ ବାରମାସି ଆମ୍ବ ପାଚିଥିବାର ଦେଖିଥିଲା । ସେ ସେହି ବଗିଚା ପାଖେ ପହଞ୍ଚି ବାଡ଼ ଡେଇଁବାକୁ ଯାଉଛି—ଶୁଣିଲା, ବଗିଚା ଭିତରେ ଦୁଇ ଜଣ ବସି କଥାବାର୍ତ୍ତା ହେଉଛନ୍ତି । ହରିଆ ଲୁଚି ଶୁଣିବାକୁ ଲାଗିଲା ।

"ଜମିବାଲା କହୁଚି, ତାର ତିନି ବର୍ଷର ଖଜଣା ବାକି ରହିଲାଣି । ସେ ଖଜଣାପାଇଁ ମକଦମା କରିବ, ଆଉ ତୁମକୁ ବାହାର କରିଦେବ ।"

"ତେବେ ମୁଁ ଚାଲିଯିବି ।"

"ଦୋକାନୀ କହୁଚି, ଆଉ ଚାଉଳ ଡାଲି କାଳି ଦେବନାହିଁ ।"

"ଭଲ କଥା; ମୋର ତ ମଧ୍ୟ ଭାତ ଜୀର୍ଣ୍ଣ ହେଉନାହିଁ ।"

"ତେବେ, କଣ ଖାଇବ ?"

"ଢଉଲ ମାଣ୍ଡିଆ ଜାଉ ।"

"ମାଣ୍ଡିଆବାଲାକୁ ପଚାରିଲି, କହିଲା, 'ଆଗ ପଇସା ଦିଅ, ଦେବି ।"

"ଭଲ କଥା ।"

"ଆମେ ଖାଲି ହାତରେ ଏପରି ଆଉ ଚଳି ପାରିବାନାହିଁ ।"

"ମୁଁ ଆଉ କଣ କରିବି ? ହାତରେ କିଛି ନାହିଁ ଯେ ।"

ବୁଢ଼ୀ ଗାଳିଗୁଆଳି ଶୁଣି, କୁଡ଼ିଆ ଭିତରକୁ ଚାଲିଗଲା । ଗଦାଧର ଏକୁଟିଆ ବସି ଚିନ୍ତାରେ ବୁଡ଼ି ରହିଲା । ହରିଆ ମଧ୍ୟ ବାଡ଼ପାଖେ ବସି ଭାବିବାକୁ ଲାଗିଲା । କିଛିକ୍ଷଣ ଭାବିବା ପରେ, ସେ ବାଡ଼ ଭିତରେ ଗଲା, ଗଦାଧର ଯେଉଁ ପଥର ଉପରେ ବସିଥିଲା, ତା ତଳେ ଆସି ଶୋଇଲା । କିନ୍ତୁ ସେ ଶୁଆ କେବଳ ବିରାଡ଼ିର ଶୁଆ, ଯହିଁରେ ଗୋଟାଏ ଆଖି ବନ୍ଦ ହେଲେ ଆଉ ଗୋଟାଏ ମେଲା ରହେ । ମେଲା ଥିବା ଆଖିରେ ହରିଆ ଦେଖିଲା, ଖଣ୍ଡେ ଦୂରରେ ଦୁଇଜଣ ଲୋକ ଆସୁଛନ୍ତି । ସେମାନଙ୍କ ମଧ୍ୟରୁ ଜଣେ ବୁଢ଼ା ଓ ଆର ଜଣକ ଯୁବକ । ଯୁବକଟାକୁ ହରିଆ ଚିହ୍ନେ । ସେ ଉଚ୍ଛବା । ଉଚ୍ଛବା ଅନ୍ଧାରରେ ଜଣେ ଲୋକ ପଛରେ ଅନୁସରଣ କରିଗଲେ, ଦେଖିବା ଲୋକର ଭୟ ହେବାର କଥା ।

ହରିଆ ଆଗରେ ଆସୁଥିବା ବୁଢ଼ା ଲୋକଟିକୁ ସାବଧାନ କରାଇଦେବ ବୋଲି ଭାବିଲା; କିନ୍ତୁ ତାର ସାହସ ହେଲାନାହିଁ । ସେହି ସମୟରେ ହଠାତ୍ ଦୁଇ ଜଣଙ୍କ ମଧ୍ୟରେ ଧରାଧରି ଗଡ଼ାଗଡ଼ି ଲାଗିଲା । ଉଚ୍ଛବା ବୁଢ଼ାକୁ ଯାଇ ମାଡ଼ିବସିବାରୁ ସେ କାଣ୍ଡଟା ଉପୁଜିଲା । ହରିଆ ଦଉଡ଼ିଯାଇ ଦେଖିଲାବେଳକୁ ସେ ଯାହା ଭାବିଥିଲା, ତାର ଠିକ୍ ବିପରୀତ ଫଳ ଘଟିଛି; ଉଚ୍ଛବା ତଳେ ଚିତ୍ ହୋଇ ଶୋଇଛି ଓ ବୁଢ଼ା ତା ଉପରେ ମାଡ଼ିବସିଛି । ଦେଖି, ସେ ଅଟ୍ଟାରେ ତାଳି ମାରିଲା । କିନ୍ତୁ ବୁଢ଼ା ବା ଯୁବକ କେହି ଶୁଣି ପାରିଲେ ନାହିଁ । କେତେକ ସମୟ ପରେ ବୁଢ଼ା ଉଚ୍ଛବାକୁ ଛାଡ଼ିଦେଇ, ଉଠି ପଡ଼ି, କହିଲା, "ଉଠ ।"

ଉଚ୍ଛବା ଉଠି ଠିଆ ହେଲା । କିନ୍ତୁ ବୁଢ଼ା ତାକୁ ଭଦ୍ରସ୍ୱର ପଚାରିଲା, "ତୋ ବୟସ କେତେ ?" ଉତ୍ତର ଶୁଣିଲା, "ଉଣିଶ ବର୍ଷ ।" ତହୁଁ ବୁଢ଼ା କହିଲା, "ତୋର ବଳ ବୟସ ଅଛି । କାମ କାହିଁକି କରୁନାହୁଁ; ତୋ ବ୍ୟବସାୟ କଣ ?" ଜବାବ ପାଇଲା, "ବୁଲିବା ।"

"ଠିକ୍ କହ, ତୋର କଣ କରିବା ଇଚ୍ଛା ?"

"ସ୍ମେଶ !"

ତା ପରେ ଅନେକ ସମୟ ନୀରବତା ରାଜତ୍ୱ କଲା । ବୁଢ଼ାଟି ଉଜ୍ଜୁବକୁ ଭିଡ଼ିଧରି ଠିଆ ହେଲା । ଉଜ୍ଜୁବା ଚାଲି ଯିବାକୁ ଅନେକ ଥର ଓଟାରି ହେଲା, କିନ୍ତୁ ଖସି ପଳାଇ ପାରିଲାନାହିଁ । ବୁଢ଼ା ଅନେକ ସମୟ ଖୁବ ଖୁବ ପରେ ଉଜ୍ଜୁବାକୁ ଗୋଟାଏ ଦୀର୍ଘ ନିବେଦନ କଲା । ତାର ପ୍ରତ୍ୟେକ ଶବ୍ଦ ହରିଆ କର୍ଣ୍ଣକୁହରରେ ପ୍ରବେଶ କରିବାକୁ ଲାଗିଲା ।

"ଦେଖ୍, ବାପା, ତୋର ବୟସ ବର୍ତ୍ତମାନ ଅଳ୍ପ । ମାତ୍ର ତୁ ଧ୍ୱଂସ ମାର୍ଗରେ ଚାଲିବାକୁ ବସିଚୁ । ଏ କାର୍ଯ୍ୟ ଛାଡ଼ିଦେ । ପରିଶ୍ରମ କରିବା ଦରକାର । ନୋହିଲେ ଅନ୍ୟମାନେ ହସି ଗୀତ ଗାଉଥିବେ, ଆଉ ତୁ କାନ୍ଦ ଆଖିରୁ ଲୁହ ପୋଛୁଥିବୁ । ତୋର ଭଲ ଖାଇବାକୁ, ସୁନ୍ଦର ପୋଷାକ ପିନ୍ଧିବାକୁ, ଭୋଗବିଳାସରେ ରହିବାକୁ ଇଚ୍ଛା । ତୁ ଭୁଲ ବାଟରେ ଚାଲୁଚୁ । ମୋ କଥା ଶୁଣ୍ । ମୁଁ ଯାହା କହିଲି, ଯାଇ ଘରେ ବସି ଖୁବ ଦେଖ୍ । ଅଚ୍ଛା, କହିଲୁ ଦେଖି, ମୋତେ କାହିଁକି ତୁ ଏପରି ଆସି ମାଡ଼ିବସିଲୁ ? କଣ ମୋ ଠୋଉ ଟଙ୍କା ନବାକୁ ? ଏଇ ନେ ।" କହି ବୁଢ଼ା ଉଜ୍ଜୁବାକୁ ଛାଡ଼ିଦେଇ ଗୋଟିଏ ମୁଣୀ ତା ହାତରେ ଧରାଇଦେଲା । ଉଜ୍ଜୁବା ତାହା ନିଜ ବାହୁବଳରେ ପାଇଥିଲା ପରି, ଯତ୍ନରେ କୁରୁତା ପକେଟରେ ରଖି, ଗୁଣୁ ଗୁଣୁ ସ୍ୱରରେ କହିଲା, "ବୁଢ଼ା ଧାଙ୍କୁଡ଼ି !"

ବୁଢ଼ା ଚାଲିଯାଇ ଅନ୍ଧାରରେ କ୍ଷଣକ ମଧ୍ୟରେ ଅନ୍ତର୍ଦ୍ଧାନ ହୋଇଗଲା । ହରିଆ ଅଗ୍ରସର ହେଲା । ସେ ଚାହିଁ ଦେଖିଲା, ଗଦାଧର ସେହି ପଥର ଉପରେ ବସି ବସି ଶୋଇପଡ଼ିଛି । ତେଣୁ ସେ ଛପି ଛପି ଉଜ୍ଜୁବା ପାଖେ ଯାଇ ପହଞ୍ଚିଲା । ଉଜ୍ଜୁବା ଗୋଟାଏ ପଥରମୂର୍ତ୍ତି ପରି ଅବାକ୍ ନିସ୍ତବ୍ଧ ହୋଇ ବସିଥିଲା । ଧୀରେ ଧୀରେ ତା ପକେଟରେ ହାତ ପୂରାଇ ସେ ଟଙ୍କା ମୁଣିଟି କାଢ଼ି ଆଣିଲା ଏବଂ ଚମ୍ପେଇନଲୀ ପରି ଗୁରୁଣ୍ଡି ଗୁରୁଣ୍ଡି ପୂର୍ବ ସ୍ଥାନକୁ ଫେରିଆସିଲା । ଉଜ୍ଜୁବା ସେ ସବୁ କିଛି ଟେର ପାଇଲା ନାହିଁ । ହରିଆ ଟଙ୍କା ମୁଣିଟି ଗଦାଧର ବସିଥିବା ସ୍ଥାନକୁ ଫିଙ୍ଗି ଦେଇ ଧାଇଁ ଚାଲିଗଲା । 'ଝଣ' ଶବ୍ଦ ଶୁଣି, ଗଦାଧର ଆଖି ଫିଟାଇ ମୁଣିଟି ହାତରେ ଧରିଲା ଓ ଫିଟାଇ ଦେଖିଲା, ଚାରୋଟି ସୁନା ମୋହର, ପଚିଶଟି ଟଙ୍କା ଏବଂ କେତେଗୁଡ଼ିଏ ରେଜାକି ତହିଁରେ ଅଛି । ସେ ତାହା ନେଇ ଘରକରିଆଣୀକୁ ଦେଖାଇଲା । ଘରକରିଆଣୀ କହିଲା, "ଏ ସ୍ୱର୍ଗରୁ କେବେ ପଡ଼ିଚି, ଦିଅଁ ଦେଇଚନ୍ତି ।"

— ୪୧ —

# ନାମ ପଚରାପଚରି

ସେ ଅନୁଭୂତ ପରେ ପାଣ୍ଡୁ ନାଏକ ଜୀବନର ଚଲନ୍ତା ସ୍ରୋତରୁ ଗୋଟାଏ ଧାର ବାହାରି ଏକ ନୂତନ ନାଳରେ ବୋହିବାକୁ ଲାଗିଲା । ରମା ହୃଦୟର ବିରହ ବେଦନା କ୍ରମେ ଆରୋଗ୍ୟ ଲାଭ କରିବାକୁ ବସିଥିଲା । ଥରେ ସେ ବନମାଳୀ ବିଷୟରେ କହିଲା, "ମୁଁ ତ ତାଙ୍କ କଥା ମନରୁ ପାସୋରି ଦେଇଥିଲି !" ହପ୍ତାକ ମଧ୍ୟରେ, ସେ ଥରେ ବଗିଚାରେ ବୁଲୁଛି, ଜଣେ ହୃଷ୍ଟପୁଷ୍ଟ ଲୋକ ସେ ବାଟେ ଚାଲିବାର ଦେଖିଲା । ବେଶଭୂଷା ଓ ଚାଲିଚଳଣିରୁ ମନେ ହେଲା, ସେ ବନମାଳୀର ଠିକ ବିପରୀତ ଲୋକଟି । ତା ମୁହଁରେ ଗୋଟାଏ ପିକା ଜଳୁଥିଲା । ଲୋକଟି ଦପ୍ ଦପ୍ ହୋଇ ଚାଲିବାରେ ଲାଗିଥିଲା । ତା ପରଦିନ ମଧ୍ୟ ସେ ଲୋକ ସେହି ବାଟେ ଗଲା । କ୍ରମେ ରମା ଦେଖିଲା, ଲୋକଟି ପ୍ରତିଦିନ ତା ବଗିଚା ଦ୍ୱାରବାଟେ ଯିବାକୁ ଲାଗିଲା । ରମାର ମନେ ହେଲା, ସେ ଜଣେ କୁସ୍ତି କସରତ୍ କରିବା ମାଲ ।

ଠିକ ସେହି ସମୟରେ ତେଣେ ବନମାଳୀ ଗଭୀର ନୈରାଶ୍ୟ-ସାଗର ମଧ୍ୟରେ ବୁଡ଼ି ଯାଉଥିଲା । ଥରେ ସେ କହିଲା, "ମୁଁ ମରିବା ପୂର୍ବରୁ ଥରେ ହେଲେ ତାଙ୍କ ଦର୍ଶନ ପାଆନ୍ତି ।" ରମା ତା ବଗିଚା ଆଗରେ ମାଲଆଡ଼କୁ ଦୃଷ୍ଟିପାତ କରିବାର ବନମାଳୀ ଯେତେବେଳେ ଦେଖିଥିଲେ, ସେ ଦୁଃଖ ଓ କ୍ରୋଧରେ ହୁଏତ ପ୍ରାଣ ବିସର୍ଜନ କରିଥାନ୍ତା । ବନମାଳୀ ଓ ରମା ଦୁହିଙ୍କ ପ୍ରକୃତି ଭିନ୍ନ ଭିନ୍ନ ରକମର । ବନମାଳୀ ଥରେ ଦୁଃଖରେ ପଡ଼ିଲେ ତହିଁରେ ବୁଡ଼ିରହେ । ଯେଉଁ ଲୋକେ ଥରେ ଦୁଃଖ ପଙ୍କରେ ବୁଡ଼ି ପୁଣି ଧୋଇଧାଇ ହୋଇ ବାହାରି ଆସନ୍ତି, ରମା ସେହି ଶ୍ରେଣୀର ଅନ୍ତର୍ଗତ ।

ପ୍ରତିଦିନ ବଗିଚା ଆଗରେ ଯାଉଥିବା ଯୁବକ ମାଲକୁ ଦେଖି ରମାର ହୃଦୟ-ସରସୀ ଉପରେ ଗୋଟାଏ ପ୍ରେମର ସ୍ତର ପଡ଼ିବାକୁ ଲାଗିଲା । କିନ୍ତୁ ସେ ସ୍ତର ତଳେ ବିରହର ସରସୀର ନିମ୍ନ ପ୍ରଦେଶ ପର୍ଯ୍ୟନ୍ତ ସମସ୍ତ ସ୍ଥାନ କିଏ ଅଧିକାର କରିଥିଲା ତାହା ସେତେବେଳେ ସେ ଭଲରୂପେ ବୁଝିପାରୁ ନ ଥିଲା । ସେପରି ସମୟରେ ଗୋଟାଏ ଘଟଣା ଘଟିଲା ।

ପାଣ୍ଡୁ ନାଏକ ରମାକୁ ମାଣିକ ପାଖେ ଛାଡ଼ିଦେଇ, ଦୁଇ ତିନି ମାସରେ ଥରେ କେଉଁଆଡ଼େ ତିନି ଚାରି ଦିନ ପାଇଁ ଚାଲିଯାଏ । ସେ କେଉଁଆଡ଼େ ଯାଏ, କେହି ଜାଣନ୍ତି ନାହିଁ; ନିଜେ ରମା ପୁଛା ନୁହେ । କିନ୍ତୁ ସେ ନିୟମିତରୂପେ ଯାଏ ଏବଂ

ହାତରେ ଝଙ୍କା ଉଣା ପଡ଼ିଆସିଲା ବେଳକୁ ତା ଯିବାଟା ଘଟେ । ଫେରି, ସେ ଦୁଇ ଚାରି ଦିନ ବିସ୍ତର ଦାନ ମଧ୍ୟ କରେ । ଦିନେ ବସନ୍ତକାଳରେ ପାଣ୍ଡୁ ନାଏକ ଘରୁ ଚାଲିଯିବାବେଳେ କହିଗଲା, "ମୁଁ ତିନି ଦିନରେ ଫେରିଆସିବି ।" ରମା ଘର ଭିତରେ ଏକୁଟିଆ ବସି ଗୀତ ଗାଇବାକୁ ଲାଗିଲା । ଗୀତ ଗାଇସାରିଲାବେଳକୁ ସେ କାହାର ପାଦଶବ୍ଦ ଶୁଣିଲା ଓ କାନଡେରି ଜାଣିପାରିଲା; କିଏ ଜଣେ ପୁରୁଷ ଲୋକ ବଗିଚାରେ ଯିବା ଆସିବା କରୁଛି । ସେ ଝରକାର ପାଖେ ଯାଇ ଦେଖିଲା, ଚନ୍ଦ୍ରକିରଣରେ ବଗିଚାଟି ଉଜ୍ଜ୍ୱଳ ଦିଶୁଛି । କିନ୍ତୁ ସେ କୌଣସି ଲୋକକୁ ଦେଖିଲାନାହିଁ; ତେଣୁ ସେ ମନେ ମନେ ଭାବିଲା, "ଏଟା ଖାଲି କଳ୍ପନା ।"

ପର ଦିନ ସଂଧ୍ୟାରେ ରମା ବଗିଚାରେ ବୁଲୁଥିଲାବେଳେ ପୁଣି ପାଦଶବ୍ଦ ଶୁଣାଗଲା । ଶୁଣି, ସେ ଘରଆଡ଼କୁ ଚାଲିଆସିଲା; ମାତ୍ର ତା ଛାଇ ପାଖେ ଜହ୍ନ ଆଲୁଅରେ ଆଉ ଗୋଟାଏ ଛାଇ ପଡ଼ିଯାଇ ପୁଣି ଉଭେଇଗଲା । ସେ ଚାହିଁ ଦେଖିଲା, କେହି କେଉଁଆଡ଼େ ନାହିଁ । ତାର ଭୟ ହେଲା । ତଥାପି ସେ ସାହସ ବାନ୍ଧି ବଗିଚାସାରା ଯାଇ ଖୋଜିଲା; କିନ୍ତୁ କିଛି ଦେଖିଲାନାହିଁ ।

ପର ଦିନ ପାଣ୍ଡୁ ନାଏକ ଫେରିଆସିଲା । ରମା ପୂର୍ବ ଦୁଇ ରାତିର ଅନୁଭୂତି ତାକୁ ବର୍ଣ୍ଣନା କରି କହିଲା । ଶୁଣି ପାଣ୍ଡୁ ନାଏକ ଉତ୍ତର ଦେଲା, "ସେ କିଛି ନୁହେଁ ।" କିନ୍ତୁ ସେ ନିଜେ କିଛି ସମୟ ପରେ ସବୁଆଡ଼େ ବୁଲି ଥରେ ଦେଖିଆସିଲା । ତା ପର ଦୁଇ ରାତି ସେ ବଗିଚାରେ ବୁଲି କଟାଇଲା । ତୃତୀୟ ରାତିରେ ଚନ୍ଦ୍ର କିଛି ବିଳମ୍ବରେ ଉଦୟ ହେଲା । ରାତି ପ୍ରାୟ ଗୋଟାକ ବେଳେ ପାଣ୍ଡୁ ନାଏକ ରମାକୁ ଡାକି ଦେଖାଇଲା, ଘର ଛାତ ଉପରୁ ଗୋଟାଏ ଝୁଣ୍ଟିର ଛାଇ ତଳେ ପଡ଼ିଥିଲା । ତେଣୁ ସେ ହସି ହସି କହିଲା, "ତୁ ଏଇଟାକୁ ଦେଖି ଡରିଲୁ ।" ରମା ନିଜର ଭ୍ରମ ଯୋଗେ ଲଜ୍ଜିତ ହେଲା ।

କେତେକ ଦିନ ପରେ ଆଉ ଗୋଟାଏ ଘଟଣା ଘଟିଲା । ସେହି ମାସରେ, କିଛିଦିନ ପରେ, ପାଣ୍ଡୁ ନାଏକ ନ ଥିବାବେଳେ, ରମା ସନ୍ଧ୍ୟା ସମୟରେ ବଗିଚାରେ ବସି ଅଜ୍ଞାତ ବିଷାଦର ମାଧୁର୍ଯ୍ୟ ଅନୁଭବ କରୁଥିଲା । ସେତେବେଳେ ସେ କ୍ଷଣକ ପାଇଁ ଚିନ୍ତାରେ କ୍ଳାନ୍ତ ହୋଇ ବଗିଚାରେ ବୁଲିବାକୁ ଚାଲିଗଲା । ପୁଣି ବସିବା ସ୍ଥାନକୁ ସେ ଫେରି ଦେଖିଲା, ସେଠାରେ ଗୋଟାଏ ବଡ଼ ପଥର ରହିଛି । ସେ ପ୍ରଥମେ ବସିଥିବା-ବେଳେ ସେ ପଥରଟା ନ ଥିଲା । ତାହା ହଠାତ୍ ସେଠାକୁ କେଉଁଆଡ଼ୁ ଆସିଲା, ସେ ବୁଝି ନ ପାରି ଭୟ କରିବାକୁ ଲାଗିଲା । ତେଣୁ ସେ ଘର ଭିତରକୁ ଧାଇଁଆସି ମାଣିକକୁ ପଚାରିଲା, "ବାପା ଆସିଲେଣି କି ?"

"ନାହିଁ ତ ।" ପାଣ୍ଡୁ ନାଏକ ଅନେକ ଦିନ ଫେରୁ ଫେରୁ ବେଶି ରାତି ହୋଇଯାଏ । ବାପା ଆସୁ ଆସୁ ବିଳମ୍ବ ହୋଇପାରେ ଭାବି, ରମା ମାଣିକକୁ କହିଲା,

"ତୁ ସବୁଦ୍ୱାର ଭଲ କରି କିଳି ଦେ । ଜାଣିଛନା, ଦେଖୁଚୁ, ଘରେ ଆଉ କେହି ନାହାନ୍ତି ।" ମାଣିକ ଦ୍ୱାର ବନ୍ଦ କରି ଆସି ରମାଙ୍କୁ କହିଲା, "ସତ କଥା । ଆମେ ତ ଦି ଜଣ ମାଇପି ଲୋକ, ଏଡ଼େ ବଡ଼ ଘରଟାରେ ଏକା ପଡ଼ିଛେଁ । କେଜାଣି କିଏ ପଛି ପିଟିମାରି ଦେଇପାରେ । ତେବେ ଆମେ କଅଣ କରିବା ? ମରିବାରେ ତ କିଛି ନାହିଁ । କିଏ ମରୁନାହିଁ ? ଭୟର କଥା ହେଉଛି ଦୁଷ୍ଟଲୋକ ଗୁଡ଼ାକଙ୍କ ନେତେହରା, ଆଉ ତାଙ୍କ ଠେଙ୍ଗା ।"

ରମା ମନ ଭିତରେ କେତେକ ପରିମାଣରେ କାତରତା ଆଗରୁ ହୋଇଥିଲା; ମାଣିକ କଥା ଶୁଣି ସେ ଆହୁରି ଭୀତ ହୋଇପଡ଼ିଲା, ଏକା ରହିବାକୁ ଏକାବେଳକେ ସାହସ କଲାନାହିଁ । ସେ ଶୋଇବା ଘରଯାକ ତନ୍ନ ତନ୍ନ କରି ଦେଖିଲା, ଦୁଆର ଭଲ ରୂପେ କିଳିଦେଲା, ଖଟ ତଳକୁ ଚାହିଁଲା ଓ ତା ପରେ ଯାଇ ଶେଯରେ ଶୋଇଲା । ତଥାପି ତାକୁ ନିଦ ହେଲାନାହିଁ; ଚିନ୍ତାସାକ ବଗିଚାର ସେହି ଅବୋଧ ପଥରଟା ତା ମୁଣ୍ଡ ଉପରେ ପ୍ରକାଣ୍ଡ ମେଘାସନ ପର୍ବତ ପରି ଝୁଲି ରହିଲା ।

ପର ଦିନ ସକାଳେ ରମା ବଗିଚାକୁ ଯାଇ ପଥରଟା ପରୀକ୍ଷା କରି ଦେଖୁ ଦେଖୁ ତଳୁ ଗୋଟିଏ କାଗଜ ପାଇଲା । ତହିଁରେ କେତେ ପ୍ରକାର କାଳିରେ ଲେଖାଥିଲା । ଲେଖକର ନାମ ସେ ଖୋଜି ପାଇଲାନାହିଁ ବା କାଗଜଗୁଡ଼ାକ କାହାପାଇଁ ଯେ ରଖାହୋଇଥିଲା, ତାହା ମଧ୍ୟ ବୁଝିପାରିଲାନାହିଁ । ତଥାପି ସେ କାଗଜ ଧରି ଅଣ ଅଣ ପଢ଼ି ବସିଲା ।

"ସମଗ୍ର ସଂସାରଟା ଜଣକଠାରେ କେନ୍ଦ୍ରୀଭୂତ ହୋଇ ରହିବା ନାମ ପ୍ରେମ । ସେହିପରି ମଧ୍ୟ ଜଣେ ଚତୁର୍ଦ୍ଦିଗରେ ପରିବ୍ୟାପ୍ତ ହୋଇ ସମଗ୍ର ବିଶ୍ୱରେ ଲୀନ ହେବା ପ୍ରେମ ଛଡ଼ା ଆଉ କିଛି ନୁହେଁ ।"

"ସ୍ୱର୍ଗର ଅପ୍ସରାମାନେ ତାରାମାନଙ୍କୁ ଯେ ନମସ୍କାର କରନ୍ତି, ତାହା ଏକା ପ୍ରେମ ।'

"ପ୍ରେମ ଯୋଗେ ଯେଉଁ ବିଷାଦ ହୃଦୟରେ ଜନ୍ମେ, ତାହା ବିଷାଦ ନୁହେଁ, ସ୍ୱର୍ଗର ଅମୃତ । ସମୁଦ୍ର ମନ୍ଥନ କରି ଦେବତାମାନେ ସେହି ଅମୃତ ପାଇଥିଲେ ଏବଂ ତାହା ସେବା କରି ଅମର ହୋଇଥିଲେ । ମୁଁ ସ୍ଥିର କଣ ଏ ଅନନ୍ତ ଜଗତରେ ଅମର ହୋଇପାରିବି ?"

"ବିଚ୍ଛେଦକାତର ପ୍ରେମିକ ଅଳୀକ ସାନ୍ତ୍ୱନାରେ ମନ ଭୁଲାଇ ପାରେନାହିଁ । ଆହା ଯେତେବେଳେ ପ୍ରେମିକ ପ୍ରେମିକାଙ୍କର ଦେଖା ନ ହୁଏ, ଚିଠି ପତ୍ର ନ ଚଳେ,

ସେମାନେ ତେଣିକି କେବଳ ଆତ୍ମାର ମିଳନରେ ମିଳିତ ହୁଅନ୍ତି । କୋକିଳର ସଙ୍ଗୀତରେ, ସୁଧାକରର କିରଣରେ, ସମୀରଣର ଘନ ଘନ ଦୀର୍ଘନିଃଶ୍ୱାସରେ, ସୁଦୂର ତାରକାବୃନ୍ଦର ଆଲୋକରେ ଜଣେ ଜଣକ ନିକଟକୁ ହୃଦୟର ଅମୂଲ୍ୟ ଉପହାର ପଠାଏ । ସେଥିରୁ କାହାକୁ କିଏ ନିରସ୍ତ କରିପାରିବ ?''

''ପ୍ରକୃତ ପ୍ରେମ ନୈରାଶ୍ୟରେ ରହିଛି । ନୈରାଶ୍ୟରୁ ଆଶାର ବିକାଶ । ପ୍ରକୃତରେ ଆଶା କରିବାର ଅଧିକାର ଅଛି ତାର, ଯେ ନୈରାଶ୍ୟରେ ଥରେ ଜଳି ମରିଛି । ମୁଁ ଥରେ କାହିଁକି, ଦଶ ଥର ନୈରାଶ୍ୟରେ ଜଳି କେବଳ ମରିନାହିଁ, ଏକାବେଳକେ ପାଉଁଶରେ ପରିଣତ ହୋଇଛି । ତାହାହେଲେ ଜଣାପଡ଼ୁଛି, ମୋ ଆଶା ଦଶ ଗୁଣ ଫୁଟିଉଠିବ ।''

ଖଣ୍ଡିଏ ଖଣ୍ଡିଏ କାଗଜରେ ଗୋଟିଏ ଗୋଟିଏ ବିଷୟ ଦିନକେ ନୁହେଁ, ଅନେକ ଦିନ ଧରି ଲେଖା ହୋଇଥିଲା । ରମା ପଢ଼ି ଧ୍ୟାନମଗ୍ନ ହେଲା । ଧ୍ୟାନ ଭାଙ୍ଗିଲା ବେଳକୁ ସେ ଦେଖିଲା ଆଗରେ ନିତ ଦିନର ସେହି ମାଳି ଯାଉଛି । ତା ମୂର୍ତ୍ତିଟା ସେଦିନ ରମାକୁ ଅତି କଦର୍ଯ୍ୟ ଦିଶିଲା । ରମା ଆଖି ଫେରାଇ ନେଇ ପୁଣି ସେହି କାଗଜ ମେଞ୍ଚକ ଭିତରକୁ ଚାହିଁଲା । ସେ ଦେଖିଲା, ସବୁ ଲେଖା ଜଣେ ଲେଖିଛି ଓ ଏକ ଭାବନା ପ୍ରତ୍ୟେକ ଲେଖାରେ ରହିଛି । କିଏ ଲେଖିଛି ଏବଂ କାହା ପାଇଁ ଲେଖିଛି, ବୁଝିବା ତା ପକ୍ଷେ କଷ୍ଟକର ହେଲାନାହିଁ; ତେଣୁ ସେ କହିଲା, ''ସେ ଲେଖିଚନ୍ତି ।'' ସବୁ ତାକୁ ଦିବାଲୋକ ପରି ଉଜ୍ଜ୍ୱଳ ଦିଶିଲା । ତା ମନ ମଧ୍ୟରେ ଆନନ୍ଦର ଲହରୀ ଖେଳିବାକୁ ଲାଗିଲା । ତହୁଁ ସେ କହିଲା, ''ସେ ପାଦ ଶବ୍ଦ ତାଙ୍କର । ସେ ଦିନର ସେହି ଛାୟା ମଧ୍ୟ ତାଙ୍କ ଛଡ଼ା ଆଉ କାହାର ନୁହେଁ । ମୁଁ ତାଙ୍କୁ ପାସୋରି ଦେଇଥିଲି । ସେ ମୋତେ ଆସି ନିଦରୁ ଉଠାଇଦେଲେ ।'' କିନ୍ତୁ ବାସ୍ତବରେ ରମା ବନମାଳୀକୁ ଭୁଲିଯାଇ ନ ଥିଲା; କେବଳ ପ୍ରକାଶ୍ୟ ସ୍ନେହ ପରିବର୍ତ୍ତେ ଅନ୍ତର ମଧ୍ୟରେ ପୂଜା କରିବାରେ ଲାଗିଥିଲା ।

ରମା ଲେଖି ପଢ଼ିସାରି, ଠିଆ ହୋଇଛି, ବିଶ୍ୱେଶ୍ୱର ଫେରି ପୁଣି ସେହି ବାଟେ ଯାଉଥିଲା । ରମାକୁ ଦେଖି ସେ ଉଷତ୍ ହସିଲା; କିନ୍ତୁ ରମା ତା କୁତ୍ସିତ ମୂର୍ତ୍ତି ଦେଖି, ମନେ ମନେ ତାକୁ ଘୃଣା କରିବାକୁ ଲାଗିଲା ଏବଂ ଲଜ୍ଜା ଓ ଅନୁତାପରେ ମୁଣ୍ଡ ନୁଆଁଇ ଦେଲା । ସେ ଧାଇଁଯାଇ, ଶୟନକକ୍ଷରେ ଦୁଆର କିଳି ଲେଖାଗୁଡ଼ିକ ପୁଣି ପଢ଼ିବାକୁ ଲାଗିଲା । କାଗଜକୁ ସେ ଅଧରରେ ଚୁମ୍ବନ ଦେଲା ଏବଂ ବୁକୁରେ ଯାକି ଧରିଲା । ସବୁ ପରେ ପୁଣି ରମା ସ୍ୱର୍ଗରାଜ୍ୟର ଶାନ୍ତି ମଧ୍ୟରେ ପୁଣି ଝାସିପଡ଼ିଲା ।

ସନ୍ଧ୍ୟାବେଳେ ପାଞ୍ଚ ନାଏକ ଏକା ବୁଲିବାକୁ ବାହାରିଲେ । ରମା ଲୁଗାପଟା ପିନ୍ଧିଲା । ସେ ଯେ କାହିଁକି ଲୁଗାପଟା ପିନ୍ଧି ତିଆରି ହେଲା, ତାହା ଆଉ କାହା କଥା,

ଦୂରେଥାଉ, ସେ ଝଟେ ସୁଦ୍ଧା ଘୁଞ୍ଚି ପାରୁନାହିଁ; କିନ୍ତୁ ମୁହୂର୍ତ୍ତିକ ମଧ୍ୟରେ ସେ ବଗିଚାରେ ବୁଲିବାର ଦେଖାଗଲା । ପୂର୍ବର ପାଦଶବ୍ଦ ପୁଣି ଶୁଭିଲା । ରମା ଚାହିଁବାରେ ଜଣେ ଯୁବକର ମୂର୍ତ୍ତି ଦେଖାଗଲା । ସେ ମୂର୍ତ୍ତି ଯେ ବନମାଳୀର, ତାକୁ ଚିହ୍ନିବାରେ ତାକୁ ସମୟ ଲାଗିଲା ନାହିଁ । ନୈରାଶ୍ୟରେ ଉଦ୍ଭ୍ରାନ୍ତ ହୋଇ, ଦୁଃଖରେ ମଳିନ ପଡ଼ି ବନମାଳୀ ଆସି ଉପସ୍ଥିତ ହୋଇଥିଲା; ଦେଖି, ରମା ମୂର୍ଚ୍ଛା ଅନୁଭବ କଲା; ତହୁଁ ସେ ଗୋଟାଏ ଗଛରେ ଆଉଜି ରହିଲା । ତା ପରେ ସେ ଶୁଣିଲା :—

“ମୋ ଦୋଷ କ୍ଷମା କରିବ । ମୁଁ ଯେତେବେଳେ ନୈରାଶ୍ୟରେ ଜଳି ପୋଡ଼ିଯିବାକୁ ବସିଲି, ଧାଇଁ ଚାଲିଆସିଲି ଏଠି ପ୍ରାଣ ଶୀତଳ କରିବାକୁ । ମୋ ଲେଖା କଣ ପଢ଼ିଲ ? କଲ୍ଲାପଡ଼ିଆରେ ମୋ ସହିତ ଦେଖା ହବାର କଣ ମନେ ଅଛି ? ସେ ତ ପ୍ରାୟ ବର୍ଷକ ତଳର କଥା । ତା ପରେ ମୁଁ ତୁମକୁ କେତେ ଖୋଜି ବୁଲିଚି । ମୁଁ ରାତିରେ ଏଠାକୁ ଆସୁଚି । ତୁମେ ଭୟ କରିବ ନାହିଁ । ମୁଁ ଗୋପନରେ ଆସି ଗୋପନରେ ଫେରିଯାଉଚି । ସେଦିନ ମୁଁ ତୁମ ପାଖ ପର୍ଯ୍ୟନ୍ତ ଆସିଲି । ତୁମେ ବୁଲି ବୁଲୁଥିଲ, ଦେଖି, ପଳେଇଗଲି । ତୁମେ ମୋ ପ୍ରାଣର ଅଧିଶ୍ୱରୀ । ମୁଁ ବେଳେ ବେଳେ ଆସି ଦେଖି ଯାଉଥିବି । ମୁଁ ଆଉ କିଛି ଲୋଡ଼େ ନା ।”

ରମା ତଳେ ପଡ଼ିଗଲା; ବନମାଳୀ ତାକୁ ଉଠାଇ କୁଣ୍ଢାଇ ଧରିଲା; କିନ୍ତୁ ସେ ଝଟେ ମଧ୍ୟ ପଞ୍ଜିଯିବାକୁ ବସିଲା । ଘଟଣାକ୍ରମେ ତା ହାତ ରମା ଛାତିରେ ବାଜିଲା । ସେ ବୁଝିଲା ଯେ ତା ଲେଖାଗୁଡ଼ିକ ରମା ଛାତିରେ ରଖିଛି । ତହୁଁ ସେ ପଚାରିଲା, “ତୁମେ ମୋତେ କଣ କେବେ ସ୍ନେହ କର ?” ଉତ୍ତର ଶୁଣିଲା, “ତୁନି ହୁଅ । କରେ ବୋଲି ତୁମେ ଜାଣିଚ । ଆଚ୍ଛା, କହ ଦେଖି ତୁମ ନାଁ କଣ ।”

“ବନମାଳୀ । ଆଉ ତୁମର ?”

“ରମା ।”

---

—୪୨—

## ଦୀନା ସାହୁ ପୁଅ ଦୁହେଁ

ସନ ୧୨୫୩ ସାଲ ପରେ ଜଗାରସିଂହ ଚଟିଘର ଯେତେବେଳେ ଅସଂଖ୍ୟ ଛୋଟିଆ ଛୋଟିଆ ଧାର କରଜ ମଧ୍ୟରେ ବୁଡ଼ି ଅଚଳ ହେବା ଉପରେ ବସିଲା, ତା ପରେ ଦୀନା ସାହୁର ଦୁଇ ଗୋଟି ପୁଅ ଜନ୍ମ ହେଲେ । ସେ ଦୁହିଙ୍କୁ ଧରି ତାର ମୋଟରେ ପାଞ୍ଚ ଗୋଟି ସନ୍ତାନ, ଯୋଡ଼ାଏ କନ୍ୟା, ତିନୋଟି ପୁତ୍ର । ସାହୁଆଣୀ ଗୋଟାଏ

ଆକସ୍ମିକ ଉପାୟରେ ସାନ ପିଲା ଦିଓଟିଙ୍କଠାରୁ ନିଷ୍କୃତି ପାଇଲା । ତାର କି ପ୍ରକୃତ କେଜାଣି, ତା ମାତୃତ୍ୱ କେବଳ ହିଁ ଏ ଦିଓଟିଙ୍କଠାରେ ଆବଦ୍ଧ ଥିଲା । ପୁଅ ଦିନଙ୍କ ବିଷୟରେ ସେ ଠିକ୍ ସର୍ପସ୍ୱରୂପ ପ୍ରବୃତ୍ତି ଅନୁକରଣ କରୁଥିଲା; ଅର୍ଥାତ୍ ପ୍ରସବ କରିବା ପରେ ସେମାନଙ୍କୁ ଗିଳିଦେବାକୁ ଗୋଡ଼ାଉ ଥିଲା । ସେଥିପାଇଁ ପୁଅମାନେ ନିଜ ପ୍ରାଣ ରଖିବା ଲାଗି ମା ପାଖରୁ ଧାଇଁ ପଳାଉଥିଲେ ।

ଦୀନା ସାହୁର ସାନପୁଅ ଦିଓଟିଙ୍କଠାରୁ ସେ ନିଷ୍କୃତି ପାଇଲା କିପରି ସେ କଥା ଉଲ୍ଲେଖ କରିବା ଦରକାର । ପୂର୍ବରୁ କୁହାଯାଇଛି ଶ୍ରୀନିବାସ ଚମ୍ପିତରିଏ ଦାସୀ ପଦ୍ମାର ପିଲା ଦିଓଟିଙ୍କ ପାଇଁ ମାସକୁ ଷାଠିଏ ଟଙ୍କା ବୃତ୍ତି ଖଞ୍ଜି ଥିଲେ । ପଦ୍ମା ପିଲାଦିଓଟିଙ୍କ ବାବଦରେ ଦଶ ପନ୍ଦର ଟଙ୍କା ଖର୍ଚ୍ଚ କରି, ବାକି ଟଙ୍କାତକ ନିଜ ଭୋଗବିଳାସରେ ଲଗାଉଥିଲା । କିଛିଦିନ ପରେ ହଠାତ୍ ହଇଜା ରୋଗରେ ତାର ଦୁଇଟିଯାକ ପିଲା ଏକାଦିନକେ ସଂସାର ଛାଡ଼ି ଚାଲିଗଲେ । ତେଣିକି ତା ଶୂନ୍ୟ ଘରକୁ କାଳେ ମାସକୁ ବୃକୁଳାଏ ଟଙ୍କା ନ ଆସିବ ଭାବି, ପଦ୍ମା ସେହି ବୟସର ଆଉ ଦୁଇଟି ପିଲା ଖୋଜିବାରେ ଲାଗିଲା ଏବଂ ଦିନେ ହଠାତ୍ ଦକ୍ଷିଣକୋଠାରେ ଦୀନା ସାହୁ ଘରେ ପହଞ୍ଚି ତା ସାନପୁଅ ଦିଓଟିଙ୍କି ଦେଖି କହିଲା, "ଆହା, ଏମିତି ଦିଓଟି ପିଲା ମୋର ଯେବେ ଥାଆନ୍ତେ, ମୋ ଅନ୍ଧାର ଘରଟା କେଡ଼େ ଉଜ୍ଜ୍ୱଳ କରନ୍ତେ କି !"

ସାହୁଆଣୀ ଶୁଣି ଉତ୍ତର ଦେଲା, "ଏ ଦିହିଁଙ୍କି ନିଅନା । ମୋ ଘର ଅନ୍ଧାର ହେଉ ତମ ଘର ଉଜ୍ଜ୍ୱଳ ହେଲେ, ମୁଁ ଟିକିଏ ଦୁଃଖ କରିବିନାହିଁ ।" କଥା ସ୍ଥିର ହେଲା, ପଦ୍ମା ପିଲା ଦିହିଙ୍କ ବାବଦରେ ଖଜଣାସ୍ୱରୂପ ଦୀନା ସାହୁକୁ ମାସକୁ ତା ଷାଠିଏ ଟଙ୍କା ଭିତରୁ ଦଶଟଙ୍କା କରି ଦେବ । ପଦ୍ମା ତା ଚୁକ୍ତି ରକ୍ଷା କରିବାରେ ଲାଗିଲା । ଶ୍ରୀନିବାସ ନୂଆପିଲା ଦିଓଟିଙ୍କୁ ଦେଖି ପୁରୁଣା ପିଲାଙ୍କଠାରୁ କିଛି ତଫାତ୍ ଧରି ପାରିଲେ ନାହିଁ । ସନ୍ଦେହକୁ ସ୍ଥାନ ନ ଦେବା ପାଇଁ ପଦ୍ମା ବେଳେ ବେଳେ କହେ, "ଦେଖନା, ଠିକ୍ ତମରି ପରି କିମିତି ଦିଶୁଛନ୍ତି ।"

ସେ ଘଟଣାର କିଛିଦିନ ପୂର୍ବରୁ ଦୀନା ସାହୁ ଅଗାଧୁ ବେଦେହର ଅବସ୍ଥାର ଗ୍ରହଣ କରିଥିଲା । ଚମ୍ପା, ଝିଅ ଏବଂ ହରିଅ ତାଙ୍କ ସାନ ଭାଇ ଦିଓଟିଙ୍କ ସ୍ମୃତି ଏକାବେଳକେ ମନରୁ ପୋଛିଦେଲେ । ସାନ ପିଲା ଦିଓଟି ପଦ୍ମା ଘରେ ବେଶ୍ ସୁଖରେ ରଜାପୁଅ ଆଦରରେ ଖୁବ୍ ଆଡ଼ାରେ ରହିଲେ । ଅଶ୍ଳୀଳ କଦର୍ଯ୍ୟ କଥା କମେ କାନବାଟେ ଆଉ ନ ପଶିବାରୁ ତାଙ୍କ ଜିଭବାଟେ ବାହାରିଲା ନାହିଁ ।

କିନ୍ତୁ ଜଗତର ଗୋଟାଏ ବିଚିତ୍ର ନୀତି ଯେ ଷଠି ଯାହା ଭାଗ୍ୟରେ ଦୁଃଖ ଲେଖି ପଠାଇଥାଏ, ସୁଖ ତାକୁ ବେଶି ଦିନ ସହେ ନାହିଁ । ଦୀନା ସାହୁର ମକଦ୍ଦମା

ବିଚାରରେ ପ୍ରମାଣ ମିଳିଲା ଯେ ପଦ୍ମା ନାମରେ କୌଣସି ଏକ ସ୍ତ୍ରୀଲୋକଠାରୁ ସେ ମାସରେ ଦଶ ଟଙ୍କା ପାଏ । ଦିନେ ସକାଳେ ପଦ୍ମାର ପିଲା ଦିଓଟି ଖେଳି ବୁଲିବାକୁ ଘରୁ ବାହାରି ଯାଇଛନ୍ତି, ପୋଲିସ ସିପାହି ଆସି, ତାକୁ ଗିରଫ କରିନେଇ, ତା ଘରେ ତାଲା ପକାଇ ଚାଲିଗଲେ । ପିଲାମାନେ ଫେରି କବାଟ ବନ୍ଦ ଥିବା ଦେଖି କାନ୍ଦିବାକୁ ଲାଗିଲେ । ପଡ଼ୋଶୀମାନେ ଦୟା ବହି କହିଲେ, "ତୁମ ମା ପରା ଫାଣ୍ଡିରେ ଯାଇ ଅଛି; ସେଇଠିକୁ ଯାଅ ।"

ଦିନେ ସଂଧ୍ୟାରେ ହଠାତ୍ କାହିଁକି ଘୋର ଅନ୍ଧାର ପବନ ବହି ପ୍ରଚଣ୍ଡ ଶୀତ ହେଉଥିଲା । ହରିଆ ସେତେବେଳେ ଗୋଟାଏ ଭଣ୍ଡାରୀ ଘର ଦୁଆରେ ଠିଆ ହୋଇ ତା ଘର ଭିତରକୁ ଏପରି ନିରୀକ୍ଷଣ କରି ଚାହିଁଥିଲା, ଦେଖିଲେ ମନେ ହେଉଥିଲା ଯେ ସେ ସତେ ଅବା ସେହି ଘରର ସୌନ୍ଦର୍ଯ୍ୟରେ ମୁଗ୍ଧ ହୋଇ ଚାହିଁଛି; କିନ୍ତୁ ପ୍ରକୃତରେ ଭଣ୍ଡାରୀର କ୍ଷୁରଟା ଉପରେ ତାର ଲକ୍ଷ୍ୟ ଥିଲା । ହରିଆ ଗୋଟାଏ ନୂତନ ବ୍ୟବସାୟ ଖୋଲିଥିଲା; ମଫସଲ ଭଣ୍ଡାରୀମାନଙ୍କୁ ଭଲ ଭଲ କଟକୀ କ୍ଷୁର ଶସ୍ତା ଦାମରେ ବିକ୍ରୀ କରି କିଛି କିଛି ରୋଜଗାର କରୁଥିଲା । ସେ ବ୍ୟବସାୟର ନାମ ସେ 'ଭଣ୍ଡାରୀ ଖିଅର' ଦେଇଥିଲା ।

ସେତେବେଳେ ହଠାତ୍ ଦୁଇଟି ପିଲା ଆସି ଭଣ୍ଡାରୀଘର ଭିତରେ ପଶିଲେ । ସେମାନେ ଭଲ ପୋଷାକ ପିନ୍ଧିଥିଲେ ଏବଂ ବେଶ୍ ହସାଖୁସିରେ ଦିଶୁଥିଲେ । ଘର ଭିତରକୁ ଯାଇ ସେମାନେ କଣ କଲେ କେଜାଣି, ଭଣ୍ଡାରୀ ପିଲା ଦିଓଟାଙ୍କୁ ମାରି ମାରି ଦାଣ୍ଡକୁ ପେଲିଦେଇ, କହିଲା, "ମୋ ଘରଟା ଧର୍ମଶାଳା ବୋଲି ଭାବିଛ ନା କଣ ? ତୁମେ ତ ଏ ଖୁବ୍ ଚୋରାଉଥିବ ।" କହି, ଭଣ୍ଡାରୀ ଦୁଆର କିଳି ଘର ଭିତରକୁ ଚାଲିଗଲା । ପିଲା ଦୁହେଁ ବିକଳ ସ୍ୱରରେ କାନ୍ଦିବାକୁ ଲାଗିଲେ । ହରିଆ ସେମାନଙ୍କ ନିକଟକୁ ଯାଇ ପଚାରିଲା, "କିରେ କାନ୍ଦୁଛ କାହିଁକି ?"

ବଡ଼ ପିଲାଟି ଉତ୍ତର ଦେଲା, "ଆମେ ଆଜି ଶୋଇବୁ କୋଉଠି ?"

"ଏଥିପାଇଁ ଏତେ ଭାବନା ? ମୋ ସାଙ୍ଗେ ଆସ ।" ପିଲା ଦୁହେଁ ଗୋଟାଏ ରକମର ଅନୁସରଣ କରି ଗଲା ପରି ହରିଆ ପଛେ ପଛେ ଚାଲିଲେ । କିଛି ବାଟ ଯାଇ ହରିଆ ପଚାରିଲା, "ତୁମେ ଖାଇଛ ନା ?" ଉତ୍ତର ଶୁଣିଲା, "ହଁ, କାଲି ଖାଇଥିଲୁ ।"

"କାହିଁକି, ତୁମର କଣ ବାପ ମା ନାହାନ୍ତି ?"

"ଅଛନ୍ତି । ତେବେ ସେ କେଉଁଠି ଅଛନ୍ତି, ଆମେ ଜାଣୁନା ।"

"ଅଚ୍ଛା, ମୁଁ ତାଙ୍କୁ ଖୋଜି ବାହାର କରିବି, ଆଗେ କିଛି ଖାଇ ନିଅ ।"

କହି, ସେ ଠିଆ ହେଲା ଓ ତା ପରିଧେୟ ବସ୍ତ୍ରରେ ଯେତେଗୋଟି କଣ ଥିଲା ସବୁ ଖୋଜି ଖୋଜି ଶେଷରେ ପାଞ୍ଚଟା ଅଧଲା ବାହାର କଲା। ଅଢ଼େଇ ପଇସାର ମୁଢ଼ି ଉଖୁଡ଼ା କିଣାହେଲା। ଦୋକାନୀ ଏକାଠି ମାପି ଦେବାରୁ ହରିଆ କହିଲା, "ଆମେ ପରା ତିନି ଜଣ ଅଛୁଁ; ତିନି ଭାଗ କରି ବାଣ୍ଟି ଦେ।" ତହୁଁ ସେ ପିଲା ଦୁଇଟିଙ୍କୁ କହିଲା, "ନଅ, ନେବାଅ।" ପିଲା ଦୁହେଁ ଖାଇବେ କଣ, ଆଚମ୍ଭିତ ହୋଇ ଚାହିଁ ରହିଲେ। ହରିଆ ଠୋ ଠୋ ହସି ପକାଇ କହିଲା, "ଦିଅ ପେଷିଦିଅ; ବସିଛ କାହିଁକି, ଛତରେ ?

---

—୪୩—

## ହାତୀପେଟ

ଦୋକାନରୁ ବାହାରି ହରିଆ ଶୁଣିଲା, "କି ରେ ଭାଇ ହରିଆ !"

"କି ରେ ଭାଇ, ଉଦ୍ଧବା ନା କଣ ?" ଉଦ୍ଧବା ଭଲ ଲୁଗାପଟା ପିନ୍ଧି, ଆଖିରେ ଚଷ୍ମା ଲଗାଇ, ଭଦ୍ରଲୋକ ବେଶରେ ବାହାରି ଥିଲା। ଦେଖି ହରିଆ କହିଲା, "ଖୁବ୍ ତ ବେଶଟା ବାନ୍ଧିଚୁ ! ସେ ଦିନ ସେ ଯୋଡ଼ ବୁଢ଼ା ତତେ ଗାଳି ଦେଲା, ତାରି ଫଳ ପରା ଏଇଟା !"

"ଚୁପ୍, ଚୁପ୍; ମୁଁ ଯାଉଚି ଗୋବିନ୍ଦାକୁ ଦେଖିବାକୁ।"

"କିରେ ସେ ପରା ଜେଲଖାନାରେ ?"

"ଆଉ ଅଛି କି ? ମାରିଦେଇଚି ପରି। ଯାକ ପୋଲିସ ବାଲାଏ ତାକୁ ପାରନ୍ତେ ? ତାଙ୍କର ଦି ଆଖି। ଆମେ ହେଲେ କନ୍ଥାରି ଜାତି ଜନ୍ତୁ; ଆମର ଚାରି ଆଖି—ତଳେ ଦୁଇ, ଉପରେ ଦୁଇ। ବୁଡ଼ିଗଲେ ଦିଶିବ, ଭାସିଲେ ଦିଶିବ।" ଉଦ୍ଧବା ହାତରେ ଗୋଟାଏ ବାଡ଼ି ଧରିଥିଲା। ହରିଆ ତା ଠୁଲଟା ଧରି ଭିଡ଼ି ଦେବାରୁ ଭିତରୁ ଗୋଟାଏ ଗୁପ୍ତି ବାହାରିଲା। ପିଲା ଦୁହେଁ ଡରି ପଛକୁ ହଟିଗଲେ। ହରିଆ ପଚାରିଲା, "ଆଜି କଣ ସେ ପାଜି ଜନାର୍ଦ୍ଦନିଆ ସାଙ୍ଗେ ଲଢ଼େଇ ପଡ଼େ ହବ କି ?"

"ଦେଖାଯାଉ କଣ ହେଉଚି। ତୁ କୁଆଡ଼େ ଯାଉଚୁରେ ?"

"ଏ ପିଲା ଦି'ଟା ପାଇଁ ଗୋଟେ ଶୋଇବା ଜାଗା ଠିକ୍ କରିବାକୁ। ତୋ ଜାଣତାରେ କୋଉଠି ଘର-ଫର କିଛି ଅଛି ?"

"ଅଛି, ସେ ହାତୀପେଟରେ ।" ହରିଆ ଆଶ୍ଚର୍ଯ୍ୟ ହୋଇ କହିଲା, "ହାତୀ ପେଟରେ ! ତା ଅର୍ଥ ? ନା, ବାବୁ, ଏତେ ଦୂର ଚାଲି ହାତୀପେଟକୁ କାହିଁକି ଯିବେ, ଏଠି ତୋ ପେଟ ଆଉ ଆଉ ? ନା, ଭାଇ କହନା, ଠିକ । ଅଚ୍ଛା ନୁହେଁ, ସତେ ଦରକାର ମ; ମୋ ରାଣ ।"

"ହଁ, ତୁ ସେ ହାତୀଟା ଦେଖିନୁ ? କାଲ୍ଲା ଖାଇ ମୁହଁରେ ଯୋଉଟା ଅଛି । ଶୁଣ୍ଢ ଉଳଟୋଇ ସେଇଟା ଭଲ, ପାଣି ପବନ ଲାଗେ ନାହିଁ ।"

"ଆଉ, ଯିବାକୁ ବାଟ ?"

"ତା ପାଇଁ ବାଟେ ସୁଡୁଙ୍ଗ ଗଳି ଯିବାକୁ ହବ । ସେଇଠି ଯାଇ ରହିଲେ ତ୍ରିଭୁବନରେ କେହି ଜାଣି ପାରିବେ ନାହିଁ; ଛେଚେଡ଼ା ପୋଲିସ ବି ନୁହନ୍ତି । ତୁ ତ ଚାରି ଭିତରେ ପଶିଯିବୁ; ଚନ୍ଦ୍ରା କଣ ?"

"ଏ ପିଲା ଦୁ'ଟାଙ୍କ ପାଇଁ ତେବେ ଗୋଟେ ଯନ୍ତ୍ର ଦରକାର ହବ ।" ଶୁଣି, ଉଷ୍ଣୁବା ଠୋ ଠୋ ହସିଲା ଓ ହସି ସାରି ପଚାରିଲା, "କି ରେ ଏ ଯନ୍ତ୍ରାଙ୍କୁ ପାଇଲୁ କୋଉଠୁ ?" ଉତ୍ତର ଶୁଣିଲା, "ଗୋଟାଏ ଭଣ୍ଡାରୀ ମୋତେ ଭେଟି ଦେଇଛି ପରା ।" ଉଷ୍ଣୁବା କାଳି ଯମଯୁ ଗରବ ଭଳି ପଚାରିଲା, "ଭାଇ, ମୁଁ କଣ ତନ୍ଦ୍ରା ପଡ଼ଯାଉଛି ? ତୁ ତ ଖୁବ୍ ଜଲ୍ଦି ଚିହ୍ନିଦେଲୁ ।" କହି, ସେ କୁରୁଢ଼ା ପକେଟରୁ କାଢ଼ି ମୁହଁରେ ଗୋଟାଏ ରଙ୍ଗ ବୋଳି ହେଲା ଏବଂ ନାକରେ ଗୋଟେ ଫାଶିଆ ପିନ୍ଧିଲା । ଦେଖି, ହରିଆ କହିଲା, "ଚମତ୍କାର ! ଆଉ କାହା ବାପର ସାଧ୍ୟ ଅଛି ତତେ ଚିହ୍ନେ । ଆଚ୍ଛା, ଯା । ମୁଁ ତ ଚାଲିଲି ମୋ ଜଉଆସକୁ । ତୋର ଯେବେ ଦରକାର ପଡ଼େ ଯାଇ ଖବର ଦବୁ । ମୋର ଦୁଆରୁ ନ ଥିବେ, ଭାଇ ! ଡାକିବୁ, 'ହରିଆ ମହାରାଜ' । ତେବେ, ଆମେ ଭିତରୁ ବାହାରି, ଦୁଆରର ବଳେ ହେଇ ତୋ କଥା ଶୁଣିମୁ ।"

ସିପାହୀ ଯୁଦ୍ଧ ପରେ ଦଶ ପନ୍ଦର ବର୍ଷ ପର୍ଯ୍ୟନ୍ତ ବାରବାଟୀ କିଲ୍ଲା ଗଡ଼ଦ୍ୱାରରେ ଦୁଇଟା ପୁରୁଣା ହାତୀ ମଧ୍ୟରୁ ଗୋଟାଏ ଭଙ୍ଗାପଙ୍ଗା ବାକି ଗୋଟାଏ ଦରଭଙ୍ଗା ଅବସ୍ଥାରେ ଠିଆ ହୋଇ ରହିଥିଲା । ହାତୀଟା ଅନେକ ବର୍ଷ ପୂର୍ବେ ଚୂନ ଏବଂ ସୁର୍କିରେ ଗଢ଼ା ହୋଇଥିଲା । ତା ପେଟଟା ପୋଲା । ଇଂରେଜ ଓଡ଼ିଶା ଜୟ କଲା ପରେ ଗଙ୍ଗବଂଶୀୟ ରାଜାଙ୍କ ନବତଳ ରାଜପ୍ରାସାଦ ଭାଙ୍ଗି ଚୂର୍ ହୋଇଗଲା । ଇଂରେଜ ସରକାର ବାରବାଟୀରେ ଗୋଟାଏ ବାରୁଦଘର ସ୍ଥାପନ କଲେ । ବାରୁଦ ଘର ରକ୍ଷା କରିବା ନିମନ୍ତେ ଫାଟକ ମରାମତି ହେଉଥିଲା । କିନ୍ତୁ ହାତୀଟା ମରାମତ କରିବାର କୌଣସି ବ୍ୟବସ୍ଥା ନ ଥିଲା । ଓଡ଼ିଶା ରାଜପଥଙ୍କ ପୂର୍ବ ସମ୍ପର୍କିର

ଭଗ୍ନାବଶେଷସ୍ୱରୂପ ଦରଭଙ୍ଗା ହାତୀର ପ୍ରତିମା ସେ ବିସ୍ତୀର୍ଣ୍ଣ ପ୍ରାନ୍ତର ମଧ୍ୟରେ ଏକାକୀ ଠିଆ ହୋଇ ରହି, ଦେଶର ଦୁର୍ଦ୍ଦଶା ତତ୍କାଳବାସୀଙ୍କି ସ୍ମରଣ କରାଇ ଦେଉଥିଲା । ଭାବୁକ, ଚିନ୍ତାଶୀଳ, ସ୍ୱଦେଶବତ୍ସଳ ଲୋକେ ସେ ବାଟେ ଗଲେବେଳେ ନିଜ ନିଜର ମାନସିକ ବେଦନା ଅନୁପାତରେ କିଏ ଗୋଟାଏ ଦୀର୍ଘନିଃଶ୍ୱାସ ପକାଉଥିଲା, କିଏ ବା ଆଖିରୁ ଟୋପାଏ ଲୁହ ପୋଛୁଥିଲା ।

ସେହି ହାତୀ ପାଖରେ ଯାଇ ହରିଆ ପିଲା ଦିଓଟିଙ୍କି ଧରି ପହଞ୍ଚିଲା । ମୂର୍ତ୍ତିଟାକୁ ଦେଖି ପିଲା ଦୁହେଁ ଥରିବାକୁ ଲାଗିଲେ । ସାନ ପିଲାଟି କାନ୍ଦ ପକାଇବାକୁ ବସିଲା । ହରିଆ କହିଲା, "ପାଟି କରନା, ଶୁଣିଲେ ସିପେଇ ଧାଇଁ ଆସି ଧରି ନେଇଯିବେ ।" ଶୁଣି, ପିଲା ଦୁହିଙ୍କର ଆହୁରି ଅଧିକ ଭୟ ହେଲା । ତେବେ, ଭୟ ଯୋଗୁ କାନ୍ଦ ସ୍ୱର ରୁଦ୍ଧ ହୋଇ ରହିଲା । ସେ ବେଳଟା ଭାରି ଦୁଃସମୟ । ଝାଳ ଯେ ବର୍ଷା ହୋଇ ଆସୁଥିଲା ତା ନୁହେଁ; ଘଡ଼ଘଡ଼ି ଚଡ଼ଚଡ଼ି ଶବ୍ଦରେ ଆକାଶ ବିଦୀର୍ଣ୍ଣ ହୋଇ ଯାଉଥିଲା ।

ହରିଆ ଚାହିଁ ଦେଖିଲା ନିକଟରେ ମିସ୍ତ୍ରୀମାନଙ୍କ ସିଢ଼ି ଡେରାହୋଇଛି । ସେ ସିଢ଼ିଟାକୁ ଆଣି ହାତୀ ମୁହଁ ପାଖେ ପକାଇ କହିଲା, "ଯାଅ, ଚଢ଼; ତା ପରେ ଭିତରକୁ ଗଳିଯିବ ।" ଶୁଣି, ପିଲା ଦୁହେଁ ପରସ୍ପର ମୁହଁକୁ ଚାହିଁଲେ । ହରିଆ ପଚାରିଲା, "ଡରୁଚ ନା ?" ତହୁଁ ସେ ନିଜେ ସିଢ଼ିରେ ଉପରକୁ ଚଢ଼ିଗଲା ଏବଂ ମୁହୂର୍ତ୍ତକ ମଧ୍ୟରେ ଓହ୍ଲାଇଆସି ବଡ ପିଲାଟିକି ସିଢ଼ିବାଟେ ଉପରକୁ ନେଇଗଲା । ବଡ ପିଲା ଉପରେ ବସିଲା । ହରିଆ ତଳକୁ ଚାଲିଆସି, ସାନ ପିଲାଟିକି ଟେକି ସିଢ଼ିର ମଝି ପଟାରେ ବସାଇ ଦେଲା । ତହୁଁ ସେ ବଡ଼ ପିଲାକୁ ସାନପିଲା ହାତ ଧରି ଉପରକୁ ଟାଣି ନେବାକୁ କହିଲା ଏବଂ ନିଜେ ତାକୁ ତଳୁ ଟେକିଲା । ସାନପିଲାଟି ଉପରକୁ ଗଲା ପରେ ସେ କହିଲା, "କଣ ଗିଳିଦେଲା ?"

ହରିଆ ପ୍ରଥମେ ହାତୀ ମୁହଁ ବାଟେ ପେଟ ଭିତରକୁ ଗଳି ଚାଲିଗଲା । ତା ପରେ ସାନପିଲାଟିର ମୁଣ୍ଡ କଣା ପାଖେ ରଖି ବଡ଼ ପିଲାକୁ କହିଲା, "ତୁ ପଛରୁ ପେଲେ, ମୁଁ ଆଗରୁ ଟାଣୁଚି ।" ସେହି ଉପାୟରେ ସାନପିଲା ପେଟ ଭିତରେ ପ୍ରବେଶ କଲା । ବଡ଼-ପିଲା ପାଇଁ କୌଣସି ପରିପାଟି ଦରକାର ହେଲା ନାହିଁ । ପିଲାମାନେ ଯାଇ ସେଠାରେ ପହଞ୍ଚିବା ମାତ୍ରେ କଲ କଲ୍ କଲ୍ ଚେଁ ଚୁଁ ଶବ୍ଦରେ ହାତୀ ପେଟ ଭିତରଟା କମ୍ପି ବାକୁ ଲାଗିଲା । ପିଲା ଦୁଇଟା ଭୟରେ ଥରିଲେ । ହରିଆ ଚିକମିକି ପଥର ଠୁକାଇ ସେଠାରେ ପଡ଼ିଥିବା ଗୋଟାଏ ଅଖାରେ ନିଆଁ ଧରାଇଲା । ଯେଉଁଥିରେ ଆଲୁଅ ଅପେକ୍ଷା ଧୂଆଁର ମାତ୍ରା ବେଶି ମିଳିଲା । ହୁଏତବା ସେଠାରେ ଖଣ୍ଡେ ଛିଣ୍ଡା ପଟି ରଖିଥାଏ । ସେ ପଟି ପକାଇ, ତିନି ଜଣଯାକ ଲଗାଲଗି ପାକୁଳିଆ ହୋଇ ଶୋଇଲେ । ହରିଆ ସମସ୍ତଙ୍କ ଉପରେ ନିଜ କମ୍ବଳ ଖଣ୍ଡି ଘୋଡାଇଦେଇ କହିଲା, "ଏ ବନାତଟା

ମାଙ୍କଡ଼ମାନେ କାହା ଘରୁ ଆଣି ଧରି ଭିଡ଼ାଭିଡ଼ି କରୁଥିଲେ । ମୁଁ ମନ୍ଦିରରେ ପଶି ଛଡ଼େଇ ଆଣିଚି । ଯାଙ୍କୁ ସୁନ୍ଦରର ଲୁଟି ମାଲ ବୋଲି କହୁ । ଖାଲି ଭଲ ଟଙ୍କା ଖଣ୍ଡେ ।"

ପିଲା ଦୁହେଁ ତା କଥା ବୁଝିଲେ କି ନାହିଁ; କିନ୍ତୁ ଭୟ କରିବାର ହଠାତ୍ ଗୋଟାଏ କାରଣ ଘଟିଲା । ଯେଉଁ କଲି କଲି ଟେଁ ଟୁଁ ଶବ୍ଦ କିଛି ସମୟ ବନ୍ଦ ହୋଇଥିଲା, ତାହା ପୁଣି ଶୁଣାଗଲା । ହରିଆ କହିଲା, "ଡରନା, ପିଲାଏ । ମୂଷାଗୁଡ଼ାକ ଏମିତି ହୋଉଚନ୍ତି, କାମୁଡ଼ିବେ ନାହିଁ ଯେ । ଆମେ ତ ବନାତ ଘୋଡ଼େଇ-ହୋଇ ଶୋଇବେଁ । ଖାଲି ହୁସିଆର ଥିବ, ଗୋଡ଼ ହାତ ମୁହଁ କିଛି ପଦାକୁ କାଢ଼ିବ ନାହିଁ । ନୋହିଲେ କାମୁଡ଼ି ଦେବେଟି । ଖାଲି ଦୁଷ୍ଟ ଏ ଜନ୍ତୁଗୁଡ଼ାକ ।"

ରାତି ପାହିବାକୁ କିଛି, ବିଳମ୍ବ ଅଛି ଥିଲେ ଗୋଟାଏ ପାଦଶବ୍ଦ ଶୁଣାଗଲା । ତା ପରେ କାହାର ଡାକ ଶୁଣି, ଆଉ ଜଣେ କହିଲା, "ଚାଲ, ଭାଇ, ଯାଉଚି ।" କ୍ଷଣକ ମଧ୍ୟରେ ହାତା ପେଟ ତଳେ ଦୁଇ-ଜଣ ଲୋକ ଠିଆ ହେବାର ଦେଖାଗଲା; ଜଣେ ଯୁବକ, ଆଉ ଜଣେ ପିଲା । । ଝୁପୁ ଝୁପୁ ବର୍ଷା ହେଉଥିଲା । ଯୁବକ ଜଣକ କହିଲା, "ହରିଆ, ତୋର ଟିକିଏ ମୋ ସାଙ୍ଗେ ଯିବା ଦରକାର । ଆ ଚାଲ ।" ହରିଆ କିଛି ନ ପଚାରି ଉତ୍ତର ଦେଲା, "ଚାଲ, ଉସ୍ତାଦ ଭାଇ ! କେତେ ବେଶି ଦୂର ?"

---

—୪୪—

## ପ୍ରାଣ ଲାଗି ସବୁ

ସେହି ରାତିରେ ଦରଘାବଜାର କଏଦଖାନା ଭିତରେ ଗୋଟାଏ ପ୍ରକାଣ୍ଡ ଘଟଣା ଘଟିଲା । ଗୋବିନ୍ଦା, ଚନ୍ଦ୍ରା, ସାଧୁଆ ଏବଂ ଦୀନାବନ୍ଧୁ ମିଳି ଜେଲଖାନାରୁ ବାହାରି ପଳାଇଯିବାକୁ ଗୋଟାଏ ଷଡ଼ଯନ୍ତ୍ର କରିଥିଲେ । ଗୋବିନ୍ଦା ନିଜ କୌଶଳରେ ଦିନବେଳୁଁ ଖସି ଚାଲିଯାଇଥିଲା । ଚନ୍ଦ୍ରା ଗୋପନରେ ଗୋଟାଏ ଦଉଡ଼ି ତିଆରି କରି ରଖିଥିଲା । ବର୍ତ୍ତମାନ ପରି ସେ ସମୟରେ ଜେଲଖାନାରେ ଏତେ କଟକଣା ନଥିଲା । ସେଥିପାଇଁ ସେ ଦଉଡ଼ିଟି ସହଜରେ ଲୁଚାଇ ରଖିବାକୁ କ୍ଷମ ହେଲା । ସେ ଗୋଟାଏ ଖୁଆଡ଼ରୁ ଯେଉଁ ଦିନ ଆଉ ଗୋଟାକୁ ଗଲା, ସେଦିନ ସେ ଦୁଇଟା ନୂଆ ପଦାର୍ଥ ପାଇଲା; ଗୋଟାଏ ସାଧୁଆ, ଅର୍ଥାତ୍, ଅପରାଧର ପ୍ରତିମୂର୍ତ୍ତି; ଦ୍ୱିତୀୟଟା ଗୋଟାଏ ଲୁହା କଣ୍ଟା, ଅର୍ଥାତ୍, ସ୍ୱାଧୀନତାର ଉପାୟ । ସେଦିନ ରାତିରେ, ସେ ପାଇଥିବା ଲୁହାକଣ୍ଟା

ଓ ଜଣେ ତିଆରି କରିଥିବା ନକ୍‌ଲି ସାହାଯ୍ୟରେ, ସାତଙ୍କ ସେଇଁ ଜେଲଖାନା ଭିତରୁ ଖୁଲିଗଲା । ସେଥିରେ ତାଙ୍କୁ ସାଧୁଆର ପରାମର୍ଶ ଅନୁସାରେ ଚଳିବାକୁ ହୋଇଥିଲା । ସାଧୁଆ ମଧ୍ୟ ପଛେ ପଛେ ବାହାରକୁ ବାହାରି ପଡ଼ିଲା ।

ସାଧୁଆ ଏବଂ ଚନ୍ଦ୍ରା ସେଦିନ ରାତିରେ ଗୋଟାଏ କୋଠରୀରେ ଏକାଠି ଥିଲେ । ଦୀନା ସାହୁ ଆଉ ଗୋଟାଏ କୋଠରୀରେ ଥିଲା । ଦୀନା ସାହୁ ଜେଲ-ଖାନାରେ ପଶିଲାବେଳେ ତା ବିଷୟରେ ନାନା ପ୍ରକାର ବଡ଼ ବଡ଼ କଥା ଶୁଣାଗଲା । ପାଣ୍ଡୁ ନାଏକ-ଠାରୁ ସେ ଦୁଇ ଲକ୍ଷ ଟଙ୍କା ଦାବି କରୁଥିଲା; ଅନେକେ ମନେ କଲେ ଯେ ତାର ସେ ଦାବୀ ପୂର୍ଣ୍ଣ ହୋଇଛି । ସେଥିପାଇଁ କଏଦୀମାନେ ତାଙ୍କୁ ଜମିଦାର ନାମ ଦେଲେ । ମାତ୍ର ହାକିମ କମ୍ବା ସିପାହୀମାନେ କେହି ତା ଜମିଦାରିର ଅଣୁମାତ୍ର ପରିଚୟ ପାଇଲେ ନାହିଁ । ସେଥିଲାଗି ଦୀନା ସାହୁ ପିଠିରେ ପ୍ରତିଦିନ ମାଡ଼ ବସେ । ଦିନେ ଦିନେ ପ୍ରହାରରେ ତା ଦେହରୁ ଛାଲ ଛଡ଼ିଯାଏ । ତଥାପି ତା ଜମିଦାରିରୁ ପଇସାଏ ସୁଦ୍ଧା ଜେଲଖାନା ଭିତରକୁ ଆସିଲାନାହିଁ । ତହୁଁ ସିପାହୀମାନେ ନିରାଶ ହୋଇ, ସେ ଉପାୟ ଛାଡ଼ି, ଗୋଟାଏ ଭିନ୍ନ ଉପାୟର ଆଶ୍ରୟ ନେଲେ; ସଦର ଦରଜା ବାଟେ ଯାଇ ନପାରି, ଚୋର ଦ୍ୱାରରେ ପଶିବାକୁ ଚେଷ୍ଟା କଲେ, କ୍ରମେ ଦୀନା ସାହୁର ମନ ନେବାକୁ ବସିଲେ । ସିପାହୀମାନେ ଚିଲମ ଖାଇଲାବେଳେ ନିଜେ ଟାଣିସାରି, ଶେଷକୁ ଦୀନା ସାହୁ ହାତକୁ ବଢ଼ାଇଦିଅନ୍ତି । ଦୀନା ସାହୁ ପ୍ରସାଦ ପାଇ ଘଡ଼ିକ ସକାଶେ ଭୋଳ ହୋଇ ରହେ ।

ଦୀନା ସାହୁକୁ କଠିନ ଅପରାଧ ଯୋଗେ ଗୋଟାଏ ଘରେ ଏକୁଟିଆ ରଖାଯାଇଥିଲା । କେବଳ ତାକୁ ଜଣେ ସିପାହୀ ଜଗି ବସୁଥିଲା । ସେଦିନ ରାତି ଦୁଇଟାବେଳେ ଯେଉଁ ସିପାହୀ ଜଗିବାକୁ ଆସିଲା, ସେ ଚିଲମ ତିଆରି କଲାବେଳେ ଦୀନା ସାହୁ କହିଲା, "ହଜୁର କାହିଁକି ଏତେ ମେହନତ କରିବେ, ମୋ ଆଡ଼କୁ ପକେଇଦିଅନ୍ତୁ ।" ଦୀନା ସାହୁ ସେ ଦିନ ଆଗରୁ ଦୁଇ ଅଣାର କଲିକତୀ କଲି ଗଞ୍ଜେଇ ଅଣାଇ ରଖିଥିଲା, ସିପାହୀର ସାମାନ୍ୟ ଗଞ୍ଜେଇରେ ସେତକ ମିଶାଇ ଚିଲମରେ ଭର୍ତ୍ତି କରିଦେଲା । ସିପାହୀ ଖୁବ ଜୋରା ଟାଣି ନିଶାରେ ଢଳି ଶୋଇପଡ଼ିଲା । ସଙ୍ଗେ ସଙ୍ଗେ ଦୀନା ସାହୁ କାମରେ ଲାଗିଲା; ଗୋଟାଏ ଉହାଧରି ଲୁହା ବାଡ଼ର ବାଡ଼ି ଦୁଇଟା କାଟିପକାଇଲା ।

ପ୍ରଶ୍ନ ହୋଇପାରେ, ଜେଲଖାନା କଏଦୀ ହାତକୁ ଉହା ଆସିଲା କିପରି ? ସୃଷ୍ଟିର ରୀତି ଯେପରି ରହସ୍ୟମୟ, ରାଜ୍ୟ ଶାସନ ପ୍ରଣାଳୀ ମଧ୍ୟ ତାଠାରୁ କୌଣସି ଅଂଶରେ କମ୍ ନୁହେଁ । ଶରୀର ଓ ସମ୍ପତ୍ତିର ରକ୍ଷାକର୍ତ୍ତା ପୋଲିସ ଫୌଜ ମଧ୍ୟରେ ଯେପରି ଚୋର ଆଉ ନରହନ୍ତା ଥାନ୍ତି, ସେହିପରି ଜେଲଖାନାର ଜଗୁଆଳମାନଙ୍କ ଭିତରେ ମଧ୍ୟ ଏଭଳି ଲୋକ ଥାଆନ୍ତି ଯେଉଁମାନେ କି କଏଦୀମାନଙ୍କୁ ବାହାରକୁ

ଛାଡ଼ିଦେବା ବ୍ୟବସ୍ଥା କରନ୍ତି । ସେମାନେ କଏଦୀମାନଙ୍କ ବରାଦ ଅନୁସାରେ ବାହାରୁ ପାନ, ସିଗାରେଟ୍, ଅଫିମ ଆଦି ନାନା ପ୍ରକାର ମୂଲ୍ୟବାନ ଉପକରଣ ମଧ୍ୟ ଲୁଚାଇ ଆଣିଦିଅନ୍ତି ।

ସେହିପରି କୌଣସି ସିପାହୀର କୃପାରୁ ଧନା ସାହୁ ତା କୋଠରୀ ଭିତରୁ ବାହାରି, ଅଗଣାରେ ଗୁଳି ଗୁଳି ଯାଇ ଛାତ ଉପରେ ଚଢ଼ି, ଛାତରୁ ଛାତକୁ ଡେଇଁ ବାହାରର ଉଚ୍ଚ ପାଚେରୀ ଉପରେ ଯାଇ ପହଞ୍ଚିଲା । ସେଠାରେ ସେ ଦେଖିଲା ଦଉଡ଼ି ଓ ସାଧୁଆ ଯେଉଁ ଦଉଡ଼ି ଧରି ଓହ୍ଲାଇ ଯାଇଥିଲେ, ତାହା କଣ୍ଟାରୁ ଖସି ବାହାର ପାଖେ ପଡ଼ିଯାଇଛି । ତହୁଁ ସେ ନିରୁପାୟ ହୋଇ ପାଚେରୀ ଉପରେ ବସିଲା । ବସିଲେ, କାଳେ କାହାକୁ ଦେଖାଯିବ, ଭାବି ସେଇ ଅଣଓସାରିଆ ପାଚେରୀ ଉପରେ ଶୋଇରହିଲା । ଶୋଇବାରେ ଭାରି ବିକଟ ହୋଇଗଲା । ତାହା ଯେତେ ବିକଟ ହେଲା, ସେ ପଡ଼ିଲେ ପ୍ରାଣ ରହିବ ନାହିଁ ବୋଲି ସେ ବୁଝିପାରିଲା । ତା କଲିଜା ପାଣି ହୋଇଗଲା । ରାତିଟା ତଥାପି ଅନେକ ବାକିଥିଆ ରହିଲା । ଡେଇଁବାକୁ ତା'ର ସାହସ ହେଲାନାହିଁ । ଏକ ପାଖରେ ମୃତ୍ୟୁ ଏବଂ ଅପର ପାଖରେ ବନ୍ଧନ ଓ ଦଣ୍ଡ ମଧ୍ୟରେ ଅତି ସଙ୍କୀର୍ଣ୍ଣ ପାଚେରୀ ଉପରେ ଶୋଇ ସେ ଛଟପଟ ହେବାକୁ ଲାଗିଲା ।

ଜେଲଖାନା ଘଣ୍ଟାରେ ଦୁଇଟା ବାଜିଲା । ସିପାହୀ ବଦଳ ହେଲା । ଧନା ସାହୁ କୋଠରୀରେ ପାହାରା ପାଳି ପଡ଼ିଲା, ସେ ଆସି ଦେଖିଲା, ତା ପୂର୍ବରୁ ଜଗିଥିବା ସିପାହୀ କାଠଗଡ଼ ପରି ତଳେ ପଡ଼ି ଶୋଇଛି ଏବଂ କଏଦୀ କୋଠରୀ ଭିତରେ ନାହିଁ । ସଙ୍ଗେ ସଙ୍ଗେ ବିପଦ ଘଣ୍ଟା ବାଜିଲା, ଗୁଡ଼ିଆଡ଼େ ଦ୍ୱାର ଫିଟିଲା ଓ ପଡ଼ିଲା, କୋଳାହଳ ଶୁଣାଗଲା, ମଶାଲ ଧରି ସିପାହୀମାନେ ଦଉଡ଼-ଧାପଡ଼ କଲେ; ଧନା ସାହୁ ପିଣ୍ଡରେ ଆଉ ପ୍ରାଣ ରହିଲା ପରି ବୋଧ ହେଲାନାହିଁ । ସେ ବାହାରକୁ ଡେଇଁପଡ଼ିବାକୁ ଭାବିଲା; କିନ୍ତୁ ଚମକିପଡ଼ି କହିଲା, "ପ୍ରାଣଟା କାହିଁକି ଅକାରଣେ ହାରିବି କରିଦେବି ? ଧରି ନେବେ ତ, ନିଅନ୍ତୁ । ସେଥିରେ ପ୍ରାଣଟା ତ ଆଉ ଯିବନାହିଁ । ଏଇ ପ୍ରାଣ ଲାଗି ସବୁ ସବୁ ।"

---

— ୪୫ —

## ବାପର ପଅ

ଧନା ସାହୁ ସେହିପରି ଭାବୁଛି, ହଠାତ୍ ପାଚେରୀ ତଳେ ଅନ୍ଧାରରେ ଗୋଟାଏ ମୂର୍ତ୍ତି ଦେଖାଗଲା । କ୍ଷଣକ ମଧ୍ୟରେ ଆଉ ଜଣେ ଆସି ତା ସଙ୍ଗେ ଯୋଗ ଦେଲା । କିଛି ସମୟ ପରେ ପୁଣି ଆଉ ଜଣେ ଆସିଲା । ଶେଷରେ ଆଉ ଜଣେ ଆସି, ମୋଟରେ ଚାରି ଜଣ ଜୁଟି ହେଲେ । ପାଚେରୀ ସେ ପାଖେ କଏଦଖାନା ଭିତରେ ସ୍ୱରରେ ଯେଉଁ

ସିପାହି ଜଗି ବସିବା କଥା, ଘୋର ବର୍ଷା ପବନ ଯୋଗେ ସେ ଖଣ୍ଡେ ଦୂରରେ, ଗୋଟାଏ ଚେପ୍ଟିଆ ଛାତ ତଳେ ମୁଣ୍ଡ ଗୁଞ୍ଜି ଠିଆ ହୋଇଥିଲା ।

ଧନା ସାହୁ ନିଷ୍କୃତିର ଆଶା ସମ୍ପୂର୍ଣ୍ଣ ଛାଡ଼ି ନ ଥିଲା; କିନ୍ତୁ ପାଚେରି ତଳେ ଲୁଣ୍ଡ ହୋଇଥିବା ଚାରିଜଣ ଲୋକଙ୍କୁ ଦେଖି ଏକାବେଳକେ ଛାଡ଼ିଦେଲା । ତିନିଜଣ ଆସି ଲୁଣ୍ଡ ହୋଇଥିଲେ, ତା'ର ଭୟ କରିବାର ସେତେ କାରଣ ନ ଥାନ୍ତା; ସେମାନେ ଗୋବିନ୍ଦା, ଚନ୍ଦ୍ରା ଓ ସାଧୁଆ ବୋଲି ସେ ଧରିନେଇଥାନ୍ତା । ଚତୁର୍ଥ ବ୍ୟକ୍ତିର ଉପସ୍ଥିତି ତାକୁ ପାଗଳ କରିପକାଇଲା । କିନ୍ତୁ ଯେତେବେଳେ, କେହି ବାଦ ନ ପଡ଼ି; ଚାରିଜଣଯାକ ଅଶ୍ଳୀଳ ଭାଷାରେ କଥାବାର୍ତ୍ତା ହେଲେ, ଧନା ସାହୁ ଆଖି ଆଗରେ ଗୋଟାଏ ବିସ୍ତୀର୍ଣ୍ଣ ସିଡ଼ି ଦେଖିଲା ପରି ଅନୁଭବ କଲା ।

ସେମାନଙ୍କ ମଧ୍ୟରୁ ଜଣେ କହିଲା, "ଚାଲ, ପଳେଇବା ।" ଆଉ ଜଣେ କହିଲା, "ସକାଳ ହୋଇଆସିଲାଣି । ସିପେଇମାନେ ଆସିସିବେ । ଲୋକେ ମଧ୍ୟ ସବୁ ବାହାରି ପଡ଼ିବେ । ପୁଣି ଧରା ହେବା ସିନା ।" ସେ ଦୁଇଟା ଯେ ଗୋବିନ୍ଦା ଏବଂ ଚନ୍ଦ୍ରାର ସ୍ୱର, ଧନା ସାହୁ ବେଶ୍ ବୁଝିପାରିଲା । ସେତେବେଳେ ପୁଣି ଶୁଣାଗଲା, "ଏତେ ତରତର ହେଉଚ କାହିଁକି ? ରହ, ସେ ଜାଲେ ଆମ ସାହାଯ୍ୟ ଦରକାର କରିବ ।" ଶୁଣି, ଧନା ସାହୁ ମନକୁ ମନ କହିଲା, "ଏ ତ ଉଚ୍ଛବା ।" ଚତୁର୍ଥ ଲୋକଟା ଯେ ସାଧୁଆ, ଧନା ସାହୁର ଆଉ ସନ୍ଦେହ ରହିଲାନାହିଁ । କାରଣ, ସେ କହିଲା, "କ'ଣ କହୁଚ ? ଜମିଦାର ଆସିପାରିଲା ନାହିଁ ? କ'ଣ ସହଜ କଥା ! କେତେ ଚାଲାକି ଦରକାର । ଉର୍ଦ୍ଧିଆ ଚାରି ଗଣ୍ଡେଇ ଦଉଡ଼ି ବଳିବ, ଚଟି ଜାଲ୍ କରିବ, ଜାଲି ଗୁଡ଼ି ଗଢ଼େଇବ, ହାତକଡ଼ି ହାତରେ କାଟି ଛୁଣ୍ଡେଇବ, ଖିଡ଼ିକିବାଟେ ଦଉଡ଼ି ବାହାରକୁ ପକେଇବ, ଛଦ୍ମବେଶ ଧରିବ, ତେବେ ସିନା ଯାଇ କଏଦଖାନାରୁ ଫିଟିବ । ଜମିଦାର କ'ଣ ଏଥିକି ପାରେ ?" ଶୁଣି ଗୋବିନ୍ଦା କହିଲା, "କିଏ ଜାଣେ, ଧରା ହୁଏ ତ ପଡ଼ିସାରିଲାଣି । ଦେଖୁନାହିଁ, ଭିତରଟା ଘଣ୍ଟି ଠଣ ଠଣରେ କମ୍ପି ଯାଉଚି, କୋଳାହଳ ଶୁଭୁଚି, ଆଲୁଅ ଖୁବ୍ ଜଳୁଚି । ସେ ଯଦି କୋଠରି ଭିତରୁ ବାହାରି ଆସିଥିବ, କ'ଣ ଆଉ ଧରା ପଡ଼ି ନ ଥିବ ? କୋଡ଼ିଏଟି ବର୍ଷ ଠୁକିଦେବେ । ଯାଉ, ତା କପାଳ । ଆମର କ'ଣ ଅଛି । ଏ ପାଣି ପବନରେ ଆଉ କେତେ ଚାହିଁବା ? ଦେହଟାମାନ ଗରମ କରିବା ଦରକାର । ଚାଲ ଭାଇ, ସିବା ଭାଟି ଦୋକାନକୁ ।"

ଉଚ୍ଛବା କହିଲା, 'ନା, ସାଥି ଲୋକଟାଏ ବିପଦରେ ପଡ଼ିଲା ବେଳେ ଛାଡ଼ି ସିବାନାହିଁ ।" ଚୋରମାନେ ଯେତେ ପାପୀ ହୁଅନ୍ତୁ ପଛକେ, ତାଙ୍କର ଗୋଟାଏ ଧର୍ମଜ୍ଞାନ ଥାଏ । ସେଇ ଧର୍ମଜ୍ଞାନ ବଳରେ ସେମାନେ ପ୍ରାଣପଣେ ପରସ୍ପରକୁ ବିପଦରୁ ଉଦ୍ଧାର କରିବାକୁ ଚେଷ୍ଟା କରନ୍ତି । ସେ ଧର୍ମଜ୍ଞାନ ବଳରେ ଗୋବିନ୍ଦା ଉଚ୍ଛବାକୁ ଧରି,

ରାତସାରା ମାଧୁଆ, ଚନ୍ଦ୍ରା ଏବଂ ଦାନା ସାହୁଙ୍କୁ ଅପେକ୍ଷା କରି କଏଦଖାନା ବାହାରେ ରହିଥିଲା । ଚନ୍ଦ୍ରା ଏବଂ ମାଧୁଆ ବାହାରିଲା ପରେ ସମସ୍ତେ ମିଶି ଗଲି ଗଲି ହୋଇ ସହରସାରା ଦାନା ସାହୁଙ୍କୁ ଖୋଜି ବୁଲିଛନ୍ତି । ସେମାନେ କାହିଁକି ଜାଣିବେ ଯେ ଦାନା ସାହୁ ନିର୍ଦ୍ଦିଷ୍ଟ ସମୟରେ ଜେଲଖାନା ଭିତରୁ ବାହାରି ଆସିପାରିନାହିଁ ? ସେମାନେ ଖୋଜି ଖୋଜି ଯେତେବେଳେ ନ ପାଇଛନ୍ତି, ପୁଣି ଜେଲଖାନା ପାଖକୁ ଫେରିଆସିଛନ୍ତି ।

ସମସ୍ତେ ବସି ଚିନ୍ତା କରୁଛନ୍ତି, ସେପରି ସମୟରେ ଗୋବିନ୍ଦ କହିଲା, "ଭାଇ ଗୋଟାଏ ଦଉଡ଼ି ପଡ଼ିଛି ।" ଚନ୍ଦ୍ରା ଚାହିଁ ଦେଇ କହିଲା, ଏ ତ ମୋ'ର ଦଉଡ଼ି ।" ତାଙ୍କୁ ଉଚ୍ଛବା ଉପରକୁ ଚାହିଁ କହିଲା, "ଏଇ ତ ଜମିଦାର ଶୋଇଛି ପରା ।" ସେମାନେ ସମସ୍ତେ ଉପରକୁ ଚାହିଁଲେ । ଦାନା ସାହୁ ମୁଣ୍ଡଟା ଟିକିଏ ବାହାରକୁ କାଢ଼ିଲା । ତା ପରେ ଦଉଡ଼ିଟାକୁ ପାଚେରି ଉପରକୁ ନେଇ, ଚନ୍ଦ୍ରା ପୋତିଥିବା କଣ୍ଟାରେ ବାନ୍ଧିବା ପ୍ରସ୍ତାବ ସ୍ଥିର ହେଲା । ଉଚ୍ଛବା କହିଲା, "ଦଉଡ଼ିର ଗୋଟାଏ ମୁଣ୍ଡ ଉପରକୁ ଫିଙ୍ଗି ଦିଅ, ଜମିଦାର ବାନ୍ଧିଦେବ ।"

ଦାନା ସାହୁ ଟିକିଏ ସାହାସ ବାନ୍ଧି, ଅଥଚ ପ୍ରାଣ ପ୍ରାୟୁର୍ଣ୍ଣିଭ କରି, ଉପରୁ ଧୀର ସ୍ୱରରେ କହିଲା, 'ମୁଁ ଏକାବେଳକେ ଓଦା ହୋଇଯାଇଛି ।"

"ଆଚ୍ଛା, ଆ, ଆମେ ଗରମ କରିଦେବୁ ।"

"ମୁଁ ହଲ୍‌ଚଲ୍ ହୋଇ ପାରୁନାହିଁ ।"

"ତୁ ଖସି ଆ, ଆମେ ଧରିନେବୁ ।"

"ମୋ ହାତ କୋଲ୍ ମାରିଯାଇଛି ।"

"ଟାଲି ଦଉଡ଼ିଟା ବାନ୍ଧିଦେ ।"

"ମୁଁ ପାରିବିନାହିଁ । ଦେଖ, ସ୍ୱାଟର ଭିତରେ ଖାଲି ଖୋଲା ତନଖା ଶୁଭୁଛି; ଏପଟକୁ ମୋହିଁଲେ କି କ'ଣ । ନା, ବୁଲିପଡ଼ିବେ । ସେଆଡ଼େ ଖୋଜି ଆସୁଛନ୍ତି, ଟିକିଏ ଡେରିଅଛୁ ।"

ଉଚ୍ଛବା କହିଲା, "ଆମ ଭିତରୁ ଜଣେ କିଏ ଉପରକୁ ଯିବା ଦରକାର ।" ଶୁଣି ଚନ୍ଦ୍ରା କହିଲା, "ଏ ବାଟେ ଚଢ଼ି କେବଳ ଗୋଟାଏ ପିଲା ଯାଇପାରେ, ବଡ଼ ମଣିଷ ପାରିବେନାହିଁ ।" ଉପରୁ ଦାନା ସାହୁ କହିଲା, "ହଁ" । ସାଧୁଆ ପଚାରିଲା, "ଆମେ ପିଲାଟାଏ ଅଉଛୁକା କାହୁଁ ପାଇବା ?" ଆଚ୍ଛା, ଟିକିଏ ସବର କର", କହି, ଉଚ୍ଛବା ଚାଲିଗଲା ।

ରାତି ପାହିବା ସମୟ ହୋଇଯାଇଥିଲେ ସୁଦ୍ଧା, ସେ ବସ୍ତି କହଳରେ କେହି ବାହାରକୁ ବାହାରି ନ ଥିଲେ । ଉଚ୍ଛବା ଯାଇ ଅଧ ଘଣ୍ଟାକ ମଧ୍ୟରେ ହୁରୁଆକୁ ଧରି ଆସି ପହଞ୍ଚିଲା । ସେ ଅଧଘଣ୍ଟାକ ଧାନା ସାହୁଙ୍କୁ ଅଧ ଯୁଗ ପରି ଲାଗିଲା । ସାଧୁଆ ହୁରୁଆକୁ ଦେଖି କହିଲା, "ଟୋକଟା ତ ଗୋଟାଏ ମଣିଷ ପରି ଦିଶୁଚି ।" ଶୁଣି, ହୁରୁଆ କହିଲା, "ମୋ ପରି ଟୋକାଗୁଡ଼ାକ ମଣିଷ; ଆଉ ତୋ ପରି ମଣିଷଗୁଡ଼ାକ ଟୋକାଙ୍କଠୁ ବି ହୀନ ।" ଗୋବିନ୍ଦା କହିଲା, "ବେଶ୍ ପାଟି ଫଟେଇ ପାରୁଚି ଏକା ।" ଚନ୍ଦ୍ରା ସେଥିରେ ମିଶାଇଲା, "କଣ୍ଟକା ଟୋକା ନା, ଖାଲିରେ ତ ଆଉ ହୁଆର ନୁହେଁ, ହାଡ଼ ମାଉଁସ ମଣିଷ ।"

ହୁରୁଆ ଦୌଡ଼ିକରି ଗୋଟାଏ ମୁଣ୍ଡ ଦାନ୍ତରେ କାମୁଡ଼ି ଧରି, ଦୁଇଟା କାନ୍ଥ ମଝିରେ ଥିବା ଅତି ସଂକୀର୍ଣ୍ଣ ଫାଙ୍କ ବାଟେ ମୁହୂର୍ତ୍ତିକ ମଧ୍ୟରେ ଉପରକୁ ଉଠିଗଲା । ଯାଇ ଚମକିପଡ଼ି, ମନେ ମନେ କହିଲା, "ଆରେ ଏଟା ତ ମୋ ବାପ । ହଉ, ସେଥିରେ କଣ ଅଛି ? ଆସିଚି, କଣ ଆଉ ଫେରିଯିବ ? କହି, ଦଉଡ଼ିଟା କଣ୍ଠାରେ ବାନ୍ଧିଦେଇ ତଳକୁ ଖସିଆସିଲା । ଧାନା ସାହୁ ପଛେ ପଛେ ଆସି ତଳେ ଠିଆ ହେଲା । ସେ ତଳେ ପହଞ୍ଚିବାରେ ତା ଶୀତ, ଜଡ଼ତା, ନୈରାଶ୍ୟ ସବୁ ମୁହୂର୍ତ୍ତିକ ମଧ୍ୟରେ ଦୂର ହୋଇଗଲା । ଓହ୍ଲାଇବା ମାତ୍ରେ ସେ ପଚାରିଲା, "କାହାକୁ ଖାଇବାକୁ ଠିକ କରିଚ ?" ଚନ୍ଦ୍ରା ମୁହୂର୍ତ୍ତିକ ମଧ୍ୟରେ ଉତ୍ତର ଦେଲା, "ସେ ଠିକ୍ ହେଇଚି । ସାହେବକାଦା ବଜାରରେ ଗୋଟାଏ ଘର । ବେଶ୍ ସୁବିଧା; ଆଖପାଖେ ଆଉ ଘରଦ୍ୱାର ନାହିଁ । ଘରଟା ପୁଣି ଗୋଟାଏ ବଗିଚ୍ଚା ଭିତରେ । ଗୋଟାଏ ବୁଢ଼ୀ ଆଉ ଗୋଟାଏ ଟୋକୀ ଥାଆନ୍ତି । ବାକି ବୁଢ଼ାଟାଏ କୋଉଦିନ ଥାଏ, କୋଉଦିନ ନଥାଏ ।"

ଧାନା ସାହୁ ପଚାରିଲା, "ଏଇରାତିରେ ହବ, ନା ଆଉ କୋଉ ଦିନକୁ ଠିକ କରିଚ ?" ଶୁଣି, ଗୋବିନ୍ଦା କହିଲା, "ତୋ ଝିଅ ଚମ୍ପା ତ ଯାଇଥିଲା ଦେଖିବାକୁ ?" ମାତ୍ର ଉଚ୍ଛବା କହିଲା, "ସେଟା ହେଲାନାହିଁ; ଚମ୍ପା ଆସି ନାହିଁ କରିଯାଇଚି ।" ଶେଷରେ ଧାନା ସାହୁ କହିଲା, "ନୁହେଁ, ଆମେ ନିଜେ ଯାଇ ଦେଖିବା ଦରକାର । ସେ ଛନଖାଇ କଥା କାହିଁକି ଶୁଣୁଚ ?" ଶୁଣି ଅନ୍ୟ ସମସ୍ତେ କହିଲେ, "ଠିକ୍, ଠିକ୍ ।"

ସେସବୁ ଗଳ୍ପ ମଧ୍ୟରେ ହୁରୁଆ ଆଡ଼କୁ କେହି ଆଡ଼ ଆଖିରେ ସୁଦ୍ଧା ଚାହିଁଲେ ନାହିଁ । ବାପଠାରୁ ପଦେ କଥା ଶୁଣିବାକୁ ସେ ଆଶାକରି ଠିଆ ହୋଇଥିଲା । ତାହା ଯେତେବେଳେ ନ ଶୁଣିଲା, ସେ ଶେଷରେ କହିଲା, "ମୋ ଦେହାତ ଆଉ କିଛି କାମ ନାହିଁ ତ ? ମୁଁ ଚାଲିଲି । ମୋ ପିଲା ଦୁ'ଟା ଫେରେ ସେଠେଇ ଶୋଇଚନ୍ତି, ଯାଇ ଉଠେଇବାକୁ ହବ । ନ ହେଲେ ରାତିଯାଏ ସିନା ଶୋଇଥିବେ ।"

ହୁରିଆ ଶୁଭିଗଲା । ତା ପଛରେ ଅନ୍ୟ ପାଞ୍ଚଜଣ ଗୋଟି ଗୋଟି ହୋଇ ଯାଇ ଅନ୍ୟତ୍ର ଏକାଠି ମିଳିଲେ । ଯେତେବେଳେ ଗୋବିନ୍ଦା ଦାନା ସାହୁକୁ ଭୂଲି କରି ପଚାରିଲା, "ସେ ଟୋକାଟାକୁ ଚିହ୍ନିଲୁ ତ ?"

"କେଉଁ ଟୋକା ?"

"ଯେ ପାଚେରିରେ ଚଢିଥିଲା ମ ! ସେ ତୋ ପୁଅ ନୁହେଁ ?"

"ଯାଃ, ସେ କାହିଁକି ମୋ ପୁଅ ହୁଅନ୍ତା ? ତୋ ପୁଅ ହେଉ !"

"ନା ରେ, ତାର ଯୋଗେ ତ ତୁ ଆଜି ବଞ୍ଚିଲୁ !"

"ଓ, ତେବେ ସେ ତା ବାପର ପୁଅ, ଗୋବିନ୍ଦା ଭାଇ !"

---

—୪୭—

## ଝିଅ କଣ କଲା ?

ଡକାୟତମାନେ ସାହେବଜାଦା ବଜାର ଘରଟା ଲୁଟି କରିବାକୁ ସ୍ଥିର କରି, ତାହା ଜାଣିବା ନିମନ୍ତେ ଆଗରୁ ଚମ୍ପାକୁ ପଠାଇଲେ; କିନ୍ତୁ ସେ ଘରେ କିଏ ରହୁଥିଲା, ଚମ୍ପା ଯେତେବେଳେ ଜାଣିପାରିଲା, ସେ ସେମାନଙ୍କୁ ସେଠାରୁ ଦୂରରେ ରଖିବାକୁ ଚେଷ୍ଟା କଲା । ତା ଛଡ଼ା, ସେ ବନମାଳୀକି ନେଇ ସେଠାରେ ପହଞ୍ଚାଇଲା । ବନମାଳୀ କ୍ରମେ ରମା ଘର ବଗିଚା ମଧ୍ୟରେ ପ୍ରବେଶ କରିବାକୁ ଲାଗିଲା । ସନ ୧୬୬୫ ସାଲ ବସନ୍ତ କାଳଯାକ ଦୁଇଟି ପ୍ରେମିକ ପ୍ରେମିକା ସେହି ପାର୍ଥିବ ବଗିଚା ମଧ୍ୟରେ ସ୍ୱର୍ଗର ଅମୀୟ ସମ୍ପଦ ଢାଳି ରଖିଲେ ।

ବନମାଳୀ ରମା ପନ୍ଥନ୍ତ ଘର ଭିତରେ କେବେ ପାଦ ପକାଇନାହିଁ । ବଗିଚାର ଗୋଟିଏ ରମଣୀୟ ଲତାକୁଞ୍ଜ ମଧ୍ୟରେ ଦୁହେଁ ବସି ରହନ୍ତି । ସେ କୁଞ୍ଜଟିରେ ବସିଲେ ବାହାର ବାଟୋଇ ଦୃଷ୍ଟିରେ ସେମାନଙ୍କର ପଡ଼ିବାର ଆଶଙ୍କା ନ ଥାଏ । ପ୍ରେମିକ ପ୍ରେମିକାଙ୍କର ଗଳ୍ପ କରିବା ନିମନ୍ତେ କୌଣସି ବିଷୟର ପ୍ରୟୋଜନ ହୁଏନାହିଁ । ବୁଢ଼ି ଆଣ୍ଡୀ ପେଟ ଭିତରୁ ସୂତା ବାହାର କଲାପରି, ପ୍ରେମିକ ପ୍ରେମିକା ନିଜ ହୃଦୟ ମଧ୍ୟରୁ ଗଳ୍ପର ଅସରନ୍ତି ବିଷୟ କାଢ଼ି ପାରନ୍ତି । ବନମାଳୀ ଓ ରମା ସେ କୁଞ୍ଜରେ ବସି ଗଳ୍ପରେ ଲାଗିଥିଲାବେଳେ, ବଗିଚା ମଧ୍ୟରେ ଗୋଟାଏ ବଜ୍ର ପଡ଼ିଲେ ସୁଦ୍ଧା, ସେମାନେ ଶୁଣି ପାରି ନ ଥାନ୍ତେ । ବନମାଳୀ ସନ୍ଧ୍ୟାରେ ଆସି ପ୍ରାୟ ଅଧରାତି ସମୟରେ ପଦ୍ମନାଭ ବସାକୁ ଫେରିଯାଏ ।

ଦିନେ ସନ୍ଧ୍ୟାବେଳେ ବନମାଳୀ ରମା ସହିତ ଦେଖା କରିବାକୁ ଆସିବା ସମୟରେ ବାଟରେ ଶୁଣିଲା, "ନମସ୍କାର, ବନମାଳୀ ବାବୁ ।" ସେ ମୁଣ୍ଡ ଟେକି ଚାହିଁ ଚମ୍ପାକୁ ଦେଖିଲା । ଚମ୍ପା ପ୍ରଥମେ ଯେଉଁଦିନ ବନମାଳୀକୁ ରମା ଘର ପାଖେ ଆଣି ଛାଡ଼ି ଦେଇଗଲା, ସେହି ଦିନଠାରୁ ସେ ଚମ୍ପାକୁ ଆଉ ଦେଖି ନ ଥିଲା । କେବଳ ସେହିକି ନୁହେଁ, ତା କଥା ସେ ପାସୋରି ମଧ୍ୟ ଦେଇଥିଲା । ସେଦିନ ତାକୁ ହଠାତ୍ ଦେଖି ସେ ଟିକିଏ ବିବ୍ରତ, ଏପରିକି ବିରକ୍ତ ମଧ୍ୟ ହୋଇଉଠିଲା । ଚମ୍ପା ଯେ ତା ବାପାଙ୍କ ଆଦେଶପତ୍ରରେ ଲିଖିତ ଦାନା ସାହୁର ଝିଅ, ସେ ତାହା ଜାଣି ସୁଦ୍ଧା, ସମ୍ପୂର୍ଣ୍ଣରୂପେ ହୃଦୟଙ୍ଗମ କରି ନ ଥିଲା । ସେଥିପାଇଁ ସେ ତାକୁ ଦେଖି ଉଦାସୀନ ଭାବରେ କହିଲା, "ଓ, ଚମ୍ପା ।" ଶୁଣିଲାକ୍ଷଣି ଚମ୍ପା ଦୋଷାରୋପ କରି ପଚାରିଲା, "ବନମାଳୀ ବାବୁ, ମୁଁ ତୁମର କି ଦୋଷ କରିଛି ? ମୋତେ କାହିଁକି ଫିଙ୍ଗିଲା ଫୋପାଡ଼ିଲା ପରି କଥା କହୁଛ ?" ବନମାଳୀ ସ୍ତୋକରେ ଉତ୍ତର ଦେଲା, "ନା ।"

ବାସ୍ତବରେ ଚମ୍ପା ଉପରେ ବିରକ୍ତ ହେବାକୁ ବନମାଳୀର କୌଣସି କାରଣ ନ ଥିଲା; ବରଂ କୃତଜ୍ଞ ହେବାର ଯଥେଷ୍ଟ ଥିଲା । ତଥାପି ସେ କୃତଜ୍ଞତା ନ ଦେଖାଇବାରୁ ଚମ୍ପା ପୁଣି କହିଲା, "ମୋତେ କ୍ଷମା ।" ମାତ୍ର ସେ ଆଉ କିଛି କହିପାରିଲାନାହିଁ କିମ୍ବା ହସିବାକୁ ଚେଷ୍ଟା କରି ହସି ମଧ୍ୟ ପାରିଲାନାହିଁ, କେବଳ ମୁଣ୍ଡ ପୋତି ଠିଆ ହୋଇ ରହିଲା । ତାପରେ, "ନମସ୍କାର, ବନମାଳୀ ବାବୁ" କହି, ଧୀରେ ଧୀରେ ପାଦ ଚାଳି ବାଟେ ବାଟେ ଚାଲିଗଲା ।

ପରଦିନ ସନ୍ଧ୍ୟା ସମୟରେ ବନମାଳୀ ପୁଣି ସେହି ବାଟରେ ଯାଉଥିବା-ବେଳେ ଚମ୍ପା ତା ଆଡ଼କୁ ଆସିବାର ଦେଖିଲା; କିନ୍ତୁ ସେ କିଛି ନ କହି ବାଟ ଭାଙ୍ଗି ଚାଲିଗଲା । ଚମ୍ପା ଯାହା କେବେ କରି ନ ଥିଲା, କଲା; ପଛେ ପଛେ ସେ ଘର ପର୍ଯ୍ୟନ୍ତ ଗଲା । ସେ ଅନେକ ଦିନ ସେ ଅଞ୍ଚଳରେ ଆସି ବୁଲେ, ବନମାଳୀ ବଗିଚା ମଧ୍ୟରେ ପ୍ରବେଶ କରିବାର ଦେଖେ; କିନ୍ତୁ କଦାପି କେବେ ଦେଖା ଦିଏନାହିଁ । କେବଳ ଗତ ସନ୍ଧ୍ୟାରେ ସେ ତା ସହିତ ଦେଖା କରିଥିଲା; କିନ୍ତୁ ସେଦିନ ସନ୍ଧ୍ୟାରେ ସେ ବଗିଚା ଫାଟକ ପର୍ଯ୍ୟନ୍ତ ଗଲା ଏବଂ ପହରାବାଲା ପରି ସେଠାରେ ବସି ରହିଲା । ସେ ଅନ୍ଧାରରେ ହଲ୍ ଚଲ୍ ନ ହୋଇ, ଲୁଚି, ଘଣ୍ଟାକରୁ ଅଧିକ ସମୟ ରହିଲା ପରେ, ପ୍ରାୟ ଦଶଟା ବାଜିଲାବେଳେ, ଛଜଣ ଲୋକ ଆସି ପହଞ୍ଚିଲେ । ସେମାନେ ବଜାର ଭାଷାରେ କାନକୁ କାନ କଥା କୁହାକୁହି ହେଲେ । ଜଣେ କହିଲା, "ଏଇଟା ।" ଆଉ ଜଣେ ପଚାରିଲା, "କୁଆଁର ତାଡ଼ିବା ପାଇଁ ତୁ ସାବଲଟା ଆଣିଛୁ ନା ?" ଉତ୍ତର ଶୁଣିଲା, "ହଁ ।" ଆଉ ଜଣେ କହିଲା, "ଫାଟକଟା ତ ପୁରୁଣା । ବଗିଚାରେ କୁକୁର ଫୁକୁର ନାହାନ୍ତି ତ, ଭାଇ ।"

ଜଣେ ଲୋକ ସେ ପର୍ଯ୍ୟନ୍ତ ପାଣ୍ଡି ଫିଟାଇ ନ ଥିଲା । ସେ ଅଣ୍ଟାଳି ଅଣ୍ଟାଳି ଫାଟକଟା ଫିଟାଇବାକୁ ଗଲାବେଳେ, ଅନ୍ଧକାର ମଧ୍ୟରୁ ଗୋଟାଏ ହାତ ବାହାରି ତାକୁ ଚେପିଲା ଧରିଲା ଏବଂ କର୍କଶ ସ୍ୱର ଶୁଣାଗଲା, "ସାବଧାନ, କୁକୁର ଅଛି ।" ସେ ନିରୀକ୍ଷଣ କରି ଦେଖିଲା, ଆଗରେ ଜଣେ ବାଳିକା ଠିଆ ହୋଇଛି । ଦେଖିବାମାତ୍ରେ ତାର ରୋମାଞ୍ଚ ହେଲା । ଭୟତ୍ରସ୍ତ ହିଂସ୍ର ଜନ୍ତୁର ମୂର୍ତ୍ତି ଅପେକ୍ଷା ସଂସାରରେ ଭୀଷଣ ପଦାର୍ଥ ଆଉ କିଛି ନାହିଁ । ସେ ଲୋକ ପଛକୁ ହଟିଯାଇ ପଚାରିଲା, "କିଏ ଏ ସଇତାନ ?" ଉତ୍ତର ଶୁଣିଲା, "ତୋ ଝିଅ ପରା ।"

"ତୁ ଏଠେଇ ଆସି କ'ଣ କରୁଚୁ ତେବେ ? ତୁ କ'ଣ ଆମ ବାଟ ବନ୍ଦ କରିବାକୁ ଆଗରୁ ଆସିଥିଲୁ ?" ଦାନା ସାହୁ ରାଗି ଅଥଚ ଧୀର ସ୍ୱରରେ ପଚାରିଲା । ଚମ୍ପା ଉତ୍ତର ଦେଲା, "ମୋତେ କ'ଣ ଓଲୁ ଠଉରେଇଲୁ ? ମୁଁ ଆସିଲି, ଦେଖିଲି, ବୁଝିଲି, ସୁଝିଲି ଯାଇ ମନା କଲି । ତେବେ ବି ସାଙ୍ଗରେ ପାଞ୍ଚଟା ଲୋକ ଧରି ଧାଇଁଚୁ ? ଟିକିଏ ଡର ଭୟ ନାହିଁ ? ମୁଁ କହୁଚି ଏ ଘରେ ପଶିବା ଦରକାର ନାହିଁ । ଏମାନେ ଭାରି ଗରିବ ଲୋକ । ଘରଟାଯାକ ଖୋଜିଲେ ପଇସାଟାକର ଚିଜ ପାଇବ ନାହିଁ ।" ଶୁଣି ଦାନା ସାହୁ ରାଗିଯାଇ କହିଲା, "ତୁ ଡାହାଣୀ କଥାରେ ଆମେ ଫେରିଯିବୁ ? ଆମେ ନିଜେ ଘର ଦ୍ୱାର ଖୋଜିବୁ; ନ ପାଇଲେ, ବଳେ ଚାଲିଯିବୁ ।" କହି, ସେ ଚମ୍ପାକୁ ବାଟରୁ ପେଲିଦେଲା; କିନ୍ତୁ ଚମ୍ପା ଉଠି ଆସି, ଦୁଆର ଜଗି, ଛ ଜଣ ହାତ-ହତିଆର ଧରି ଆସିଥିବା ଲୋକଙ୍କ ଆଗରେ ଠିଆହୋଇ କହିଲା, "ମୁଁ ଛାଡ଼ିବି ନାହିଁ ।"

ଛ'ଟା ଯାକ ଲୋକ ସ୍ତମ୍ଭୀଭୂତ ହୋଇ ଠିଆହେଲେ । ଚମ୍ପା ପୁଣି କହିଲା, "ଦେଖ, ତୁମେ ଏ ଭିତରେ ଗୋଡ଼ପକେଇବ ତ, ମୁଁ ଡାକ ପକେଇବି, ପାଟି ତୁଣ୍ଡ କରିବି, ଲୋକଙ୍କୁ ଉଠେଇବି, ତୁମ ଛ ଜଣଯାକଙ୍କୁ ଧରେଇଦେବି, ଆଉ ପୋଲିସ ଡାକି ଆଣିବି । ମୋ ନିଜ ବାପ ମଧ୍ୟ ବାଦ୍ ଯିବନାହିଁ ।" ଦାନା ସାହୁ ଝିଅର ରାଗ ଦେଖି, ତା ନିକଟକୁ ଯିବାକୁ ବସିଲା । ଦେଖି ଚମ୍ପା କହିଲା, "ମୋ କଡ଼କୁ ଆ ନା ।" ଦାନା ସାହୁ ପଛକୁ ଘୁଞ୍ଚିଗଲା । ଚମ୍ପା ବିକଟ ସ୍ୱରରେ ଠୋ ଠୋ ହସି ପୁଣି କହିଲା, "ତୁମେ ଛ'ଟା ଲୋକ ଅଛ ବୋଲି ମତେ ଡରାଉଛ । ଘର ଭିତରେ ମାଉପକୁ ଡରେଇ ଡରେଇ ସାହସ ବଢ଼ି ଯାଇଚି । ମୁଁ ଡରିବା ଲୋକ ନୁହେଁ ।" କହି, ଦାନା ସାହୁ ଆଡ଼କୁ ଚାହିଁ ସେ ପୁଣି କହିଲା, "ବାପକୁ ମଧ୍ୟ ମୁଁ ଡରେନା । ମୋତେ ମାରିବ ! ମାର ।" ଚମ୍ପା ହଠାତ୍ ଚୁପ୍ ହୋଇଗଲା । ଗର୍ଜି ଗର୍ଜି ତା'ର କାଶ ଉଠିଲା ।

ଗୋବିନ୍ଦା ପଚାରିଲା, "କ'ଣ ଏ ପିଲାଟାକୁ ଡରି ଫେରିଯିବା ? ଉଛବା କହିଲା, "ନା, ତୁମେ ପାଞ୍ଚ ଜଣ ଭିତରେ ପଶ । ଆଉ ମୁଁ ଏ ଟୋକୀଟାକୁ ଧରି

ବସୁଛ । ହେଲ୍ ଚଲ୍ ହେଲେ—" କହି, ସେ ତା ଲୁଗା ବାହାର କଲା । ଯାନା ଯାଏ ପଦେ ସୁଦ୍ଧା କଥା କହିଲନାହିଁ । କିନ୍ତୁ ଶେଷରେ ଚନ୍ଦ୍ରା କହିଲା, "ଦେଖ, ଭାଇ, ଆଜି ଦିନଟା ଭଲ ନୁହେଁ । କାହା ମୁହଁ ଚାହିଁ ରାତି ପାହିଥିଲା, ଖାଲି ମନ୍ଦରେ ମନ୍ଦରେ ଯାଉଛ । ଚାଲ, ଫେରିଯିବା ।" ଚନ୍ଦ୍ରା କଥା ଶୁଣି, ସମସ୍ତେ ଫେରିଗଲେ । ଫେରିଲାବେଳେ ଉତ୍ତମା କହିଲା, "ତୁମେ କହିଥିଲେ, ମୁଁ ସତ୍ୟାନାଶୀ ଟୋକାଟାର ତଣ୍ଟିଟା କାଟିଦେଇଥାନ୍ତି ।"

ରମା ଉକାସୁତମାନଙ୍କୁ ଏକା ଛାଡ଼ି ନ ଦେଇ, ଛପି ଛପି ତାଙ୍କ ପଛେ ପଛେ ଗଲା । ସେତେବେଳେ ବନମାଳୀ ରମା ପାଖେ ସେହି ବଗିଚା ଭିତରେ କୁଞ୍ଜ ମଧ୍ୟରେ ବସିଥିଲା । ରମା ମୁହଁରେ ହାତ ଦେଇ କାନ୍ଦୁଥିଲା । ବନମାଳୀ ପଚାରିଲା, କାନ୍ଦୁଛ କାହିଁକି, ରମା ? କ'ଣ ହେଇଛି ?" ରମା ଉତ୍ତର ଦେଲା, "କ'ଣ କହିବି ? ବଡ଼ ଦୁଃଖର କଥା । ବାପା କହୁଛନ୍ତି, ମୁଁ ତାଙ୍କ ସାଙ୍ଗେ ରେଙ୍ଗୁନ୍ ଯିବି ।" ବନମାଳୀ ଚମକି ପଡ଼ିଲା । ସେ କହିଲା, "କାହିଁକି ?" କିନ୍ତୁ ଉତ୍ତର ପାଇବା ପୂର୍ବରୁ ପୁଣି ପଚାରିଲା, "କେବେ ବାହାରିବ ?"

"ତା ମୋତେ କହି ନାହାନ୍ତି ।"

"କେବେ ଫେରିବ ?"

"କେଜାଣି ? ସେ କଥା ମଧ୍ୟ କହି ନାହାନ୍ତି ।"

ବନମାଳୀ ଠିଆ ହୋଇ ନୀରସ ସ୍ୱରରେ ପଚାରିଲା, "ରମା, ତୁମେ ଯିବ ?" ରମା ବନମାଳୀର ହାତ ଦିଓଟି ନିଜ ହାତରେ ଧରି କହିଲା, "ମୋର କି ଚାରା ଅଛି ? ସେ ପରା ବାପ, ଆଉ ମୁଁ ଝିଅ ।"

"ତେବେ, ତୁମେ ଯିବାକୁ ଠିକ୍ କରିଛ ? ଆଚ୍ଛା, ଯାଅ । ମୁଁ ମଧ୍ୟ ତାହାହେଲେ କୁଆଡ଼େ ଚାଲିଯିବି ।" ରମା ଏ କଥାର ଅର୍ଥ ଯାହା ବୁଝିଲା, ତାଠାରୁ କଳ୍ପନାରେ ବେଶି ଦେଖିଲା । କ୍ଷଣକ ମଧ୍ୟରେ ସେ କଳା ପଡ଼ିଗଲା । ତା ପରେ ସେ ପଚାରିଲା, "ତୁମେ ତେବେ କ'ଣ କହୁଛ ?"

"ରମା, ମୁଁ କେବେ ଶପଥ କରିନାହିଁ । କାରଣ, ଶପଥକୁ ମୋର ଘୋର ଡର । କିନ୍ତୁ ଆଜି ଶପଥ କରି କହୁଛି, ତୁମେ ଚାଲିଗଲେ, ମୁଁ ମରିଯିବି ।" ଶୁଣି, ରମା ଆପାଦମସ୍ତକ ଥରିଲା; ଭୟରେ ତା ଆଖିରୁ ଲୁହ ଶୁଖିଗଲା, ତା କାନ୍ଦ ବନ୍ଦ ହୋଇଗଲା । ବନମାଳୀ କହିଲା, "ଦେଖ, ରମା ! ମୁଁ କାଲି ଆସିପାରିବିନାହିଁ ।" ରମା ପଚାରିଲା, "କାହିଁକି ?" ବନମାଳୀ କହିଲା, "କାଲି ନ ଆସି, ପ'ରଦିନ ଆସିବି ।" ରମା ନିତାନ୍ତ ବିଷଣ୍ଣ ଭାବରେ କହିଲା, "ତୁମକୁ ଛାଡ଼ି ଦିନେକାଳ କ'ଣ ମୁଁ ରହିପାରିବି ?

ଅସମ୍ଭବ !" ତହୁଁ ସେ ଉତ୍ତର ପାଇଲା, "ସାରା ଜୀବନ ଏକାଠି ରହିବା ଆଶାରେ ଯେବେ ସୁଖରୁ ବଞ୍ଚିତ ହେବା ନିଶ୍ଚୟ ମନ୍ଦ କଥା ନୁହେଁ । ତେବେ ଏ ମଧ୍ୟରେ ତୁମର ଯଦି କିଛି ଖବର ଦରକାର ପଡ଼େ, ସେଥିପାଇଁ ମୁଁ ଠିକଣା ଦେଇ ଯାଉଛି । ମୁଁ ରହୁଛି ପଦ୍ମନାଭ ବସାକେ; ବକ୍‌ସିବଜାର । ଅଚ୍ଛା, ମନେ ରହିବ କି ? ନା ଲେଖି ଦେଉଛି ।" ସେ ପକେଟରୁ କଲମ କାଢ଼ି ହାତୀ ପାଟଶିନର ମଳାଟ ତୁନ ଉପରେ ଲେଖିଦେଲା, "ବକ୍‌ସିବଜାର ।"

"ତୁମେ ତ ଭୁଲିଯିବ, କାଲି ଆସିବ ନାହିଁ । ମୁଁ ଦୁଇ ଦିନକାଳ କମିତ କାଟିବି, ମୋତେ ଉପାୟ ବତାଇଦେଇ ଯାଅ । ଅଚ୍ଛା, କହ ଦେଖି କାଲି ରାତିରେ ତୁମେ କୁଆଡ଼େ ଯିବ ?"

"ଗୋଟାଏ ଟେଷ୍ଟାରେ ଯିବ ।"

"ତେବେ ପ'ର ଦିନ ନ'ଟା ବେଳେ ମୁଁ ବଗିଚ୍ଛକୁ ଆସିବ ।"

"ହଁ, ମୁଁ ମଧ୍ୟ ଠିକ୍ ସେତିକିବେଳେ ଆସି ପହଞ୍ଚିବ ।"

ସେଇଠାରେ କଥାବାର୍ତ୍ତା ବନ୍ଦ ହେଲା । ତା ପରେ ଦୁହେଁ ବିଦାୟ ନେଇଯିବା ଜମନ୍ତେ ପରସ୍ପର ହାତ ଧରାଧରି ହେଲେ ।

—୪୭—

# ବନମାଳୀର ଅକାଙ୍କଠାରୁ ବିଦାୟ

ଶ୍ରୀନିବାସ ରମାନାଥ ତାଙ୍କର ୯୧ ବର୍ଷର ଜନ୍ମୋତ୍ସବ ଶେଷକରି, ତୁଳସୀପୁର କୋଠା ମଧ୍ୟରେ ଚିନ୍ତାମଗ୍ନ ହୋଇ ବସିଥିଲେ । ଦୀର୍ଘ ବ୍ୟତିବର୍ଷ କାଳ ସେ ବନମାଳୀଙ୍କୁ ଅପେକ୍ଷା କରି ରହି, ତା ଫେରିବା ଆଶା ମନରୁ କ୍ରମେ ପରିତ୍ୟାଗ କରୁଥିଲେ । ବାସ୍ତବରେ ସେ ବନମାଳୀଙ୍କୁ ଯେପରି ସ୍ନେହ କରୁଥିଲେ, ଜୀବନରେ ଅନ୍ୟ କାହାକୁ କରି ନାହାନ୍ତି; ଏପରିକି, ନିଜର ଜନ୍ମିତ ପୁତ୍ର ଥିଲେ, ତାଙ୍କୁ କରିଥାନ୍ତେ କି ନା ସନ୍ଦେହ । ସେଥିପାଇଁ ପାର୍ବତୀ ବାପାଙ୍କର ଓ ନିଜର ସମ୍ପତ୍ତି ବିଶେଶ୍ୱର ହାତରେ ଅର୍ପଣ କରିବା ଚେଷ୍ଟା କରି ବିଫଳ ହୋଇଥିଲେ । ଶ୍ରୀନିବାସ ବିଶେଶ୍ୱରଙ୍କୁ ଯେତିକି ବେଶି ଦେଖିଲେ, ବନମାଳୀ ଆଡ଼କୁ ତାଙ୍କ ହୃଦୟ ସେତିକି ବ୍ୟାକୁଳ ଭାବରେ ଧାଇଁଲା ।

ବନମାଳୀ ରମାଠାରୁ ବିଦାୟ ନେଇ ଆସିବାର କିଛି ଦିନ ପରେ ସେଦିନ ରାତିରେ ବିଦାୟ ନେଇ ଆସିଲା, ତା ପରଦିନ ସନ୍ଧ୍ୟାରେ ଶ୍ରୀନିବାସ ବନମାଳୀ ବିଷୟ ମନେ ମନେ ଚିନ୍ତା କରି ଗମ୍ଭୀର ଧ୍ୟାନରେ ବସିଥିଲେ । ସେ ସମୟରେ ଚାକର ଆସି ଜଣାଇଲା, "ହଜୁର୍, ବନମାଳୀ ବାବୁ ଦେଖା କରିବାକୁ ଆସିଛନ୍ତି ।" ଶୁଣି, ଶ୍ରୀନିବାସ ତଡ଼ିତ୍ ସ୍ପର୍ଶରେ ଶବ ଜୀବନ ଧରି ଉଠିଲା ପରି, କ୍ଷଣକ ପାଇଁ ଚମକି ପଡ଼ିଲେ । ବିସ୍ମୟ ଦବିଗଲା ପରେ ସେ କହିଲେ, "ବନମାଳୀ ବାବୁ ! ଆଚ୍ଛା, ଡାକି ଆଣ ।"

ଦୁଆର ଫିଟିଲା ଏବଂ ଜଣେ ଯୁବକ ପ୍ରବେଶ କଲା । ଶ୍ରୀନିବାସ ଦେଖିଲାକ୍ଷଣି ତାଙ୍କ ବନମାଳୀକୁ ଚିହ୍ନିଲେ । ସେ ବାହୁ ପ୍ରସାରି ତାକୁ ଆଲିଙ୍ଗନ କରିବାକୁ ଇଚ୍ଛା କଲେ; କିନ୍ତୁ ପୁଣି କ'ଣ ବିଚାରି, ନିଜକୁ ସେଥିରୁ କ୍ଷାନ୍ତ କଲେ । ହୃଦୟ ସ୍ନେହ-ମମତାରେ ଦ୍ରବୀଭୂତ ହୋଇଗଲା । ହୃଦୟ ଯେତିକି କୋମଳ ହୁଏ, ରସନା ସେତିକି କଠୋର ହୋଇପଡ଼େ—ଏହା ଶ୍ରୀନିବାସଙ୍କର ଗୋଟାଏ ଅବୋଧ ବିଶେଷତ୍ୱ । ସେହି ବିଶେଷତ୍ୱ ଯୋଗେ ସେ କହିଲେ, "ତୁ କାହିଁକି ଆସିଚୁ ? କ'ଣ ମୋଠେ କ୍ଷମା ମାଗିବାକୁ ଆସିଚୁ ? ଭୁଲ ବୁଝି ପାରିଲୁଣି ?"

ବନମାଳୀ ହାତଯୋଡ଼ି ଧୀରେ ଧୀରେ କମ୍ପିତ ସ୍ୱରରେ କହିଲା, "ମୋଠେଇ ଦୟା ରଖନ୍ତୁ, ଏତିକି ଭିକ୍ଷା ।"

"କହ ନା, ତୋର କ'ଣ ଦରକାର ।"

"ମୁଁ ଜାଣେ, ମୋତେ ଦେଖିଲେ ଆପଣଙ୍କ ମନରେ ରାଗ ହୁଏ । ଜାଣି ସୁଦ୍ଧା, ମୁଁ ଗୋଟାଏ କଥା ଆପଣଙ୍କୁ ପଚାରିବାକୁ ଆସିଚି । ତୁଣ୍ଡରୁ ପଦେ ଉତ୍ତର ଶୁଣିଲେ ବାହାରିଯିବି ।"

"ତୁ ଗୋଟାଏ ବଳଦ, ନିତାନ୍ତ ବୋକା । ମୂର୍ଖ, ତୋତେ ବାହାରିଯିବାକୁ କିଏ କହିଲା ? ଦେଖ୍, ଆଉ ମୁଁ ତୋ କଥା ସହିପାରିବି ନାହିଁ । କ'ଣ କହୁଚୁ, କହ ବେଗେ; ମୋ ସମୟ ନଷ୍ଟ କରନା ।"

"ମୁଁ ବିଭା ହେବାକୁ ଆପଣଙ୍କ ଅନୁମତି ମାଗିବାକୁ ଆସିଚି ।" ଶୁଣି ଶ୍ରୀନିବାସ ଝିଅକୁ ଡକାଇଲେ । ଝିଅ ଆସି ପହଞ୍ଚିବାରୁ କହିଲେ, "ଏଇ, ସେନାପତି ବନମାଳୀ ରାଏ ଆସିଚନ୍ତି । ସେ ବିଭା ହେଉଚନ୍ତି ।" ଏତିକି କହି ସେ ଝିଅଙ୍କୁ ବିଦାୟ ଦେଇ ଗୋଟାଏ ଦୀର୍ଘନିଃଶ୍ୱାସ ପକାଇଲେ । ତୋଫାନ ଆଗରେ ନଡ଼ାଖଣ୍ଡ ଉଡ଼ି ଚାଲିଗଲା ପରି ପାର୍ବତୀ ବାପାଙ୍କ ନିଃଶ୍ୱାସ ସ୍ରୋତରେ ବାହାରିକୁ ପଳେଇଗଲେ ।

ଶ୍ରୀନିବାସ କହିଲେ, "ତୁ ଚିନ୍ତା ନକରୁ, ସବୁ ଠିକ୍ ଠାକ୍ କରିଯାଇଚି, ଭଦ୍ରତା ଜଗି ପଦେ ଟାଳି ଶୁଣେଇଦବାକୁ ଅଛିକି, ନା ? ଅଚ୍ଛା, ଓକିଲାତି ବ୍ୟବସାୟ କରି କେତେ ରୋଜଗାର କରୁଚୁ ?"

"କିଛି ନାହିଁ ।"

"ତେବେ କ'ଣ କନ୍ୟାଟା ଧନପତିଙ୍କ ଝିଅ, ନା ?"

"ନା, ମୋର ପର ।"

"ହୁଁ । କୋଡ଼ିଏ ବାଇଶି ବର୍ଷର ଟୋକାଟାଏ । ପାଠୁଲାଏ ବୋଲି ରୋଜଗାର ନାହିଁ । ବରଷରେ ଟଙ୍କା ବାରଶହ ଖୋରାକ ପାଇବ; ତେବେ କ'ଣ ସେନାପତିଆଣୀ ଝିଅକୁ ଟୋକେଇ ଧରିଯାଇ ବଜାରରୁ ସଉଦା କିଣି ଆଣିବ ? ହାଃ ହାଃ ହାଃ, କି ସୁନ୍ଦର ପ୍ରସ୍ତାବ ! ରାଜାଘର ପୁଅ ହେଇ ଦାଣ୍ଡର ଭିକାରୁଣୀ ପିଲାଟାଏ ଆଣି ତା ହାତ ଧରିବ । ଯା, ବାବା । ବେକରେ ପଥର ବାନ୍ଧି, ମହାନଦୀକି ଡେଇଁପଡ଼ । ଲାଜ ନାହିଁ ଅନୁମତି ପାଇଁ ଆସିଚୁ ? ମୁଁ ପୁଣି ଅନୁମତି ଦେବି ? କହୁଚି, 'ହୁଁ' ?"

"ବାପା—"

"ନା, କେବେ ନୁହେଁ ।" ଶ୍ରୀନିବାସ ଯେପରି ସ୍ୱରରେ ନାସ୍ତି ବଚନ ଉଚ୍ଚାରଣ କଲେ, ସେଥିରେ ବନମାଳୀ ଅଜାଙ୍କ ଅନୁମତି ପାଇବାର କୌଣସି ଆଶା ଦେଖିଲାନାହିଁ । ସେ ମୁଣ୍ଡ ପୋତି ଘରୁ ବାହାରି ଚାଲିଯିବାକୁ ବସିଲା । ଶ୍ରୀନିବାସ ପଛରୁ ଧାଇଁଯାଇ, ତାକୁ ଘର ଭିତରକୁ ଡାକିଆଣିଲେ ଏବଂ ତା ବିବାହ ବିଷୟ ତନ୍ନ ତନ୍ନ କରି ବର୍ଣ୍ଣନା କରିବାକୁ କହିଲେ । ବନମାଳୀ ତୁଣ୍ଡରୁ 'ବାପା' ଡାକ ଶୁଣି ଶ୍ରୀନିବାସଙ୍କ ମନରେ ଗୋଟାଏ ନୂତନ ଭାବର ସୃଷ୍ଟି ହୋଇଥିଲା । ସେ କହିଲେ, "ଦେଖ୍, ବନମାଳୀ । ତୁ କାହା ପ୍ରେମରେ ପଡ଼ିଚୁ, ମୋତେ କିଛି ନ ଲୁଚାଇ କହିଲୁ ଦେଖି ।" ବନମାଳୀ ଆରମ୍ଭ କଲା, "ବାପା—।" ଶ୍ରୀନିବାସଙ୍କ ବଦନମଣ୍ଡଳ ଆନନ୍ଦରେ ପୁଲକିତ ହୋଇଗଲା । କହିଲେ, "ଠିକ୍ କଥା; ମୋତେ 'ବାପା' ବୋଲି ଡାକ୍ ।"

ଶ୍ରୀନିବାସଙ୍କଠାରୁ କୋମଳ କଥା ଶୁଣି, ବନମାଳୀ ଆଶାତୀତ ଆନନ୍ଦ ଅନୁଭବ କଲା । କହିଲା, "ବାପା—" । ଶ୍ରୀନିବାସ ପଚାରିଲେ, "ତୋ ପାଖେ ସତେ ଟଙ୍କା ନାହିଁ ? ଲୁଗାପଟା ତ ପିନ୍ଧିଚୁ ଠିକ୍ ଟ୍ୟୁଟରଙ୍କ ପରି । ଏଇ, ଶହେ ଟଙ୍କା ଧର; ଭଲ ଲୁଗା ପଟା କିଣ୍ ।" ବନମାଳୀର ଅହ୍ଲାଦର ସୀମା ରହିଲାନାହିଁ । ସେ କହିଲା,

'ବାପା, ମୁଁ ତାକୁ କେତେ ସ୍ନେହ କରେ, ଆପଣ କଳ୍ପନା କରିପାରିବେ ନାହିଁ । ତାକୁ ମୁଁ ପ୍ରଥମେ କଲ୍ଲି ପଡ଼ିଆରେ ଦେଖିଲି । ପ୍ରଥମେ ମୁଁ ତା ଆଡ଼କୁ ଗ୍ରହିଲି ନାହିଁ; କିନ୍ତୁ ଗ୍ରହିଲା ମାତ୍ରେ ତା ପ୍ରେମ ପାଶରେ ବାନ୍ଧହୋଇ ପଡ଼ିଲି । ଆଃ, ସେ ଯୋଗେ ମୁଁ କେତେ କଷ୍ଟ ପାଇଛି ! ଏବେ ତା ସହିତ ମୋର ରୋଜ ଦେଖା ହେଉଛି । ତା ବାପ ସେ କଥା କିଛି ଜାଣିନାହାନ୍ତି । ଏବେ ସେମାନେ କାର୍ଯ୍ୟ ଉପଲକ୍ଷରେ ରେଙ୍ଗୁନ୍ ଚାଲିଯାଉଛନ୍ତି । ମୁଁ ଭାବିଲି, ଯାଇ ଅଜାଙ୍କୁ ସବୁକଥା କହିଆସିବି; ତା ପରେ ପାଗଳ ହେବି, ମରିବି, ପାଣିକି ଡେଇଁପଡ଼ିବି । ମୁଁ ତାକୁ ବିଭା ନ ହେଲେ, ଏସବୁ ନିଷ୍ଟୟ ହବ । ଯାହା କହିଲି, ସତକଥା; ବିଶ୍ୱାସ କରନ୍ତୁ । ସେ ସାହେବଜାଦା ବଜାରରେ ରହୁଛି, କାଠଯୋଡ଼ି କୂଳେ ।''

''କ'ଣ କହିଲୁ ? ସାହେବଜାଦା ବଜାରରେ ନା ? ପେରିଷ୍ଟା ଗୋଟାଏ ବଗିଚା ଭିତରେ ? ତୋ ଖାଇ ବିଶେଶ୍ୱର ସେ ଟୋକୀକି ଦେଖିଛି । ସେ ବାପାକୁ ନ କହି ତୋ ପାଖକୁ ଆସେ ନା ? ମୋ ପିଲାଦିନେ ସେପରି କେତେ ଅସୁଥିଲେ । ଜାଣୁ, ଏପରି ଘଟଣାରେ ଲୋକେ କ'ଣ କରନ୍ତି ? ନେ, ଦୁଇଶ ଟଙ୍କା ନେ, ଯାଇ ଫୁର୍ତ୍ତି କର । ସମସ୍ତଙ୍କୁ ଏପରି ବିଭା ହବାକୁ କହିଲେ ଚଳିବ ? ବିଭା ନ ହୋଇ କ'ଣ ସାଥି ହୋଇ ପାରିଯାଏ ନାହିଁ ? କ'ଣ, ବୁଝିଲୁନା ?''

ବନମାଳୀ ବିବ୍ରତ ହୋଇ କଥା କହି ପାରିଲାନାହିଁ; କେବଳ ମୁଣ୍ଡ ହଲାଇ ନାସ୍ତି ଜଣାଇଲା । ତହୁଁ ଚମ୍ପତିରାଏ କହିଲେ, ''ବଳଦ ! ଆରେ ତାକୁ ରଖ; ବିଭା ହେବୁ, ବିଭା ହେବୁ, କାହିଁକି ଲଗେଇଚୁ ?'' ଶୁଣି, ବନମାଳୀ ନଳା ପଡ଼ିଗଲା ଓ ଉଠି, ଦ୍ୱାର ପାଖକୁ ଯାଇ, ଗୋଟାଏ ମୁଣ୍ଡିଆ ମାରି କହିଲା, ''ପାଞ୍ଚ ବର୍ଷ ଆଗେ ଆପଣ ମୋ ବାପାଙ୍କୁ ଘୋର ଅପମାନ ଦେଇଥିଲେ । ଆଜି ମୋ ଭାର୍ଯ୍ୟାକୁ ପୁଣି ଅପମାନ ଦେଲେ । ଆଉ ମୁଁ କ'ଣ କହିବି ? ଯାଉଛି ।''

ଶ୍ରୀନିବାସ ଚମ୍ପତିରାଏ ଅବାକ୍ ହୋଇ ରହିଲେ । ସେ ତୁଣ୍ଡ ଫିଟାଇଲେ, କଥା ବାହାରିଲା-ନାହିଁ; ଉଠିବାକୁ ଚେଷ୍ଟା କଲେ, ଉଠି ପାରିଲେନାହିଁ । କବାଟ ବନ୍ଦ ହେଲା; ମୁହୂର୍ତ୍ତିକ ମଧ୍ୟରେ ବନମାଳୀ ଅନ୍ତର୍ଦ୍ଧାନ ହୋଇଗଲା । ବଜ୍ରାହତ ପରି ବୁଢା ଘର ମଧ୍ୟରେ ବସି ରହିଲେ ଓ ଶେଷରେ ପାଟିକରି ଚିତ୍କାର କଲେ, ''ଡାକ, ଡାକ ।'' ପାଇକ ଆସି ଉପସ୍ଥିତ ହେଲେ । ଶୁଣିଲେ, ''ଧାଁ ତା ପଛରେ । ତାକୁ ଧରିଆଣ । ଓଃ, ମୁଁ କାହିଁକି ତାକୁ ଅପମାନ ଦେଲି ? ସେ ପାଗଳ ହୋଇ ପଳେଇଲା । ଏ ଥରକ ଆଉ ଫେରି ଆସିବନାହିଁ ।'' କହି ଝରକା ପାଖକୁ ଯାଇ ସେ ନଇଁପଡ଼ି ଡାକିଲେ, ''ବନମାଳୀ, ବନମାଳୀ''; କିନ୍ତୁ ବନମାଳୀ ଶୁଣିଲାନାହିଁ । ସେ ଦୁଇଟା ଷ୍ଟ୍ରିଟ ଗଳି ପାରିହୋଇ ଚାଲିଯାଇଥିଲା ।

---

# ରମା ଅଦୃଶ୍ୟ

ସେହିଦିନ ଅପରାହ୍ଣ ପାଖ ଚାରି ଘଣ୍ଟା ସମୟରେ ପାଣ୍ଡୁ ନାଏକ ତା ବଗିଚା ଭିତରେ କାମ କରି କରି ବୁଲୁଥିଲା । ସେ ରମାକୁ ଧରି ଏକପ୍ରକାର ଶାନ୍ତିରେ ରହୁଥିଲା, କେବଳ ଦଶ ପନ୍ଦର ଦିନହେଲା ତା ମନରେ ଗୋଟାଏ ନୂତନ ଆଶଙ୍କା ଜନ୍ମିଥିଲା । ସେ ଦିନେ ବାଟରେ ଯାଉ ଯାଉ ହଠାତ୍ ଦାନା ସାହୁକୁ ଦେଖିଲା । ଦାନା ସାହୁ ଅବଶ୍ୟ ତାକୁ ତା ନୂତନ ପୋଷାକରେ ଚିହ୍ନି ପାରିଲା ନାହିଁ । ପାଣ୍ଡୁ ନାଏକ ଚମକି ପଡ଼ିଲା । ତାପରେ ସେ ଦାନା ସାହୁକୁ ବାଟରେ କେତେ ଥର ଦେଖିଛି । ଦାନା ସାହୁ କଟକ ସହରରେ ଥିଲା ପର୍ଯ୍ୟନ୍ତ ସେ ଯେ ନିରାପଦ ନୁହେଁ, ତାହା ସେ ବୁଝିପାରିଲା । ସୁତରାଂ, ସେ ନିର୍ଜ୍ଜନରେ ରହିବା ଏବଂ ବିପଦ ଆପଦ ଏଡ଼ି ସୁଖ ଭୋଗିବା ନିମନ୍ତେ ରମାକୁ ଧରି ସୁଦୂର ରେଙ୍ଗୁନ ରାଜ୍ୟକୁ ଚାଲିଯିବାକୁ ସ୍ଥିର କରିଥିଲା ।

ସେଦିନ ବଗିଚାରେ କାମ କରିବାକୁ ତା ମନ ଲାଗିଲାନାହିଁ । ସେ ଦାନା ସାହୁ, ପୋଲିସ ଏବଂ ଚାଲିଯିବା ପ୍ରସ୍ତାବ ଆଦି କଥା ତାର ମସ୍ତିଷ୍କରେ ଖେଳି ପଡ଼ିବାକୁ ଲାଗିଲା । ସେତେବେଳେ କାନ୍ଥରେ ଲେଖାହୋଇଥିବା, 'ବକ୍‌ସିବଜାର' ତା ଆଖିରେ ପଡ଼ିଲା । ସେଟା ଯେ ସେ ପୂର୍ବ ଦିନ ଦେଖି ନଥିଲା ଏବଂ ଗତ ରାତିରେ ଲେଖାହୋଇଛି, ସେଥିରେ ତାର ସନ୍ଦେହ ରହିଲା ନାହିଁ । ସେହି ଲେଖା ପଢ଼ି ସେ ନାନା କଥା ଭାବି, ସ୍ଥିର କଲା ଯେ, ବଗିଚା ଭିତରକୁ ବାହାରର ଲୋକେ ଆସି ଏସବୁ କାଣ୍ଡ କରୁଛନ୍ତି । ଅପରାହ୍ଣର ସୂର୍ଯ୍ୟ କିରଣରେ ହଠାତ୍ ପଛରୁ ଗୋଟାଏ ଛାଇ ପଡ଼ିଲା । ସେ ବୁଲି ଚାହିଁ କାହାକୁ ଦେଖିଲାନାହିଁ, କିନ୍ତୁ ଖଣ୍ଡିଏ ଛୋଟିଆ କାଗଜ ପାଇଲା । ସେ ପଢ଼ି ଦେଖିଲା, ତହିଁରେ ଲେଖାଅଛି, "ଏ ଘର ଛାଡ଼ି ଚାଲିଯାଅ ।"

ପାଣ୍ଡୁ ନାଏକ ତର ତର ହୋଇ ବଗିଚାଯାକ ଖୋଜିଗଲା । ଦେଖିଲା କ୍ଷଣେ କିଏ ଭିତରୁ ବାହାରି ଚାଲିଯାଉଛି । ସେ ଆକାରରେ ବଡ଼ ମଣିଷ ଠାରୁ ସାନ ଏବଂ ପିଲାଠାରୁ ବଡ଼ । ଦେଖି, ତାକୁ ଗୋଡ଼ାଇବାକୁ ନ ଯାଇ, ପାଣ୍ଡୁ ନାଏକ ଚକିତ ହୋଇ ଘରକୁ ଚାଲିଗଲା ।

ବନମାଳୀ ହୃଦୟରେ ଅତି ଅଳ୍ପ ଆଶା ପୋଷଣ କରି ଶ୍ରୀନିବାସ ଚମ୍ପତିରାୟଙ୍କ ନିକଟକୁ ଯାଇଥିଲା, ତଥାପି ଫେରିଲାବେଳେ ଭୀଷଣ ନୈରାଶ୍ୟ ଧରି ଆସିଲା । ପର ଦିନ ଦିନସାରା ସେ ସହରଟାଯାକ ଗଳିକି ଗଳି ବୁଲି କଟାଇଲା; ଅନେକ ସ୍ଥାନରେ କୋଳାହଳ, ଚିତ୍କାର ଶୁଣିଲା । ତହୁଁ ସେ ମନେ ମନେ ଭାବିଲା, "ଏ କଣ ଯୁଦ୍ଧ

ଆରମ୍ଭ ହୋଇଗଲା ?" ଦିନ ତମାମ ଚିନ୍ତାରେ କଟାଇ, ଠିକ୍ ରାତି ନ'ଟାବେଳେ ସେ ସାହେବଙ୍କ ଦା ବଙ୍ଗଳାର ବଗିଚାରେ ପାଦ ପକାଇ ଦେଖିଲା, ରମା ସେ କୁଞ୍ଜ ମଧ୍ୟରେ ନାହିଁ ।

ବନମାଳୀ ବଗିଚାଯାକ ଖୋଜି ବୁଲିଲା; ମାତ୍ର କୌଣସି ଠାରେ ରମାର ଦେଖା ପାଇଲାନାହିଁ; ବରଂ ଦେଖିଲା, ଘରଟାର ଦ୍ୱାର ବନ୍ଦ ହୋଇଛି । ସେ ମନେ ମନେ ଭାବିଲା, "ଘର ପାଖକୁ, ଗଲେ ସଦାଶିବ ମହାନ୍ତି ହୁଏତ ଉଠି ଦେଖିବେ, ମୁଁ କାହିଁକି ଆସିଚି ବୋଲି ପଚାରିବେ ।" ତଥାପି ସେ ଦ୍ୱାର ନିକଟରେ ଯାଇ ଡାକିଲା, "ରମା, ରମା" । କିନ୍ତୁ ଉତ୍ତର ମିଳିଲାନାହିଁ । ସେତେବେଳେ ରାସ୍ତା ଉପରୁ ଗୋଟାଏ ସ୍ୱର ଶୁଣାଗଲା, "କିଏ ? ବନମାଳୀ ବାବୁ ?" ଶୁଣି, ବନମାଳୀ ଉତ୍ତର ଦେଲା, "ହଁ" । ସେ ପୁଣି ଶୁଣିଲା, "ବନମାଳୀ ବାବୁ, ତୁମ ସାଥି ଲୋକ ତୁମକୁ ଅପେକ୍ଷା କରି ରହିଚନ୍ତି ।" ସ୍ୱରଟା ବନମାଳୀର ସମ୍ପୂର୍ଣ୍ଣ ଅପରିଚିତ ନୁହେଁ; ସେ ରମା ଡାକୁଛି ବୋଲି ମନେ କଲା ଏବଂ ଧାଇଁଯାଇ ଫାଟକ ପାଖେ ଦେଖିଲା, ଜଣେ ଯୁବକ ଅନ୍ଧାରରେ ଧାଇଁ ଚାଲିଯାଉଛି ।

---

—୪୯—

## ଲଢ଼େଇ

ଠିକ୍ ସେହି ସମୟରେ ତେଣେ ଗଦାଧରର ଦୁଃଖ ଏବଂ ଦରିଦ୍ରତାରେ ଆପାଦମସ୍ତକ ବୁଡ଼ିଯାଇଥିଲା । ବ୍ୟବସାୟରୁ ଯେତେବେଳେ ଅର୍ଥାଗମର ବାଟ ରହିଲା ନାହିଁ, ସେ କିଛିଦିନ ସଞ୍ଚିତ ଧନ ଖର୍ଚ୍ଚ କଲା ଏବଂ ପରେ ଘରକରଣା ଜିନିଷଗୁଡ଼ିକ ବିକିଲା । ତାହା ମଧ୍ୟ ଯେତେବେଳେ ସରିଗଲା ଘରେ କେବଳ ଖଣ୍ଡିଏ ରାମାୟଣ ଓ ଖଣ୍ଡିଏ ମହାଭାରତ ପୋଥି ରହିଲା । ଗଦାଧର ଅତି ଅଳ୍ପ ବୟସରୁ ପ୍ରତିଦିନ ରାମାୟଣ ଓ ମହାଭାରତରୁ କିଛି କିଛି ପଢ଼ି ପ୍ରାୟ ଅଶୀ ବର୍ଷ ବୟସରେ ଆସି ପହଞ୍ଚିଛି । କିନ୍ତୁ ଯେତେବେଳେ ନିତାନ୍ତ ଅଭାବ ପଡ଼ିଲା, ଆଗ ପଛ କରି ସେ ଦୁଇଖଣ୍ଡି ଯାକ ପୋଥି ମଧ୍ୟ ଘରୁ କାଢ଼ିଦେଲା ।

କେତେ ଦିନ ପରେ ସୁକରିଆଣୀ ରୋଗରେ ପଡ଼ିଲା । ଚାଉଳ କିଣିବାକୁ ହାତରେ ପଇସା ନ ଥିଲେ ମନରେ ଯେତେ ଦୁଃଖ ହୁଏ, ତାଠାରୁ ବେଶି ହୁଏ ରୋଗୀ ପାଇଁ ଔଷଧ କିଣିବାକୁ ଅର୍ଥାଭାବବେଳେ । ସୁକରିଆଣୀର ହାତ ଦେଖି ବୈଦ୍ୟ ଗୋଟାଏ ଦାମୀ ଔଷଧର ବ୍ୟବସ୍ଥା କଲେ । ଗଦାଧର ସେଦିନ ଘରସାରା ଖୋଜିଥିଲା ଦେଖିଲା,

ହାଣ୍ଡି ଶାଳେ ଥାଳି, ଗିନା, କଂସା, ଗୁଣ୍ଡିକ, କାଠ କିଛି ନାହିଁ; ଶୋଇବା ଘରେ ଶେଯ, ଲୁଗାପଟା ଖଣ୍ଡିଏ ମାତ୍ର ନାହିଁ; ଠାକୁର ଘରେ ପୋଥି ଖୋଜି ଦେଖିଲା, ସେ ଘରଟା ମଧ୍ୟ ଶୂନ୍ୟ । ତାକୁ କିଛି ବୁଝି ପଶିଲାନାହିଁ । ସାହେବବାଦା ବଜାରକୁ ଯାଇ, କଟକ ସହରର ଜଣେ ପ୍ରଧାନ ଦାନଶୀଳ ବ୍ୟକ୍ତିଙ୍କଠାରୁ ସେ ଶହେଟି ଟଙ୍କା ପାଇଲା । ସେ ଟଙ୍କାତକ ଆଣି ଗୃହିଣୀର ଶେଯ ପାଖେ ଥୋଇଦେଲା ।

ପରଦିନ ସକାଳେ ସେ ବଗିଚାରେ ଚିନ୍ତାମଗ୍ନ ହୋଇ ବସିଛି, ବର୍ଷା ଆସିଲା । ଅସରାକୁ ଅସରା କେତେ ବର୍ଷିଗଲା, ସେ ଜାଣି ପାରିଲା ନାହିଁ । ସେଦିନ ଉପରବେଳା ସହରରେ ବହୁତ ଗୋଳମାଳ, କୋଳାହଳ ଶୁଣାଗଲା । ସେତେବେଳେ ବାଟରେ ଜଣେ ମାଳୀ ଯାଉଥିଲା । ସେ ତାକୁ ପଚାରିଲା, "କିରେ, ଖବର କ'ଣ ?" ମାଳୀ କାନ୍ଧରେ କୋଦାଳ ଧରି ଉତ୍ତର ଦେଲା, "ମେଳିଆମାନେ ଲଢ଼େଇ କରୁଛନ୍ତି ପରା ?"

"କୋଉଠି ?"

"ଏଇ ବାରୁଦଖାନାଆଡ଼େ ।" ଶୁଣି ଗଦାଧର ଘର ଭିତରକୁ ଗଲା । କାଖତଳେ ଯାକି ନେବାପାଇଁ, ଅନ୍ୟମନସ୍କ ଭାବରେ ଠାକୁର ଘରେ ଖଣ୍ଡିଏ ପୋଥି ଖୋଜିଲା । ପୋଥି ନ ପାଇ ସେ କହିଲା, "ଓ ସତ କଥା ।" କହି ସେ ଅତ୍ୟନ୍ତ ଉଦାସ ହୃଦୟରେ ଘରୁ ବାହାରି ଚାଲିଗଲା ।

---

— ୪୦ —

# ଯୁଦ୍ଧକ୍ଷେତ୍ରରେ ବନମାଳୀ

ସନ ୧୫୬୮ ସାଲରେ ହଳଦପାଟ ଯୁଦ୍ଧଭୂମିରେ ମୁକୁନ୍ଦଦେବଙ୍କ ପତନ ସଙ୍ଗେ ସଙ୍ଗେ ସ୍ୱାଧୀନ ଓଡ଼ିଶାର ସୌଭାଗ୍ୟ-ରବି ଯେ ଅସ୍ତ ହୋଇଥିଲା, ତା'ର ଶେଷରଶ୍ମି ଅନେକ ଦିନ ପର୍ଯ୍ୟନ୍ତ ଖୋର୍ଦ୍ଧାର ବରୁଣେଇ, ଖଣ୍ଡାଧରା, ମୋଲେଶ, ଭଲେଶ ଶିଖରରେ ଗୋଟିଏ କ୍ଷୁଦ୍ର ସଙ୍କୀର୍ଣ୍ଣ କନକନ୍ତ ରେଖାରେ ବିରାଜମାନ କରୁଥିଲା । ସେ ରେଖାଟି ମଧ୍ୟ ସନ ୧୮୦୪ ସାଲରେ ଲୋପ ପାଇଗଲା; ଇଂରେଜ ସରକାର ଖୋରଧା ଅଧିକାର କରି ରାଜାଙ୍କୁ ଗାଦିଚ୍ୟୁତ କଲେ । ସ୍ୱାଧୀନତା ରକ୍ଷା କରିବା ପାଇଁ ପ୍ରଥମେ ଜୟକୃଷ୍ଣ ରାଜଗୁରୁ, ତା ପରେ ବିନାଙ୍କ ବକସି ପାଇକମାନଙ୍କ ସାହାଯ୍ୟରେ ଗୋଟାଏ ଦୁର୍ବଳ ଉଦ୍ୟମ କରି, ପରାସ୍ତ ହେଲେ । ରାଜା ସାମାନ୍ୟ କିଛି ମାଲିକାନା ପାଇ ପୁରୀ ସହରରେ ଏକପ୍ରକାର ବନ୍ଦୀ ହୋଇ ରହିଲେ ।

ସନ ୧୨୬୩ ସାଲ୍‌ରେ ରାମଚନ୍ଦ୍ର ଦେବଙ୍କ ଅନ୍ତେ ତାଙ୍କ ପୁତ୍ର ଦ୍ୱିତୀୟ ବୀରକିଶୋର ଦେବ ପୁରୀ ରାଜଗାଦିରେ ବସିଲେ । ଇଂରେଜ କମ୍ପାନିଙ୍କଠାରୁ ଖୋରଧା ଫେରସ୍ତ ପାଇବାପାଇଁ ତାଙ୍କ ପିତା, ପିତାମହ ପ୍ରଭୃତି ବାରମ୍ବାର ଚେଷ୍ଟା କରି ବିଫଳ ହୋଇଥିଲେ; ମାତ୍ର ୧୨୬୫ ସାଲରେ ଭାରତର ଶାସନଭାର ଯେତେବେଳେ କମ୍ପାନି ହାତରୁ ମହାରାଣୀ ଭିକ୍‌ଟୋରିଆଙ୍କ ହାତକୁ ଗଲା, ସେତେବେଳେ ବୀରକିଶୋର ଦେବ କଟକ କମିଶନରଙ୍କ ନିକଟରେ ସେ ବିଷୟରେ ଆବେଦନ କଲେ । ସେ ଆବେଦନ ଲେଖାଲେଖି କରିବାରେ ବନମାଳୀ ଓ ପଦ୍ମନାଭ ସହିତ ଅନ୍ୟାନ୍ୟ କେତେଜଣ ଓକିଲ୍ ସାହାଯ୍ୟ ଦେଇଥିଲେ । ସେମାନେ ରାଜାଙ୍କୁ କହିଲେ, "ଓଡ଼ିଶାରେ ଯେତେବେଳେ ଏତେଗୁଡ଼ାଏ ଗଡ଼ଜାତ ରହିଚି, ଖୋରଧା ସେହିପରି ଗୋଟାଏ ଗଡ଼ଜାତ ହୋଇ ରହିବା ଆମ ମତ ନୁହେଁ । ଖୋରଧା ଗଡ଼ଜାତ ହେବନାହିଁ, ପ୍ରାଚୀନ ରାଜବଂଶର ଭଗ୍ନାବଶେଷସ୍ୱରୂପେ ବିଦ୍ୟମାନ ରହିବ ଓ ଓଡ଼ିଶାର ପୂର୍ବ ସୌଭାଗ୍ୟ ସ୍ମୃତି ଏକ କୋଟି ଉତ୍କଳ ସନ୍ତାନଙ୍କ ପ୍ରାଣରେ ଜାଗ୍ରତ ରଖିବ । ଆମ୍ଭେମାନେ ଏଥିରେ ଯଥାସାଧ୍ୟ ସାହାଯ୍ୟ କରିବୁଁ ।"

ତା'ପରେ କେତେଜଣ ଓକିଲ, କେତେଜଣ ଛାତ୍ର ଏବଂ କେତେଜଣ ସହର-ବାସୀ ଯୁବକଙ୍କୁ ନେଇ ଗୋଟାଏ ଆନ୍ଦୋଳନ ସୃଷ୍ଟି ହେଲା । ଇତିହାସ ସେ ଆନ୍ଦୋଳନ ବିଷୟରେ କାହିଁକି ଯେ ଏତେ ନୀରବ ହୋଇଛି, ତା'ର କାରଣ ବୁଝିବା କଠିନ । ସେହି ଆନ୍ଦୋଳନ ଯୋଗେ ପ୍ରାୟ ପଚିଶ ଜଣ ଲୋକ ଦିନେ ଶୋଭାଯାତ୍ରା ଓ ସଭା ସମିତି କରିବାରେ ଲାଗିଲେ । କମିଶନର କଚେରିଠାରୁ କାଛା ପଡ଼ିଆ ପର୍ଯ୍ୟନ୍ତ ସମଗ୍ର ଅଞ୍ଚଳରେ ତୁମୁଳ ଗୋଳମାଳ ଲାଗିଲା । କ୍ରମେ ଦୋକାନି, ବଜାରି ମଧ୍ୟ ସେ ଗୋଳମାଳରେ ଯୋଗ ଦେଲେ । ଲୋକେ ଘରୁ ଠେଙ୍ଗା ବାଡ଼ି ଧରି ବାହାରିପଡ଼ିଲେ । ବର୍ତ୍ତମାନପରି ଅସ୍ତ୍ର ଆଇନ ସେତେବେଳେ ନ ଥିଲା; ବିନା ଅନୁମତିରେ ଲୋକେ ଘରେ ନଳି, ବାରୁଦ, ଖଣ୍ଡା, ତରବାରି ରଖି ପାରୁଥିଲେ । ଯାହାର ନଳି ଥିଲା ସେ ନଳି ନେଇ ବାହାରିଲା, କିଏ ବା ତରବାରି ଧରି ଡେଇଁ ପଡ଼ିଲା । ସମସ୍ତେ କହିଲେ, "ମହାରାଜା ବୀରକିଶୋର ଦେବଙ୍କ ଜୟ !" ଜୟ ଧ୍ୱନିରେ ଆକାଶ ବିଦୀର୍ଣ୍ଣ ହୋଇଗଲା ।

ଜଣେ ବୁଢ଼ା ତାମ ହାତରେ ଦୁଇ ବେଣ୍ଟା ତାଳପତ୍ର ଛତା ଧରି ବିକ୍ରୀ କରିବାକୁ ଯାଉଥିଲା । ଗୋଟାଏ ଟୋକା ଧାଇଁ ଆସି କହିଲା, "ଦେଖି, ଗୋଟାଏ ଛତା ବେଣ୍ଟ ମୋତେ ଦେଲୁ ।" କହି, ବୁଢ଼ାଠାରୁ ଛତାବେଣ୍ଟଟାଏ ମାଗି ନେଇ, ପାଇକ ଖେଳରେ ବୁଲାଇଲା ପରି ବୁଲାଇ ବୁଲାଇ, ଗୋଳମାଳ ମଧ୍ୟକୁ ପଶିଗଲା ।

ହରିଆ ସେଦିନ ରାତିରେ ସେହି ପିଲା ଦିଓଟିଙ୍କି ନେଇ ହାତୀପେଟ ଭିତରେ ଆଶ୍ରୟ ଦେବାବେଳେ ଜାଣି ନ ଥିଲା ଯେ ସେ ସାନ ଭାଇଙ୍କ ପ୍ରତି ବଡ଼ ଭାଇର କର୍ତ୍ତବ୍ୟ ପାଳନ କରୁଛି । ସେହି ରାତି ପାହିବା ଆଗରୁ ସେ ତା ପିତାର ପ୍ରାଣରକ୍ଷା କରି ଫେରିଯାଇ, ପିଲା ଦିଓଟିଙ୍କି ପୁଞ୍ଜିଏ ପୁଞ୍ଜିଏ ଜଳଖିଆ ଦେଇ କହିଲା, "ମୁଁ କାମରେ ଯାଉଚି । ତୁମେ ବୁଲିବାକୁ ଯିବ ତ ଯାଅ । ବାପ ମାଙ୍କୁ ନ ପାଇଲେ, ପୁଣି ଆସିବ, ମୁଁ ଯାହାହେଲେ ମୁଠାଏ ଦେବି ।" କିନ୍ତୁ ପିଲା ଦୁହେଁ ସେଦିନ ସନ୍ଧ୍ୟାରେ ଆଉ ହରିଆ ନିକଟକୁ ଆସିଲେ ନାହିଁ । ହରିଆ ମଧ୍ୟ ଖୋଜି ଖୋଜି ତାଙ୍କୁ ପାଇଲା ନାହିଁ । ସେହି ଖୋଜିବା ଭିତରେ ତା'ର ପଦ୍ମନାଭ ଏବଂ ଆଉ ଜଣେ ବିଚକ୍ଷଣ ଓକିଲଙ୍କ ସହିତ ପରିଚୟ ଘଟିଲା ।

କଟକରେ ଜୟପୁରରୁ ଲୋକମାନ ମିଶିଲା ଦିନ ପଦ୍ମନାଭ ପଣ୍ଡା ଦଳ ବାନ୍ଧି ହାତ ହତିଆର ଧରି ସେତେବେଳେ ଶୋଭାଯାତ୍ରାରେ ଯାଉଥିଲେ, ହରିଆ ସେମାନଙ୍କୁ ଦେଖି ପଚାରିଲା, "କୁଆଡ଼େ ଯାଉଚ, ବାବୁ ?" ପଦ୍ମନାଭ ଉତ୍ତର ନ ଦେଇ କେବଳ କହିଲା, "ଆ" । ହରିଆ ତମଠାରୁ ଛତାବେଣ୍ଟ ଖଣ୍ଡେ ନେଇ ନଳିପରି କାନ୍ଧରେ ପକାଇ ଧାଇଁଲା । ସେତେବେଳେ ସେହି କୋଳାହଳରେ ଯୋଗ ଦେବାକୁ ଜଣେ ପ୍ରାୟ ଅଶୀ ବର୍ଷର ବୁଢ଼ା ମଧ୍ୟ ଧାଇଁଥିଲା । ପଦ୍ମନାଭ, ବନମାଳୀ ସଙ୍ଗେ ଯିବା ଆସିବା କଲାବେଳେ ତାକୁ ପୂର୍ବରୁ ଚିହ୍ନିଥିଲା; ବର୍ତ୍ତମାନ ଦେଖି କହିଲା, "ତୁମେ ଫେରିଯାଅ, ଗଦାଧର । ବଡ଼ ଗୋଳମାଳ ହେବ ।"

"ହେଉ ।"

"ମାଡ଼ ପିଟ ହେବ ।"

"ଭଲ କଥା ।"

"ଗୁଳି ଫୁଟିବ ।"

"ଆହୁରି ଭଲ ।" କହି, ଗଦାଧର ସେମାନଙ୍କ ଆଗେ ଆଗେ ଚାଲିବାକୁ ଲାଗିଲା । ସେମାନେ ଯାଇ ମହମଦିଆ ବଜାର ଭିତରେ ମାଟିରେ ଗୋଟାଏ ବେଦୀ ତିଆରି କଲେ ଏବଂ ସେହି ବେଦୀକୁ ସିଂହାସନ କରି, ତହିଁରେ ବୀରକିଶୋର ଦେବଙ୍କ ମୂର୍ତ୍ତି ବସାଇ, ରାଜପଦରେ ଅଭିଷିକ୍ତ କରିବେ ବୋଲି ସ୍ଥିର କଲେ । ସିଂହାସନ ଉପରେ ଉଡ଼ିବା ନିମନ୍ତେ ଗୋଟିଏ ପ୍ରକାଣ୍ଡ ପତାକା ତିଆରି ହେଲା । ପତାକା ଉଡ଼ିବା ପାଇଁ ସମୟ ସ୍ଥିର କରାଗଲା । କଟକ ସହର ପଡ଼ିଲା ଉଠିଲା । ସରକାରୀ କର୍ମଚାରୀମାନେ ବ୍ୟସ୍ତ ହୋଇ ପଡ଼ିଲେ । କମିଶନର ହୁକୁମ ଦେଲେ, "ଏସବୁ ଆନ୍ଦୋଳନ ଆଇନ ବଳରେ ସ୍ଥାପିତ ସରକାରଙ୍କର ବିରୋଧ କାର୍ଯ୍ୟ । ଏହା ଏହି ମୁହୂର୍ତ୍ତରେ ବନ୍ଦ କରିବାକୁ ହେବ ।" ପୋଲିସ କର୍ମଚାରୀମାନେ ଓ ଦଳେ ସୈନିକ ଗୁଳି ବାରୁଦ ଧରି ବାହାରିଲେ ।

ହରିଆ କାର୍ଯ୍ୟରେ ନିତାନ୍ତ ବ୍ୟସ୍ତ ଥିଲା । ବେଦୀର ମାଟି ପକାଇବାଠାରୁ ଆରମ୍ଭ କରି ପତାକା ସିଲେଇ କରିବା ନିମନ୍ତେ ଛୁଞ୍ଚିରେ ସୂତା ଗଳାଇବା ପର୍ଯ୍ୟନ୍ତ, କାହିଁରେ ସେ ଯୋଗ ନ ଦେଇ ରହିଲା ନାହିଁ । ସମସ୍ତେ କାର୍ଯ୍ୟବ୍ୟସ୍ତ ଥିବାବେଳେ ବିଦ୍ରୋହୀ ଦଳରେ ଜଣେ ନୂଆ କର୍ମୀ ଆସି ଯୋଗ ଦେଲେ । ସମସ୍ତଙ୍କ ଦୃଷ୍ଟି ତାଙ୍କ ଉପରେ ଯାଇ ପଡ଼ିଲା । ତାଙ୍କ ପରିଚୟ ପାଇ ସମସ୍ତେ ନିଜ ନିଜ ମଧ୍ୟରେ ଆଖି ଠାରିଠାରି ହେଲେ; କିନ୍ତୁ କେହି ତାଙ୍କୁ ଚିହ୍ନି ଥିବାର ଜଣାପଡ଼ିଲା ନାହିଁ; କେବଳ ହରିଆ ମୁହଁ ଶୁଖି ହୋଇଆସିଲା । ସେ ପଦ୍ମନାଭଙ୍କୁ ଡାକିନେଇ କହିଲା, "ସେ ଡେଙ୍ଗାଟାକୁ ଦେଖୁଚ ?"

"ହଁ, ଦେଖୁଚି; କଣ ହେଲା ?"

"ସେ ଜଣେ ଗୋଇନ୍ଦା ନା କ'ଣ ।"

"ତୁ ଠିକ ଜାଣିଚୁ ?"

"ହଁ ମୁଁ ଜାଣେ । ପନ୍ଦର ଦିନ ଆଗେ ମୁଁ ଗୋଟାଏ ଘରୁ ବାହାରିଆସୁଥିଲି, ସେତେବେଳେ ସେ ମୋତେ ଡାକି ମୋ କାନ ମୋଡ଼ିଦେଇଥିଲା ।" କହି ହରିଆ ସେ ସ୍ଥାନ ଛାଡ଼ି ଅନ୍ୟତ୍ର ଚାଲିଗଲା ।

କିଛି ସମୟ ପରେ ପଦ୍ମନାଭର ସଙ୍ଗୀ ବୈଦ୍ୟନାଥ ସେ ବ୍ୟକ୍ତିଙ୍କି ଆସି ପଚାରିଲା, "ତୁମେ କିଏ ?" ଶୁଣି, ସେ ଚମକିପଡ଼ିଲେ ଓ ପରେ ପ୍ରକୃତିସ୍ଥ ହୋଇ କହିଲେ, "କଣ, ମୋ ନାଁ ? ଆଚ୍ଛା, ଶୁଣ ।" ମାତ୍ର ତାଙ୍କ ନାମ କ ଶୁଣି ବୈଦ୍ୟନାଥ ପୁଣି ପଚାରିଲା—

"ତୁମେ ଜଣେ ଗୋଇନ୍ଦା ?"
"ନା, କର୍ମଚାରୀ ।"
"ତୁମ ନାଁ"
"ଜାଣିମା ଦରକାର ନାହିଁ ।"

କ୍ଷଣକ ମଧ୍ୟରେ ବୈଦ୍ୟନାଥ ଠାରୁ ସୂଚନା ପାଇ ଚାରିଜଣ ହୃଷ୍ଟପୁଷ୍ଟ, ବଳବାନ୍ କର୍ମୀ ସେ ବ୍ୟକ୍ତିଙ୍କୁ ଧରି ବାନ୍ଧିପକାଇଲେ । ତାଙ୍କ କୁରୁତା ପକେଟରୁ ଖଣ୍ଡିଏ ଛୋଟିଆ ହାତଲେଖା ଖାତା ବାହାରିଲା । ସେଥିରେ ଲେଖା ଥିଲା, "ପୋଲିସ ବିଭାଗ କର୍ମଚାରୀ ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ର; ବୟସ ୫୨ ବର୍ଷ ।" ଆଉ ଖଣ୍ଡିଏ କାଗଜରେ ଲେଖାଥିଲା, "ବିଦ୍ରୋହ ଦମନ କରିସାରି, ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ର ଡଗରପଡ଼ାରେ ଥିବା ଡକାୟତମାନଙ୍କ ଖୋଜ ଖୋଜିବା କାର୍ଯ୍ୟରେ ଲାଗିବେ ।"

ଜନାର୍ଦ୍ଦନଙ୍କ ଦେହ ଖାନତଲାସ ହୋଇ ସାରିବା ପରେ, କର୍ମୀମାନେ ତାଙ୍କୁ ଗୋଟାଏ ଘର ଭିତରକୁ ନେଇ ନଜର ବନ୍ଦୀରେ ରଖିଲେ । ହରିଆ ଦୂରରେ ରହି ସମସ୍ତ ଘଟଣା ଦେଖୁଥିଲା ଓ ଶେଷରେ ଜନାର୍ଦ୍ଦନଙ୍କ ନିକଟକୁ ଯାଇ କହିଲା, "ମୁଖିଆ ଏବେ ବଟଲଇକୁ ସମ୍ମାନରେ ପକେଇଛନ୍ତି !"

କେତେ ଜଣ ସିପାହି ପାଗପଟୁକା ବାନ୍ଧି, ବନ୍ଧୁକ ଧରି, ଆସି ପହଞ୍ଚିଲେ । ବର୍ଷା ଆରମ୍ଭ ହେଲା । ସେମାନେ ବର୍ଷାରୁ ରକ୍ଷା ପାଇବା ନିମନ୍ତେ ଗୋଟାଏ ପିଣ୍ଡାରେ ଚଢ଼ି କବାଟରେ ଖୁବ୍ ଧକ୍କା ମାରିଲେ । କେତେକ ସମୟ ପରେ ଉପର ମହଲାରୁ ଝଞ୍ଜରି ବାଟେ ଘରର ମାଲିକ ମୁହଁ ଦେଖାଇଲା । ତନ୍ମଧ୍ୟରୁ ଜଣେ ସିପାହି କହିଲା, "ଦୁଆର ଖୋଲିଦେ ।"

"ନା ।"
"କହୁଚି ଖୋଲ୍ ।"
"ତା ହବ ନାହିଁ ।"
"ଖୋଲିବୁ ନାହିଁ ?"
"ନା, ମନା କଲି ପରା— ।"

ସ୍ୱରଟା ସେତିକିରେ ବନ୍ଦ ହେଲା । କାରଣ, ଗୃହର ଦ୍ୱାର ଖୋଲିବାକୁ ମନା କରିବାରୁ, ସିପାହି ତଳୁ ଗୋଟାଏ ଗୁଳିରେ ତା ମୁଣ୍ଡ ଉଡ଼ାଇଦେଲା । ସେତିକିବେଳେ ପଛରୁ କେହି ଆସି ତା ବେକକୁ ଚିପି ଧରିଲା । ସିପାହି ଚାହିଁ ଦେଖିଲା, ସେ ବିଦ୍ରୋହୀ ବୈଦ୍ୟନାଥ । ବୈଦ୍ୟନାଥ ନିରସ୍ତ୍ରାକୁ କହିଲା, "ଦୋଷ ମାନ୍ ।" ଉତ୍ତରରେ ଶୁଣିଲା, "ନା, ସାର୍, ମୋ ବେକ ଛାଡ଼ିଦେ ।" ଅନ୍ୟ ସିପାହିମାନେ ବନ୍ଧୁକ ମୁହଁ ତଳକୁ କରି ପଛକୁ ହଟିଗଲେ । ବୈଦ୍ୟନାଥ ସେ ସିପାହିର ବେକ ଧରି ଦୁଇ ହାତରେ ନିଜର ସମଗ୍ର ବଳ ପ୍ରୟୋଗ କରି ଚିପିଦେଲା ଓ ତା ପରେ ହସିଦେଇ କହିଲା, "ନିଅ, ଏଟାକୁ ମାଟିରେ ପୋତିପକାଅ ।" ସିପାହି ଗୋଟାଏ କାଠ ଗଡ଼ ପରି ପଡ଼ିରହିଲା ।

ସେ ଘଟଣାର ଉତ୍ତେଜନା ଥିଲେ ମଧ୍ୟ କମି ନାହିଁ, ଯଦୁନାଥ ଜଣେ ଯୁବକକୁ ଦେଖିଲା । ଯୁବକ ବନମାଳୀର ବେକ ଗୁଟିବାପାଇଁ କିଛି ସମୟ ପୂର୍ବେ ତା ବସାକୁ ଆସିଥିଲା । ଯୁବକର ମୁହଁରେ କଠୋରତାର ଚିହ୍ନ ଥିଲେ ସୁଦ୍ଧା, ରମଣୀସୁଲଭ ଶୋଭାଦ୍ୱାରା ତା ଆବୃତ ହୋଇ ରହିଥିଲା । ବନମାଳୀ ସାହେବଜାଦା ବଜାର ବଗିଚାରେ ତମାକୁ ଖୋଜି ନ ପାଉଥିବା ସମୟରେ ବାଟରୁ ଯାହା ସ୍ୱର ତାଙ୍କୁ ସହରର ଗୋଳମାଳ ଭିତରକୁ ଟାଣି ନେଇ ଆସିଥିଲା, ସେ ସେହି ଯୁବକ । ବନମାଳୀ ମରିବାକୁ ଦୃଢ଼ପ୍ରତିଜ୍ଞ ହୋଇ ଯୁବକର ନିକଟରେ ଆସିଥିଲା । କିନ୍ତୁ ଯୁବକ ତାଙ୍କୁ ମରିବାକୁ

ଛତ୍ରଦେବ କି ନା ସନ୍ଦେହ କରି ସେ ତା ଆଖି ଆଗରେ ଗଳି ଭିତରେ ହଟେଇ ଯାଇଥିଲା ।

ବନମାଳୀ ରଙ୍ଗଭୂମିରେ ଉପସ୍ଥିତ ହୋଇ ପିତାଙ୍କ ସ୍ମୃତି ଜପିବାକୁ ଲାଗିଲା: ପିତା ସେ କିପରି ଯୁଦ୍ଧ-ଭୂମିରେ ପ୍ରାଣ ଦେଇଥିଲେ, ତାହା ମନେ ପକାଇଲା । ସେ ଭାବିଲା, ପିତାଙ୍କର ଯେଉଁ ରକ୍ତ ରଣକ୍ଷେତ୍ରକୁ ଦିନେ ପାଟଳ ବର୍ଣ୍ଣରେ ରଞ୍ଜିତ କରିଥିଲା, ସେହି ରକ୍ତର ଧାରା ତା ନିଜ ଧମନୀରେ ମଧ୍ୟ ବହୁଛି । ସେ ରକ୍ତ ସେ କେତେଦିନ ଆଉ ସଞ୍ଚୟ କରି ରଖିବ ? ତାହା ସେ ମାତୃପଦରେ ଢାଳିଦେବାପାଇଁ ସଂକଳ୍ପ କଲା । ମୁହୂର୍ତ୍ତିକ ନିମନ୍ତେ ସେ ଆପାଦମସ୍ତକ ଥରିଗଲା ।

---

—୪୧—

## ବନମାଳୀ ପାଇଁ ଚମ୍ପା ପ୍ରାଣ ଦେଲା

“କେତେ ବୋଳିଛୁ ମୁଁ ଏ ହାତେ କାଳି,
କେତେ କାହାଠାରୁ ଖାଇଛୁ ଗାଳି ।
ଆଉ ପଦେ କିଏ କହିବ ମୋତେ ?
ମୁଁ ତ ଧୋଇବ ଏ ହାତ ରକତେ ।
ଧନ୍ୟ ଧନ୍ୟ ଧନ୍ୟ ମୋର ପରାଣ
ମାଆ ଲାଗି ଆଜି ମରିବ ଜାଣ ।”

“ଏ ତ ହରିଆ ।” ହରିଆ ଗୀତ ଗାଇ ଗାଇ ଧାଇଁ ଆସି କହିଲା, “ଦେଖ ବୈଦ୍ୟନାଥ ବାବୁ, ଦଳେ ସିପେଇ ଆସୁଛନ୍ତି, ଆମ ବେଦୀ ଭାଙ୍ଗି ପକେଇବେ, ସିଂହାସନ ଭାଙ୍ଗି ଗୁଣ୍ଡା କରିଦେବେ, ଆଉ ପତାକା ଚିରି ଚିକ୍ ଚିକ୍ କରିବେ, ତା ଛଡ଼ା, ଆମକୁ ତ ଧୂଳିରେ ମିଶେଇଦେବେ । ଆମକୁ ଯାହା କରନ୍ତୁ, ସେ ତ ପଛ କଥା । ଆସ, ବେଗେ କାମଟା ସାରିଦେବା ।” ହଠାତ୍ ଦୂରରେ ଗୁଳି ଆବାଜ ଓ କୋଳାହଳ ଶୁଣାଗଲା ।

ଗଦାଧର ବର୍ତ୍ତମାନ ସୁଦ୍ଧା ସ୍ୱେଚ୍ଛାସେବୀମାନଙ୍କ ମଧ୍ୟରେ ରହିଥିଲା । ପଦ୍ମନାଭ ଏବଂ ଅନ୍ୟ କେତେଜଣ ତାକୁ ଘରକୁ ଫେରିଯିବାପାଇଁ ବାରମ୍ବାର ଅନୁରୋଧ କରି ବିଫଳ ହୋଇଥିଲେ । ସେତେବେଳେ କଥା ହେଲା ଯେ ଜଣେ କିଏ ଯାଇ ବେଦୀରେ ପତାକା ଉ

ଝୁଣ୍ଟି ବାନ୍ଧିରଖିବ, ସେହି ଅଶୀବର୍ଷର ବୁଢ଼ା ଥର ଥର ବେଦୀ ଉପରକୁ ଉଠିଲା । ମୁହୂର୍ତ୍ତିକ ପାଇଁ ଚତୁର୍ଦ୍ଦିଗ ନିସ୍ତବ୍ଧ ହୋଇଗଲା । ବିପ୍ଳବୀ ଓ ଦର୍ଶକମାନେ ଭକ୍ତି ଏବଂ ବିସ୍ମୟରେ ମୁଣ୍ଡ ପୋତିଦେଲେ । ହଠାତ୍ ଦଳେ ସିପାହୀଙ୍କ ଆଗେ ଆଗେ ଜଣେ ଗୋରା କର୍ମଚାରୀ ଧାଇଁ ଆସି କହିଲେ, "କିଏ ଚନ୍ଦ୍ରଚୁଡ଼, ଓହ୍ଲାଅ, ଶୁଣ, ଓହ୍ଲାଇଆସ ।" ଶୁଣି, ଗଦାଧର କହିଲା, "ରାଜା ବୀରକିଶୋର ଦେବଙ୍କ ଜୟ !" ତେଣେ ହୁକୁମ ପଡ଼ିଲା, "ଗୁଳି ଚଳାଅ ।" ମୁହୂର୍ତ୍ତିକ ମଧ୍ୟରେ ଗଦାଧର ବେଦୀ ଉପରୁ ତଳକୁ ଟଳିପଡ଼ିଲା; ରକ୍ତ ସ୍ରୋତରେ ଦାଣ୍ଡ ଧୂଳି ରଂଜିତ ହୋଇଗଲା । ବିଦ୍ରୋହୀ ଏବଂ ଦର୍ଶକମାନେ ଶବ ଚାରିପଟେ ଘେରି ରହିଲେ ।

ସେତେବେଳେ ପଛରୁ ପୁଣି ଗୁଳି ଆବାଜ ଶୁଣାଗଲା । ସମସ୍ତେ ଚାହିଁ ଦେଖିଲେ, ବନମାଳୀ ଆସୁଛି । ସେ ହାତରେ ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ରଙ୍କ ବନ୍ଧୁକଟା ଧରି ଉନ୍ମାଦନାରେ ଶୂନ୍ୟକୁ ଗୁଳି ଫୁଟାଇ ଧାଇଁ ଆସୁଥିଲା । ସେ ଆସି ଦେଖିଲା ଯେ ଗଦାଧର ରକ୍ତାକ୍ତ ହୋଇ ଭବରଙ୍ଗଭୂମିରୁ ଚିରକାଳ ପାଇଁ ବିଦାୟ ନେଇ ଆଖି ବୁଜି ଶୋଇଛି ଏବଂ ତା ନିକଟରେ ଆହତ ହରିଆ ପଡ଼ି ଛଟପଟ ହେଉଛି । ତହୁଁ ସେ କହିଲା, "ଦେଖ, ଭାଇମାନେ, ଜଣେ ବୁଢ଼ା ଓ ଗୋଟିଏ ପିଲା ଆମ ଆଗରେ ଆତ୍ମତ୍ୟାଗର କି ଜ୍ୱଳନ୍ତ ଆଦର୍ଶ ଦେଖେଇଛନ୍ତି । ଆମେ ପଛକୁ ହଟିଲାବେଳେ ସେମାନେ ଅଗ୍ରସର ହେଲେ । ଆମେ ଫଳାଫଳ ଚିନ୍ତା କଲାବେଳେ ସେମାନେ କାର୍ଯ୍ୟ-କ୍ଷେତ୍ରରେ ପାଦ ପକାଇଲେ । ଏହି ବୃଦ୍ଧ ବ୍ୟକ୍ତିଙ୍କ ଶବ ଏବଂ ବାଳକର ଆହତ ଦେହ ଆମକୁ ଜୀବନର କର୍ତ୍ତବ୍ୟ ଶିକ୍ଷା ଦେଉ । ଆମେ ସମସ୍ତେ କାର୍ଯ୍ୟରେ ଅଗ୍ରସର ହେବା, ବଞ୍ଚି ଥାଉ ଥାଉ ଏ ବେଦୀ ଉପରକୁ କାହାକୁ ଚଢ଼େଇ ଦେବାନାହିଁ ।"

ବନମାଳୀ ଠିକ କଥା ଶେଷ କରିବା ବେଳକୁ ତା ଆଡ଼କୁ ଲକ୍ଷ୍ୟ କରି ଗୋଟାଏ ବନ୍ଧୁକ ରଖାହୋଇଥିଲା । ବନ୍ଧୁକ ଯେତେବେଳେ ଫୁଟିଲା, ବନମାଳୀ ଚାହିଁ ଦେଖିଲା ନଳି ମୁହଁରେ ଗୋଟାଏ ହାତ ରହିଛି । ତଥାପି ବନ୍ଧୁକ ଭିତରୁ ଗୁଳିଟା ଫୁଟି ବାହାରିଗଲା; କିନ୍ତୁ ବନମାଳୀ ଦେହରେ ବାଜିଲାନାହିଁ । ବନମାଳୀ ବିପ୍ଳବୀମାନଙ୍କ ଦଳ ଭେଦକରି, ନେଇ ସିଂହାସନ ଆଡ଼େ ଝାଙ୍ଗି ପକାଇବାକୁ ସିପାହୀ ଓ ସୈନିକମାନେ ମାଡ଼ିଆସୁଥିଲେ, ବନମାଳୀ ସେମାନଙ୍କୁ ଅଟକାଇବାକୁ ଚାଲିଗଲା । ସୈନିକମାନଙ୍କୁ ହୁକୁମ ମିଳିଲା, "ଆଗେ ସିଂହାସନଟା ଗୁଳିରେ ଉଡ଼େଇଦିଅ ।" ଶୁଣି ବନମାଳୀ କହିଲା, "ନା, ତା ଆଗରୁ ମୋତେ ।" ସଙ୍ଗେ ସଙ୍ଗେ ଗୁଳି ବୃଷ୍ଟି ହେଲା । ବନମାଳୀ ସେହି ଭୀଷଣ ବୃଷ୍ଟି ମଧ୍ୟରେ ନିଜର ଅପାଦମସ୍ତକ ଦେଖାଇ ସୈନିକମାନଙ୍କ ଗତି ବନ୍ଦ କରିବାକୁ ଲାଗିଲା ।

ବନମାଳୀର ମୃତ୍ୟୁକୁ ଭୟ କରିବାର କୌଣସି କାରଣ ନାହିଁ । ସେ ଚମ୍ପାକୁ କହିଛି ମରିବାକୁ ପ୍ରସ୍ତୁତ ହୋଇ ଆସିଛି । ତା ପରେ ପୁଣି, ପିତା ତା ବିଷୟରେ ତାଙ୍କ

ଆଦେଶପତ୍ରରେ ଯାହା ଲେଖିଥିଲେ, ସେ ନିଶ୍ଚୟ ତା'ଙ୍କ ଉପଯୁକ୍ତ ହେବ । ସେ କଥା ସେ ହୃଦୟ ମଧ୍ୟରେ ଜପିବାକୁ ଲାଗିଛି; ଜୀବନରେ ସେ ଗୋଟାଏ ଦୃଢ଼ ବନ୍ଧନ ଅନୁଭବ ହେଲା ଅନୁଭବ କରୁଥିଲା; ତାହା ଛିଣ୍ଡାଇ ଦେଇ ଆସିଛି । ସୁତରାଂ, ସେ ପ୍ରାଣପଣେ ସୈନିକମାନଙ୍କ ଭୀଷଣ ଆକ୍ରମଣ ସହିବାରେ ଲାଗିଛି । ପଛରେ ବିପ୍ଳବୀଗଣ ଦଳ ବାନ୍ଧି ଠିଆ ହୋଇଛନ୍ତି । ସିପାହୀ ଏବଂ ସୈନିକମାନେ ଯେତେବେଳେ ଦେଖିଲେ ଯେ ଅଗ୍ରସର ହେବା ଅସମ୍ଭବ, ସେମାନେ ଗୋଟାଏ ଗଳିବାଟେ ଖସି ଗଲେ । ବନମାଳୀ ବେଦୀ ଉପରୁ ଆୟୋଜନ ଦେଖିବାକୁ ଗଲା ସେତେବେଳେ ତାକୁ କେହି ଜଣେ ଡାକିଲା ।

ଶୁଣି, ବନମାଳୀ ଚମକିପଡ଼ିଲା । ପ୍ରାୟ ଦୁଇ ଘଣ୍ଟା ପୂର୍ବେ ସାହେବଜାଦା-ବଜାର ବଗିଚା ଫାଟକ ପାଖେ ଯେଉଁ ସ୍ୱର ତାକୁ ରଙ୍ଗଭୂମିକୁ ଡାକି ଆଣିଥିଲା, ସେ ଅବିକଳ ସେହି ସ୍ୱର । ସ୍ୱର ପୁନର୍ବାର ଶୁଭିଲା, "ବନମାଳୀ ବାବୁ" ! ବନମାଳୀ ଚାରିଆଡ଼େ ଚାହିଁ କାହାକୁ ଦେଖିଲାନାହିଁ । ସେ ପୁଣି ଶୁଣିଲା, "ତୁମ ପାଦତଳେ ।" ତହୁଁ ସେ ତଳକୁ ଚାହିଁଲା; ଦେଖିଲା, ଗୋଟିଏ ମଳିନ ମୁହଁ ତଳୁ ଉଠି ତା ଆଡ଼କୁ ଚାହିଁଛି । ସେ ମୁହଁରୁ ଶୁଣାଗଲା, "ମୋତେ ଚିହ୍ନିପାରୁଛ ?"

"ନା ।"

"ଚମ୍ପା ।" ଶୁଣି ବନମାଳୀ ଆହୁରି ନଇଁପଡ଼ି ବ୍ୟାକୁଳ ଭାବରେ ତଳକୁ ଚାହିଁଲା ଓ ଦେଖିଲା ଯେ ପ୍ରକୃତରେ ଚମ୍ପା, କେବଳ ପୁରୁଷ ପୋଷାକ ପିନ୍ଧିଛି । ପ୍ରକୃତ କଥା କହିବାକୁ ଗଲେ ଚମ୍ପା ପ୍ରଥମ ଚମ୍ପା ମନରେ ଲୁଚି ଲୁଚି ଈର୍ଷାକାତର ହୋଇଥିଲା । ପଦ୍ମନାଭ ବସାକୁ ଯାଇ ସେ ଶୁଣିଥିଲା ଯେ ବନମାଳୀ ବିପ୍ଳବରେ ନେତୃତ୍ୱ ନେବାକୁ ଯାଉଛି । ଚମ୍ପାକୁ ନ ଦେଖିଲେ ବନମାଳୀ ମନରେ ଯେଉଁ ନୈରାଶ୍ୟ ଜନ୍ମିବ, ସେ ତାହା ବୁଝିପାରିଥିଲା ଏବଂ ପରିଣାମରେ ବନମାଳୀର ମୃତ୍ୟୁ ଘଟିବ ବୋଲି ମଧ୍ୟ ଜାଣିଥିଲା । ସୁତରାଂ, ସେ ବନମାଳୀ ସହିତ ଏକ ରଙ୍ଗଭୂମିରେ ମରିବାକୁ ଆସିଥିଲା ।

ବନମାଳୀ ପଚାରିଲା, "ଚମ୍ପା, ମାଟିତଳେ କାହିଁକି ପଡ଼ିଛୁ ?"

"ମରୁଛି ପରା ।" ଶୁଣି, ବନମାଳୀ ଚିନ୍ତିତ ହୋଇ ଅଧୀର ସ୍ୱରରେ କହିଲା, "କଣ ତୋ ଦେହରେ ଗୁଳି ବାଜିଛି କି ? ଆଚ୍ଛା, ମୁଁ ତୋତେ ଟେକି ଘର ଭିତରକୁ ନେଇଯିବି ।" କହି, ସେ ଚମ୍ପାକୁ ହାତରେ ଉଠାଇବାକୁ ଚେଷ୍ଟାକଲା । ଚମ୍ପା ଯନ୍ତ୍ରଣାରେ ପାଟି କରିବାକୁ ଲାଗିଲା । ବନମାଳୀ ପଚାରିଲା, "ମୁଁ ତ ଖାଲି ତୋ ହାତଟା ଧରିଛି, କାହିଁକି କ'ଣ ?" ଚମ୍ପା ନିଜ ହାତଟେକି ଦେଖାଇଲା । ବନମାଳୀ ଦେଖିଲା, ତା ପାପୁଲିଟା ଫୁଟି କଣା ହୋଇଯାଇଛି ।

"ତୋ ହାତ କ'ଣ ହେଲା, ଚମ୍ପା ?"

"କଣା ହୋଇଯାଇଚି ପରା !"

"କେମିତି ?"

"ଗୁଳି ବାଜି !"

"କେମିତି ବାଜିଲା ?"

"ତୁମ ଆଡ଼କୁ ବନ୍ଧୁକ ଲକ୍ଷ୍ୟ କରାହୋଇଥିଲା, ଦେଖିଚ ?

"ଦେଖିଚି; ବନ୍ଧୁକ ଫୁଟିଲା ବେଳେ ନଳ ମୁହଁରେ ଗୋଟାଏ ହାତ ମଧ୍ୟ ଦେଖିଚି ।"

"ମୋ ହାତ ପରା !"

ବନମାଳୀ ଅବାକ୍ ହୋଇଗଲା, କହିଲା, "ପାଗଳ ନା କ'ଣ ? ତୁ କ'ଣ ନଳ ମୁହଁରେ ହାତ ଦେଇ ଗୁଳି ଅଟକେଇବାକୁ ଯାଉଥିଲୁ ? ଛି ଛି ଛି ! ଏମିତି କିଏ କରେ ? ଅଚ୍ଛା, ଏବେ ତୁ ଘର ଭିତରକୁ ଚାଲ । ହାତଟାରେ ଗୁଳି ବାଜିଲେ କେହି ମରିଯାଏନାହିଁ । ତୋ ହାତ ଭଲ ହୋଇଯିବ ।" ଶୁଣି, ଚମ୍ପା ଅସ୍ପଷ୍ଟ ସ୍ୱରରେ କହିଲା, ଗୁଳି ହାତରେ ପଶି ପିଠିବାଟେ ବାହାରିଯାଇଚି ପରା । ମତେ ଏଠୋଉ କାହିଁକି ନବ ? ମୁଁ ତୁମଠୋଉ ଆଉ କିଛି ଅନୁଗ୍ରହ ଚାହୁଁନାହିଁ । ମୋ ପାଖେ ଖାଲି ଟିକିଏ ବସ ।"

ବନମାଳୀ ବସିଲା । ଚମ୍ପା ତା କୋଳରେ ମୁଣ୍ଡ ରଖି କହିଲା, "ମୋତେ ବଡ଼ ଭଲ ଲାଗୁଚି । ଆଉ କିଛି କଷ୍ଟ ହେଉନାହିଁ । ଦେଖ, ମୋ ପାଖେ ତୁମର ଖଣ୍ଡିଏ ଚଠି ଅଛି । ମୁଁ ଯେ କୁରୁତାଟା ପିନ୍ଧିଛି ନା, ତାର ପକେଟରେ ଅଛି । ସେ ଚଠି ଖଣ୍ଡି ତୁମକୁ ଦବାକୁ ମୋର ଇଚ୍ଛା ନ ଥିଲା । ମୋ ଉପରେ ରାଗିବନାହିଁ, ବନମାଳୀ ବାବୁ ! ଆମର ଫେରେ କେବେ ଦେଖା ହବ; ହବ ନାହିଁ ? ତୁମ ଚଠି ନିଅ ।" କହି, ନିଜ ଅାହତ ହାତରେ ବନମାଳୀ ହାତ ଭିଡ଼ିଧରି, ସେ ନିଜ କୁରୁତା ପକେଟରେ ପୂରାଇଲା । ବନମାଳୀ ଚଠି ଖଣ୍ଡି କାଢ଼ି ଅଣିଲା । ଚମ୍ପା କହିଲା, "ଆଉ ମୋ ମେହେନତର ପୁରସ୍କାର ?"

"କଣ କହ ।"

"ଆଗେ ହଁ କର ।"

"କଲି ।"

"ମୁଁ ମରିଗଲା ପରେ ମୋ କପାଳରେ ଗୋଟିଏ ଚୁମ୍ବନ ଦବ; ମୁଁ ବୁଝି ପାରିବ ଯେ— ।" କହି, ଚମ୍ପା ଆଖି ବୁଜିଦେଲା । ତା ପ୍ରାଣବାୟୁ ଉଡ଼ିଗଲା ବୋଲି ବନମାଳୀ ମନେ ମନେ ଭାବିଲା; କିନ୍ତୁ କିଛି ଛଣ ପରେ ସେ ପୁଣି ଆଖି ଫିଟାଇ ଚାହିଁଲା ଏବଂ ଗୋଟାଏ ସୁଦୂର ଅଦୃଶ୍ୟ ରାଜ୍ୟରୁ କହିଲା ପରି ଧୀର କମ୍ପିତ ସ୍ୱରରେ କହିଲା,

"ସତ କହିବ, ବନମାଳୀ ବାବୁ ? ମୋର ତୁମଠେଇ ଭାରି ଶରଧା । ହେଲେ, ଆଉ କ'ଣ ଅଛି ?" କହି, ସେ ଈଷତ୍ ହସିବାକୁ ଚେଷ୍ଟା କଲା ଏବଂ ଅଧର କମ୍ପିତ ହେବା ସଙ୍ଗେ ସଙ୍ଗେ ତା ପ୍ରାଣବାୟୁ ଉଡ଼ି ଚାଲିଗଲା ।

ବନମାଳୀ ତା ଅଙ୍ଗୀକାର ରକ୍ଷାକଲା, ଚମ୍ପାର ଜୀବନଶୂନ୍ୟ ଶୀତଳ କପାଳରେ ଗୋଟିଏ ଚୁମ୍ବନ ଦେଇ ତାପରେ ସେ ତା ମୁଣ୍ଡଟି ଧୀରେ ଧୀରେ ନିଜ କୋଳରୁ କାଢ଼ି ତଳେ ରଖି ଚାଲିଗଲା । ଚମ୍ପା ଶବ ନିକଟରେ ବସି ଚିଠି ଖଣ୍ଡି ପଢ଼ିବାକୁ ତା'ର ଇଚ୍ଛା ହେଲାନାହିଁ ।

---

—୪୨—

## ଭିତର ରହସ୍ୟ

ବନମାଳୀ ଚମ୍ପା ଶବ ନିକଟରୁ ଖଣ୍ଡେ ଦୂର ଚାଲିଯାଇ ଚିଠିଖଣ୍ଡି ଫିଟାଇ ପଢ଼ିଲା,

"ପ୍ରାଣର ପ୍ରିୟତମ,

ଆମେ ଏହି ମୁହୂର୍ତ୍ତରେ ଏ ଘର ଛାଡ଼ି ଯିବାକୁ ବାପା କହୁଛନ୍ତି । ଆମେ ଏଠୁ ଯାଇ ଆଜି ସନ୍ଧ୍ୟାରେ ତେଲିଙ୍ଗା ବଜାରରେ ରହିବୁ । ସାତଦିନ ବାଦ୍ ରେଙ୍ଗୁନରେ ଥିବୁ । ରବିବାର ।

ରମା ।"

ଚିଠି ଉପରେ ଠିକଣା ଥିଲା—
"ବାବୁ ବନମାଳୀ ରାଏ,
ପଦ୍ମନାଭ ବାବୁଙ୍କ ଘର,
ବକ୍ସିବଜାର ।"

ଯାହା ଯାହା ଘଟିଲା, ସବୁ ଚମ୍ପାର କାର୍ଯ୍ୟ । ଯେଉଁଦିନ ରାତରେ ସେ ପାଣ୍ଡୁ ନାଏକ ଘରର ବଗିଚ୍ଚା ଫାଟକ ଜଗିଥିଲା, ତା ପରେ ତା ମନରେ କୁଇଚ୍ଛା ଭାବନା ଜାତ ହେଲା; ତା' ବାପା ଏବଂ ଅନ୍ୟାନ୍ୟ ଡକାୟତମାନଙ୍କ ଚେଷ୍ଟା ବିଫଳ କରିବ ଏବଂ ରମାଠାରୁ ବନମାଳୀକୁ ପୃଥକ୍ କରି ରଖିବ । "ଏ ଘର ଛାଡ଼ି ଚାଲିଯାଅ" ଲେଖି ଯେ ପାଣ୍ଡୁ ନାଏକକୁ ନିର୍ଦ୍ଦେଶ ଦେଇଥିଲା, ସେ ସେହି ଚମ୍ପା । ସେ ଲେଖାଟା ପାଇ ପାଣ୍ଡୁ ନାଏକ ସିଧା ଘର ଭିତରକୁ ଯାଇ ରମାକୁ କହିଲା, ଆମେ ଆଜି ସଂଧ୍ୟାରେ ମାଣିକକୁ ନେଇ ଏଠୋଉ ତେଲେଙ୍ଗା ବଜାର ଯିବା; ଆଉ ସପ୍ତାହକୁ ରେଙ୍ଗୁନରେ ଥିବା ।"

ବଡ଼ୋନ୍ତ ସେପରି ଗୋଟାଏ ଆଘାତ ପାଇ ରମା ମୃତ ପ୍ରାୟ ହୋଇଗଲା ଏବଂ ଉତ୍ତେଜନାରେ ବନମାଳୀ ନିକଟକୁ ଦୁଇ ଧାଡ଼ିରେ ଉପରୋକ୍ତ ଚିଠିଟା ଲେଖି ପକାଇଲା । କିନ୍ତୁ ତାହା ସେ କିପରି ପଠାଇବ, ବୁଝିପାରିଲାନାହିଁ । ସେ ନିଜେ ଏକା ଘରୁ ବାହାରି କେଉଁଠାକୁ ଯାଏ ନାହିଁ । ମାଣିକ ହାତରେ ଦେଲେ, ସେ ଅଭୟ ଦାସଙ୍କୁ ସବୁ କହିଦେବ । ସୁତରାଂ ସେ ବସି ଉପାୟ ଚିନ୍ତା କରିବାକୁ ଲାଗିଲା । ସେତେବେଳେ ଫାଟକ ପାଖେ ସେ ଚମ୍ପାକୁ ପୁରୁଷ ବେଶରେ ଠିଆହେବାର ଦେଖିଲା । ସେ ତାକୁ ଜଣେ ମୂଲିଆ ଟୋକା ବୋଲି ମନେ କରି, ଚିଠି ଖଣ୍ଡି ତା ହାତେ ଦେଇ କହିଲା, “ଶୀଘ୍ର ନେଇ ଠିକଣା ଥାନରେ ପହଞ୍ଚେଇବୁ” ଓ ତା ହାତରେ ପାଞ୍ଚ ଟଙ୍କା ମଜୁରି ଧରାଇଦେଲା ।

ବନମାଳୀ ଚିଠି ଖଣ୍ଡିକୁ ଚୁମ୍ବନରେ ପୋଡ଼ି-ପକାଇଲା । ସେ ମୁହୂର୍ତ୍ତକ ପାଇଁ ଭାବିଲା ସେ ଜୀବନ ବଳିଦେବା ତା ପକ୍ଷେ ଅନୁଚିତ ହେବ, କିନ୍ତୁ ତା ପରେ ମନକୁ ମନ କହିଲା, “ତା ବାପା ତାକୁ ବେଙ୍ଗ୍ଲୁନ୍ ନେଇ ଯାଉଛନ୍ତି । ମୋ ଅଜା ମୋତେ ବିବାହ ହେବାକୁ ଅନୁମତି ଦେବେନାହିଁ । କେତେବେଳେ ମୋର ଆଉ ବଞ୍ଚିବାର କ'ଣ କାରଣ ଅଛି ?” ତା ପରେ ତାର ଦୁଇଟି କର୍ତ୍ତବ୍ୟ ମନରେ ଉଠୁଛି ବୋଲି ସେ ମନେ କଲା; ପ୍ରଥମେ ନିଜ ମୃତ୍ୟୁ ସମ୍ବାଦ ଜଣାଇ ରମାଠାରୁ ଶେଷ ବିଦାୟ ନେବ; ଦ୍ୱିତୀୟରେ, ଯାଦା ସାହୁ ପୁଅ, ଚମ୍ପାର ସ୍ୱାମୀ ଛଣିଆକୁ ଆପାତ ବିପଦରୁ ରକ୍ଷା କରିବ । ପ୍ରଥମ କର୍ତ୍ତବ୍ୟ ସାଧନ କରିବା ନିମନ୍ତେ, ସେ ଖଣ୍ଡିଏ କାଗଜ କାଢ଼ି ଲେଖିଲା—

“ଆମ ବିବାହ ଅସମ୍ଭବ । ମୁଁ ଅଜାଙ୍କୁ ଅନୁମତି ମାଗିଲି, ସେ ଦେଲେନାହିଁ । ତୁମେ ଯେପରି ଦରିଦ୍ର, ମୁଁ ମଧ୍ୟ ସେପରି ଦରିଦ୍ର । ମୁଁ ତୁମ ଘରକୁ ଯାଇଥିଲି, ତୁମକୁ ଦେଖିଲିନାହିଁ । ମୁଁ ତୁମ ଆଗରେ କି ଶପଥ କରିଥିଲି ମନେ ଥିବ; ତାହା ମୁଁ ପାଳନ କରୁଛି, ପ୍ରାଣ ବିସର୍ଜନ ଦେଉଛି । ମୁଁ ତୁମକୁ ସ୍ନେହ କରେ । ଆଉ କ'ଣ ଲେଖିବି ?

ତୁମର
ଅଭାଗା ବନମାଳୀ ।”

ଠିକଣା ଲେଖିଲା ।

ଶ୍ରୀମତୀ ରମା ଦେବୀ, ଅଭୟ ଦାସଙ୍କ ଘର—ତେଲଙ୍ଗା ବଜାର । ତା ପରେ ସେ ଆଉ ଖଣ୍ଡିଏ କାଗଜ କାଢ଼ି ଲେଖିଲା, “ମୋ ନାମ ବନମାଳୀ ସାଏ । ମୋ ଦେହଟା ଅଜା ଶ୍ରୀନିବାସ ଚୌଧୁରୀଙ୍କ ଘରକୁ ନେଇଯିବ । ଘର ତୁଳସୀପୁର ।”

ଚିଠି ଦୁଇଖଣ୍ଡି ଲେଖିସାରି ବନମାଳୀ ଛଣିଆକୁ ଡାକି ପଚାରିଲା, “ମୋ ପାଇଁ ଟିକିଏ କାମ କରିଦେବୁ ?”

"ଯାହା କହିବ, କରିବ । କହିଲେ, ପ୍ରାଣ ଦେବି ।"

"ଏ ଚିଠି ଝଣ୍ଡେ ଦେଖୁଚୁ ?"

"ହଁ, ଦେଖୁଚି ।"

"ଏଟା ନେଇ ତେଲେଙ୍ଗା ବଜାର ଯିବାକୁ ହବ ।"

"ଏ ଭିତରେ ଯେ ସିପେଇମାନେ ଆମ ଆୟୋଜନ ସବୁ ଭାଙ୍ଗି ପକେଇବେ । ଆଉ ମୁଁ ସେତେବେଳେ ନ ଥିବି । ତା କମିତି ହବ ?"

"ନା, ସକାଳ ଆଗରୁ ସେମାନେ କିଛି କରିପାରିବେ ନାହିଁ ।"

"ଅଚ୍ଛା, ଚିଠି ଖଣ୍ଡ କାଲି ସକାଳେ ଦେଲେ ହବନାହିଁ ?"

"ହଁ, ଚିଠି ତ ସକାଳେ ଦରି, ଏ ରାତରେ ନୁହେଁ; ତେବେ ଏଇ ମୁହୂର୍ତ୍ତିରେ ଏଠୋଉ ବାହାରିଯିବାକୁ ହବ । ରାତି ଭିତରେ ସବୁ ବାଟ ବନ୍ଦ ହୋଇଯିବ, ତୁ ବାହାରି ଯାଇପାରିବୁ ନାହିଁ । ଏଇକ୍ଷଣି ଯା ।"

ହରିଆ ଉତ୍ତର ଖୋଜି ପାଇଲା ନାହିଁ । କିଛି ସମୟ ନୀରବ ଭାବରେ ଠିଆ ହୋଇ, ସେ ବିରସ ମୁଖରେ କହିଲା, "ଅଚ୍ଛା ଚିଠି ଦିଅ ।" କହି ଚିଠି ଖଣ୍ଡ ଧରି, ଧାଇଁ ଚାଲିଗଲା । ସେତେବେଳେ ତା ମନରେ ଗୋଟାଏ ଭାବ ଜାତ ହେଲା । ତାହା ସେ ପ୍ରକାଶ କଲାନାହିଁ; ଭାବିଲା, "ଏ ତ ଅଧରାତି ହୋଇ ନାହିଁ । ତେଲେଙ୍ଗାବଜାର ବେଶି ଦୂର ନୁହେଁ; ଯାଇ ଚିଠିଖଣ୍ଡ ଦେଇ, ଚୁହୁଁ ଚୁହୁଁ ତ ମୁଁ ଫେରିଆସିବି ।"

---

— ୨୩ —

## କାହା ଚିଠି କାହା ହାତେ ପଡ଼ିଲା

ସେହି ଦିନ ସଂଧ୍ୟାରେ ପାଣ୍ଡୁ ନାଏକ ରମା ଓ ମାଣିକ ସହିତ ତେଲେଙ୍ଗାବଜାର ଘରେ ଯାଇ ପହଞ୍ଚିଲା । ସେଠାକୁ ଯିବା ବେଳକୁ ରମା ଘୋର ଆପତ୍ତି ଉଠାଇଥିଲା । ପାଣ୍ଡୁ ନାଏକ ସଙ୍ଗେ ଏକାଠି ରହିବା ପରେ ଏହି ପ୍ରଥମ ଥର ତା ଇଚ୍ଛା ପାଣ୍ଡୁ ନାଏକ ଇଚ୍ଛାଠାରୁ ଭିନ୍ନ ଆକାର ଧାରଣ କଲା; ହେଲା ଗୋଟିଏ ପକ୍ଷରୁ ଆପତ୍ତି ଏବଂ ଅନ୍ୟ ପକ୍ଷରେ ଜିଦ୍ । କିନ୍ତୁ ଜଣେ ଅପରିଚିତ ଲୋକ ପାଣ୍ଡୁ ନାଏକକୁ ସାବଧାନ କରିଦେବା ଯୋଗେ ସେ ଏତେ ଭୀତ ହୋଇ ପଡ଼ିଥିଲା ଯେ ରମାର ଆପତ୍ତି ଶୁଣିବାକୁ ତା ହୃଦୟରେ ସାହସ ନ ଥିଲା । ଶେଷରେ ରମା ସବୁ ଆପତ୍ତି ସତ୍ତ୍ୱେ ବାଧ୍ୟ ହୋଇ ରାଜି ହେଲା ।

ପାଣ୍ଡୁ ନାଏକ ଏବଂ ରମା କେହି କାହାକୁ ପଦେ କଥା ନ କହି ତେଲେଙ୍ଗା ବଜାର ଘରେ ଯାଇ ପହଞ୍ଚିଲେ । ସାହେବଜାଦା ବଜାରକୁ ପୁଣି ଫେରିବାକୁ ନ ପଡ଼ିପାରେ ଭାବି, ପାଣ୍ଡୁ ନାଏକ ମାଣିକକୁ ସଙ୍ଗରେ ନେଇଥିଲା, ଅଥଚ ତା'ର ସେହି 'ଅଛଡ଼ା' ଛେଷ୍ଟିଆ ପେଡ଼ିଟି ବ୍ୟତୀତ ବାକି କୌଣସି ଜିନିଷପତ୍ର ନେଇନାହିଁ । ରମା କେବଳ ତା ଚିଠି କାଗଜ ଓ ଛପା କାଗଜ ଲେଫାଫାଟି ଧରିଲା । ତେଲେଙ୍ଗାବଜାରରେ ପହଞ୍ଚିଲା ବେଳକୁ ସନ୍ଧ୍ୟା ହୋଇଯାଇଥିଲା ।

ସାହେବଜାଦା ବଜାର ଘର ଛାଡ଼ିଲାବେଳେ ରମା ମୁଣ୍ଡ ବଥାଉଛି, କିଛି ଖାଇଲା ନାହିଁ । ରନ୍ଧା ବଢ଼ା ମଧ୍ୟ ବିଶେଷ କିଛି ହୋଇନଥିଲା । ପାଣ୍ଡୁ ନାଏକ ସକାଳର ପଖାଳ ଖାଇଲା, ତାହା ମଧ୍ୟ ବିନା ତରକାରୀରେ । ସେ ଖାଇ ବସିଲାବେଳେ ମାଣିକ କହିଲା, "ଆଜି ସହରର ଭିତରେ ଖାଲି କେଉଁ ଲୋକମାନେ ଲାଗିଚ, ହଣାହଣି ମରାମରି ହୋଉଚନ୍ତି ।" ପାଣ୍ଡୁ ନାଏକ ଅନ୍ୟମନସ୍କ ରହି ସେ କଥା ଶୁଣିପାରିଲାନାହିଁ । ସେ ଖାଇବାଠାରୁ ଉଠି, ଦୁଆର ପାଖରୁ ଟେରେକା ପର୍ଯ୍ୟନ୍ତ ଏବଂ ଟେରେକାଠାରୁ ପୁଣି ଦୁଆର ଯାଏ ଧୀର ଗତିରେ ବୁଲିବାକୁ ଲାଗିଲା । ମନରେ କେବଳ ରମା ଚିନ୍ତା; ରମାର ମୁଣ୍ଡବଥା ଯୋଗେ ନୁହେଁ; ତା ଭବିଷ୍ୟତ ଲାଗି । ଅନେକ ସମୟ ଭାବିଲା ପରେ ତା ମୁହଁ ଉଜ୍ଜ୍ୱଳ ହୋଇଆସିଲା । ସେ ବୁଝିପାରିଲା ଯେ ଭବିଷ୍ୟତରେ ରମା ସଙ୍ଗେ ତାର କେବେ ବିଚ୍ଛେଦ ଘଟିବ ନାହିଁ । କୌଣସି କୌଣସି ସମୟରେ ପ୍ରତ୍ୟେକ ବିଷୟ ଅସମ୍ଭବ ବୋଧହୁଏ । କିନ୍ତୁ ଆଜି ଗୋଟାଏ ଗୋଟାଏ ଶୁଭ ମୁହୂର୍ତ୍ତ ଆସେ, ଯେତେବେଳେ ଏ ସବୁ ସହଜ, ସମ୍ଭବ ଓ ସୁସାଧ୍ୟ ପରି ଜଣାଯାଏ । ପାଣ୍ଡୁ ନାଏକ ସେତେବେଳକୁ ଜୀବନର ଏହିପରି ଗୋଟାଏ ଶୁଭ ମୁହୂର୍ତ୍ତରେ ଆସି ପହଞ୍ଚିଥିଲା ।

ପାଣ୍ଡୁ ନାଏକ ନୂଆ ଘରେ ପଡ଼ିଥିବା ଜିନିଷପତ୍ର ସଜାଡ଼ିବା ପାଇଁ ରମାକୁ ଡାକିବାକୁ ଯିବା ସମୟରେ ଦର୍ପଣ ଭିତରେ ପଢ଼ିଲା—

"ପ୍ରାଣର ପ୍ରିୟତମ,

ଆମେ ଏହି ମୁହୂର୍ତ୍ତରେ ଏ ଘର ଛାଡ଼ି ଯିବାକୁ ବାପା କହୁଛନ୍ତି । ଆମେ ଏଠୁ ଯାଇ ଆଜି ସନ୍ଧ୍ୟାରେ ତେଲେଙ୍ଗାବଜାରରେ ରହିବୁ । ସାତ ଦିନ ବାଦ ରେଙ୍ଗୁନ ଯିବୁ । ଇତିବାର ।

"ରମା ।"

ପଢ଼ି ପାଣ୍ଡୁ ନାଏକ ସ୍ତମ୍ଭିତ ହୋଇ ରହିଲା । ରମା ନୂଆ ଘରେ ପାଦ ପକାଇ ତା ଚିଠି କାଗଜ ସହିତ ଛପା କାଗଜ ଲେଫାଫାଟି ଦର୍ପଣ ଆଗରେ ଥୋଇ ଦେଇଥିଲା । ତା ପରେ ସେ ଏତେ ବ୍ୟସ୍ତ ହୋଇପଡ଼ିଲା ଯେ କାଗଜଗୁଡ଼ିକ ନେଇ ଯଥା ସ୍ଥାନରେ ରଖିବା କଥା ତା'ର ଆଉ ମନେ ପଡ଼ିଲାନାହିଁ । ଛପା କାଗଜରେ

ପାଣ୍ଡୁ ନାଏକ ଏବଂ ରମା କେହି କାହାକୁ ପଦେ କଥା ନ କହି ତେଲେଙ୍ଗା ବଜାର ଘରେ ଯାଇ ପହଞ୍ଚିଲେ । ସାହେବଜାଦା ବଜାରକୁ ପୁଣି ଫେରିବାକୁ ନ ପଡ଼ୁଥାରେ ଭାବି, ପାଣ୍ଡୁ ନାଏକ ମାଣିକକୁ ସଙ୍ଗରେ ନେଇଥିଲା, ଅଥଚ ତା'ର ସେହି 'ଅଦ୍ଭୁତା' ଚେହେରା ସେଇଟି ବ୍ୟତୀତ ବାକି କୌଣସି ଜିନିଷପତ୍ର ନେଲାନାହିଁ । ରମା କେବଳ ତା ଚିଠି କାଗଜ ଓ ଛପା କାଗଜ କେତୋଟି ଧରିଲା । ତେଲେଙ୍ଗାବଜାରରେ ପହଞ୍ଚିଲା ବେଳକୁ ସଂଧ୍ୟା ହୋଇଯାଇଥିଲା ।

ସାହେବଜାଦା ବଜାର ଘର ଛାଡ଼ିଲାବେଳେ ରମା ମୁଣ୍ଡ ବଥାଉଛି, କିଛି ଖାଇଲା ନାହିଁ । ରାତ୍ରା ବଡ଼ା ମଧ୍ୟ ବିଶେଷ କିଛି ହୋଇନଥିଲା । ପାଣ୍ଡୁ ନାଏକ ସକାଳର ପଖାଳ ଖାଇଲା, ତାହା ମଧ୍ୟ ବିନା ତରକାରୀରେ । ସେ ଖାଇ ବସିଲାବେଳେ ମାଣିକ କହିଲା, "ଆଜି ସହର ଭିତରେ ଭାରି ଜଣେ ଗୋଳମାଳ ଲାଗିଚି, ହଣାହଣି ମରାମରି ହୋଉଚନ୍ତି ।" ପାଣ୍ଡୁ ନାଏକ ଅନ୍ୟମନସ୍କ ହେଇ ସେ କଥା ଶୁଣିପାରିଲାନାହିଁ । ସେ ଖାଇବାଠାରୁ ଉଠି, ଦୁଆର ପାଖରୁ ଟଙ୍କା ପାଇଁକି ଏବଂ ଟଙ୍କାଠାରୁ ପୁଣି ଦୁଆର ଯାଏ ଧୀର ଗତିରେ ବୁଲିବାକୁ ଲାଗିଲା । ମନରେ କେବଳ ରମା ଚିନ୍ତା; ରମାର ମୁଣ୍ଡବଥା ଯୋଗେ ନୁହେଁ; ତା ଭବିଷ୍ୟତ ଲାଗି । ଅନେକ ସମୟ ଭାବିଲା ପରେ ତା ମୁହଁ ଉଜ୍ଜ୍ୱଳ ହୋଇଆସିଲା । ସେ ବୁଝିପାରିଲା ଯେ ଭବିଷ୍ୟତରେ ରମା ସଙ୍ଗେ ତାର କେବେ ବିଚ୍ଛେଦ ଘଟିବ ନାହିଁ । କୌଣସି କୌଣସି ସମୟରେ ପ୍ରତ୍ୟେକ ବିଷୟ ଅସମ୍ଭବ ବୋଧହୁଏ । କିନ୍ତୁ ଆଉ ଗୋଟାଏ ଗୋଟାଏ ଶୁଭ ମୁହୂର୍ତ୍ତ ଆସେ, ଯେତେବେଳେ ନ ସବୁ ସହଜ, ସମ୍ଭବ ଓ ସୁସାଧ୍ୟ ପରି ଜଣାଯାଏ । ପାଣ୍ଡୁ ନାଏକ ସେତେବେଳକୁ ଜୀବନର ଏହିପରି ଗୋଟାଏ ଶୁଭ ମୁହୂର୍ତ୍ତରେ ଆସି ପହଞ୍ଚିଲା ।

ପାଣ୍ଡୁ ନାଏକ ନୂଆ ଘରେ ପହଞ୍ଚି ଜିନିଷପତ୍ର ସଜାଡ଼ିବା ପାଇଁ ରମାକୁ ଠିକ ଡାକିବାକୁ ଯିବା ସମୟରେ ଦର୍ପଣ ଭିତରେ ପଡ଼ିଲା—

"ପ୍ରାଣର ପ୍ରିୟତମ,

ଅନେକ ଏହି ମୁହୂର୍ତ୍ତରେ ଏ ଘର ଛାଡ଼ି ଯିବାକୁ ବାପା କହୁଛନ୍ତି । ଆମେ ଏଠୁ ଯାଇ ଆଜି ସନ୍ଧ୍ୟାରେ ତେଲେଙ୍ଗାବଜାରରେ ରହିବୁ । ସାତ ଦିନ ବାଦ ରେଙ୍ଗୁନ ଚାଲିବୁ । ଭଗବାନ ।

"ରମା ।"

ପଢ଼ି ପାଣ୍ଡୁ ନାଏକ ସ୍ତମ୍ଭିତ ହୋଇ ରହିଲା । ରମା ନୂଆ ଘରେ ଯାଉ ଯଜାଇ ତା ଚିଠି କାଗଜ ସହିତ ଛପା କାଗଜ କେତୋଟି ଦର୍ପଣ ଆଗରେ ଥୋଇ ଦେଇଥିଲା । ତା ପରେ ସେ ଏତେ ଲଜ୍ଜିତ ହୋଇପଡ଼ିଲା ଯେ କାଗଜଗୁଡ଼ିକ ନେଇ ଯଥା ସ୍ଥାନରେ ରଖିବା କଥା ତା'ର ଆଉ ମନେ ପଡ଼ିଲାନାହିଁ । ଛପା କାଗଜରେ

ଲାଗିଥିବା କାଳି ଟିକକ ପ୍ରତିଫଳିତ ହୋଇ ପାଣ୍ଡୁ ନାଏକ ଆଗରେ ରମା ବନମାଳୀ ନିକଟକୁ ଲେଖିଥିବା ପତ୍ରର ଗୋଟିଏ ଅକ୍ଷରର ନକଲ ପ୍ରତିଫଳିତ ହେଲା । ପାଣ୍ଡୁ ନାଏକ ଥରେ ତା ଉପରେ ଦୃଷ୍ଟି ପକାଇ କେତେକ ସମୟ ଅବାକ୍ ହୋଇ ରହିଲା ପରେ, ପୁଣି ଆଉ ଥରେ ଚାହିଁଲା । କ୍ଷଣକ ନିମନ୍ତେ ତା ହୃଦୟରେ ବିଦ୍ୟୁତ୍ ଝଟକ ଖେଳିଗଲା । ସେ ତାହା ଦେଖି ହଠାତ୍ ବିଶ୍ୱାସ କଲାନାହିଁ; ମନେକଲା, ତାହା ନିତାନ୍ତ ଅସମ୍ଭବ, ତା'ର ଅସ୍ତିତ୍ୱ ନାହିଁ; କିନ୍ତୁ ପ୍ରଥମ ଉତ୍ତେଜନା ଟିକିଏ ଶାନ୍ତ ହେଲା ପରେ ସେ ଯାଇ, ଛାପା କାଗଜ ହାତରେ ଧଇଲା ଏବଂ ମନକୁ ମନ କହିଲା, "ଓ, ଏଇଥିରୁ ଆସୁଛି ।"

ପାଣ୍ଡୁ ନାଏକ ଯେତେବେଳେ ଘଟଣାଟା ଆଖି ଆଗରେ ଦେଖିଲା, ସେ ଖଟ ଉପରେ ଲଥକିନା ପଡ଼ିଗଲା । ସମଗ୍ର ଜଗତ ତାକୁ ଅନ୍ଧାର ଦିଶିଲା । ମନୁଷ୍ୟ ଯାହାକୁ ସ୍ନେହ କରେ, ସେ ନିଜକୁ ଅନ୍ତର କରିଦେଲେ, ହୃଦୟରେ ଯେ ଦୁଃଖ ଜନ୍ମେ, ଜଗତରେ ତା'ର ଆଉ ଉପମା ନାହିଁ । ପାଣ୍ଡୁ ନାଏକ ସେହି ଦୁଃଖରେ ଅଭିଭୂତ ହୋଇପଡ଼ିଛି, ମାଣିକ ଆସି ପହଞ୍ଚିଲା । ତାକୁ ସେ ଉଠି ପଚାରିଲା, "କୁଆଡ଼େ ଯାଇଥିଲୁ ?" ପୁଣି ମାଣିକ କିଛି ବୁଝିପାରିଲା ନାହିଁ, ପଚାରିଲା, "କ'ଣ ଶୁଣିଥିଲୁ ?"

"ତୁ କହିଲୁନାହିଁ ଯେ ସହର ଭିତରେ ମାରପିଟ ଚାଲିଛି ?"

"ହଁ, ସେ ତ ସେ କୃଷ୍ଣଚୌକ ସେପଟଯାକ ସବୁଠି ଚାଲିଛି ।"

ମନୁଷ୍ୟ ବେଳେ ବେଳେ ଇଚ୍ଛା ନ କରି କେତେଗୁଡ଼ାଏ କାର୍ଯ୍ୟ କରି ଚାଲିଯାଏ, ଯାହାକି ଜାଣିପାରିଲେ ସେ କରିବାକୁ ପ୍ରସ୍ତୁତ ହୁଅନ୍ତା ନାହିଁ । ପାଣ୍ଡୁ ନାଏକ ଏହିପରି ଏକ ଭାବର ବଶବର୍ତ୍ତୀ ହୋଇ କେତେକ ମୁହୂର୍ତ୍ତ ପରେ ଦେଖିଲା ଯେ ସେ ଘରଛାଡ଼ି ଦାଣ୍ଡରେ ଯାଇ ଚାଲୁଛି । ସେତେବେଳକୁ ଅଳ୍ପ ରାତ ହୋଇଗଲାଣି, ରାସ୍ତାରେ ଲୋକ ଯିବା ଆସିବା କରୁନାହାନ୍ତି । ସେ କିଛି ବାଟ ଯାଇ ବସିପଡ଼ିଲା ଓ କେତେ ସମୟ ସେଠାରେ ବସିଲା ତାକୁ ଜଣାନାହିଁ । ଘଣ୍ଟାରେ ଏଗାରଟା ବାଜିଲା । ସେତିକିବେଳେ ମହମଦୀୟା ବଜାରଆଡ଼େ ବନ୍ଧୁକ ଆବାଜ ଶୁଣାଗଲା । ପାଣ୍ଡୁ ନାଏକ ଉଠି ଚାହିଁଲା; ଦେଖିଲା, ରାସ୍ତାରେ କିଏ ଜଣେ ଆସୁଛି । ଆଗନ୍ତୁକ ଆହୁରି ନିକଟବର୍ତ୍ତୀ ହେବାରେ ଜଣାଗଲା ଯେ ସେ ପିଲା । ପାଣ୍ଡୁ ନାଏକ ପିଲାଆଡ଼କୁ ଦୃଷ୍ଟିପାତ କଲାନାହିଁ; କିନ୍ତୁ ପିଲା ଆସି ପଚାରିଲେ, "ଏଇଟା ଅଭୟ ଦାସଙ୍କ ଘର ନା ?" ଶୁଣି, ପାଣ୍ଡୁ ନାଏକ ଉତ୍ତର ନ ଦେଇ ପଚାରିଲା, "ତୁ କାହିଁକି ଖୋଜୁଛୁ ?"

"ତୁମେ କ'ଣ ଏହି ଘରେ ଥାଅ ?"

"ହଁ ।" କହି, ପାଣ୍ଡୁ ନାଏକ ମନରେ କ'ଣ ଭାବିଲା ଓ ସଙ୍ଗେ ସଙ୍ଗେ ପଚାରିଲା, "ତୁ ମୋ ଚିଠି ଅଣିଛୁ ?"

"ତୁମ ଚିଠି ? ତୁମେ କ'ଣ ମାଇପି ଲୋକ ? ମୁଁ ତୁମ ଚିଠି ଫିଟି ଭଲ ଜାଣେନା । ମୁଁ ଲଢ଼େଇ ଥାନରୁ ଚିଠି ଧରି ଆସିଚି । ଚିଠିଟା ଦୋଉ କନାନାର । ତୁମେ କିଜଏ ଦେଇଦବ ?"

"ନିଶ୍ଚୟ, ଏଇ ମୁହୂର୍ତ୍ତିରେ ।" ଶୁଣି ହରିଆ ଚିଠିଖଣ୍ଡି ପାଣ୍ଡୁ ନାଏକ ହାତକୁ ବଢ଼ାଇଦେଇ, ମୁହୂର୍ତ୍ତେ ଅପେକ୍ଷା ନ କରି, ଧାଇଁ ଚାଲିଗଲା । ପାଣ୍ଡୁ ନାଏକ ତାହା ଧରି ଘର ଭିତରେ ପ୍ରବେଶ କଲା । ସେ ସବୁ ପଢ଼ି ପାରିଲା ନାହିଁ । କେବଳ ଶେଷ ଦୁଇଧାଡ଼ି ପଢ଼ିଲା—"ପ୍ରାଣ ବିସର୍ଜନ ଦେଇଛି । ମୁଁ ତୁମକୁ ସ୍ନେହ କରେ । ଆଉ ବିଶେଷ କ'ଣ ଲେଖିବି ? ତୁମର ଅଭାଗା ବନମାଳୀ ।"

ସେହି ଦୁଇ ଧାଡ଼ି ଦେଖି ପାଣ୍ଡୁ ନାଏକ ଭୀଷଣ ଭୟରେ ଥରିବାକୁ ଲାଗିଲା । ଚିଠି ଖଣ୍ଡି ଯେ ରମା ପାଇବା ନିମନ୍ତେ ଲେଖା ହୋଇଛି, ସେ ସ୍ପଷ୍ଟ ବୁଝିପାରିଲା; କିନ୍ତୁ ଲେଖକ 'ପ୍ରାଣ ବିସର୍ଜନ ଦେଇଛି', ସେଥିରେ ତା ହୃଦୟରେ ଗୋଟାଏ ବିକଟ ଆନନ୍ଦ ଜନ୍ମିଲା । ରମା ଚିଠି ଖଣ୍ଡିକ ପର ଦିନ ସକାଳେ ପାଇବ ବୋଲି ବନମାଳୀ ଭାବିଥିଲା । ରାତି ଏଗାରଟା ବେଳେ ଲଢ଼େଇସ୍ଥାନରେ ବନମାଳୀ ପ୍ରାଣର ମମତା ଛାଡ଼ି ଯେ ଯୁଦ୍ଧରେ ଯୋଗ ଦେଇଥିଲା । ତା ପରେ ଆଉ କୌଣସି ଘଟଣା ସେଠାରେ ଘଟି ନ ଥିଲା । କିନ୍ତୁ ପାଣ୍ଡୁ ନାଏକ ତାହା ଜାଣିବ କିପରି ? ପତ୍ରର ଲେଖକ ମରିଯାଇଛି ଜାଣି ସେ ଟିକିଏ ନିଶ୍ଚିନ୍ତ ହେଲା, ଭାବିଲା ଯେ ରମା ସହିତ ଭବିଷ୍ୟତରେ ତାର ଆଉ ବିଚ୍ଛେଦ ଘଟିବ ନାହିଁ । ରମାକୁ ସେ ଚିଠିଟା ଦେଖାଇବ ନାହିଁ ବୋଲି ସ୍ଥିର କଲା; କିନ୍ତୁ ମୁହୂର୍ତ୍ତିକ ମଧ୍ୟରେ ସେ ପୁଣି ବିଷାଦରେ ଭାଙ୍ଗି ପଡ଼ିବାକୁ ବସିଲା ।

ପାଣ୍ଡୁ ନାଏକ ଦୋକାନରୁ ସରକାରୀ ସିପାହୀମାନଙ୍କ ପୋଷାକରୁ ସାଟେ କିଣି, ପିନ୍ଧି; ଜଣେ ପଡ଼ୋଶୀଠାରୁ ବନ୍ଧୁକଟାଏ ମାଗି, ଧରି, ଚାନ୍ଦନୀଚୌକ ଆଡ଼କୁ ଗଲା । ସରକାରୀ ଫୌଜ ସମସ୍ତ ଚାନ୍ଦନୀଚୌକ ସଡ଼କ ଓ ଗଳିମାନଙ୍କରେ ଜମି ହୋଇଥିଲେ । କେବଳ ସେତିକି ନୁହେଁ, ବିଦ୍ରୋହୀମାନଙ୍କୁ ସେମାନେ ଚାରିଆଡ଼ୁ ଘେରିଯାଇ, ମସ୍ଜିଦର ମହମଦୀସ୍ତୁବଜାର ଭିତରେ, ଏକପ୍ରକାର ବନ୍ଦୀ କରି ରଖିଥିଲେ । ସୁତରାଂ ବାହାରୁ ମହମଦୀସ୍ତୁବଜାର ଭିତରକୁ ଯିବା ବାଟ ବନ୍ଦ ହୋଇଥିଲା ।

# ବିପ୍ଲବୀ ଦଳରେ ପାଣୁ ନାଏକ

କ୍ରମେ ସରକାରୀ ଫୌଜ ମାଡ଼ିଆସିଲେ । ସେମାନଙ୍କୁ ଅବିଳମ୍ବେ ପଛକୁ ହଟାଇ ନ ରଖିଲେ, ସେମାନେ ଯେ ବିପ୍ଳବୀମାନଙ୍କ ଆୟୋଜନ ସବୁ ଭାଙ୍ଗି ଚୂର୍ଣ୍ଣ କରିବେ, ସେଥିରେ କୌଣସି ସନ୍ଦେହ ରହିଲା ନାହିଁ । ସୁତରାଂ ଗୋଟାଏ ଯୁଦ୍ଧର ଯୋଗାଡ଼ ହେଲା । ସେତେବେଳେ ବୈଦ୍ୟନାଥ କହିଲା, "ଦେଖ, ଭାଇମାନେ ! ତୁମ୍ଭେମାନେ ସମସ୍ତେ ଏ ଯୁଦ୍ଧରେ ଯୋଗଦବା ମୁଁ ଉଚିତ ମନେ କରୁନାହିଁ । ଏ ଯୁଦ୍ଧରେ ହୁଏତ ପ୍ରାଣ ଦବାକୁ ପଡ଼ିପାରେ । ତୁମ୍ଭେମାନେ ଅବଶ୍ୟ ପ୍ରାଣ ଦବାକୁ ପ୍ରସ୍ତୁତ ହୋଇ ଆସିଚ । ତୁମ ନିଜ ପ୍ରାଣ ଉପରେ ତୁମର ଅଧିକାର ଅଛି, ତୁମେ ଦେଇପାର । କିନ୍ତୁ ତୁମ ମା, ଭାର୍ଯ୍ୟା ଓ ପୁଅଝିଅଙ୍କ ପ୍ରାଣ ନଷ୍ଟ କରିବାକୁ ତୁମର କୌଣସି ଅଧିକାର ନାହିଁ । ତୁମ ମଧ୍ୟରେ ଯେଉଁମାନଙ୍କର ମା, ଭାର୍ଯ୍ୟା ବା ପୁଅ ଝିଅ ଅଛନ୍ତି, ସେମାନେ ମରିବା ଅର୍ଥ, ସେହି ମା, ଭାର୍ଯ୍ୟା ଓ ଝିଅମାନଙ୍କୁ ଦାଣ୍ଡକୁ ଠେଲିଦବା । ସେଟା ଗୋଟାଏ ବଡ଼ ଭୀଷଣ ବ୍ୟାପାର । ଅଭାବରେ ପଡ଼ିଲେ, ପୁରୁଷ ଭିକ୍ଷା କରିପାରେ; କିନ୍ତୁ ନାରୀ କରେ ଆତ୍ମବିକ୍ରୟ । ମୁଁ ଆଉଥରେ କହୁଚି, ମା, ଭାର୍ଯ୍ୟା, ଆଉ କନ୍ୟା ମୁହଁକୁ ଚାହିଁ ଯେଉଁମାନେ ବଞ୍ଚି ରହିବାକୁ ଇଚ୍ଛା କରୁଚ, ଏଠାରୁ ଶୀଘ୍ର ଚାଲିଯାଅ । ସେଥିରେ ତୁମର ସାହସର ଅଭାବ ଜଣାପଡ଼ିବ ନାହିଁ, କର୍ତ୍ତବ୍ୟ ଜ୍ଞାନର ପରିଚୟ ମିଳିବ । ଏ ଯୁଦ୍ଧଭୂମିରେ ପ୍ରାଣ ଦେଲେ ଅବଶ୍ୟ ଗୌରବ ବଢ଼ିପାରେ; କିନ୍ତୁ ତାହା ଯେ ସ୍ୱାର୍ଥପରତା, ବୁଝି ରଖିବାକୁ ହବ । ଯଶୋଲିପ୍ସା ମଧ୍ୟ ସ୍ୱାର୍ଥପରତା ।

ସମସ୍ତେ ମୁଣ୍ଡ ପୋତି ଠିଆ ହେଲେ । ବନମାଳୀ ଶୁଣି କିଛି ସମୟ ଚିନ୍ତାମଗ୍ନ ରହି ମନେ ମନେ ଭାବିଲା, "ମୋର ତ କେହି ନାହିଁ । ମୁଁ କାହାପାଇଁ ଫେରିଯିବି ? ମୁଁ ତ ଆସିଚି ମରିବାକୁ । ହେଲେ ବାସ୍ତବରେ ଯାହାଙ୍କର ଜଗତରେ ସ୍ନେହ କରିବା ପାଇଁ ଜଣେ କେହି ଅଛି, ସେମାନେ ଏଠେଇ ଆସି ମରିବା ଭୀଷଣ ନିଷ୍ଠୁରତା ।" ତା ପରେ ସେ ଉଚ୍ଚସ୍ୱରରେ କହିଲା, "ବୈଦ୍ୟନାଥ ଯାହା କହୁଚି ଠିକ୍ । ଯେଉଁମାନେ ମା, ଭାର୍ଯ୍ୟା, ଭଉଣୀ, ପୁଅ ଝିଅ ଘରେ ଛାଡ଼ି ଆସିଚନ୍ତି, ସେମାନେ ଏ ରକ୍ତପାତରେ ଯୋଗଦେବା ଉଚିତ ନୁହେଁ ।"

କେହି ଚାଲିଯିବାକୁ ବାହାରିଲେ ନାହିଁ । ଶେଷରେ ପାଞ୍ଚ ଜଣଙ୍କୁ ଖୋଜି ବାହାର କରାଗଲା । ସେମାନଙ୍କର ଫେରିଯିବା ଉଚିତ ବୋଲି ବିପ୍ଳବୀମାନେ ଏକସ୍ୱରରେ କହିଲେ । ବାଧ୍ୟ ହୋଇ ସେମାନେ ଅଲଗା ଠିଆ ହେଲେ, କିନ୍ତୁ ସରକାରୀ ଫୌଜ ଭେଦକରି ଯାଇ ପାରିଲେ ନାହିଁ । ଅଥଚ ବିଳମ୍ବ ହେଲେ, ସେମାନଙ୍କୁ ମଧ୍ୟ ମୃତ୍ୟୁର

ସମ୍ମୁଖୀନ ହେବାକୁ ପଡ଼ିବ । କୌଣସି ଉପାୟ ଦେଖାଯାଉ ନାହିଁ; ହଠାତ୍ ହରିଆ ଘରୁ ଯାଇ ସିପାହୀ ପୋଷାକ ଧରି ଉପସ୍ଥିତ ହେଲା । ସୁତରାଂ, ସେହି ପାଞ୍ଚଜଣଙ୍କ ମଧ୍ୟରୁ ଜଣେ ରହିଯିବା ଦରକାର ପଡ଼ିଲା । ପ୍ରତ୍ୟେକ କହିଲେ, "ମୁଁ, ମୁଁ, ମୁଁ ।" ବନମାଳୀ ଗୋଟାଏ ନିର୍ବୋଧ ପରି ଥରେ ଲୋକମାନଙ୍କୁ ଏବଂ ଥରେ ପୋଷାକଗୁଡ଼ିକ ଆଡ଼କୁ ଚାହିଁବାକୁ ଲାଗିଲା । କିଛି ନିଷ୍ପତ୍ତି ହୋଇ ପାରୁନାହିଁ । ହଠାତ୍ ଆଉ ସାତେ ପୋଷାକ ଉପରୁ ପଡ଼ିଗଲା । ପାଞ୍ଚଜଣଯାକ ପିନ୍ଧି ଚାଲିଗଲେ । ବନମାଳୀ ମୁଣ୍ଡ ଟେକି ଦେଖିଲା, ତା ଅଭୟ ଦାସ ସମ୍ମୁଖରେ ଠିଆ ହୋଇଛନ୍ତି । ପାଣ୍ଡୁ ନାଏକ ସେହି ମୁହୂର୍ତ୍ତରେ ସରକାରୀ ସିପାହୀ ପୋଷାକ ପିନ୍ଧି ଛଦ୍ମବେଶରେ ଆସି ବିପ୍ଳବୀମାନଙ୍କ ସଙ୍ଗେ ଯୋଗ ଦେଇଥିଲା ।

ବୈଦ୍ୟନାଥ ପଚାରିଲା, "ଏ କିଏ ?" ପଦ୍ମନାଭ ଉତ୍ତର ଦେଲା, "ଏପରି ଜଣେ ଯେ କି ପରର ପ୍ରାଣ ରକ୍ଷା କରନ୍ତି ।" ବନମାଳୀ ଗମ୍ଭୀର ସ୍ୱରରେ କହିଲା, ମୁଁ ସ୍ୱାଙ୍କୁ ଜାଣେ ।" ତଥାପି ବୈଦ୍ୟନାଥ ପଚାରିଲା, "ଏଠି ପ୍ରାଣ ଦେବାକୁ ହେବ, ଆପଣ ଜାଣନ୍ତି ?" ଶୁଣି, ପାଣ୍ଡୁ ନାଏକ କଥାରେ ଅବଶ୍ୟ ଉତ୍ତର ଦେଲାନାହିଁ; କିନ୍ତୁ ତା ଭାବ ଭଙ୍ଗି ଦେଖି ବୋଧହେଲା ଯେ ସେ ତାହା ଜାଣି ଆସିଛି । ବିପ୍ଳବୀଗଣ ସେତିକିରେ ତାକୁ ଦଳଭୁକ୍ତ କରିନେଲେ ।

ବିପ୍ଳବୀ ଦଳ ମଧ୍ୟରୁ ଯେଉଁମାନଙ୍କର ପ୍ରାଣ ଧରି ଚାଲିଯିବା ଆବଶ୍ୟକ ଥିଲା, ସେମାନେ ଚାଲିଗଲା ପରେ, ବୈଦ୍ୟନାଥ ସର୍ଦ୍ଦାର ଜନାର୍ଦ୍ଦନଙ୍କ ନିକଟରେ ପହଞ୍ଚି ପଚାରିଲେ, "ଆପଣଙ୍କର କିଛି ଦରକାର ଅଛି ?" ସେ ଉତ୍ତର ଶୁଣିଲା, "ଅଛି । ମୁଁ ଜାଣିବାକୁ ଚାହେଁ, ତୁମ୍ଭେମାନେ କେତେବେଳେ ମୋତେ ହତ୍ୟା କରିବ ।"

"ଆପଣଙ୍କୁ ଅପେକ୍ଷା କରିବାକୁ ହେବ । ଆମ ଗୁଳି ସବୁ ବର୍ତ୍ତମାନ ଅନ୍ଧାରି ଗୁରୁତର କାର୍ଯ୍ୟରେ ଲାଗିବ ।"

"ତେବେ ମୋତେ ଟିକିଏ ପାଣି ପିଇବାକୁ ଦିଅ ।" ଜନାର୍ଦ୍ଦନଙ୍କ ହାତ ଗୋଡ ସବୁ ବନ୍ଧା ହୋଇଥିବାରୁ ବୈଦ୍ୟନାଥ ତାଙ୍କ ତୁଣ୍ଡରେ ପାଣି ଢାଳିଦେଲା । ତା ପରେ ପଚାରିଲା, "ଆଉ କିଛି ଦରକାର ନାହିଁ ?"

"ଅଛି । ମୁଁ ଏପରି ଠିଆ ହୋଇ ନ ରହି, ଟିକିଏ ଶୋଇଲେ, ଆରାମ ହୁଅନ୍ତା ।" ଶୁଣି ବୈଦ୍ୟନାଥ ଦୁଇଜଣ କର୍ମୀଙ୍କ ସାହାଯ୍ୟରେ ଜନାର୍ଦ୍ଦନଙ୍କୁ ଖଣ୍ଡିଏ ଛୋଟିଆ ଖଟ ଉପରେ ଶୁଆଇଦେଇ, ତାଙ୍କ ଗୋଡ଼ ହାତ ବାନ୍ଧି ରଖିଲା । ସେତେବେଳେ ଜଣେ ଲୋକ ଦ୍ୱାର ନିକଟରେ ଠିଆହୋଇ ତାଙ୍କୁ ଏକଦୃଷ୍ଟିରେ ଚାହିଁରହିଲା ।

ଜନାର୍ଦ୍ଦନ ତାକୁ ଚହ୍ନି ପାରି କହିଲେ, "କି ରେ, ତୁ ଆହୁରି ବଞ୍ଚିଚୁ ? ମୁଁ ଭାବିଥିଲି ପାଣ୍ଡୁଆ ଭାଗରୁ ଧରଣୀ ମୁକ୍ତ ପାଇଛି । ଏଠେଇ ଆସି ଜୁଟିଲୁଣି ନା ?"

ଶୁଣି ବୈଦ୍ୟନାଥ ବିସ୍ମିତ ହେଲା; କିନ୍ତୁ ସେ ବିଷୟ ଭାବିବାକୁ ଆଉ ସମୟ ନ ଥିଲା । ସରକାରୀ ଫୌଜ ଗୁଳି ଚଳାଇବା ଆରମ୍ଭ କଲେ । ଗୁଳି ସେତେବେଳେ ବୃଷ୍ଟି ହେବାକୁ ଲାଗିଲା; ହରିଆ ବିଦ୍ୟୁତ୍ ବେଗରେ ଧାଇଁ ଆସି ତା ମଧ୍ୟରେ ଠିଆ ହୋଇଗଲା । ସମସ୍ତଙ୍କ ଦୃଷ୍ଟି ତାରି ଉପରେ ଯାଇ ପଡ଼ିଲା । କ୍ଷଣକ ମଧ୍ୟରେ ଶୁଣାଗଲା, "ସମସ୍ତେ ଅଗ୍ରସର ହୁଅ । ହରିଆ ବିପ୍ଳବୀଦଳ ମଧ୍ୟରେ ଲୁଚିଯାଉଥିଲା; କିନ୍ତୁ ବନମାଳୀ ତାକୁ ଡାକିନେଇ ପଚାରିଲା, "ତୁ ପୁଣି ଏଠିକୁ କାହିଁକି ଆସିଲୁ ?"

"ଏ କମିତି ପ୍ରଶ୍ନ ? ଶୁଣେ ଦେଖି, ତୁମେ କାହିଁକି ଆସିଚ ?"

"ତୋତେ ଫେରିଆସିବାକୁ କିଏ କହିଲା ? ସେ ଚିଠି କଣ କଲୁ ?" ଶୁଣି ହରିଆ ଟିକିଏ ବିବ୍ରତ ହୋଇପଡ଼ିଲା । ଚିଠି ଖଣ୍ଡି ସେ ଯେପରି ଭାବରେ ଦେବା ଉଚିତ ଥିଲା, ଯେପରି ନ ଦେଇ ଯେ ଦାୟିତ୍ୱହୀନଭାବରେ ପକାଇଦେଇ ଆସିଲା, ସେ ତାହା ବୁଝିପାରିଥିଲା । ଅପାତ ଅସୁବିଧାରୁ ରକ୍ଷା ପାଇବାର ଗୋଟାଏ ସହଜ ଉପାୟ ଅବଲମ୍ବନ କରି ମିଛ କହିଦେଲା, "ମୁଁ ଦୁଆରଖିକ ଦେଇଆସିଲି । ସେ ଘରରେ ଶୋଇଥିଲେ । ଉଠି ପାଇଥିବେ ଯେ ।"

ଚିଠି ଖଣ୍ଡି ପଠାଇବାରେ ବନମାଳୀର ଦୁଇଟି ଉଦ୍ଦେଶ୍ୟ ଥିଲା—ରମାଠାରୁ ବିଦାୟ ନେବା ଏବଂ ହରିଆର ପ୍ରାଣରକ୍ଷା କରିବା । ହରିଆ ତ ପୁଣି ବିପଦ ଭିତରକୁ ଫେରିଆସିଲା । ଅପର ଉଦ୍ଦେଶ୍ୟଟି ସାଧିତ ହେଲା କି ନାହିଁ, ତାର ଘୋର ସନ୍ଦେହ ମଧ୍ୟ ରହିଲା । ଚିଠିଟା କାହା ହାତେ ଯେ ପଡ଼ିଲା ସେ ଠିକ ବୁଝିପାରିଲାନାହିଁ । ଚିଠି ସମ୍ଭବତ ଅଭୟ ଦାସଙ୍କର କିଛି ସମ୍ପର୍କ ଥାଇପାରେ ମନେ କରି, ସେ ତାଙ୍କ ଆଡ଼କୁ ଆଙ୍ଗୁଠି ଦେଖାଇ, ହରିଆକୁ ପଚାରିଲା, "ତୁ ସେ ଲୋକକୁ ଚିହ୍ନୁ ?" ହରିଆ କହିଲା, "ନା ।" ତହୁଁ ବନମାଳୀ ଆହୁରି ସନ୍ଦେହରେ ପଡ଼ିଗଲା । ହରିଆ ବାସ୍ତବରେ ଅନ୍ଧାରରେ ଚିଠି ଖଣ୍ଡି ପାଣ୍ଡୁ ନାଏକ ହାତରେ ଦେଇ ଆସିଥିଲା । ସେ ଫେରି ବିପ୍ଳବ ସ୍ଥାନକୁ ଆସିବାକୁ ବ୍ୟାକୁଳ ହେଉଥିଲା । ସୁତରାଂ ମନରେ ସେ ଅବସ୍ଥାରେ ଓ ରାତିର ସେ ସମୟରେ ପାଣ୍ଡୁ ନାଏକକୁ ଚହ୍ନି ରଖିବା ତା ପକ୍ଷେ ଅସମ୍ଭବ ହୋଇ ପଡ଼ିଥିଲା ।

—୪୫—

# ମୁଁ ବନ୍ଦୀ ହେଲି

ପ୍ରାଚୀଗଗନରେ ପ୍ରଭାତର ପାଟଳ ବର୍ଣ୍ଣ ରଞ୍ଜିତ ହେବା ସଙ୍ଗେ ସଙ୍ଗେ ଗୋଳମାଳ କ୍ରମେ ଘନୀଭୂତ ହୋଇଆସିଲା । ବୈଦ୍ୟନାଥ କହିଲା, "ଆମ୍ଭର ଯେତେ ଗୁଳି ବାରୁଦ ଅଛି, ସେଥିରେ ଆଉ ପନ୍ଦର ମିନିଟ ଚଳେ କି ନା ସନ୍ଦେହ ।" ସେତେବେଳେ ସରକାରୀ ସୈନିକମାନେ ଗୁଳି ଖାଇ ଆହତ ହୋଇ ବା ମରି ପଡୁଥିଲେ । ହରିଆ ଗୁଳିବୃଷ୍ଟି ଭିତରେ ପଶି ସେହି ସୈନିକମାନଙ୍କ ମୁଣିରେ ଥିବା ଗୁଳିଗୁଡ଼ାକ ସଂଗ୍ରହକରି ଆଣି; ବିପ୍ଳବୀ ଗୁଳି ଭଣ୍ଡାର ଭରିବାରେ ଲାଗିଲା । ସେ ଏପରି ଦକ୍ଷତା ସହିତ କାର୍ଯ୍ୟ କଲା ଯେ ସମସ୍ତେ ତାହାର ଆଡ଼କୁ ଚାହିଁରହିଲେ । ସରକାରୀ ସୈନିକ ଓ ସିପାହୀ ମାନେ ତାକୁ ଲକ୍ଷ୍ୟ କରି ଗୁଳି ଛାଡ଼ିଲେ; କିନ୍ତୁ ହରିଆ ବନ୍ଧୁକର ଗୁଳି ଅପେକ୍ଷା ଅଧିକ କୃତିତ୍ୱ ଦେଖାଇ, ମୃତ୍ୟୁ ଏଡ଼ି, ଭଣ୍ଡାର ପୂର୍ଣ୍ଣ କରିବାରେ ଲାଗିଲା । ସେ ତା ମଧ୍ୟରେ ଗୀତ ଗାଇଲା ।

"ତୁମେ ମାରୁଥିବ ଗୁଳିକି ଗୁଳି,
"ଗୁଳି ହୋଇଯିବ ଧୂଳି;
"ମୁଁ ତ ପିନ୍ଧିଛି ଲୁହାର ଚମ,
"ମୋତେ କି କରିପାରିବ ଯମ ?"

ହରିଆ ଗୀତର ଶେଷ ପଦଟି ଠିକ ଗାଇ ସାରୁଛି, ହଠାତ୍ ଗୋଟାଏ ଗୁଳି ତା ଆଡ଼କୁ ଆସିଲା । ବ଼ନମାଳୀ ଏବଂ ବୈଦ୍ୟନାଥ ବ୍ୟସ୍ତ ହୋଇ ତା ନିକଟକୁ ଧାଇଁ ଗଲେ; କିନ୍ତୁ ଯାଇ ପହଞ୍ଚିବା ପୂର୍ବରୁ ହରିଆ ମରି ପଡ଼ିଯାଇଥିଲା । ବୈଦ୍ୟନାଥ ତାଠାରୁ ଗୁଳିଗୁଡ଼ାକ ଧରି ଆସିଲା । ବନମାଳୀ ହରିଆକୁ ଟେକି ଆଣିଲା । ଦିନେ ହରିଆର ପିତା ତା ପିତାଙ୍କ ପ୍ରତି ଯୁଦ୍ଧଭୂମିରେ ଠିକ୍ ସେହି ପ୍ରକାର ବ୍ୟବହାର କରିଥିଲା; ତେବେ ସିନା ସାନ୍ତ ଗୋବିନ୍ଦ ସିଂହଙ୍କୁ ପ୍ରାଣରେ ବଞ୍ଚାଇ ଆଣିଥିଲା, ସେ ହରିଆର ଶବ ଆଣିଲା । ତାହା ଭାବି, ତା ଦୁଃଖର ସୀମା ରହିଲାନାହିଁ । ବୈଦ୍ୟନାଥ ଗୁଳିଗୁଡ଼ାକ ବିପ୍ଳବୀମାନଙ୍କ ମଧ୍ୟରେ ବାଣ୍ଟି ଦେଲା । ପାଣ୍ଡୁ ନାଏକ ନିଶ୍ଚଳ ହୋଇ ବସି ରହିଥିଲା । ତାକୁ ବୈଦ୍ୟନାଥ ଗୁଳି ଯାଚିବାରୁ ସେ ମୁଣ୍ଡ ହଲାଇ ନାହିଁକଲା । ସେତେବେଳେ ବୈଦ୍ୟନାଥ କହିଲା, "ଏ ପାଗଳଟାଏ ନା କଣ ? ଯୁଦ୍ଧକୁ ଆସି ଯୁଦ୍ଧ ନକରି ଚୁପ୍ ହୋଇ ଯେ ବସିବ, ସେ ଅନ୍ୟ ନାହିଁକି ?

ତିନି ଘଣ୍ଟା ମଧ୍ୟାହ୍ନ ଉପସ୍ଥିତ ହେଲା । ଦିବସର ଉତ୍ତାପ ଯେତିକି ବେଶି ହେଲା, ଯୁଦ୍ଧର ଭୀଷଣତା ସେତିକି ବଢ଼ିବାକୁ ଲାଗିଲା । ମାତ୍ର କେତେକ ସମୟ ପରେ

ଅପରାହ୍ନର ଯୁଦ୍ଧ କାମନ୍ତ୍ରେ ନିଜ ନିଜକୁ ପ୍ରସ୍ତୁତ କରିବା ପାଇଁ ଉଭୟ ପକ୍ଷ କିଛି ସମୟ ବିଶ୍ରାମ ନେଲେ । ସେତେବେଳେ ବୈଦ୍ୟନାଥ ଜନାର୍ଦ୍ଦନଙ୍କ ନିକଟକୁ ଯାଇ କହିଲା, "ମୁଁ ଆପଣଙ୍କ କଥା ଭୁଲି ଯାଇନାହିଁ ।" କହି, ସେ ତାଙ୍କ ନିକଟରେ ଗୁଳି ସହିତ ଗୋଟାଏ ବନ୍ଧୁକ ରଖିଦେଲା ଏବଂ ସଙ୍ଗେ ସଙ୍ଗେ ପୁଣି କହିଲା, "ଆମ ଭିତରୁ ଯେ, ଏଠୋଉ ଯିବା ପଛରେ ଦିବ, ସେ ଏ ଗୋଏନ୍ଦା ମୁଣ୍ଡ ଉଡ଼େଇ ଦେଇ ଚାଲିଯିବ ।" ସେତେବେଳେ ପଛରୁ ଗୋଟାଏ ସ୍ୱର ଶୁଣାଗଲା, "କିଏ ଏଇଠେଇ ?"

"ନା, ଏଠେଇ ନୁହେଁ । ଏ ବନ୍ଦୀ ହୋଇ ପଡ଼ିଛି । ଯିଏକୁ ଦୂରକୁ ନେଇଯାଇ, ଡେଣେ କୁଆଡ଼େ ମାଇଲେ ଭଲ ହେବ । ଠିକ ଯୁଦ୍ଧକ୍ଷେତ୍ରରେ ଏଭଳି ଦେଶଦ୍ରୋହୀର ରକ୍ତ ପଡ଼ିବା ଠିକ୍ ନୁହେଁ ।" ଶୁଣି ଜଣେ ଅଗ୍ରସର ହୋଇ କହିଲା, "ଏ କାର୍ଯ୍ୟର ଭାର ମୋ ଉପରେ ଦେଇ ପାରିବେ ?" ଜନାର୍ଦ୍ଦନ ମୁଣ୍ଡ ଟେକି ଚାହିଁ ପାଣ୍ଡୁ ନାଏକକୁ ଦେଖିଲେ ଏବଂ ଧୀର ସ୍ଥିର ଭାବରେ କହିଲେ, "ହଁ, ଏଟା କିଛି ଅସ୍ୱାଭାବିକ ନୁହେଁ ।" ବୈଦ୍ୟନାଥ ବନ୍ଧୁକରେ ଗୁଳି ଭର୍ତ୍ତି କରୁଥିଲା । ସେ ପାଣ୍ଡୁ ନାଏକକୁ ଚାହିଁ କହିଲା, "ଆଚ୍ଛା, ନିଅନ୍ତୁ ଏ ବନ୍ଦୀକି ।"

ପାଣ୍ଡୁ ନାଏକ ଜନାର୍ଦ୍ଦନଙ୍କୁ ଧରି ଚାଲିଗଲା । ସେମାନେ ଗଲାବେଳେ ବନମାଳୀ ଖଣ୍ଡେ ଦୂରରୁ ଦେଖିଲା ଜନତା ପାର ହୋଇଯାଇ ସେମାନେ ସେତେବେଳେ ଗୋଟାଏ ନିର୍ଜନ ଗଳି ମଧ୍ୟରେ ପହଞ୍ଚିଲେ, ଚମ୍ପା ଶବଟା ଦେଖି ଜନାର୍ଦ୍ଦନ କହିଲେ, "ମୁଁ ବୋଧହୁଏ ଏ ବାଳିକାକୁ ଚିହ୍ନି ପାରୁଛି ।" ସେଇଠାରେ ଉଭୟେ ଠିଆହେଲେ । ଜନାର୍ଦ୍ଦନ ପାଣ୍ଡୁ ନାଏକକୁ କହିଲେ, "ଏଥର ତୁମେ ପ୍ରତିଶୋଧ ନିଅ ।" ପାଣ୍ଡୁ-ନାଏକ କୁରୁତା ପକେଟରୁ ଗୋଟିଏ ଛୁରୀ ବାହାରିକଲା । ଦେଖି ଜନାର୍ଦ୍ଦନ କହିଲେ "ହଁ, ଏଇଟା ଏକା ତୁମକୁ ସାଜେ, ବନ୍ଧୁକ ନୁହେଁ ।" ପାଣ୍ଡୁ ନାଏକ ପଦେ କଥା ନ କହି ଜନାର୍ଦ୍ଦନଙ୍କ ବେକରେ ବନ୍ଧା ହୋଇଥିବା ଦଉଡ଼ି ପ୍ରଥମେ କାଟିଲା ଓ ତା' ପରେ ଯେଉଁ ଦଉଡ଼ିରେ ତାଙ୍କର ଦୁଇ ହାତ ବନ୍ଧା ହୋଇଥିଲା, ତାକୁ କାଟିଦେଲା । ତହୁଁ ସେ କହିଲା, "ତୁମେ ତ ଏବେ ଖଲାସ ହେଲ, ଯାଅ ।" ଜନାର୍ଦ୍ଦନ ନିଜର କର୍ଣ୍ଣକୁ ବୁଝି କରି ରଖିପାରିଲେ ନାହିଁ, ଅବାକ୍ ହୋଇ ଚାହିଁ ରହିଲେ । ଶେଷରେ ପାଣ୍ଡୁ ନାଏକ କହିଲା, "ମୁଁ ଏଠୋଉ ପ୍ରାଣ ଧରି ଫେରିବି ବୋଲି ମନେ କରୁନାହିଁ । ଯଦି ଫେରିଯାଏ, ତୁମେ ମୋତେ ତେଲେଙ୍ଗାବଜାରରେ ଦେଖି ପାରିବ । ସେଠେଇ ମୁଁ ଅଭିମନ୍ୟୁ ଦାସ ନାଁରେ ଘର ଭଡ଼ା ନେଇ ରହିଛି ।" ଶୁଣି ଜନାର୍ଦ୍ଦନ କହିଲେ, "ସାବଧାନ !"

"ଚାଲିଯାଅ ।"

"ତୁମେ କଣ କହିଲ, 'ଅଭିମନ୍ୟୁ ଦାସ' ?"

"ହଁ, ଆଜି ରାତିର ତେଲେଙ୍ଗାବଜାର ।" ଶୁଣି ଜନାର୍ଦ୍ଦନ ଧୀର ସ୍ୱରରେ ଆବୃତ୍ତି କଲେ, "ଅଭୟ ଦାସ, ତେଲେଙ୍ଗାବଜାର ।"

ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ର ସେ ରାତିରେ ପାଣ୍ଡୁ ନାଏକକୁ ଏକାକୀ ଛାଡ଼ି, କିଛି ଦୂର ଅଗ୍ରସର ହୋଇଗଲେ । କିନ୍ତୁ ସେ ବେଶି ଦୂର ନଯାଇ ଫେରିଆସି କହିଲେ, "ଦେଖ, ପାଣ୍ଡୁ ନାଏକ, ମୁଁ ଯିବିନାହିଁ; ତୁମେ ମୋତେ ମାରିଦିଅ ।"

"ନା, ତୁମେ ଚାଲିଯାଅ ।" ଏହା ପୂର୍ବେ ପାଣ୍ଡୁ ନାଏକ ସଙ୍ଗେ ଜନାର୍ଦ୍ଦନଙ୍କର ନାନା କାର୍ଯ୍ୟକ୍ଷେତ୍ରରେ କେତେଥର ସମ୍ପର୍କ ଘଟିଛି । କିନ୍ତୁ କେବେ ସେ ତା ଅନୁରୋଧ ରକ୍ଷା କରି ନ ଥିଲେ, ଆଜି ରକ୍ଷା କରି ଚାଲିଗଲେ । ଜନାର୍ଦ୍ଦନ ଅଦୃଶ୍ୟ ହୋଇଯିବା ପରେ ପାଣ୍ଡୁ ନାଏକ ଶୂନ୍ୟକୁ ବନ୍ଧୁକ ଫୁଟାଇ, ଫେରିଆସି, ବିଦ୍ରୋହୀମାନଙ୍କ ମଧ୍ୟରେ କହିଲା- "ଶେଷ କରି ଆସିଲି । ଆଉ କଣ, କହ ।"

ବନମାଳୀ ଗୋଇନ୍ଦା ବଣା ହୋଇ ବିଦ୍ରୋହୀମାନେ ଯେ ଦେଖିନଥିଲେ, ତା ନୁହେଁ; କିନ୍ତୁ ଚିହ୍ନି ପାରିନଥିଲେ । ପାଣ୍ଡୁ ନାଏକ ତାଙ୍କୁ ହତ୍ୟା କରିବାକୁ ନେବା ସମୟରେ ତା ଦୃଷ୍ଟି ଯେତେବେଳେ ତାଙ୍କ ଉପରେ ଅକସ୍ମାତ ପଡ଼ିଗଲା, ସେ ତାଙ୍କୁ ଚିହ୍ନି ପାରିଲା ଓ ସଙ୍ଗେ ସଙ୍ଗେ ତା ମନରେ ଗୋଟାଏ ଆଶାର ସଞ୍ଚାର ହେଲା । ଥରେ ସେ ସର୍ଦ୍ଦାରଙ୍କୁ ସେ ଫାଣ୍ଡିରେ ଦେଖିଥିଲା ଏବଂ ତାଙ୍କଠାରୁ ଗୋଟିଏ ପିସ୍ତଲ ପାଇଥିଲା, ତାହା ତା ମନେ ପଡ଼ିଗଲା । ଆଜି ସେହି ପିସ୍ତଲ ଧରି ସେ ଯୁଦ୍ଧଭୂମିରେ ଠିଆ ହୋଇଅଛି । କେବଳ ସେ ଘଟଣା ଯେ ବନମାଳୀର ମନେ ପଡ଼ିଲା, ତା ନୁହେଁ, ସର୍ଦ୍ଦାରଙ୍କ ନାମ ମଧ୍ୟ ତାର ସ୍ମରଣ ହେଲା । ପାଣ୍ଡୁ ନାଏକ ଫେରିଆସି ଯେତେବେଳେ କହିଲା, "ମୁଁ ଶେଷ କରି ଆସିଲି," ଶୁଣି, ବନମାଳୀର ମନ କ୍ଷଣକ ପାଇଁ ଦୁଃଖରେ ଅଭିଭୂତ ହୋଇପଡ଼ିଲା ।

ପରମୁହୂର୍ତ୍ତରେ ଭୀଷଣ ଯୁଦ୍ଧ ଆରମ୍ଭ ହେଲା । ସେ ଯୁଦ୍ଧରେ ପଦ୍ମନାଭ ଯେ କେବଳ ପ୍ରାଣ ହରାଇଲା, ତା ନୁହେଁ; ତା ସଙ୍ଗେ ପ୍ରାୟ ଦଶ ଜଣ ବଡ଼ ବଡ଼ କର୍ମୀ ନରରକ୍ତ ରଞ୍ଜିତ ମାତୃଭୂମି କୋଳରେ ଚିର ମୁଦ ଶୋଇଲେ । ଜଗନ୍ନାଥ ଦେହରେ ଯେ ଗୋଟି ଗୁଳି ବହୁ ଜଣେ ଆହତ ସହକର୍ମୀକୁ ତଳୁ ଟେକି ଉଠାଇଥିଲା, ସେତିକି ବେଳେ ତା ପ୍ରାଣ ବାୟୁ ଉଡ଼ିଗଲା । ବନମାଳୀର ମୁଣ୍ଡ ଚକ୍ରରେ ବଂକ୍ରିତ ହୋଇଥିଲା; — ଅକ୍ଷତ ହୋଇନଥିଲା କେବଳ ବୈଦ୍ୟନାଥ । ସେ ନିଜର ଅସ୍ତ୍ର ଶସ୍ତ୍ର ହରାଇ ଖାଲି ହାତରେ ଯାଉଥିଲାବେଳେ ଗୋଟାଏ ହାତ ବାମ ଏବଂ ଆଉ ଗୋଟାଏ ହାତ ଦକ୍ଷିଣ ଦିଗକୁ ଉପାଡ଼ିଦେଲେ । ସେତେବେଳେ ତା ଦୁଇ ହାତରେ ଦୁଇଟା ଅସ୍ତ୍ର କିଏ ଆସି ଧରାଇଦେଲା ।

ବୈଦ୍ୟନାଥ ନୂତନ ଅସ୍ତ୍ର ଧରି ପୁନର୍ବାର ଶତ୍ରୁ ସୈନ୍ୟଙ୍କ ମଧ୍ୟରେ ପ୍ରବେଶ କଲାମାତ୍ରେ ଗୁରଖାଙ୍କ ଚିତ୍କାର ଶୁଣିଲା, "ଏ ଜଣେ ନେତା । ଏହି ମୁହୂର୍ତ୍ତରେ ଏହାକୁ ଗୁଳିକରି ମାର ।" ବୈଦ୍ୟନାଥ ଉତ୍ତରରେ କହିଲା, "ମୋତେ ଗୁଳି କରିବ ? କର ।" କହି ସେ, ଅସ୍ତ୍ର ଶସ୍ତ୍ର ଫିଙ୍ଗିଦେଇ ଉନ୍ମୁକ୍ତ ବକ୍ଷ ଦେଖାଇଦେଲା । ହଠାତ୍ ଏକ ମୁହୂର୍ତ୍ତରେ ସେ ବକ୍ଷରେ ଆଠ ଗୋଟା ଗୁଳି ଆସି ବାଜିଲା । ବୈଦ୍ୟନାଥ ପଡ଼ିଗଲା । ତାକୁ ପଡ଼ିବାର ଦେଖି ବିପ୍ଳବୀ ଦଳର ଅବଶେଷ ବନମାଳୀ ଯାଇ ତା ସ୍ଥାନ ଅଧିକାର କଲା । ମୁହୂର୍ତ୍ତକ ମଧ୍ୟରେ ଗୋଟାଏ ଗୁଳିରେ ତାର ମଧ୍ୟ ହାତର ହାଡ଼ ଭାଜିଗଲା । ଯନ୍ତ୍ରଣା ଏବଂ କ୍ଲୈବ୍ୟଣାରେ ଆଖି ବୁଜି ଠିଆ ହୋଇଛି, ପଛରୁ ଗୋଟାଏ ପ୍ରକାଣ୍ଡ ହାତ ତା ବେକ ଆସି ଧରିବାର ସେ ବୁଝିପାରିଲା । କ୍ଷଣକ ନିମନ୍ତେ ରମାର କମନୀୟ ମୂର୍ତ୍ତି ସତେ ଅବା ଶେଷଥର ପାଇଁ ଆସି ତା ଆଖି ଆଗରେ ନାଚିଗଲା । ସେ କହିଲା, "ଓଃ, ମୁଁ ବନ୍ଦୀ ହେଲି, ସ୍ତ୍ରୀ ପରେଇ ମରିବ ।"

—୪୭—

## ସୁଡ଼ଙ୍ଗ ଭିତରେ ଜୀବନ

ବନମାଳୀ ବାସ୍ତବରେ ବନ୍ଦୀ ହୋଇଥିଲା । ଯେତେବେଳେ ତା ଦେହରେ ଗୋଟାଏ ଗୁଳି ବାଜିଲା, ତା ବନ୍ଦକର୍ତ୍ତା ଦ୍ରୁତ ବେଗରେ ଡେଇଁପଡ଼ି ତାକୁ ଟେକି ନେଇଗଲା । ସେତେବେଳକୁ ସେ ମୂର୍ଚ୍ଛିତ । ତାକୁ ଟେକିଧରି ବନ୍ଦକର୍ତ୍ତା କେଉଁଆଡ଼େ ଯେ ଗିବ, ବୁଝିପାରିଲା ନାହିଁ । ସମ୍ମୁଖରେ ସରକାରୀ ଫୌଜ ଜଗି ରହିଥିଲେ, ଦେଖିଲେ କେବଳ ଯେ ବାଟ ଛାଡ଼ନ୍ତେନାହିଁ, ନୁହେ, ମୁମୂର୍ଷୁ ବନମାଳୀର ପ୍ରାଣ ମୁହୂର୍ତ୍ତକ ମଧ୍ୟରେ ଯେନିଯାନ୍ତେ । ବନମାଳୀ ଯେ ବିପ୍ଳବର ନେତା ଏବଂ ଗୋଳମାଳ ମଧ୍ୟରେ ଶତ ଶତ ଗୋରା ଓ ଦେଶୀ ସୈନିକଙ୍କ ଉପରେ ଗୁଳିବୃଷ୍ଟି କରିଛି, କାହାକୁ ଅଗୋଚର ନ ଥିଲା; ସୁତରାଂ ତା ପିଣ୍ଡରେ ପ୍ରାଣ ଥାଉ ଥାଉ ତାକୁ କେହି ଛାଡ଼ିଦିଅନ୍ତେ ନାହିଁ ।

ବନ୍ଦକର୍ତ୍ତା ବନମାଳୀକୁ କାନ୍ଧରେ ଧରି କେତେକ ସମୟ ଠିଆ ହୋଇ ରହିଲା, ଆଗ ପଛ, ବାମ ଦକ୍ଷିଣ, ତଳ ଉପର ସବୁ ଆଡ଼କୁ ବାରମ୍ବାର ଅନାଇଲା; କିନ୍ତୁ କେଉଁଠାରେ କିଛି ଉପାୟ ଦେଖିଲା ନାହିଁ । ସେଠାରେ ଠିଆ ହୋଇ ରହିଲେ ଯେ ରକ୍ଷା ଥିଲା, ତା ମଧ୍ୟ ନୁହେଁ । ଅତଏବ ଆସନ୍ନ ବିପଦରୁ ଉଦ୍ଧାର ପାଇବା ନିମନ୍ତେ

ସେ ନିକଟର ଗୋଟାଏ କୂଅ ଭିତରେ, ବନମାଳୀକୁ ସେହିପରି କାନ୍ଧରେ ଧରି, ପଶିଗଲା । ସଙ୍ଗେ ସଙ୍ଗେ ଉପରେ ରାସ୍ତାରେ କୋଳାହଳ ଶୁଭିଲା । ତେଣୁ ବନମାଳୀକୁ ସେହିପରି କାନ୍ଧରେ ଧରି କୂଅ ଭିତରେ ତାକୁ ଠିଆ ହୋଇ ରହିବାକୁ ପଡ଼ିଲା । କୂଅରେ ସେତେବେଳେ ପ୍ରାୟ ଛାତିଏ ପାଣି ଥିଲା । ଛାତିଏ ପାଣିରେ ସେ ଯେ କେତେ ସମୟ ଠିଆ ହୋଇ ରହିଲା, ତାହା ସେ ବୁଝିପାରିଲା ନାହିଁ । ତାକୁ ମୁହୂର୍ତ୍ତିକ ଯୁଗ ପରି ବୋଧ ହେଉଥିଲା । ତା ଭାବନା ନିଜ ନିମନ୍ତେ ନୁହେଁ, ସେ ଯେଉଁ ମୁମୂର୍ଷୁ ବନମାଳୀକୁ ମୃତ୍ୟୁସ୍ଥଳରୁ ଯେନତେନ ପ୍ରକାରେ ଆଣିଛି, ତାହାର ଜୀବନ ରକ୍ଷା ଲାଗି । ବନମାଳୀକୁ କେଉଁଠାରେ ଟିକିଏ ଶୁଆଇ, ଚିକିତ୍ସା ବ୍ୟବସ୍ଥା ଏବଂ ସେବା ଶୁଶ୍ରୂଷା କଲେ ସେ ଯେ ପୁଣି ବଞ୍ଚି ଉଠିବ, ସେଥିରେ ତାର ସନ୍ଦେହ ନ ଥିଲା ।

ହଠାତ୍ କୂଅ ଉପରେ ଶୁଭିଲା, କେହି ଜଣେ କ୍ଷୀଣକଣ୍ଠରେ କହୁଛି, "ଓଃ; ମଲି । ପାଣି, ପାଣି, ପାଣି ।" ସଙ୍ଗେ ସଙ୍ଗେ ଉପରେ ବହୁଲୋକଙ୍କ ପାଟି ଶୁଣାଗଲା । ଜଣେ କହିଲା, "ଦେଉଛି ନାହିଁ ।" ଆଉ ଜଣେ କହିଲା, "ମାରିଆଣ ।" ପୁଣି ଆଉ ଜଣକଠାରୁ ଶୁଣାଗଲା, "ଦଉଡ଼ି ଆଣି ପାଣି କାଢ଼ିବାକୁ କାହାର ସମୟ ଅଛି । ଜଣେ ପଶିଯାଇ ଦେଉନାହିଁ ।" ଶୁଣି, କୂଅ ଭିତରେ ବନ୍ଦୀକର୍ତ୍ତା ମୃତ୍ୟୁ ଯନ୍ତ୍ରଣା ଅନୁଭବ କରିବାକୁ ଲାଗିଲା । କିନ୍ତୁ ସେତେବେଳେ ପୁନର୍ବାର ଉପରୁ ଶୁଣିଲା, "ନା, ଆଗ ଦଉଡ଼ିଟେ ଖୋଜାଯାଉ; ନ ମିଳିଲେ, କୂଅରେ ପଶିବା । ଏ ଘୋର ଅନ୍ଧାରରେ ଭିତରେ କିଏ ପଶିବ ? ସାପ ବିଛା କାମୁଡ଼ିଲେ, ମରିବ କିନା ? ଏଟା କେବଳ ଜଣେ ଦରମରା ଲୋକର ପ୍ରାଣ ରଖିବା ଲାଗି ଜଣେ ଭଲ ଲୋକକୁ ମାରିବା କଥା କିନା ।"

ବନ୍ଦୀକର୍ତ୍ତା ସେହି ଅବସରରେ କୂଅ ଭିତରେ ଗୋଟିଏ ବାଟ ଖୋଜିବାରେ ଲାଗିଥିଲା । ସେ ଯେତେବେଳେ ସନ୍ଧ୍ୟା ଆଗରୁ କୂଅ ଭିତରେ ପଶିଲା, ପଥର ବନ୍ଧ ଭିତରେ ଏକ ପ୍ରକାଣ୍ଡ କଣା ତା ଦୃଷ୍ଟିରେ ପଡ଼ିଥିଲା । କିନ୍ତୁ କଣା ଭିତରଟା ସେତେବେଳେ ତାକୁ ଏତେ ଭୀଷଣ ଦେଖାଯାଉଥିଲା ଯେ ସେ ତା ଆଡ଼କୁ ନ ଯାଇ ପଛକରି ପାଣି ଭିତରେ ଠିଆହେଲା । କ୍ରମେ କୂଅ ଭିତରଟା ଯେତେବେଳେ ତାକୁ ମୁହାଁଇଗଲା, ସେ ଅନ୍ଧାରରେ ଅନ୍ଦାଜି ଦେଖିଲା କଣାଟା ସେହିପରି ଅଛି ଓ ମନକୁ ମନ କହିଲା, "ଧରାପଡ଼ିବାଠାରୁ ଏଇ କଣାରେ ପଶି ମରିବା ଭଲ ।"

କୂଅର କାନ୍ଥ ଭେଦ କରି ପୂର୍ବେ ଗୋଟିଏ ସୁଡ଼ଙ୍ଗ ଥିଲା । ସେହି ବାଟେ ଗୋଟାଏ ପ୍ରାଚୀନ ବିଶାଳ ହର୍ମ୍ୟର ବାହାର ସହିତ ଗୁପ୍ତ ସମ୍ପର୍କ ସୃଷ୍ଟି ହୋଇଥିଲା; କିନ୍ତୁ ସୁଡ଼ଙ୍ଗଟି କାଳକ୍ରମେ ସ୍ଥାନେ ସ୍ଥାନେ ନିତାନ୍ତ ଜୀର୍ଣ୍ଣ ହୋଇପଡ଼ିଥିଲା । ଭିତରେ

କେଉଁଠାରେ ମାଟି ଇଟା ପଥର ଆଦିର ଛୋଟ ବଡ଼ ଗଦା ରହିଥିଲା; କେଉଁଠାରେ ବା ପାଣି ଜମି ରହି ପଙ୍କରେ ପରିଣତ ହୋଇଥିଲା । ତଥାପି ବନ୍ଦକର୍ତ୍ତା ମନକୁ ମନ କହିଲା, "ହୁଏତ ଏଇବାଟେ ଗଲେ ବିପଦରୁ ରକ୍ଷା ମିଳିପାରେ ।" ସୁତରାଂ ସେ ଅଗ୍ରସର ହେବାକୁ ଲାଗିଲା ।

ସୁଡ଼ଙ୍ଗ ବାଟଟା ଯେ ବେଶି ଉଚ୍ଚ ନୁହେଁ, କହିବା ଅନାବଶ୍ୟକ । ସେବାଟେ ଠିଆ ହୋଇ ସିଧା ଚାଲିବା ମନୁଷ୍ୟ ପକ୍ଷେ କଷ୍ଟସାଧ୍ୟ; ପୁଣି ସେ ବନ୍ଦକର୍ତ୍ତା ପରି ଶୀର୍ଣ୍ଣାକୃତି ଲୋକ ପକ୍ଷରେ ଏକାବେଳକେ ଅସମ୍ଭବ । ବନ୍ଦକର୍ତ୍ତା ବନମାଳୀକୁ କାନ୍ଧରେ ଧରି ବସି ବସି ଧୀରେ ଧୀରେ ଚାଲିଲା । ବାଟଟା ତାକୁ କ୍ରମେ ନର୍କର ପଥ ପରି ବୋଧ ହେଲା । ସେ ଭାବିଲା, "ଫେରିଯିବି", ଅନ୍ୟ ପର ମୁହୂର୍ତ୍ତରେ କହିଲା, "ନା, ଯେତେବେଳେ ଗୋଟାଏ ଜୀବନର ଭାର ନେଇଛି, ଶେଷ ପର୍ଯ୍ୟନ୍ତ ପ୍ରାଣପଣେ ଚେଷ୍ଟା କରି ଦେଖିବି ।" କହି, ସେ ଆଗକୁ ଆଉ ପାଦେ ପକାଇଲା । ପାଦ ଗୋଟାଏ ଚିକ୍କଣ କୋମଳ ଜୀବନ୍ତ ଦଉଡ଼ି ପରି ପଦାର୍ଥ ଦେହରେ ବାଜିଲା । ସେ ଭୟରେ ପଛକୁ ଘୁଞ୍ଚି ଆସି ଶୁଣିଲା, ଗୋଟାଏ ଭୀଷଣ ଫଁ ଫଁ ଶବ୍ଦ ଶୁଭୁଛି । ଅନ୍ଧାରରେ ସେ କିଛି ଦେଖି ପାରିଲାନାହିଁ; ମାତ୍ର ଶବ୍ଦଟା କ୍ରମଶଃ ତା ପଛଆଡ଼କୁ ଚାଲିଗଲା । ଯେତେବେଳେ ସେ ଯେ ଫେରିଯିବା କଥା ଭାବୁଥିଲା, ସେ ଚିନ୍ତାର ଗତି ରୁଦ୍ଧ ହୋଇଗଲା; ସୁତରାଂ ସେ ପୁଣି ଅଗ୍ରସର ହେବାକୁ ଲାଗିଲା ।

ବନ୍ଦକର୍ତ୍ତା ପୂର୍ବ ଦିନ ସନ୍ଧ୍ୟାରେ, ଯେ ସକାଳର ପଖାଳ ମୁଣ୍ଡିଏ ଖାଇଥିଲା, ତା' ପରେ ତା ପେଟରେ ଅନ୍ନ ଜଳ କିଛି ପଡ଼ିନାହିଁ, ଗୋଟାଏ ରାତି ଏବଂ ଗୋଟାଏ ଦିନ ଯାଇ, ପୁଣି ରାତି ହେଲାଣି । ତା ପେଟ ଭୋକରେ ଜଳୁଛି; ଶେଷରେ ପାଟି ଫାଟ୍ ଫାଟ୍ ହୋଇଯାଉଛି; ଚାଲିବା ପାଇଁ ପାଦରେ ବଳ ନାହିଁ । ତା ପରେ ପୁଣି, ଫେରିଗଲେ ହୁଏତ ପ୍ରଥମେ ସାପ ହାବୁଡ଼ରେ ପଡ଼ିବାକୁ ହେବ ଓ ସେଥିରୁ ବର୍ତ୍ତିଲେ, ସରକାରୀ ଫୌଜ ହାତେ ପଡ଼ି ପ୍ରାଣ ହରାଇବାକୁ ପଡ଼ିବ । ଏଣେ ଅଗ୍ରସର ହୋଇଗଲେ ଭାଗ୍ୟରେ ଯେ କ'ଣ ଅଛି ତାହା ମଧ୍ୟ ସେ ଜାଣେନା ।

ସେହି ମୁହୂର୍ତ୍ତର ଅନିର୍ଦ୍ଦିଷ୍ଟତା ମଧ୍ୟରେ ବନମାଳୀକୁ କାନ୍ଧରୁ ଓହ୍ଲାଇ ବନ୍ଦକର୍ତ୍ତା ତଳେ ଶୁଆଇ ଦେଲା ଓ ହାତ ଦେଇ ଦେଖିଲା, ତା ଦେହରେ ଉଷ୍ଣତା ରହିଛି ଏବଂ ନାକରୁ ନିଶ୍ୱାସ ଯାଉଛି । ଦେଖି, ସେ ମନକୁ ମନ କହିଲା, 'ପ୍ରାଣ ରହିଛି । କେବଳ ବାହାରକୁ ଯାଇପାରିଲେ ହେଲା ।" ସେତେବେଳେ ବନମାଳୀ କୁରୁତା ପକେଟରେ ତା ହାତ ବାଜିବାରୁ ସେ ହାତ ପୂରାଇ ତହିଁରୁ ଦୁଇଟି ଜିନିଷ ପାଇଲା- ମୁଠାଏ ଚୁଡ଼ା ଓ ଖଣ୍ଡିଏ କାଗଜ । କାଗଜରେ କିଛି ଲେଖା ଥାଇପାରେ ଭାବି ସେ ପଢ଼ିବାକୁ ସ୍ଥିର କଲା । ତା ନିଜ ପରିଧେୟ ସବୁ ତ ଓଦା ହୋଇଯାଇଛି; ବନମାଳୀ

ପିନ୍ଧା ଲୁଗାରୁ ଖଣ୍ଡିଏ କନା ଛିଣ୍ଡାଇ ଝିଙ୍କାମିଙ୍କା ଠୁଳାଇ ନିଆଁ ଧରାଇଲା । ସେହି କ୍ଷୀଣ ଆଲୋକରେ ସେ ପଢ଼ିଲା, "ମୋ ନାମ ବନମାଳୀ ରାଏ । ମୋ ଶବଟା ଅଜା ଶ୍ରୀନିବାସ ଚମ୍ପତିରାଏଙ୍କ ଘରକୁ ନେଇ ଯିବ, ଘର ତୁଳସୀପୁର ।" ପଢ଼ି ବଢ଼କର୍ତ୍ତା ମୁହୂର୍ତ୍ତିକ ପାଇଁ ଘୋର ଚିନ୍ତାମଗ୍ନ ହୋଇ ରହିଲା । ତା' ପରେ ସେ କହିଲା, "ଶ୍ରୀନିବାସ ଚମ୍ପତିରାଏଙ୍କ ନାତି ।" କହି, ମୁଣ୍ଡ ହଲାଇଲା । ତାହା ଅବଶ୍ୟ ସେ ବିକଟ ନର୍କକୁଣ୍ଡରେ କେହି ଦେଖିଲେ ନାହିଁ ।

ଚୁଡ଼ା ମୁଠିଏ ପେଟରେ ପଡ଼ିବା ଫଳରେ ସେ ହାତ ପାଦରେ ଟିକିଏ ବଳ ଅନୁଭବ କଲା । ତହୁଁ ବନମାଳୀକୁ ସେ ପୁଣି କାନ୍ଧରେ ଧରି ଟାଣିବାକୁ ଲାଗିଲା । ସେ କିଛି ବାଟ ଚାଲି [illegible] ଆଗରେ ଗୋଟିଏ କ୍ଷୀଣ ଆଲୋକ ରେଖା ଦେଖିଲା । ତାହା ତାକୁ ଦିବସ ଆଲୋକ ପରି ବୋଧ ହେଲା । ସୁତରାଂ ତା ମନରେ ଗୋଟାଏ ଭରସା ଆସିଲା । ତହୁଁ ସେ ବେଗେ ବେଗେ ପାଦ ପକାଇ କିଛିଦୂର ଅଗ୍ରସର ହେଲା; କିନ୍ତୁ ତାକୁ ହଠାତ୍ ଗତିରୋଧ କରିବାକୁ ପଡ଼ିଲା । ତାକୁ ସମ୍ମୁଖରେ ଗୋଟାଏ ପର୍ବତ ଦେଖିଲା ପରି ବୋଧ ହେଲା । ସେ ଅଣ୍ଡାଳି ଦେଖିଲା ଯେ ଗୋଟାଏ ମାଟି ଗଦା ସୁଡ଼ଙ୍ଗ ଛାତକୁ କିଛି ବାଟ ଛାଡ଼ି ଜମା ହୋଇଅଛି । ସେ ଗଦା ଯେ କେତେ ଲମ୍ବ ସେ ଜାଣିପାରିଲାନାହିଁ; କେବଳ ମାଟି ଗଦା ଉପର ଫାଙ୍କ ବାଟେ ଦୂରରୁ ଦିବସର କ୍ଷୀଣ ଆଲୋକ ଆସି ତା ପ୍ରାଣରେ ଆଶା ସଞ୍ଚାର କରୁଥିଲା ।

ବନମାଳୀକୁ ତଳେ ଥୋଇଦେଇ, ବଢ଼କର୍ତ୍ତା ଦୁଇ ହାତରେ ମାଟି ଖୋଳିବାକୁ ଲାଗିଲା । ସେ ଯେ କେତେ ସମୟ ଖୋଳିଲା, ତାହା ସେ ବୁଝି ପାରିଲାନାହିଁ । କାରଣ ଖୋଳି ସାରିଲା ପରେ ସେ ମନେକଲା ଯେ ତାର ଆୟୁ ଯେପରି ସେଇଠିରେ ଶେଷ ହୋଇଯାଉଛି । ସେ ଅଳ୍ପ କିଛି ସମୟ ବସି ରହିଲା ଓ ତା'ପରେ ପୁଣି ବନମାଳୀକୁ କାନ୍ଧରେ ଧରି ଟାଣିବାକୁ ଲାଗିଲା । ଦିବସ ଆଲୋକ କ୍ରମେ ଯେତେ ନିକଟବର୍ତ୍ତୀ ହେଲା; ତା ପ୍ରାଣରେ ଉଦ୍ଧାର ଆଶା ସେତିକି ମୁଣ୍ଡ ଟେକି ଉଠିଲା । ସେ ମନେ ମନେ ଭାବିଲା, "ଏଥର ବୋଧହୁଏ ଯନ୍ତ୍ରୁ ବାଧାବିଘ୍ନ ଅନ୍ତିମ ଜାଗା ଆସିଲା; ବାକି ଏଇ ଖଣ୍ଡିକ ପାର ହୋଇଗଲେ ରକ୍ଷା ପାଇଯିବ ।"

ଯେଉଁ କଥା ଭାବିସାରି, ସେ ପାଦ ପକାଇଲା ବେଳକୁ, ପାଦ ଗୋଟାଏ କାଦୁଅ ଗାଡ଼ରେ ପଡ଼ିଗଲା । ତା ଦୁଇ ପାଦ ଭିତରକୁ ଏତେ ଚାଲିଗଲା ଯେ ସେ ସିଧା ଠିଆ ହେବାକୁ ଅକ୍ଷମ ହେଲା । କାଦୁଅ କ୍ରମେ ଅଣ୍ଟା ପର୍ଯ୍ୟନ୍ତ ଆସିଗଲା, ଦେଖି ତା ମନରେ ଭୟ ହେଲା । ତଥାପି ସେ ଅଗ୍ରସର ହେବାକୁ ଲାଗିଲା । କାଦୁଅ ମଧ୍ୟ ପ୍ରଥମେ ଛାତି ଓ ତା' ପରେ ବେକ ପର୍ଯ୍ୟନ୍ତ ଉଠିଲା । ସେ ବନମାଳୀକୁ କାନ୍ଧରୁ ଟେକି ମୁଣ୍ଡରେ ଥୋଇଲା । ସେ କେହି ହୋଇଥିଲେ, ହୁଏତ କାଦୁଅ ଉପରେ କୌଣସି ପ୍ରକାରେ ଠେଲି

ପେଲ ହୋଇ ରହିଯାଆନ୍ତା; କିନ୍ତୁ ତା ଦୁଇ ପାଦ ଉପରେ ତାକୁ ଦୁଇ ଜଣ ମନୁଷ୍ୟର ଭର ବୋହିବାକୁ ପଡ଼ୁଥିଲା; ଅଥଚ ପାଦତଳେ କୌଣସି କଠିନ ସ୍ଥାନର ଆଶ୍ରୟ ମିଳିଲାନାହିଁ । କ୍ରମେ ଯେତେବେଳେ ତା ପାଟି ପର୍ଯ୍ୟନ୍ତ କାଦୁଅ ପହଞ୍ଚିଲା, ସେ ନିଶ୍ୱାସ ନେବା ପାଇଁ ମୁଣ୍ଡ ପଛକୁ ବଙ୍କା କରି, ନାକ ଉପରକୁ ଟେକି ରଖିଲା ଓ କହିଲା, "ମୁଁ ପାପିଷ୍ଠ ନିଜେ ମରିଥାନ୍ତି, ସ୍ତ୍ରୀକୁ ଆଣିଲି କାହିଁକି ? ଏ ମଲେ ପାପ ତ ମୋତେ ମୁଣ୍ଡେଇବାକୁ ହବ କହି, ସେ ପାଦ ଟିକିଏ ବଢ଼ାଇଲାବେଳକୁ ତଳେ ଗୋଟାଏ ପଥର ଉପରେ ବାଜିଲା । ତହିଁ ବନ୍ଧକର୍ତ୍ତା ଠିଆ ହୋଇ ନିଶ୍ୱାସ ମାରିଲା । ଯେତେବେଳେ ଗୋଟିଏ ସୂର୍ଯ୍ୟ ରଶ୍ମି ମଧ୍ୟ କିଛି ଦୂରରେ ତା ଦୃଷ୍ଟି ପଥରେ ପଡ଼ିଲା ।

କିନ୍ତୁ ସେ ଅଗ୍ରସର ହୋଇ ଦେଖିଲା ଯେ ସୁଡଙ୍ଗ ଆଉ ଗୋଟାଏ କୂଅରେ ଆସି ସରିଛି । ସେ କୂଅରେ ପାଣି ନ ଥିଲା । ସେ ଉପରକୁ ଚାହିଁ ଦେଖିଲା କୂଅର ମୁହଁଟା ବନ୍ଦ । ବନମାଳୀକୁ ତଳେ ଶୁଆଇ ଦେଇ କୂଅର ମୁହଁ ଖୋଲିବାପାଇଁ ସେ ଉପରକୁ ଉଠିଲା । କୂଅ ଉପରେ ଗୋଟାଏ କାଠ ପଟା ଭଳି ଘୋଡ଼ଣି ରହିଥିଲା । ଘୋଡ଼ଣିଟା ଫିଟାଇ ଗୁଳିଦିବା ସହଜ ହେବ ବୋଲି ସେ ସ୍ଥିର କଲା ସମୟରେ ଦେଖିଲା, ସେଥିରେ ଉପରୁ ତାଲା ପଡ଼ିଛି ଏବଂ କୂଅ ଉପରେ ଖଣ୍ଡେଦୂରରେ ଜଣେ ଲୋକ ଠିଆ ହୋଇଛି । ତାର ହୃତ୍‌କମ୍ପ ହେଲା, ସେ ମନକୁ ମନ କହିଲା, "ଏଁ, ଏ ତ ଦୀନା ସାହୁ ।" କିନ୍ତୁ ଦୀନା ସାହୁ ତାକୁ ଦେଖି ଚିହ୍ନି ପାରିଲା ନାହିଁ । ତା ମୁହଁଟା ରକ୍ତରେ ନାଲି ପଡ଼ିଥିଲା ଓ ସମଗ୍ର ଦେହରେ କାଦୁଅ ବୋଳାହୋଇଥିଲା । ସେ ଅବସ୍ଥାରେ ସେ ନିଜେ ନିଜକୁ ଚିହ୍ନି ପାରିଥାନ୍ତା କି ନା ସନ୍ଦେହ ।

---

—୫୭—

## କର୍ତ୍ତବ୍ୟ ଓ କୃତଜ୍ଞତା

ବନମାଳୀର ବନ୍ଧକର୍ତ୍ତା ଯେତେବେଳେ କୂଅ ମୁହଁକୁ ଆସି ଦେଖିଲା, ତା କବାଟରେ ଗୋଟାଏ ପ୍ରକାଣ୍ଡ ତାଲା ପଡ଼ିଛି ଏବଂ ସମ୍ମୁଖରେ ଦୀନା ସାହୁ ବିକଟ ମୂର୍ତ୍ତିରେ ଠିଆ ହୋଇଛି, ତାକୁ କ୍ଷଣକ ପାଇଁ ସବୁ ଅନ୍ଧାର ଦିଶିଗଲା । ସେ ଯେଉଁ-ବାଟେ ଆସିଥିଲା, ସେ ବାଟର ବିକଟ ଚିତ୍ର ତା ଆଗରେ ଆସି ଚିତ୍ରିତ ହେବାକୁ ଲାଗିଲା । ସେ ମନକୁ ମନ କହିଲା, "ନା, ଫେରିଯିବା ଅସମ୍ଭବ ।" ସେତେବେଳେ ଦୀନା ସାହୁର ଦୃଷ୍ଟି ତା ଉପରେ ପଡ଼ିଲା । ଦୀନା ସାହୁ ତାକୁ ଚିହ୍ନି ନପାରି କହିଲା, କିରେ ଭାଇ, ନିଶ୍ଚୟ ଗୋଟେ କିଛି ଶିକାର ପାଇଛୁ ।" କୂଅ

ମୁହଁରେ ତଳକୁ ଗୁହିଁ ତଳେ ଗୋଟାଏ ରକ୍ତାକ୍ତ ମନୁଷ୍ୟ ଦେହ ପଡ଼ିଥିବାର ଦେଖିଲା । ତହୁଁ ସେ ଧୀରେ ଧୀରେ କହିଲା, "ଭାଇ ତୋର ଅଧେ, ମୋର ଅଧେ ।"

ବଦ୍ଧକର୍ତ୍ତ୍ରୀ ମନେ କଲା ଯେ ସେ ଗୋଟାଏ ସ୍ୱପ୍ନ ଦେଖୁଛି । ସେ ଅନେକ ସମୟ ଅବାକ୍ ହୋଇ ରହିଲା । ତା' ପରେ ଦାନା ସାହୁ ପୁଣି ପଚାରିଲା, "ତୁ କିପରି ଆସିଲୁ ? ମୋତେ ଅଧା ଦବୁ ବୋଲି ଆଗ ହଁ କର । ତୁ ତାକୁ ତ ମାରିଚୁ । ଭଲ କଥା । ମୁଁ ତୋତେ ଚିହ୍ନି ନାହିଁ; ତେବେ ତୁ ଆମର ଦଳର ଗୋଟାଏ ହବୁ ନିଶ୍ଚୟ । ମୁଁ ତୋତେ ସାହାଯ୍ୟ ନ କରିବାଟା ଭଲ ହବନାହିଁ । ମୋ ପାଖେ ଗୁଣ୍ଡ ଅଛି । ତୁ ତ ବିନା ଲାଭରେ ଶିକାର କରିନାହୁଁ । ମତେ ଅଧେ ଦେଲେ, ଫିଟେଇ ଦେବି ।"

ବଦ୍ଧକର୍ତ୍ତ୍ରୀ ସେତେବେଳେ ସାରା କଥାଟା ବୁଝିଲା । ସେ ବୁଝିଲା ଯେ ଦାନା ସାହୁ ପରି ଲୋକଟ ରୂପରେ ଦୟାମୟ ଭଗବାନ ତାକୁ ସାହାଯ୍ୟ କରିବାକୁ ଉପସ୍ଥିତ ହୋଇଛନ୍ତି । ସେ ସେହି କଥା ଭାବୁ ଭାବୁ ଦାନା ସାହୁ ପୁଣି ପଚାରିଲା, "କିଣ ଅଧେ ଦେବୁ ତ ?" ବଦ୍ଧକର୍ତ୍ତ୍ରୀର ଅନିଚ୍ଛାସତ୍ତ୍ୱେ ତା ତୁଣ୍ଡରୁ ବାହାରିପଡ଼ିଲା, "ହଁ" । ଦାନା–ସାହୁ ତାଲାଟା ଫିଟାଇଦେଲା । ବଦ୍ଧକର୍ତ୍ତ୍ରୀ ଓହ୍ଲାଇସାରି ବନମାଳୀକୁ କାନ୍ଧରେ ଧରି କ୍ଷଣକ ମଧ୍ୟରେ କୂଅ ଉପରେ ଆସି ଠିଆ ହେଲା । ଦାନା ସାହୁ ତା କୁରୁତା ପକେଟ ଖୋଜି ତିନି ଗୋଟି ମୋହର, ପନ୍ଦରଟି ଟଙ୍କା ଏବଂ କେତେଗୁଡ଼ାଏ ରେଜକି ପାଇ କହିଲା, "ମନ୍ଦ କ'ଣ ? ବେଶ୍ ତ ପାଇଚୁ । ତେବେ, ଆହୁରି ବଡ ମୁଣ୍ଡିଆ କଣେ କାହିଁକି ଧରିଲୁ ନାହିଁ ? ମୋତେ ଅନିଜିଆ କଥା ସୁଖ ଲାଗେନାହିଁ । ତୋ ନଜରଟା ଭାରି ଛୋଟିଆ, ଦେଖୁଛି । ତଥାପି ସେ ବଦ୍ଧକର୍ତ୍ତ୍ରୀ ଓ ବନମାଳୀର ଲୁଗାପଟା ତନ୍ନ ତନ୍ନ କରି ଖୋଜିବାକୁ ଲାଗିଲା; କିନ୍ତୁ କିଛି ପାଇଲାନାହିଁ । ବଦ୍ଧକର୍ତ୍ତ୍ରୀର ଅଗୋଚରରେ ବନମାଳୀ କୁରୁତାରୁ ସେ ଖଣ୍ଡିଏ କନା ଧୀରେ ଧୀରେ କରୁଣରେ କାଟି ନେଇଗଲା । ସେତେବେଳେ ସେ ମନେ ମନେ ଭାବିଲା, "ହୁଏତ ଏହାର ସାହାଯ୍ୟରେ ଦିନେ ଘାତକ ଆଉ ଦତ ଦାହୁଙ୍କ ପରିଚୟ ପାଇପାରିବି ।" ତା' ପରେ ସେ ବଦ୍ଧକର୍ତ୍ତ୍ରୀ ହାତକୁ ଗୋଟାଏ ଦାଉଡ଼ି ଆଣି ବଢ଼ାଇ ଦେଲା ।

ବଦ୍ଧକର୍ତ୍ତ୍ରୀ ପଚାରିଲା, "ମୁଁ ଏହାକୁ ନେଇ କଣ କରିବି ?"

"ନା, ଗୋଟାଏ ପଥର ମଧ୍ୟ ତୋତେ ଦରକାର ହବ ।"

"ପଥର କଣ ହବ ?"

"ବଳଦ, ତୁ କଣ ନୂଆ କି ? ଖାଲି କିପରି ପାଣିରେ ବୁଡ଼ିବ ? ପଥରଟା ଦାଉଡ଼ିରେ ବେକରେ ବାନ୍ଧି ପକେଇଦବୁ ।" କହି, ଦାନା ସାହୁ ତାକୁ ବିଦାୟ

ଦେଲା । ବନ୍ଧକର୍ତ୍ତାର ଶିକାର ଲବ୍ଧ ଧନ ସେ ଯେ ଅଧା ଅଧା ବାଣ୍ଟିବାକୁ କହିଥିଲା, ବିଦାୟ ଦେଲାବେଳେ ତାର ସେ କଥା ମନେ ପଡ଼ିଲା ନାହିଁ । ତାକୁ ବିଦାୟ ଦେଇ ଦୀନା ସାହୁ କୂଅ ମୁହଁ କବାଟରେ ପୁଣି ତାଲା ପକାଇଲା । କବାଟ ଉଠିବା ଓ ପଡ଼ିବା ବେଳେ କଟ୍ କଟ୍ ଶବ୍ଦ କାନ୍ଥ ଶୁଣା ଗଲାନାହିଁ: କବଜାରେ କଳଙ୍କି ଲାଗି ନଥିଲା । ସେଥିରୁ ବୁଝାଯାଉଥିଲା ଯେ କବାଟଟା ବେଳେ ବେଳେ ପଡ଼ୁଛି ଓ ଫିଟୁଛି । କୂଅଟା ଗୋଟାଏ ବହୁଦିନର ପରିତ୍ୟ ପ୍ରକାଣ୍ଡ ପୁରୁଣା ବେମରାମତି ଦରଭଙ୍ଗା ଘରର ଅଗଣାରେ ଅବସ୍ଥିତ ଥିଲା । ଯେଉଁ ବ୍ୟକ୍ତି ପ୍ରଥମ କୂଅରେ ପଶିଲାବେଳେ ବନମାଳୀର ବନ୍ଧକର୍ତ୍ତା ରୂପେ ପଶିଥିଲା, ଦ୍ୱିତୀୟ କୂଅରୁ ସେ ତାର ରକ୍ଷାକର୍ତ୍ତା ହୋଇ ବାହାରିଲା ।

ବନମାଳୀକୁ କାନ୍ଧରେ ଧରି ସେହି ଭଙ୍ଗା ଘର ମଧ୍ୟରୁ ବାହାରକୁ ବାହାରିଲା ମାତ୍ରେ, ବାହକ ସମ୍ମୁଖରେ ଖଣ୍ଡେ ଦୂରରେ ଜଣେ ଦୀର୍ଘାକୃତି ବ୍ୟକ୍ତି ଆସିବାର ଦେଖିଲା । ଦେଖି ସେ ଚମକି ପଡ଼ିଲା । ଆଗନ୍ତୁକ ଅନ୍ଧାରରେ ଧାଇଁଆସି, ବାହକର ଦୁଇ ବାହୁକୁ ଧରି, ମୁହଁକୁ ମୁହଁ ଲଗାଇ, ଚାହିଁ ଦେଖିଲେ; କିନ୍ତୁ ଚିହ୍ନି ପାରିଲେ ନାହିଁ । କିନ୍ତୁ ବାହକ ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ରଙ୍କୁ ଚିହ୍ନିଲା । ସେ ଯେ ମହର୍ଗରୁ ଆସି କାନ୍ତାରରେ ପଡ଼ିଲା, ବୁଝିବାକୁ ଆଉ ବାକି ରହିଲାନାହିଁ । ଜନାର୍ଦ୍ଦନ ଦୀନା ସାହୁ ପଛରେ ଗୋଡ଼ାଇ ସେ ପର୍ଯ୍ୟନ୍ତ ଆସିଥିଲେ । ଠିକ୍ ସେହିଠାରେ ଦୀନା ସାହୁ ତାଙ୍କ ଦୃଷ୍ଟିପଥରୁ ଅଗୋଚର ହୋଇଯିବାରୁ ସେ ବହୁ ସମୟ ଧରି ତାକୁ ଖୋଜି ବୁଲୁଥିଲେ ଏବଂ ବାହକକୁ ଦେଖି ପଚାରିଲେ, "ତୁମେ କିଏ ?"

"ପାଣ୍ଡୁ ନାଏକ ପରା । ଆପଣ ମୋତେ ଚିହ୍ନି ପାରି ପୁଣି ଯେ ପଚାରୁଛନ୍ତି ।" ପ୍ରକୃତରେ ପାଣ୍ଡୁ ନାଏକର ଚେହେରା ଏକାବେଳକେ ବଦଳିଯାଇଥିବାରୁ ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ରଙ୍କ ପରି ବିଚକ୍ଷଣ ପୋଲିସ କର୍ମଚାରୀ ମଧ୍ୟ ତାକୁ ଚିହ୍ନିପାରି ନ ଥିଲେ; କିନ୍ତୁ ସେ ତାହା ବୁଝି ପାରିଲା ନାହିଁ । ତହୁଁ ସେ ନାମ ଲୁଚାଇବାକୁ ବୃଥା ଚେଷ୍ଟା ନ କରି କହିଦେଲା ଓ ତା' ପରେ ନିବେଦନ କଲା, "ସର୍ଦ୍ଦାର ଆପଣେ, ଆପଣ ମୋତେ ବର୍ତ୍ତମାନ ଧରିପାରନ୍ତି । ମୁଁ ଆପଣଙ୍କ ହାତେ ଧରା ହେଇଛି ବୋଲି ଆଗରୁ ଜାଣିଛି; ତେଣୁ ମୁଁ ଆପଣଙ୍କୁ ମୋ ଠିକଣା ଦେଇଦେଇଛି । ମୋତେ ଧରି-ନିଅନ୍ତୁ, ତେବେ, ଗୋଟାଏ ପ୍ରାର୍ଥନା ଶୁଣନ୍ତୁ ।"

ଜନାର୍ଦ୍ଦନ ପାଣ୍ଡୁ ନାଏକ କଥା ନ ଶୁଣି ନିଜେ ଗଭୀର ଚିନ୍ତାରେ ନିମଗ୍ନ ଥିଲେ । ସେ ଚିନ୍ତାରୁ ବିରତ ହୋଇ ପଚାରିଲେ, "ତୁମେ ଏଠେଇ କଣ କରୁଛ ? ଏ ଲୋକଟି କିଏ ?" ପାଣ୍ଡୁ ନାଏକ ଉତ୍ତର ଦେଲା ଏବଂ ସର୍ଦ୍ଦାର ଶୁଣି ଗୋଟାଏ ଦୁର୍ବଳ ସ୍ୱପ୍ନରୁ ଉଠିଲା ପରି ବୋଧ କଲେ । "ମୁଁ ସ୍ୱାର କଥା ଆପଣଙ୍କୁ କହିବାକୁ

ଯାଉଥିଲି । ଆପଣ ମୋତେ ଯାହା କରିବେ କରନ୍ତୁ । କେବଳ ସ୍ୱାଙ୍କୁ ତା ଘରେ ନେଇ ପହଞ୍ଚେଇଦେବାରେ ଟିକିଏ ସାହାଯ୍ୟ କରନ୍ତୁ ।" ଶୁଣି ସର୍ଦ୍ଦାର ବନମାଳୀ ମୁହଁ ନିଜ ରୁମାଲରେ ପୋଛିଦେଇ କହିଲେ, "ଏ ତ ସେହି ଗୋଳମାଳ ଭିତରେ ଥିଲା । ସ୍ୱାଙ୍କୁ ସମସ୍ତେ ବନମାଳୀ ବାବୁ ବୋଲି ଡାକୁଥିଲେ ।

"ହଁ, ସ୍ୱା ଉପରେ ଖୁବ୍ ଜୋର ମାଡ ବସିଚି ।"

"ଏ ତ ମରିଗଲାଣି ନା କଣ ।"

"ଏପର୍ଯ୍ୟନ୍ତ ମରିନାହିଁ । ସ୍ୱା ଘର ନର୍ସୀପୁରରେ । ସ୍ୱା ଅଜା ସେଠେଇ ଥାଆନ୍ତି ।" କହି, ପାଣ୍ଡ୍ର ନାଏକ ବନମାଳୀ ପକେଟରୁ ତାର ସେ କାଗଜ ଖଣ୍ଡି କାଢ଼ି ସର୍ଦ୍ଦାରଙ୍କ ହାତକୁ ବଢ଼ାଇଦେଲା । ଅନ୍ଧାରରେ ବଗୁଡ଼ି ଦେଖିପାରିଲା ପରି, ଲେଖା ପଢ଼ିବା ଶକ୍ତି ପୋଲିସ କର୍ମଚାରୀମାନଙ୍କର ଥାଏ । ସର୍ଦ୍ଦାର ଲେଖାଟି ପଢ଼ି ଡାକିଲେ, "ଗାଡ଼ିବାଲା ।"

ସର୍ଦ୍ଦାର ସଙ୍ଗରେ ଗୋଟାଏ ଭଡା ଘୋଡା ଗାଡି ନେଇ ଆସିଥିଲେ । ଭିତରେ ସେ ବନମାଳୀକୁ ଠେକି ଥୁଆଇଲେ, ପାଣ୍ଡ୍ର ନାଏକକୁ ସଙ୍ଗରେ ଧରି ବସିଲେ ଓ କହିଲେ, "ନୁଳସୀପୁର ଚଲାଅ ।" ଗାଡ଼ିବାଲା ଘୋଡ଼ା ପିଠିରେ ଛାଟ ପିଟିଲା । ଗାଡ଼ି ଘର ଘର ହୋଇ ଚଳିଲା ।

ଖୁନବାସ ଚମ୍ପତରାଏଙ୍କ ଦ୍ୱାରରେ ଗାଡି ବନ୍ଦ କରି ସର୍ଦ୍ଦାର କହିଲେ, "ଏଇଟା ସବୁ ଚମ୍ପତରାଏଙ୍କ ଘର ।" ଜଗୁଆଳ ଝରକା ଦେଇ ପଚାରିଲା, ହଁ, କଣ ଦରକାର ?"

"ଆମେ ତାଙ୍କ ପୁଅକୁ ଆଣିଚୁ ।" ଜଗୁଆଳ ବିସ୍ମିତ ହୋଇ କହିଲା, "ତାଙ୍କ ପୁଅ । ସେ ପୁଣି କିଏ ? ମୁଁ ତ ନୂଆ ଶୁଣୁଚି ଆଜି ।"

"ହଁ, ତାଙ୍କ ପୁଅ; ନେଲେ, ମରଯାଉଚି । ସେ ମେଳରେ ମିଶି ଗୁଣ୍ଡ କରୁଥିଲା । ତା ବାପାଙ୍କୁ ଡାକ ନା !" ଜଗୁଆଳ ଚାକରକୁ ଡାକି ଉଠାଇଲା । ଚାକର ଚାକରାଣୀକୁ ଡାକିଲା । ଚାକରାଣୀ ପାର୍ବତୀଙ୍କି ଖବର ଦେଲା । କିନ୍ତୁ କେହି ଖୁନବାସଙ୍କୁ ଉଠାଇଲେ ନାହିଁ, କେବଳ ବନମାଳୀକୁ ନେଇ ଘରେ ରଖି ଡାକ୍ତରଙ୍କୁ ଡକାଇ ପଠାଇଲେ ।

ପାଣ୍ଡ୍ର ନାଏକ ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ରଙ୍କ ସଙ୍ଗେ ପୁଣି ଗାଡିରେ ବସିବାକୁ ଗଲା । ସେତେବେଳେ ସେ କହିଲା, ସର୍ଦ୍ଦାର ମହାରାଜ ! ମୋତେ ଆଉ ଗୋଟାଏ ଅନୁଗ୍ରହ କରିବେ । ମୁଁ ଦଣ୍ଡକ ସକାଳେ ଟିକିଏ ଘରକୁ ଯିବି । ତା ପରେ

ଆପଣ ମୋତେ ନେଇ ଯାହା ଇଚ୍ଛା କରିବେ ।'' ସର୍ଦ୍ଦାର ଶୁଣି ମନେ ମନେ କଣ ଭାବିଲେ ଓ ତା ପରେ ଗାଡ଼ିବାଲାକୁ କହିଲେ, ''ତେଲେଙ୍ଗା ବଜାର ଚଳାଅ ।'' ବାଟରେ ଗାଡ଼ି ଗୁଡ଼ୁଲାବେଳେ ଉଭୟଙ୍କ ମଧ୍ୟରେ ପଦେ ସୁଦ୍ଧା କଥାବାର୍ତ୍ତା ହେଲାନାହିଁ । ସର୍ଦ୍ଦାର ଗୋଟାଏ ଗଭୀର ଚିନ୍ତାରେ ନିମଗ୍ନ ଥିଲେ । ପାଣ୍ଡୁ ନାଏକ ମଧ୍ୟ ନିଜ ଅବସ୍ଥା ଅନୁସାରେ ଆଉ ଗୋଟାଏ ଗାଢ଼ ଧ୍ୟାନରେ ବୁଡ଼ି ରହିଥିଲା । ସେ ଉମାକୁ ଦେଖି, ବନମାଳୀ କେଉଁଠାରେ ଏବଂ କପରି ଅଛି ସେ ଖବର ଦେଇ, ବିଦାୟ ନେଇ ଚାଲିଯିବା ନିମନ୍ତେ ସର୍ଦ୍ଦାରଙ୍କୁ ପ୍ରାର୍ଥନା କରି କିଛି ସମୟ ଛୁଟି ମାଗିଥିଲା ।

ପାଣ୍ଡୁ ନାଏକ ସହିତ ସର୍ଦ୍ଦାର ଯେତେବେଳେ ବଗିରୁ ଓହ୍ଲାଇଲେ, ଗାଡ଼ିବାଲାକୁ ପଚାରିଲେ, ''ତୋ ଭଡ଼ା କେତେ ହେଲା ?'' ଗାଡ଼ିବାଲା ଉତ୍ତର ଦେଲା, ''ହଜୁର୍, ଭଡ଼ା ଘଣ୍ଟା ପିଛା ପାଞ୍ଚଟଙ୍କା ଚାରିଣା । ଆଉ ଦେଖନ୍ତୁ, ମଖମଲ୍ ଗଦିଟା ରକ୍ତରେ କପରି ବୁଡ଼ିଯାଇଚି । ମୋତେ ତା ଦାମଟା ଏ ଯାତ୍ରୁକଠୋଉ ଦିଆଇ ଦିଅନ୍ତୁ ।'' ସର୍ଦ୍ଦାର ପଚିଶି ଟଙ୍କା ଚାରି ଅଣା ନିଜ ପକେଟରୁ ଗାଡ଼ିବାଲାକୁ ଦେଇ ବିଦାୟ କରିଦେଲେ ଏବଂ ପାଣ୍ଡୁ ନାଏକ ସହିତ ତା ଘର ଦ୍ୱାରରେ ଉପସ୍ଥିତ ହେଲେ । ପାଣ୍ଡୁ ନାଏକ ଡାକିବାରୁ ଦ୍ୱାର ଫିଟିଲା । ସର୍ଦ୍ଦାର କହିଲେ ''ମୁଁ ଠିଆ ହେଇଚି । ତୁମେ ଭିତରକୁ ଯାଅ ।'' ସର୍ଦ୍ଦାରଙ୍କର ଏ ପ୍ରକାର ଅନୁଗ୍ରହ ପାଣ୍ଡୁ ନାଏକକୁ ନୂଆ ବୋଧ ହେଲା । ସେ ଘର ଭିତରକୁ ଯାଇ କିଛି ସମୟ ପରେ ଫେରିଆସି ଦେଖିଲା, ସର୍ଦ୍ଦାର ଆଉ ନାହାନ୍ତି ।

ସର୍ଦ୍ଦାର ପାଣ୍ଡୁ ନାଏକ ଘରୁ ଯେ ଚିନ୍ତାମଗ୍ନ ହୋଇ ମୁଣ୍ଡ ତୁଆଇଁ ଫେରିଲେ, ସେ ମୁଣ୍ଡ ସେ ଆଉ ଟେକିପାରିଲେନାହିଁ । ପାଣ୍ଡୁ ନାଏକ ପରି ଜଣେ ଅପରାଧୀ ତାଙ୍କ ପ୍ରାଣ ଦାନ କରିଥିଲା । ତାରି ପ୍ରତ୍ୟୁପକାର ସ୍ୱରୂପ ସେ ଆଜି ଅପରାଧୀକୁ ଦେଖି, ହାତରେ ପାଇ, ବନ୍ଦୀ ନ କରି, ସ୍ୱାଧୀନତା ଦେଇଛନ୍ତି । ଏକ ଦିଗରେ କୃତଜ୍ଞତା ଓ ଅପର ଦିଗରେ କର୍ତ୍ତବ୍ୟର ତ୍ରୁଟି । ସେ ତୁଳି ଦେଖିଲେ, କର୍ତ୍ତବ୍ୟର ତ୍ରୁଟି ତାଙ୍କୁ ବିଶେଷ ଗୁରୁତର ବୋଧହେଲା । ତେଣୁ ସେ ନଇଁପଡ଼ିଲେ, ଜୀବନଟାକୁ ତୁଚ୍ଛ ବିଷୟ ମନେ କଲେ । ସେ ଷ୍ଟାଣ୍ଡିକୁ କିମ୍ବା ନିଜ ଘରକୁ ନ ଫେରି, ନାଠଯୋଡ଼ି ପଥର ବନ୍ଧ ଉପରେ ଯାଇ ନିଜର ପ୍ରେତମୂର୍ତ୍ତି ପରି ଠିଆହୋଇ ଦେଖିଲେ, ବିଶାଳ ତଟିନୀ ବକ୍ଷରେ ପ୍ରଖର ସ୍ରୋତ ବହୁଅଛି । ଦେଖି ସେ କହିଲେ, ''ମା ଗଙ୍ଗା, ଏ ଅଧମ ସନ୍ତାନକୁ କୋଳରେ ଗ୍ରହଣ କର ।'' ନଦୀ ବକ୍ଷ କ୍ଷଣକ ନିମନ୍ତେ ଦୁଇ ଭାଗ ହୋଇ ଗୋଟାଏ ଲହରୀ ଉଠାଇ, ଅବିଳମ୍ବେ ପୁଣି ସମାନ ହୋଇଗଲା । କୂଳରୁ ମନୁଷ୍ୟ ମୂର୍ତ୍ତିଟି ଆଉ ଦେଖା ଗଲାନାହିଁ ।

—୪୮—

# ମିଳନ

ଜଗୁଆଳ ଘରର ଚାକରାଣୀ ବନମାଳୀକୁ ନେଇ ଘର ଭିତରେ ରଖିଲେ । ପାଟଣା ଯେତେବେଳେ ତା ଅବସ୍ଥା ଆସି ସ୍ୱଚକ୍ଷୁରେ ଦେଖିଲେ, ନାକ ଟେକି କହିଲେ, "ଏ କଣ ? ଏ ତ ଘର ଦୁଆର ସବୁ ରକ୍ତରେ ବୁଡ଼ିଯିବ ।" ଚିକିତ୍ସକ ଆସି ବନମାଳୀର ନାଡ଼ି ଦେଖିଲେ ଏବଂ ଅନ୍ୟାନ୍ୟ ଲକ୍ଷଣ ପରୀକ୍ଷା କଲେ । ଜଣାଗଲା, ବନମାଳୀ ମରିନାହିଁ, କେବଳ ମୂର୍ଚ୍ଛିତ ହୋଇ ରହିଛି । ତା ମୁଣ୍ଡର କ୍ଷତଗୁଡ଼ାକ ମୂର୍ଚ୍ଛାର କାରଣ ବୋଲି ସ୍ଥିର କରାଗଲା । ତା' ଛଡ଼ା, ତା ଦେହରେ ନାନା ସ୍ଥାନରେ ଗୁଳିରେ, ସାମାନ୍ୟ ସାମାନ୍ୟ ଆଘାତ ହୋଇଥିଲା ହାତରେ କିନ୍ତୁ ସବୁଠାରୁ ବଡ଼ ଆଘାତ ବାଜିଥିଲା ଏବଂ ସେଥିରେ ଗୋଟାଏ ହାଡ଼ ମଧ୍ୟ ଭାଙ୍ଗି ଯାଇଥିଲା । ଅନେକ ରକ୍ତ ବାହାରିବାରୁ ବନମାଳୀ ନିତାନ୍ତ ଦୁର୍ବଳ ହୋଇ ଯାଇଥିଲା । ତା ପରେ ପୁଣି ଆଘାତ ପାଇବା ସମୟ ପରେ ଦୁଇ ଦିନରୁ ଅଧିକ କାଳ ବିନା ଚିକିତ୍ସାରେ ରହି ଅତି କଦର୍ଯ୍ୟ ଅସ୍ୱାସ୍ଥ୍ୟକର ରାସ୍ତାରେ ବାହକରେ ବୁହାହୋଇ ଆସିଥିବା ଯୋଗେ ତା ଅବସ୍ଥା ଅତ୍ୟନ୍ତ ଗୁରୁତର ହୋଇପଡ଼ିଥିଲା ।

ଚିକିତ୍ସକ ବନମାଳୀର ମୁହଁ ଧୋଇ ପରିଷ୍କାର କରିବା ସମୟରେ ଦ୍ୱାର ଫିଟିଲା ଏବଂ ଗୋଟିଏ ଦୀର୍ଘ ମଳିନ ମୂର୍ତ୍ତି ଦେଖାଗଲା । ଶ୍ରୀନିବାସ ଚମିତରାଏ ଗୋଟାଏ ଛାୟାପରି ଘର ଭିତରେ ପାଦ ପକାଇଲେ । ବିପଦ ସମ୍ବାଦ ପାଇ ସେ ନିତାନ୍ତ ଚିନ୍ତିତ ଓ ଉଦ୍‌ବିଗ୍ନ ହୋଇ ରହିଥିଲେ । ଗତ ରାତିରେ ତାଙ୍କୁ ନିଦ ହୋଇ ନ ଥିଲା, ସକାଳୁ ସାମାନ୍ୟ ଜ୍ୱର ମଧ୍ୟ ଆକ୍ରମଣ କରିଥିଲା । ରକ୍ତାକ୍ତ ବନମାଳୀକୁ ଦେଖି ସେ ଥରିବାକୁ ଲାଗିଲେ । ତଥାପି ସେ କିଛି ସମୟ ପରେ ଡାକିଲେ, "ବନମାଳି" ! ବନମାଳୀ ନ ଶୁଣିବାରୁ କହିଲେ, "ଆଉ କଣ ବନମାଳୀ ଅଛୁ ? ମୋର ଯୋଗେ ଯାଇ ସେ ଗୋଳମାଳ ମାରିପିଟିରେ ପଶି ପ୍ରାଣ ହରେଇଛି । ପାପ ମୋର । ମୋର ଏ ପ୍ରାଣରେ ଆଉ କି କାର୍ଯ୍ୟ ଅଛି ? ମୁଁ ମଧ୍ୟ ମରିବି !" କହି, ମୁମୂର୍ଷୁ ବୃଦ୍ଧ ଶବ ପାଖରେ ଲଥକିନା ବସିପଡ଼ି କାନ୍ଦିବାକୁ ଲାଗିଲେ ।

ବନମାଳୀ ଆଖି ଫିଟାଇ ଶ୍ରୀନିବାସଙ୍କ ମୁହଁକୁ ଚାହିଁଲା । ଦେଖି, ଶ୍ରୀନିବାସ ବିକଳ ସ୍ୱରରେ କହିଲେ, "ବନମାଳି, ବନମାଳି ! ତୁ ବଞ୍ଚିଛୁ ? ତୁ ମୋ ଆଡ଼କୁ ଚାହିଁଛୁ ? ବିଧାତା ମୋ କପାଳେ ଏ ଦୁଃଖ ଲେଖିଥିଲା ?" କହି, ସେ ମୂର୍ଚ୍ଛିତ ହୋଇପଡ଼ିଗଲେ । ବନମାଳୀ ଅନେକ ଦିନ ରୋଗଶଯ୍ୟାରେ ଶୋଇ ରହିଲା । ଅନେକ

ସମୟରେ ସେ ପ୍ରଳାପରେ ରମା ନାମ ଉଚ୍ଚାରଣ କରିବାକୁ ଲାଗିଲା । ଶ୍ରୀନିବାସ ମଧ୍ୟ ତେଣିକି ଜୀବନ୍ମୃତ ଅବସ୍ଥାରେ କାଳ କଟାଇଲେ ।

ପ୍ରତିଦିନ ଏବଂ କେବେ କେବେ ଦିନକେ ଦୁଇଥର, ଜଣେ ବୁଢ଼ା ବନମାଳୀର ଖବର ନେବାକୁ ଜଗୁଆଳ ନିକଟକୁ ଆସୁଥିଲା । ଚାରିମାସ ପରେ ଯାଇ ସେ ଖବର ପାଇଲା ଯେ ରୋଗୀ ବିପଦରୁ ପାରହୋଇଛି । ତା ପରେ ଆଉ ଦୁଇ ମାସ ରୋଗ-ଶଯ୍ୟାରେ ଶୋଇ ବନମାଳୀ ସୁସ୍ଥ ହେଲା । ଭଙ୍ଗା ହାଡ଼ ମଧ୍ୟ ଯୋଡ଼ି ହୋଇଗଲା ।

ରୋଗଶଯ୍ୟାରେ ଶୋଇ ବନମାଳୀ ପ୍ରଳାପରେ ଯେ କେବଳ ରମା ନାମ ଉଚ୍ଚାରଣ କରୁଥିଲା, ତା ନୁହେଁ । ରମାର ସ୍ମୃତି ସେ ମୁହୂର୍ତ୍ତକ ପାଇଁ ସୁଦ୍ଧା ମନରୁ ଦୂର କରି ନ ଥିଲା । ଅନେକ ଦିନ ସେ ତାର କୌଣସି ସମ୍ବାଦ ନ ପାଇ ନିତାନ୍ତ ବ୍ୟସ୍ତ ହୋଇପଡ଼ିଲା । ତା ବିପ୍ଳବୀ ସହକର୍ମୀମାନେ ଏବଂ ବିଶେଷରେ ଚମ୍ପା, ହରିଆ ଓ ଗଦାଧର ମରିଯାଇଥିବା କଥା ସ୍ମରଣ କରି, ସେ ରମାକୁ ଦେଖିବା ନିମନ୍ତେ ଅଧିକ ବ୍ୟାକୁଳ ହୋଇପଡ଼ିଲା । ଅଭୟ ଦାସ ମହମ୍ମଦାୟୀବଜାର ଗୋଳମାଳ ମଧ୍ୟରେ, କିପରି ପାଦ ପକାଇ ଖସି ଚାଲିଗଲେ, ଅଥଚ ରମା ଖବର ତାଙ୍କୁ ପଦେ ସୁଦ୍ଧା କହିଲେ ନାହିଁ, ତାହା ସେ ଭାବିବାକୁ ଲାଗିଲା । ସେ ଯୁଦ୍ଧସ୍ଥଳରୁ କିପରି ରକ୍ଷା ପାଇ ଆସିଲା, ତାହା ତାର ଗୋଟାଏ ଅବୋଧ୍ୟ ବିଷୟ ହୋଇ ରହିଲା । ମୋଟଉପରେ ତାର ଜୀବନ ତାକୁ ଏକ ବିଷମ ଅସମାହିତ ଅନିର୍ଣ୍ଣିତ ସମସ୍ୟା ପରି ବୋଧହେଲା; କିନ୍ତୁ ତା ମଧ୍ୟରେ ଗୋଟିଏ ନିର୍ଦ୍ଦିଷ୍ଟ ଲକ୍ଷ୍ୟ ରହିଲା ରମାକୁ ଦେଖିବା ।

ଦିନେ ଶ୍ରୀନିବାସ ବନମାଳୀର ରୋଗଶଯ୍ୟା ନିକଟରେ ବସି ଶୁଶ୍ରୂଷା କରିବାରେ ଲାଗିଛନ୍ତି, ସେ କହିଲା, "ଶୁଣିବାକୁ ରାଜି ହେଲେ, ମୁଁ ଗୋଟିଏ କଥା କହିବି ଆପଣଙ୍କୁ ।"

"କଣ କହିବୁ, କହନା ।"

"ମୁଁ ବିଭା ହେବାକୁ ଇଚ୍ଛା କରୁଛି ।" ଶୁଣି ଶ୍ରୀନିବାସ ଠୋ ଠୋ ହସି ଉତ୍ତର ଦେଲେ, "ମୁଁ ଜାଣେ । ହଁ, ତୁ ତାକେଇ ବିଭା ହେବୁ । ସେତ ଏକ ବୁଢ଼ାବେଶରେ ନିତି ତୋ କଥା ବୁଝିବାକୁ ଆସୁଛି । ଏବେ ତେଲେଙ୍ଗାବଜାରରେ ରହୁଛି ନା ? ମୁଁ ଭାବୁଥିଲି ଯେ ତୁ ମତେ ସ୍ନେହ କରୁନାହୁଁ । ତୁ ମୋତେ କିପରି ସ୍ନେହ କରିବୁ, ତା ଉପାୟ ମୁଁ ଖୋଜି ପାଉ ନ ଥିଲି, ଏବେ ପାଇଛି । ତୋ ରମାକୁ ତୋ ହାତେ ଆଣି ସମର୍ପିଦେଲେ, ତୁ ମୋତେ ସ୍ନେହ ନ କରି ଯିବୁ କୁଆଡ଼େ ? ତୁ ଭାବୁଥିଲୁ, ମୁଁ ଆଜି ନାହିଁ କରିବି, ଗାଳି ଦେବି । ନା, ରମା ବେଶ୍ ଭଲ ପିଲା । ତାଠୁଁ ଆଉ ଭଲ

କଣ ମୁଁ ନେଇପାରେ ? ତା ହାତ ଧରି ତୁ ସୁଖରେ ରହ !" କହି, ସେ ବନମାଳୀ ମୁଣ୍ଡଟି ନିଜ ଛାତି ଉପରେ ରଖି କାନ୍ଦିବାକୁ ଲାଗିଲେ । ବନମାଳୀ ମଧ୍ୟ କାନ୍ଦିଲା ।

କାନ୍ଦସାରି ବନମାଳୀ କହିଲା, "ବାପା, ମୋ ଦେହ ଭଲ ହୋଇଗଲାଣି । ମୁଁ ଆଜି ତାକୁ ଦେଖିପାରିବି ?"

"ନା, କାଲି ଦେଖିବୁ ।"

"ନା, ବାପା, ଆଜି ।"

"ଆଚ୍ଛା, ଆଜି । ତୁ ମୋତେ ସ୍ନେହ କରୁଚୁ । ବାପା ବୋଲି ଡାକୁଚୁ । ମୁଁ ତ ଏତିକି ନେଉଥିଲେ ବାପ୍ପା !"

ବନମାଳୀ ଓ ରମା ଦୁହିଙ୍କର ଦେଖା ହେଲା । ସେତେବେଳେ ବନମାଳୀ କୋଠରୀରେ ଘରର ସମସ୍ତେ, ଏପରିକି ନୂକର ନୂକରଆଣୀ ପର୍ଯ୍ୟନ୍ତ ଆସି ରୁଣ୍ଡ ହେଲେ । ରମା ପଛେ ପଛେ ଜଣେ ଦୀର୍ଘକାୟ ଶ୍ୱେତକେଶ ବୃଦ୍ଧବ୍ୟକ୍ତି ହସ ହସ ମୁହଁରେ ଆସିଥିଲେ । ସେ ବନମାଳୀର ଅଭିନ୍ନ ଦାସ, ନାଗଡ଼ର ପାଣ୍ଡୁ ନାଏକ । ସେଦିନ ସେ ସୁନ୍ଦର ଲୁଗାପଟା ପିନ୍ଧିଥିଲେ । ସୁତରାଂ ଦୁଆରୀ ଜାଗୁଆଳ ତାଙ୍କୁ ଭଲରୂପେ ଚିହ୍ନି ନ ପାରି ଭୂପାଳଙ୍କୁ କହିଲା, "ମୁଁ ଏ ମୁହଁ ଆଗରୁ ଦେଖିଥିଲି ପରି ମନେ ପଡ଼ୁଚି । ଅଭିନ୍ନ ଦାସ ଘର ଭିତରେ ପ୍ରବେଶ ନ କରି ଦ୍ୱାର ପାଖେ ଠିଆ ହୋଇ ରହିଲେ, ସତେ ଯେପରି ସେ ଘରେ ପାଦ ପକାଇବାକୁ ଭୟ କରୁଛନ୍ତି । ସେ କାନରେ ଗୋଟିଏ କାଗଜପତ୍ର ଯାକିଥିଲେ । ତାହା ଦେଖି ପାର୍ବତୀ ମନେକଲେ ଯେ ସେ ବୋଧେ ନୂଆଶାଢ଼ୀ କିଣିଆଣିଛନ୍ତି ।

ବନମାଳୀ ଓ ରମା ପରସ୍ପରକୁ ଭେଟିବା ଦୃଶ୍ୟ ବର୍ଣ୍ଣନାର ବିଷୟ ନୁହେଁ । ସଂସାରରେ ଏପରି ଅନେକ ଦୃଶ୍ୟ ଅଛି, ଯାହା ଲେଖକ ବର୍ଣ୍ଣନା କରିବାକୁ ଅକ୍ଷମ, ଚିତ୍ରକର ତୂଳିକାରେ ଆଙ୍କିବାକୁ ଅସମର୍ଥ । ବହୁ ଦିନର ବିଚ୍ଛେଦ ପରେ କିଶୋର ପ୍ରେମିକ ପ୍ରେମିକାଙ୍କ ମିଳନ ସେହିପରି ଗୋଟିଏ ଦୃଶ୍ୟ । ସେ ଦୃଶ୍ୟ ଦେଖି ଶ୍ରୀନିବାସ ଆନନ୍ଦରେ ଗଦ୍‌ଗଦ୍ ହେଲେ ଓ ରମାକୁ ଚାହିଁ କହିଲେ, "ଏ ତ ସ୍ୱର୍ଗର ଅପ୍‌ସରା ! ରାଜ-ସିଂହାସନର ଉପଯୁକ୍ତ । ମୋ ଇଆଦରେ ରାଣୀ ହେବ, ରାଜା ହେବ ବନମାଳୀ । ମୁଁ ଅବଶ୍ୟ ସେପରି ଧନୀ ନୁହେଁ, ମୁଁ ଗରିବ । ତେବେ ଗରିବ ଘରେ ମଧ୍ୟ ରାଜା ରାଣୀ ରହିପାରନ୍ତି । ମୋର ବାର୍ଷିକ ଦଶହଜାର ଟଙ୍କାରେ ବନମାଳୀ ରାଜା ହେବ ।

ସଙ୍ଗେ ସଙ୍ଗେ ଗୋଟିଏ ଧୀର ଅଥଚ ଗମ୍ଭୀର ସ୍ୱର ଶୁଣାଗଲା, "ରମା ମଧ୍ୟ ଛ ଲକ୍ଷ ଟଙ୍କାର ରାଣୀ !" ସମସ୍ତେ ଚାହିଁ ଦେଖିଲେ, ତାହା ଅଭିନ୍ନ ଦାସଙ୍କ ସ୍ୱର ।

ସେ ଆସି ପହଞ୍ଚିଲା ସମୟରୁ ପଦେ କଥା ନ ଥିଲେ । ସେ ପଛରେ ଅଲକ୍ଷିତ ଭାବରେ ଠିଆ ହୋଇଥିଲେ । ତାଙ୍କ କଥା ଶୁଣି ଶ୍ରୀନିବାସ ଆବୃତ୍ତି କଲେ, "ଛ ଲକ୍ଷ ଟଙ୍କା !"

"ଆଉ ପନ୍ଦର ହଜାର କାନ୍ତର ବେଶୀ ହବ" କହି, ଅଭୟ ଦାସ କାଖରୁ କାଗଜର ପୁଡ଼ାଟି କାଢ଼ି ଛ ଶହ ଚଉଦ ଖଣ୍ଡ ହଜାରଟଙ୍କିଆ ନୋଟ ଗଣିଦେଲେ ।

ପୂର୍ବରୁ କୁହାଯାଇଛି ଯେ ପାଣ୍ଡୁ ନାଏକ ଜେଲଖାନାରୁ କେତେକ ଦିନ ଖସି ଆସି ସାରଙ୍ଗଗଡ଼ ରାଜକୋଷରେ ଦେବାନ ଧନଞ୍ଜୟ ରାଏଙ୍କ ନାମରେ ଜମା ରହିଥିବା ଟଙ୍କା ଉଠାଇ ନେଇଥିଲା; କିନ୍ତୁ ପୁଣି ଧରାହେବା ଭୟରେ ପ୍ରାୟ ସମୁଦାୟ ଟଙ୍କା ଜଜାରସିଂହ ନିକଟ ବରୁଣେଇ ପାହାଡ଼ ଜଙ୍ଗଲ ମଧ୍ୟରେ ପୋତି ରଖିଥିଲା । ମୋଟ ଛ ଲକ୍ଷ ସତୁରି ହଜାର ଟଙ୍କା ହଜାରଟଙ୍କିଆ ନୋଟ ଆକାରରେ ଅତି ଅଳ୍ପ ସ୍ଥାନ ଅଧିକାର କରିଥିଲା । ସେ ତାହା ଗୋଟିଏ ଛୋଟିଆ ହାତ ବାକ୍ସରେ ବନ୍ଦ ରଖି ସେ ବାକ୍ସଟି ଏବଂ ସୁନ୍ଦରପୁର ମଠ ମହନ୍ତଙ୍କ ରୁପା ଭୁଖାଟି ଗୋଟାଏ ବଡ଼ ସିନ୍ଦୁକରେ ପୂରାଇ, ବିଶେଷ ସାବଧାନରେ, ଉଇ ଆଦି ନଷ୍ଟ ନ କରିବା ଭଳି ଅବସ୍ଥାରେ, ମାଟିରେ ପୋତିଥିଲା । ହାତରୁ ଟଙ୍କା ସରିଗଲେ, ସେ ବେଳେ ବେଳେ ଯାଇ ସେଥିରୁ କିଛି କିଛି ଆଣୁଥିଲା; ମାତ୍ର ସେ ଘଟଣାର ଅଳ୍ପଦିନ ପୂର୍ବରୁ ସମୁଦାୟ ଟଙ୍କା ନେଇ ଆସିଥିଲା ।

---

—୫୯—

## ଦରିଦ୍ର ଲକ୍ଷପତି ହେଲା

ଦୁଇ ମାସ ପରେ ପ୍ରଥମ ବସନ୍ତ ଆଗମନ ସମୟରେ, ବିବାହ ଉତ୍ସବ ଅନୁଷ୍ଠିତ ହେବ ବୋଲି ଦିନ ସ୍ଥିର ହେଲା । ବନମାଳୀ ଏବଂ ରମା ଶ୍ମଶାନରୁ ଉଠି ସ୍ୱର୍ଗ ରାଜ୍ୟରେ ବିହାର କରିବାକୁ ଲାଗିଲେ ।

କିନ୍ତୁ ପାଣ୍ଡୁ ନାଏକଙ୍କୁ ଗୋଟାଏ ବିଷମ ସମସ୍ୟା ଉପସ୍ଥିତ କରିବାକୁ ପଡ଼ିଲା । ବନମାଳୀ ଜାତିରେ କ୍ଷତ୍ରିୟ, କିନ୍ତୁ ରାଜପୁତ୍ର ନୋହିଥିଲେ ସୁଦ୍ଧା, ରାଜବଂଶର ଲୋକ । ରମା ଜୀବନର ଇତିହାସ ଜଣା ପଡ଼ିଲେ, ବନମାଳୀ ସହିତ ତା ବିବାହ ଘଟିବା ଯେ ଅସମ୍ଭବ ହୋଇପଡ଼ିବ, ତାହା ପାଣ୍ଡୁ ନାୟକ ପକ୍ଷେ ଗଭୀର ଚିନ୍ତାର ବିଷୟ ହୋଇ ଉଠିଲା । ଅଥଚ ଶ୍ରୀନିବାସ ରମାର ପରିଚୟ ଆଭିଜାତ୍ୟ ଆଦି ତାଙ୍କୁ

ବାରମ୍ବାର ପଚାରିବାକୁ ଲାଗିଲେ । ସେଥିପାଇଁ ସେ ରମାର ଗୋଟାଏ ଜନ୍ମବୃତ୍ତାନ୍ତ ଉଦ୍ଭାବନ କରି କହିଲା, "ମାତା ମଠରେ ଜଣେ କ୍ଷତ୍ରିୟ କାର୍ଯ୍ୟ କରନ୍ତି; ରମା ତାଙ୍କର ଜଣେ ଆତ୍ମୀୟର କନ୍ୟା ।" ମାତାମଠର ରାଣୀମାତା ରମାର ଯେଉଁ ପରିଚୟ ପାଇଥିଲେ, ସେଥିରେ ଏ ବୃତ୍ତାନ୍ତରେ ଆପତ୍ତି କରିବାର କୌଣସି କାରଣ ନଥିଲା । ରମା ଉତ୍ତରାଧିକାରୀ ସୂତ୍ରେ ଜଣେ ଆତ୍ମୀୟଙ୍କଠାରୁ ଦଶ ଲକ୍ଷ ଟଙ୍କା ପାଇଛି ବୋଲି ବାହାରକୁ ଜଣା ପଡ଼ିଲା । ଫଳରେ ବନମାଳୀ ସହିତ ତାର ବିବାହରେ ବାଧା ରହିଲା ନାହିଁ ।

ତେବେ ପାତ୍ର ନାଏକଙ୍କୁ ରମା ଏତେକାଳ ବାପା ବୋଲି ଡାକି ଆସିଥିଲେ ମଧ୍ୟ, ସେ ଯେ ପ୍ରକୃତରେ ତାର ବାପା ନୁହନ୍ତି, ରମା କ୍ରମେ ବୁଝି ପାରିଲା । ଏ କଥାଟା ରମା ଆଗରୁ ଜାଣିଥିଲେ, ତା ମନରେ ବିଷମ ଦୁଃଖ ହୋଇଥାନ୍ତା; କିନ୍ତୁ ବର୍ତ୍ତମାନ ସେ ବନମାଳୀଙ୍କୁ ପାଇଛି । ସୁତରାଂ ତା ହୃଦୟ ଲାଭ କରିବାରୁ ବୁଦ୍ଧି ଏକପ୍ରକାର ବିଦାୟ ନେଇ ଯାଇଛି । ସଂସାରରେ ପ୍ରତିଦିନ ଜୀବନରେ ଯାହା ଘଟୁଛି, ରମାର ତାହାହିଁ ଘଟିଲା । ଅବଶ୍ୟ ସେଥିରେ ଗୋଟାଏ ରହସ୍ୟ ରହିଗଲା; କିନ୍ତୁ ରମା ବାଲ୍ୟ-କାଳରୁ ରହସ୍ୟ ମଧ୍ୟରେ ହିଁ ବଡ଼ା ହୋଇ ଆସିଛି; ସୁତରାଂ ସେ ବିସ୍ମିତ ହେବାର କାରଣ ନଥିଲା । ପାତ୍ର ନାଏକ ତା ବାପ ନୁହନ୍ତି ବୋଲି ଜାଣି ମଧ୍ୟ, ରମା ତାଙ୍କୁ ପୂର୍ବପରି, 'ବାପା' ବୋଲି ଡାକିବାକୁ ଲାଗିଲା ।

ପାର୍ବତୀ ପ୍ରଥମେ ରମା ସହିତ ବନମାଳୀର ବିବାହ ସମ୍ପର୍କରେ ଆପତ୍ତି କରିଥିଲେ । ସେ ଯେତେବେଳେ ଦେଖିଲେ ଯେ ପିତା ତାଙ୍କ ପରାମର୍ଶ ନ ନେଇ ରମାର ବିବାହ ସ୍ଥିର କରିନେଲେ, ମନେ ମନେ କ୍ଷୁବ୍ଧ ହୋଇ କହିଲେ, "ବାପା ତ ମୋତେ ନ ପଚାରି ଏତେ ବଡ଼ କାମଟାଏ କରି ପକାଇଲେ; ମୋ ଅନ୍ତେ ମୋ ସମ୍ପତ୍ତି କିଏ ଭୋଗ କରିବ, ସେ କଥା ମୁଁ ତାଙ୍କୁ କାହିଁକି ପଚାରିବାକୁ ଯିବି ।" ପାର୍ବତୀଙ୍କ ସ୍ୱାମୀ ଘର ସମ୍ପତ୍ତି ଭୂଜନାରେ ଶ୍ରୀନିବାସଙ୍କ ସମ୍ପତ୍ତି କିଛି ନୁହେ । ପାର୍ବତୀ ସେ ସମ୍ପତ୍ତି କାହାକୁ ଦେବେ, ଅନେକ ଦିନ ସ୍ଥିର କରି ପାରି ନଥିଲେ । ସେ ଦେଖିଲେ ଯେ ବନମାଳୀ ଓ ରମା ବିପୁଳ ସମ୍ପତ୍ତିର ମାଲିକ ହୋଇଛନ୍ତି । ସଂସାରର ରୀତି ହେଉଛି 'ତେଲିଆ ମୁଣ୍ଡରେ ତେଲ ।' ସେହି ନୀତି ଅନୁସରଣ କରି ସେ ନିଜର ସମୁଦାୟ ସମ୍ପତ୍ତି ବନମାଳୀ ହସ୍ତରେ ଅର୍ପଣ କଲେ ।

ବିବାହ ଉତ୍ସବ ପର୍ଯ୍ୟନ୍ତ ପ୍ରତିଦିନ ରମା ଅଭୟ ଦାସଙ୍କ ସହିତ ଶ୍ରୀନିବାସଙ୍କ ଘରକୁ ଆସୁଥିଲା । ବନମାଳୀ ଅବାଧରେ ଉତ୍ସବରେ ଅଭୟ ଦାସଙ୍କୁ ନାନା ପ୍ରକାର ପ୍ରଶ୍ନ ପଚାରିବାକୁ ଲାଗିଲା । ସେ ଯେଉଁ କେତେ ଦିନ ରୋଗ ଶଯ୍ୟାରେ ଶୋଇ ରହିଲା, ସେ ସମୟଟା ତା ସ୍ମୃତି ପଟରେ ଗୋଟାଏ କଳା ଦାଗ ପରି ତାକୁ ବରାବର ଜଣାପଡ଼ିଲା ।

ତା ଗର୍ଭରେ ଅନେକ ଘଟଣା ଲୁଚିଗଲା । କେବଳ ବେଳେ ବେଳେ ସେ ବିପ୍ଳବ ସମୟର ଘଟଣାବଳୀ ଆଖି ଆଗରେ ଝଲସି ଉଠେ । ସେତେବେଳେ ଗଦାଧର ପୁଣି ମରି ଢଳିପଡ଼େ; ଖଣଆ ଗୁଳି ବୃଷ୍ଟି ମଧ୍ୟରେ ଗୀତ ଗାଇ ଗାଇ ବୁଲେ; ସେ ନିଜେ ଅଧାରରେ ତୋପମାନର ଉତ୍ତପ୍ତ କପାଳ ଅନୁଭବ କରେ; ପଦ୍ମନାଭ, ବୈଦ୍ୟନାଥ, ଜଗନ୍ନାଥ ପ୍ରଭୃତି ତା ସହକର୍ମୀମାନେ ସମ୍ମୁଖରେ ଆସି ଉପସ୍ଥିତ ହୁଅନ୍ତି । ସେ ସବୁ ଦୃଶ୍ୟ ମଧ୍ୟରେ ସେ ଅଭୟ ଦାସଙ୍କର ମୂର୍ତ୍ତି ଦେଖେ । କିନ୍ତୁ ଉଭୟ ଅଭୟ ଦାସ ସେ ଜଣେ, ତାର ସେଥିରେ କୌଣସି ସନ୍ଦେହ ଘଟେ । ଯେବେ ବନମାଳୀ ଟିକିଏ ସାହସ ଧରି ଅଭୟ ଦାସଙ୍କୁ ପଚାରିଲା, "ଆପଣ ମହମଦପୁରବଜାର ଜାଣନ୍ତି ?"

"ନାହିଁ, ମୁଁ ତ କେବେ ସେ ନାଁ ଶୁଣିନାହିଁ ।" ତଥାପି ବନମାଳୀ ମନେ ମନେ ଭାବିଲା, "ନା, ଏଇଟା ଭୁଲ ମୋର ଗୋଟାଏ ଭ୍ରମ । ସେ ଆଉ ଜଣେ ଲୋକ । କେବଳ ଚେହେରାଟା ସମାନ ।"

ବିବାହ ଘଟଣା ଅପେକ୍ଷାରେ ନୁହେଁ, ବନମାଳୀ ମୁହଁର କଳଙ୍କମାନେ ଲିଭିବାବେଳେ ତା ହୃଦୟରେ ଆଉ ଏକ ଭାବ ଜାଗିଲା, ତାହା କୃତଜ୍ଞତା । ସେ ନିଜେ ଯାହାଠାରୁ ଯେଉଁ ଉପକାର ପାଇଥିଲା, ସେଥିପାଇଁ କୃତଜ୍ଞତା ଅନୁଭବ କଲା । ପିତାଙ୍କ ନିକଟରେ ସେ କୃତଜ୍ଞ ହେବାକୁ ସ୍ଥିର କରିଥିଲା । ସେ କୃତଜ୍ଞତା ସହିତ ଦୀନା ସାହୁର ନାମ ପବିତ୍ର ଭାବରେ ସଂଶ୍ଳିଷ୍ଟ । ତା ଛଡ଼ା ଯୁଦ୍ଧସ୍ଥଳରୁ ତାକୁ ଆହତ ଅବସ୍ଥାରେ କିଏ ଜଣେ ଶ୍ରୀନିବାସଙ୍କ ପାଖକୁ ବହି ଆଣିଥିଲା । ଏ ଦୁଇ ଜଣଙ୍କୁ ଖୋଜି ବାହାର କରିବା ଅଭିଳାଷ ବନମାଳୀ ମନରେ କ୍ରମଶଃ ପ୍ରବଳ ହୋଇଉଠିଲା ।

ଅନ୍ୟ ନିକଟରେ ଋଣୀ ହୋଇ ବନମାଳୀ ନିଜେ ସୁଖ ଭୋଗ କରିବା ଅସଙ୍ଗତ ବୋଧ କଲା । ଦୀନା ସାହୁ ଅବଶ୍ୟ ଗୋଟାଏ ମହାପାପୀ । କିନ୍ତୁ ସେ ଯେ ସେନାପତି ଗୋବିନ୍ଦ ସିଂହଙ୍କ ପ୍ରାଣ ରକ୍ଷା କରିଛି, ସେଥିରେ ତ କିଛି ସନ୍ଦେହ ନାହିଁ । ଦୀନା ସାହୁ ଜଗତ ନିକଟରେ ଚୋର, ଡକାୟତ, ନରହନ୍ତା ହୋଇପାରେ; କିନ୍ତୁ ବନମାଳୀ ପ୍ରତି ତ ନୁହେଁ । ବନମାଳୀ ଦୀନା ସାହୁକୁ ଲୋକ ଲଗାଇ ସେତେକ ଖୋଜାଇଲା, ସେ ସେତିକି ଅଦୃଶ୍ୟ ହୋଇଗଲା ।

ତା ପରେ ନୂତନ ଅଧିକାରୀ ରୂପରେ ବନମାଳୀ ଅନେକ ସନ୍ଧାନ କଲା । ପ୍ରଥମେ ସେ କେତେଗୋଟାଏ ସୂତ୍ର ଅବଶ୍ୟ ପାଇଲା; କିନ୍ତୁ ଶେଷରେ ସବୁ ଅଳୀକ ପ୍ରମାଣିତ ହୋଇଗଲା । ଯେଉଁ ବଗିରେ ସେ ଶ୍ରୀନିବାସଙ୍କ ଘରେ ଆସି ପଡ଼ିଥିଲା, ତାକୁ ଖୋଜି ବାହାର କଲା । ଗାଡ଼ିବାଲା କହିଲା, "ଦିନେ ମୁଁ ସକାଳ ବେଳଠାରୁ ସନ୍ଧ୍ୟା ପର୍ଯ୍ୟନ୍ତ ପୋଲିସ ସାହେବଙ୍କର ସେହି ବଗି ନେଇ ଜଗନ୍ନାଥବଲ୍ଲଭ ଘାଟିରେ ଜାହା

ଅବସ୍ଥାରେ ଥିଲେ । ସେଠାରୁ ଗୋଟାଏ ପୁରୁଣା କୂଅ ଭିତରୁ ଗୋଟାଏ ମଲ୍ଲମଣିଷ କାନ୍ଧରେ ଧରି ଜଣେ ଲୋକ ଆସିଲା । ସର୍ଦ୍ଦାର ସେ ଲୋକକୁ ଗିରଫଦାର କଲେ; ଆଉ ମଲ୍ଲ ମଣିଷଟାକୁ ମୋ ଗାଡ଼ିରେ ଲଦି ଜୁନପୁରିକି ନେଇଗଲେ ।" ସେ ମଲ୍ଲମଣିଷ ସେ ବନମାଳୀ, ଗାଡ଼ିବାଲା ଚିହ୍ନିଲା । ତା ପରେ ସେ କହିଲା ସେ ପୋଲିସ ସର୍ଦ୍ଦାର [illegible] ସଙ୍ଗରେ ଧରି [illegible] ଗୋଟାଏ ଘରକୁ ଗଲେ । କିନ୍ତୁ ତା ପରେ କଣ ହେଲା, ସେ ଆଉ କିଛି କହିପାରିଲା ନାହିଁ । ଏବେ ବନମାଳୀର କୌଣସି ବିଷୟ ମନେ ପଡୁନାହିଁ । ସୁଡ଼ଙ୍ଗରେ ସେ ଆହତ ହୋଇ ପଡ଼ିବା ସମୟରେ ଗୋଟାଏ ହାତ ଆସି ସେ ତାକୁ ଧରି ପକାଇଥିଲା, ସେତିକି ମାତ୍ର ତାର ମନେ ଅଛି ।

ବନମାଳୀ [illegible] ଅନୁମାନରେ ସମସ୍ତ ବୁଝିଲା । କେହି ଜଣେ ତାକୁ ସୁଡ଼ଙ୍ଗରୁ ବାହାର କରି ସେ ଶ୍ରୀନିବାସଙ୍କ ଘରେ ପହଞ୍ଚାଇଛି, ସେଥିରେ ତାର ସନ୍ଦେହ ରହିଲା ନାହିଁ; କିନ୍ତୁ ସେ କେଉଁ ବାଟେ ଆସିଲା, ବାଟରେ କା'ଣ ଘଟିଲା, କାହିଁକି [illegible] ହେଲା, ଆଦୌ ବୁଝିପାରିଲା ନାହିଁ । ଅଥଚ ତା ଜୀବନ-ରକ୍ଷକକୁ ସେ ଖୋଜି ମଧ୍ୟ ପାଇ ପାରିଲା ନାହିଁ । [illegible] ସେ ବିଷୟରେ କେହି କିଛି ନୂତନ ଖବର ଦେଇପାରିଲେ ନାହିଁ । ଗାଡ଼ିବାଲା କହିଲା, "ସେଦିନ ଘୋର ଘୋର ଅନ୍ଧାର ହୋଇଥିଲା ।" ଶ୍ରୀନିବାସଙ୍କ ବୁଢ଼ା ଜଗୁଆଳ କହିଲା, "ଓଃ, ଲୋକଟାକୁ ଦେଖି ମୋ ପିଲେହି ପାଣି ହୋଇଗଲା ଯେ ।" ଯେଉଁ ଗାଡ଼ିରେ ବସି ତା ରକ୍ଷାକର୍ତ୍ତା ଆସିଥିଲା, ସେ ଗାଡ଼ିର ଚାଳକ ତାକୁ ଅନ୍ଧାରରେ ଚିହ୍ନି ପାରିଲା ନାହିଁ । ଯେଉଁ ଜଗୁଆଳ ସଙ୍ଗେ ସେ ପ୍ରଥମେ ଆସି କଥାବାର୍ତ୍ତା ହେଲା, ସେ ଥରକେ କେବଳ ମୂର୍ତ୍ତିର ଭୀଷଣତା ବର୍ଣ୍ଣନା କଲା ।

ଦିନେ ବନମାଳୀ ଅଭୟ ଦାସଙ୍କ ସଙ୍ଗେ ନିଜ ଜୀବନ ବିଷୟରେ କଥାବାର୍ତ୍ତା କରୁ କରୁ କହିଲା, "[illegible] ଲକ୍ଷ ଟଙ୍କା ଯଦି ମୋର ହୋଇଥାନ୍ତା—" । ଅଭୟ ଦାସ ଉତ୍ତର ଦେଲେ, "କାହିଁକି, ତା ତ ତୁମର ।" ଶୁଣି, ବନମାଳୀ ପୁଣି କହିଲା, "ତାହା ହେଲେ, ମୁଁ ସେ ଟଙ୍କା ସବୁ ତାକୁ ଖୋଜିବାରେ ଖର୍ଚ୍ଚ କରନ୍ତି ।" ଅଭୟ ଦାସ ଶୁଣି ନୀରବ ହେଲେ । ବନମାଳୀ [illegible] ବୁଲିଗଲା । ଅଭୟ ଦାସ ଓ ରମା କଥାବାର୍ତ୍ତା ହେବାକୁ ଲାଗିଲେ । ଧୀରେ ନାନା ଘଟଣା ପଡ଼ିଲା । ତା ମଧ୍ୟରେ ରମା ଗୋଟିଏ ଘଟଣା ଶୁଣି [illegible] ହେଲା । ତା ପରେ ସେ କହିଲା, "ବାପା, [illegible] ତାଙ୍କୁ ଦେଇଦେଲ । ସେ ପୁଣି ଟଙ୍କାଟା ତୁମକୁ [illegible] ଖର୍ଚ୍ଚ କରିଦେବେ । ମୁଁ ତ ଏବେ ବାହାର କରିଦେଲି । ଟଙ୍କା [illegible] । [illegible] ମୁଁ ଆଉ [illegible] ଛାଡ଼ିବ ନାହିଁଟି । ତୁମର ଦ'ଟା [illegible] ମୁଁ [illegible] ପାରିଲି । [illegible] ହୋଇଥିଲେ, କେତେ [illegible] ବାପା ?"

—୭୦—

## ପାଣ୍ଡୁ ନାଏକର ଶେଷ ଲଢ଼େଇ

ବିବାହ ଉତ୍ସବ ଲାଗିଲା । କଟକ ସହରର ଦାଣ୍ଡରେ ପଡ଼ୁଆରେ ବୁଲୁଥିବାବେଳେ ଦୁଇଜଣଙ୍କ ମଧ୍ୟରେ ତଳଲିଖିତ କଥାବାର୍ତ୍ତା ଚାଲିବାର ଶୁଣାଗଲା:—

"ତୁ ଏ କନ୍ୟାକୁ ଦେଖି ଚିହ୍ନି ପାରୁଛୁ ?"

"ନା" ।

"ଆଉ ତା ସାଥିରେ ଯେଉଁ ବୁଢ଼ା ଯାଉଛି, ତାକୁ ?"

"ନା" ।

"ତୁ ତେବେ, ଗୋଟାଏ କାମ କର; ଏ ପଡ଼ୁଆରେ ସାଥି ସାଥି ଯା । ତୁ ବର କନ୍ୟା, ଆଉ ଏ ବୁଢ଼ା, ସମସ୍ତଙ୍କୁ ଚିହ୍ନି ଆ ।"

"କାହିଁକି, ତୁ ଯାଉନାହୁଁ ?

"ମୁଁ ଗଲେ, ସତେ ପୋଲିସ୍ ଦେଖିଲେ, ଆଉ ଛାଡ଼ିବେ କି ? ଧରି ସିନା ନେଇଯିବେ । ତୁ ଯା ଖବର ନେଇ ଆସିବୁ ।"

"ମୁଁ ତ ଯିବି । ଆଜି ମୋତେ ସେଠେଇ ଯାଇ ନାଚ କରିବାକୁ ହେବ । ବଦଳା ଆଣିଦେଉଛ ପରା ?" "ତେବେ ତ ଖୁବ୍ ଭଲ କଥା । ତୁ ଠିକ୍ ଠିକ୍ ଖବର ନେଇ ଆସିବୁ । ତୁ ହର ଓଁ ତମାଠୁ ଅଦ୍ଭୁତ ଖେଳ । ତୁ ବସ୍ତିରେ, କୋଉ ଖବରଟା ବାକି ରହୁନାହିଁ । ଠିକ୍ ବର କିଏ, କନ୍ୟା କିଏ, ଆଉ ସେ ବୁଢ଼ାଟା— ଦେଖିଲୁନା ସେ ବୁଢ଼ାକୁ ?"

ବିବାହ ଉତ୍ସବ ପରେ ଶ୍ରୀନିବାସ ଚମ୍ପତିରାଏ ଏବଂ ପାଣ୍ଡୁ ନାଏକ ବର କନ୍ୟାଙ୍କୁ ଆଶୀର୍ବାଦ କଲେ । ବନ୍ଧୁ ବାନ୍ଧବ ଭୋଜି ଖାଇ ଫେରିଗଲେ । ଭୋଜିରେ କମଳେଶ୍ୱର ଉପସ୍ଥିତ ଥିଲା । ରମା ତାକୁ ଦେଖି ଚିହ୍ନି ପାରିଲା ନାହିଁ । କମଳେଶ୍ୱର ମଧ୍ୟ ଜୀବନରେ ଅସଂଖ୍ୟ ରମଣୀଙ୍କ ସହିତ ପରିଚୟ ଆଳାପ କରିସାରି, ଅଜଣା ଜନତା ମଧ୍ୟରେ ରମାର ପୃଥକ୍ ସତ୍ତା ଅନୁଭବ କରିପାରିଲା ନାହିଁ । ବିବାହ ଉତ୍ସବ ପରେ ବନ୍ଧୁ ବାନ୍ଧବ ଅତିଥି ଅଭ୍ୟାଗତ ସମସ୍ତେ ବିଦାୟ ନେଇ ଗଲେ । କିନ୍ତୁ ପାଣ୍ଡୁ ନାଏକ ରହିବା ପାଇଁ ଶ୍ରୀନିବାସ ଚମ୍ପତିରାଏଙ୍କ ଉଆସରେ ଗୋଟିଏ ସୁନ୍ଦର ସୁସଜ୍ଜିତ କୋଠରୀ ପ୍ରସ୍ତୁତ କରି ରଖାଗଲା । ରମା ମାତ୍ର ବାଲ୍ୟଜୀବନ ପାଣ୍ଡୁ ନାଏକ ଛଡ଼ା ଅନ୍ୟ କାହା ଉପରେ ତା ସ୍ନେହ-ଧାରା ବର୍ଷଣ କରି ନ ଥିଲା । ବର୍ତ୍ତମାନ ବରମାଳୀକୁ ପାଇ ମଧ୍ୟ, ପାଣ୍ଡୁ ନାଏକ ପ୍ରତି ତା ସ୍ନେହର ମାତ୍ରା କେବେ ସୀମା ଟପିଲା ନାହିଁ । ସେ ପଚାରିଲା, "ବାପା, ତୁମେ ଖୁସି ହେଉଛ ?"

"ହଁ ।"

"ତେବେ କିଏ ଦୁହିଁନାହିଁ ଚାଲିଲ ?" ଧାଙ୍ଗ୍ରା ନାଏକ ତମାର ଲେଖା ଘାଇ ମାରେ ବନ୍ଧାଦାବଳାର ଛୁଟିଗଲା ଧନୁଟାରୁ ଥରେ ନେଲେ କେବେ ଝସି ନ ଥିଲା। ସେ ଧା [illegible] ଅନୁ[illegible] [illegible] [illegible] ବନ୍ଧୁ ଧନକ ମେଘୁଅ ଥାଆନ୍ତୁ ଖାଇବାକେ [illegible] ମୁହଁ ରେ [illegible] ଧାଡ଼ାରୀଲା ଘର କିଛି ଦଉଲା।

[illegible] ପଡ଼ି [illegible] ନାରାୟ ଚା[illegible] ଧାଙ୍ଗ୍ରା ନାଏକ ଦୁଃଖ ଧାଇଁ ଏକାଠା ହେଲା। [illegible]ନାରାୟ ଅମନରେ ଆସି ବସିଲେ। ଧାଙ୍ଗ୍ରା ନାଏକକୁ ଟୋଳା ପଡ଼ିଲା। [illegible] [illegible] କହିଲା, "ସେ ସମାରେ କହିଗଲେ, ତାଙ୍କ ଦେହ ଭଲ [illegible] [illegible] ଆ[illegible] ନାହିଁ। [illegible] ଚୁଲି ଯାଉଛନ୍ତି, କାଲିକି ଆସିବେ। [illegible] ମୋତେ ହୁକୁମ୍ ଦେଇ ଯାଇଛନ୍ତି।"

ସେହିଦିନ ତମା ମନରେ ଗୋଟାଏ ଦୁଃଖର ଛାୟା ପଡ଼ିଗଲା। ଅନ୍ୟାନ୍ୟମାନେ ମଧ୍ୟ କିଛି ଦୁଃଖିତ ହେଲେ। ଧାଙ୍ଗ୍ରା ନାଏକ [illegible] ଘରକୁ ଫେରିଯାଇ ଧନୁଷ ଦେଖିଲା ଯେ ନୂଆ [illegible] [illegible] ଅଙ୍କାର; ଏପରିକ ମାଟିକ ପର୍ଯ୍ୟନ୍ତ ସେଠାରେ ନାହିଁ। ସେ ନିଜ ଧାଉଣିକରେ ତମା ପଢ଼ିବାକୁ ଲାଗିଲା। ସେ ତାର ଯେଉଁ [illegible] ଯେଉଁଠି [illegible] ତା [illegible] ଧନା ପାହୁ [illegible] ତମା ପିନ୍ଧୁଥିବା ଛୁଣ୍ଡା [illegible] ବାନ୍ଧାର [illegible] ତା [illegible] ଧନା ପାହୁ [illegible] ସମସ୍ତ ସ୍ମୃତି ସେହି ମୁହୂର୍ତ୍ତରେ ଭଟ୍ଟ କରିଦେଲା ଓ ତା ଧନିର ତମା ଯେଉଁ [illegible] [illegible] ଝଙ୍କ ପିନ୍ଧ ଅନେକ ଦିନ [illegible] [illegible] ପାହୁ [illegible] ଅଣିଲା, ତାକୁ ହାତରେ ଧରି, ତମାର ପିଲା ଦିନ [illegible] ସମ୍ପୂର୍ଣ୍ଣ ଦେଖିବାକୁ ଲାଗିଲା। ସେତେବେଳେ ତା ମନରେ ଗୋଟାଏ ଦୁଃଖର ଅବରଣ ବର୍ଷାକାଳର ମେଘମାଳ ପରି ଛାଇହୋଇ ରହିଲା। ସେ ଦୁଃଖ ପୁଣି ମୂଳ କ୍ରୋଧ ମଧ୍ୟରେ ପ୍ରବଳ କୋହରେ ପରିଣତ ହେଲା। ତା କୋହ ଶୁଣିବାକୁ ସାରା ଘର ମଧ୍ୟରେ କେହି ତେଣୁ ନ ଥିଲା। କେବଳ ଘରର କାନ୍ଥ, ଛାତ ଓ ବାହାରର [illegible] [illegible] [illegible] ତାର ଅନ୍ତରଦ୍ଧ ହୋଇ ଆହୁରି ବିକଟ ଶୁଣାଗଲା।

ସେହି [illegible] ଧାଙ୍ଗ୍ରା ନାଏକ ତା ଜୀବନର ଶେଷ ମୁହୂର୍ତ୍ତ ଲହୁଥିଲା ପରି ଅନୁଭବ କଲା। ବନମାଳୀ [illegible] [illegible] ସୌଭାଗ୍ୟ [illegible] ତା ମନରେ କ [illegible] ହେବା [illegible] ସେହି ସମୟ [illegible] କରାବାକୁ ବସିଲା। ତମାକୁ ସେ [illegible] [illegible] [illegible] [illegible] ତାକୁ [illegible] [illegible] ଧାଇଁ ସେ ତା [illegible] [illegible] [illegible] ଅଛନ୍ତି। ତମା ବନମାଳୀ [illegible] ପାଉଛି। [illegible] ତମକୁ [illegible] [illegible]। [illegible] [illegible] [illegible] [illegible] [illegible] ଅର୍ଥ [illegible] ଅଭାବ ନାହିଁ। କିନ୍ତୁ

ସେସବୁ ଭିତରେ ଏକମାତ୍ର କେଁ ସେ ନିଜେ; ସେ କଥା ପାଣ୍ଡୁ ନାଏକ ବେଶ୍ ହୃଦୟଙ୍ଗମ କରିପାରିଲା । ସେ ରମାର ବାପା ହୋଇ ଯେ ଚାଲି ଆସିଲା, ଆଉ ଚାଲିବା ଉଚିତ କି ନା, ଭାବିବାକୁ ଲାଗିଲା ।

ପାଣ୍ଡୁ ନାଏକ ସମ୍ମୁଖରେ ଗୋଟାଏ ବିଶାଳ ସମସ୍ୟା ଉପସ୍ଥିତ ହେଲା । ଏକ ପକ୍ଷରେ, ରମା ସହିତ ସମ୍ପର୍କ କାଟିଦେବାଦ୍ୱାରା ତାକୁ ଏକ ଅମାନୁଷିକ ତ୍ୟାଗ କରିବାକୁ ପଡ଼ିବ । ଅପର ପକ୍ଷରେ, ରମାର ସୁଖ ସୌଭାଗ୍ୟ । ପାଣ୍ଡୁ ନାଏକ ନିଜ ଘର ଭିତରେ ଏକାନ୍ତରେ ବସି ଜୀବନର ସେହି ଶେଷପୃଷ୍ଠା ଲେଖିବାକୁ ଲାଗିଲା । ସେତେବେଳେ ତାକୁ କେହି ଦେଖିଥିଲେ, ହୁଏତ ମୃତ ବୋଲି ମନେ କରନ୍ତେ । କିନ୍ତୁ ସେ ଯେ ଜୀବନ୍ତ ନିଜେ ତାର ପ୍ରମାଣ ଦେଖାଇଲା; ସମସ୍ତ ରାତି ନିଶ୍ଚଳଭାବରେ ପଡ଼ି ରହି, ଶେଷରେ ଉଠି, ନିମାଇ ପୁରୁଣା ପିଲାଦିନର ଶାଢ଼ୀ ଖଣ୍ଡିକ ଧରି ଗୋଟିଏ ଚୁମ୍ବନ ଦେଲା ।

---

—୨୧—

## ପାଣ୍ଡୁ ନାଏକର ଆତ୍ମପ୍ରକାଶ

ଆରଦିନ ଖୁବ୍ ସକାଳେ ପାଣ୍ଡୁ ନାଏକ ଶ୍ରୀନିବାସ ଚମ୍ପତିରାଏଙ୍କ ଘରେ ପହଞ୍ଚି ଦେଖିଲା ଯେ କେହି ଅଦ୍ୟାପି ଶେଯରୁ ଉଠିନାହାନ୍ତି; କେବଳ ଜଗୁଆଳ ସଦର ଦରଜା ପାଖେ, ହାତରେ ଗୋଟାଏ ବନ୍ଧୁକ ଧରି ସାମାନ୍ୟ ଘୁମେଇ ଘୁମେଇ ଏକା ଠିଆହୋଇଛି । ତାକୁ ଦେଖି ଜଗୁଆଳ ହୁଙ୍କାର କରି ଆଖି ମଳି ମଳି ଘର ଭିତରକୁ ଖବର ଦେବାପାଇଁ ଗଲା । ପାଣ୍ଡୁ ନାଏକ କହିଲା, "ଦେଖ, ମୁଁ ଆସିଚି ବୋଲି କହିବ ନାହିଁ; କହିବ, କିଏ ଜଣେ ଆସିଚି ।" ଜଗୁଆଳ ବିସ୍ମିତ ହୋଇ ପଚାରିଲା, "କାହିଁକି, ହଜୁର ?" ଉତ୍ତର ଶୁଣିଲା, "କହନା । ସେଠିକି କିଏ ଅଛି ? ଖାଲି ବନମାଳୀ ବାବୁଙ୍କୁ କହିବ, ମୁଁ ତାଙ୍କ ସଙ୍ଗେ ଏକା ଦେଖା କରିବାକୁ ଚାହେଁ ।"

ବନମାଳୀ ଆସି ବିସ୍ମିତ ହୋଇ କହିଲା, "ବାପା, ଆପଣ ଆସିଚନ୍ତି ? ମୋତେ ଯେ ବୋକା ପାଇକ ଯାଇ କହିଲା, କିଏ ଜଣେ ଆସିଚି । ଆପଣ ଭିତରକୁ କାହିଁକି ଗଲେ ? କୁଆଡ଼େ ତ ମେଲା ଥିଲା, ଉପରକୁ ସିଧା ସିଧା ଚାଲିଗଲେ ନାହିଁ ?" ପ୍ରଶ୍ନର ଯେ କିଛି ଗୋଟାଏ ଉତ୍ତର ଥାଇପାରେ, ପାଣ୍ଡୁ ନାଏକକୁ ଦେଖାଗଲାନାହିଁ ।

ବନମାଳୀ ପ୍ରତି ତା ମନରେ କେବେ ଭଲ ଭାବ ନ ଥିଲା । ହଠାତ୍ ସେ 'ବାପା' ବୋଲି ଡାକିବାରୁ ପାଣ୍ଡୁ ନାଏକ ଆନନ୍ଦରେ ବିହ୍ୱଳ ହୋଇ ପଡ଼ିଲା । ଅଭୟ ଦାସଙ୍କ ଠାରୁ କୌଣସି ଉତ୍ତର ନ ପାଇ ବନମାଳୀ ପୁଣି ପଚାରିଲା, "ଆପଣ କାଲି ନ ଖାଇ କାହିଁକି ଚାଲିଗଲେ ? ଦେହ କିପରି ଅଛି ? ଭଲ ଅଛି ନା ?"

ପଣ୍ଡା ମହାଶୟଙ୍କ ଉତ୍ତର ପାଇବାକୁ ଅପେକ୍ଷା ନ କରି, କମ୍ପା ପାଉଛି ବୋଲି ମନେ କରି, ବନମାଳୀ ପୁଣି କହି ଲାଗିଲା, "ଉମା ମୋତେ କହୁଥିଲା, ଆପଣ କାଲି ଚାଲିଯିବାରୁ ତା ମନରେ ବଡ଼ ଦୁଃଖ ହେଉଛି । ସେ ଆପଣଙ୍କୁ ଭାବ ମୋତେ କହେ କିନା । ଆପଣ ଆଉ ମୋଠାକୁ ଯିବେନାହିଁ । ଗଲେ, ଉମା କାନ୍ଦିବ । ଆପଣ ଯେବେ ଯିବେ, ତାକୁ ସାଙ୍ଗରେ ନେଇଯିବେ । କାହିଁକି ବା ଯିବେ ? ଆପଣ ତ ଏଠାରେ ରହିବେ । ମୁଁ ମୋ କାମଦାମରେ ଲାଗିବି, ଆପଣ ଉମାକୁ ଧରି ବୁଲିବାକୁ ଯିବେ, ଯେପରି ସେ ଜେଜେ ପଣ୍ଡାଆଙ୍କରେ ବୁଲୁଥିଲେ ।"

"ବନମାଳୀ ବାବୁ ଆପଣଙ୍କୁ ମୋର ଗୋଟାଏ କଥା କହିବାର ଅଛି । ଆପଣ ଜାଣନ୍ତି ନାହିଁ ମୁଁ ଜଣେ ପୁରୁଣା କଏଦୀ, ଦାଗୀ ।" କେତେଗୁଡ଼ାଏ ବିଷୟ ଅଛି, ଯାହା ଯେତେ କଠିନ ଭାଷାରେ ଲୁଚାଯାଉ ପଛକେ, ବୁଝିବା କଷ୍ଟକର ହୁଏନାହିଁ । କିନ୍ତୁ କଥାଗୁଡ଼ାକ ବିଶ୍ୱାସ କରିବା ସୀମା ପାରହୋଇଗଲେ, ଯେତେକ ଯେତେ ସହଜ ଭାଷାରେ ପ୍ରକାଶ କରାଗଲେ ମଧ୍ୟ, ବୁଝିବା ଅସମ୍ଭବ ହୋଇପଡ଼େ । ଅଭୟ ଦାସଙ୍କ କଥାଗୁଡ଼ିକ ବନମାଳୀ ଯେ ନ ବୁଝିଲା ନୁହେଁ; କିନ୍ତୁ ତା କାନରେ ପ୍ରବେଶ କଲାନାହିଁ । ସେ ଗୋଟାଏ ନିର୍ବୋଧ ପରି ଠିଆହୋଇ ରହିଲା । ପାଣ୍ଡୁ ନାଏକ ପୁଣି କହିଲା, "କାଲି ମୋ ଦେହ କିଛି ଖରାପ ହୋଇ ନ ଥିଲା । ମୁଁ ଆପଣମାନଙ୍କ ପରି ବଡ଼ଲୋକଙ୍କ ସଙ୍ଗେ ବସି ଖିଆ ପିଆ କରିବାକୁ ତ ଲୋକ ନୁହେଁ; ସେଥିପାଇଁ ଚାଲିଗଲି । ଆପଣମାନେ ଭଲ ଲୋକ ଭଦ୍ର ଘର ପୁଅ କି ନା ।"

ବନମାଳୀ ଶୁଣି ଚମକିପଡ଼ି କମ୍ପିତ ସ୍ୱରରେ ପଚାରିଲା, "ଆପଣଙ୍କର ଏ ସବୁ କଥାର ଅର୍ଥ କ'ଣ ?"

"ଏଇ ଅର୍ଥ ବାବୁ, ମୁଁ ଜଣେ କଏଦୀ, ଦାଗୀ ଲୋକ ପରା !"

"ଆପଣ କାହିଁକି ମୋତେ ଏପରି କହୁଛନ୍ତି । ଆପଣଙ୍କ ଦେହ ନିଶ୍ଚୟ କିଛି ଖରାପ ହୋଇଛି । କଣ ହୋଇଛି, କହନ୍ତୁ ।"

"ନା ବନମାଳୀ ବାବୁ । ମୋ ଦେହ ବେଶ୍ ଭଲ ଅଛି । ମୁଁ ଚୋରି କରି ଥରେ ଊଣିଶ ବର୍ଷ ଜେଲଖାନାରେ ଥିଲି । ତା' ପରେ ଆଉଥରେ ଚୋରି କରି

ଆଜୀବନ ଜେଲଦଣ୍ଡ ପାଇଥିଲା । ମୁଁ ଲୁଚିଯାଇଥିଲି ସତ; ଧରା ପଡ଼ିଲେ, ଜେଲ-ଖାନାକୁ ଫେରା ହୋଇ ଯିବଥିଲି ।"

ବନମାଳୀ ଭିତରେ ଭିତରେ ଅସ୍ଥିର ହୋଇପଡ଼ିଲା; ତଥାପି ବିଶ୍ୱାସ କରି ପାରିଲା ନାହିଁ । ସେ ଯେତେ ଯେତେ କଥାଟି ବୁଝିଲା ଏବଂ ଯେତେ ବୁଝିଲା ତା ଠାରୁ ବେଶି ଅନୁମାନ କଲା; ତା ଭବିଷ୍ୟତ ସ୍ୱର୍ଗ ଯେପରି ଅନ୍ଧକାରମୟ ଏବଂ ବେପଦ-କଳ୍ପିତ, ସେ ତାର ଆଖି ଆଗରେ ଦେଖିବାକୁ ଲାଗିଲା । ତହୁଁ ସେ କହିଲା, "ଆଉ କଣ ଅଛି, କହନ୍ତୁ । ଆପଣ ମୋର ବାପା କି ?" କହି ସେ ଭୟରେ ପଛକୁ ଦୁଇ ପାଦ ଘୁଞ୍ଚିଗଲା । ପାଣ୍ଡୁ ନାଏକ ମଧ୍ୟ ହଠାତ୍ ଚମକିପଡ଼ି, କହିଲା, "ମୋ ପରି ଲୋକର ହଲପ ଅଦାଲତ ନେବ ନାହିଁ । ତେବେ ମଧ୍ୟ ମୁଁ ହଲପ କରି କହୁଛି, ମୁଁ ତା ବାପା ନୁହେଁ । ମୁଁ ଉମାପତିର କେଉଁ ଦାନରୁ ନୁହେଁ । ମୋ ନାଁ ଅଭୟ ଦାସ ନୁହେଁ, ପାଣ୍ଡୁ ନାଏକ । ଉମାର ମୋ ସହିତ କୌଣସି ସମ୍ପର୍କ ନାହିଁ ।"

"ମୋତେ ଏହା ପ୍ରମାଣ କିଏ ଦେବ ?"

"ମୁଁ ଦେଉଛି ପରା, ମୋ କଥା ବିଶ୍ୱାସ କରନ୍ତୁ ।"

ବନମାଳୀ ପାଣ୍ଡୁ ନାଏକକୁ ଚାହିଁ ଦେଖିଲା, ତା ମୁଖମଣ୍ଡଳ ବେଶ୍ ପ୍ରଶାନ୍ତ । ତହିଁରୁ ସେ ଗୋଟାଏ ମିଥ୍ୟାକଥା ବାହାରିପାରେ ବୋଲି ସମ୍ଭାବନା ଦେଖାଗଲା ନାହିଁ । ତହୁଁ ବନମାଳୀ କହିଲା, "ମୁଁ ଆପଣଙ୍କ କଥା ବିଶ୍ୱାସ କରୁଛି ।" ଶୁଣି, ପାଣ୍ଡୁ ନାଏକ ଆଶ୍ୱସ୍ତ ହେଲା ଏବଂ ପୁନର୍ବାର କହିଲା, "ଉମା ସହିତ ମୋର କି ସମ୍ପର୍କ ? ମୁଁ ବାଟରେ ବୁଲିଯିବା ଲୋକ । ସେ ଯେ ଜନ୍ମ ହୋଇଛି, ଦଶ ବର୍ଷ ଆଗେ ମୁଁ ଜାଣି ନ ଥିଲି । ମୁଁ ଅବଶ୍ୟ ତାକୁ ସ୍ନେହ କରେ । ବୁଢ଼ା ହେଲେ, ସାନ ପିଲାଙ୍କଠାରେ ସମସ୍ତଙ୍କର ସ୍ନେହ ହୁଏ । ତା ବାପା ମା କେହି ନ ଥିବାରୁ, ମୁଁ ତାକୁ ଆଣି ପାଳିଥିଲି ଦିନା; ସେ ଏବେ ଆପଣଙ୍କର । ସେ ବି ଲକ୍ଷ ଟଙ୍କା କଥା ତ ଆପଣ ମୋତେ କିଛି ପଚାରୁନାହାନ୍ତି । ତେବେ ଆପଣଙ୍କର ପୁଣି ସନ୍ଦେହ ହେଉଥିବ । ସେଟା ଚୋରାମାଲ ନୁହେଁ, ମୋ ଉପାର୍ଜିତ ଧନ ।" କହି ପାଣ୍ଡୁ ନାଏକ ବନମାଳୀ ମୁହଁକୁ ଚାହିଁ ରହିଲା ।

ବନମାଳୀ କିଛିକ୍ଷଣ ନୀରବ ରହି, ପରେ ସାମାନ୍ୟ ହସି ନିଷ୍କୃତ ସ୍ୱରରେ କହିଲା, "ମୋତେ ଏତେଦିନ ସବୁ କାହିଁକି କହୁଛନ୍ତି ? ମୁଁ କଣ ପଚାରୁଥିଲି ? ଆପଣ ନ କହିଥିଲେ, ଭଲ ହୋଇଥାନ୍ତା । ଆପଣଙ୍କୁ ତ କେହି ଆଉ ଧରିବାକୁ ଖୋଜୁନାହାନ୍ତି ।"

"ତା ହୋଇପାରେ । ମାତ୍ର ଆପଣ ଭୁଲ ବୁଝିଛନ୍ତି । ମୋତେ ମୁଁ ଧରିବାକୁ ଖୋଜୁଥିବା ପରି । ମୁଁ ମୋ ନିଜ ବାଟ ବନ୍ଦ କରିବାକୁ ବସିଚି । ନିଜେ ନିଜକୁ ଧରିଲେ ଆଉ କିଏ ରଖିପାରିବ ? ମନୁଷ୍ୟର ବିବେକ ତାର ପ୍ରଧାନ ଶତ୍ରୁ, ବିବେକ ତାକୁ ନର୍କରୁ ସ୍ୱର୍ଗକୁ ଉଠାଇନିଏ । ବନମାଳୀ ବାବୁ, ମୁଁ ଚୋର ଡକାୟତ ହୋଇପାରେ; ମାତ୍ର ମୁଁ ଜଣେ ସଚ୍ଚାଲୋକ । ମୁଁ ନିଜକୁ ଆପଣଙ୍କ ଦୃଷ୍ଟିରେ ତଳକୁ ପକାଇ; ମୋ ନିଜ ଦୃଷ୍ଟିରେ ଉପରକୁ ଟେକୁଚି ।"

ପାଣ୍ଡୁନାଏକ କିଛି ସମୟ ନୀରବ ରହି କଷ୍ଟରେ ଛେପ ଢୋକିଲା; ଯେତେ ଯେପରି ତା ଲୁଣ ତାକୁ ପିତା ଲାଗୁଥିଲା ଓ ପୁଣି କହିଲା, "ଅଭୟ ଦାସ ତା ନାଁ ମୋତେ ଧାର ଦେଇଛି; ମୁଁ ଧାର ଶୁଝିଦେବା ଦରକାର । ଗୋଟାଏ ଜାଲ ନାଁରେ ମୁଁ କେତେଦିନ ସଂସାରରେ ଚଳିବ ? କେତେଦିନ ପୋଲିସବାଲାଙ୍କୁ ଦେଖି ଡରିବ ? ନିଜର ଛାଇକି ଦେଖି ଚମକିବ ? ନା, ନା, ନା; ଆଉ ନୁହେଁ । ଏ ଅଧ୍ୟାୟ ସାରିଚି । ସେଥିପାଇଁ ଆପଣଙ୍କୁ ସବୁ କହିବାକୁ ଆସିଲି । ଦିନେ ପେଟ ପୋଷିବା ପାଇଁ ମୁଠାଏ ଚାଉଳ ଚୋରି କରିଥିଲି । ଆଜି ଜଗତରେ ବଡ଼ ହେବା ଲାଗି ଜଣକ ନାଁ ଚୋରେଇ ପାରିବି ନାହିଁ ।"

ଦୁହେଁ ଦୁହିଙ୍କି ଚାହିଁ କିଛି ସମୟ ବସିରହିଲେ । ବନମାଳୀ ପାଟିରୁ କଥା ବାହାରିଲା ନାହିଁ । ପାଣ୍ଡୁ ନାଏକ ପୁଣି କହିଲା, "ଦେଖନ୍ତୁ, ମୁଁ ଆପଣଙ୍କ ଘରେ ବଡଲୋକ କନ୍ୟା ଅଭୟ ଦାସ ନାଁରେ ରହିବ, ଆପଣ ମୋତେ ଶ୍ୱଶୁର ବୋଲି ଖାତିର କରିବେ; ହଠାତ୍ ଦିନେ କିଏ ଆସି କହିବ, ଏଟା ପାଣ୍ଡୁନାଏକ, 'ଗୋଟାଏ ପୁରୁଣା ଦାଗୀ ।' ପୋଲିସ ଧରପଗଡ଼ କରିବେ, କି କଦର୍ଥ ହେବ; କହନ୍ତୁ, ଦେଖି ?" ବନମାଳୀର ନୀରବତା ଉତ୍ତର ଦେଲା । ପାଣ୍ଡୁ ନାଏକ ପୁଣି କହିଲା, "ମୁଁ ଚୁପ୍ ନ ରହି ଭଲ କରିଚି । ମୋ କଥା ଆଉ ଭାବିବେ ନାହିଁ । ମୁଁ ବିଦାୟ ନେଇ ଯାଉଚି ।

ବନମାଳୀ ଯାଇ ପାଣ୍ଡୁ ନାଏକର ହାତ ଧରି ପକାଇଲା । ସେ ଦେଖିଲା, ତାହା ଗୋଟାଏ ପଥରର ହାତ ଓ କହିଲା, "ମୋ ଶ୍ୱଶୁରଙ୍କର କ'ଣ କେହି ଆତ୍ମୀୟ ସ୍ୱଜନ ନୁହନ୍ତି ? ମୁଁ ହାକିମଙ୍କୁ ଧରି ଆପଣଙ୍କ ଦୋଷ କ୍ଷମା କରେଇଦେବି ।"

"କିଛି ଫଳ ନାହିଁ, ବନମାଳୀ ବାବୁ; ମୁଁ ମଲିକି ବୋଲି ଧରି ନଥାନ୍ତୁ । କ୍ଷମା ମାଗି ସୁଖରେ ରହିବା କଥା ପଡ଼ିନାହିଁ । ଏ ଗୋଟାଏ କର୍ତ୍ତବ୍ୟ । ମୋ କର୍ତ୍ତବ୍ୟ ହିଁ ବର୍ତ୍ତମାନ ମୋର ବନ୍ଧନ । ମୁଁ କେବଳ ଗୋଟାଏ କ୍ଷମା ଚାହେଁ—ସେ ମୋ ବିବେକର କ୍ଷମା ।"

—୭୨—

# ରମାକୁ ଦେଖିବାକୁ ଅଳ

ପାଣ୍ଡୁ ନାଏକ ଓ ବନମାଳୀ ଦୁହେଁ କଥାବାର୍ତ୍ତା ହେଉଥିବା ବେଳେ ରମା ଆସି ପଚାରିଲା, "ତୁମେ ସବୁ କ'ଣ ବଡ଼ ବଡ଼ ଗୁରୁଗମ୍ଭୀର କଥା କହୁଚ ? ବାପା, ତୁମେ ମୋ ପାଖକୁ ନ ଯାଇ ଏଠେଇ ବସି ଏ ବାଜେ କଥାଗୁଡ଼ାକ କାହିଁକି ଗପୁଛ ? ତୁମେ ମୋତେ ମନରୁ ଦୂର କରି ଦେଲ ନା କ'ଣ ?" ପାଣ୍ଡୁ ନାଏକ ଏବଂ ବନମାଳୀ ଦୁଇ ଜଣ ଅପରାଧୀ ପରି ନୀରବ ହୋଇ ବସିରହିଲେ । ରମା କହିଲା, "ମୁଁ ଠିକ୍ ଆସି ଧରିଚି । ବାପା, ତୁମେ କ'ଣ ବିବେକ କର୍ତ୍ତବ୍ୟ କଥା ସବୁ କହୁଥିଲ । ଏ ଫେରେ ସେ ଲଢ଼େଇକି ଯିବା କଥା ନା କ'ଣ ? ନା ବାପା, ତୁମେ ଯଦିହେଁ ଗଲେ ମୁଁ ପ୍ରାଣ ହରେଇ ଦେବି ।"

ବନମାଳୀ ଉତ୍ତର ଦେଲା, "ତୁମେ ଭୁଲ ଶୁଣିଚ, ରମା । ଆମେ ବ୍ୟବସାୟ ବିଷୟରେ କଥାବାର୍ତ୍ତା ହେଉଚୁ । ତୁମ ଚ'ଲଣ ଝଙ୍କାରେ କ'ଣ କରିବାକୁ ହେବ, ସ୍ଥିର କରିବାକୁ ବସିଚୁ । ତୁମେ ଯାଅ ନା ।"

"ତେବେ ମୁଁ ରହିବାକୁ କ'ଣ ମନା ଅଛି ?" କହି, ରମା ପାଣ୍ଡୁ ନାଏକ କୋଳକୁ ଗଲା । ପାଣ୍ଡୁ ନାଏକ ଚିତ୍ରପ୍ରତିମା ପରି ବସିରହିଲା; ହଲଚଲ ହେଲାନାହିଁ । ରମା ଚମକିପଡ଼ି କହିଲା, "ବାପା, ତୁମେ ବଡ଼ କଳା ଦିଶୁଚ ? ତୁମ ଦେହ କ'ଣ ଏତେ ଖରାପ ଅଛି ?"

"ନା ଭଲ ହେଇଗଲାଣି ।"

"ରାତିରେ କ'ଣ ଭଲ ନିଦ ହେଇ ନ ଥିଲା ?"

"ହେଇଥିଲା ।"

"ମନ ଦୁଃଖ କରୁଚ ?"

"ନା !"

"ତେବେ ଏମିତି ଦିଶୁଚ କାହିଁକି ? ଦେହ ଭଲ ଅଛି, ରାତିରେ ନିଦ ହେଇଥିଲା, ମନ ଦୁଃଖ ନାହିଁ । ତେବେ, ହସୁନାହିଁ କାହିଁକି ?" ପାଣ୍ଡୁ ନାଏକ ବେତନଭୋଗୀ ଭୃତ୍ୟ ପରି କଥା ମାନି ହସିଲା । ବନମାଳୀ କହିଲା, "ରମା, ଏବେ ଯାଅ ନା !"

"ବାପା, ମୁଁ ରହିବ ନାହିଁ ? ମୁଁ ତ ବାପାଙ୍କ ପାଖକୁ ଆସିଚି, ବାପା, କହ ଦେଖି, ମୁଁ ରହିବ କି ନାହିଁ ?" ପାଣ୍ଡୁ ନାଏକ ଉତ୍ତର ଦେଲା, "ନା ।" ଶୁଣି ରମା

ଝୁଲିଗଲା । ବନମାଳୀ କହିଲା, "ରମା ଏ ସବୁ କଥା ଶୁଣିଲେ—।" ପାଣ୍ଡୁ ନାଏକ ଆପାଦମସ୍ତକ ଥରିବାକୁ ଲାଗିଲା ଓ କହିଲା, "ବନମାଳୀ ବାବୁ, ଏତିକି ପ୍ରାର୍ଥନା, ରମାକୁ ଏସବୁ କଥା କିଛି କହିବେ ନାହିଁଟି । ଅତରେ ସେ କଏଦୀ ଦଳେ ଦେଖି ଘୃଡାଯାକ ଶୋଇନାହିଁ । ସେ ଯେବେ ଜାଣିମ—; ନା ତାକୁ କିଛି କହିବେ ନାହିଁ । ମୋର ଏତିକି ମାଗୁଣି ।" କହି, ସେ ଦୁଇହାତ ମୁହଁରେ ଦେଇ, କାନ୍ଦିବାକୁ ଲାଗିଲା । ଲୁହଧାରରେ ତା ଲୁଗାପଟା ସବୁ ଓଦା ହୋଇଗଲା ।

ବନମାଳୀ କହିଲା, "ଆପଣ ଠିକ ହୁଅନ୍ତୁ । ମୁଁ ତାକୁ କିଛି କହିବି ନାହିଁ ।" କହି ସେ କିଛିବଖତରେ ବସିରହି ମନେ ମନେ ଅନେକ କଥା ଭାବିଲା ଓ ଶେଷରେ କହିଲା, "ଦେଖନ୍ତୁ, ସେ ଦୁ'ଲକ୍ଷ ଟଙ୍କା ଆପଣଙ୍କ ଜମା କେହି ଦେଇଯାଇଛି, ଆପଣ ରଖିବା ଠିକ୍ ହବ ।" ପାଣ୍ଡୁ ନାଏକ କାନ୍ଦଣା ସେପରି ନୀରବ ହୋଇ ବସିଥିଲା, ସେହିପରି ବସିରହିଲା । କେତେକ ସମୟ ପରେ ସେ କହିଲା, "ସବୁ ସରିଲାଣି । ମୋର ଗୋଟିଏ କଥା ଆଉ ପଚାରିବାକୁ ଅଛି । ରମା ତ ଆପଣଙ୍କର । ମୁଁ ଆଉ ତା ସଙ୍ଗେ ଦେଖା କରିପାରିବି କି ନାହିଁ ?

"ନ କଲେ, ଭଲ ହୁଅନ୍ତା ।"

"ଭଲ କଥା; ତାହାହେଲେ କହିବି ନାହିଁ ।" କହି, ପାଣ୍ଡୁ ନାଏକ ଦ୍ୱାର ପାଖକୁ ଗଲା । ଶିକୁଳିରେ ହାତ ଦଅନ୍ତେ ଦ୍ୱାରଟି ଫିଟିଗଲା । ପାଣ୍ଡୁ ନାଏକ ଘୁଞ୍ଚି-ଯାଉଥିଲା; କିନ୍ତୁ ପୁଣି ଦ୍ୱାର ବନ୍ଦ କରି ଆସି ଧୀର ସ୍ଥିର ସ୍ୱରରେ କହିଲା, "ଟିକିଏ ରହନ୍ତୁ । ରମାକୁ ଦେଖିବାକୁ ମୋର ବଡ଼ ଇଚ୍ଛା ହେଉଚି । ଯେବେ କହିବେ, ମୁଁ ବେଳେ ବେଳେ ଆସିବି । ରମାକୁ ଦେଖିବା ଇଚ୍ଛା ହେଉ ନ ଥିଲେ ମୁଁ ତ ଘୁଞ୍ଚି-ଯାଇଥାନ୍ତି । ଆପଣଙ୍କୁ ଆସି ଏସବୁ ମନଠିବା କଥା କାହିଁକି କହନ୍ତି ? ଆପଣଙ୍କର ଯେବେ ଆପତ୍ତି ନ ଥାଏ, ମୁଁ କିଛି ସବୁବେଳେ ଆସିବିନାହିଁ, ଥରକୁ ଥର ଆସି ଆପଣଙ୍କୁ ବିରକ୍ତ କରିବିନାହିଁ, ଥରେ ଥରେ ଆସି ତାକୁ ଦେଖି ଯାଉଥିବି । ଆପଣ ଯେତିକି କହିବେ ସେତିକି ଥର ଆସିବି । ଆଉ ଦେଖନ୍ତୁ; ମୁଁ ଏକାବେଳକେ ନ ଆସିଲେ, ଲୋକେ କ'ଣ କହିବେ ?"

"ଆପଣ ଥରେ ଥରେ ଆସିବେ । ରମା ଆପଣଙ୍କ ଅପେକ୍ଷାରେ ଥିବ ।"

"ଆପଣଙ୍କର ବଡ଼ ଅନୁଗ୍ରହ । ମୁଁ ଏତିକି ଶୁଣି କୃତକୃତ୍ୟ ହେଲି ।" ବନମାଳୀ ପାଣ୍ଡୁ ନାଏକଙ୍କୁ ନମସ୍କାର କଲା, ଆନନ୍ଦ ଓ ନୈରାଶ୍ୟକୁ ବିଦାୟ ଦେବା ନିମନ୍ତେ ଦ୍ୱାର ପର୍ଯ୍ୟନ୍ତ ଗଲା । ସେଠାରେ ବନମାଳୀ ପାଣ୍ଡୁ ନାଏକଠାରୁ ବିଦାୟ ନେଇ ଘରେ ବହିଲା ।

—୨୩—

# ରମାଠାରୁ ବିଦାୟ

ବନମାଳୀ ସ୍ତମ୍ଭୀଭୂତ ହୋଇ ରହିଲା । ସେ ଅନେକ ଦିନ ଯେଉଁ ରହସ୍ୟ ଭେଦ କରି ପାରୁ ନ ଥିଲା, ଅଳ୍ପ ସମୟ ମଧ୍ୟରେ ତାହା ବୁଝିପାରି, ଜୀବନରୁ ଅବଶ୍ୟ ଗୋଟାଏ ଭୁଲ ଦୂର କଲା; କିନ୍ତୁ ଆଜ ଗୋଟାଏ ଗୁରୁତର ଖବରରେ ନର୍ଭିପଡ଼ିଲା ! ବିବାହ ଉତ୍ସବ ନ ସରୁଣୁ ଶ୍ୱଶୁର ଅଭୟଦାସଙ୍କୁ ପାଣ୍ଡୁ ନାଏକ ରୂପରେ ଦେଖି, ଫୁଲ-ଶଯ୍ୟା ତଳେ ସେ ଗୋଟାଏ ବିଷଧର ସାପର ସନ୍ଧି ଅନୁଭବ କଲା ।

ପାଣ୍ଡୁ ନାଏକର ଆତ୍ମପ୍ରକାଶ ବନମାଳୀ ଆକାଶରୁ ଅବଶ୍ୟ ଗୋଟାଏ ମେଘ ଦୂର କରିଦେଲା; କିନ୍ତୁ କ୍ଷଣକ ମଧ୍ୟରେ ମେଘଟା ଫେରିଆସି ପୁଣି ବିକଟ ମୂର୍ତ୍ତିରେ ଉପସ୍ଥିତ ହେଲା । ବନମାଳୀ ପାଣ୍ଡୁ ନାଏକକୁ ଯେ ବିପ୍ଳବସ୍ଥଳରେ ଦେଖିଥିଲା, ତାହା ସେ ମନେ କରିବାକୁ ଲାଗିଲା । ଗୋଟାଏ ଲୋକ ଯୁଦ୍ଧଭୂମିକୁ ଗଲା, ଅଥଚ କୌଣସି ପକ୍ଷରେ ଯୁଦ୍ଧ କଲାନାହିଁ; କିନ୍ତୁ ପୋଲିସ ସର୍ଦ୍ଦାରକୁ ଟାଣି ଟାଣି ନେଇ ଗୁଳି କରି ମାରିଲା—ସେହି ଛବି ସବୁ ତା ଆଖି ଆଗରେ ନାଚିଲା । ସେ ସ୍ଥିର କଲା ଯେ ଗୋଟାଏ ପୁରୁଣା ଦାଗୀ ପୋଲିସ କର୍ମଚାରୀଙ୍କୁ ହତ୍ୟା କରିବା କିଛି ଅସମ୍ଭବ ନୁହେଁ । ହୁଏତ ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ର ବିପ୍ଳବସ୍ଥଳକୁ ଆସିଥିବାର ଖବର ପାଇ ସେ ପ୍ରତିଶୋଧ ନେବାକୁ ଯାଇଥିଲା । ଯେପରି ଗୋଟାଏ ନୃଶଂସ ନିଷ୍ଠୁର ଲୋକ ହାତରେ ପଡ଼ି ରମା ଯେ କିପରି ସୁଗୁଣ ଅର୍ଜିଛି, ସେ ବୁଝିପାରିଲା ନାହିଁ । ଭାବିଲା, "ପ୍ରକୃତି କ'ଣ ମୃଗ-ଶିଶୁର ଲାଳନ ପାଳନ ଭାର ବାଘ ହାତରେ ଅର୍ପଣ କରେ ?" ପାଣ୍ଡୁ ନାଏକ ପରି ଗୋଟାଏ ରାକ୍ଷସ କୋଳରେ ବଢ଼ି ରମା ଯେ ସ୍ୱର୍ଗର ଅପ୍‌ସରା ହୋଇପାରିଛି, ସେଥିପାଇଁ ସେ ଭଗବାନଙ୍କୁ ଧନ୍ୟବାଦ ଦେଲା ।

ରମାର ରୂପଶ୍ରୀ ଏବଂ ହୃଦୟର ମାଧୁର୍ଯ୍ୟ ଦେଖି ବନମାଳୀ ଯେତିକି ଆନନ୍ଦ ଅନୁଭବ କଲା, ତା ସହିତ ପାଣ୍ଡୁ ନାଏକର ସମ୍ପର୍କ ବିଷୟ ସ୍ମରଣ କରି ମନେ ମନେ ସେତିକି ଭୟତ୍ରସ୍ତ ହୋଇପଡ଼ିଲା । ରମା ତା'ର ସମସ୍ତ ହୃଦୟ ଅଧିକାର କରି ରହିଲା । ତା ମଧ୍ୟରେ ସେ ପାଣ୍ଡୁ ନାଏକ ପାଇଁ ବିନ୍ଦୁମାତ୍ର ସ୍ଥାନ ଖୋଜି ପାଇଲା ନାହିଁ । ପରଦିନ ସକାଳେ ପାଣ୍ଡୁ ନାଏକ ଯେତେବେଳେ ଶ୍ରୀନିବାସଙ୍କ ଦୁଆରେ ଆସି ପହଞ୍ଚିଲା, ଚାକରୁଆଳ ପଚାରିଲା, "ସାନ ବାବୁ କହୁଛନ୍ତି, ଆପଣ ତଳ ଘରେ ବସିବେ ନା ଉପରକୁ ଯିବେ ?"

ନା, ତଳ ଘରେ ବସିବି ।" ପାଣ୍ଡୁ ନାଏକ ତଳ ଘରେ ବସି ରହିଲା । ଘରଟି ବଡ଼ ସଙ୍କୀର୍ଣ୍ଣ ଏବଂ ଅନ୍ଧାରିଆ । ଆଗେ ସେଥିରେ ଜାଳେଣି କାଠ ରହୁଥିଲା, ରାତି

ଗୃହରେ ପରିଷ୍କାର କରା ହୋଇଅଛି । ପାଣ୍ଡୁ ନାଏକ ଆସିଲେ, ତାଙ୍କୁ ସେ କେଉଁ ଘରେ ବସିବାକୁ ଦିଆଯିବ, ତାହା ଆଗରୁ ସ୍ଥିର ହୋଇଥିବା କଥା ସେ ବୁଝିପାରିଲା । ସେ ଘରେ ଦୁଇଗୋଟି ଆସନ ପଡ଼ିଥିଲା । ପାଣ୍ଡୁ ନାଏକ ଅନେକ ଦିନ ନ ଖାଇ ନ ଶୋଇ ରହିଥିବାରୁ ନିତାନ୍ତ କ୍ଳାନ୍ତ ଶ୍ରାନ୍ତ ଦୁର୍ବଳ ହୋଇ ପଡ଼ିଥିଲା; ସୁତରାଂ ପହଞ୍ଚିବା ମାତ୍ରେ ଆସନରେ ବସିପଡ଼ିଲା । ରମା ଆସି କହିଲା "ବାପା, ତୁମେ କପରି ଏକ ଅବୁଝା ଲୋକ ? ଏ ଘର୍‌ଟାରେ ଆସି ବସନ୍ତୁ ନା ? ବାବୁ କହିଲେ, ତୁମେ କୁଆଡ଼େ ମୋ ସାଙ୍ଗେ ଏଇ ଘର୍‌ଟାରେ ଦେଖା କରିବାକୁ ଚାହୁଁ କହୁଛ । ଏ କଣ ମ ? ଛି ଛି ଛି !" କହି ରମା ପାଣ୍ଡୁ ନାଏକ କୋଳରେ ବସିବାକୁ ଗଲା । ପାଣ୍ଡୁ ନାଏକ ବସିବା ସ୍ଥାନରୁ ଉଠିପଡ଼ି ଠିଆ ହେଲା । ରମା କହିଲା, "ବାପା, ଚାଲ ଉପରକୁ ଯିବା ।" ଉତ୍ତର ଶୁଣିଲା "ନା" ତଥାପି ରମା ପାଣ୍ଡୁ ନାଏକର ହାତ ଧରି ଟାଣିବାକୁ ଲାଗିଲା । ସେ କହିଲା, "ଏ ଅପରିଷ୍କାର ଘର୍‌ଟାରେ ମୁଁ ତୁମକୁ ବସିବାକୁ ଦେବନାହିଁ ।"

"ଶୁଣ, ରମା—" ।

ପାଣ୍ଡୁ ନାଏକ ରମା ଅଗୋଚରରେ ଜିଭ କାମୁଡ଼ି ଦେଲା; ଓ ତା'ପରେ କହିଲା "ଶୁଣ, ସାଆନ୍ତାଣି, ଜାଣିଛ ମୋ କଥା ସବୁ ସେଇପରି ।"

"ସାଆନ୍ତାଣି ! କାହାକୁ କହୁଛ ମ ? କାହିଁ, ଏଇଠେଇ ତ ଆଉ କେହି ନାହାନ୍ତି ? ବାପା, ତୁମେ କଣ ପାଗଳ ହୋଇଗଲ ?" ଶ୍ମଶାନର ଅଗ୍ନି ଶିଖା ପରି ପାଣ୍ଡୁ ନାଏକର ନୈରାଶ୍ୟକଳଙ୍କିତ ମୁହଁରୁ କ୍ଷୁଦ୍ର ହାସ୍ୟ ରେଖା ବାହାରିଲା, "ତୁମେ ସାଆନ୍ତାଣୀ ହବାକୁ ଇଚ୍ଛା କରୁଥିଲ, ହୋଇଛ ।"

"ବାପା, ମୁଁ କଣ ତମ ପାଖରେ ସାଆନ୍ତାଣୀ ହୋଇଛି ?"

ମୋତେ ବାପା ବୋଲି ଡାକନାହିଁ । ଡାକିବ ପାଣ୍ଡୁ ବୋଲି । ମନେ ରଖିଲ ନା ? ପାଣ୍ଡୁ କି ହେଲେ ପାଣ୍ଡୁଆ ।"

"ତେବେ, ତୁମେ ଆଉ ବାପା ନୁହଁ, ଆଉ ମୁଁ ରମା ନୁହେଁ ? ମୁଁ 'ପାଣ୍ଡୁ' ବୋଲି ଡାକିବି, କି ସୃଷ୍ଟି ଛଡ଼ା କଥା କହୁଛ, ବାପା ? କଣ ହେଲା ତୁମର ? ତୁମେ ଏଠେଇ ରହିବ ନାହିଁ, ଏ ଘରେ ଖାଇବ ନାହିଁ, ମୁଁ କଣ ତୁମର କଳଙ୍କ ? କହୁନା କଣ ହେଲା ?"

"କିଛି ନାହିଁ ।"

"ତେବେ ତୁମେ କାହିଁକି ଏମିତି କହୁଛ ?"

"ଦେଖୁନାହିଁ, ତୁମ ନାଁ 'ରମା' ଥିଲା ଏବେ 'ଶ୍ରୀମତୀ ରମା ଦେବୀ' ହେଲା । ଆଉ ମୋ ନାଁକୁ ତୁମେ କାହିଁକି ନାପସନ୍ଦ କରୁଛ ?

"ମୁଁ ଏ ସବୁ କିଛି ବୁଝିବି ନାହିଁ । ମୁଁ ବାବୁଙ୍କୁ ପଚାରିବି, ସେ ଯେବେ କହିବେ ପାଣ୍ଡୁ ବୋଲି ଡାକିବାକୁ, ଡାକିବି । ସେ କଣ ଏ କଥା କେବେ କହିବେ ? ତୁମେ ପାଗଳ ହେଲ, ବାପା ! ମୋ କଥା ଶୁଣ ।" ରମା ପାଣ୍ଡୁ ନାଏକକୁ ଆଦରରେ କୁଣ୍ଢାଇ ପକାଇ ପୁଣି କହିଲା, "ବାପା, ମୋଠାରେ ନର୍ଦ୍ଦସ୍ତ ହୁଅନାହିଁ ।" ପାଣ୍ଡୁ ନାଏକ ରମା ହାତ ଛଡ଼ାଇ ଦେଇ ଉତ୍ତର ଦେଲା, "ତୁମେ ପର ହେଲ, ସ୍ୱାମୀ ପାଇଲ । ଆଉ ବାପା କଣ ? କେହି ନ ଥିଲେ ସିନା ବାପା !"

"ତେବେ, ମୁଁ କଣ ସୁଖରେ ରହିଲି ବୋଲି ରାଗୁଚ ? ଜନ୍ମ କଲ କିଆଁ ହେଇଥିଲେ, ଏତେ ଯତ୍ନମାନ କରନ୍ତ ନା ?"

ସରଳ କଥା ବେଳେ ବେଳେ ଅଜ୍ଞାତ ଭାବରେ ହୃଦୟର ଗଭୀରତମ କୋଣରେ ଯାଇ ତୀକ୍ଷ୍ଣ ଭାବରେ ବେଦନାଦିଏ । ରମା ସରଳ ଭାବରେ କଥାଟା କହି ପକାଇଲା । ପାଣ୍ଡୁ ନାଏକ ହୃଦୟ ତହିଁରେ ବିଦ୍ଧ ହୋଇଗଲା । ସେ କଳା ପଡ଼ିଗଲା; କେତେକ ସମୟ କିଛି କହି ନ ପାରି ଅବାକ୍ ହୋଇ ରହିଲା ଓ ତା'ପରେ ମନକୁ ମନ କହିଲା ପରି କହିଲା, "ତାର ସୁଖ ତ ମୁଁ ଜୀବନସାରା ଲୋଡ଼ି ଆସିଛି । ଆଜି ଯେବେ ଦେଖି ମୁଁ ରାଗୁ ଥାଏ, ତେବେ ମୋର ମରିବାର ଭଲ ।" ତା'ପରେ ସେ ସାନ୍ତ୍ୱନାରେ ରମାକୁ କହିଲା, "ରମା ତୁ ସୁଖରେ ରହ । ମୋର ସମସ୍ତ ସରି ଆସିଲା ।"

"ହଁ, ତୁମେ ତ ମତେ ଖୁବ୍ କହୁଚ ।" କହି, ରମା ଆନନ୍ଦରେ ଡେଇଁପଡ଼ି ପାଣ୍ଡୁ ନାଏକ ବେକକୁ ଯାକି ଧରିଲା । ପାଣ୍ଡୁ ନାଏକ ମଧ୍ୟ ତାକୁ ଆନନ୍ଦରେ କୁଣ୍ଢାଇ ପକାଇଲା । ସେ ଯେପରି ପୁନରାୟ ରମାକୁ ଫେରି ପାଇଛି, ମୁହୂର୍ତ୍ତିକ ପାଇଁ ତାହା ଅନୁଭବ କଲା । ରମା କହିଲା, "ବାପା, ମୋତେ ସବୁବେଳେ ଛାତିରେ ଧରିଥିବ; ଦୂର କରିଦେବ ନାହିଁଟି । କଥାଟାର ମର୍ମ କ୍ରମେ ପାଣ୍ଡୁ ନାଏକ ପ୍ରତି ଅସହ୍ୟ ହୋଇ-ଉଠିଲା । ସେ ଧୀରେ ଧୀରେ ରମାର ହାତ ଛଡ଼ାଇ କହିଲା, "ସାଆନ୍ତାଣି ! ମୁଁ ଯାଉଚି, ତୁମେ ଘର ଭିତରକୁ ଯାଅ । ତୁମପାଇଁ ହୁଏତ ସେଠି ବସିଥିବେ" । ଦ୍ୱାର ପର୍ଯ୍ୟନ୍ତ ଯାଇ, ପାଣ୍ଡୁ ନାଏକ ପୁଣି କହିଲା, "ମୁଁ ତୁମକୁ 'ତୁ' ବୋଲି କହି ପକେଇଲି, ମୋତେ କ୍ଷମା ଦିଅ ସାଆନ୍ତାଣି ! ଆଉ କେବେ ଏପରି କହିବି ନାହିଁ ।" ରମା ଅବାକ୍ ହୋଇ ଦ୍ୱାର ମୁହଁରେ ଠିଆ ହୋଇ ରହିଲା ।

# ପୁଣି ଏକ ଶଠି

ଅନେକ ସପ୍ତାହ ବିତିଗଲା । ରମା ନୂତନ ସ୍ଥାନରେ ରହି, ନୂଆ ନୂଆ ଆତ୍ମୀୟ ସ୍ୱଜନଙ୍କ ସଙ୍ଗେ ମିଳାମିଶା କରି, କ୍ରମେ ଜଣେ ନୂଆ ଲୋକରେ ପରିଣତ ହେବା ପଥରେ ଚାଲିଲା । ପାଣ୍ଡୁ ନାଏକ ରୋଜ ଆସୁଥାଏ । ସେ ରମାକୁ 'ସାଆନ୍ତାଣୀ' ଏବଂ ରମା ତାକୁ 'ପାଣ୍ଡୁ' ବୋଲି ଅନେକ ଦିନ ଡାକିବାଦ୍ୱାରା ସେ ରମା ନିକଟରେ ଭିନ୍ନ ଆକାରରେ ପ୍ରତିଭାତ ହେଲା । ସେ ରମାଠାରୁ ଦୂରରେ ରହିବାକୁ ଯେ ଇଚ୍ଛା କରୁଥିଲା, ତାହା ସଫଳ ହେଲା । ଦିନେ ରମା ତାକୁ କହିଲା "ତୁମେ ମୋ ବାପା ଥିଲ, ଏବେ ବାପା ହେଉ ନାହିଁ, ତୁମେ ମତେ ପାଳିଥିଲ, ଏବେ ଆଉ ପାଳୁନାହିଁ; ତୁମେ ଅଭୟ ଦାସ ଥିଲ, ଏବେ ପାଣ୍ଡୁ ହେଲ । ପ୍ରକୃତରେ ତୁମେ କିଏ ? ଏ ସବୁ ଛନ୍ଦ କପଟ ମୋତେ କିଛି ଭଲ ଲାଗୁନାହିଁ । ମୁଁ ତୁମକୁ ଭଲ କରି ଜାଣି ନ ଥିଲେ, ଡର ମରୁଥାନ୍ତି ପରା ?"

ସେ ସମୟରେ ଚୌଲଙ୍ଗା ବଜାରରେ ପାଣ୍ଡୁ ନାଏକର ବସା ଥିଲା । ସେ ପ୍ରଥମେ ପ୍ରଥମେ ରମା ପାଖକୁ ଆସି ସେହିକ୍ଷଣି ଫେରିଯାଉଥିଲା; ମାତ୍ର ପରେ କ୍ରମେ କ୍ରମେ ବେଶି ସମୟ ରହିଲା । ଦିନେ କଥାବାର୍ତ୍ତା ହେଉ ହେଉ ରମା ଭୁଲରେ 'ବାପା' ବୋଲି କହିପକାଇଲା । ଶୁଣି ପାଣ୍ଡୁ ନାଏକର ବିଷଣ୍ଣ ମୁଖରେ ଆନନ୍ଦର ଜ୍ୟୋତି ପ୍ରକାଶ ପାଇଲା । ତଥାପି ସେ କହିଲା, "ପାଣ୍ଡୁ ବୋଲି କହ" । ସଙ୍ଗେ ସଙ୍ଗେ ପାଣ୍ଡୁ ନାଏକର ଦୁଇ ଆଖିରୁ ଦୁଇ ଧାର ଲୁହ ବୋହିଗଲା ।

ପାଣ୍ଡୁ ନାଏକ ଦେଖିଲା ସେ ବନମାଳୀ ଅତି ଅଳ୍ପ ବୟସରେ ଚଳୁଛି । ତହୁଁ ଦିନେ ସେ ରମାକୁ କହିଲା, "ତୁମେ ଗୋଟିଏ ଝି କାହିଁକି ରଖୁନାହିଁ ? ମାସରେ ଛ ଟଙ୍କା ଶହେଟା ଖର୍ଚ୍ଚ । ତୁମର ଟଙ୍କାର ଅଭାବ ନାହିଁ ।" ରମା ଉତ୍ତର ଦେଲା, "ମୁଁ ସେ କଥା କିଛି ଜାଣେ ନା ।" ପାଣ୍ଡୁ ନାଏକ ପୁଣି ପଚାରିଲା, "ମାଣିକକୁ କାହିଁକି ବାହାର କରିଦେଲ ? ତା ବାବଦରେ କେତେ ବା ଖରଚ ହେଉଥିଲା ? ଆଉ ଜଣକୁ ରଖ ।" ରମା କହିଲା, "କିଏ ଜଣେ ତ ଅଛି ।"

"ତୁମକୁ ଯାହାଯାହା କରିବା ପାଇଁ ତ ଜଣେ ଦରକାର ।"

"ବାବୁ ଅଛନ୍ତି ।"

"ନା, ତୁମର ଏତେ ନିଃସହାୟ ହୋଇ ରହିବା ଠିକ୍ ନୁହେଁ । ଗାଡ଼ି ଘୋଡ଼ା ରଖିବ, ଚାକରବାକର ରଖିବ, ସୁଖରେ କାଳ କଟେଇବ । ଦରିଦ୍ର ଲୋକଙ୍କ ପରି କାହିଁକି ଚଳୁଚ, କହ ତ ।"

ରମା ଉତ୍ତର ଦେଲା ନାହିଁ । ପାଣୁ ନାଏକ ରମା ପାଖରେ ଯେତେବେଳେ ବେଶି ସମୟ ରହିବାକୁ ଇଚ୍ଛାକରେ, ସେ ବନମାଳୀର ପ୍ରଶଂସା କରିବାକୁ ଲାଗେ । ରମା ସେଥିରେ ଯୋଗ ଦିଏ । ତାହାହେଲେ କଥାବାର୍ତ୍ତାରେ ଅନେକ ସମୟ ଗୁଲିଯାଏ । ଦିନେ ଦିନେ ଗୁନୁକର ଆସି ଡାକେ, "ମା, ଭାତ ବଢ଼ାହେଇ ଶୁଖୁଚି ପରା !" ସେହିପରି ଦିନମାନଙ୍କରେ ପାଣୁ ନାଏକ ତନ୍ମୟମଗ୍ନ ହୋଇ ମନ୍ତ୍ରମୁଗ୍ଧକରେ ଘରକୁ ଫେରେ । ଦିନେ ସେ ଟିକିଏ ବେଶି ସମୟ ରମା ପାଖରେ ରହିଗଲା । ତା ଆରଦିନ ଆସି ଦେଖିଲା, ତା ଦେଖା କରିବା କୋଠରୀରେ ଆଉ ବସିବା ଆସନ ପଡ଼ିନାହିଁ । ଦେଖି, ରମା ବିରକ୍ତ ହୋଇ ଉଠିଲା । ପାଣୁ ନାଏକ କହିଲା, "ମୁଁ ପରା ଆସନ ପକେଇବାକୁ ମନା କରିଥିଲି ।"

"କାହିଁକି ? ସେସ୍ଥାନ ଗଲାନାହିଁ । କଣ ତଳେ ବସିବ ?"

ସେଦିନ ପାଣୁ ନାଏକ ଠିଆ ଠିଆ ଦେଖା କରି ଫେରିଲା ବେଳେ ରମା କହିଲା, "ବାବୁ କାଲି ଗୋଟାଏ କଥା କହୁଥିଲେ ।"

"କଣ କହୁଥିଲେ ?"

"କହିଲେ, 'ରମା, ଅଜା ଆମକୁ ବର୍ଷରେ ତିନି ହଜାର ଟଙ୍କା ଖର୍ଚ୍ଚ କରିବାକୁ ଦେଉଥିଲେ [illegible]ରେ ଚଳିପାରିବ ତ ?' ମୁଁ କହିଲି, ତୁମେ ଥିଲେ ମୁଁ କିଛି ନ ପାଇ ମଧ୍ୟ ଚଳିପାରିବି ।' ତା ପରେ ମୁଁ ପଚାରିଲି, ମୋତେ କାହିଁକି ଏ କଥା କହିଲ ?' ସେ ଉତ୍ତର ଦେଲେ, "ଖାଲି ତୁମ ଇଚ୍ଛା ଜାଣିବାକୁ ।" ମୋର ପୁଣି ଇଚ୍ଛା କଣ, ପାଣୁ ?"

ପାଣ୍ଡୁ ନାଏକ ପରେ ସୁଦ୍ଧା କଥା କହିଲା ନାହିଁ । ସେଦିନ ସେ ଏତେ ବିବ୍ରତ ହୋଇ ଚେଲଙ୍ଗା ବଜାରକୁ ଫେରିଲା ଯେ ନିଜ ଘରକୁ ନ ଯାଇ ଭ୍ରମରେ ଆଉ ଜଣକ ଘରେ ଯାଇ ପହଞ୍ଚିଲା ଓ ସେହି ଘର ଲୋକଙ୍କୁ ଦେଖନ୍ତେ ଭୁଲ ବୁଝିପାରି, ପୁଣି ନିଜ ଘରକୁ ଫେରିଲା । ସେ ମନେ ମନେ ଭାବିଲା, ବନମାଳୀ ବାବୁ ଏ ଛ' ଲକ୍ଷ ଟଙ୍କା କଥାରେ ସନ୍ଦେହ କରିଚନ୍ତି, ବୁଝିଚନ୍ତି ଯେ ଟଙ୍କାଟା ଚୋରି ଧନ । ସେଥିପାଇଁ ସ୍ଥିର କରିଚନ୍ତି, ଦୁଃଖରେ ପଡ଼େ ରହିବେ, ଏ ଟଙ୍କା ଛୁଇଁବେ ନାହିଁ । ତା ପରେ ଶ୍ରୀନିବାସ ଚମ୍ପତିରାଏଙ୍କ ଘରେ ତାକୁ ଜିପରି ବ୍ୟବହାର ମିଳୁଛି, ତାହା ମଧ୍ୟ ସେ ଟିକିଏ ଭାବିଲା ।

ପରଦିନ ପାଣ୍ଡୁ ନାଏକ ଶ୍ରୀନିବାସଙ୍କ ଘରେ ପହଞ୍ଚି ଦେଖିଲା, ଯେଉଁ କୋଠରୀରେ ସେ ରମା ସହିତ ଦେଖା କରେ, ତା ଦ୍ୱାରେ ଗୋଟାଏ ତାଲା ପଡ଼ିଚି । ରମା ଆସି ବ୍ୟସ୍ତ ହୋଇ ପଚାରିଲା, "ଏ ତାଲା କାହିଁକି ମ ?" ପାଣ୍ଡୁ ନାଏକ ଘରର ମାଲିକ

ଘର ଉତ୍ତର ଦେଲ୍ ମୁଁ ତାଙ୍କ ପଢାଇଦେବାକୁ ଶୁକରକୁ କହିଥିଲି । ମୁଁ ବାହାରେ ଠିଆ ଠିଆ କଥାବାର୍ତ୍ତା ହେଉ ଗୁଲିଯିବ ବୋଲି ସେ କାଣେ ।"

"ଏ କଣ ? ସେଦିନ ତୁମେ ବସିବା ଆସନ ଖଣ୍ଡ ବାହାର କରଦେବାକୁ କହିଲ । ଆଜି ପରେ ତାଙ୍କ ପଢାଇଦେବାକୁ ବରାଦ କଲ । ମୁଁ ତୁମ କଥା କିଛୁ ବୁଝି ପାରୁନାହିଁ । ଆଗରୁ ତ ଉପରକୁ ଯିବାକୁ ମନା କରଦେଇଥିଲ । ହଁ, ତୁମେ କଣ ଆଉ ମୋ ବାପ କି ? ତୁମେ ତ କୋଉ ପାଣ୍ଡୁ ହେଇଯାଇଚ । ଏଣିକି ତୁମର ଯାହା ଇଚ୍ଛା । କେବଳ, ଯାହା କହୁଚ; ମୋତେ ଏ ସବୁ କିଛୁ ଭଲ ଲାଗୁନାହିଁ ।"

"ମୁଁ ଯାଉଚି" କହି, ପାଣ୍ଡୁ ନାଏକ ଗୁଲିଗଲା ଓ ତା ପରଦିନ ଆଉ ଆସିଲାନାହିଁ । ସେଦିନ ସଞ୍ଜରେ ରମା କହିଲା, "ଆଜି ପାଣ୍ଡୁ ତ କାହିଁ ଆସିଲେ ନାହିଁ ?" ରମା ମନରେ ଗୋଟାଏ ବିଷାଦ ଭବ ମୁଣ୍ଡ ଟେକି ଉଠୁଥିଲା; ମାତ୍ର ବନମାଳୀ ଆସି ପହଞ୍ଚିବାରୁ, ଉଭେଇ ଗଲା । ପରଦିନ ମଧ୍ୟ ପାଣ୍ଡୁ ନାଏକ ଆସିଲା-ନାହିଁ । ଦିନଯାକ ସେ କଥା ରମାର ମନେ ପଡ଼ିଲା ନାହିଁ । ଆରଦିନ ଶେଯରୁ ଉଠି ତା'ର ସେ କଥା ଯାଇ ମନେ ହେଲା । ସେ ଶୁକରକୁ ତେଲଙ୍ଗାବଜାର ପଠାଇ ପାଣ୍ଡୁର ଦେହ ବ୍ୟସ୍ତ ହୋଇଛି କି ନାହିଁ, ବୁଝିବାକୁ କହିଲା । ଶୁକର ଆସି କହିଲା, "ସେ ଭଲ ଅଛନ୍ତି । କାମରେ ବ୍ୟସ୍ତ ଥିଲେ । ଶୀଘ୍ର ଆସିବେ । ସେ ତ କେଉଁଆଡ଼େ ଯାଉଚନ୍ତି । ସେ ଏଇମିତି ଦୁ'ଦିନ ମାସରେ ଥରେ କୁଆଡ଼େ ଯାଆନ୍ତି ବୋଲି ହଜୁର ତ ଜାଣନ୍ତି, ସେ ମୋତେ କହିଲେ । ଆପଣ ମନରେ ଦୁଃଖ କରିବେ ନାହିଁ ବୋଲି କହି ପଠେଇଚନ୍ତି ।"

ସେ ଘଟଣା ପରେ ପାଣ୍ଡୁ ନାଏକ ଯେ ତୁଳସୀପୁର ନ ଯାଏ, ତା ନୁହେଁ; ଶ୍ରୀନିବାସ ଚୌଧୁରୀଙ୍କ ଫାଟକ ପର୍ଯ୍ୟନ୍ତ ଯାଇ, ଘର ଆଡ଼କୁ କେବଳ ଥରେ ଗୁହିଁ, ବାଟରୁ ଫେରିଆସେ । ଅନେକ ଦିନ ଗୁଲିଗଲା; ଦିନେ ପାଣ୍ଡୁ ନାଏକ ବାହାର ଦରଜା ପାଖେ ବସିଛି, ତା ବାସନ ମାଜିବା ଧାଇ ଆସି କହିଲା, "ବାବୁ, ତୁମେ କାଲି ସେ କିଛୁ ଖାଇନାହିଁ ?"

"ଖାଇଚି ତ" ।

"ଡେଲରେ ଯେମିତି ବାଢ଼ିହୋଇଥିଲା, ସବୁ ତ ସେମିତି ରହିଚି ।"

"ତୁ ପାଣି ମାଠିଆ ଦେଖିନାହୁଁ ବୋଲି ଏମିତି କହୁଚୁ ।"

"ତୁମେ ଭାତ ତିଅଣ କିଛୁ ନ ଖାଇ, ଖାଲି ପାଣି ଗୁଡ଼େ ପିଇଚ । ସେଇଥି ପାଇଁ ଏ ମାଠିଆଟା ତୁଚ୍ଛା ପଡ଼ିଚ । ତୁମର କଣ ଜର ହେଇଚ ?"

ସେ ବୁଢ଼ୀ ଯାଇ ଛଡ଼ା ପାଣ୍ଡୁ ନାଏକର ଆଉ କାହା ସଙ୍ଗେ ଦେଖା ସାକ୍ଷାତ ହୁଏ ନାହିଁ । ଦିନେ ମାତ୍ର ତା ପରେ ପୁଅକୁ କହିଲା, "ସେ ଯେ ବୁଢ଼ା ବାବୁ ଅଛନ୍ତିନା, ଆଜି କେଇଦିନରୁ ଚଳୁନାହାନ୍ତି, ଖିଆପିଆ କରୁନାହାନ୍ତି, କି ରାତିରେ ମଧ୍ୟ ଶୋଉନାହାନ୍ତି । ଆଉ ବେଶି ଦିନ ବଞ୍ଚିଲାପରି ଦିଶୁନାହିଁ । ସବୁବେଳେ ତ କାଶୁଛନ୍ତି । ଆହା ! ଝିଅଟିକି କେତେ ସ୍ନେହ କରୁନଥିଲେ କି ! କେଉଁଠି କୋଉ ଚାପ ଲୋକ ହାତରେ ପଡ଼ିଲା, ସେଇ କଥା ଭାବି ଭାବି ଏପରି ହେଉଛନ୍ତି । ମୋର କଥାରୁ ମୁଁ ଜାଣେ ପରା । ବାପ ମୋତେ ଏ ଘରେ ଆଣି ପୂରାଇଦେଲା । ଦେଖୁଛୁ ତ, ପୁଅ କେତେ କଷ୍ଟ ପାଉଛି ? ପର ଅଇଁଠା ନ ଉଠେଇଲେ ନ ଚଳେ । ସେ ମୋର କଥା ଭାବି ଭାବି ମରିଗଲା । ଆହା, ବାପ ମା ପୁଅଝିଅ ଜନ୍ମ କରି କି କଷ୍ଟ ନ ପାଆନ୍ତି ?"

ଦିନେ ସନ୍ଧ୍ୟାରେ ପାଣ୍ଡୁ ନାଏକ ଶେଯରେ ଶୋଇଥିଲା, ଉଠିବାକୁ ଚେଷ୍ଟା କରି, ଉଠିପାରିଲା ନାହିଁ, କଟେଇଟିରେ ହାତ ଦେଇ ଦେଖିଲା, ନାଡ଼ି ଚଳୁନାହିଁ । କ୍ରମେ ସେ ନିଃଶ୍ୱାସ ମଧ୍ୟ ନେଇପାରିଲା ନାହିଁ । ଅନେକ ସମୟ ବିତିଗଲା; ତା ପରେ ସେ ଉଠି ବସିଲା ଓ କ୍ରମେ ଠିଆ ହେବାକୁ ସକ୍ଷମ ହେଲା । ତହୁଁ ସେ ଶେଯରୁ ଉଠିଯାଇ, ସେହି ଟ୍ରଙ୍କଟିଆ ପେଡ଼ିଟି ଫିଟାଇ, ରମାର ପୁରୁଣା ଶାଢ଼ୀ ଖଣ୍ଡିକ ଆଣି ପାଖରେ ରଖିଲା । ପରିଶ୍ରମରେ ତା ଦେହରୁ ଝାଳ ଗମ ଗମ ବହିଗଲା । ସେ ନିଜ ମୂର୍ତ୍ତି ଦର୍ପଣରେ ଦେଖି ଚିହ୍ନି ପାରିଲା ନାହିଁ; ମନେକଲା ଯେପରିକି ମୃତ୍ୟୁ ଚିହ୍ନ ତା କପାଳରେ ଅଙ୍କିତ ହୋଇସାରିଲାଣି । ସେତେବେଳକୁ ରାତି ହୋଇଯାଇଥିଲା । ସେ ବହୁ କଷ୍ଟରେ ଗୋଟାଏ ଅଳୁଅ ଜାଳିଲା । ସେତିକି ପରିଶ୍ରମରେ ସେ ମୂର୍ଚ୍ଛିତ ହୋଇ ପଡ଼ିଗଲା ଓ ମୂର୍ଚ୍ଛାରୁ ଉଠି, ଅତ୍ୟନ୍ତ ଅଧୀର ହେଲା । ସେ ପାଣି ମାଠିଆ ଟେକି ନ ପାରିବାରୁ ସେଥିରେ ମୁହଁ ଲଗାଇ ଟିକେ ପିଇଲା ।

ହଠାତ୍ ପାଣ୍ଡୁ ନାଏକ ଦେହରେ ସାମାନ୍ୟ ବଳ ଆସିଲା । ତହୁଁ ସେ କାଗଜ ଧରି ଲେଖିଲା, "ରମା, ମୁଁ ଆଶୀର୍ବାଦ କରୁଛି । ମୁଁ ଆଜ ତୋତେ ଗୋଟାଏ କଥା ଲେଖିବାକୁ ଯାଉଛି । ମୁଁ ତୋ ସଙ୍ଗେ ଦେଖା କରିବା ଭଲ ହେବନାହିଁ ବୋଲି ତୋ ସ୍ୱାମୀ ଯେ ସ୍ଥିର କଲେ, ସେ ଠା ବେଶ୍ ହୋଇଛି; କିନ୍ତୁ ସେ ଯାହା ଭାବଛନ୍ତି, ତା ଠିକ୍ ନୁହେଁ । ଯାହାହେଉ, ତାଙ୍କ କାର୍ଯ୍ୟ ବଡ଼ ଠିକ୍ ହୋଇଛି । ସେ ଖୁବ୍ ଉପଯୁକ୍ତ ଲୋକ । ମୁଁ ମରିଗଲା ପରେ ତୁ ମୋ କଥା ଏକାବେଳକେ ଭୁଲିଯାଇ, ତାଙ୍କୁ ସ୍ନେହ କରୁଥିବୁ ! ବନମାଳୀ ବାବୁ, ଆପଣ ମଧ୍ୟ ମୋ ଗଣ୍ଡି ଧନଟିକି ସ୍ନେହ କରିବେ । ଆଉ ଏକ କଥା କହି ରଖୁଛି । [illegible] । କଥା ଏହି — ବିଦେଶୀ ରଙ୍ଗ ଆସି ଏ ଦେଶରେ ଚାଲୁ ହେଉଛି; କିନ୍ତୁ ଦେଶୀ ଗେରୁ ପରି କୌଣସି ରଙ୍ଗ ସ୍ଥାୟୀ କାମ୍ୟ ସୁନ୍ଦର ନୁହେଁ । ଫପସା ମାଟିଆ ପଥର ମାଟିରୁ ଗେରୁ ଉଠାଇ କଲେ, ମହଣକେ

ଦଶଟଙ୍କା ବାରଅଣା ଖର୍ଚ୍ଚ ପଡ଼ିବ । ବିଦେଶୀ ରଙ୍ଗ ମହଣକୁ ଦେଢ଼ଶହ ଟଙ୍କା । ତେବେ ମହଣ ପଚିଶ ଟଙ୍କାରେ ବିକ୍ରୀ କଲେ ମଧ୍ୟ ଅଣତିରିଶଟଙ୍କା ଚାରିଅଣା ଲାଭ ।"

ପାଣ୍ଡୁ ନାଏକ ଆଉ ଦେଖିପାରିଲା ନାହିଁ । ତା'ର କୋହ ଉଠିଲା । ସେ କାନ୍ଦୁଣି ମାନ୍ଦୁଣି ହୋଇ କହିଲା, "ଆଉ ନୁହେଁ । ପ୍ରାଣ ଛାଡ଼ି ଆସିଲାଣି । ମୁଁ ତାକୁ ଦେଖି ପାରିବି ନାହିଁ । ଓଃ ସଇତାନ, ସଇତାନ । ଆଉ ତା ସାଙ୍ଗେ ଦେଖା ହେବ ନାହିଁ । ଭଗବାନ୍ !"

ଠିକ୍ ସେହି ସମୟରେ ବାହାର ଦୁଆରେ କିଏ ଠକ୍ ଠକ୍ କଲା । ସେତେବେଳକୁ ଗୋଟାଏ ମୋଟରଗାଡ଼ିର ଘର୍ଘର ଶବ୍ଦ ସେଠାରୁ ବନ୍ଦ ହୋଇଗଲା; କିନ୍ତୁ ତା ପ୍ରତିଧ୍ୱନି ଅନ୍ଧାରି ପବନରେ ମିଶୁଥିଲା ।

---

—୭୫—

## ଦୀନା ସାହୁ ଗୁପ୍ତକଥା ଫିଟାଇଲା

ସେହି ଦିନ ସନ୍ଧ୍ୟାରେ ବନମାଳୀ ହାତରେ ଜଣକର ଖଣ୍ଡିଏ ଚିଠି ଦେଇ କହିଲା "ଚିଠି ଦବା ଲୋକ ପାଞ୍ଚ ଘରେ ବସିଛନ୍ତି ।" ଚିଠିରୁ ଧୂଆଁପତ୍ର ଗନ୍ଧ ଆସୁଥିଲା । ଗନ୍ଧ ସଙ୍ଗେ ସ୍ମୃତିର ଗୋଟାଏ ଅଦୃଶ୍ୟ ସମ୍ପର୍କ ରହିଛି । ବନମାଳୀ ସେ ଧୂଆଁପତ୍ର ଗନ୍ଧ ଚିହ୍ନି ପାରିଲା । ଚିଠିରେ ଠିକଣା ଲେଖାଥିଲା—

ଜମିଦାର ବନମାଳୀ ଚମ୍ପତିରାଏ ।

ତାଙ୍କ ନିଜଘର ।

ଧୂଆଁପତ୍ର ଗନ୍ଧରୁ ସେ ହସ୍ତାକ୍ଷର ମଧ୍ୟ ଚିହ୍ନିଲା । ଅଗାଧୁ ବେହେରା ଘର ଦୃଶ୍ୟ ଆଖିରେ ଆସି ନାଚିଗଲା । ସେ ଯେଉଁ ଦୁଇଜଣ ଲୋକଙ୍କୁ ଏତେକାଳ ଧରି ଖୋଜୁଥିଲା, ତା ମଧ୍ୟରୁ ଜଣକୁ ବିନା ଚେଷ୍ଟାରେ ପାଇଗଲା । ଚିଠି ଫିଟାଇ ପଢ଼ିଲା ।

"ଜମିଦାର ମହାରାଜ ।

ଭଗବାନ ମୋ ପ୍ରତି ଅନୁଗ୍ରହ କରିଥିଲେ, ମୁଁ ଆଜି ଜମିଦାର ଦୀନବନ୍ଧୁ ସାହୁ ହୋଇ ବସିଥାନ୍ତି; କିନ୍ତୁ ଦୁର୍ଭାଗ୍ୟକୁ ହୋଇନାହିଁ । ସେଥିପାଇଁ ଆପଣଙ୍କ ପାଖେ

ଆସି ପ୍ରାର୍ଥୀ ହୋଇଅଛୁ । ଆପଣ ମୋର କିଛିଏ ଉପକାର କଲେ, ମୁଁ ମଧ୍ୟ ଆପଣଙ୍କର କିଛି ଉପକାର କରିବି । ଆପଣଙ୍କର ଖୁବ୍ ନିକଟ ସମ୍ପର୍କୀୟ ଜଣେ ଲୋକ ବିଷୟରେ ମୁଁ ଗୋଟାଏ ବିଶେଷ ସମ୍ବାଦ ଜାଣେ । ମୁଁ ସେ ସମ୍ବାଦ ଆପଣଙ୍କୁ ଦେବାକୁ ପ୍ରସ୍ତୁତ ଅଛି । ଆପଣ ସମ୍ବାଦ ପାଇଲେ, ସେ ଲୋକକୁ ଆପଣଙ୍କର ଏ ଭଦ୍ର ପରିବାରରୁ ନିଶ୍ଚୟ ଦୂର କରିଦେବେ । ବର୍ତ୍ତମାନ ଗୋଟାଏ ପବିତ୍ର ମନ୍ଦିର ମଧ୍ୟରେ ଜଣେ ନିତାନ୍ତ ପାପୀ ବସି ପୂଜା ପାଉଅଛି ।

ଆପଣଙ୍କର

ଦୀନବନ୍ଧୁ ସାହୁ"

ବନମାଳୀ ଦସ୍ତଖତ ଦେଖି, ବିସ୍ମିତ ହୋଇପଡ଼ିଲା; କିନ୍ତୁ ପର ମୁହୂର୍ତ୍ତରେ ସେ ସେତେବେଳେ ଦେଖିଲା ଯେ ଜୀବନରେ ବହୁକାଳ ଖୋଜିଥିବା ଲୋକକୁ ନିଜ ଘରେ ଅକସ୍ମାତ୍ ପାଇଛି, ତା ହୃଦୟ ଆନନ୍ଦରେ ପୂରିଗଲା । କେବଳ ତା ନିଜ ରକ୍ଷାକର୍ତ୍ତାଙ୍କୁ ଦେଖି ପାରିଲେ, ତା ଜୀବନରେ ଯେ କିଛି ଅଭାବ ରହିବ ନାହିଁ, ସଙ୍ଗେ ସଙ୍ଗେ ସେ ଭାବ ମଧ୍ୟ ମନରେ ଜାତ ହେଲା । ସେ କେତେଗୁଡ଼ାଏ ଶବ୍ଦ ହିଁ ଆ ତୋଟ ପାଖରେ ରଖି ପଢ଼ ଲୋକଙ୍କୁ ଡକାଇଲା ।

ଜଣେ ଲୋକ ଘର ମଧ୍ୟରେ ପ୍ରବେଶ କଲା । ଦେଖି ବନମାଳୀ ମନେ ମନେ ବିସ୍ମିତ ହେବାକୁ ଲାଗିଲା । ଲୋକଟି ତା ନିକଟରେ ସମ୍ପୂର୍ଣ୍ଣ ଅପରିଚିତ । ବେଶଭୂଷା ଦେଖିବାକୁ କେବଳ ସୁନ୍ଦର ନୁହେଁ; ମୂଲ୍ୟବାନ୍ ମଧ୍ୟ । ତେବେ, ସେ ଯେଉଁ କୁର୍ତ୍ତାଟି ପିନ୍ଧିଥିଲା, ତା ଦେହକୁ ତାହା ଖାପ ଖାଉନଥିଲା । ଦେଖିଲେ ମନେ ହେଉଥିଲା ସେ ଆଉ କାହାର କୁର୍ତ୍ତା । ବନମାଳୀ ସେତେବେଳେ ଦେଖିଲା ଯେ ସେ ଯାହାକୁ ଦେଖିବ ବୋଲି ଆଶା କରି ବସିଥିଲା, ଲୋକଟି ତାଠାରୁ ପୃଥକ୍; ତାର ବଦଳ୍କୁ ଜାଣିଲା । ସେ ପଚାରିଲା, "ଆପଣଙ୍କର କଣ ଦରକାର ?"

"ଜମିଦାର ମହାରାଜ, ଲଙ୍କାରେ ଗୋଟାଏ ଛୋଟିଆ ଗ୍ରାମ ଅଛି । ସେ ଗ୍ରାମଟି ଗୋଟିଏ ନଦୀ କୂଳରେ । ଗ୍ରାମର ଦୃଶ୍ୟ ଖୁବ୍ ଚମତ୍କାର । ତା ସମ୍ମୁଖରେ ଗୋଟିଏ ପାହାଡ଼ ଅଛି । ସେହି ଗ୍ରାମକୁ ଯିବାକୁ ଇଚ୍ଛା କଲେ; କେହି ସହଜରେ ପଶିପାରିବ ନାହିଁ ।"

"ଆପଣ କଣ କହିବାକୁ ଚାହୁଁଛନ୍ତି !"

"ମୋଟ ଉପରେ ଗ୍ରାମଟି ଏତେ ମନୋରମ ଯେ—"

"ତା ପରେ କଣ ହେଲା ? କଥା ଶେଷ କରନ୍ତୁ । ମୋର ଏତେ ଶୁଣିବାକୁ ଫୁରସତ୍ ନାହିଁ । ଯାହା ଦରକାର ସିଧା ସଳଖେ କହନ୍ତୁ ।"

"ମୁଁ ସେଠାକୁ ଯିବାକୁ ଇଚ୍ଛା କରୁଛି । ସେଇଠେଇ ଯାଇ ରହିବି । ମୋ ସାଙ୍ଗେ ମୋ ଭାର୍ଯ୍ୟା ଆଉ ଝିଅ । କିଛି ଟଙ୍କା ହେଲେ, ଯିବି ।"

"ଯାଆନ୍ତୁ, ମୋ ସାଙ୍ଗେ ସମ୍ପର୍କ କଣ ?"

"ଆପଣ କେବେ ମୋ ଚିଠି ପଢ଼ିନାହାନ୍ତି ?" ସେ କଥା ଠିକ୍ । ବନମାଲୀ ଚିଠିର ଲେଖାଟା ଅବଶ୍ୟ ଥରେ ଦେଖିଯାଇଥିଲା; କିନ୍ତୁ ଲିଖିତ ବିଷୟ ପ୍ରତି ଦୃଷ୍ଟି ଦେଇ ନ ଥିଲା । କଥାବାର୍ତ୍ତାରେ ସେ ଶୁଣିଲା, "ମୋ ଭାର୍ଯ୍ୟା ଆଉ ଝିଅ ।" ଲୋକଟା ଆଡ଼କୁ ବନମାଲୀ ଖୁବ୍ ତୀକ୍ଷ୍ଣ ଦୃଷ୍ଟିରେ ଚାହିଁବାକୁ ଲାଗିଲା ଓ କହିଲା, "କଣ କହିବେ; ସ୍ତୋକରେ କହିଯାନ୍ତୁ ।"

"ମୁଁ ଖୁବ୍ ସ୍ତୋକରେ କହିବି । ମୋର ଏକ ଗୁପ୍ତକଥା ଅଛି ।"

"ମୋ ସାଙ୍ଗେ ସେ କଥାର କି ସମ୍ପର୍କ ?"

"ଅଛି ।"

"କଥାଟା କ'ଣ ?"

"ଆପଣ ଉଆସରେ ଗୋଟାଏ ସ୍ନେହର ଅନ୍ଧ ନନ୍ଦନାକୁ ରଖିଛନ୍ତି ।" ବନମାଲୀ ଦମ୍ଭପୂର୍ବକ କହିଲା, "ନା, ଅନ୍ଧୀ ନୁହେ ।"

"ହଁ, ନନ୍ଦନା ଅନ୍ଧ ନେତ୍ର । ଆପଣ ଶୁଣନ୍ତୁ, ମୁଁ କିଛି ବେଶି ସମୟ, ଘାଟେଉଡ଼ ଯାଉଥିବା, ଫୁଟୁଆ କଥା କହୁନାହିଁ । ଅଳ୍ପଦିନ ତଳ କଥା କହିବି । ଲୋକଟା ନାଁ ବଦଳେଇ ଆପଣଙ୍କ ଘରେ ଆପଣଙ୍କ ପରିବାର ଭିତରେ ଜଣେ ହୋଇ ରହିଛି । ମୁଁ ତା ନାଁ ଆପଣଙ୍କୁ କହିବି; ମାତ୍ର ମାଗଣା କହିବିନାହିଁ । ତା ନାଁ ପାଣ୍ଡୁ ନାଏକ ।"

"ମୁଁ ଜାଣେ ।"

"ଆହୁରି ଶୁଣନ୍ତୁ, ସେ ଜଣେ ପୁରୁଣା କଏଦୀ ଦାଗୀ ।"

"ମୁଁ ଜାଣିଛି ।" ବନମାଲୀ ସେପରି ଉତ୍ତର ଦେବାରୁ ବିଶେଷତଃ ସବୁ ବିଷୟ ପୂର୍ବରୁ ଜାଣିଛି ବୋଲି କହିବାରୁ, ଲୋକଟା ଟିକିଏ ବିରକ୍ତ ହୋଇ ଉଠିଲା । ବନମାଲୀ ତାହା ବୁଝିପାରିଲା । ତଥାପି ସେ ଲୋକ ପୁଣି ହସି ହସି କହିଲା, "ଆପଣ ଯାହା କହୁଛନ୍ତି, ମୁଁ ନାହିଁ କରୁନାହିଁ । ମୁଁ ଯାହା କହିଗଲି, ଆପଣ ଜାଣିଥିବେ; ମାତ୍ର ଅଉ ଯାହା କହିବି, ମୋ ଛଡ଼ା ଆଉ କେହି ଜାଣନ୍ତି ନାହିଁ । ଆପଣଙ୍କ ରାଣୀଙ୍କ ସମ୍ପତ୍ତି ସହିତ ସେ କଥାର ସମ୍ପର୍କ ଅଛି । ସେ ଗୁପ୍ତ କଥା ଆଗ ଆପଣଙ୍କୁ କହୁଛି । ଆପଣ ମୋତେ ଉଚିତ ମୂଲ୍ୟ କୋଡ଼ିଏ ହଜାର ଟଙ୍କା ଦେବେ ।"

"ମୁଁ ସେ ଗୁପ୍ତକଥା ମଧ୍ୟ ଜାଣେ । ଆପଣଙ୍କର ମୋତେ କିଛି ନୂଆ କଥା କହିବାର ନାହିଁ ।"

"ଯାହାହେଉ, ମୁଁ ତ ଅନ୍ନ ମୁଠେ ଖାଇବି । ଶୁଣନ୍ତୁ, ମୁଁ କଣ କହୁଛି ! ମୋତେ ନଗଦରେ କୋଡ଼ିଏଟା ଟଙ୍କା ଦିଅନ୍ତୁ ।" ବନମାଲୀ ବିରକ୍ତ ହୋଇ ସେ ଲୋକ

ମୁହଁକୁ ଏକଦୃଷ୍ଟିରେ ଚାହିଁ ରହିଲା । କହିଲା, "ମୁଁ ତୁମ ଗୁପ୍ତକଥା ଜାଣେ । ପାଣ୍ଡୁ ନାଏକ ନାଁ ଯେପରି ଜାଣେ, ତୁମ ନାଁ ମଧ୍ୟ ସେଇପରି ଜାଣେ ।"

"ସେଥିରେ ନୂଆ କଥା କଣ ଅଛି ? ମୋ ନାଁ ତ ମୁଁ ଲେଖିଛି ।"

"ତୁମେ ଭିନ୍ନ ଧରଣରେ ଲେଖିଛ, ଠିକ୍ ଲେଖି ନାହିଁ । ତୁମେ ଲେଖିଛ 'ଦୀନବନ୍ଧୁ ସାହୁ'; ମାତ୍ର ତୁମ ନାଁ ହେଉଛି, ଦାନା ସାହୁ ।"

ବିପଦବେଳେ ହିଙ୍ଗ ଚେମ ଟାଙ୍କୁରାଇ ଠିଆ ହୁଏ, ଚେଲୁଣି ପୋକ ମଲାପରି ପଡ଼ିରହେ; କିନ୍ତୁ ଦାନା ସାହୁ ହସିବାକୁ ଲାଗିଲା । ବନମାଳୀ ପୁଣି କହିଲା, "କେବଳ ସେତିକି ନୁହେ, ତୁମେ ଅଗାଧୁ ବେହେରା, ତୁମେ ମଧ୍ୟ ଜଗବନ୍ଧୁ ପାଣି, ମଦନ ମୋହନ ମହାନ୍ତି, ସୁକୁମାଣି ଦେଈ, ମୁକୁନ୍ଦ ଜେନା । କଣ, ନୁହ ତୁମେ ? ତୁମର ସବୁ ଗୁଣ ମୁଁ ଜାଣେ । ମୋଠେ ତୁମେ ଲୁଚେଇବ କଣ ? ଜଳାରସିଂହରେ ତୁମର ଗୋଟାଏ ଚଳି ଘର ନ ଥିଲା ?"

"ସବୁ ଟାଲି ମିଛ କଥା ।"

"ଆଚ୍ଛା ଶୁଣ । ତୁମେ ଗୋଟାଏ ମହା ସଇତାନ୍ ।" କହି ବନମାଳୀ କେତେ ଖଣ୍ଡ ନୋଟ ଧରି ତା ମୁହଁକୁ ଫିଙ୍ଗିଦେଲା । ସେ ନୋଟଗୁଡିକ ଗୋଟାଇ ଗଣି କହିଲା, "ପାଞ୍ଚଶ ଟଙ୍କା !"

---

— ୬୭ —

## ରହସ୍ୟ ଉପରେ ବାହାରିଲା

ଦାନା ସାହୁ ବନମାଳୀକୁ ଚମକାଇବା ନିମନ୍ତେ ଆସିଥିଲା ; କିନ୍ତୁ ନିଜେ ଚମକିବାକୁ ହେଲା । ଧପ୍ପଡ଼, ଗାଳି ଖାଇ, ସେ ଯେ ପାଞ୍ଚଶହ ଟଙ୍କା ପୁରସ୍କାର ପାଇଲା, ତହିଁରେ ସେ କୃତକୃତ୍ୟ ହୋଇଗଲା । ସେ ବନମାଳୀକୁ ସେଦିନ ଜୀବନରେ ପ୍ରଥମ ଥର ଦେଖିଲା । ଦର୍ଜିକୋଠାରେ ଥିବାବେଳେ ସେ ଦିନେ ସୁଦ୍ଧା ବନମାଳୀର ଛାଇ ଦେଖିବାକୁ ପାଇ ନ ଥିଲା । ସେ ଦିନ ସେହି ବନମାଳୀ ତାକୁ ଦେଖୁ ଦେଖୁ ଚିହ୍ନି ପକାଇଲା । କିଅଠାରୁ ଦାନା ସାହୁ ଶୁଣିଥିଲା ଯେ ବନମାଳୀ ଜଣେ ନିତାନ୍ତ ଦରିଦ୍ର ଲୋକ; ସୁତରାଂ ସେହି ବନମାଳୀ ସଙ୍ଗେ ଜମିଦାର ବନମାଳୀ ଚମ୍ପତିରାଏଙ୍କର ସେ କୌଣସି ପ୍ରକାର ସାମଞ୍ଜସ୍ୟ ଖୋଜି ପାଇଲା ନାହିଁ ।

ଦାନା ସାହୁ ବନମାଳୀ ବିଦାୟ ଦେଇ ତା ଝିଅ ସାର ସାହାଯ୍ୟରେ ବନମାଳୀ ବିଷୟରେ କେତେକ ଖବର ସଂଗ୍ରହ କରିଥିଲା । ସେ ନିଜେ ମଧ୍ୟ ନାନା ଚେଷ୍ଟାକରି

ଆଉ କେତେକ ଖବର ଯୋଗାଡ଼ କଲା । ଜଗନ୍ନାଥବଲ୍ଲଭର ଭଙ୍ଗା ଉଆସ ମଧ୍ୟରେ କୂଅ ମୁହଁରେ ସେ ଯେ କାହାକୁ ଦିନେ ସନ୍ଧ୍ୟାରେ ଭେଟିଥିଲା, ତାହା ଅନୁମାନ କରିନେଲା । ବନମାଳୀ ଚମ୍ପତିରାଏଙ୍କ ଭାର୍ଯ୍ୟା ସେ ରମା ତା ମଧ୍ୟ ସେ ବୁଝିପାରିଲା; କିନ୍ତୁ ରମା ବିଷୟରେ ସେ ନୀରବ ରହିବା ଉଚିତ ବୋଧକଲା; କାରଣ, ହଠାତ୍ ଯାଇ ରମାର ଜନ୍ମବୃତ୍ତାନ୍ତ ବିଷୟରେ କିଛି କହିବାକୁ ଆରମ୍ଭ କରିଥିଲେ, ତାକୁ ହୁଏତ ଧକ୍କା ଖାଇ ଆସିବାକୁ ହୋଇଥାନ୍ତା ।

ଦାନା ସାହୁ ଅନେକ ସମୟ ନୀରବ ହୋଇ ରହିଲା । ଫଳରେ ବନମାଳୀକୁ ତା'ଆଡ଼ୁ ନୀରବତା ଭାଙ୍ଗିବାକୁ ହେଲା । ସେ କହିଲା, "ଦାନା ସାହୁ, ମୁଁ ତୁମ କଥା କହିଲି । ଆଉ କଣ ତୁମେ ଇଚ୍ଛା କରୁଚ ଯେ ତୁମେ ଯେଉଁ ଗୁପ୍ତକଥା ମୋତେ କହିବାକୁ ଆସିଚ, ମୁଁ ତା ମଧ୍ୟ ତୁମକୁ କହିବି ? ପାଣ୍ଡୁ ନାଏକ ନରହନ୍ତା, ଡକେଇତ ବୋଲି ତୁମେ ଯେ କହିଲ, ସେ କଥା ଠିକ୍ । ଡକେଇତ କାହିଁକି ନା, ସେ ଧନଞ୍ଜୟ ରାଏଙ୍କ ସମ୍ପତ୍ତି ଚୋରିକରି ନେଇଥିଲା । ଆଉ ନରହନ୍ତା କାହିଁକି ନା ସେ ପୋଲିସ୍ ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ରଙ୍କୁ ହତ୍ୟା କଲା ।"

"ଆପଣ କଣ କହୁଛନ୍ତି, ମୁଁ କିଛି ବୁଝିପାରୁ ନାହିଁ ।"

"ଶୁଣ ତେବେ ମୁଁ ବୁଝେଇ ଦେଉଚି । ଧନଞ୍ଜୟ ରାଏ ବୋଲି ଶାରଙ୍ଗଗଡ଼ରେ ଜଣେ ଧନୀ ମହାଜନ ଥିଲେ । ସେଠୁ ଜଂଆରି କରି ଅନେକ ପଇସା ଉପାର୍ଜ୍ଜନ କରିଥିଲେ । ଦରିଦ୍ର ଲୋକଙ୍କୁ ଯଥେଷ୍ଟ ସାହାଯ୍ୟ କରୁଥିଲେ । ଶେଷରେ ସେ ରାଜାଙ୍କ ଦେୱାନ୍ ହେଲେ । ସେ ଆଗରୁ କେବେ କଣ ଦୋଷ କରି ଦଣ୍ଡ ପାଇଥିଲେ । ଜଣେ ସୁଚତୁର ଦାଗୀ କଏଦୀ ସେ କଥା ଜାଣିପାରି; ତାଙ୍କୁ ଧରେଇଦେଲା, ଆଉ ତାଙ୍କ ନାଁରେ ଜମାଥିବା ଟଙ୍କା ଅପହରଣ କରିନେଲା । ମୁଁ ଏ ଭିତରେ ଖୋଦ୍ ଖାଜେଞ୍ଚିଠାରୁ ଖବର ପାଇଚି । ଟଙ୍କା କିଛି କମ୍ ନୁହେଁ, ପାଞ୍ଚ ଲକ୍ଷରୁ ବେଶି । ସେ ଟଙ୍କା ଯେ କଏଦୀ ନେଲା ତା ନାଁ ପାଣ୍ଡୁ ନାଏକ । ଆଉ ମଣିଷ ମାରିବା କଥା ଯେ ତୁମେ କହିଲ, ସେଟା ମୁଁ ନିଜେ ଆଖିରେ ଦେଖିଚି । ପାଣ୍ଡୁ ନାଏକ ପୋଲିସ ସର୍ଦ୍ଦାରଙ୍କୁ ଗୁଳି କରି ମାରିଚି ।"

ଧନା ସାହୁ ପରାସ୍ତ ହୋଇ ସୁଦ୍ଧା ଛାଡ଼ିଲା ନାହିଁ; କହିଲା, "ଜମିଦାର ବାହାଦୁର, ଆପଣ ବଡ଼ ଭୁଲ ଖବର ପାଇଛନ୍ତି ।"

"କେଉଁଟାକୁ ତୁମେ ଭୁଲ ବୋଲି କହୁଚ ? ସବୁ ଠିକ୍ ସତ୍ୟ ।"

"ମୁଁ ମାନିବି ନାହିଁ । ମୁଁ ଅନ୍ୟାୟରେ କାହାକୁ ବୁଡ଼େଇଦେବା ଲୋକ ନୁହେଁ । ପାଣ୍ଡୁ ନାଏକ ଧନଞ୍ଜୟ ରାଏ ଟଙ୍କା ଚୋରି କରି ନାହିଁ, କି ଜନାର୍ଦ୍ଦନ ମହାପାତ୍ରଙ୍କୁ ମାରି ନାହିଁ । ତା'ର ଦୁଇଟା ପ୍ରମାଣ ଅଛି ।"

"କଣ ପ୍ରମାଣ କହ ।"

"ସେ ଧନଞ୍ଜୟ ରାଏଙ୍କ ଟଙ୍କା ଚୋରି କରିନାହିଁ । କାରଣ, ପାଣ୍ଡୁ ନାଏକ ଆଉ ଧନଞ୍ଜୟ ରାଏ ଜଣେ ଲୋକ ।"

"ତୁମେ କଣ ଗୁଡ଼ାଏ କହୁଚ ?"

"ଆଉ ସେ ମଣିଷ ମଧ୍ୟ ମାରି ନାହିଁ । କାରଣ ସର୍ଦ୍ଦାର ମହାପାତ୍ର ନିଜେ ଆତ୍ମହତ୍ୟା କଲେ ।"

"ଆଚ୍ଛା, ଏହାର ପ୍ରମାଣ କଣ ?"

ବୀଣା ସାହୁ ନିଜ ବ୍ଲାଉଜ୍ ପକେଟରୁ ଖଣ୍ଡିଏ ଅତି ପୁରୁଣା ଛେଲ ଚକଟା କାଗଜ ବାହାର କଲା । ତହିଁରେ ସରକାରୀ ମୋହର ବସିଥିଲା । ସେ କାଗଜଖଣ୍ଡି ବୀଣା ସାହୁ କୌଣସି ଫାଇଲରୁ ଚୋରି ଆଣିଥିବା ସମ୍ଭବପର । ଯାହାହେଉ, ସେ କାଗଜ ଲେଖାଟା ଅବିଶ୍ୱାସ କରିବାର କୌଣସି କାରଣ ନ ଥିଲା । ସେଥିରେ ଯାହା ଲେଖାଥିଲା, ଏକ ସରକାରୀ ଇସ୍ତାହାରରେ ତାହା ପ୍ରଚାର କରାଯାଇଥିବା କଥା ପୂର୍ବରୁ କୁହାଯାଇଛି ।

ବନମାଳୀ ତାହା ନିଜେ ପଢ଼ି ଦେଖିଲା; ସୁତରାଂ ତାର ଆଉ ସନ୍ଦେହ କରିବାର କାରଣ ରହିଲା ନାହିଁ । ପାଣ୍ଡୁ ନାଏକ ବନମାଳୀ ଦୃଷ୍ଟିରେ ଯେତିକି ତଳକୁ ପଡ଼ିଯାଇଥିଲା, ଅଧେବାଟ ପୁଣି ଉପରକୁ ଉଠିଗଲା । ସେ ପ୍ରାଣରେ ଗୋଟାଏ ଅପୂର୍ବ ଆନନ୍ଦ ଅନୁଭବ କରିବାକୁ ଲାଗିଲା ଏବଂ କହିଲା, "ତାହାହେଲେ ତ ଏ ସମସ୍ତ ସମ୍ପତ୍ତି ତାଙ୍କ ନିଜର । ଯିଏ ଧନଞ୍ଜୟ ରାଏ, ସେଇ ପାଣ୍ଡୁ ନାଏକ । ଆଉ ମଣିଷ ମାରିବା କଥା ତା ବିରୁଦ୍ଧରେ ତୁମ ପ୍ରମାଣ ?" ବୀଣା ସାହୁ ପକେଟରୁ ଆଉ ଖଣ୍ଡିଏ କାଗଜ କାଢ଼ି ଦେଖାଇଲା । ସେଥିରେ ମଧ୍ୟ ସରକାରୀ ମୋହର ବସିଥିଲା । ବନମାଳୀ ପଢ଼ିଲା—ମହମଦାବାଦର ବିଦ୍ରୋହ ସ୍ଥଳରେ ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ର ବନ୍ଦୀ ହୋଇ ରହିଥିଲେ । ଜଣେ ବିଦ୍ରୋହୀ ତାଙ୍କୁ ମାରିବାକୁ ନେଇ, ପ୍ରକୃତରେ ନ ମାରି, ଉପରକୁ ଗୁଳି ଫୁଟାଇଦେଲା ଏବଂ ତାଙ୍କୁ ମୁକ୍ତ କରିଦେଲା; କିନ୍ତୁ ସେ ସେ ଘଟଣାର କେତେଦିନ ପରେ ନିଜେ କାଠଯୋଡ଼ିରେ ଡେଇଁପଡ଼ି ଆତ୍ମହତ୍ୟା କଲେ । ସେ କହିଲେ ସେ ପରଅନୁଗ୍ରହରେ ପ୍ରାଣ ପାଇ ତାଙ୍କ ପରି ଲୋକର ବଞ୍ଚିବା ଠିକ୍ ନୁହେ ।"

ପରିଶେଷରେ ବନମାଳୀ କହିଲା, "ପାଣ୍ଡୁ ନାଏକ ଜନାର୍ଦ୍ଦନ ମହାପାତ୍ରଙ୍କ ଜୀବନଦାତା, ଜଣେ ବୀର ପୁରୁଷ, ଜଣେ ସ୍ୱର୍ଗର ଦେବତା ।"

"ସେଟା ବୀର ନୁହେଁ, ନା ଦେବତା ନୁହେଁ, ସେ ଡକାଇତ ଆଉ ନରହନ୍ତା ।"

"ତୁମେ କଣ କୋଡ଼ିଏ ବର୍ଷ ତଳ କଥା କହୁଚ ? ପାଣ୍ଡୁ ନାଏକ ଜୀବନରେ ତା ପାଇଁ ଯଥେଷ୍ଟ ପ୍ରାୟଶ୍ଚିତ୍ତ କରିଚନ୍ତି ।"

"ନା, ମୁଁ ଅତି ଅଳ୍ପଦିନ ତଳ କଥା କହୁଚି । ସେ କଥା କେହି ଜାଣନ୍ତିନାହିଁ । ଆପଣଙ୍କ ରାଣୀ ଯେ ବସ୍ତୁର ଯୌତୁକ ପାଇଚନ୍ତି, ଟଙ୍କାଟା ଆସିଚି ସେଇଆଡ଼ୁ ।

ସେଇ ଟଙ୍କା ବଳରେ ପାଣ୍ଡୁ ନାଏକ ଲକ୍ଷ୍ମୀଘରେ ଆସି ଗାଦି ମାଡ଼ି ବସିଛି । ଭଲା ଘର ନା, ଆଉ କଣ ? ଜମିଦାର ହଜୁର, ଆପଣ ମୋତେ ଯାହା ଖୁସି ପୁରସ୍କାର ଦେବେ । ଶୁଣନ୍ତୁ, ପ୍ରାୟ ବର୍ଷକ ତଳେ ଏ ସହରରେ ଯୋଉ ମେଳା ହୋଇଥିଲା, ସେଇ ସମୟରେ ଗୋଟାଏ ଭଙ୍ଗା ଘର କୂଅ ଭିତରେ ଜଣେ ଲୋକ ଘର କରି ରହୁଥିଲା ।"

ଶୁଣି, ବନମାଳୀ ତା ଚକ୍ଷୁ ଧନା ସାହୁ ଆଡ଼କୁ ଆଗ୍ରହରେ ଭିଡ଼ିନେଲା ଏବଂ ଉଦ୍‌ଗ୍ରୀବ ହୋଇ କାନ ପାତି ଶୁଣିବାକୁ ଲାଗିଲା, "ସେ ଲୋକ ସେଇ କୂଅ ମୁହଁରେ ଡାଳ ପକାଇ କୂଅ ଭିତରେ ରହୁଥିଲା । ସେତେବେଳେ ଅନ୍ଧାରରେ ଆଉ ଜଣେ ଲୋକ ପିଠିରେ ଗୋଟାଏ ମୁର୍ଦ୍ଦାର ଲଦି ସେ କୂଅ ଭିତରେ ଅକସ୍ମାତ ଆସି ପହଞ୍ଚିଲା । ଡକାଇତ ବୋଲି ଏଇଥିରୁ ସହଜରେ ଅନୁମାନ ହେବ । ଲାଭ ନ ଥିଲେ କଣ କିଏ କାହାକୁ ମାରେ ? ସେ ଡକାଇତ ମୁର୍ଦ୍ଦାରଟାକୁ ସେଇଠେଇ ପକାଇଦେଇ ପଳାଇବାକୁ ବସିଥିଲା । ତା ପରେ କିଏ କାଳେ ଦେଖିବ ଭାବି, ଆଉ କୋଉଆଡ଼େ ନେଇ ପକାଇବାକୁ ବସିଲା ।"

ବନମାଳୀ ଆଗ୍ରହ ଏକଧ୍ୟାନରେ ବସିରହିଲା । ଧନା ସାହୁ ପୁଣି କହିଲା, "କୂଅ ଭିତରେ ଘର କରି ରହିବା ଲୋକ ତ ଥିଲା, ଡକାଇତଟା ଆସି କହିଲା, 'ମୋ ପିଠିରେ କଣ ଅଛି, ଦେଖୁଛୁ ? ମୁଁ ଏହା ଭିତରୁ ବାହାରିବା ଦରକାର ! ତୋ ପାଖେ ଖୁବ ଅଛି ତ ଫିଟେଇ ଦେ ।' ଡକାଇତର ବଳ ଖୁବ୍ ବେଶି । କୂଅ ଭିତରେ ରହୁଥିବା ଲୋକ ତାକୁ ପାରିଲାନାହିଁ; ହେଲେ ସମସ୍ତ ଗଳେଇବାକୁ ଅନେକ ଯୁକ୍ତି ତର୍କ କଲା । ସେ ମୁର୍ଦ୍ଦାରଟାକୁ ଭଲ ଭଲ ପରୀକ୍ଷା କରି ଦେଖିଲା; ତା ଦେହରେ ଖାଲି ଲାଲ ଚନ୍ଦନ ଛଡ଼ା ଅନ୍ୟ କିଛି ଦେଖିପାରିଲା ନାହିଁ । ସେତେବେଳେ ମୁର୍ଦ୍ଦାର କୁରୁତାରୁ ହୁଣ୍ଡେଇ ଲୁଚାଇ ସେ ଫଣ୍ଟେ କଳା ନେଇଯାଇଥିଲା । ତା ପରେ ସେ ଖୁବ ଖୋଲି-ଦେଲା । ଡକାଇତ ମୁର୍ଦ୍ଦାରଟାକୁ ନେଇ ବାହାରିଗଲା; ଆଉ ଆର ଜଣକ ଖୁବ ପକାଇ-ଦେଇ ଭୟରେ ସେଠଉ ପଳେଇଲା । ଯୋଉ ଡକାଇତ ମୁର୍ଦ୍ଦାର ନେଇ ଯାଉଥିଲା, ସେ ପାଣ୍ଡୁ ନାଏକ । ଯା ହାତରେ ଖୁବ ଥିଲା ସେ ବର୍ତ୍ତମାନ ହଜୁରଙ୍କ ସହିତ କଥାବାର୍ତ୍ତା ହେଉଛି । ଆଉ କଳା ଫଣ୍ଟେ—"

ଧନା ସାହୁ ନିଜ କୁରୁତା ପକେଟରୁ ଫଣ୍ଟେ ରକ୍ତବୋଳା ପୁରୁଣା କଳା ବାହାର କରିଆଣିଲା । ବନମାଳୀ ଦେଖି ଭୟରେ କଳା ପଡ଼ିଗଲା; ନିଃଶ୍ୱାସ ନେଇ ପାରିଲା ନାହିଁ । କିଛିକ୍ଷଣ ପରେ ସେ ଉଠିଯାଇ, ପେଡ଼ିଭିତରୁ ଗୋଟାଏ ରକ୍ତାକ୍ତ ପୁରୁଣା କୁରୁତା ବାହାର କରିବସିଲା । ତା ମଧ୍ୟରେ ଧନା ସାହୁ ପୁନରାୟ କହିଲା, "ମୋର ଖୁବ୍ ବିଶ୍ୱାସ, ଖୁନ୍ ହୋଇଥିବା ଲୋକ ଜଣେ ବିଦେଶୀ ମହାଜନ କି ଜମିଦାର; ଆଉ ସେ ଅନେକ ଟଙ୍କା ଧରି ଯାଉଥିଲା ।"

ବନମାଳୀ କୁରୁଡ଼ାଟି ବାହାର କରିଆଣି କହିଲା, ଏଇ ସେ କୁରୁଡ଼ା, ଆଉ ସେ ମହାଜନ ମୁଁ ।" ବନମାଳୀ କୁରୁଡ଼ାଟା ତଳେ ବିଛାଇ ପକାଇଦେଇ, ଧାନା-ସାହୁର କନା ଖଣ୍ଡକ ତା ଛୁଞ୍ଚା ସ୍ଥାନରେ ନେଇ ଝଣ୍ଟି ରଖିଲା । କନା ଖଣ୍ଡ ସେ କୁରୁଡ଼ା ଭିତରେ ଠିକ୍ ଖାପ ଖାଇଗଲା । ଧାନା ସାହୁ ଉପରେ ଚମକିପଡ଼ି ମନେ ମନେ ଭାବିଲା, "ମୋର ଆଉ ରକ୍ଷା ନାହିଁ ।" ବନମାଳୀ ନୈରାଶ୍ୟ, ଭୟ ଏବଂ ଆନନ୍ଦ ପ୍ରାଣରେ ଯୁଗପତ୍ ଅନୁଭବ କରି ଉଠି ଠିଆ ହେଲା ଏବଂ ଧାନା ସାହୁ ମୁହଁକୁ ପୁଣି ହଜାରେ ଟଙ୍କାର ନୋଟ ଫିଙ୍ଗି କହିଲା, "ତୁ ଗୋଟାଏ ମହାପାପୀ । ତୁ ଗୋଟାଏ ଲୋକ ନାଁରେ ମିଛ କହି ବୁଡ଼େଇଦବାକୁ ଆସିଥିଲୁ; ମାତ୍ର ଟେକ ତାକୁ ସ୍ୱର୍ଗରେ ବସେଇଦେଇ ଗଲୁ । ତୁ ଡକେଇତ, ତୁ ନରହନ୍ତା । ମୁଁ ଏହିକ୍ଷଣି ତୋତେ ପୋଲିସରେ ଦେଇ ପାରନ୍ତି । ଏକହଜାର ଟଙ୍କା ନେ । ତୁ ଯା' । ମୁଁ ତୋତେ ଛାଡ଼ିଦେଲି । ବାଙ୍କି ସ୍ୱଜନଭୂମି କଥା ତୋତେ ବସ୍ତେଇଦେଲି ।"

ଧାନା ସାହୁ ଟଙ୍କାତଳ ପକେଟରେ ପୂରାଇ ବର୍ଣ୍ଣିତ ହୋଇ କହିଲା, "ବାଙ୍କି ସ୍ୱଜନଭୂମି ! ସେ ପୁଣି କଅଣ, ମତେ ଜଣା ନାହିଁ ।"

"ନରହନ୍ତା, ତୁ ସେଠେଇ ସେନାପତିଙ୍କି ବସ୍ତେଇଥିଲୁ ।

"ସେନାପତି ! ସେ ପୁଣି କିଏ ?"

"ହଁ, ସେନାପତି ଗୋବିନ୍ଦ ସିଂହ । ଆଉ କଥା କହନା । ତାଙ୍କର ଆଦେଶରେ ମୁଁ ତୋତେ ଟଙ୍କା ଦେଇଛି । ଦେଢ଼ ହଜାର ଦେଇଛି, ଆଉ ଅଠର ହଜାର ପାଞ୍ଚଶହ ନେଇ, ମୋଟରେ କୋଡ଼ିଏ ହଜାର ଧରି, ତୁ ଚାଲିଯା । ଏ ମୋର ପିତାଙ୍କ ଆଦେଶ । ନୋହିଲେ କ'ଣ ତୋ ଭଳି ଚଣ୍ଡାଳକୁ ଟଙ୍କା ଦେଇଥାନ୍ତି ? ତୁ ଲଙ୍କାକୁ ଯିବୁ ବୋଲି କହୁଚୁ; ଯା ରାକ୍ଷସ । ତୋର ପାଇଁ ଠିକ୍ ଥାନ ସେଇ ଲଙ୍କା । ସେଠେଇ ସୂର୍ପଣଖା ସଙ୍ଗେ ଘର କରି ରହିବୁ ।"

ଧାନା ସାହୁ ଉଠି ଠିଆ ହୋଇ କହିଲା, "ମୁଁ ଉଠୁଚି ତେବେ; ନମସ୍କାର ଜମିଦାର ବାହାଦୁର !" ସେ ସଙ୍ଗେ ସଙ୍ଗେ ନମସ୍କାର କଲା ଏବଂ ଧୀରେ ଧୀରେ ଗୋଟାଏ ଧଣ୍ଡସାପ ପରି ଘରୁ ବାହାରି ଖସି ଚାଲିଗଲା ।

---

—୬୭—

## ଭବଲୀଳାର ଶେଷ

ଧାନୀ ସାହୁ ଗୋଟାଏ ପ୍ରକାଣ୍ଡ ସୁନା ଗଦା ଓଜନ ତଳେ ଚପିହେଲା ପରି କସ୍ତୁରୀ ଏବଂ ଆନନ୍ଦରେ ବନମାଳୀ କନକକୁ ଚାଲିଗଲା । ଏଣେ ବନମାଳୀ ରମାକୁ ଡାକି କହିଲା, "ଶୀଘ୍ର ଆସ, ଏଇ ମୁହୂର୍ତ୍ତରେ ଆମକୁ ଯିବାପାଇଁ ହେବ ।" ଦୁଆରେ

ଭଡ଼ା ଗାଡ଼ି ଆସି ଠିଆ ହେଲା । ବନମାଳୀ କହିଲା, "ରମା, ଆଉ ବିଳମ୍ବ କରନା । ଓଃ, ଭଗବାନ୍ ଯେଉଁ ମୋ ଜୀବନ ରକ୍ଷା କରିଛନ୍ତି । ଆଉ ମୁହୂର୍ତ୍ତେ ଡେରି କର ନାହିଁ ।"

ରମା ବନମାଳୀକୁ ପାଗଳ ମନେ କଲା; ତଥାପି କଥା ମାନି ଗାଡ଼ିରେ ବସିଲା । ଗାଡ଼ି ଚାଲିବା ପୂର୍ବରୁ ସେ ବନମାଳୀର ହୃତ୍‌କମ୍ପ ହେଉଥିବାର ଶବ୍ଦ ଶୁଣିପାରିଲା । ବନମାଳୀ ରମାକୁ କହିଲା, 'ମୁଁ ପାପୀ, ଗୋଟାଏ ପାଷଣ୍ଡ ! କି ଘୋର ଅନ୍ୟାୟ କରିଚି ।" ବନମାଳୀ ଦେବତା ପ୍ରତିମା ଦେହରେ ପଦାଘାତ କରିଥିଲା ପରି ଅନୁତାପ, ଦୁଃଖ ଏବଂ ଭୟରେ ବିହ୍ୱଳ ହୋଇପଡ଼ିଲା । ସେ ଗାଡ଼ିବାଲାକୁ କହିଲା, "ଚାଲ ତେଲିଙ୍ଗାବଜାର ।" ଅନେକ ଦିନପରେ ତେଲିଙ୍ଗାବଜାର ନାମ ଶୁଣି ରମା ମୁହଁରେ ଆନନ୍ଦ ଫୁଟିଉଠିଲା । ସେ କହିଲା, "ଆମେ ପାଣ୍ଡି ପାଖକୁ ଯାଉଚେନା ଏତେ ଦିନ ପରେ । ମୋତେ ବଡ଼ ଖୁସି ଲାଗୁଚି ।"

"ନା, ରମା, ପାଣ୍ଡି ନୁହେଁ, ତୁମ ବାପା; ମୋ ବାପାଙ୍କଠାରୁ ବଳି ବାପା । ରମା, ତୁମ ହାତଅଠାରୁ ଚିଠି ପାଇ ନ ଥିଲ ବୋଲି ମୋତେ କହିଲ । ସେ ଚିଠି ତାଙ୍କର ହାତରେ ଯାଇ ପଡ଼ିଥିଲା । ଚିଠି ପାଇ ସେ ମୋ ପ୍ରାଣରକ୍ଷା କରିବା ନିମନ୍ତେ ସୁଲଭପୁରକୁ ଧାଇଁଗଲେ; ଆଉ ଯମପୁରରୁ ମୋତେ ତୁମ ପାଖକୁ ଟାଣି ଆଣିଲେ । କେବଳ ମୋର ପ୍ରାଣ ରକ୍ଷା କରିବା ପାଇଁ କେତେ କଷ୍ଟ ନ ପାଇଲେ ସେ ? ବାଟରେ ସେ ଦୁଇ ଦିନ ନାହିଁ କି ବିଳମ୍ବ ହେଲା, ମୁଁ ବୁଝିପାରିଲିଣି । ଚାଲ, ଆମେ ତାଙ୍କୁ ନେଇଆସିବା । କାଲି ସେ ଘରେ ଥିଲେ, ହେଲା । ମୁଁ ତାଙ୍କର ପାଦତଳେ ବସି ମୋ ଜୀବନଟା କଟେଇଦେବି । ସେ ଠିକ୍ କଥା ରମା; ହୁଏତ ତାଙ୍କୁ ଚିଠି ଖଣ୍ଡ ଦେଇଗଲ, ଆଉ ମୋତେ ମିଛ କହିଲ । ଏତେକାଳରେ ସବୁ ବୁଝା ପଡ଼ୁଯାଉଚି ।"

ଗାଡ଼ି ତେଲିଙ୍ଗାବଜାରରେ ପହଞ୍ଚିବା ସଙ୍ଗେ ସଙ୍ଗେ ପାଣ୍ଡି ନାଏକ ଦ୍ୱାରରେ ଠକ୍ ଠକ୍ ଶବ୍ଦ ଶୁଣି, ମୁହଁ ତୁଳାଇ କ୍ଷୀଣକଣ୍ଠରେ କହିଲା, "ଆସ ।"

ଦ୍ୱାର ଫିଟିଲା ଏବଂ ରମା ସହିତ ବନମାଳୀ ଘରେ ପାଦ ପକାଇଲା । ବନମାଳୀ ଦୁଆର ପାଖେ ଠିଆ ହେଲା; ରମା ଭିତରକୁ ଧାଇଁଗଲା । ଦେଖି, ପାଣ୍ଡି ନାଏକ ଶେଯରୁ ଉଠି ବସିପଡ଼ିଲା । କହିଲା, "ରମା ।" ରମାର କଣ୍ଠ ରୁଦ୍ଧ ହୋଇଗଲା । ସେ ପାଣ୍ଡି ନାଏକ ପାଖରେ ପଡ଼ିଯାଇ ଡାକିଲା, "ବାପା" । ପାଣ୍ଡି ନାଏକ ବିହ୍ୱଳ ହୋଇ କହିଲା, "ରମା, ଓଃ, ଯାଆଲୁଣି, ତୁମେ ଆସିଚ । ଓଃ ପ୍ରଭୁ, କି ଦୟା !"

ବନମାଳୀ ଆଖିରୁ ଅଶ୍ରୁଧାର ବହି ଯାଉଥିଲା । ସେ ତାହା ପୋଛିପକାଇ, ଅଗ୍ରସର ହୋଇ କହିଲା, "ବାପା" ।

"ଓଃ ଆପଣ ମଧ୍ୟ ଆସିଚନ୍ତି ? ମୋତେ କ୍ଷମା କରିବେ, ବନମାଳୀ କଣ କହିବ, ଖୋଜି କଥା ପାଉନାହିଁ । ରମା ନିଜ ଦେହରୁ ଶାଲ ଖଣ୍ଡିକ କାଢି ପାଣ୍ଡୁ ନାଏକ ଦେହରେ ଘୋଡ଼ାଇଦେଲା ଏବଂ ତା କପାଳରେ ଗୋଟିଏ ଚୁମ୍ବନ ଦେଲା ।

"ମଣିଷ କେତେ ଓଲୁ ହୁଏ ? ମୁଁ ଭାବିଥିଲି ଆଉ ଦେଖାହବନାହିଁ । ବନମାଳୀ ବାବୁ, ଆପଣମାନେ ଠିକ୍ ଆସିବା ବେଳେ ମୁଁ ଭାବୁଥିଲି ସେ ମୁଁ ଚାଲିଯିବି, ଆଉ ରମା ସାଆନ୍ତାଣୀଙ୍କ ସହିତ ମୋର ଦେଖା ହବନାହିଁ । ଏଇ ତାଙ୍କ ପିଲାଦିନର ଶାଢ଼ୀ ଖଣ୍ଡିକ । ଏହାକୁ ଦେଖି ମୁଁ କହୁଥିଲି ସେ ଆଉ ସେ ମୋ ପାଖକୁ ଆସିବେନାହିଁ । କି ମୂର୍ଖ ମୁଁ ? ମୁଁ କହୁ କହୁ, ଆପଣ ତାଙ୍କୁ ଧରି ଅଣିଲେ । ଏ ଖାଲି ଭଗବାନଙ୍କ ପ୍ରସାଦ । ବନମାଳୀ ବାବୁ, ମୁଁ ଏହାଙ୍କୁ ଥରେ ରମା ବୋଲି ଡାକିବି ?"

ରମା ଅଧୀର ହୋଇ କହିଲା, "ତୁମେ କି ନିଷ୍ଠୁର ବାପା ! ଆମକୁ ସେ ଛାଡ଼ିଆସିଲ, ଆଉ ଥରେ ଯାଇ ଦେଖା ଦେଲନାହିଁ ? ମୁଁ ନୌକରଙ୍କୁ କେତେଥର ପଠେଇଲି ସେ ଯାଇ କହିଲା, 'ଫେରୁନାହାନ୍ତି' । ବାପା ଏଠେଇ ରୋଗରେ ପଡ଼ିଚନ୍ତି, ଆଉ ଆମେ ସେ କଥା ଟିକିଏ ଜାଣିପାରିଲେ ନାହିଁ ।"

"ଯାହାହଉ, ଆସି ପହଞ୍ଚିଗଲେ ଠିକ୍ ବେଳରେ । ମୋତେ ତେବେ, ବନମାଳୀ ବାବୁ କ୍ଷମା ଦେଇଛନ୍ତି ।" ଶୁଣି, ବନମାଳୀ ମନର ଭାବ ହୃଦୟ ଭେଦ କରି ହଠାତ୍ ବାହାରିପଡ଼ିଲା । ସେ କହିଲା, "ରମା, ତୁମେ ଜାଣ ସେ ମୋ ପାଇଁ କଣ କରିଚନ୍ତି ? ମୋତେ ବଞ୍ଚେଇଚନ୍ତି, ତମକୁ ଆଣି ମୋ ହାତରେ ଦେଇଚନ୍ତି, ତା ପରେ ସର୍ବସ୍ୱ ଛାଡ଼ି ବସିଚନ୍ତି । ମୁଁ ଏଡ଼େ କୃତଘ୍ନ, ଏଡ଼େ ପାପୀ ! ଆଉ ତୁମ ବାପା ସ୍ୱର୍ଗର ଦେବତା, ପବିତ୍ର ଋଷି, ମୋର ପୂଜ୍ୟ ।"

କ୍ଷୀଣକଣ୍ଠରେ ପ୍ରତିବାଦ କରି ପାଣ୍ଡୁ ନାଏକ କହିଲା, "ନା, ଏମିତି କାହିଁକି କହୁଚନ୍ତି ? ଛି, ମୁଁ ପରା ଗୋଟାଏ ହୀନଲୋକ ।"

ଆପଣ କାହିଁକି ମୋତେ ସବୁ ଲୁଚେଇଲେ ? ମୋ ପ୍ରାଣ ବଞ୍ଚେଇ, ମୋତେ କହିଲେ ନାହିଁ, ଆଉ ଖାଲି ନିଜ ନିନ୍ଦା ରଟନା କଲେ ?"

"ମୁଁ ଯାହା ସତ ସେଇ କଥା କହୁଚି । ପଦେ ମିଛ ନାହିଁ ।"

"ନା, ଯାହା ଅର୍ଦ୍ଧ ସତ ସେ ସତ ନୁହେଁ । ଆପଣ ମୋତେ ପୂରା ସତ କହିନାହାନ୍ତି । ଆପଣ ଧନଞ୍ଜୟ ସିଏ, ସେ କଥା କାହିଁକି ମୋତେ କହିଲେ ନାହିଁ ? ଆପଣ ସର୍ଦ୍ଦାର ଜନାର୍ଦ୍ଦନ ମହାପାତ୍ରଙ୍କ ପ୍ରାଣ ରକ୍ଷା କରିଛନ୍ତି, ସେ କଥା କାହିଁକି

ଲୁଚେଇଲେ ? ଆପଣ ମୋତେ ବଞ୍ଚେଇଚନ୍ତି, ସେ କଥା କାହିଁକି ଗୋପନ ରଖିଲେ ?''

''ମୁଁ ଆପଣଙ୍କୁ ଛାଡ଼ି ଅସିବାକୁ ସ୍ଥିର କରିଥିଲି ନା ! ଆପଣ ଏସବୁ କଥା ଜାଣିଲେ, ମୋତେ କଣ ଛାଡ଼ନ୍ତେ ?''

ଆଉ 'ଆପଣ' କହନ୍ତୁ ନାହିଁ, କି 'ବନମାଳୀ ବାବୁ' ବୋଲି ଡାକନ୍ତୁନାହିଁ । କହନ୍ତୁ, 'ବନମାଳୀ', 'ପୁଅ', 'ତୁ', 'ରମା' 'ଝିଅ' 'ତୁ' । ବାପା, ଆଜି ଆମେ ଆପଣଙ୍କୁ ଘରକୁ ନେଇଯିବାକୁ ଆସିଚୁ, କାଲିଯାଏ ଆପଣଙ୍କୁ ଏଠେଇ ଆଉ ରହିବାକୁ ହବ ନାହିଁ ।''

''ଠିକ୍ କହୁଚ, ବନମାଳୀ ବାବୁ, ନା ବନମାଳି ! ମୁଁ କାଲିକି ଆଉ ଏଠେଇ ନ ଥିବି; ତେବେ, ତୁମେ ଘରେ ବି ନ ଥିବ ।'' ଶୁଣି, ବନମାଳୀ କହିଲା, ''ଆମେ ଆପଣଙ୍କୁ ଆଉ ଏ ବୟସରେ ସଂସାରସାକ ବୁଲିବାକୁ ଛାଡ଼ିଦେବୁନାହିଁ । ଗାଡ଼ି ଦୁଆରେ ଠିଆ ହେଇଚି; ଆପଣଙ୍କୁ ବର୍ତ୍ତମାନ ଯିବାକୁ ହବ ।'' ରମା କହିଲା, ''ବାପା, ଉଠ, ଚାଲ ! ଗାଡ଼ିରେ ବସିବା ।'' ଶୁଣି ପାଣ୍ଡୁ ନାଏକ ଉତ୍ତର ଦେଲା, ''ମୋର ଆଉ ଗୋଟାଏ ଗାଡ଼ି ଆସିଚି ପରା । ତୁମେ, ବନମାଳୀ, ରମା କେହି ଦେଖି ପାରୁନାହଁ, ମୁଁ ପାରୁଚି । ସେ ଗାଡ଼ିର ଚଳିବ ଏଡ଼ି ହବ ?''

ରମାର ଦୁଇ ଆଖିରେ ଦୁଇ ଟୋପା ଲୁହ ଦୁଇଟି ମୁକ୍ତା ବିନ୍ଦୁ ପରି ଢଳିବାକୁ ଲାଗିଲା । ପାଣ୍ଡୁ ନାଏକ କ୍ଷୀଣସ୍ୱରରେ କହିଲା, ''ଭଗବାନ ଯେ ଅଛନ୍ତି, ତାର ଗୋଟାଏ ପ୍ରମାଣ ମୁଁ ପାଇଲି । ନୋହିଲେ କି ରମା ଆସି ଆଜି ଏଠେଇ ପାଦ ପକେଇଥାନ୍ତା ? ମୁଁ ବଞ୍ଚିପାରିଲେ ବଡ ଭଲ ହୁଅନ୍ତା; ରମା ସହିତ ପୁଣି ବୁଲିବାକୁ ଯାଆନ୍ତି ।'' କହି, ପାଣ୍ଡୁ ନାଏକ କେତେକ ସମୟ ନୀରବ ରହିଲା ଓ ପୁଣି କହିଲା, ''ଆଉ ସେ ଆଶା ନାହିଁ ।''ରମା ପାଣ୍ଡୁ ନାଏକର ଦୁଇ ହାତ ଧରିପକାଇ ଚମକିପଡ଼ିଲା । କହିଲା, ''ବାପା, ଓଃ, କି ଜ୍ୱର ! ବାପା ତୁମ ଦେହ କଣ ହଉଚି, କହ ।''

''କିଛି ନାହିଁ । ମୁଁ ବେଶ୍ ଭଲ ଅଛି । ଖାଲି—'' ।

''ଖାଲି କଣ ?''

''ମୁଁ ମରିବାକୁ ଯାଉଚି ପରା ।''ବନମାଳୀ ଏବଂ ରମା ଭୟରେ ଥରିବାକୁ ଲାଗିଲେ । ଶେଷରେ ବନମାଳୀ ପଚାରିଲା, ''ମରିବାକୁ ?''

"ହଁ, ସେଥିରେ କଣ ଅଛି ? ରମା ! ତୁ ମୋତେ କଥା କହୁଥିଲୁ । କହନା ମୁଁ ଟିକିଏ ଶୁଣେ । ମୁଁ ଜୀବନରେ ଅନେକ କମ ଗୀତ ଶୁଣିଛି । ଗୀତ ଗାଇବୁ ? ନା, କଥା କହ । କଥା ତ ସ୍ୱାଭାବିକ ଗୀତ । ସେଥିରେ କିଛି କୃତ୍ରିମତା ନାହିଁ । ତୋ କଥାଠାରୁ କଣ ଗୀତ ବଡ଼ ?"

ବନମାଳୀ ଏବଂ ରମା ଭୟରେ ବିବ୍ରତ ହୋଇ ଏକସ୍ୱରରେ କହିଲେ, "ବାପା, ବାପା, ଆପଣ ବଞ୍ଚିବେ ।"

"ମୁଁ କଣ ମରିବାକୁ ଇଚ୍ଛା କରୁଚି ? କେଜାଣି ବଞ୍ଚିପାରେ । ତୁମେ ଆସି ପହଞ୍ଚିଲା ବେଳେ ମୁଁ ସେ ପୁର ବାଟରେ ଗୋଡ ଦେଇଥିଲି, ଏବେ ତ ଫେରିଆସିଲି । ଦେହ ବି ଟିକିଏ ଭଲ ଲାଗୁଚି ।"

"ନା, ଆପଣଙ୍କ ଦେହରେ ବେଶ୍ ବଳ ଅଛି । ଆପଣ ଅନେକ ଦିନ ବଞ୍ଚିବେ; ଦୁଃଖ କଷ୍ଟ ଯାହା ଭୋଗିବାର ଭୋଗିସାରିଲେଣି । ମୁଁ ଆପଣଙ୍କ ପାଦରେ ମୁଣ୍ଡିଆ ମାରୁଚି, କ୍ଷମା ମାଗୁଚି । ଆପଣ ଆମ ଘରକୁ ଚାଲନ୍ତୁ ।" ପାଣ୍ଡୁ ନାଏକ ଟିକିଏ ହସି କହିଲା, "ବନମାଳୀ ବାବୁ, ମୁଁ ଆପଣଙ୍କ ଘରେ ରହିଲେ, କଣ ଆପଣମାନଙ୍କ ଭଳି ହୋଇପାରିବି ? ମୋର ମରିବାହିଁ ଭଲ । ଆଉ ବର୍ତ୍ତମାନ କିଛି ସମ୍ଭବ ନୁହେଁ । ମୋ ଦିନ ସରି ଆସିଲାଣି । ରମା, ତୋର ଆଉ ଦୁଃଖ କଣ ଅଛି ? ମୋ ହାତରେ ତୁହି କେତେ କଷ୍ଟ ପାଇଚୁ ? ଏଣିକି ସୁଖରେ ରହିବୁ ।"

ହଠାତ୍ ଦ୍ୱାର ଫିଟିଲା ଏବଂ ଜଣେ ବ୍ରାହ୍ମଣ ଘରେ ପାଦ ପକାଇଲେ । ବନମାଳୀ ଏବଂ ରମା ବିସ୍ମିତ ହୋଇ ତାଙ୍କ ଆଡ଼କୁ ଚାହିଁଲେ । ପାଣ୍ଡୁ ନାଏକ କହିଲା, "ଗୋସେଇଁ ମହାପ୍ରଭୁ ! ଏ ମୋର ଝିଅ ରମା, ଆଉ ଏ ଜ୍ୱାଇଁ ବନମାଳୀ ବାବୁ । ଆପଣ ଆସି ପହଞ୍ଚିଲେ । ଠିକ୍ ସମୟରେ ଆସିଲେ । ମୁଁ ତ ଚାଲିଯାଉଥିଲି । କେବଳ ଏମାନେ ଆସି ଅଟକେଇ ରଖିଛନ୍ତି । ଆପଣ ଗଙ୍ଗାଜଳ ଆଣିଚନ୍ତି ନା ? ତୁଳସୀ ବି ଆଣିଚନ୍ତି ? ନା, ମୋର ଆଉ କିଛି ଦରକାର ନାହିଁ । ମୁଁ ଯାହା, ଭଗବାନ କୃପା ନ କଲେ, ଗଙ୍ଗାଜଳ ପିଇ ସ୍ୱର୍ଗକୁ ଯାଇପାରିବି ନାହିଁ । ନର୍କରେ ମୋ ଆନ । ଆଚ୍ଛା; ଏ ପବିତ୍ର ଗଙ୍ଗାଜଳ ଆଉ ତୁଳସୀ ନେଇ ନର୍କରେ କାହିଁକି ପକେଇବି ? ଏ ଦେଖନ୍ତୁ, ଗୋସେଇଁ ମହାପ୍ରଭୁ, ମୋ ମୁଣ୍ଡ ଉପରେ ଶହେଟି ଟଙ୍କା ରହୁଚି; ଆପଣ ନେଇଯାଆନ୍ତୁ । ଗଙ୍ଗାଜଳ ତୁଳସୀ ଫେରେଇ ନିଅନ୍ତୁ । ଆଉ, ମା, ମୋ ଛାତିକୁ ଆଉଜି ଟିକିଏ ବସ୍ । ତୁଇ ତୁଳସୀ, ତୁଇ ଗଙ୍ଗାଜଳ ।"

ରମା ପାଣ୍ଡୁ ନାଏକ ଛାତିରେ ଆଉଜି ମୁହଁକୁ ମୁହଁ ଲଗାଇ ବସିଲା । ପାଣ୍ଡୁ ନାଏକ ତା କପାଳରେ ନିଜର ଶୀତଳ ଅଧରରେ ଗୋଟିଏ କ୍ଷୀଣ ଚୁମ୍ବନ ଦେଇ

କହିଲା, "ବନମାଳୀ ବାବୁ, ମୋର ଗୋଟାଏ ଦୁଃଖ ରହିଯାଉଛି । ତୁମେ କୁଆଡ଼େ ସେ ଟଙ୍କା ନେଉନାହଁ । ତା ପ୍ରକୃତରେ ତୁମ ଭଉଣୀର ଟଙ୍କା । ସେଥିରୁ ବ୍ୟବସାୟରେ କି ଲାଭ ତୁମେ କରୁଥିଲ ବୁଝିପାରିବ । ଏଠାଇ କୋଉଠି ମୁ ଲେଖିରଖିଛି ଖୋଜିଲେ ପାଇବ । ସେ ଟଙ୍କାଟା ସେହି ବ୍ୟବସାୟର ଲାଭ । ତାକୁ ନେବାରେ ଆପତ୍ତି କରିବ ନାହିଁ ।"

ବନମାଳୀ ଏବଂ ରମା ପାଣ୍ଡୁ ନାଏକଙ୍କୁ କରୁଣ ନୟନ ଭାବରେ ଦୁଃଖ ଯନ୍ତ୍ରଣା ଓ ଭୟରେ ବସିରହିଲେ । ପରେ ମୁହୂର୍ତ୍ତରେ ପାଣ୍ଡୁ ନାଏକ ମୃତ୍ୟୁର ଦ୍ୱାର ଆଡ଼କୁ ପାଦେ ପାଦେ ଅଗ୍ରସର ହେବାକୁ ଲାଗିଲା । ତା ନିଃଶ୍ୱାସ ନିୟମିତରୂପେ ଚାଲୁନାହିଁ, ବେଳେ ବେଳେ ଓଣ୍ଠ କମ୍ପରେ ରୁଦ୍ଧ ହେବାକୁ ଲାଗିଲା । ପାଣ୍ଡୁ ନାଏକ, ରମା ଏବଂ ବନମାଳୀ ଦୁହିଁଙ୍କୁ ଅତ୍ୟନ୍ତ ନିକଟକୁ ଆସିବାକୁ ଡାକିଲା । ସେ ସ୍ୱର ଯେପରି କି ବହୁଦୂରରୁ ଆସୁଛି, ବନମାଳୀ ଓ ରମାକୁ ଅବିକଳ ସେହିପରି ଶୁଣାଗଲା । ସେହି ସ୍ୱରରେ ପାଣ୍ଡୁ ନାଏକ କହିଲା, "ଆସ ମୋ ବାପା ମା ! ମୁଁ ମରିଗଲା ପରେ ମୋ ପାଇଁ କିଏ କାନ୍ଦିବ ନା ? ମାନ ବେଶି କାନ୍ଦିବନାହିଁଟି; ତେବେ ମୁଁ ଯେଉଁଠି ଥିବ, ମୋତେ ଦୁଃଖ ଲାଗିବ । ଏବେ ଯେମିତି କଷିକାଷି ଚଳୁଛ, ସେପରି ଚଳିବ ନାହିଁ । ଶାନ୍ତି ଓ ତୃପ୍ତିରେ କଥାନ, ସୁଦିନ ତାକର ଲଖିବ । ଆଉ ଏଠାରେ ଗୋଟିଏ ରୂପା ଚୂନା ଅଛି । ମୋହନିକି ନେଇ ପରେ ରଖିଥିବ । ତାହା କଣେ ମହାପୁରୁଷଙ୍କ ଦାନ । କାହିଁକି ଶ୍ରୀମ ଅଜ୍ଞ ସେ କଥା ? ମରୁ ଯୋଡ଼ିପାଡ଼ି ଯାଉ ।

ପାଣ୍ଡୁ ନାଏକ କଣ୍ଠ ରୁଦ୍ଧ ହୋଇଗଲା । ସେ କେତେକ ସମୟ ନୀରବ ନିଶ୍ଚଳ ଭାବରେ ପଡ଼ିରହି, ପୁଣି କହିଲା, "ବନମାଳୀ ବାବୁ, ମୋର ତୁମକୁ ଆଉ ଗୋଟିଏ କଥା କହିବାର ଅଛି । ଦିନେ ଥିଲା, ଯେତେବେଳେ ମୁଁ ତୁମକୁ ସ୍ନେହ କରୁ ନ ଥିଲି; ବରଂ ତୁମ ଉପରେ ବିରକ୍ତ ହେଉଥିଲି । ବର୍ତ୍ତମାନ ରମା ଆଉ ତୁମେ ଏକ । ରମାକୁ ତୁମେ ସୁଖୀ କରିଛ । ସେଥିପାଇଁ ମୁଁ ତୁମ ନିକଟରେ ଋଣୀ । ମୋ ମୁଣ୍ଡ ତଳେ ପାଞ୍ଚଶ ଟଙ୍କା ଅଛି । ସେ ଟଙ୍କା ରମାର । ଆଜି ଏଇଟି ରମାର ପିଲାଦିନ ଶାନ୍ତିମୂର୍ତ୍ତି । ରମା, ତୁ ଦେଖିପାରୁଛୁ ? ମୋତେ ଚହ୍ନି ପାରୁଛୁ ? ଦଶ ବର୍ଷ ତଳ କଥା । ସମୟ କେତେ ବେଗେ କଟିଯାଉଛି । ଅନେକ କେତେ ସୁଖରେ କେତେ କାଳ କଟିଗଲେ । ଦୁଃଖ ହେଉଛି । ରମା, ତୋତେ ସେ ନାଗଡ଼ାରସିଂହ କଥା ମନେ ଅଛି ? ଓଃ, ବଣ ଭିତରେ ତୁ କି ଭୟରେ ଚିଆଁ ହୋଇଥିଲୁ ? ମୁଁ ତୋ ପାଣିମାଠିଆଟି ଆସି ଧରିଲି । ସେହିଦିନ ପ୍ରଥମେ ମୁଁ ତୋ ଛୋଟିଆ ପିଲା ହାତଟି ମୋର ଏଇ ହାତରେ ଧରିଥିଲି । କେତେ ନରମ ଲାଗୁଥିଲା । ଆଉ ସେ ବଡ଼ କୁଣ୍ଢେଇବା କଥା ମନେ ଅଛି ? ତୋ ରାଣୀ ? ତୁ ଏବେ ଜଣେ ରାଣୀ ହୋଇଛୁ । ତୁ ପ୍ରଜାପତି ଧରୁଥିଲୁ, କଣ୍ଢେଇ ଧରି ଖେଳୁ, ବଣର ଫୁଲ ଆଣି ମୁଣ୍ଡରେ ଦେଉ । ଓଃ, କେତେ ଦିନ ର କଥା ସେ—"

ପାଣ୍ଡୁ ନାଏକ ପୁଣି କିଛି ସମୟ ତୁନି ହୋଇ ଆଖି ବୁଜି ପଡ଼ିରହିଲା । କେତେକ ସମୟ ପରେ ସେ ଆଖି ଫିଟାଇ ଚାହିଁ କହିଲା, "ଆଉ ସେ ଦାନା ସାହୁ, ତା ସାହୁଆଣୀ ମଧ୍ୟ; ଓଃ, କି ଖଳଲୋକ ସେମାନେ । ତାଙ୍କୁ ଆମେ କ୍ଷମା କରିବା । ରମା, ତୋ ମା ନାଁ ତତେ ମୁଁ କହିବି । ତା ନା 'ରାଧା' । ରାଧା ନା ପୃଥିବୀରେ କୋଟି କୋଟି ଲୋକ ଯେପରି ଜପୁଚନ୍ତି, ତୁ ମଧ୍ୟ ସେହିପରି ଜପିବୁ । ତୋତେ ବଡ଼ ସ୍ନେହ କରୁଥିଲା ସେ । ତୋ ପାଇଁ କେତେ ଦୁଃଖ କଷ୍ଟ ନ ସହୁଚି । ତାରି ପୁଣ୍ୟବଳରେ ତୁ ଏ ସୁଖ ପାଇଲୁ । ଅଗ୍ନିଗିରି ରୋଗରେ ପଡ଼ି ଶେଯରେ ଶୋଇ ମରିଗଲା, କେବଳ ତୋରି ଚିନ୍ତାରେ । ଭଗବାନଙ୍କର ଏ ଗୋଟାଏ ବିଚିତ୍ର ଲୀଳା । ଜଣକୁ କଷ୍ଟ ଦେବେ, ଆଉ ସେ କଷ୍ଟର କ୍ଷତିପୂରଣ କରି ଆଉ ଜଣକୁ ସୁଖ ଦେବେ । ସେ ନ୍ୟାୟବାନ୍, ସ୍ୱର୍ଗରେ ବସିଚନ୍ତି । ମୁଁ ଯାଉଛି, ପିଲାମାନେ ! ମୋତେ ଡାକ ଶୁଭିଲାଣି । ତୁମେ ଜଣକୁ ଜଣେ ସ୍ନେହ କରୁଥିବ । ରମା, ମୁଁ ତୋତେ ଅନେକ ଦିନ ହେଲା ଦେଖି ନ ଥିଲି । କଣ କରିବ ? ଘର ପର୍ଯ୍ୟନ୍ତ ଯାଏ, ସେଠୁ ଫେରି ଆସେ । ମୋର ଆଉ ଅନେକ କଥା କହିବାର ଥିଲା, କହି ପାରୁନାହିଁ । ମୋ ପାଇଁ ଦୁଃଖ କରିବ ନାହିଁ । ମୋତେ ଟିକିଏ ଯାଜଧର ତ । ଏଇ ମୋର ଶେଷ ବିଦାୟ । ତୁମ ମୁଣ୍ଡରେ ମୁଁ ହାତ ଦିଏଁ, ଆଶୀର୍ବାଦ କରେଁ । ହଁ, ସରିଲଣି, ଯାଉଚି । ରହ, ମୋର ପିଲାଏ । ହଁ, ବିଦାୟ ନେଇଯାଉଲଣି, ଯାଉ ଗଲି ।"

ପାଣ୍ଡୁ ନାଏକର ଦୁଇ ହାତ ଯେ ବନମାଳୀ ଏବଂ ରମା ମୁଣ୍ଡରେ ରହିଥିଲା, ତାହା ଦୁଇଟା କାଠଗଡ଼ ପରି ସେହିଠାରେ ପଡ଼ିରହିଲା । ତା ନାକରୁ ଆଉ ନିଃଶ୍ୱାସ ବୋହିଲା ନାହିଁ । ରମା ଏବଂ ବନମାଳୀ ଭୋ ଭୋ କାନ୍ଦି ଉଠିଲେ । ସେ ରାତି ଅତି ଭୀଷଣ । ଆକାଶରେ ଗୋଟିଏ ମାତ୍ର ତାରା ନ ଥିଲା । ଆକାଶରୁ ଟୁପୁ ଟୁପୁ ବର୍ଷା ପଡ଼ୁଥିଲା । ସେହି ରାତି ମହାଅମାବାସ୍ୟାରେ ପାଣ୍ଡୁ ନାଏକର ଦାହକ୍ରିୟା ଶେଷ କରାଗଲା । ଯେଉଁ ଧୂଳି ମାଟିରୁ ବାହାରି, ପାଣ୍ଡୁ ନାଏକ ଜଗତରେ କେତେକାଳ ଗୋଟାଏ ବିଚିତ୍ର ଲୀଳା ଲଗାଇଦେଇଗଲା, ତା ପାର୍ଥିବ ଦେହ ପୁଣି ସେହି ଧୂଳି-ମାଟିରେ ବିଲୀନ ହୋଇଗଲା ।

ଅନ୍ନପୂର୍ଣ୍ଣା ପ୍ରିଣ୍ଟରସ୍, ଅଲିଶାବଜାର, କଟକ-୨